# ଧରିତ୍ରୀ DHARITRI

ବୁଧବାର, ମେ ୨୭/୨୦୨୦ (୧୮ ପୃଷ୍ଠା) | Wednesday, May 27/2020

୪୭ଶ ଭାଗ ୧୮୧ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୪/-




**ଟେନିସ ସ୍କଲାରଶିପ୍ ପ୍ରୋଜେକ୍ଟ ଆରମ୍ଭ କଲେ ବୋପାନ୍ନା**

ଭାରତର ଡବଲ୍ସ ଟେନିସ୍ ବିଶାରଦ ରୋହନ ବୋପାନ୍ନା ମଙ୍ଗଳବାର ଉଚ୍ଚାଭିଳାଷୀ ସ୍କଲାରଶିପ୍ ଟେନିସ ପ୍ରୋଜେକ୍ଟ ଆରମ୍ଭ କରିଛନ୍ତି।

୧୧

୦୯

**ପ୍ରଡକ୍ସନ ହାଉସ୍‌ର ଅଫିସ କିଣିଲେ କଙ୍ଗନା**

ଅଭିନେତ୍ରୀ କଙ୍ଗନା ରାନାଓ୍ବତ ନିଜର ପ୍ରଡକ୍ସନ ହାଉସ୍ 'ମଣିକର୍ଣ୍ଣିକା ଫିଲ୍ମସ୍'ର ଏକ ଅଫିସ ୪୮ କୋଟି ଟଙ୍କାରେ କିଣି ମୁମ୍ବାଇର ପାଲି ହିଲ୍‌ରେ ଆରମ୍ଭ କରିଛନ୍ତି।



# ପଙ୍ଗପାଳ ମାଡ଼ିଆସିଲେଣି

## କୃଷି ଉପରେ ୨୭ ବର୍ଷରେ ସବୁଠୁ ବଡ଼ ଆକ୍ରମଣ

**ନୂଆଦିଲ୍ଲୀ,୨୬।୫**

ଭାରତୀୟମାନେ କରୋନା ଭୂତାଣୁ ସହ ଲଢ଼େଇ କରୁଥିବାବେଳେ ବିଦେଶରୁ ମାଡ଼ିଆସିଛି ଆଉ ଏକ ବିପଜ୍ଜନକ କୀଟ। ଆଫ୍ରିକୀୟ ଦେଶଗୁଡ଼ିକରୁ ପାକିସ୍ତାନ ପଟୁ ଆସିଥିବା ବହୁ ପଙ୍ଗପାଳ ଦଳ ରାଜସ୍ଥାନ, ମଧ୍ୟପ୍ରଦେଶ, ଗୁଜରାଟ, ପଞ୍ଜାବ, ହରିୟାଣା, ଉତ୍ତରପ୍ରଦେଶ ଓ ମହାରାଷ୍ଟ୍ର ଆଦି ରାଜ୍ୟରେ ପ୍ରଭୂତ ଫସଲହାନି କରିଛନ୍ତି। ଏହି କୀଟ ଆସିବାବେଳେ ବାଟରେ ଯାହା ପାଇଥାଏ ତାକୁ ଖାଇଯାଏ। ଫଳରେ ଖାଦ୍ୟସଶ୍ୟ ପାଇଁ ଏକ ଅଭୂତପୂର୍ବ ସଙ୍କଟ ସୃଷ୍ଟି ହେବା ସହ ଲକ୍ଷ ଲକ୍ଷ ଲୋକଙ୍କ ଜୀବିକା ମଧ୍ୟ ବିପନ୍ନ ହେବାରେ ଲାଗିଛି। ଭାରତୀୟ କୃଷକମାନଙ୍କ ଉପରେ ୨୭ ବର୍ଷରେ ଏହା ହେଉଛି ସବୁଠୁ ବଡ଼ ଆକ୍ରମଣ। ପଙ୍ଗପାଳର ପ୍ରାଦୁର୍ଭାବକୁ ଦେଖି ଏହାକୁ ବିଶ୍ୱର ସବୁଠୁ ବିନାଶକାରୀ ବିଦେଶାଗତ କୀଟ ବୋଲି କୁହାଯାଉଛି।

କିଛିଦିନ ହେଲା ପାକିସ୍ତାନରୁ ଆସିଥିବା ପଙ୍ଗପାଳ ଯୋଗୁ ଭାରତ ଏକ ନୂଆ ସମସ୍ୟାକୁ ସାମ୍ନା କରୁଛି। ଏହି ୪ ଇଞ୍ଚର ଛୋଟ ଜୀବ ଭାରତର ଅନେକ ରାଜ୍ୟରେ ଆତଙ୍କ ☞ପୃଷ୍ଠା-୪



### ୧୨ ସପ୍ତାହ ଜୀବିତ ରହନ୍ତି ପଙ୍ଗପାଳ

- ପଙ୍ଗପାଳ ନିଜ ଜୀବନ କାଳରେ ତିନିଥର ଅଣ୍ଡା ଦିଅନ୍ତି। ଏମାନେ କେବଳ ରାତିରେ ହିଁ ଅଣ୍ଡା ଦେଇଥାନ୍ତି।
- ପାଗ ଆର୍ଦ୍ର ରହିଥିଲେ ଅଣ୍ଡା ଫୁଟି ଛୁଆ ବାହାରିଥାଏ। ଏଥିରେ ୨ ସପ୍ତାହ ସମୟ ଲାଗିଥାଏ। ୧୦ ଡିଗ୍ରୀରୁ କମ୍ ତାପମାତ୍ରାରେ ଅଣ୍ଡାରୁ କୀଟ ବାହାରିପାରି ନ ଥାଏ।
- ଜନ୍ମର ୬ ସପ୍ତାହ ପର୍ଯ୍ୟନ୍ତ ପଙ୍ଗପାଳ ଅପରିପକ୍ୱ ହୋଇ ରହିଥାଏ। ଶକ୍ତି ବୃଦ୍ଧି ହେବା ପରେ ଏହା ବଂଶବିସ୍ତାର କରିଥାଏ।

- ୭ ରାଜ୍ୟରେ ବ୍ୟାପକ ଫସଲ ନଷ୍ଟ
- ଆଫ୍ରିକାରୁ ପାକିସ୍ତାନ ଦେଇ ରାଜସ୍ଥାନରେ ପଶିଲେ
- ମହାରାଷ୍ଟ୍ର ଓ ମଧ୍ୟପ୍ରଦେଶରେ ବି ଆତଙ୍କ ଖେଳାଇଲେ

### ବିଧ୍ୱଂସକ କୀଟ

- ମରୁଭୂମିର ପଙ୍ଗପାଳକୁ ବିଶ୍ୱର ସବୁଠୁ ଅଧିକ ବିଧ୍ୱଂସକ ବିଦେଶାଗତ କୀଟ ବୋଲି ବିବେଚନା କରାଯାଏ। ଏହି କୀଟ ଖୁବ୍ କମ୍ ସମୟରେ ନିଜ ବଂଶ ବିସ୍ତାର କରିଥାଏ। ପଙ୍ଗପାଳ ଦଳ ଦଳ ହୋଇ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ଯାଇଥାନ୍ତି। ପ୍ରତି ୧ ବର୍ଗ କି.ମି. ଅଞ୍ଚଳରେ ଥିବା ଦଳରେ ୧୫ କୋଟି ପଙ୍ଗଳପାଳ ଥାଆନ୍ତି।
- ଏମାନେ ସମସ୍ତ ପ୍ରକାର ସବୁଜ ଶସ୍ୟ, ପନିପରିବା ଓ ଘାସ ଖାଇଯାଆନ୍ତି। ୧ ବର୍ଗ କି.ମି. ଅଞ୍ଚଳରେ ବିସ୍ତୃତ ପଙ୍ଗପାଳ ଦିନକ ମଧ୍ୟରେ ୩୫,୦୦୦ ଲୋକଙ୍କ ପାଇଁ ଉଦ୍ଦିଷ୍ଟ ଫସଲ ଖାଇଥାନ୍ତି ବୋଲି ଜାତିସଂଘ ଖାଦ୍ୟ ଓ କୃଷି ସଙ୍ଗଠନ ପକ୍ଷରୁ କୁହାଯାଇଛି।
- ଗତବର୍ଷ ଭାରତୀୟ ମହାସାଗରରେ ଉଷ୍ମତା ବୃଦ୍ଧି ଯୋଗୁ ଅସ୍ୱାଭାବିକ ଭାବେ ପ୍ରବଳ ବର୍ଷା ହୋଇଥିଲା। ଜଳବାୟୁ ପରିବର୍ତ୍ତନର ଏହି ଲକ୍ଷଣ ଯୋଗୁ ପୂର୍ବ ଆଫ୍ରିକାରେ ପଙ୍ଗପାଳ ସଂକ୍ରମଣ ବୃଦ୍ଧି ପାଇଛି। ଉଚ୍ଚ ତାପମାତ୍ରା ପଙ୍ଗପାଳଙ୍କୁ ପୂର୍ବରୁ ଅନୁପଯୁକ୍ତ ମନେକରାଯାଉଥିବା ସ୍ଥାନକୁ ନିମନ୍ତ୍ରଣ କରିଥାଏ। ☞ପୃଷ୍ଠା-୪

### ଆଫ୍ରିକାରେ ତାଣ୍ଡବ

ପଙ୍ଗପାଳ ପ୍ରାୟତଃ ଆଫ୍ରିକୀୟ ଦେଶଗୁଡ଼ିକରେ ଅଧିକ ଦେଖାଯାଆନ୍ତି। କେନିଆ, ଉଗାଣ୍ଡା, ସୁଦାନ, ଇଥିଓପିଆ, କଙ୍ଗୋ ଓ ସୋମାଲିଆରେ ଏମାନଙ୍କ ପ୍ରାଦୁର୍ଭାବ ସବୁଠୁ ବେଶି। ୨୦୧୯ରେ ଆଫ୍ରିକା, ଆରବ ଦ୍ୱୀପପୁଞ୍ଜ ଓ ଦକ୍ଷିଣ ଏସିଆରେ ଏହି ମରୁ କୀଟ ଅଧିକ ବଂଶବିସ୍ତାର କରିଥିଲା। ଫଳରେ ସମଗ୍ର ଅଞ୍ଚଳରେ ଖାଦ୍ୟ ସଙ୍କଟ ଦେଖାଦେଇଥିଲା। ଫେବୃୟାରୀରେ ପଙ୍ଗପାଳମାନେ ଗ୍ରେଟର ହର୍ନ ଅଫ୍ ଆଫ୍ରିକାରେ ବ୍ୟାପକ ଫସଲ ଖାଇଯିବା ସହ ଚାରଣଭୂଇଁକୁ ନଷ୍ଟ କରିଦେଇଥିଲେ। ଇଥିଓପିଆ, କେନିଆ ଓ ସୋମାଲିଆର ଲକ୍ଷ ଲକ୍ଷ ହେକ୍ଟର ଚାଷଜମିର ଫସଲ ହାନି ହୋଇଥିଲା। ଇଥିଓପିଆ ଓ ସୋମାଲିଆରେ ଏହାକୁ ୨୫ ବର୍ଷ ମଧ୍ୟରେ ସବୁଠୁ ବଡ଼ ବିପର୍ଯ୍ୟୟ ବୋଲି କୁହାଯାଉଥିବାବେଳେ କେନିଆରେ ୭୦ ବର୍ଷ ମଧ୍ୟରେ ଏତିକି କ୍ଷତି ଦେଖିବାକୁ ମିଳି ନ ଥିଲା। ୨୦୧୯ ଶେଷ ସୁଦ୍ଧା ପଙ୍ଗପାଳ ଇଥିଓପିଆ, ଏରିଟ୍ରିଆ, ସୋମାଲିଆ, କେନିଆ, ସାଉଦି ଆରବ, ଇଜିପ୍ଟ, ଓମାନ, ଇରାନ, ଭାରତ ଓ ପାକିସ୍ତାନରେ ଆତଙ୍କ ସୃଷ୍ଟି କରିଥିଲା। ଆଫ୍ରିକାରୁ ଆସିଥିବା ଏହି କୀଟ ପାକିସ୍ତାନ ଦେଇ ଭାରତରେ ପ୍ରବେଶ କରିଛି। ଆଗକୁ ମରୁଡ଼ି କିମ୍ବା ଖାଦ୍ୟ ସଙ୍କଟ ଆସିବାକୁ ଥିଲେ ପଙ୍ଗପାଳ ବଂଶବିସ୍ତାର କରି ଏହାର ସଙ୍କେତ ଦେଇଥାଏ ବୋଲି କୁହାଯାଉଛି।

# ୟୁଜି୩, ପିଜି ସେମିଷ୍ଟର ପରୀକ୍ଷା ହେବନି

**ଭୁବନେଶ୍ୱର, ୨୬।୫(ବ୍ୟୁରୋ)**

ରାଜ୍ୟର ସମସ୍ତ ବିଶ୍ୱବିଦ୍ୟାଳୟ ଅଧୀନରେ ଥିବା ୟୁଜି୩ ମହାବିଦ୍ୟାଳୟ ଏବଂ ସ୍ୱୟଂଶାସିତ ମହାବିଦ୍ୟାଳୟର ସ୍ନାତକ (ୟୁଜି୩) ଦ୍ୱିତୀୟ ଓ ଚତୁର୍ଥ ସେମିଷ୍ଟର ପରୀକ୍ଷା ଏଥର କରାଯିବ ନାହିଁ। ସେହିପରି ସ୍ନାତକୋତ୍ତର(ପିଜି) ଶ୍ରେଣୀର ଦ୍ୱିତୀୟ ସେମିଷ୍ଟର ପରୀକ୍ଷା ମଧ୍ୟ ହେବନାହିଁ। ବିକଳ୍ପ ବ୍ୟବସ୍ଥା ମାଧ୍ୟମରେ ମୂଲ୍ୟାୟନ କରାଯାଇ ଛାତ୍ରୀଛାତ୍ରଙ୍କୁ ପରବର୍ତ୍ତୀ ସେମିଷ୍ଟରକୁ ଉତ୍ତୀର୍ଣ୍ଣ କରିବା ପାଇଁ ରାଜ୍ୟସ୍ତରୀୟ କୁଳପତି ବୈଠକରେ ନିଷ୍ପତ୍ତି ହୋଇଥିବା ଉଚ୍ଚଶିକ୍ଷା ମନ୍ତ୍ରୀ ଡ. ଅରୁଣ କୁମାର ସାହୁ କହିଛନ୍ତି। ☞ପୃଷ୍ଠା-୪

**ରାଜ୍ୟସ୍ତରୀୟ କୁଳପତି ବୈଠକରେ ନିଷ୍ପତ୍ତି**

- ପ୍ରଥମଥର ପାଠ୍ୟକ୍ରମର ୨୫% ସ୍ୱୟଂ ଅଧ୍ୟୟନ କରିବେ ଛାତ୍ରୀଛାତ୍ର
- ପୂର୍ବ ନିର୍ଦ୍ଧାରିତ ସମୟ ଅନୁସାରେ ହେବ ଫାଇନାଲ ପରୀକ୍ଷା

# ଡାକ୍ତର, ସ୍ତ୍ରୀ କରୋନା ପଜିଟିଭ୍

**କଟକ ଅଫିସ,୨୬।୫**

କଟକ ସିଟି ହସ୍ପିଟାଲର ଜଣେ ଡାକ୍ତର ଓ ତାଙ୍କ ସ୍ତ୍ରୀ କରୋନା ସଂକ୍ରମିତ ହୋଇଛନ୍ତି। ଏହି ଖବର ଜଣାପଡ଼ିବା ପରେ ସିଟି ହସ୍ପିଟାଲ କର୍ମଚାରୀଙ୍କ ମଧ୍ୟରେ ଛନକା ପଶିଯାଇଛି। କେହି ଡାକ୍ତର କରୋନା ଆକ୍ରାନ୍ତ ହେବା ଓଡ଼ିଶାରେ ପ୍ରଥମ। ଏହି ଘଟଣା ପରେ ସମ୍ପୂର୍ଣ୍ଣ ଡାକ୍ତରଖାନାକୁ ବିଶୋଧନ କରାଯାଇଛି। ସଂକ୍ରମିତ ଡାକ୍ତରଙ୍କ ସଂସ୍ପର୍ଶରେ ଆସିଥିବା ହସ୍ପିଟାଲର ୨୦ ଜଣ କର୍ମଚାରୀଙ୍କ ସ୍ୱାବ୍ ମଙ୍ଗଳବାର ପରୀକ୍ଷା ପାଇଁ ପଠାଯାଇଛି।

ସୂଚନା ଅନୁଯାୟୀ, ସଂକ୍ରମିତ ଡାକ୍ତରଙ୍କ ବୟସ ୩୯ ବର୍ଷ ☞ପୃଷ୍ଠା-୪

- ଓଡ଼ିଶାରେ ପ୍ରଥମ ଘଟଣା
- ସାନିଟାଇଜ୍ ହେଲା ସମ୍ପୂର୍ଣ୍ଣ ହସ୍ପିଟାଲ
- ଡାକ୍ତର, କର୍ମଚାରୀଙ୍କ ସ୍ୱାବ୍ ପରୀକ୍ଷା ପାଇଁ ଗଲା

ଆଜିର ସମ୍ପାଦକୀୟ | କରୋନାଠୁ ପଙ୍ଗପାଳ





ROBUST SAFETY MEASURES:

- Disinfectant dispensers are installed.
- Regular cleaning of showrooms and equipment with disinfectants.
- Robust measures for test drives.
- Every RM wears a face mask and a pair of gloves.
- A contactless delivery of car will be arranged during this period.

EMI Starting from ₹8800*

Contact us at 1800-200-[6392] 1800-102-[NEXA]
www.nexaexperience.com
NOW YOU CAN ALSO BOOK ONLINE

BHUBANESWAR: NEXA TWIN CITY (SKY AUTOMOBILES PH: 9776497764, 7064400101), NEXA RAJ BHAVAN ROAD (NARAYANI MOTORS PH: 9583022008, 7381094898), NEXA CYBER CITY (JYOTE MOTORS PH: 8338033884), SAMBALPUR:NEXA SAMBALPUR HIGHWAY (ODYSSEY MOTORS PH: 8599039994), BALASORE:NEXA BALASORE HIGHWAY (JYOTE MOTORS (BALASORE) PH: 8338033994), ANGUL: NEXA ANGUL CENTRAL (ODYSSEY MOTORS PH: 9938948207), CUTTACK: NEXA STADIUM RD (JYOTE MOTORS PH: 8338033889, 7440005239), ROURKELA: NEXA CIVIL TOWN (ORBIT MOTORS PH: 8337900222, 7077727977).

SUZUKI connect ADVANCED TELEMATICS SOLUTION — A REVOLUTIONARY WAY TO CONNECT TO YOUR CAR: Vehicle Tracking, Emergency Alert, Driving Behaviour Analysis, Live Vehicle Status, Vehicle Alerts. Offered separately as Genuine NEXA Accessory

*Finance scheme details mentioned above are at the sole discretion of financier and terms and conditions as specified by the financier shall apply. For more details, please contact your nearest NEXA dealership. Features and accessories shown may not be part of standard fitment. Black Glass Shade on the vehicle is due to the lighting effect. Images used are for illustration purposes only. Offers vary across variants. Maruti Suzuki India Limited reserves the right to discontinue offers without notice.

**ଆର୍‌ବିଆଇ, କେନ୍ଦ୍ରକୁ ସୁପ୍ରିମକୋର୍ଟ ନୋଟିସ**

କୋଭିଡ୍-୧୯ ଲାଗି ରିଜର୍ଭ ବ୍ୟାଙ୍କ ପକ୍ଷରୁ ବ୍ୟାଙ୍କ ଋଣ ଉପରେ ମୋରାଟୋରିୟମ ସୁବିଧା ଦିଆଯାଇଛି। ହେଲେ ଏହି ସମୟରେ ବ୍ୟାଙ୍କଗୁଡିକ ଲୋନ୍ ଆଉଟଷ୍ଟାଣ୍ଡିଙ୍ଗ ଉପରେ ସୁଧ ନେଉଛନ୍ତି। ଏନେଇ ଦାଏର ଆବେଦନର ଶୁଣାଣି କରି ସୁପ୍ରିମକୋର୍ଟ ଆର୍‌ବିଆଇ ଏବଂ କେନ୍ଦ୍ର ସରକାରଙ୍କୁ ନୋଟିସ କରିଛନ୍ତି। ବ୍ୟାଙ୍କଗୁଡିକର ଏଭଳି କାର୍ଯ୍ୟକୁ ବେଆଇନ ଓ ଏକଛତ୍ରବାଦୀ ବୋଲି ଆବେଦନରେ ବିବେଚନା କରାଯାଇଛି। ନୋଟିସର ଉତ୍ତର ସପ୍ତାହେ ମଧ୍ୟରେ ଦେବାକୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

# ସୀମାରେ ବଳ ବଢ଼ାଉଛି ଚାଇନା







- **ଲଦାଖ ନିକଟରେ ଏୟାରବେସ୍ ବିସ୍ତାର**
- **ଫାଇଟର ଜେଟ୍ ମୁତୟନ, ସୈନ୍ୟ ସଂଖ୍ୟା ବୃଦ୍ଧି**
- **ଉପଗ୍ରହ ଜରିଆରେ ଉଠାଯାଇଛି ଫଟୋ**

**ନୂଆଦିଲ୍ଲୀ,୨୬।୫**

ସାରା ବିଶ୍ୱରେ କରୋନା ଭାଇରସ୍ ସଂକ୍ରମଣର କାରଣ ସାଜିଥିବା ଚାଇନାକୁ ଅନ୍ତର୍ଜାତୀୟ ସମୁଦାୟ କାଠଗଡ଼ାରେ ଛିଡ଼ା କରାଇଥିବାବେଳେ ନିଜ ପାପରୁ ଧ୍ୟାନ ହଟାଇବା ପାଇଁ ଚାଲ୍ କରିଛି ବେଜିଂ। ଲଦାଖ ନିକଟରେ ଭାରତୀୟ ଯବାନଙ୍କ ସହ ପିପୁଲ୍ସ ଲିବରେଶନ ଆର୍ମି (ପିଏଲ୍ଏ) ସୈନ୍ୟମାନେ ମୁହାଁମୁହିଁ ହେବା ପରେ ଚାଇନାର ଆଉ ଏକ ଷଡ଼ଯନ୍ତ୍ର ସାମ୍ନାକୁ ଆସିଛି। ଲଦାଖ ସୀମାରେ ଚାଇନା ସୈନ୍ୟ ବଳ ବଢ଼ାଇବା ସହ ତା'ର ଏୟାରବେସ୍‌କୁ ବିସ୍ତାର କରୁଥିବା ଉପଗ୍ରହ ଜରିଆରେ ସଂଗୃହୀତ ଚିତ୍ରରୁ ଜଣାପଡ଼ିଛି।

ମେ ୫ ଓ ୬ ତାରିଖରେ ପାଙ୍ଗୋଙ୍ଗ ହ୍ରଦ ନିକଟରେ ଭାରତ ଓ ଚାଇନାର ସୁରକ୍ଷା ବଳ ମଧ୍ୟରେ ସଂଘର୍ଷ ଘଟିଥିଲା। ଏହାକୁ ୧୯୯୯ କାର୍‌ଗିଲ ଯୁଦ୍ଧ ପରଠୁ ସବୁଠୁ ବଡ଼ ସୀମା ବିବାଦ ବୋଲି କୁହାଯାଉଛି। ସେହି ସ୍ଥାନରୁ ୨୦୦ କି.ମି ଦୂର ସ୍ଥିତ ଏକ ଅତ୍ୟୁଚ୍ଚ ଅଞ୍ଚଳରେ ଚାଇନା ବଡ଼ ଧରଣର ନିର୍ମାଣ ଆରମ୍ଭ କରିଥିବା ଉପଗ୍ରହ ଚିତ୍ରରେ ଦେଖିବାକୁ ମିଳିଛି। ଶ୍ୟାଡୋବ୍ରେକ୍ ଇଣ୍ଟେଲିଜେନ୍ସର ଗୋଇନ୍ଦା ବିଶ୍ଳେଷକ ଡିଟ୍ରେସ୍ଫାଠାରୁ ତିବ୍ବତର ନଗାରି ଗୁନ୍ସା ବିମାନବନ୍ଦର ଦୁଇଟି ଫଟୋ ମିଳିଛି। ପ୍ରଥମ ଫଟୋ ୨୦୨୦ ଏପ୍ରିଲ ୬ରେ ଉଠାଯାଇଥିବାବେଳେ ଦ୍ୱିତୀୟ ଫଟୋଟି ମେ ୨୧ର। ଫଟୋରୁ ଜଣାପଡୁଛି ଯେ, ଚାଇନା ଉକ୍ତ ଅଞ୍ଚଳରେ ନିର୍ମାଣ କାର୍ଯ୍ୟ ଚଳାଇଛି। ଦ୍ୱିତୀୟ ଫଟୋରେ ଏୟାରବେସ୍‌ର ଟର୍ମାକ୍‌ରେ ହେଲିକପ୍ଟର ବା ଯୁଦ୍ଧବିମାନ ରଖିବା ପାଇଁ ବ୍ୟବସ୍ଥା କରାଯାଉଥିବା ଜଣାପଡୁଛି। ସେହିପରି ନିର୍ମାଣସ୍ଥଳର ଖୁବ୍ ନିକଟରୁ ନିଆଯାଇଥିବା ତୃତୀୟ ଫଟୋରେ କ୍ରମାନ୍ୱୟରେ ୪ଟି ଫାଇଟର ଜେଟ୍ ରଖାଯାଇଥିବା ଦେଖିବାକୁ ମିଳିଛି। ଉକ୍ତ ବିମାନଗୁଡ଼ିକ ପିଏଲ୍ଏର ଜେ-୧୧ କିମ୍ବା ଜେ-୧୬ ବୋଲି ଅନୁମାନ କରାଯାଉଛି। ଏହି ଯୁଦ୍ଧବିମାନଗୁଡ଼ିକ ରୁଷିଆର ସୁଖୋଇ ୨୭ର ଚାଇନା ସଂସ୍କରଣ ହୋଇଥିବାବେଳେ ଭାରତୀୟ ବାୟୁସେନାର ସୁଖୋଇ ଏମ୍‌କେଆଇ ସହ ଏହାର ଯୁଦ୍ଧ କ୍ଷମତା ରହିଛି। ନଗାରି ଗୁନ୍ସା ଏୟାରବେସ୍‌ର ଅବସ୍ଥିତି ବିଶେଷ ଗୁରୁତ୍ୱପୂର୍ଣ୍ଣ। ଏଠାରେ ଉଭୟ ସାମରିକ ଓ ବେସାମରିକ ବିମାନବନ୍ଦର ରହିଛି। ୧୪,୦୨୨ ଫୁଟ ଉଚ୍ଚତାରେ ଥିବା ଏହି ବିମାନବନ୍ଦରରୁ ତିବ୍ବତର ଶିକ୍ୱାନ୍‌ହେ ସହରକୁ ବିମାନ ଚଳାଚଳ କରିଥାଏ। ପ୍ରକୃତ ନିୟନ୍ତ୍ରଣରେଖା (ଏଲ୍ଏସି)ର ଅତି ନିକଟରେ ଥିବାରୁ ଭାରତ ପାଇଁ ଚିନ୍ତାର କାରଣ ପାଲଟିଛି।

## ମୋଦି-ଡୋଭାଲ-ରାୱତ୍‌ଙ୍କ ସହ ତିନି ସେନା ମୁଖ୍ୟଙ୍କ ମନ୍ତ୍ରଣା

ନୂଆଦିଲ୍ଲୀ,୨୬।୫: ଲଦାଖ ସୀମାରେ ଚାଇନା ସହ ବିବାଦକୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଙ୍ଗଳବାର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ କରିଛନ୍ତି। ଏଥିରେ ଜାତୀୟ ସୁରକ୍ଷା ପରାମର୍ଶଦାତା (ଏନ୍ଏସ୍ଏ) ଅଜିତ ଡୋଭାଲ, ଡିଫେନ୍ସ ଷ୍ଟାଫ୍ ମୁଖ୍ୟ (ସିଡିଏସ୍) ଜେନେରାଲ ବିପିନ ରାୱତଙ୍କ ସହ ତିନି ସେନା ମୁଖ୍ୟ ଉପସ୍ଥିତ ଥିଲେ। ବାହ୍ୟ ଚ୍ୟାଲେଞ୍ଜର ମୁକାବିଲା ପାଇଁ ଭାରତର ସାମରିକ ପ୍ରସ୍ତୁତି ସମ୍ପର୍କରେ ବୈଠକରେ ପ୍ରଧାନମନ୍ତ୍ରୀ ସମୀକ୍ଷା କରିଥିବା ଜଣାପଡ଼ିଛି। ପୂର୍ବ ଲଦାଖରେ ଉପୁଜିଥିବା ସ୍ଥିତି ସମ୍ପର୍କରେ ତିନି ସେନାର ଶୀର୍ଷ ଅଧିକାରୀମାନେ ପ୍ରଧାନମନ୍ତ୍ରୀଙ୍କୁ ଅବଗତ କରାଇଛନ୍ତି। ଏହା ପୂର୍ବରୁ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ମଧ୍ୟ ପାଙ୍ଗୋଙ୍ଗ ହ୍ରଦ, ଗଲୱାନ୍ ଉପତ୍ୟକା, ଡେମ୍‌ଚୋକ୍ ଓ ଦୌଲତ ବେଗ୍ ଓଲ୍ଡି ଆଦି ଅଞ୍ଚଳର ସ୍ଥିତି ସମୀକ୍ଷା କରିଥିଲେ। ଏହି ଅଞ୍ଚଳରେ ୨୦ ଦିନ ତଳେ ଦୁଇଦେଶର ସେନା ମୁହାଁମୁହିଁ ହୋଇଥିଲେ।

## ଯୁଦ୍ଧ ପାଇଁ ପ୍ରସ୍ତୁତ ହୁଅ

ବେଜିଂ/ନୂଆଦିଲ୍ଲୀ,୨୬।୫: ଯୁଦ୍ଧ ଲାଗି ପ୍ରସ୍ତୁତ ହେଉଛି ପଡ଼ୋଶୀ ଚାଇନା। ରାଷ୍ଟ୍ରପତି ଜି. ଜିନ୍‌ପିଙ୍ଗ ମଙ୍ଗଳବାର ସେନାକୁ ଯୁଦ୍ଧ ଲାଗି ପ୍ରସ୍ତୁତ ରହିବା ଲାଗି ନିର୍ଦ୍ଦେଶ ଦେଇଛନ୍ତି। ଚାଇନାର ଶକ୍ତିଶାଳୀ ସେଣ୍ଟ୍ରାଲ ମିଲିଟାରି କମିଶନରେ ଅଧ୍ୟକ୍ଷତା କରି ପିପୁଲ୍ସ ଲିବରେଶନ ଆର୍ମି ଓ ପିପୁଲ୍ସ ଆର୍ମଡ୍ ପୋଲିସ ଫୋର୍ସକୁ ସେ ଏଭଳି ଆହ୍ୱାନ ଦେଇଛନ୍ତି। କରୋନା ମହାମାରୀ କବଳରୁ ବିଶ୍ୱ ମୁକୁଳିବାର ରାସ୍ତା ଖୋଜି ପାଉ ନ ଥିବାବେଳେ ଚାଇନାର ଏଭଳି ରଣହୁଙ୍କାର ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। କରୋନା ଉତ୍ପତ୍ତିକୁ ନେଇ ଆମେରିକା ସହ ବାକ୍‌ଯୁଦ୍ଧ, ତାଇୱାନ ପ୍ରସଙ୍ଗ, ଲଦାଖରେ ଭାରତ-ଚାଇନା ସେନା ମଧ୍ୟରେ ଛକାପଞ୍ଝା ଯୁଦ୍ଧ ଆଶଙ୍କାକୁ ବଢ଼ାଇ ଦେଇଛି। ଜାତୀୟ ସାର୍ବଭୌମତ୍ୱର ସୁରକ୍ଷା ଲାଗି ସେନା ପ୍ରଶିକ୍ଷଣ ଓ ଯୁଦ୍ଧ ଲାଗି ପ୍ରସ୍ତୁତ ରହିବାକୁ ଜିନ୍‌ପିଙ୍ଗ ନିର୍ଦ୍ଦେଶ ଦେଇଥିବା ମିଡିଆ ରିପୋର୍ଟରୁ ଜଣାପଡ଼ିଛି।

**ସେନାକୁ ଜିନ୍‌ପିଙ୍ଗଙ୍କ ପରାମର୍ଶ**



ଗତ ଦୁଇଦିନ ତଳେ ଚାଇନାର ବରିଷ୍ଠ କୂଟନୀତିଜ୍ଞ ୱାଙ୍ଗ ୟି ଆମେରିକାର ମନଗଢ଼ା ରାଜନୈତିକ ଆକ୍ଷେପକୁ ସମାଲୋଚନା କରିଥିଲେ। ଚାଇନାରୁ କରୋନା ଭୂତାଣୁ ଆସିଥିବା ଓ ଭୂତାଣୁ ସମ୍ପର୍କରେ ତଥ୍ୟ ଲୁଚାଯାଇଥିବା ଅଭିଯୋଗ କରାଯାଇଥିଲା। କେତେକ ୟୁରୋପୀୟ ଦେଶ ଆମେରିକାକୁ ସମର୍ଥନ ମଧ୍ୟ କରିଥିଲେ। ଏବେ ଲଦାଖରେ ଭାରତ- ଚାଇନା ସେନା ମଧ୍ୟରେ ମୁହାଁମୁହିଁ ହେବା ପରିସ୍ଥିତିକୁ ସରଗରମ କରିପକାଇଛି। ଲଦାଖ ସୀମାରେ ଥିବା ୩,୪୮୮ କି.ମି. ବିବାଦୀୟ ଅଞ୍ଚଳକୁ ନେଇ ଦୁଇଦେଶ ମଧ୍ୟରେ ତିକ୍ତତା ବଢ଼ିବାରେ ଲାଗିଛି। ସମ୍ବେଦନଶୀଳ ଅଞ୍ଚଳରେ ଉଭୟ ଦେଶ ପକ୍ଷରୁ ଅଧିକ ସେନା ମୁତୟନ କରାଯାଇଛି। ଚାଇନାର ପ୍ରତିରକ୍ଷା ବଜେଟ ବୃଦ୍ଧି ଓ ସେନା ଆଧୁନିକୀକରଣ ଏବେ ଚିନ୍ତା ବଢ଼ାଇଦେଇଛି।

# ଲକ୍‌ଡାଉନ୍ ବିଫଳ, ଆଗକୁ କ'ଣ

**କେନ୍ଦ୍ରକୁ ରାହୁଲଙ୍କ ପ୍ରଶ୍ନ**

**ନୂଆଦିଲ୍ଲୀ,୨୬।୫**

କରୋନା ମୁକାବିଲା ପାଇଁ ଦେଶବ୍ୟାପୀ ଜାରି ଲକ୍‌ଡାଉନ୍ ୨ ମାସ ଅତିକ୍ରମ କରିସାରିଲାଣି। ଚତୁର୍ଥ ପର୍ଯ୍ୟାୟରେ ପହଞ୍ଚିଥିବା ଏହି ଲକ୍‌ଡାଉନ୍ ବିଫଳ ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୨୧ ଦିନର ଲକ୍‌ଡାଉନ୍‌ରେ କରୋନା ବିରୋଧରେ ଯୁଦ୍ଧ ଜିତିବା ବୋଲି ପ୍ରତିଶ୍ରୁତି ଦେଇଥିଲେ। ହେଲେ ୬୦ ଦିନ ପରେ ମଧ୍ୟ କିଛି ସୁଫଳ ମିଳିନାହିଁ। ପ୍ରତିଦିନ ସଂକ୍ରମିତଙ୍କ ସଂଖ୍ୟା ଦ୍ରୁତଗତିରେ ବଢ଼ିବାରେ ଲାଗିଛି। ଲକ୍‌ଡାଉନ୍ ଏହି ଭାଇରସ୍‌କୁ ହରାଇ ପାରିନାହିଁ। ତେଣୁ ସରକାର ଭବିଷ୍ୟତ ପାଇଁ କି ରଣନୀତି ସ୍ଥିର କରିଛନ୍ତି ବୋଲି କଂଗ୍ରେସ ନେତା ରାହୁଲ ଗାନ୍ଧୀ ପ୍ରଶ୍ନ କରିଛନ୍ତି। ଅନ୍ୟପକ୍ଷରେ ଭାଜପା ଲକ୍‌ଡାଉନ୍‌କୁ ଭାରତର ସଫଳତା ଭାବେ ଅଭିହିତ କରି ରାହୁଲଙ୍କ ମନ୍ତବ୍ୟକୁ ପ୍ରତ୍ୟାଖ୍ୟାନ କରିଛି। କଂଗ୍ରେସ ନେତା ରାହୁଲ ଗାନ୍ଧୀ ମଙ୍ଗଳବାର ଏକ ଅନ୍‌ଲାଇନ୍ ପ୍ରେସ୍ କନ୍‌ଫରେନ୍ସରେ କହିଛନ୍ତି, ସରକାର ଲକ୍‌ଡାଉନ୍ ସମୟରେ ଏଣୁତେଣୁ ଭାବେ କାମ କଲେ ଦ୍ୱିତୀୟ ପର୍ଯ୍ୟାୟ ସଂକ୍ରମଣ ବେଳେ ଦେଶ ଆହୁରି ବଡ଼ ବିପଦକୁ ସାମ୍ନା କରିବ। ଗରିବ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗଗୁଡ଼ିକୁ ଟଙ୍କା ଦିଆ ନ ଗଲେ ଦେଶରେ ଗମ୍ଭୀର ଆର୍ଥିକ କ୍ଷତି ଘଟିବ। ତେଣୁ କରୋନା ମହାମାରୀ ରୋକିବା ଓ ପ୍ରବାସୀମାନଙ୍କୁ ସହାୟତା ଦେବା ପାଇଁ ସରକାରଙ୍କ ଯୋଜନା କ'ଣ ରହିଛି ବୋଲି ସେ ପ୍ରଶ୍ନ କରିଛନ୍ତି। ଏହାର ଜବାବରେ କେନ୍ଦ୍ରମନ୍ତ୍ରୀ ତଥା ଭାଜପା ନେତା ପ୍ରକାଶ ଜାଭଡ଼େକର କହିଛନ୍ତି, ଲକ୍‌ଡାଉନ୍ ଜାରି ପାଇଁ ମୋଦି ସରକାରଙ୍କ ନିଷ୍ପତ୍ତି ଯୋଗୁ ଭାରତରେ ଆମେରିକା, ଫ୍ରାନ୍ସ ଓ ସ୍ପେନ୍ ଭଳି ଦେଶଠାରୁ କମ୍ କ୍ଷତି ହୋଇଛି। ମହାମାରୀ ବିରୋଧରେ ଭାରତର ଲଢ଼େଇକୁ ସାରା ବିଶ୍ୱ ପ୍ରଶଂସା କରୁଥିବାବେଳେ ରାହୁଲ ଏହାକୁ ନେଇ ରାଜନୀତି କରିବା ଦୁର୍ଭାଗ୍ୟଜନକ।

## ଭାରତରେ କରୋନା ସ୍ଥିତି

| ରାଜ୍ୟ/ୟୁଟି | ମୋଟ ସଂକ୍ରମିତ | ଚିକିତ୍ସାଧୀନ | ଆରୋଗ୍ୟ | ମୃତ୍ୟୁ |
|---|---|---|---|---|
| ମହାରାଷ୍ଟ୍ର | ୫୪,୭୫୮ | ୩୬,୦୧୨ | ୧୬,୯୫୪ | ୧,୭୯୨ |
| ତାମିଲନାଡୁ | ୧୭,୭୨୮ | ୮,୨୫୮ | ୯,୩୪୨ | ୧୨୮ |
| ଦିଲ୍ଲୀ | ୧୪,୪୬୫ | ୭,୨୨୩ | ୬,୯୫୪ | ୨୮୮ |
| ତେଲଙ୍ଗାନା | ୧,୯୯୧ | ୬୫୦ | ୧,୨୮୪ | ୫୭ |
| କେରଳ | ୯୬୪ | ୪୧୬ | ୫୪୨ | ୬ |
| ଉତ୍ତରପ୍ରଦେଶ | ୬,୪୯୭ | ୨,୬୬୮ | ୩,୬୬୦ | ୧୬୯ |
| ଆନ୍ଧ୍ରପ୍ରଦେଶ | ୨,୯୮୩ | ୯୦୯ | ୨,୦୧୭ | ୫୭ |
| ରାଜସ୍ଥାନ | ୭,୪୭୬ | ୩,୧୪୩ | ୪,୧୬୫ | ୧୬୮ |
| ମଧ୍ୟପ୍ରଦେଶ | ୭,୦୨୪ | ୩,୦୩୦ | ୩,୬୮୯ | ୩୦୫ |
| କର୍ଣ୍ଣାଟକ | ୨,୨୮୩ | ୧,୪୮୯ | ୭୪୮ | ୪୪ |
| ଗୁଜରାଟ | ୧୪,୮୨୯ | ୭,୨୩୬ | ୬,୬୭୮ | ୯୧୫ |
| ହରିୟାଣା | ୧,୩୦୫ | ୪୬୫ | ୮୨୪ | ୧୬ |
| ଜମ୍ମୁ-କଶ୍ମୀର | ୧,୭୫୯ | ୯୦୨ | ୮୩୩ | ୨୪ |
| ପଶ୍ଚିମବଙ୍ଗ | ୪,୦୦୯ | ୨,୨୪୦ | ୧,୪୮୬ | ୨୮୩ |
| ପଞ୍ଜାବ | ୨,୧୦୬ | ୧୪୮ | ୧,୯୧୮ | ୪୦ |
| ଓଡ଼ିଶା | ୧,୫୧୭ | ୭୭୭ | ୭୩୩ | ୭ |
| ବିହାର | ୨,୮୭୦ | ୨,୦୫୬ | ୮୦୦ | ୧୪ |
| ଉତ୍ତରାଖଣ୍ଡ | ୪୦୦ | ୩୨୯ | ୬୪ | ୪ |
| ଆସାମ | ୫୯୮ | ୫୨୮ | ୬୩ | ୪ |
| ଚଣ୍ଡିଗଡ଼ | ୨୭୮ | ୮୭ | ୧୮୭ | ୪ |
| ଲଦାଖ | ୫୩ | ୧୦ | ୪୩ | - |
| ହିମାଚଳ ପ୍ରଦେଶ | ୨୩୩ | ୧୬୩ | ୬୩ | ୪ |
| ଆଣ୍ଡାମାନ ଓ ନିକୋବର | ୩୩ | | ୩୩ | - |
| ଛତିଶଗଡ଼ | ୩୦୬ | ୨୩୫ | ୭୧ | - |
| ଗୋଆ | ୬୭ | ୪୮ | ୧୯ | - |
| ପୁଡୁଚେରୀ | ୪୯ | ୩୨ | ୧୭ | - |
| ଝାଡ଼ଖଣ୍ଡ | ୪୦୫ | ୨୫୩ | ୧୪୮ | ୪ |
| ମଣିପୁର | ୩୯ | ୩୫ | ୪ | - |
| ଅରୁଣାଚଳ ପ୍ରଦେଶ | ୨ | ୧ | ୨ | - |
| ନାଗାଲାଣ୍ଡ | ୪ | ୪ | | - |
| ମିଜୋରାମ | ୧ | | ୧ | - |
| ତ୍ରିପୁରା | ୧୯୮ | ୩୩ | ୧୬୫ | - |
| ମୋଟ | ୧,୫୦,୩୧୩ | ୮୨,୪୩୨ | ୬୩,୫୩୬ | ୪,୩୩୪ |

https://www.covid19india.org ତଥ୍ୟ ଅନୁଯାୟୀ(ମଙ୍ଗଳବାର ରାତି ୧୦ଟା ସୁଦ୍ଧା)

## ଉଦ୍ଧବଙ୍କୁ କଂଗ୍ରେସର ଦୋଷାରୋପ



**ମୁମ୍ବାଇ,୨୬।୫**

ମହାରାଷ୍ଟ୍ରରେ ଦେଶର ସର୍ବାଧିକ ଭୂତାଣୁ ଆକ୍ରାନ୍ତ ଅଛନ୍ତି। ୫୨ ହଜାରରୁ ଊର୍ଦ୍ଧ୍ୱ କରୋନା ରୋଗୀ ଏଠାରେ ଥିବାବେଳେ ପ୍ରାୟ ୧୭ ଶହ ଲୋକଙ୍କ ଜୀବନ ଗଲାଣି। ଏଭଳି ସ୍ଥିତିକୁ ନିୟନ୍ତ୍ରଣାଧୀନ କରିବା କଷ୍ଟକର ହୋଇପଡ଼ିଥିବା ବେଳେ ସରକାରଙ୍କ ଆଡ଼କୁ ଅଙ୍ଗୁଳି ଉଠିଲାଣି। ମହାରାଷ୍ଟ୍ର ସରକାରରେ ଭାଗୁଆଳି ଦଳ ଥିବା କଂଗ୍ରେସ ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକ୍‌ରେଙ୍କୁ ସମାଲୋଚନା କରିବା ଆରମ୍ଭ କରିଛି। ମିଡିଆ ଅପେକ୍ଷା ସହଯୋଗୀ ଦଳକୁ ନେଇ କାମ କରିବା ଓ ଅଧିକ ତଥ୍ୟ ଦେବା ଜରୁରୀ ବୋଲି ବରିଷ୍ଠ କଂଗ୍ରେସ ନେତା ସଞ୍ଜୟ ନିରୁପମ୍ ପ୍ରକାଶ କରିଛନ୍ତି। ଫଳରେ ମେଣ୍ଟରେ ଫାଟ ଦେଖାଦେଇଛି। ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକ୍‌ରେ ମିଡିଆ ଓ ଲୋକଙ୍କ ଆଗରେ ସବୁକିଛି କହୁଛନ୍ତି, ହେଲେ ମେଣ୍ଟ ସହଯୋଗୀଙ୍କ ସହ କିଛି ଆଲୋଚନା କରୁନାହାନ୍ତି ବୋଲି କଂଗ୍ରେସ ଅଭିଯୋଗ କରିଛି। ବାରମ୍ବାର ନିଷ୍ପତ୍ତି ପରିବର୍ତ୍ତନ କରିବା, ନିଷ୍ପତ୍ତି ନେବାରେ ବିଳମ୍ବ ହେବା ଓ ଭୁଲ୍ ପଦକ୍ଷେପ ନେବା ଯୋଗୁ କରୋନା ସମସ୍ୟା ରାଜ୍ୟରେ ବଢ଼ି ବଢ଼ି ଚାଲିଥିବା ଏହି ପୂର୍ବତନ ଏମ୍‌ପି ଅଭିଯୋଗ କରିଛନ୍ତି।

**ମହାରାଷ୍ଟ୍ରରେ ଭୟଙ୍କର ସ୍ଥିତି**

## ଚାଇନା 'ବ୍ୟାଟ୍ ଓମେନ'ଙ୍କ ଚେତାବନୀ | କରୋନା ଭାଇରସ୍ ଆରମ୍ଭ ମାତ୍ର

**ବେଜିଂ, ୨୬।୫**

ସାରା ବିଶ୍ୱରେ 'ବ୍ୟାଟ ଓମେନ' ନାମରେ ପରିଚିତ ଚାଇନାର ଭାଇରୋଲୋଜିଷ୍ଟ ସି ଝେଙ୍ଗଲି ନିକଟରେ ଏକ ସରକାରୀ ଟେଲିଭିଜନରେ ଦେଇଥିବା ସାକ୍ଷାତ୍‌କାରକୁ ନେଇ ଚର୍ଚ୍ଚା ଜୋର୍ ଧରିଛି। ସେ ଚେତାବନୀ ଦେଇ କହିଛନ୍ତି, କରୋନା ଭାଇରସ୍ ଆରମ୍ଭ ମାତ୍ର। ସରକାରୀ ଟେଲିଭିଜନ ଚ୍ୟାନେଲ 'ସିଜିଟିଏନ୍'କୁ ସେ ଦେଇଥିବା ସାକ୍ଷାତ୍‌କାରରେ କହିଛନ୍ତି, ଆଗକୁ କୌଣସି ସଂକ୍ରମଣ ଦାଉରୁ ରକ୍ଷା ପାଇବାକୁ ଚାହୁଁଥିଲେ ଆମକୁ ପ୍ରଥମେ ଜଙ୍ଗଲୀ ଜନ୍ତୁଙ୍କଠାରୁ ବ୍ୟାପୁଥିବା ଅଜ୍ଞାତ ଭାଇରସ୍ ସମ୍ପର୍କରେ ଜାଣିବା ଜରୁରୀ। ଯଦି ଏହା ଉପରେ ଆମେ ଅଧିକ ଜ୍ଞାନ ଆହରଣ ନ କରିବା ତେବେ ଆଗକୁ ହୁଏତ ଆଉ କୌଣସି ନୂଆ ଭାଇରସ୍ ଦ୍ୱାରା ଆମେ ସଂକ୍ରମିତ ହେବା ବୋଲି ସେ ସୂଚାଇ ଦେଇଛନ୍ତି। ସାରା ବିଶ୍ୱରେ ବାଦୁଡ଼ିଠାରେ ମିଳିଥିବା କରୋନା ଭାଇରସ୍‌କୁ ନେଇ କରାଯାଉଥିବା ଗବେଷଣା ସହ ଜଡ଼ିତ ଥିବା ଝେଙ୍ଗଲି ଏହି ମହାମାରୀ ସହ ଲଢ଼ିବାକୁ ବିଶ୍ୱକୁ ସହାୟତା ଯୋଗାଇ ଦେବେ ବୋଲି କହିଛନ୍ତି। ଉହାନ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଭାଇରୋଲୋଜିର ଡେପୁଟି ଡାଇରେକ୍ଟର ଝେଙ୍ଗଲି ବୈଜ୍ଞାନିକଙ୍କ ରାଜନୀତୀକରଣକୁ ନେଇ ଦୁଃଖ ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, ଏବେ ବିଶ୍ୱରେ କରୋନା ସଂକ୍ରମିତଙ୍କ ସଂଖ୍ୟା ୫୫,୮୪,୨୦୦ରେ ପହଞ୍ଚିଥିବା ବେଳେ ମୃତ୍ୟୁ ସଂଖ୍ୟା ୩,୪୭,୬୦୦ରେ ପହଞ୍ଚିଲାଣି। ୨୪ ଘଣ୍ଟାରେ ୩୦୦୦ରୁ ଅଧିକ ଲୋକଙ୍କର ମୃତ୍ୟୁ ବିଶ୍ୱବାସୀଙ୍କୁ ଚିନ୍ତାରେ ପକାଇ ଦେଇଛି। ଅନ୍ୟପଟେ କରୋନା ସଂକ୍ରମଣକୁ ନେଇ ଆମେରିକା ଓ ଚାଇନା ମଧ୍ୟରେ ତୁ ତୁ ମେ ମେ ଲାଗି ରହିଥିବା ବେଳେ ଏହି ମହାମାରୀ ବେଳକୁ ବେଳ ଜଟିଳ ରୂପ ଧାରଣ କରୁଛି।


ସି ଝେଙ୍ଗଲ


ଜମ୍ମୁରେ ଗ୍ରୀଷ୍ମ ଦାଉରୁ ହାତୀକୁ ରକ୍ଷା କରିବା ପାଇଁ ଗାଧୋଇ ଦେଉଛନ୍ତି ମାହୁନ୍ତ।

## ୧୦ ଜଣଙ୍କୁ ମାରି ବିହାରୀ ଯୁବକ ଗିରଫ

- **ନିଶା ଦେଇ ଟ୍ରେନ୍‌ରୁ ପ୍ରେମିକାକୁ ଠେଲିଦେଲେ**
- **କୂଅରୁ ପୋଲିସ ଉଦ୍ଧାର କଲା ୯ ଶବ**

**ହାଇଦ୍ରାବାଦ,୨୬।୫**

ତେଲଙ୍ଗାନାର ୱାରାଙ୍ଗଲରେ ଘଟିଛି ସିରିଜ୍ ମର୍ଡର। ପୋଲିସ ଏହାର ଖୋଳତାଡ଼ କରି ଜଣେ ବିହାରୀ ଯୁବକଙ୍କୁ ଗିରଫ କରିବାରେ ସଫଳ ହୋଇଛି। ଲିଭ୍ ଇନ୍‌ରେ ରହୁଥିବା ଜଣେ ମହିଳାଙ୍କ ସହ ଶାରୀରିକ ସମ୍ପର୍କ ରଖି ଶେଷରେ ତାଙ୍କୁ ହତ୍ୟା କରିବା ପରେ ସେ ତାଙ୍କ ପରିବାରର ୯ ଜଣଙ୍କୁ ମାରିଥିବା ସ୍ୱୀକାର କରିଛନ୍ତି। ପୋଲିସ କମିଶନର ଭି. ରବିନ୍ଦର କହିଛନ୍ତି ଯେ, ଘଟଣା ମେ ୨୧, ୨୨ର। ବିହାରୀ ଯୁବକ ସଞ୍ଜୟ କୁମାର ଯାଦବ(୨୪) ଏହି କାଣ୍ଡ ଭିଆଇଛନ୍ତି। ମୃତକଙ୍କ ମଧ୍ୟରେ ଗୋଟିଏ ପରିବାରର ୬ ଜଣ ଥିବା ସେ ପ୍ରକାଶ କରିଛନ୍ତି। ଖାଦ୍ୟରେ ନିଶା ଔଷଧ ଦେଇ ମାରିବା ପରେ ସଞ୍ଜୟ ସେମାନଙ୍କୁ ନିକଟସ୍ଥ ଗୋରେଖୁଣ୍ଟା ଗ୍ରାମର ଏକ କୂଅରେ ପକାଇ ଦେଇଥିଲେ। ସଞ୍ଜୟ ପଶ୍ଚିମବଙ୍ଗର ସ୍ୱାମୀ ପରିତ୍ୟକ୍ତା ରଫିକା(୩୭) ନାମକ ଜଣେ ମହିଳାଙ୍କ ସହ ପ୍ରେମ ସମ୍ପର୍କ ରଖିଆସୁଥିଲେ। ପରେ ଦୁହିଁଙ୍କ ମଧ୍ୟରେ ଝଗଡ଼ା ହେବାରୁ ରଫିକାଙ୍କୁ ଜୀବନରେ ମାରିଦେଇଥିଲେ। ପରେ ସେ ରଫିକାଙ୍କ ଘରକୁ ଯାଇ ଖାଦ୍ୟରେ ନିଶା ମିଶାଇ ୯ ଜଣଙ୍କୁ ମାରି କୂଅରେ ଫିଙ୍ଗିଦେଇଥିଲେ। ପୋଲିସ ସିସିଟିଭି ଫୁଟେଜ୍‌ରୁ ତଥ୍ୟ ସଂଗ୍ରହ କରି ତଦନ୍ତ କରିବା ସହ ସଞ୍ଜୟଙ୍କୁ ଗିରଫ କରିଥିଲା।

## ଆମେରିକାରେ ଲକ୍ଷେ ଟପିଲା ମୃତ୍ୟୁ

- **ବିଶ୍ୱରେ ୫୬.୩୬ ଲକ୍ଷ ଆକ୍ରାନ୍ତ**
- **୩.୪୯ ଲକ୍ଷରୁ ଅଧିକ ଲୋକଙ୍କ ଜୀବନ ଗଲାଣି**
- **ବ୍ରାଜିଲ, ରୁଷିଆରେ ଅସମ୍ଭାଳ ସ୍ଥିତି**

**ୱାଶିଂଟନ/ମସ୍କୋ,୨୬।୫**

କରୋନା ଭୂତାଣୁ ବିଶ୍ୱର ୨୧୩ ଦେଶକୁ ଆକ୍ରାନ୍ତ କରିଥିବା ବେଳେ ଆମେରିକାରେ ସ୍ଥିତି ସବୁଠାରୁ ଜଟିଳ ରହିଛି। ଏଠାରେ ମୃତ୍ୟୁସଂଖ୍ୟା ୧ ଲକ୍ଷ ଟପିଛି। ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧିପାଇ ୧୭.୧୩ ଲକ୍ଷ ପାର୍ କରିଛି। ଗତ ୨୪ ଘଣ୍ଟା ମଧ୍ୟରେ ୬,୭୭୪ ନୂଆ ମାମଲା ଏହି ଦେଶରେ ଦେଖିବାକୁ ମିଳିଥିବା ବେଳେ ୨୧୬ ଜଣଙ୍କ ଜୀବନ ଯାଇଛି। ଦ୍ରୁତ ବେଗରେ ଏଠାରେ ଭୂତାଣୁ ସଂକ୍ରମଣ ହେଉଥିବା ଜଣାପଡ଼ିଛି।

ବିଶ୍ୱରେ ଏବେ ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ି ୫୬.୩୬ ଲକ୍ଷ ଟପିଥିବା ବେଳେ ୩.୪୯ ଲକ୍ଷରୁ ଅଧିକ ଲୋକ ପ୍ରାଣ ହରାଇଲେଣି। ମଙ୍ଗଳବାର ୫୩ ହଜାରରୁ ଊର୍ଦ୍ଧ୍ୱ ନୂଆ ମାମଲା ସାମ୍ନାକୁ ଆସିଥିବା ବେଳେ ପ୍ରାୟ ୧୭ଶହ ଲୋକଙ୍କ ମୃତ୍ୟୁ ଘଟିଥିବା ପ୍ରକାଶ। ଆମେରିକା ପରେ ସର୍ବାଧିକ କରୋନା ଭୂତାଣୁ କବଳରେ ପଡ଼ିଛି ବ୍ରାଜିଲ। ଏଠାରେ ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ି ୩.୭୭ ଲକ୍ଷ ପାର୍ କରିଛି। ୨୩,୬୦୬ ଜଣ ବ୍ୟକ୍ତି ସଂକ୍ରମଣ ହୋଇ ଜୀବନ ହାରିଥିବା ଜଣାପଡ଼ିଛି। ରୁଷିଆ ତୃତୀୟ ସର୍ବାଧିକ ସଂକ୍ରମଣ ଦେଶ ତାଲିକାରେ ରହିଥିବା ବେଳେ ୩.୬୨ ଲକ୍ଷରୁ ଅଧିକ ଲୋକ ଏଠାରେ କରୋନା କବଳକୁ ଚାଲିଆସିଛନ୍ତି। ଏଠାରେ ମୃତ୍ୟୁସଂଖ୍ୟା ବଢ଼ି ୩,୮୦୭ରେ ପହଞ୍ଚିଛି। ଗତ ୨୪ ଘଣ୍ଟା ମଧ୍ୟରେ ବ୍ରାଜିଲରେ ୧,୦୪୨ ଓ ରୁଷିଆରେ ୮,୯୧୫ ନୂଆ ସଂକ୍ରମଣ ମାମଲା ନଜରକୁ ଆସିଛି। ସ୍ପେନ୍, ବ୍ରିଟେନ, ଇଟାଲୀ, ଫ୍ରାନ୍ସ, ଜର୍ମାନୀରେ ମଧ୍ୟ ସ୍ଥିତି ସଙ୍ଗିନ ରହିଛି। ଏହିସବୁ ଦେଶଗୁଡ଼ିକରେ କରୋନା ମୃତ୍ୟୁସଂଖ୍ୟା ବଢ଼ି ଯଥାକ୍ରମେ ୨୬,୮୩୭, ୩୭,୦୪୮, ୩୨,୯୫୫, ୨୮,୪୩୨ ଓ ୮,୪୪୯ ରହିଛି। ଦିନକୁ ଦିନ ପରିସ୍ଥିତି ବିଗିଡ଼ିବାରେ ଲାଗିଛି। ଆମେରିକା, ୟୁରୋପ ଭଳି ଏସିଆ ଓ ଆଫ୍ରିକୀୟ ଦେଶଗୁଡ଼ିକରେ କରୋନା ଭୂତାଣୁ ବଢ଼ି ବଢ଼ି ଚାଲିଛି।



## ସଂକ୍ଷେପରେ

### ବଜ୍ରକାପ୍ତାର ହେବ କରୋନା ଟେଷ୍ଟ



ସଙ୍ଗରୋଧ କେନ୍ଦ୍ରରୁ ଉଦ୍ଧାର ହୋଇଥିବା ବଜ୍ରକାପ୍ତା।

**ବଡ଼ମ୍ବା(ଡି.ଏନ୍.ଏ.)/ଆଠଗଡ଼(ସ୍ବ.ପ୍ର.), ୨୬।୫:** ଆଠଗଡ଼ ବନଖଣ୍ଡ ଅନ୍ତର୍ଗତ ବଡ଼ମ୍ବା ରେଞ୍ଜ ଅଞ୍ଚଳର ମହୁଲିଆ ମଧ ଇଂରାଜୀ ବିଦ୍ୟାଳୟରୁ ସୋମବାର ବିଳମ୍ବିତ ରାତିରେ ୫ କିଲୋ ଓଜନର ଏକ ବଜ୍ରକାପ୍ତା ଉଦ୍ଧାର ହୋଇଛି। ବିଦ୍ୟାଳୟଟି ଏକ ସଙ୍ଗରୋଧ କେନ୍ଦ୍ର ହୋଇଥିବାରୁ ବଜ୍ରକାପ୍ତାର କରୋନା ଟେଷ୍ଟ ହେବ। ଏଥିପାଇଁ ତାର ସ୍ବାବ୍ ସଂଗ୍ରହ କରିବାକୁ ଆଠଗଡ଼ ଡିଏଫ୍ଓ ସସ୍ମିତା ଲେଙ୍କା ନିର୍ଦ୍ଦେଶ ଦେଇଛନ୍ତି। ଏନେଇ ତାକୁ ଭୁବନେଶ୍ୱରସ୍ଥିତ ଓୟୁଏଟି କେନ୍ଦ୍ରକୁ ପଠାଇବା ଲାଗି ବ୍ୟବସ୍ଥା କରାଯାଇଛି ବୋଲି ବଡ଼ମ୍ବା ରେଞ୍ଜର ସରୋଜ କୁମାର ମହାନ୍ତି କହିଛନ୍ତି। ସଙ୍ଗରୋଧ କେନ୍ଦ୍ରରେ ବଜ୍ରକାପ୍ତାକୁ ଦେଖି ସେଠାରେ ଥିବା ପ୍ରବାସୀ ଓଡ଼ିଆମାନେ ଖବର ଦେଇଥିଲେ। ଏହାପରେ ବନବିଭାଗ କର୍ମଚାରୀ ସେଠାରେ ପହଞ୍ଚି ତାକୁ ଉଦ୍ଧାର କରିଥିଲେ। ଅପରପକ୍ଷେ ବଜ୍ରକାପ୍ତାଟି ସଙ୍ଗରୋଧ କେନ୍ଦ୍ର ଭିତରକୁ କିପରି ଆସିଲା ସେନେଇ ତଦନ୍ତ ଜାରି ରହିଛି ବୋଲି ମହାନ୍ତି କହିଛନ୍ତି।

### କ୍ୱାରାଣ୍ଟାଇନ୍ କେନ୍ଦ୍ରରେ ଯୁବତୀଙ୍କୁ ବଳାତ୍କାର ଉଦ୍ୟମ

**ସଜନାଗଡ଼, ୨୬।୫(ଡି.ଏନ୍.ଏ.):** ବାଲେଶ୍ୱର ଜିଲା ନୀଳଗିରି ବ୍ଲକ ବରହମ୍ପୁର ଥାନା ଅଧୀନ ତେଲିପାଳ ଆଶ୍ରମ କ୍ୱାରାଣ୍ଟାଇନ୍ କେନ୍ଦ୍ରରେ ଥିବା ଜଣେ ପ୍ରବାସୀ ଯୁବତୀଙ୍କୁ ଗାଧୁଆ ଘରେ ବଳାତ୍କାର ଉଦ୍ୟମ କରାଯାଇଥିବା ଅଭିଯୋଗ ହୋଇଛି। ଏହି ଘଟଣାରେ ଅଭିଯୁକ୍ତ ଯୁବକ ରତ୍ନାକର ଜେନାଙ୍କୁ ପୋଲିସ ଗିରଫ କରିଛି। ଏନେଇ ଥାନାରେ ମାମଲା(ନଂ.୪୯/୨୦) ରୁଜୁ ହୋଇଛି। ମଙ୍ଗଳବାର ସନ୍ଧ୍ୟାରେ ନୀଳଗିରି ତହସିଲଦାର ଅଶେଷ ନାୟକ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ପୂର୍ବାହ୍ନ ସମୟରେ ରତ୍ନାକର କ୍ୱାରାଣ୍ଟାଇନ୍ କେନ୍ଦ୍ର ମଧ୍ୟକୁ ପଶି ଗାଧୁଆ ଘରେ ବଳାତ୍କାର ଉଦ୍ୟମ କରିଥିଲେ। ଯୁବତୀ ଜଣକ ପାଟି କରିବାରୁ କେନ୍ଦ୍ରରେ ଥିବା ଅନ୍ୟ ୩ଜଣ ମହିଳା ଦୌଡ଼ି ଆସିଥିଲେ। ସମ୍ପୃକ୍ତ ଯୁବକ ଘଟଣାସ୍ଥଳରୁ ଖସି ପଳାଇବା ପାଇଁ ଚେଷ୍ଟା କରୁଥିବା ବେଳେ ଅନ୍ୟମାନେ ତାଙ୍କୁ କାବୁ କରି ଗଛରେ ବାନ୍ଧି ପକାଇଥିଲେ। ସମ୍ପୃକ୍ତ ଯୁବକ ଓ ତାଙ୍କୁ ସହଯୋଗ କରିଥିବା ଜଣେ ସୁରକ୍ଷାକର୍ମୀଙ୍କ ବିରୋଧରେ ପୀଡିତା ବରହମ୍ପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

### କାଠପୋଲ ଉପରେ ଯାତାୟାତ ବନ୍ଦ

**ପୁରୀ ଅଫିସ, ୨୬।୫:** ପୁରୀ-ଭୁବନେଶ୍ୱର ୩୧୬ ନମ୍ବର ଜାତୀୟ ରାଜପଥର ମାଳତୀପାଟପୁର ନିକଟ କାଠପୋଲ ଉପରେ ମଙ୍ଗଳବାରଠାରୁ ଯାତାୟତ ବନ୍ଦ କରିଦିଆଯାଇଛି। କଞ୍ଚି ନଦୀ ଉପରେ ନିର୍ମିତ ଏହି ପୋଲ ଅସୁରକ୍ଷିତ ହୋଇପଡ଼ିଥିବାରୁ ଜାତୀୟ ରାଜପଥ ପ୍ରାଧିକରଣ ପକ୍ଷରୁ ଏହା ଉପରେ ଗାଡ଼ି ଚଳାଚଳ ବନ୍ଦ କରାଯାଇଛି। ଫଳରେ ଏହି ପୋଲର ଦୁଇପାର୍ଶ୍ୱରେ ବାଡ଼ ପକାଇ ଅବରୋଧ କରାଯାଇଛି।




# ଶ୍ରେଷ୍ଠ ୧୦ ପ୍ରଭାବଶାଳୀ ଭାରତୀୟଙ୍କ ମଧ୍ୟରେ ନବୀନ ପଟ୍ଟନାୟକ

**ଭୁବନେଶ୍ୱର, ୨୬।୫(ବ୍ୟୁରୋ)**

**ନରେନ୍ଦ୍ର ମୋଦି ସବୁଠାରୁ କ୍ଷମତାଶାଳୀ ବ୍ୟକ୍ତି**



ଦେଶର ୫୦ ପ୍ରଭାବଶାଳୀ ଭାରତୀୟଙ୍କ ମଧ୍ୟରେ ସ୍ଥାନ ପାଇଛନ୍ତି ଓଡ଼ିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଫେମ୍ ଇଣ୍ଡିଆ ମାଗାଜିନ୍ ଓ ଏସିଆ ପୋଷ୍ଟ ପକ୍ଷରୁ କରାଯାଇଥିବା ଏକ ସର୍ଭେରେ ପଟ୍ଟନାୟକ ୧୦ ନମ୍ବର ସ୍ଥାନରେ ରହିଛନ୍ତି। କେବଳ ଏତିକି ନୁହେଁ, ତାଲିକାର ଏକାଦଶ ସ୍ଥାନରେ ଆଉଜଣେ ଓଡ଼ିଆ ସ୍ଥାନ ପାଇଛନ୍ତି। ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ପରାମର୍ଶଦାତା ପି.କେ.ମିଶ୍ର ଦ୍ୱିତୀୟ ଓଡ଼ିଆଭାବେ ଏହି ପ୍ରଭାବଶାଳୀ ଭାରତୀୟ ତାଲିକାରେ ରହିଛନ୍ତି। ଅନ୍ୟପକ୍ଷରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଦେଶର ସବୁଠାରୁ କ୍ଷମତାଶାଳୀ ବ୍ୟକ୍ତି ବୋଲି ଏହି ସର୍ଭେ ରିପୋର୍ଟରେ ଦର୍ଶାଯାଇଛି। ମୋଦି ଏକ ନମ୍ବର ସ୍ଥାନରେ ରହିଥିବାବେଳେ ଦ୍ୱିତୀୟ ସ୍ଥାନରେ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ରହିଛନ୍ତି। ସେହିଭଳି ୩ୟ ସ୍ଥାନରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ରହିଛନ୍ତି।

ତେବେ ୧୯୯୯ ମହାବାତ୍ୟା ପରବର୍ତ୍ତୀ ଘଡ଼ିସନ୍ଧି ସମୟରୁ ଓଡ଼ିଶାର ଭାର ସମ୍ଭାଳିଥିବା ନବୀନ ପଟ୍ଟନାୟକ ଲଗାତର ୫ଥର ମୁଖ୍ୟମନ୍ତ୍ରୀ ହେବାର ସୌଭାଗ୍ୟ ଅର୍ଜନ କରିଛନ୍ତି। ଅପ୍ରତିଦ୍ୱନ୍ଦ୍ୱି ନେତା ଭାବେ ସେ ଭାରତୀୟ ରାଜନୀତିର ଜଣେ ଚର୍ଚ୍ଚିତ ଚେହେରା ପାଲଟିଛନ୍ତି। ତାଙ୍କ ନେତୃତ୍ୱ କାଳରେ ଓଡ଼ିଶା ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ସମଗ୍ର ବିଶ୍ୱ ପାଇଁ ଉଦାହରଣ ସୃଷ୍ଟିକରିଛି। ସେହିଭଳି ସାମାଜିକ ଓ ଆର୍ଥିକ ବିକାଶ କ୍ଷେତ୍ରରେ ମଧ ଓଡ଼ିଶା ରେକର୍ଡ ପ୍ରତିଷ୍ଠା କରିଛି। ୨୦୦୪-୦୫ରେ ଓଡ଼ିଶାର ୬୦.୮% ଲୋକ ଦାରିଦ୍ର୍ୟ ସୀମାରେଖା ତଳେ ଥିବାବେଳେ ୨୦୦୯-୧୦ ବେଳକୁ ତାହା କମି ୩୨.୯% ହୋଇଛି। ଜିଡିପି ଅଭିବୃଦ୍ଧି କ୍ଷେତ୍ରରେ ମଧ ଓଡ଼ିଶା ବେଶ୍ ଭଲ ପ୍ରଦର୍ଶନ କରିଛି। ଏଥିଲାଗି ସେ ଜଣେ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ହେବାସହ ବହୁବାର ପ୍ରଭାବଶାଳୀ ଭାରତୀୟ ତାଲିକାରେ ସ୍ଥାନ ପାଉଥିବା କୁହାଯାଇଛି।

# ଲକ୍‌ଡାଉନ୍ ସଙ୍କଟରୁ ବ୍ୟାପକ ଜଙ୍ଗଲ କ୍ଷୟ

**ନୂଆଦିଲ୍ଲୀ, ୨୬।୫**

**ପ୍ରକୃତିକୁ ବିରାମ ମିଳିନାହିଁ**



କରୋନା ସଂକ୍ରମଣକୁ ରୋକିବା ପାଇଁ ଲାଗୁ କରାଯାଇଥିବା ଲକ୍‌ଡାଉନ ଦ୍ୱାରା ପରିବେଶ ଉପରେ ଅନେକ ସକାରାତ୍ମକ ପ୍ରଭାବ ପକାଇଥିବା ଖବର ମିଳୁଛି। କୁହାଯାଉଛି ଯେ, ଲକ୍‌ଡାଉନ ଯୋଗୁ ଲୋକେ ଘରେ ରହୁଥିବାରୁ ତାହାର ପ୍ରଭାବରେ ପରିବେଶ ସୁଦୃଢ଼ ହୋଇଛି। ଲୋକଙ୍କ ବହୁ କାର୍ଯ୍ୟକଳାପ ବନ୍ଦ ହେବା ଯୋଗୁ ପ୍ରକୃତିକୁ ବିରାମ ମିଳିଥିବା ଅନେକେ ଭାବୁଛନ୍ତି। କିନ୍ତୁ ବାସ୍ତବରେ ତାହା ନୁହେଁ ବୋଲି ଏକ ସଦ୍ୟତମ ରିପୋର୍ଟରୁ ଜଣାପଡ଼ିଛି। ଲକ୍‌ଡାଉନ ଜଗତ ଉପରେ ଅନେକ ନକାରାତ୍ମକ ପ୍ରଭାବ ପକାଇଥିବା ନେଇ ବିଶ୍ୱ ଅର୍ଥନୈତିକ ଫୋରମ୍ (ଡବ୍ଲ୍ୟୁଇଏଫ୍) ଦ୍ୱାରା ଏକ ରିପୋର୍ଟ ପ୍ରକାଶ ପାଇଛି। ନ୍ୟୁଜ୍ ଏଜେନ୍ସି ଥମ୍‌ସନ ରଏଟର୍ସ ସହ ମିଳିତ ଭାବେ ଏହି ରିପୋର୍ଟ ପ୍ରସ୍ତୁତ କରାଯାଇଛି, ଯେଉଁଥିରେ ଦର୍ଶାଯାଇଛି ଯେ, ଲକ୍‌ଡାଉନ ବିଶ୍ୱର ଜଙ୍ଗଲ ପ୍ରତି ବିପଦ ବଢ଼ାଇଦେଇଛି।

ରିପୋର୍ଟ ଅନୁଯାୟୀ, ଲକ୍‌ଡାଉନ୍ ଯୋଗୁ କୋଟି କୋଟି ଗରିବ ନିଯୁକ୍ତି ହରାଇ ବେକାର ହୋଇଯାଇଛନ୍ତି। ଖାଦ୍ୟ ନ ପାଇବା ଯୋଗୁ ସେମାନେ ସହର ଛାଡ଼ି ଗ୍ରାମାଞ୍ଚଳର ନିଜ ଘରକୁ ଫେରିଛନ୍ତି। ଫଳରେ ଜୀବିକା, ଆଶ୍ରୟ, ଖାଦ୍ୟ ପାଇଁ ଏବେ ସେମାନେ ଜଙ୍ଗଲ ଉପରେ ନିର୍ଭର କରୁଛନ୍ତି। ଜାଳେଣି ପାଇଁ ଗଛ କାଟିବାରେ ଲାଗିଛନ୍ତି। ସମଗ୍ର ବିଶ୍ୱରେ ୧୦୦ କୋଟି ଲୋକ ବନ୍ୟ ଖାଦ୍ୟ ଉପରେ ଏବଂ ୨୪୦ କୋଟି ଲୋକ ରୋଷେଇ ପାଇଁ କାଠ ଉପରେ ନିର୍ଭର କରୁଛନ୍ତି। କେବଳ ଏତିକି ନୁହେଁ, ସାରା ଦୁନିଆରେ ଅତ୍ୟଧିକ ଦାରିଦ୍ର୍ୟ ଭିତରେ ଜୀବନ ବିତାଉଥିବା ପ୍ରତି ୧୦ ଜଣଙ୍କ ମଧ୍ୟରୁ ୯ ଜଣଙ୍କ ଜୀବିକା ଜଙ୍ଗଲ ଉପରେ ନିର୍ଭରଶୀଳ।

ଜାତିସଂଘର ଖାଦ୍ୟ ଏବଂ କୃଷି ସଂଗଠନ (ଏଫ୍ଏଓ)ର ବନ ବିଭାଗ ନିର୍ଦ୍ଦେଶକ ମେଟେ ୱିଲ୍କି କହିଛନ୍ତି ଯେ, ଖାଦ୍ୟ ଏବଂ ଜାଳେଣି ପାଇଁ ଗଛ କଟାଯାଇଥାଏ। ବିଶ୍ୱ ଜନସଂଖ୍ୟାର ଏକ ତୃତୀୟାଂଶ ଲୋକ ରୋଷେଇ ପାଇଁ କାଠ ଉପରେ ନିର୍ଭର କରନ୍ତି। କିନ୍ତୁ ଏହି ସଂଖ୍ୟା ଲକ୍‌ଡାଉନ୍ ସମୟରେ ଆହୁରି ବୃଦ୍ଧି ପାଇପାରେ। ଏଫ୍ଏଓ ଏହାର 'ଷ୍ଟେଟ୍ ଅଫ୍ ଦ ୱାର୍ଲ୍ଡସ୍ ଫରେଷ୍ଟ ୨୦୨୦' ରିପୋର୍ଟରେ ବୃଦ୍ଧି ପାଉଥିବା ସଂକ୍ରାମକ ରୋଗ କରୋନା ସହ ଜଙ୍ଗଲ ନଷ୍ଟ ହେବା ବିଷୟ ଯୋଡ଼ିଛି। ରିପୋର୍ଟ ଅନୁଯାୟୀ, ୧୯୯୦ପରଠାରୁ ୪୨ କୋଟି ହେକ୍ଟର ଜମି ନଷ୍ଟ ହୋଇଯାଇଛି, ଯାହା ଦକ୍ଷିଣ ଆଫ୍ରିକାର ମୋଟ ଆକାରର ପ୍ରାୟ ୩ ଗୁଣ। ରିପୋର୍ଟରେ ଆହୁରି କୁହାଯାଇଛି ଯେ, ଲକ୍‌ଡାଉନରେ ପ୍ରକୃତି ନିଜେ ବିଶ୍ରାମ ନେଉଛି ଏବଂ ନିଜକୁ ନିଜେ ଠିକ୍ କରିବାରେ ଲାଗିଛି ବୋଲି ଅପପ୍ରଚାର କରାଯାଉଛି। କିନ୍ତୁ ସତ୍ୟତା ଭିନ୍ନ। ଅନ୍ୟ ଏକ ରିପୋର୍ଟରେ ଡବ୍ଲ୍ୟୁଇଏଫ୍ କହିଛି ଯେ, କ୍ରାନ୍ତିବଳୟରେ ଥିବା ବହୁ ଗ୍ରାମାଞ୍ଚଳରେ ଜଙ୍ଗଲ ଧ୍ୱଂସ, ଜମି ଦଖଲ, ବେଆଇନ ଖଣି ଖନନ ଏବଂ ବନ୍ୟଜନ୍ତୁ ଶିକାର କରାଯାଉଛି। ପ୍ରକୃତି ଏବଂ ସମ୍ବଳ ଉପରେ ଅତ୍ୟଧିକ ଚାପର ଚିତ୍ର ସହର ବାହାର ଗ୍ରାମୀଣ କ୍ଷେତ୍ରରେ ଦେଖିବାକୁ ମିଳୁଛି ବୋଲି ଡବ୍ଲ୍ୟୁଇଏଫ୍ କହିଛି।

# 'ଆସନ୍ତା ୧୫ ଦିନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ'

**ଭୁବନେଶ୍ୱର, ୨୬।୫(ବ୍ୟୁରୋ)**

- **କୋଭିଡ୍-୧୯ ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କ ସମୀକ୍ଷା**

ବିମାନ ଓ ରେଳ ସେବା ଆରମ୍ଭ ହେବା ଦ୍ୱାରା ଆଗାମୀ ୧୫ ଦିନରୁ ୧ ମାସ ପର୍ଯ୍ୟନ୍ତ ସମୟ ଅଧିକ ଆହ୍ୱାନମୂଳକ ହେବ। ମାନବିକତାକୁ ଆଗରେ ରଖି ବୃତ୍ତିଗତ ଦକ୍ଷତା ସହ ପରିସ୍ଥିତିର ଉଚିତ ମୁକାବିଲା କରିପାରିବା ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି। ମଙ୍ଗଳବାର ମୁଖ୍ୟମନ୍ତ୍ରୀ ଭିଡିଓ କନଫରେନ୍ସ ଜରିଆରେ କୋଭିଡ୍-୧୯ ଏବଂ ରୋଗ ନିୟନ୍ତ୍ରଣ ସମ୍ପର୍କରେ ସମୀକ୍ଷା କରିଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ସାମାଜିକ ଦୂରତ୍ୱକୁ ବାସନ୍ଦ ବୋଲି ଭାବିବା ଉଚିତ ନୁହେଁ। ବ୍ୟାପକ ସଚେତନତା ସହ କଠୋର ଶୃଙ୍ଖଳା ବର୍ତ୍ତମାନ ପରିସ୍ଥିତିରେ ଅତ୍ୟନ୍ତ ଆବଶ୍ୟକ। ଚଳିତ ସପ୍ତାହରେ ଏହା ହିଁ ଲକ୍ଷ୍ୟ ହେବା ଉଚିତ। କରୋନା ପାଇଁ ଆଗଧାଡ଼ିରେ ରହି କାର୍ଯ୍ୟ କରୁଥିବା ବ୍ୟକ୍ତିବିଶେଷ ଏବଂ ବିପଦରେ ଥିବା ଜନସାଧାରଣଙ୍କର ଠିକ୍ ସମୟରେ ପରୀକ୍ଷା କରାଯିବା ଦରକାର। ଦେଶରେ କରୋନା ଭୂତାଣୁ ପରୀକ୍ଷା କ୍ଷେତ୍ରରେ ଓଡ଼ିଶା ଏକ ଆଗୁଆ ରାଜ୍ୟ ହୋଇଥିବାରୁ ମୁଖ୍ୟମନ୍ତ୍ରୀ ସନ୍ତୋଷ ପ୍ରକାଶ କରିଛନ୍ତି। ଆଗାମୀ ଦିନରେ ରାଜ୍ୟରେ ପ୍ରତ୍ୟେକ ଅଞ୍ଚଳରେ ବିକେନ୍ଦ୍ରୀକରଣ ପରୀକ୍ଷା ସୁବିଧା ଆରମ୍ଭ କରିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। କରୋନା ସଂକ୍ରମଣ ଯୋଗୁ ଗତ ୨ ମାସ ହେଲା ଆମେ ଲକ୍‌ଡାଉନ୍ ପରିସ୍ଥିତିରେ ରହିଛୁ। ୨ ମାସ ମଧ୍ୟରେ ଅନେକ ଶିକ୍ଷାଲାଭ କରିଛୁ। ବୈଜ୍ଞାନିକ, ସାମାଜିକ ତଥା ପ୍ରଶାସନିକ ଉପଲବ୍ଧି ହାସଲ କରିଛୁ। ଏହି ଉପଲବ୍ଧିକୁ ଭିତ୍ତିକରି ଆମକୁ ଭବିଷ୍ୟତ ପାଇଁ କୌଶଳ ପୁନଃ ନିର୍ଦ୍ଧାରଣ କରିବାକୁ ହେବ। ଯଦ୍ୱାରା ଆମେ ସଂକ୍ରମଣକୁ ସମ୍ପୂର୍ଣ୍ଣ ନିୟନ୍ତ୍ରଣ କରିବା ସହିତ ଜୀବନ ଜୀବିକା ଏବଂ ଅର୍ଥନୈତିକ କାର୍ଯ୍ୟକ୍ରମକୁ ସ୍ୱାଭାବିକ ଅବସ୍ଥାକୁ ଫେରାଇ ଆଣିପାରିବା।

ଓଡ଼ିଶାରେ କରୋନା ସଂକ୍ରମଣର ଗତି ସମ୍ପର୍କରେ ମିଳିଥିବା ଅନୁଭୂତି ଆମକୁ ଆଶା ଦେଖାଇଛି। କଡ଼ାକଡ଼ି ସାମାଜିକ ଦୂରତ୍ୱ, ମାସ୍କ ବ୍ୟବହାର ଏବଂ ବାରମ୍ବାର ହାତଧୋଇବା ଦ୍ୱାରା ଏହି ମହାମାରୀକୁ ସଫଳ ଭାବେ ନିୟନ୍ତ୍ରଣ କରାଯାଇ ପାରିଛି। ବିପଦରେ ଥିବା ଜନସାଧାରଣ, ବିଶେଷ କରି ବୟସ୍କ ବ୍ୟକ୍ତି ଏବଂ ଗୁରୁତର ରୋଗରେ ପୀଡ଼ିତ ଲୋକମାଙ୍କର ଅଧିକ ଯତ୍ନ ନେବାର ଆବଶ୍ୟକତା ରହିଛି। ଏହି ସବୁ ବିଷୟକୁ ପ୍ରାଧାନ୍ୟ ଦେଇ ୧୫ ଦିନ ବ୍ୟାପକ ଜନସଚେତନତା କାର୍ଯ୍ୟକ୍ରମ ଆରମ୍ଭ କରିବା ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଆମ ରାଜ୍ୟରେ ବାଧ୍ୟତାମୂଳକ ସଙ୍ଗରୋଧ ବ୍ୟବସ୍ଥା ଆଇସିଏମ୍ଆର୍‌ର ସୁପାରିସ ଅନୁଯାୟୀ କରାଯାଇଛି। ସେହିପରି ଆନୁଷ୍ଠାନିକ ସଙ୍ଗରୋଧକୁ ଆବଶ୍ୟକତା ଭିତ୍ତିରେ ବୃଦ୍ଧି କରିବା ପାଇଁ ଜିଲାପାଳମାନଙ୍କୁ କ୍ଷମତା ଦିଆଯାଇଛି। ଅସ୍ଥାୟୀ ଶିବିରଗୁଡ଼ିକ ରୋଗ ନିୟନ୍ତ୍ରଣ କ୍ଷେତ୍ରରେ ବହୁତ ଭଲ କାମ କରୁଛି। ରାଜ୍ୟରେ କରୋନା ପଜିଟିଭ କେସ୍‌ର ୯୫ ପ୍ରତିଶତ କେବଳ ଏହି ସଙ୍ଗରୋଧ କେନ୍ଦ୍ରରୁ ମିଳିଛି। ଏହା ଆମ ବ୍ୟବସ୍ଥାର ଦୃଢ଼ତାକୁ ପ୍ରତିପାଦନ କରୁଛି। ସରପଞ୍ଚ, ଲୋକପ୍ରତିନିଧି ଏବଂ ସରକାରଙ୍କର ବିଭିନ୍ନ ବିଭାଗର ତଳସ୍ତରରୁ ଉପର ପର୍ଯ୍ୟନ୍ତ ସବୁ କର୍ମଚାରୀଙ୍କ ନିଷ୍ଠା ଯୋଗୁ ଏହା ସମ୍ଭବ ହୋଇପାରିଛି। ରାଜ୍ୟ ଭିତରେ ଅନ୍ୟ ରାଜ୍ୟର ପ୍ରବାସୀମାନଙ୍କୁ ସାହାଯ୍ୟ କରିବା ପାଇଁ ଆମେ ଜିରୋ ୱାକିଂ ଇନ୍‌ସାଇଡ ଓଡ଼ିଶା ନୀତି କାର୍ଯ୍ୟକାରୀ କରିଛୁ। ଏହାକୁ ସଫଳତାର ସହ କାର୍ଯ୍ୟକାରୀ କରିବାରେ ରାଜ୍ୟ ପୋଲିସର କାର୍ଯ୍ୟଦକ୍ଷତା ପ୍ରଶଂସାଯୋଗ୍ୟ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ବର୍ତ୍ତମାନ ସୁଦ୍ଧା ୧୪,୬୬୯ ଅନ୍ୟ ରାଜ୍ୟର ବ୍ୟକ୍ତିଙ୍କୁ ବସ୍ ଯୋଗେ ସୀମା ଚେକ୍ ପୋଷ୍ଟରେ ପହଞ୍ଚାଇ ଦିଆଯାଇଛି। କରୋନା ଏକ ଲମ୍ବା ଯୁଦ୍ଧ ଏବଂ ଏ ପର୍ଯ୍ୟନ୍ତ ଆମେ ଏହାକୁ ସଫଳତାର ସହ ପରିଚାଳନା କରିଆସିଛୁ। ଆମର ଅନୁଭୂତିକୁ ଆଧାର କରି କୌଶଳର ପୁନଃ ନିର୍ଦ୍ଧାରଣ କରିବା ଦିଗରେ ଆଭିମୁଖ୍ୟ ପ୍ରସ୍ତୁତ କରିବାକୁ ହେବ। ସଙ୍ଗରୋଧ କେନ୍ଦ୍ରଗୁଡ଼ିକରେ ଥିବା ଅନ୍ତେବାସୀମାନଙ୍କ ପାଇଁ ଯେଉଁ ସଂକ୍ଷିପ୍ତ ସାର୍ଟିଫିକେଟ କୋର୍ସ ଆରମ୍ଭ କରାଯାଇଛି ତାହା ଭବିଷ୍ୟତର ଆହ୍ୱାନକୁ ସଫଳ ଭାବେ ମୁକାବିଲା କରିବାରେ ବିଶେଷ ସହାୟକ ହେବ ବୋଲି ମୁଖ୍ୟମନ୍ତ୍ରୀ ଆଶାବ୍ୟକ୍ତ କରିଛନ୍ତି।

# ଜୁନ୍ ପହିଲାରୁ ଚାଲିବ ବସ୍

**ଭୁବନେଶ୍ୱର, ୨୬।୫(ବ୍ୟୁରୋ)**

- **ରାଜ୍ୟ ସରକାର-ଘରୋଇ ବସ୍ ମାଲିକ ସଂଘ ଆଲୋଚନା**
- **୩ ମାସର ରୋଡ୍ ଟ୍ୟାକ୍ସ ଛାଡ଼ କଲେ ସରକାର**
- **ଗଡ଼ିଲା ମୋ ବସ୍**



ରାଜ୍ୟ ସରକାର ଘରୋଇ ବସ୍ ଉପରୁ ୩ ମାସର ଟିକସ ଛାଡ କରିଛନ୍ତି। ଏପ୍ରିଲ, ମେ ଏବଂ ଜୁନ୍ ମାସର ଟିକସ ବସ୍‌ମାଲିକଙ୍କୁ ଦେବାକୁ ପଡ଼ିବ ନାହିଁ। ରାଜ୍ୟରେ ବସ୍ ଚଳାଚଳକୁ ସ୍ୱାଭାବିକ କରିବାକୁ ରାଜ୍ୟ ସରକାର ଏହି ନିଷ୍ପତ୍ତି ନେଇଛନ୍ତି। ମଙ୍ଗଳବାର ରାଜ୍ୟ ସରକାର ଏବଂ ବସ୍ ମାଲିକ ସଂଘ ମଧ୍ୟରେ ଆଲୋଚନା ହୋଇଛି। ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରାଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ରାଜ୍ୟରେ ବସ୍ ଚଳାଚଳ ସ୍ୱାଭାବିକ କରିବା ନେଇ ଆଲୋଚନା ହୋଇଥିଲା। ଏଥିରେ ସଂଘ ପୂର୍ବରୁ କରିଥିବା ୬ ଦଫା ଦାବି ପୂରଣ ପ୍ରସ୍ତାବ ଦେଇଥିଲା। ସେଥିରୁ ସରକାର ଗୋଟିଏ ଦାବି ପୂରଣ କରିଛନ୍ତି। ଅନ୍ୟ ଦାବିଗୁଡିକ ସମ୍ପର୍କରେ ପଦକ୍ଷେପ ନେବାକୁ ପ୍ରତିଶ୍ରୁତି ଦିଆଯାଇଛି। ଯେତିକି ସିଟ୍ ସେତିକି ଯାତ୍ରୀ ନେବା ଦ୍ୱାରା ବସ୍‌ମାଲିକମାନେ କ୍ଷତି ସହିବେ। ସରକାର ଏ ଦିଗରେ କୋହଳ ମନୋଭାବ ପୋଷଣ କରିବାକୁ ସଂଘ ପକ୍ଷରୁ ଦାବି କରାଯାଇଛି। ଆଲୋଚନା ସକାରାତ୍ମକ ରହିଛି ବୋଲି ଉଭୟ ସରକାର ଓ ସଂଘ ପକ୍ଷରୁ କୁହାଯାଇଛି। ରାଜ୍ୟ ସଂଘର ସାଧାରଣ ପରିଷଦ ବୈଠକ ବୁଧବାର ଭୁବନେଶ୍ୱରରେ ଅନୁଷ୍ଠିତ ହେବ। ଆଞ୍ଚଳିକ ବସ୍ ମାଲିକ ସଂଘଗୁଡିକ ସହିତ ଆଲୋଚନା କରି ପଦକ୍ଷେପ ନିଆଯିବ ବୋଲି ସଂଘ ପକ୍ଷରୁ କୁହାଯାଇଛି। ତେବେ ଆସନ୍ତା ଜୁନ୍ ପହିଲାରୁ ଘରୋଇ ବସ୍ ଚଳାଚଳ ସ୍ୱାଭାବିକ ହେବ ବୋଲି ଜଣାପଡିଛି। ଅନ୍ୟପକ୍ଷରେ ଭୁବନେଶ୍ୱର ଓ କଟକରେ ମୋ ବ୍‌ସ ଚଳାଚଳ ସ୍ୱାଭାବିକ ହୋଇଛି। ସକାଳ ୭ଟାର ମୋ ବସ୍ କଟକ, ଖୋର୍ଦ୍ଧା ଏବଂ ଅନ୍ୟାନ୍ୟ ସ୍ଥାନକୁ ଚଳାଚଳ କରିଛି। ତେବେ ପୂର୍ବଭଳି ବସ୍‌ଗୁଡ଼ିକରେ ଭିଡ଼ ଦେଖିବାକୁ ମିଳୁନାହିଁ।

# ବିଷାକ୍ତ ମଦ ମୃତ୍ୟୁ ଅଭିଯୋଗ

## କ୍ଷତିପୂରଣ ଦାବିରେ ମୃତଦେହ ରଖି ରାସ୍ତାରୋକୋ

**ଭଦ୍ରକ ଅଫିସ/ପଦ୍ମପୁର, ୨୬।୫(ଡି.ଏନ.ଏ.)**



ଭଦ୍ରକ ସଦର ବ୍ଲକ ଅଧୀନ ସାବରଙ୍ଗ ପଞ୍ଚାୟତ ସାନଗୋପାଳସାହି ଗ୍ରାମର ଜଣେ ବ୍ୟକ୍ତି ପ୍ରାଣ ହରାଇଥିବା ବିଷାକ୍ତ ମଦ ପିଇ ପ୍ରାଣ ହରାଇଥିବା ଅଭିଯୋଗ ହୋଇଛି। ଚୋରା ମଦ ବେପାରୀଙ୍କୁ ଗିରଫ ସହ ମୃତକଙ୍କ ପରିବାରକୁ କ୍ଷତିପୂରଣ ଦାବିରେ ଶତାଧିକ ଗ୍ରାମବାସୀ ମୃତଦେହ ରଖି ଭଦ୍ରକ-ବାସୁଦେବପୁର ମୁଖ୍ୟରାସ୍ତାକୁ ଅବରୋଧ କରିଥିଲେ। ଫଳରେ ଉଭୟ ପାର୍ଶ୍ୱରେ ଶହ ଶହ ଯାନବାହନ ଅଟକି ରହିଥିଲା। ଭଦ୍ରକ ଏସ୍‌ଡିପିଓ ସୁନୀଲ କୁମାର ନନ୍ଦ, ଗ୍ରାମାଞ୍ଚଳ ଥାନାଧିକାରୀ ପ୍ରଭାଂଶୁ ଶେଖର ମିଶ୍ର, ସାବରଙ୍ଗ ଫାଣ୍ଡି ଅଧିକାରୀ ରଞ୍ଜନ କୁମାର ମହାନ୍ତି ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ। ମୃତକଙ୍କ ପରିବାରକୁ ରେଡ୍‌କ୍ରସ ପାଣ୍ଠିରୁ ସହାୟତା ପ୍ରଦାନ ଲାଗି ପ୍ରତିଶ୍ରୁତି ସହ ଅଭିଯୁକ୍ତଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କୁହାଯିବା ପରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା।

ଗ୍ରାମର ଭଗବାନ ବେହେରା (୫୨)ସୋମବାର ରାତିରେ ସାବରଙ୍ଗ ବଜାରକୁ ଯାଇଥିଲେ। ବିଳମ୍ବିତ ରାତି ପର୍ଯ୍ୟନ୍ତ ସେ ଘରକୁ ନ ଫେରିବାରୁ ତାଙ୍କୁ ପରିବାର ଲୋକେ ଖୋଜାଖୋଜି କରିଥିଲେ। ପରେ ଚୋରାମଦ ବିକ୍ରି କରାଯାଉଥିବା ଏକ ଫାର୍ମ ଘର କବାଟ ଭାଙ୍ଗି ତାଙ୍କୁ ଅଚେତ ଅବସ୍ଥାରେ ଉଦ୍ଧାର କରାଯାଇଥିଲା। ତାଙ୍କୁ ଚିକିତ୍ସା ପାଇଁ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟ ନିଆଯାଇଥିବା ବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଭଗବାନଙ୍କ ମୃତଦେହ ମଙ୍ଗଳବାର ପୂର୍ବାହ୍ନରେ ସାବରଙ୍ଗରେ ପହଞ୍ଚିବା ପରେ ସେଠାରେ ଉତ୍ତେଜନା ଦେଖାଦେଇଥିଲା। ମୃତକଙ୍କ ସ୍ତ୍ରୀ ପାର୍ବତୀ ଭଦ୍ରକ ଗ୍ରାମାଞ୍ଚଳ ଥାନାରେ ଲିଖିତ ଅଭିଯୋଗ କରିଥିଲେ ମଧ୍ୟ ପୋଲିସ କୌଣସି ପଦକ୍ଷେପ ନ ନେବାରୁ ଉତ୍ତେଜନା ଉଗ୍ରରୂପ ଧାରଣ କରିଥିଲା। ଏନେଇ ଗ୍ରାମାଞ୍ଚଳ ଥାନାରେ ମାମଲା(ନଂ. ୩୨/୨୦) ରୁଜୁ ହୋଇଛି।

# କଣ୍ଟେନ୍‌ମେଣ୍ଟ ଜୋନ୍‌ରେ ପୋଡ଼ାଜଳା

**ରାଉରକେଲା ଅଫିସ, ୨୬।୫**



- **ବ୍ୟାରିକେଡ୍ ଭଙ୍ଗାରୁଜା, ପୋଲିସକୁ ପଥର ମାଡ଼**
- **ପଥଚାରୀ, ଖବରଦାତାଙ୍କୁ ଆକ୍ରମଣ**
- **ଟିୟର ଗ୍ୟାସ୍ ବ୍ୟବହାର କଲା ପୋଲିସ**

ରାଉରକେଲା କଣ୍ଟେନମେଣ୍ଟ ଜୋନରୁ କଟକଣା ଉଠାଇବା ଦାବିରେ ମଙ୍ଗଳବାର ସକାଳୁ ସହରରେ ଉତ୍ତେଜନା ପ୍ରକାଶ ପାଇଥିଲା। ହଜାରରୁ ଊର୍ଦ୍ଧ୍ୱ ଉତ୍ତ୍ୟକ୍ତ ଲୋକେ ରାସ୍ତା ଉପରକୁ ମାଡ଼ି ଆସିଥିଲେ। ସେମାନେ କଣ୍ଟେନମେଣ୍ଟ ଜୋନ୍ ପାଇଁ ତିଆରି କରାଯାଇଥିବା ବ୍ୟାରିକେଡକୁ ଭଙ୍ଗାରୁଜା କରିବା ସହ ପୋଡାଜଳା କରିଥିଲେ। ଏପରି କି ସେମାନେ ପୋଲିସ ଟେଣ୍ଟ ଉପାଡି ଦେବା ସହ ଚେୟାର କଚାଡି ଭାଙ୍ଗି ଦେଇଥିଲେ। ତୁରନ୍ତ ଆମ ଅଞ୍ଚଳରୁ ବ୍ୟାରିକେଡ ହଟାଅ ବୋଲି ପାଟି କରିଥିଲେ।

ଏହି ଘଟଣା ପରେ ଖୁବ୍ କମ୍ ସମୟ ମଧ୍ୟରେ ସ୍ଥାନୀୟ ଲୋକେ ଏକତ୍ରିତ ହୋଇ ପୋଲିସକୁ ଆକ୍ରମଣ କରିବାକୁ ଚେଷ୍ଟା କରିଥିଲେ। ଫଳରେ ପରିସ୍ଥିତି ଉଗ୍ରରୂପ ଧାରଣ କରିଥିଲା। ଆନ୍ଦୋଳନକାରୀମାନେ ଟେକା ପଥର ଫିଙ୍ଗି ପୋଲିସକୁ ଘଉଡାଇବାକୁ ଚେଷ୍ଟା କରିଥିଲେ। ଏପରି କି ସେମାନେ ପଥଚାରୀ ଓ ଖବରଦାତାଙ୍କୁ ଆକ୍ରମଣ କରିବାକୁ ପଛାଇ ନ ଥିଲେ। ଆନ୍ଦୋଳନକାରୀମାନେ ବସ୍ତିକୁ କାହାକୁ ପଶିବାକୁ ଦେଇ ନ ଥିଲେ। ଟାୟାର ଜାଳି ରାସ୍ତା ଅବରୋଧ କରିଥିଲେ। ମହତାବ ରୋଡ ଅଞ୍ଚଳ ସମେତ ଇସ୍ପାତ୍ କାରଖାନା ମୁଖ୍ୟ ଫାଟକ ସମ୍ମୁଖ ରିଂ ରୋଡ ରଣକ୍ଷେତ୍ର ପାଲଟିଥିଲା। ଆନ୍ଦୋଳନକାରୀଙ୍କୁ ପୋଲିସ ବାରମ୍ବାର ଡାକବାଜି ଯନ୍ତ୍ର ସାହାଯ୍ୟରେ ଶାନ୍ତ ରହିବାକୁ ଅନୁରୋଧ କରିଥିଲା। ହେଲେ ସେମାନେ କୌଣସି କଥା ଶୁଣିବା ଅବସ୍ଥାରେ ନ ଥିଲେ। ପରିସ୍ଥିତି ନିୟନ୍ତ୍ରଣ ନ ହେବାରୁ ପୋଲିସ ଟିୟର ଗ୍ୟାସ୍ ବ୍ୟବହାର କରିବାକୁ ବାଧ୍ୟ ହୋଇଥିଲା।

ଖବରପାଇ ପଶ୍ଚିମାଞ୍ଚଳ ଡିଆଇଜି କବିତା ଜଲାନ, ଏସ୍‌ପି କେ ଶିବା ସୁବ୍ରମଣୀ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବାକୁ ଚେଷ୍ଟା କରିଥିଲେ। କଣ୍ଟେନମେଣ୍ଟ ଜୋନର ବରିଷ୍ଠ ନାଗରିକଙ୍କ ସହ ପୋଲିସ ଯୋଗାଯୋଗ କରି ଶାନ୍ତି ବଜାୟ ରଖିବାକୁ ଉଦ୍ୟମ କରିଥିଲା। ପ୍ରାୟ ୩ ଘଣ୍ଟା ପରେ ପରିସ୍ଥିତି ନିୟନ୍ତ୍ରଣକୁ ଆସିଥିଲା। ତଥାପି ସେହି ଅଞ୍ଚଳରେ ଚାପା ଉତ୍ତେଜନା ଲାଗି ରହିଛି। ବରିଷ୍ଠ ପୋଲିସ ଅଧିକାରୀ ଓ ୪ ପ୍ଲାଟୁନ ଫୋର୍ସ ସେଠାରେ ମୁତୟନ କରାଯାଇଛି। ପରିସ୍ଥିତି ଉପରେ ପୋଲିସ କଡ଼ା ନଜର ରଖିଛି। ସୁନ୍ଦରଗଡ଼ ଜିଲାପାଳ ନିଖିଲ ପଓନ କଲ୍ୟାଣ, ରାଉରକେଲା ଅତିରିକ୍ତ ଜିଲାପାଳ ତଥା ଏଡିଏମ ଆବୋଲି ସୁନୀଲ ନରୱଣେ ମଧ୍ୟ ଏଭଳି ଘଟଣା ଉପରେ ନଜର ରଖିଛନ୍ତି।

ସୋମବାର ବଫର ଜୋନରୁ କଟକଣା ଉଠାଯିବା ପରେ କଣ୍ଟେନମେଣ୍ଟ ଜୋନ୍ ବାସିନ୍ଦାଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ପ୍ରଶାସନର ଏହା ପାତରଅନ୍ତର ନୀତି ବୋଲି ସେମାନେ ଅଭିଯୋଗ କରିଥିଲେ। ଦୀର୍ଘ ମାସେ ହେବ କଣ୍ଟେନମେଣ୍ଟ କଟକଣା ଭିତରେ ରହି ଲୋକେ ଅତିଷ୍ଠ ହୋଇ ପଡିଥିଲେ। ଏବେ ସେମାନେ ସେଥିରୁ ମୁକ୍ତି ଚାହୁଁଛନ୍ତି। କାହିଁକି ବଫର ଜୋନରୁ କଟକଣା ହଟାଗଲା ଓ ଆମକୁ ବ୍ୟାରିକେଡ ଭିତରେ ରଖାଯାଇଛି ବୋଲି ସେମାନେ ପ୍ରଶ୍ନ କରିଛନ୍ତି। ତେବେ ଏହାର ଅସଲ କାରଣ ଖୋଜିବାକୁ ପୋଲିସ ଖୋଳତାଡ ଆରମ୍ଭ କରିଛି। କଣ୍ଟେନମେଣ୍ଟ ଜୋନ ବାସିନ୍ଦାଙ୍କ ଅଭିଯୋଗକୁ ଗୁରୁତ୍ୱ ଦିଆଯାଉଥିବା ଜିଲାପାଳ କହିଛନ୍ତି।

**ଆଜିର ମନ୍ତବ୍ୟ**

"ଅନୁମତି ମିଳିଲେ ପ୍ରବାସୀ ଶ୍ରମିକଙ୍କ ବ୍ୟାଗ୍ ବୋହିବାକୁ ବି ମୁଁ ପ୍ରସ୍ତୁତ।
– ରାହୁଲ ଗାନ୍ଧୀ, ବରିଷ୍ଠ କଂଗ୍ରେସ ନେତା


## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................



ସାଇ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।




## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

### କଲିକତା କଲିଚୂନ; ପରପୁଅଠେଇଁ ଶରଧା କଲି, ସବୁହେଲା ଅକାରଣ।

ପରସବୁବେଳେପର। ଯେତେସ୍ନେହଆଦରଦେଖାଇଲେମଧ୍ୟଏହାରପ୍ରଭାବତାଙ୍କଉପରେ ପଡ଼ି ନ ଥାଏ। ସେମାନେ କେବେ ନିଜ ରକ୍ତ ପରି ଆପଣାର ହୋଇପାରି ନ ଥାନ୍ତି। ଟିକିଏ ଟିକିଏ କଥାରେ ରାଗ ରୁଷା କରି ଘର ଛାଡ଼ି ପଳାଇ ଯାଇଥାନ୍ତି। ପରୋକ୍ଷରେ ପୋଷ୍ୟପୁତ୍ରର ଆନୁଗତ୍ୟ ପ୍ରତି ସନ୍ଦେହ ପ୍ରକାଶ ପାଇବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

### କାଦୁଅରେ ପଶିବ କାହିଁକି, ଗୋଡ଼ ଧୋଇବ କାହିଁକି ?

କାଦୁଅରେ ପଶିଲେ ଗୋଡ଼ ଅସନା ବା ମଇଳା ହୋଇଯାଏ। ଫଳରେ ଗୋଡ଼ ଧୋଇବାକୁ ପଡ଼ିଥାଏ। ପରୋକ୍ଷରେ ପର ଅଡୁଆ ଭିତରେ ପଶିଲେ ବେଳେ ବେଳେ ସେଥିରେ ଛନ୍ଦି ହୋଇଯିବାର ଭୟ ବା ଆଶଙ୍କା ରହିଥାଏ। ତେଣୁ ଅନ୍ୟ କଥାରେ ଅଯଥା ମୁଣ୍ଡ ନ ପୂରେଇବା ବା ନ ଖେଳେଇବା ଉଚିତ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ଏନ୍‌ପିଏ ୫.୫ ଲକ୍ଷ କୋଟି ଟଙ୍କା ବଢ଼ିବ

**ମୁମ୍ବାଇ,୨୬।୫:** ବର୍ତ୍ତମାନ ଅର୍ଥ ବ୍ୟବସ୍ଥାର ଗତି ଧୀମା ହୋଇଥିବା ବେଳେ ବ୍ୟାଙ୍କଗୁଡ଼ିକରେ ଅନାଦାୟ ପରିସମ୍ପତ୍ତି(ଏନ୍‌ପିଏ) ବଢ଼ିବାର ଆଶଙ୍କା କରାଯାଇଛି। କରୋନା ପାଇଁ ଚଳିତ ଆର୍ଥିକ ବର୍ଷରେ ଏନ୍‌ପିଏ ୫.୫ ଲକ୍ଷ କୋଟି ଟଙ୍କା ବଢ଼ିବ ବୋଲି ଏକ ରିପୋର୍ଟରେ ପ୍ରକାଶ ପାଇଛି। କର୍ପୋରେଟ ସେକ୍ଟରରେ ୩.୪ ଲକ୍ଷ କୋଟି ଟଙ୍କା ଏବଂ ଅଣ କର୍ପୋରେଟ ସେକ୍ଟରଗୁଡ଼ିକରେ ୨.୧ ଲକ୍ଷ କୋଟି ଟଙ୍କା ଏନ୍‌ପିଏ ବଢ଼ିବା ନେଇ ଇଣ୍ଡିଆ ରେଟିଂ ଆଣ୍ଡ ରିସର୍ଚ୍ଚ ପକ୍ଷରୁ ଆକଳନ କରାଯାଇଛି। କୋଭିଡ୍ ଯୋଗୁ ବର୍ତ୍ତମାନ ଚାହିଦା ଏବଂ ଯୋଗାଣ ବାଧାପ୍ରାପ୍ତ ହୋଇଛି। କମ୍ପାନୀଗୁଡିକର ରାଜସ୍ୱ ମଧ୍ୟ କ୍ଷତିଗ୍ରସ୍ତ ହୋଇଛି। କର୍ପୋରେଟ ଋଣ ବାଦ୍ ଅଣ କର୍ପୋରେଟ ସେଗ୍‌ମେଣ୍ଟରେ କୃଷି, ରିଟେଲ ଏବଂ ଏମ୍‌ଏସ୍‌ଏମ୍‌ଇ ଋଣ ସାମିଲ ରହିଛି। କମ୍ପାନୀଗୁଡ଼ିକର କାରବାରରେ ପ୍ରଭାବ ଆସିଥିବାରୁ ଋଣ ପଇଠ କ୍ଷେତ୍ରରେ ଏହାର ପ୍ରଭାବ ରହିବ। କୋଭିଡ୍‌ର ପ୍ରଭାବ ବଜାର ଉପରେ ଦୀର୍ଘମିଆଦୀ ଭାବେ ରହିବ ବୋଲି ବିଶେଷଜ୍ଞମାନେ କହିଛନ୍ତି। କାରଣ ଯୋଗାଣ ଚେନ୍ ପ୍ରଭାବିତ ରହିଥିବା ବେଳେ ଚାହିଦା ନ ଥିବାରୁ କମ୍ପାନୀଗୁଡିକ ବର୍ତ୍ତମାନ ଟ୍ରାକ୍‌କୁ ଆସି ପାରିନାହାନ୍ତି। କମ୍ପାନୀଗୁଡିକୁ ପ୍ରଦାନ କରାଯାଇଥିବା ଋଣକୁ ବ୍ୟବସ୍ଥିତ କରିବା ଦିଗରେ ବ୍ୟାଙ୍କଗୁଡିକ ସମସ୍ୟା ସାମ୍ନା କରୁଛନ୍ତି। ଏପଟେ ବଜାର ସ୍ଥିତି ଠିକ୍ ନ ରହିବା ଯୋଗୁ କମ୍ପାନୀଗୁଡିକ ଉପରେ ଚାପ ପଡୁଛି। ଅନ୍ୟପକ୍ଷରେ ବ୍ୟାଙ୍କ ଉପରେ ଚାପ ରହିଲେ ଏହା ଋଣ ପ୍ରଦାନକୁ ମଧ୍ୟ ପ୍ରଭାବିତ କରିବ। ୨୦୨୦-୨୧ରେ ବ୍ୟାଙ୍କଗୁଡିକ ପ୍ରାୟ ୩୦ରୁ ୫୦ ହଜାର କୋଟି ଟଙ୍କା ପୁଞ୍ଜି ଆବଶ୍ୟକ କରିବେ ବୋଲି ରିପୋର୍ଟରେ ପ୍ରକାଶ ପାଇଛି।

# ରାୟଗଡ଼ାକୁ ଛାଡ଼ି ସବୁ ଜିଲାରେ କରୋନା

- ପୁଣି ୭୯ ନୂଆ ପଜିଟିଭ୍ ଚିହ୍ନଟ
- ହଜାରେ ଟପିଲା ଯୁବ ଆକ୍ରାନ୍ତଙ୍କ ସଂଖ୍ୟା
- ସୁସ୍ଥ ହେଲେ ଆଉ ୮୪

**ଭୁବନେଶ୍ୱର, ୨୬।୫(ବ୍ୟୁରୋ):** ରାୟଗଡ଼ା ଜିଲାକୁ ଛାଡ଼ି ରାଜ୍ୟର ଅନ୍ୟ ସମସ୍ତ ଜିଲାରେ କରେନା ପ୍ରବେଶ କରିସାରିଛି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ମିଳିଥିବା ଶେଷ ୨୪ଘଣ୍ଟାର ରିପୋର୍ଟରେ ରାଜ୍ୟରେ ଆଉ ୭୯ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏଥିମଧ୍ୟରୁ କ୍ୱାରାଣ୍ଟାଇନ ସେଣ୍ଟରରୁ ୭୧ ଓ ୮ ଲୋକାଲ କେସ୍ ରହିଛି। କଟକରେ ସର୍ବାଧିକ ୧୬ଜଣ ଚିହ୍ନଟ ହୋଇଥିବାବେଳେ ବଲାଙ୍ଗୀର ୧୪, କେନ୍ଦୁଝର ୮, କନ୍ଧମାଳ ୭, କେନ୍ଦ୍ରାପଡ଼ା ୬, ଗଞ୍ଜାମ ୫, ବାଲେଶ୍ୱର, ଖୋର୍ଦ୍ଧା ଓ ପୁରୀରେ ୪ ଲେଖାଏ, ନୟାଗଡ଼ ଓ ଢେଙ୍କାନାଳ ୩ ଲେଖାଏ, ଯାଜପୁର ୨, ଅନୁଗୋଳ, ଝାରସୁଗୁଡ଼ା ଓ ସୋନପୁରରେ ଜଣେ ଲେଖାଏ ରହିଛନ୍ତି। ଫଳରେ ଏବେ ରାଜ୍ୟରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୧୫୧୭କୁ ବୃଦ୍ଧି ପାଇଛି। ୧୯୭ଜଣ ମହିଳା ଥିବାବେଳେ ୧୩୨୦ଜଣ ପୁରୁଷ ରହିଛନ୍ତି। ତେବେ ରାଜ୍ୟରେ ଏବେ ୧ ହଜାର ଟପିଯାଇଛି ଯୁବ ଆକ୍ରାନ୍ତଙ୍କ ସଂଖ୍ୟା। ମୋଟ ସଂକ୍ରମିତଙ୍କ ମଧ୍ୟରେ ୧୫ରୁ ୪୦ବର୍ଷ ବୟସ ମଧ୍ୟରେ ସର୍ବାଧିକ ୧୦୦୧ଜଣ ରହିଛନ୍ତି। ସେହିପରି ଶୂନରୁ ୧୪ବର୍ଷ ମଧ୍ୟରେ ୪୮ଜଣ, ୪୧ରୁ ୬୦ବର୍ଷ ମଧ୍ୟରେ ୩୯୮ଜଣ ଓ ୬୦ ବର୍ଷରୁ ଉର୍ଦ୍ଧ୍ୱ ୭୦ଜଣ ରହିଛନ୍ତି।

ସେପଟେ ଗୋଟିଏ ଦିନରେ ସୁସ୍ଥ ହୋଇଛନ୍ତି ୮୪ଜଣ ଆକ୍ରାନ୍ତ। ଏମାନଙ୍କ ମଧ୍ୟରେ ଗଞ୍ଜାମରେ ୨୪ଜଣ ଥିବାବେଳେ ଯାଜପୁରରେ ୧୮, ବାଲେଶ୍ୱର ୧୧, କଟକ ୭, ଭଦ୍ରକ ୬, କେନ୍ଦ୍ରାପଡ଼ା ୫, ଖୋର୍ଦ୍ଧା ୪, ପୁରୀ ୪, ନୟାଗଡ଼ ୨, ମୟୂରଭଞ୍ଜ ୨ ଓ ସୁନ୍ଦରଗଡ଼ରୁ ଜଣେ ରହିଛନ୍ତି। ଏମାନେ ହସ୍ପିଟାଲରୁ ଡିସ୍‌ଚାର୍ଜ ହୋଇ ଘରକୁ ଫେରିଛନ୍ତି। ଫଳରେ ରାଜ୍ୟରେ ଏବେ ମୋଟ ସୁସ୍ଥ ରୋଗୀଙ୍କ ସଂଖ୍ୟା ୭୩୩ରେ ପହଞ୍ଚିଛି ବୋଲି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ କୁହାଯାଇଛି। ବର୍ତ୍ତମାନ ରାଜ୍ୟରେ ୭୭୭ଜଣ ସକ୍ରିୟ ରୋଗୀ ଥିବାବେଳେ ୭ଜଣଙ୍କ ମୃତ୍ୟୁ ଘଟିଛି। ୧୦୭୯ଜଣ ସନ୍ଦିଗ୍ଧ ହସ୍ପିଟାଲ ଆଇସୋଲେଶନରେ ରହିଛନ୍ତି।

# ଅମ୍ଫାନ୍ ବାତ୍ୟା କ୍ଷତିପୂରଣ ଦାବି



**କେନ୍ଦ୍ରାପଡ଼ା ଅଫିସ, ୨୬।୫:** ଗତ ୧୯ ଓ ୨୦ ତାରିଖରେ ସାମୁଦ୍ରିକ ଝଡ ଅମ୍ଫାନ୍ ଜିଲାର ସମସ୍ତ ରବି ଫସଲକୁ ନଷ୍ଟ କରିଦେଇଛି। କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତିପୂରଣ ଦାବି କରି ଓଡିଶା ଜନସେବା ସଂଗଠନ ପକ୍ଷରୁ ଜିଲାପାଳଙ୍କୁ ମଙ୍ଗଳବାର ଦାବିପତ୍ର ଦିଆଯାଇଛି। ସଂଗଠନ ରାଜ୍ୟ ସଭାପତି ଶୋଭନ ଆଚାର୍ଯ୍ୟ କହିଛନ୍ତି, ଜିଲାର ଅର୍ଥନୀତି କୃଷି ଉପରେ ନିର୍ଭରଶୀଳ। ସାମୁଦ୍ରିକ ଝଡରେ ରବି ଫସଲ ନଷ୍ଟ ହେବା ପରେ ଚାଷୀଙ୍କ ଆର୍ଥିକ ମେରୁଦଣ୍ଡ ଭାଙ୍ଗିଯାଇଛି। ସରକାରୀ ପ୍ରୋତ୍ସାହନ ଯୋଗାଇ ଦିଆ ନ ଗଲେ ଜିଲାର ଅର୍ଥନୀତି ଉପରେ ପ୍ରଭାବ ପକାଇବ। ଦାବିପତ୍ର ପ୍ରଦାନ ସମୟରେ ସଂଗଠନ କାର୍ଯ୍ୟକର୍ତ୍ତା ବିକାଶ ଚନ୍ଦ୍ର ସ୍ୱାଇଁ, କେଶବ ଚନ୍ଦ୍ର ମିଶ୍ର, ରଶ୍ମିରଞ୍ଜନ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ଏ ସମ୍ପର୍କରେ ଜିଲାପାଳ ସମର୍ଥ ବର୍ମା କହିଛନ୍ତି, ଅମ୍ଫାନ୍ ଝଡର କ୍ଷତି ସମ୍ପର୍କରେ ଜିଲା କୃଷି ଓ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ତଦନ୍ତ ସରିଛି। ଆଗାମୀ ଦିନରେ କ୍ଷତିପୂରଣ ରାଶି ଯୋଗାଇଦେବା ପାଇଁ ରାଜ୍ୟ ସରକାର ପ୍ରସ୍ତୁତିରେ ଅଛନ୍ତି।

## ଯୁକ୍ତ୩, ପିଜି...

ମଙ୍ଗଳବାର ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନରେ ରାଜ୍ୟର ସମସ୍ତ ବିଶ୍ୱବିଦ୍ୟାଳୟ କୁଳପତିଙ୍କ ସହିତ ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ବୈଠକ ଅନୁଷ୍ଠିତ ହୋଇଥିଲା। କୋଭିଡ-୧୯ ପରିସ୍ଥିତିରେ ବିଶ୍ୱବିଦ୍ୟାଳୟର ବିଭିନ୍ନ ପରୀକ୍ଷା ପରିଚାଳନା, ଫଳ ପ୍ରକାଶନ, ନାମଲେଖା ଓ ଶିକ୍ଷାଦାନ ସମ୍ପର୍କରେ ଆଲୋଚନା ହୋଇଥିଲା। ଲକ୍‌ଡାଉନ ଯୋଗୁ ପରୀକ୍ଷା ଓ ପାଠପଢ଼ାରେ ସମସ୍ୟା ଉପୁଜିଥିବାରୁ ରାଜ୍ୟ ସରକାର ଏଥର ଯୁକ୍ତ୩ ଓ ପିଜି ସେମିଷ୍ଟର ପରୀକ୍ଷାକୁ ବାତିଲ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଏଥିସହିତ ପ୍ରଥମଥର ପାଇଁ ଉଭୟ ଯୁକ୍ତ୩ ଓ ପିଜି ପାଠ୍ୟକ୍ରମର ୨୫ ପ୍ରତିଶତ ପାଠପଢ଼ା ଛାତ୍ରୀଛାତ୍ରଙ୍କ ଦ୍ୱାରା ସ୍ୱୟଂ ଅଧ୍ୟୟନ ବା ଗାଇଡେଡ୍ ସେଲ୍‌ଫ ଷ୍ଟଡି ମାଧ୍ୟମରେ କରାଯିବ। ଅନ୍‌ଲାଇନ୍, ଅଫ୍‌ଲାଇନ୍ ଏବଂ ପାଠ୍ୟପୁସ୍ତକ ମାଧ୍ୟମରେ ଉନ୍ନତ ଷ୍ଟଡି ମାଟେରିଆଲ୍ ଛାତ୍ରୀଛାତ୍ରଙ୍କୁ ଯୋଗାଇ ଦିଆଯିବ। ଛାତ୍ରୀଛାତ୍ରମାନେ ନିଜେ ପଢ଼ିବା ସହ ଟ୍ୟୁଟୋରିଆଲ୍ କ୍ଲାସ୍‌ରେ ଅଧ୍ୟାପକଙ୍କଠାରୁ ଅବୁଝା ପାଠ ସମ୍ପର୍କରେ ପଚାରି ବୁଝିବେ। ଏହାଦ୍ୱାରା ଛାତ୍ରୀଛାତ୍ରଙ୍କ ଜିଜ୍ଞାସା ବଢ଼ିବା ସହିତ ସମାଲୋଚନାତ୍ମକ ଚିନ୍ତାଶକ୍ତି, ଅନୁଶୀଳନ ଦକ୍ଷତା ଏବଂ ଆତ୍ମନିର୍ଭରଶୀଳତା ବୃଦ୍ଧି ପାଇବ। ଏହା ଏକ ଯୁଗାନ୍ତକାରୀ ପଦକ୍ଷେପ ସାବ୍ୟସ୍ତ ହେବ ବୋଲି ମନ୍ତ୍ରୀ କହିଛନ୍ତି। ତେବେ ମେ' ୬ରେ ଅନୁଷ୍ଠିତ କୁଳପତି ବୈଠକରେ ନିଆଯାଇଥିବା ନିଷ୍ପତ୍ତି ଅନୁଯାୟୀ ଫାଇନାଲ ପରୀକ୍ଷା ଅର୍ଥାତ୍ ଯୁକ୍ତ୩ର ୬ଷ୍ଠ ସେମିଷ୍ଟର ଓ ପିଜିର ଚତୁର୍ଥ ସେମିଷ୍ଟର ପରୀକ୍ଷା ନିର୍ଦ୍ଧାରିତ ସମୟ ଅନୁସାରେ ହେବ। ଯୁକ୍ତ୩ର ଫାଇନାଲ ପରୀକ୍ଷା ଜୁନ୍ ୨୦ ପରେ ଆରମ୍ଭ ହୋଇ ଜୁଲାଇ ୨୪ ସୁଦ୍ଧା ସରିବ ଓ ପରୀକ୍ଷା ଫଳ ଅଗଷ୍ଟ ୩୧ ସୁଦ୍ଧା ପ୍ରକାଶ ପାଇବ। ସେହିପରି ପିଜି ଫାଇନାଲ ପରୀକ୍ଷା ଅଗଷ୍ଟ ୨୦ ସୁଦ୍ଧା ସରି ସେପ୍ଟେମ୍ବର ୨୦ ମଧ୍ୟରେ ଫଳ ପ୍ରକାଶ ପାଇବ ବୋଲି ମନ୍ତ୍ରୀ ସାହୁ ସୂଚନା ଦେଇଛନ୍ତି।

ବୈଠକରେ ଉଚ୍ଚଶିକ୍ଷା ବିଭାଗ କମିଶନର ତଥା ଶାସନ ସଚିବ ଶାଶ୍ୱତ ମିଶ୍ର, ଉଚ୍ଚଶିକ୍ଷା ପରିଷଦ ଉପାଧ୍ୟକ୍ଷ ପ୍ରଫେସର ଅଶୋକ ଦାସଙ୍କ ସମେତ ଉତ୍କଳ ବିଶ୍ୱବିଦ୍ୟାଳୟ, ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ, ଖଲିକୋଟ ବିଶ୍ୱବିଦ୍ୟାଳୟ ଏବଂ ଓଡ଼ିଶା ମୁକ୍ତ ବିଶ୍ୱବିଦ୍ୟାଳୟ କୁଳପତି ଓ ବିଭାଗୀୟ ଅଧିକାରୀ ଲୋକସେବା ଭବନରେ ଉପସ୍ଥିତ ଥିବାବେଳେ ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ଅନ୍ୟ ବିଶ୍ୱବିଦ୍ୟାଳୟର କୁଳପତିମାନେ ଯୋଗଦେଇଥିଲେ।

## ଡାକ୍ତର, ସ୍ତ୍ରୀ...

ଓ ସେ ସିଟି ହସ୍ପିଟାଲରେ ଶିଶୁରୋଗ ବିଶେଷଜ୍ଞ ଭାବେ କାମ କରନ୍ତି। କିଛିଦିନ ତଳେ ସେ ନିଜ ସ୍ତ୍ରୀଙ୍କୁ ଆଣିବା ପାଇଁ କେନ୍ଦ୍ରାପଡ଼ା ଯାଇଥିଲେ। ପରେ ତାଙ୍କଠାରେ କରୋନା ଲକ୍ଷଣ ଦେଖାଯିବା ଯୋଗୁ ଗତ ୧୯ ତାରିଖରୁ ସେ ଆଉ ଡାକ୍ତରଖାନା ଆସୁ ନ ଥିଲେ। ଗତ ରବିବାର ଡାକ୍ତର ଓ ତାଙ୍କ ସ୍ତ୍ରୀଙ୍କ ସ୍ୱାବ୍ ପରୀକ୍ଷା ପାଇଁ ପଠାଯାଇଥିଲା। ରିପୋର୍ଟ ପଜିଟିଭ୍ ଆସିବା ପରେ ଉଭୟ ମଙ୍ଗଳବାର କଟକର ଅଶ୍ୱିନୀ କୋଭିଡ୍ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ଏ ସମ୍ପର୍କରେ ନିଶ୍ଚିତ ହେବା ପାଇଁ ମଙ୍ଗଳବାର ପୁଣିଥରେ ସେମାନଙ୍କ ସ୍ୱାବ୍ ପରୀକ୍ଷା ପାଇଁ ପଠାଯାଇଛି। ଡାକ୍ତର ଜଣକ ଚିକିତ୍ସା କରୁଥିବା ବେଳେ କେହି ରୋଗୀ କିମ୍ବା ସେମାନଙ୍କ ସମ୍ପର୍କୀୟଙ୍କ ଦ୍ୱାରା ସଂକ୍ରମଣର ଶିକାର ହୋଇଥିବା ସନ୍ଦେହ କରାଯାଉଛି। ଉଲ୍ଲେଖଯୋଗ୍ୟ, ଗତ ୨୨ ତାରିଖରେ ଏସ୍‌ସିବିରେ ଜଣେ ପ୍ରସୂତି କରୋନା ପଜିଟିଭ ଚିହ୍ନଟ ହୋଇଥିଲେ। ତାଙ୍କ ସଂସ୍ପର୍ଶରେ ଆସିଥିବା ୨୧ ଜଣ ଡାକ୍ତର, ନର୍ସ ଓ ଅନ୍ୟ କର୍ମଚାରୀଙ୍କ ସ୍ୱାବ୍ ପରୀକ୍ଷା କରାଯାଇଥିଲା। ସମସ୍ତଙ୍କ ରିପୋର୍ଟ ନେଗେଟିଭ ଆସିଥିଲା।

## ପଙ୍ଗପାଳ...

ଖୋଳାଇଛି। ପଙ୍ଗପାଳ ପ୍ରଥମେ ରାଜସ୍ଥାନରେ ବ୍ୟାପକ ଫସଲ ନଷ୍ଟ କରିବା ପରେ ଏବେ ମଧ୍ୟପ୍ରଦେଶରେ ପହଞ୍ଚିସାରିଛି। ପନ୍ନା, ଆଗର ଓ ନୀମଚ ଭଳି ମଧ୍ୟପ୍ରଦେଶର ଅନେକ ଅଞ୍ଚଳରେ ଏହାର ପ୍ରାଦୁର୍ଭାବ ଦେଖିବାକୁ ମିଳୁଛି। ମହାରାଷ୍ଟ୍ରର ନାଗପୁରରେ ମଧ୍ୟ ପଙ୍ଗପାଳ କାୟା ବିସ୍ତାର କରିସାରିଲାଣି। ରବି ଫସଲ କଟାସରିଛି। କିନ୍ତୁ ବାଜରା ଫସଲ ଓ ଗଛଲତା ଉପରେ ଏବେ ଏହାର ଆକ୍ରମଣ ଜାରି ରହିଛି। ଏଥିଯୋଗୁ ଅନେକ ଗଛର ପତ୍ର ମଧ୍ୟ ଦେଖିବାକୁ ମିଳୁନାହିଁ। ଘରଦ୍ୱାର କାନ୍ଥବାଡ଼ ଯେଉଁଆଡ଼କୁ ଚାହିଁଲେ କେବଳ ପଙ୍ଗପାଳ ଦେଖିବାକୁ ମିଳୁଛନ୍ତି। ଫସଲ ଗଛଲତା ଖାଇଯିବା ସହ ଏମାନେ ଲୋକଙ୍କ ବଞ୍ଚିବା ମୁସ୍କିଲ କରିଦେଲେଣି। ଏଥିଯୋଗୁ ରାଜସ୍ଥାନରୁ ନେଇ ମଧ୍ୟପ୍ରଦେଶ ପର୍ଯ୍ୟନ୍ତ ଚାଷୀମାନେ କ୍ଷତିପୂରଣ ଦାବି କରୁଛନ୍ତି। ବିଗତ କିଛି ବର୍ଷ ଧରି ଏହି କୀଟ ରାଜସ୍ଥାନରେ ହଜାର ହଜାର ଏକର ଫସଲ ନଷ୍ଟ କରିବାରେ ଲାଗିଛନ୍ତି। ଏମାନଙ୍କୁ ଘଉଡ଼ାଇବା ପାଇଁ କୃଷକମାନେ କୀଟନାଶକ ପ୍ରୟୋଗ କରୁଛନ୍ତି। ଥାଳି, ହର୍ନ ଓ ଅନ୍ୟ ବାଦ୍ୟଯନ୍ତ୍ର ବଜାଉଛନ୍ତି। କିନ୍ତୁ ଏଥିରୁ କିଛି ସୁଫଳ ମିଳୁନାହିଁ। ୨୦୧୯ରେ ଭାରତୀୟ ମହାସାଗରରେ ଉଠିଥିବା ବଡ଼ ବଡ଼ ସାମୁଦ୍ରିକ ଝଡ଼ ଯୋଗୁ ଏତେମାତ୍ରାରେ ପଙ୍ଗପାଳ ବଂଶବିସ୍ତାର କରିଥିବା ବୈଜ୍ଞାନିକମାନେ କହିଛନ୍ତି।

ରାଜସ୍ଥାନର ୨୧ ଜିଲା ପ୍ରଭାବିତ ହୋଇଥିବାବେଳେ ୫୧ ହଜାର ହେକ୍ଟରରୁ ଅଧିକ ଚାଷଜମିରେ ଗହମ ଫସଲ ନଷ୍ଟ ହୋଇସାରିଲାଣି। ସେହିପରି ଗୁଜରାଟ ଓ ପଞ୍ଜାବ ସରକାର ପଙ୍ଗପାଳ ଆକ୍ରମଣକୁ ନେଇ ଚାଷୀଙ୍କୁ ସତର୍କ କରାଇଛନ୍ତି। ଭାରତରେ ଏହା ହେଉଛି ପଙ୍ଗପାଳର ଦ୍ୱିତୀୟ ପର୍ଯ୍ୟାୟ ଆକ୍ରମଣ। ଗତ ଡିସେମ୍ବରରୁ ଫେବୃୟାରୀ ମଧ୍ୟରେ ପ୍ରଥମ ଆକ୍ରମଣ ହୋଇଥିଲା। ସେତେବେଳେ କେବଳ ଗୁଜରାଟରେ ୨୫,୦୦୦ ହେକ୍ଟର ଜମିର ଫସଲ ନଷ୍ଟ ହୋଇଯାଇଥିଲା। ଚଳିତ ଥର ଏହି ଆକ୍ରମଣ ଆହୁରି ଘାତକ ହୋଇଛି। ଏସବୁକୁ ଦୃଷ୍ଟିରେ ରଖି ଜାତିସଂଘର ଖାଦ୍ୟ ଓ କୃଷି ସଙ୍ଗଠନ କହିଛି, ପଙ୍ଗପାଳ ଯୋଗୁ ଭାରତ-ପାକିସ୍ତାନ ସୀମାର ଉଭୟ ପାର୍ଶ୍ୱରେ ବିପଦ ବଢ଼ିଯାଇଛି। କେବଳ ଭାରତ କି ପାକିସ୍ତାନ ନୁହେଁ, ଏହାର ପ୍ରଭାବରେ ୧୨ଟି ଦେଶରେ ବ୍ୟାପକ ଫସଲ ନଷ୍ଟ ହୋଇଛି।

### ବିଧ୍ୱଂସକ କୀଟ...

- ଗତବର୍ଷ ପାକିସ୍ତାନରେ ପଙ୍ଗପାଳ ଯୋଗୁ ହୋଇଥିବା କ୍ଷତିକୁ ୧୯୯୩ ପରଠୁ ସର୍ବାଧିକ ବୋଲି କୁହାଯାଉଛି। ୨୦୧୯ ଜୁନରେ ଇରାନରୁ ଆସିଥିବା ପଙ୍ଗପାଳ ପାକିସ୍ତାନରେ ପହଞ୍ଚି କପା, ଗହମ, ମକା ଓ ଅନ୍ୟ ଫସଲ ସବୁ ଖାଇଯାଇଥିଲେ। ନଭେମ୍ବରରେ ଏହି ସମସ୍ୟାର ସମାଧାନ ହୋଇଯିବ ବୋଲି ପ୍ରଥମେ ମନେକରାଯାଉଥିଲା। କିନ୍ତୁ ପଙ୍ଗପାଳଙ୍କୁ ସୁହାଇଲା ଭଳି ପାଣିପାଗ ଯୋଗୁ ସେମାନେ ତିଷ୍ଠି ରହିଲେ ଓ ବଂଶ ବିସ୍ତାର କଲେ।
- ପଙ୍ଗପାଳ ଭାରତୀୟ ମହାସାଗରରେ ବୁଲିବା ପରେ ଚଳିତମାସରେ ପାକିସ୍ତାନର ଦକ୍ଷିଣାଞ୍ଚଳ, ଇରାନ ଓ ଭାରତର ଅନେକ ରାଜ୍ୟକୁ ମାଡ଼ିଆସିଛନ୍ତି। ଉତ୍ତରପ୍ରଦେଶ, ରାଜସ୍ଥାନ, ମଧ୍ୟପ୍ରଦେଶ, ଗୁଜରାଟ, ହରିୟାଣା, ପଞ୍ଜାବ ଓ ମହାରାଷ୍ଟ୍ର ଏମାନଙ୍କ ଯୋଗୁ ସର୍ବାଧିକ କ୍ଷତିଗ୍ରସ୍ତ ହୋଇଛନ୍ତି।
- ପଙ୍ଗପାଳ ସମସ୍ୟା ସହ ଜୁଝୁଥିବା ଆଫ୍ରିକୀୟ ଓ ମଧ୍ୟପ୍ରାଚ୍ୟ ଦେଶଗୁଡ଼ିକୁ ସହାୟତା ଦେବା ପାଇଁ ବିଶ୍ୱବ୍ୟାଙ୍କ ପକ୍ଷରୁ ୫୦୦ ନିୟୁତ ଡଲାରର ଏକ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି।

# ପଙ୍ଗପାଳ ଦାଉରୁ ରକ୍ଷା ପାଇଁ କୃଷି ପରାମର୍ଶ

**ଭୁବନେଶ୍ୱର, ୨୬।୫(ବ୍ୟୁରୋ):** ଫସଲ ପାଇଁ ବଡ଼ ଶତ୍ରୁ ହେଉଛନ୍ତି ପଙ୍ଗପାଳ କୀଟ। ବର୍ତ୍ତମାନ ପଙ୍ଗପାଳ ଦଳ ରାଜସ୍ଥାନ ଅତିକ୍ରମ କରି ମଧ୍ୟପ୍ରଦେଶରେ ପହଞ୍ଚି ଗଲେଣି। ଓଡ଼ିଶା ମାଡ଼ି ଆସିବାର ମଧ୍ୟ ସମ୍ଭାବନା ରହିଛି। ଏମାନଙ୍କ ଆକ୍ରମଣରୁ ଫସଲକୁ ସୁରକ୍ଷା ଦେବା ପାଇଁ ମଙ୍ଗଳବାର କୃଷି ଓ ଖାଦ୍ୟ ନିର୍ଦ୍ଦେଶାଳୟ ଏବଂ ଓୟୁଏଟିର ସମ୍ପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ କୃଷି ପରାମର୍ଶ ଦିଆଯାଇଛି। ଆମର ସୀମାବର୍ତ୍ତୀ ରାଜ୍ୟରେ ପଙ୍ଗପାଳ ଦଳ ପହଞ୍ଚିଲେ ଆମ କ୍ଷେତରେ ଥିବା ଫସଲ ଉପରେ ପ୍ରତିଷେଧକ ବ୍ୟବସ୍ଥା ହିସାବରେ ୫ ପ୍ରତିଶତ ନିମ୍ବମଞ୍ଜି ଉଦ୍ଧୃତାଂଶ (ଏନ୍‌ଏସ୍‌କେଇ)ର ଦ୍ରବଣକୁ ଏକର ପ୍ରତି ୨୦୦ ଲିଟର ହିସାବରେ ଉପରବେଳା ସିଞ୍ଚନ କରିବାକୁ କୁହାଯାଇଛି। ନଚେତ୍ ଏହା ବଦଳରେ ବଜାରରେ ମିଳୁଥିବା ୩୦୦ ପିପିଏମ୍‌ର ନିମ୍ବ ଆଧାରିତ କୀଟବିଷକୁ ଏକର ପ୍ରତି ଏକ ଲିଟର ହିସାବରେ ୨୦୦ ଲିଟର ପାଣି ସହିତ ମିଶାଇ ମଧ୍ୟ ଉପରବେଳା ସିଞ୍ଚନ କରାଯାଇପାରେ। ସେହିପରି ପଙ୍ଗପାଳ ଦଳ ଫସଲ କିଆରିରେ ପହଞ୍ଚି ଯାଇଥିଲେ, ସେଗୁଡ଼ିକୁ ବିଭିନ୍ନ ଉପାୟରେ ଯଥା ଟିଣ ବାଡ଼େଇ, କଣ୍ଟାଯୁକ୍ତ ଡାଳରେ ପିଟି ଘଉଡ଼ାଇବାର ବ୍ୟବସ୍ଥା କରନ୍ତୁ। ସନ୍ଧ୍ୟା ସମୟରେ ପଙ୍ଗପାଳ ବସିଥିବା ବଡ଼ ବଡ଼ ଗଛ ତଳେ ପଲିଥିନ୍ ଜରି ବିଛାଇ ଡାଳଗୁଡ଼ିକୁ ହଲାଇଦେଲେ, ସେମାନେ ଜରି ଉପରେ ଗଳିପଡ଼ିବେ। ସେଗୁଡ଼ିକୁ ସଂଗ୍ରହ କରି କିରୋସିନ ମିଶ୍ରିତ ପାଣିରେ ବୁଡ଼ାଇ ମାରି ଦିଅନ୍ତୁ। ଏତଦ୍ ବ୍ୟତୀତ କୀଟମାନଙ୍କ ଦ୍ୱାରା ଆକ୍ରାନ୍ତ ଫସଲ ଉପରେ ଉପରୋକ୍ତ ନିମ୍ବ ଆଧାରିତ କୀଟନାଶକ ସିଞ୍ଚନ କରନ୍ତୁ କିମ୍ବା ଏକର ପ୍ରତି ୪୦୦ ମିଲି ପ୍ରୋଫେନୋଫସ୍ ୫୦ ଇସିକୁ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରିବା ପାଇଁ ପରାମର୍ଶ ଦିଆଯାଇଛି। ଅଧିକ କିଛି ଜାଣିବା ପାଇଁ ନିକଟସ୍ଥ କୃଷି ବିଜ୍ଞାନ କେନ୍ଦ୍ର ଓ କୃଷି ସମ୍ପ୍ରସାରଣ ଅଧିକାରୀଙ୍କ ସହିତ ଯୋଗାଯୋଗ କରିବା ପାଇଁ ନିର୍ଦ୍ଦେଶାଳୟ ପକ୍ଷରୁ କୁହାଯାଇଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜି ଆପଣ ସମାଜକଲ୍ୟାଣ କାର୍ଯ୍ୟରେ, ଆନୁଷ୍ଠାନିକକ୍ଷେତ୍ରରେ, ସଭାସମିତିରେ ସାମିଲ ହେଲେ ସମ୍ମାନିତ ହେବେ। ଦୂରସ୍ଥ ସନ୍ତାନଙ୍କ ପାଇଁ ମନ ଉଦ୍‌ବେଗ ରହିବ ଫଳରେ ମାନସିକ ଅସ୍ଥିରତା ଭିତରେ ଚଳିବାକୁ ବାଧ ହେବେ। ପ୍ରଶାସନିକ ସ୍ତରରେ କେତେକ ସମସ୍ୟାକୁ କେନ୍ଦ୍ର କରି ଅନ୍ତର୍ଦ୍ୱନ୍ଦ୍ୱ ସୃଷ୍ଟି ହୋଇପାରେ।

**ବୃଷ** ମତାନ୍ତରଜନିତ କର୍ମ କ୍ଷେତ୍ରରେ ସହକର୍ମୀଙ୍କ ସହ ସାମାନ୍ୟ ତିକ୍ତତା ସୃଷ୍ଟି ହୋଇପାରେ। ଆଜି ଜଣେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ ଲାଭ କରିପାରନ୍ତି, ଯଦ୍ଦ୍ୱାରା କି ନିଜର ଅସୁବିଧା ଜଣାଇ ସାହାଯ୍ୟ ଭିକ୍ଷା କରିବେ। ପରିବହନ, ପ୍ରଶାସନ ଓ ପ୍ରକାଶନ, ଯୋଗାଯୋଗ କାମ ସାମାନ୍ୟ ବ୍ୟତିକ୍ରମ ମଧ୍ୟରେ ସମ୍ପନ୍ନ ହେବ।

**ମିଥୁନ** ବହୁତ ଦିନରୁ ମନରେ ଚିନ୍ତା କରିଥିବା କାମଟିକୁ ଆଜି ସମ୍ପନ୍ନ କରିବେ। ସାଧାରଣ ଯୁକ୍ତିତର୍କ ହେତୁ ବନ୍ଧୁଙ୍କ ସହ ସୁସମ୍ପର୍କ ବ୍ୟାହତ ହୋଇପାରେ। ବ୍ୟବସାୟ, ପ୍ରଶାସନ, ସାମ୍ବାଦିକତା, କଳା, ସାହିତ୍ୟ ଚର୍ଚ୍ଚା, ସଙ୍ଗୀତ ଆସରରେ ନିଜକୁ ହଜାଇ ଦେଇପାରନ୍ତି। ରାଜନୈତିକ ତତ୍ପରତା ପରିବେଶକୁ ସରଗରମ କରିପାରେ।

**କର୍କଟ** ସୌହାର୍ଦ୍ଦ୍ୟତା ମଧ୍ୟରେ ଶୁଭକାର୍ଯ୍ୟ ସମ୍ପନ୍ନ କରିବେ। ଦେବଦର୍ଶନ ଓ ଭ୍ରମଣ ସାଙ୍ଗକୁ କୌଣସି ନୂତନ ଜିନିଷ କିଣିବାକୁ ମନ ବଳାଇପାରନ୍ତି। ଭାଇଙ୍କ ପାରିବାରିକ ସମସ୍ୟା କିମ୍ବା ଅଭାବ ଅସୁବିଧାକୁ କେନ୍ଦ୍ରକରି ମନ ସାମୟିକ ଅଶାନ୍ତ ରହିପାରେ। କର୍ମକ୍ଷେତ୍ରରେ ବନ୍ଧୁ ସୁବିଧାବାଦୀ ଗୁଣରେ ଶୋଷଣ କରିବାର ଅପଚେଷ୍ଟା କରିପାରନ୍ତି।

**ସିଂହ** ଅଭାବନୀୟ ପରିସ୍ଥିତି ସଙ୍ଗକୁ କେତେକ ଆକସ୍ମିକ ଅପ୍ରୀତିକର ପରିସ୍ଥିତିର ସାମ୍ନା କରିବାକୁ ପଡିପାରେ। ପଡୋଶିନୀଙ୍କ କଥାରେ ପ୍ରଭାବିତ ହୋଇ କୌଣସି ଭୁଲ କାମ କରିପାରନ୍ତି। ଅଫିସରେ କିମ୍ବା କାମରେ ମନର ଭାବକୁ ପ୍ରକାଶ କରିବାରେ ପଛେଇ ଯିବେ, ଫଳରେ କୌଣସି କାମ ଉତ୍ସାହପ୍ରଦ ହେବ ନାହିଁ।

**କନ୍ୟା** ଆଜି ବ୍ୟୟବୃଦ୍ଧି, ସନ୍ତାନମାନଙ୍କ ସମସ୍ୟା, ଶତ୍ରୁତା ବିରୋଧର ସାମନା କରିବା ଦିଗରେ ଚିନ୍ତିତ ରହିବେ। ଅବଶ୍ୟ ଧୈର୍ଯ୍ୟ ଧାରଣ କଲେ ସବୁ କାମଗୁଡିକ ସହଜ ଓ ସୁବିଧାରେ କାମ କରିବା ପାଇଁ ଅନୁକୂଳ ପରିବେଶ ସୃଷ୍ଟି ହେବେ। ଆତ୍ମୀୟମାନଙ୍କର ମଧ୍ୟ ସାହାଯ୍ୟ ସହଯୋଗର ଅଭାବ ରହିବନି।

**ତୁଳା** ଯାହା ଆଜି ପର୍ଯ୍ୟନ୍ତ ଖୋଜି ଖୋଜି ପାଉ ନ ଥିଲେ ଆଜି ତାହା ଆକସ୍ମିକ ଭାବରେ ପାଇ ମନ ଏକବାର ଖୁସୀ ହୋଇଯିବ। କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ବିବାଦ ବୃଦ୍ଧି ହୋଇପାରେ,ଏଣୁ ସତର୍କତାର ସହ କିଛି ମତମନ୍ତବ୍ୟ ଦେବା ଭଲ ହେବ। ଅଫିସରେ ସବୁକଥାକୁ ହାଲୁକା ଭାବେ ଗ୍ରହଣ କଲେ କ୍ଷତିରେ ପଡିବେ।

**ବିଛା** ପ୍ରତ୍ୟେକ କ୍ଷେତ୍ରରେ ଧୋକା ଖାଇ ପରିସ୍ଥିତି ଆପଣଙ୍କୁ ସହନଶୀଳ ଓ ନୀରବଦ୍ରଷ୍ଟା ଭାବରେ ରୂପାୟିତ କରିଦେବ। ଆଜିର ପ୍ରତ୍ୟୁଷ ଯାତ୍ରା ମଙ୍ଗଳମୟ ହେବ ଓ ଲକ୍ଷ୍ୟ ହାସଲ କରିବାରେ କୌଣସି ପ୍ରକାରର ଅସୁବିଧା ହେବ ନାହିଁ। ବ୍ୟବସାୟ ଓ ଶିଳ୍ପ, ବାଣିଜ୍ୟରେ ସାମାନ୍ୟ ପ୍ରତିବନ୍ଧକ ସୃଷ୍ଟି ହୋଇପାରେ।

**ଧନୁ** ଆତ୍ମୀୟମାନଙ୍କ ତରଫରୁ କୌଣସି ସମସ୍ୟା କିମ୍ବା ବିରୋଧ ଆପଣଙ୍କ କାମରେ ପ୍ରତିବନ୍ଧକ ସୃଷ୍ଟି କରିବ। ଏହା ସଙ୍ଗକୁ ନୂତନ ସ୍ଥାନ ପରିଦର୍ଶନ, କ୍ରୀଡା ଓ ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ମଜାଇ ରଖିବେ। ଏକ ଆଧାତ୍ମିକ ପରିବେଶରେ ସତ୍‌ସଙ୍ଗୀଙ୍କ ସାନ୍ନିଧରେ ମଧ୍ୟ ସମୟ ଅତିବାହିତ ହୋଇପାରେ।

**ମକର** ଆକସ୍ମିକ ଭାବରେ ବନ୍ଧୁଙ୍କ ସହ ମତାନ୍ତର, ପ୍ରତିଦ୍ୱନ୍ଦ୍ୱୀଙ୍କ ବିରୋଧାଭାସର ଆଭାସ ମାନସିକ ଅଶାନ୍ତିର କାରଣ ହୋଇପାରେ। ପ୍ରତ୍ୟେକ କ୍ଷେତ୍ରରେ ଚେଷ୍ଟାସଫଳ ହେବାରେ ଜଣେ ପୁରାତନ ବନ୍ଧୁ ସାହାଯ୍ୟ କରିବେ। କର୍ମ କ୍ଷେତ୍ରରେ ହଠାତ୍ କୌଣସି ଘଟଣା ମନକୁ ବିବ୍ରତ କରିପାରେ।

**କୁମ୍ଭ** ପ୍ରୀତିପ୍ରଦ ରହି ଲକ୍ଷ୍ୟ ହାସଲରେ ସାହାଯ୍ୟ କରିବ ତଥାପି ସମସ୍ୟା ମଧ୍ୟ ପଛେ ପଛେ ଲାଗି ରହିବ। କେତେକ କ୍ଷେତ୍ରରେ ବାକ୍ ଅସଂଯମତା ଯୋଗୁଁ ସୁସମ୍ପର୍କ ବ୍ୟାହତ ହେବା କାରଣରୁ ମନ ଭଲ ରହିବ ନାହିଁ। ସାହିତ୍ୟରେ ସମସ୍ୟା ସମାଧାନ ହୋଇଯିବ। ପରିବହନ, ଯାନ୍ତ୍ରିକ ଶିଳ୍ପରେ ବିଶେଷ ଭାବରେ ଉପକୃତ ହେବେ।

**ମୀନ** ଅନ୍ୟମାନଙ୍କ ଅସୁବିଧାକୁ ନେଇ ମନ ଉଦ୍‌ବେଗ ରହିପାରେ। ପ୍ରତ୍ୟେକ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଯୋଜନା କରି ପରିସ୍ଥିତିକୁ ସୁଧାରି ନେବାର ପ୍ରଯତ୍ନ କରିପାରନ୍ତି। କିନ୍ତୁ କର୍ମକ୍ଷେତ୍ରରେ ଛୋଟ ଛୋଟ କାମ ହାତକୁ ନେଲେ ଦ୍ୱନ୍ଦ୍ୱରେ ପଡିବେ। ଯେତେଟା ପରିସ୍ଥିତିକୁ ଜଟିଳ ମନେକରୁଛନ୍ତି ବାସ୍ତବରେ ସେପରି କିଛି ହେବନି।

ଆଜି ଜ୍ୟେଷ୍ଠ ଶୁକ୍ଳ ୫ମୀ ବୁଧବାର, ଶିବବିବାହ, ଶ୍ରୀମନ୍ଦିରରେ ଏବଂ ମୁକ୍ତିମଣ୍ଡପ ଅନ୍ତର୍ଗତ ଶାସନମାନଙ୍କରେ ଶିବ ବିବାହୋତ୍ସବ, ମେ ୨୭ ତାରିଖ, ସ୍ୱାଧୀନ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ୍ ନେହେରୁଙ୍କ ତିରୋଧାନ ଦିବସ, ଶ୍ରୀଶ୍ରୀ ଠାକୁରଙ୍କ ୪୬ତମ ସ୍ନାନୋତ୍ସବ, ରାଶିନକ୍ଷତ୍ର ସକାଳ ଘ.୦୭.୨୭ମି. ଗତେ ପୁଷ୍ୟା/କର୍କଟ, କର୍କଟ ରାଶିର ଘାତବାର, ୫ମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୭.୧୮ମି. ଗତେ ଘ.୧୧.୧୭ମି. ମଧ୍ୟେ, ଘ.୦୧.୫୪ମି. ଗତେ ଘ.୦୫.୨୪ମି. ମଧ୍ୟେ, ସନ୍ଧ୍ୟା ଘ.୦୬.୧୬ମି.ଗତେ ଘ.୦୯.୫୪ମି. ମଧ୍ୟେ, ରାତ୍ରି ଘ.୧୨.୦୫ମି. ଗତେ ଘ.୦୧.୩୩ମି. ମଧ୍ୟେ ଅମୃତବେଳା। ଦିବା ଘ.୧୧.୪୪ମି. ଗତେ ଘ.୦୧.୨୨ମି. ମଧ୍ୟେ ରାହୁକାଳ।


# classified



**BRIDE WANTED**

ବ୍ରାହ୍ମଣ, କରଣ, ଖଣ୍ଡାୟତ, ଗୁଡ଼ିଆ, ତେଲି, ଭଣ୍ଡାରି ଜାତିର କନ୍ୟାପାତ୍ରୀ ଆବଶ୍ୟକ। 7978736177. D-68236

Establised 45 ବର୍ଷୀୟ ବରପାତ୍ର ପାଇଁ ଯେ କୌଣସି ଜାତିର ଚାକିରିଆ କନ୍ୟା ଆବଶ୍ୟକ। 8596812814. D-17349

**GROOM WANTED**

ବର ଆବଶ୍ୟକ। ବୟସ 49 ବର୍ଷ, 5'2", M.SC. ରେଲ୍‌ୱେରେ କାର୍ଯ୍ୟରତ କନ୍ୟା ପାଇଁ ଛାଡ଼ପତ୍ରପ୍ରାପ୍ତ, ପତ୍ନୀହରା, ଅବିବାହିତ ମାନ୍ୟ। ଯୋଗାଯୋଗ କରନ୍ତୁ। 9009491423. D-17343

Wanted grooms from Brahmin Khandayat, Telli and other castes, 7978736177. D-68237



**SALE**

ଭୁବନେଶ୍ୱର Gudiapokhari ଏବଂ KEC ଠାରେ ଅଗ୍ରିମ boundarywall, 30ft road ଏବଂ ବାସଉପଯୋଗୀ plot ଦିଆଯାଉଅଛି sqft. 650/-, 7008045582, 9692003948. D-17353

Duplex 1741sqft. land, 2059sqft. builtup Area, Bramheswar, Bhubaneswar, Price-1.25cr. Contact-6371001523. D-69405

Gold on Booking. 4/5 BHK Duplex at Balianta. Construction-2200 @ 60Lakhs/ 2600 @ 70Lakhs. Mplanets: 9938219397/ 9861022055. D-17327



**Interested to Construct newly built house with complete finishing@1200/-sqft. onward. Contact-9861448065, 7992819489.** D-17351



Monalisa massage club : All types body massage with hiprofile smart lady rooms service available 9708545108. D-17341

Newly open spa centre full body massage smart ladies: 8260347387. D-59948

Get refreshment, body massage by expert therapist @ 999 Pokhariput, Bhubaneswar. 9556978408. D-69258

Newly open full body massage SPA in Bhubaneswar. Contact: 7205058838. D-69271

Herbal full body massage by smart / expert therapist. Contact: 8338067247. D-69255

Rejuvenate and Ayurvedic full body massage by smart therapist. 9114402304. D-69257

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ସଂକ୍ଷେପରେ

### ଆଇସୋଲେଶନ କେନ୍ଦ୍ରରୁ ଯୁବକଙ୍କ ମୃତଦେହ ଉଦ୍ଧାର

**ଖୋର୍ଦ୍ଧା ଅଫିସ,୨୬।୫ :** ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟ(ଡିଏଚ୍‌ଏଚ୍‌)ରେ କରୋନା ଆକ୍ରାନ୍ତଙ୍କ ଲାଗି ଉଦ୍ଦିଷ୍ଟ ଆଇସୋଲେଶନ କେନ୍ଦ୍ରରୁ ମଙ୍ଗଳବାର ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର କରାଯାଇଛି। ଜିଲା ପ୍ରଶାସନ ନିର୍ଦ୍ଦେଶକ୍ରମେ ମୃତଦେହକୁ ଭୁବନେଶ୍ୱରସ୍ଥିତ ଏମ୍ସକୁ ପଠାଇ ଦିଆଯାଇଛି। ସୂଚନା ଅନୁଯାୟୀ, ଗତ ୨୪ ତାରିଖରେ ଯୁବକ ଜଣଙ୍କ ଥଣ୍ଡା, କାଶ, ଜ୍ୱରରେ ପୀଡ଼ିତ ହୋଇ ମେଡିକାଲକୁ ଚିକିତ୍ସିତ ହେବାକୁ ଆସିଥିଲେ। ପରେ ମେଡିସିନ ନେଇ ଘରକୁ ପଳାଇଥିଲେ। ତାଙ୍କ ଦେହ ଖରାପ ହେବାରୁ ପୁଣି ସୋମବାର ଅପରାହ୍ନ ୪ଟାରେ ମେଡିକାଲକୁ ଆସିଥିଲେ। ଡାକ୍ତର ତାଙ୍କୁ ଆଇସୋଲେଶନରେ ରହିବାକୁ ପରାମର୍ଶ ଦେଇଥିଲେ। ତାଙ୍କ ସ୍ୱାବ ସଂଗ୍ରହ କରାଯାଇ ପରୀକ୍ଷା ପାଇଁ ପଠାଯାଇଥିଲା। ମଙ୍ଗଳବାର ଉକ୍ତ ଯୁବକଙ୍କୁ ଆଇସୋଲେଶନ କେନ୍ଦ୍ର ଶଯ୍ୟାରେ ସନ୍ଦିଗ୍ଧ ଅବସ୍ଥାରେ ଦେଖି ଜଣେ ମେଡିକାଲ କମଚାରୀ ଡାକ୍ତରଙ୍କୁ ଜଣାଇଥିଲେ। ପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ବିଗିଡ଼ିଲାଣି ତଦନ୍ତ, ବଢ଼ିପାରେ ଅପରାଧ



ତ୍ରିନାଥ ମହାନ୍ତି
ଭୁବନେଶ୍ୱର,୨୫।୫

କରୋନା ମହାମାରୀ ଭଳି ବିପତ୍ତିର ମୁକାବିଲା ପାଇଁ ପୋଲିସ କର୍ମଚାରୀ ଆଗ ଧାଡ଼ିର ଯୋଦ୍ଧା ସାଜିଛନ୍ତି। ଦୁଇମାସରୁ ଊର୍ଦ୍ଧ୍ୱ ହେବ ଆଇନଶୃଙ୍ଖଳା ରକ୍ଷା ସହ ସଂକ୍ରମଣ ରୋକିବା ଓ ଲକ୍‌ଡାଉନ୍‌କୁ ସଫଳ କରିବା ପାଇଁ ନିରନ୍ତର ପ୍ରୟାସ କରିଆସୁଛନ୍ତି। ଏଥିପାଇଁ ରାଜ୍ୟ ପୋଲିସ ସବୁ କଳବଳ ଓ କୌଶଳ ଲଗାଇ ଦେଇଛି। ପୋଲିସର ଏପରି ବ୍ୟସ୍ତତା ଓ ଚାପ ଭିତରେ କିନ୍ତୁ ମୂଳ ଦାୟିତ୍ୱ ଅବହେଳିତ ହୋଇଯାଉଛି। ମାମଲା ରୁଜୁଠାରୁ ଆରମ୍ଭ କରି ତଦନ୍ତ ଓ ନ୍ୟାୟିକ ଧାରା ବିଗିଡ଼ିବାରେ ଲାଗିଛି। ଫଳରେ ଆଗକୁ ଅପରାଧ ବୃଦ୍ଧି ପାଇବା ସହ ରାଜ୍ୟ ପୋଲିସ ପାଇଁ ବଡ଼ ଚ୍ୟାଲେଞ୍ଜ ସୃଷ୍ଟି କରିବ ବୋଲି ଆଶଙ୍କା ପ୍ରକାଶ ପାଇଛି।

କରୋନା ଲଢେଇ ଏକ ଲମ୍ବା ସମୟ ଧରି ଚାଲିବ ବୋଲି ବିଶେଷଜ୍ଞମାନେ ଚେତାବନୀ ଦେଇଛନ୍ତି। ସାମାଜିକ ଦୂରତ୍ୱ ପାଳନ, ପ୍ରବାସୀ ଶ୍ରମିକଙ୍କୁ କ୍ୱାରେଣ୍ଟାଇନ୍ ନେବା, ଅନ୍ୟ ରାଜ୍ୟ ସୀମାରେ ଛାଡିବା ଓ ଅନ୍ୟାନ୍ୟ ଆଇନଶୃଙ୍ଖଳା କାର୍ଯ୍ୟ ପୋଲିସ ଉପରେ ନ୍ୟସ୍ତ ରହିବ। ଏହାର ପ୍ରଭାବ ନିଶ୍ଚିତଭାବେ ତଦନ୍ତ ଉପରେ ପଡିବ ଓ କୋର୍ଟରେ ସଜା ହାର ଆହୁରି ତଳକୁ ଖସିବ। ବିଶେଷକରି ଖାଲି ପଡିଥିବା ପଦବୀ ସଂଖ୍ୟା, ପେଣ୍ଡିଂ କେସ୍ ଓ ଦୁର୍ବଳ ସଜା ହାର ରାଜ୍ୟ ପୋଲିସ ପାଇଁ ସବୁବେଳେ ଚିନ୍ତାର କାରଣ ଭାବେ ରହି ଆସିଛି। ସରକାରୀ ସୂତ୍ର ଅନୁଯାୟୀ, ରାଜ୍ୟରେ ୧୦ ହଜାର ୫୪ଟି ପୋଲିସ ପଦବୀ ଖାଲି ପଡିଛି। ଗ୍ରୁପ୍ ଏ'ରେ ୫୦୧, ଗ୍ରୁପ୍-ବି'ରେ ୧୮୨୩, ଗ୍ରୁପ୍-ସିରେ ୬୪୮୭ ଏବଂ ଗ୍ରୁପ୍-ଡି ପୋଷ୍ଟରେ ୧୨୪୩ଟି ପଦବୀ ଖାଲି ରହିଛି। ନିକଟରେ ଦେଶବ୍ୟାପୀ ହୋଇଥିବା ଏକ ସର୍ଭେରୁ ଜଣାପଡିଛି ଯେ, କର୍ମଚାରୀଙ୍କ ସଂଖ୍ୟା କମ୍ ହେତୁ ଓଡ଼ିଶା ପୋଲିସର ଜଣେ ବ୍ୟକ୍ତି ସାଧାରଣତଃ ଦିନକୁ ୮ ଘଣ୍ଟାର ପ୍ରକୃତ ଡ୍ୟୁଟି ସମୟର ଦୁଇ ଗୁଣରୁ ଅଧିକ ସମୟ କାର୍ଯ୍ୟ କରନ୍ତି। ଏବେ କରୋନା ଲଢ଼େଇ ଯୋଗୁ ସେମାନଙ୍କ ଉପରେ ଚାପ ବହୁଗୁଣିତ ହୋଇଛି। ଫଳରେ ତଦନ୍ତ ପାଇଁ ପୋଲିସ ପାଖରେ ସମୟ ରହୁନି।

ସେହିପରି ଭାରତରେ ସର୍ବନିମ୍ନ ଦୋଷୀ ସାବ୍ୟସ୍ତ ରାଜ୍ୟ ତାଲିକାରେ ଓଡ଼ିଶା ଶୀର୍ଷରେ ରହିଛି। ନ୍ୟାଶନାଲ କ୍ରାଇମ୍ ରେକର୍ଡ ବ୍ୟୁରୋ (ଏନ୍‌ସିଆରବି) ତଥ୍ୟ ଅନୁଯାୟୀ,୨୦୧୭ରେ ଓଡ଼ିଶାରେ ଆଇପିସି କ୍ରାଇମ୍ ୯.୩ ପ୍ରତିଶତ ରହିଥିବାବେଳେ ତାହା ୨୦୧୮ରେ ଖସି ଆସି ୫.୬ରେ ପହଞ୍ଚିଛି। ଏସ୍‌ଏଲ୍‌ଏଲ୍ ଆକ୍ଟ ଅଧୀନ ନାର୍କୋଟିକ୍ସ ଡ୍ରଗ୍ସ ଏବଂ ସାଇକୋଟ୍ରୋପିକ୍ ଆକ୍ଟ ଓ ସାଇବର ଅପରାଧ ସମ୍ବନ୍ଧୀୟ ମାମଲାରେ ଦୋଷୀ ସାବ୍ୟସ୍ତ ହାରରେ ମଧ୍ୟ ଓଡ଼ିଶା ପୋଲିସ ପ୍ରଦର୍ଶନ ଅତ୍ୟନ୍ତ ଖରାପ ରହିଛି। ୨୦୧୭ରେ ଏହି ହାର ୧୨.୫ ରହିଥିବାବେଳେ ୨୦୧୮ରେ ତାହା ଲଜ୍ୟାଜନକ ସ୍ତରକୁ ଅର୍ଥାତ୍ ୧.୧କୁ ଖସି ଆସିଛି।

ତେଣୁ ବିଭିନ୍ନ କୋଭିଡ୍-୧୯ ଗାଇଡ୍‌ଲାଇନ୍ ଅନୁପାଳନ ପାଇଁ ଆଇନଶୃଙ୍ଖଳା ଡ୍ୟୁଟିରେ ପୋଲିସ ଆଗକୁ ବ୍ୟସ୍ତ ରହିବ। ପୋଲିସ ଫୋର୍ସକୁ ଅନ୍ୟକାମରେ ଲଗାଇବା ଦ୍ୱାରା ତଦନ୍ତ ପ୍ରକ୍ରିୟା ଦୁର୍ବଳ ହେବ। ଫଳରେ ବହୁ ଅପରାଧୀ ଦୋଷୀ ସାବ୍ୟସ୍ତ ନ ହୋଇ ଖସିଯିବେ। ତେଣୁ ପରବର୍ତ୍ତୀ ସମୟରେ ରାଜ୍ୟରେ ଆପରାଧିକ ମାମଲା ବଢିବାର ଆଶଙ୍କା ରହିଛି।

### କରୋନା ଆଣିବ ନୂଆ ଚ୍ୟାଲେଞ୍ଜ

- ଲକ୍‌ଡାଉନ, ପ୍ରବାସୀଙ୍କ ଦାୟିତ୍ୱରେ ଅଧିକାଂଶ ପୋଲିସ ବ୍ୟସ୍ତ
- କର୍ମଚାରୀ ଅଭାବ ବଢ଼ାଉଛି ଚାପ, ୧୦ ହଜାର ୫୪ ପଦବୀ ଖାଲି

### ତଦନ୍ତ ଓ ଆଇନଶୃଙ୍ଖଳା ପୃଥକୀକରଣ ହେଉ



ଆଇନ ଶୃଙ୍ଖଳା ଓ ତଦନ୍ତ ପ୍ରକ୍ରିୟାକୁ ଅଲଗା କରିବା ପାଇଁ ୨୦୦୬ରେ ପ୍ରକାଶ ସିଂ ମାମଲାରେ ସୁପ୍ରିମ୍‌କୋର୍ଟ ତାଙ୍କ ଐତିହାସିକ ରାୟରେ ସମସ୍ତ ରାଜ୍ୟକୁ ନିର୍ଦ୍ଦେଶ ଦେଇଥିଲେ। ଏହାର ୧୨ବର୍ଷ ପରେ ଅର୍ଥାତ୍ ୨୦୧୮ରେ ତତ୍କାଳୀନ ପୋଲିସ ଡିଜିଆର୍.ପି. ଶର୍ମା ଭବିଷ୍ୟତ ସ୍ଥିତିକୁ ନେଇ ଆଶଙ୍କା ପ୍ରକାଶ କରିବା ସହ ପୃଥକୀକରଣ ପାଇଁ ଗୃହ ବିଭାଗକୁ ପତ୍ର ଲେଖିଥିଲେ। ଇତିମଧ୍ୟରେ ୧୪ବର୍ଷ ବିତିଯାଇଥିଲେ ମଧ୍ୟ ତାହା ହୋଇପାରିନି। ଏବେ ପୋଲିସ କରୋନା ଲଢ଼େଇ ଓ ଆଇନଶୃଙ୍ଖଳା କାର୍ଯ୍ୟରେ ବ୍ୟସ୍ତ ରହିବ। ଯାହା ହେଲେ ବି ତଦନ୍ତ ପ୍ରକ୍ରିୟାରେ ସମସ୍ୟା ସୃଷ୍ଟି ହେବ। ତେଣୁ ସରକାର ତଦନ୍ତ ପ୍ରକ୍ରିୟା ଓ ଆଇନଶୃଙ୍ଖଳାକୁ ଅଲଗା କରିବା ଦରକାର।

**-ଚିତ୍ତରଞ୍ଜନ ଦାସ, ବରିଷ୍ଠ ଆଇନଜୀବୀ**



ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ପୂର୍ବରୁ ମଧ୍ୟ ଆଂଶିକଭାବେ ପୋଲିସ ବାହିନୀକୁ ପୃଥକ କରାଯାଇଛି। ଯେପରି ଓଆର୍ ପୋଲିସ ଏବଂ ଏପିଆର୍ ପୋଲିସ। ତେଣୁ ଥାନା ସ୍ତରରେ ତଦନ୍ତ ଓ ଆଇନ ଶୃଙ୍ଖଳାକୁ ଅଲଗା କରିହେବ। ଏଥିପାଇଁ ଅଧିକ ଷ୍ଟାଫ୍‌ର ଆବଶ୍ୟକତା ରହିଛି। ଏବେ ଅନ୍ୟ ରାଜ୍ୟରେ ଦେଖିବାକୁ ମିଳୁଛି ଯେ, ସାଇବର ସେଲ ଏବଂ କ୍ରାଇମବ୍ରାଞ୍ଚର ଅଧିକାରୀଙ୍କୁ କୋଭିଡ଼ କାର୍ଯ୍ୟରେ ଲଗାଯାଉଛି। ଏହାଦ୍ୱାରା ତଦନ୍ତରେ ନିଶ୍ଚିତ ବ୍ୟାଘାତ ଘଟିବ। ଏଥିସହ ଶାରୀରିକ ଓ ମାନସିକ ପ୍ରଭାବ ପଡିବା ଦ୍ୱାରା ପୋଲିସ ଠିକ୍ କର୍ତ୍ତବ୍ୟ ସମ୍ପାଦନ କରିବାରେ ଅକ୍ଷମ ହୋଇଯିବ। ତେଣୁ ଏହି ସମୟରେ ସରକାରଙ୍କୁ ସ୍ପେଶାଲ ପୋଲିସ ନିଯୁକ୍ତ କରିବାକୁ ପଡ଼ିବ।

**-ବିପିନ ବିହାରୀ ମିଶ୍ର, ପୂର୍ବତନ ପୋଲିସ ଡିଜି**

# ପୂର୍ବତନ ସରପଞ୍ଚଙ୍କ ଘରେ ବୋମାମାଡ଼



ଆହତ ପୂର୍ବତନ ସରପଞ୍ଚଙ୍କ ଘର।



ଘଟଣାସ୍ଥଳରେ ପୋଲିସର ତଦନ୍ତ।

ଖୋର୍ଦ୍ଧା ଅଫିସ,୨୬।୫

ଖୋର୍ଦ୍ଧା ଜିଲା ବାଘମାରୀ ଥାନା ଅନ୍ତର୍ଗତ ଭୋଗଡ଼ା ଗ୍ରାମର ପୂର୍ବତନ ସରପଞ୍ଚ ସୁକାନ୍ତ ଜୟସିଂଙ୍କ ଘରେ ସୋମବାର ବିଳମ୍ବିତ ରାତିରେ ବୋମାମାଡ଼ ସହ ଲୁଟ୍‌ପାଟ ହୋଇଛି। ତାଙ୍କ ପରିବାରର ସଦସ୍ୟଙ୍କୁ ୧୦ଜଣ ଯୁବକ ଭୁଜାଲିରେ ଆକ୍ରମଣ କରି ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ଲୁଟି ନେଇଛନ୍ତି। ଏଥିରେ ସୁକାନ୍ତ(୫୦), ତାଙ୍କ ସ୍ତ୍ରୀ ଲାବଣ୍ୟ (୪୦) ଓ ପୁଅ ସୌମ୍ୟରଞ୍ଜନ (୨୩) ଗୁରୁତର ହୋଇଥିଲେ। ଏହି ଦମ୍ପତି ପୂର୍ବରୁ ସରପଞ୍ଚ ଥିଲେ। ଖବରପାଇ ପୋଲିସ ପହଞ୍ଚି ଘଟଣାସ୍ଥଳରୁ ୨ଟି ମୋବାଇଲ ଫୋନ, ବୋମାମାଡର କିଛି ଅଂଶ ଜବତ କରିଛି। ଏଥି ସହ ଗୁରୁତରଙ୍କୁ ଚିକିତ୍ସା ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ତେବେ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ଥିବାରୁ ସେମାନଙ୍କୁ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି।

ସୂଚନା ଅନୁଯାୟୀ, ସୋମବାର ରାତିରେ ସୁକାନ୍ତଙ୍କ ପରିବାର ଶୋଇଥିଲେ। ରାତି ପ୍ରାୟ ୨ଟାରେ ଯୁବକମାନେ ଘର ପଛପଟୁ ଏକ ଶାବଳରେ କବାଟ ତାଡିବା ଶବ୍ଦ ଶୁଣି ସୁକାନ୍ତ ଓ ତାଙ୍କ ପୁଅ ଭିତରପଟୁ କବାଟ ଚାପି ରଖିଥିଲେ। କବାଟ ତାଡିବାରେ ବିଫଳ ହେବାରୁ ଯୁବକମାନେ ବାହାର ପଟୁ କବାଟକୁ ବୋମାମାଡ କରିଥିଲେ। ଭୟରେ ବାପା, ପୁଅ ଘର ଭିତରକୁ ଦୌଡି ପଳାଇଥିଲେ। ପରେ ଯୁବକମାନେ ଘରେ ପଶି ବାପା ପୁଅକୁ ଭୁଜାଲିରେ ଆକ୍ରମଣ କରିଥିଲେ। ଲାବଣ୍ୟ ସେମାନଙ୍କୁ ବିରୋଧ କରିବାରୁ ତାଙ୍କୁ ମଧ୍ୟ ଭୁଜାଲିରେ ଆକ୍ରମଣ କରିବା ସହ ତାଙ୍କ ବେକରୁ ସୁନା ଚେନ ଝାମ୍ପି ନେଇଥିଲେ। ପରେ ଘରେ ଥିବା ଆଲମାରି ତାଡି ଲକ୍ଷାଧିକ ସୁନାଗହଣା ଲୁଟି ନେଇଥିଲେ। ଲାବଣ୍ୟ ସେଠାରୁ ଖସି ଆସି ସ୍ଥାନୀୟ ଲୋକଙ୍କୁ ଡାକପକାଇଥିଲେ। ପୋଲିସ ଏବଂ ସ୍ଥାନୀୟ ଗ୍ରାମବାସୀଙ୍କୁ ଦେଖି ଯୁବକମାନେ ଘର ନିକଟରେ ୧୦ରୁ ଊର୍ଦ୍ଧ୍ୱ ବୋମାମାଡ କରି ଘଟଣା ସ୍ଥଳରୁ ଚମ୍ପଟ ମାରିଥିଲେ। ମଙ୍ଗଳବାର ବିଧାୟକ ରାଜେନ୍ଦ୍ର ସାହୁ, ଡିଆଇଜି ଆଶିଷ କୁମାର ସିଂ, କଟକ ଏସ୍‌ପି, ଖୋର୍ଦ୍ଧା ଏସ୍‌ପି ଅଜୟ ପ୍ରତାପ ସ୍ୱାଇଁ, ଏସ୍‌ଡିପିଓ ସୁଶିଲ କୁମାର ମିଶ୍ର, ବାଘମାରୀ ଥାନା ଅଧିକାରୀ ପ୍ରଣୀତା ପଟ୍ଟନାୟକ ପ୍ରମୁଖ ପହଞ୍ଚି ଅନୁସନ୍ଧାନ ଆରମ୍ଭ କରିଛନ୍ତି। ସାଇଣ୍ଟିଫିକ ଟିମ ଓ ସନ୍ଧାନୀ କୁକୁର ସହାୟତାରେ ଏହାର ତଦନ୍ତ ଜାରି ରହିଛି। ଏ ସମ୍ପର୍କରେ ବାଘମାରୀ ଥାନାରେ ଏକ ମାମଲା (ନଂ.୫୫/୨୦)ରୁଜୁ ହୋଇଛି। ଏ ନେଇ ଏସ୍‌ପି ଅଜୟ ପ୍ରତାପ ସ୍ୱାଇଁ କହିଛନ୍ତି, କଟକ ଜିଲା ବାଙ୍କି ଠାରେ ମଧ୍ୟ ଅନୁରୂପ ଭାବେ ଏଭଳି ଘଟଣା ଘଟିଛି। ଘଟଣା ସମ୍ପର୍କରେ କଟକ ଏସ୍‌ପିଙ୍କ ସହ ଆଲୋଚନା କରିଛି। ସେ ମଧ୍ୟ ଘଟଣାସ୍ଥଳ ଅନୁଧ୍ୟାନ କରିଛନ୍ତି। ଦୁର୍ବୃତ୍ତଙ୍କୁ ଧରିବା ଲାଗି କଟକ ଏବଂ ଖୋର୍ଦ୍ଧା ପୋଲିସ ପକ୍ଷରୁ ମିଳିତ ଉଦ୍ୟମ କରାଯିବ। ଦୁର୍ବୃତ୍ତମାନେ ଆସିବା ବେଳେ ଚାଲିଚାଲି ଆସିଥିଲେ। ସେମାନଙ୍କୁ ଉକ୍ତ ସ୍ଥାନର ଭୌଗଳିକ ସ୍ଥିତି ସମ୍ପର୍କରେ ଭଲ ଭାବେ ଜଣାଅଛି। ଏକ ଆନ୍ତଃ ଜିଲା ଲୁଟେରା ଗ୍ୟାଙ୍ଗ ସକ୍ରିୟ ରହିଥିବା ଜଣାପଡିଛି। ସମସ୍ତ ଦିଗକୁ ତଦନ୍ତ ପରିସର ଭୁକ୍ତ କରାଯିବ।

- ପରିବାରର ୩ ଗୁରୁତର
- ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ଲୁଟିନେଲେ
- ସାଇଣ୍ଟିଫିକ ଟିମ୍, ସନ୍ଧାନୀ କୁକୁର ଦ୍ୱାରା ତଦନ୍ତ

# ଗଞ୍ଜେଇ ଜବତ, ୨ଛାତ୍ର ଗିରଫ

ଭୁବନେଶ୍ୱର,୨୬।୫(ବ୍ୟୁରୋ)

ଗଞ୍ଜେଇ ବିକ୍ରି କରିବା ଅଭିଯୋଗରେ ଖଣ୍ଡଗିରି ପୋଲିସ ମଙ୍ଗଳବାର ୨ଜଣ ଇଞ୍ଜିନିୟରିଂ ଛାତ୍ରଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ବାଲେଶ୍ୱର ଜିଲା ରାମଚନ୍ଦ୍ରପୁରର ରାଜୀବ କୁମାର ପାତ୍ର(୨୨) ଓ ବାଲେଶ୍ୱର ଔପଦାର ଇଜ୍ୱଳ କୁମାର ପ୍ରଧାନ(୨୦)। ଏମାନଙ୍କ ନିକଟରୁ ୪୦ କେଜି ଗଞ୍ଜେଇ, ଦୁଇଟି ମୋବାଇଲ ଫୋନ ଓ ଗୋଟିଏ ବାଇକ୍ ଜବତ କରାଯାଇଛି। ସୂଚନା ଅନୁଯାୟୀ, ଛାତ୍ର ଦ୍ୱୟ ରାଜଧାନୀର ଏକ ଇଞ୍ଜିନିୟରିଂ କଲେଜରେ ପାଠ ପଢୁଥିବା ବେଳେ ଖଣ୍ଡଗିରି ପଞ୍ଚଶଖା ନଗରରେ ଭଡାରେ ରହୁଥିଲେ। କନ୍ଧମାଳରୁ ଗଞ୍ଜେଇ ଆଣି ଭଡା ଘରେ ରଖିବା ସହ ରାଜଧାନୀର ବିଭିନ୍ନ ଖୁଚୁରା ବେପାରିଙ୍କୁ ଯୋଗାଇଥାନ୍ତି। ଲକ୍‌ଡାଉନ୍ ସମୟରେ ଆଣିଥିବା ଗଞ୍ଜେଇ ବିକ୍ରି ହୋଇ ନ ଥିଲା। ଫଳରେ ଏହାକୁ ରଖି ଦେଇଥିଲେ। ଖବରପାଇ ଏସ୍‌ଟିଏଫ୍ ସୋମବାର ରାତିରେ ଖଣ୍ଡଗିରି ପୋଲିସ ସହାୟତାରେ ସେମାନେ ରହୁଥିବା ଘରେ ଚଢାଉ କରି ଉଭୟଙ୍କୁ ଗିରଫ କରିଥିଲେ।

# କୋଭିଡ୍-୧୯କୁ ନେଇ ସ୍ୱତନ୍ତ୍ର ଡାକ ଲଫାଫା

ଭୁବନେଶ୍ୱର, ୨୬।୫(ବ୍ୟୁରୋ)

କୋଭିଡ୍-୧୯ ମହାମାରୀକୁ ନେଇ ପ୍ରସ୍ତୁତ ହୋଇଛି ସ୍ୱତନ୍ତ୍ର ଡ଼ାକ ଲଫାଫା। ମଙ୍ଗଳବାର ରାଜଭବନରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ଏହାକୁ ଉନ୍ମୋଚନ କରିଛନ୍ତି। କରୋନା ଭୂତାଣୁ ସଂକ୍ରମଣକୁ ରୋକିବାରେ ମାସ୍କର ବ୍ୟବହାର ଅତ୍ୟନ୍ତ ଜରୁରୀ। ଏହି ସ୍ୱତନ୍ତ୍ର ଡ଼ାକ ଲଫାଫା ମାଧ୍ୟମରେ ମାସ୍କର ବ୍ୟବହାରକୁ ଦୈନନ୍ଦିନ ଜୀବନ ଶୈଳୀର ଏକ ଅଂଶବିଶେଷ କରିବାକୁ ବାର୍ତ୍ତା ଦିଆଯାଇଛି। ରଘୁରାଜପୁରର ପଟ୍ଟଚିତ୍ର ଶିଳ୍ପୀ ଅପିନ୍ଦ୍ର ସ୍ୱାଇଁଙ୍କ ଚିତ୍ରକୁ ଆଧାର କରି ଲଫାଫାକୁ ପ୍ରସ୍ତୁତ କରାଯାଇଛି। ଏଥି ସହିତ ଓଡ଼ିଶାର ୧୦ଜଣ ମହାନ ତଥା ପ୍ରସିଦ୍ଧ ବ୍ୟକ୍ତିଙ୍କୁ ନେଇ ସ୍ୱତନ୍ତ୍ର ୧୦ଟି ପିକ୍ଚର ପୋଷ୍ଟକାର୍ଡ଼କୁ ମଧ୍ୟ ରାଜ୍ୟପାଳ ଉନ୍ମୋଚନ କରିଛନ୍ତି। ଓଡ଼ିଶାର ସ୍ୱାଧୀନତା ସଂଗ୍ରାମୀ ଓ ଆଧୁନିକ ଓଡ଼ିଶାର ନିର୍ମାତାମାନଙ୍କ ତ୍ୟାଗ ଓ ଅବଦାନକୁ ସମ୍ମାନ ପ୍ରଦର୍ଶନ ସ୍ୱରୂପ ଏସବୁ ପିକ୍ଚର ପୋଷ୍ଟକାର୍ଡ଼ ପ୍ରସ୍ତୁତ ହୋଇଛି। ଏହି ମହାନ ବ୍ୟକ୍ତିତ୍ୱଙ୍କ ମଧ୍ୟରେ ଶହୀଦ ଲକ୍ଷ୍ମଣ ନାୟକ, ବୀର ସୁରେନ୍ଦ୍ର ସାଏ, ନେତାଜୀ ସୁଭାଷ ଚନ୍ଦ୍ର ବୋଷ, କୃଷ୍ଣଚନ୍ଦ୍ର ଗଜପତି, ବ୍ୟାସକବି ଫକୀର ମୋହନ ସେନାପତି, ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ, ଉତ୍କଳ ଗୌରବ ମଧୁସୂଦନ ଦାସ, ଭି.ଭି. ଗିରି, ହରେକୃଷ୍ଣ ମହତାବ ଓ ବିଜୁ ପଟ୍ଟନାୟକ ରହିଛନ୍ତି। ଓଡ଼ିଶା ଡ଼ାକ ମଣ୍ଡଳର ଏହି ମହତ ପ୍ରୟାସକୁ ରାଜ୍ୟପାଳ ପ୍ରଶଂସା କରିବା ସହ ଭାରତୀୟ ଡାକର ସାମାଜିକ ଦାୟିତ୍ୱବୋଧ ଅନ୍ୟମାନଙ୍କ ପାଇଁ ଅନୁକରଣୀୟ ହେବ ବୋଲି ଆଶାପ୍ରକଟ କରିଛନ୍ତି। ଓଡ଼ିଶା ଡାକ ମଣ୍ଡଳର ମୁଖ୍ୟ ମହା ଡାକପାଳ ସୁବାସ ଚନ୍ଦ୍ର ବର୍ମା ଏହି ପ୍ରକଳ୍ପ ଓ ଅନ୍ୟାନ୍ୟ କାର୍ଯ୍ୟ ସମ୍ପର୍କରେ ସଂକ୍ଷିପ୍ତ ସୂଚନା ଦେଇଥିଲେ। ଉନ୍ମୋଚନ ଉତ୍ସବରେ ରାଜ୍ୟପାଳଙ୍କ ସଚିବ ପ୍ରମୋଦ କୁମାର ମେହେର୍ଦ୍ଦା ମଧ୍ୟ ଉପସ୍ଥିତ ଥିଲେ।



### ୧୦ ମହାନ୍ ବ୍ୟକ୍ତିଙ୍କୁ ନେଇ ପିକ୍ଚର ପୋଷ୍ଟକାର୍ଡ଼ ଉନ୍ମୋଚିତ

### ଆସିଲା ୬ ବିମାନ

**ଭୁବନେଶ୍ୱର, ୨୬।୫(ବ୍ୟୁରୋ):** ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନ ବନ୍ଦରରେ ମଙ୍ଗଳବାର ରାତି ୯ଟା ସୁଦ୍ଧା ୬ଟି ବିମାନ ଅବତରଣ କରିଥିଲା। ସକାଳେ ଦିଲ୍ଲୀରୁ ଏକ ଭିସ୍ତାରା ବିମାନ ଓ ଅପରାହ୍ନରେ ମୁମ୍ବାଇରୁ ଇଣ୍ଡିଗୋ ବିମାନ ଆସିଥିଲା। ସନ୍ଧ୍ୟାରେ ଚେନ୍ନାଇରୁ ଆଉଏକ ଇଣ୍ଡିଗୋ ବିମାନ, ବାଙ୍ଗାଲୋରରୁ ଏୟାର ଏସିଆ ବିମାନ, ଦିଲ୍ଲୀରୁ ଏୟାର ଇଣ୍ଡିଆ ଏବଂ ବାଙ୍ଗାଲୋରରୁ ଇଣ୍ଡିଗୋ ବିମାନ ବିମାନ ବନ୍ଦରରେ ଅବତରଣ କରିଥିଲା। ପରେ ସମସ୍ତ ବିମାନ ଏଠାରୁ ଯାତ୍ରୀଙ୍କୁ ନେଇ ଉଡ଼ାଣ ଭରିଥିଲା। ରାତିରେ ଦିଲ୍ଲୀରୁ ଇଣ୍ଡିଗୋର ଆଉଏକ ବିମାନ ପହଞ୍ଚିବ ବୋଲି ନିର୍ଦ୍ଦେଶକ ଭି.ଭି. ରାଓ ସୂଚନା ଦେଇଥିଲେ।


**OFFICE OF THE CDM & PHO, GANJAM**

**Tender Call Notice for outsourcing of Diet Services & Mechanised Laundry Services for Covid Health Facilities, Ganjam**

**Advt. No.: 9358** **Date: 26.05.2020**

Sealed tenders are invited from registered firms/agencies/ companies/reputed organisation for outsourcing of Diet & Mechanised Laundry Services for Covid Health in the District. Interested firms/agencies/companies/reputed organisation should submit their proposals in prescribed format (Technical and Financial Bids) along with all supportive documents in sealed envelopes separately through Speed Post/Registered Post/Courier/Drop Box to the CDM & PHO, Ganjam, City Hospital Road, Berhampur on or before **3rd June 2020 upto 1 P.M.** The eligible criteria, terms of reference and formats for submission of Bids are set forth in the RFP document, which can be downloaded from the district website: **www.ganjam.nic.in**.
Incomplete application in any form will be summarily rejected. The sealed quotation shall be opened on 03.06.2020 at 4.30 P.M. in the office Chamber of CDM & PHO, Ganjam, Berhampur.
The undersigned reserves the right to reject any or all proposals without assigning any reason thereof. The authority will not responsible for any postal delay.

**Sd./- CDM & PHO, Ganjam**

**ପୂର୍ବ ତଟ ରେଳପଥ**
**ଇ-କ୍ରୟ ପ୍ରଣାଳୀ**

ନିମ୍ନଲିଖିତ ଟେଣ୍ଡର ୱେବ୍‌ସାଇଟ୍: www.ireps.gov.inରେ ଅପଲୋଡ୍ କରାଯାଇଛି।
ଟେଣ୍ଡର ବିଜ୍ଞପ୍ତି ସଂ.Sr.DMM/KUR/EP/2020-21/87, ତା.20.05.2020ରିଖ
ଟେଣ୍ଡର ସଂ.: 81205095A, ସାମଗ୍ରୀଗୁଡ଼ିକର ସଂକ୍ଷିପ୍ତ ବିବରଣୀ : RDSO ବିନିର୍ଦ୍ଦେଶନ ସଂ.ELRS/SPEC/ RSI/0030 ଅନୁଯାୟୀ ପାରମ୍ପରିକ ଲୋକୋ (Conventional Locos) ନିମନ୍ତେ କମ୍ପାକ୍ଟ ସିଲିକନ୍ ରେକ୍ଟିଫାୟର (Rectifier) ବ୍ଲକ୍ (Block)। ପରିମାଣ : 02 ସେଟ୍।
ବନ୍ଦ ହେବା ତାରିଖ ଓ ସମୟ : ତା.24.06.2020 ରିଖ 1500 ଘଟିକାରେ।
ବରିଷ୍ଠ ମଣ୍ଡଳ ସାମଗ୍ରୀ ପ୍ରବନ୍ଧକ/ ଖୋର୍ଦ୍ଧା ରୋଡ୍
PR-59/L/20-21

**ପୂର୍ବ ତଟ ରେଳପଥ**
**ସଫେଇ ଏବଂ ସ୍ୱଚ୍ଛତା କାର୍ଯ୍ୟ**

(1)ଟେଣ୍ଡର ବିଜ୍ଞପ୍ତି ସଂ.eT-M-KUR-EnHM-RS-104-20
କାର୍ଯ୍ୟର ନାମ : ଭୁବନେଶ୍ୱର ସ୍ଥିତ ଚନ୍ଦ୍ରଶେଖରପୁର ଠାରେ ପୂର୍ବ ତଟ ରେଳପଥ ମୁଖ୍ୟାଳୟ ବିଲ୍ଡିଂ ଏବଂ ଏହାର ପରିସରର ଯନ୍ତ୍ରୀକୃତ ସଫେଇ ଏବଂ ସ୍ୱଚ୍ଛତା (ଦେଖାଶୁଣା) ସମ୍ବନ୍ଧୀୟ ବିବିଧ ରକ୍ଷଣାବେକ୍ଷଣ କାର୍ଯ୍ୟ।
ବିଜ୍ଞାପିତ ମୂଲ୍ୟ(ଟଙ୍କାରେ): 1,40,13,391.27, EMD (ଟଙ୍କାରେ) : 2,20,100/-, ଟେଣ୍ଡର କାଗଜପତ୍ର ମୂଲ୍ୟ (ଟଙ୍କାରେ) : 5,900/-, ଶେଷ ହେବା ଅବଧି : 24 ମାସ।
ବିଡ୍ ଆରମ୍ଭ ହେବା ତାରିଖ : ତା.27.05.2020 ରିଖ, ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.10.06.2020 ରିଖ 1530 ଘଟିକାରେ।
(2)ଟେଣ୍ଡର ବିଜ୍ଞପ୍ତି ସଂ.eT-M-KUR-EnHM-CC-105-2020
କାର୍ଯ୍ୟର ନାମ : ସ୍ୱଚ୍ଛତା/ସଫେଇ କାର୍ଯ୍ୟଗୁଡ଼ିକର ସମ୍ପାଦନ : ଏକ ବର୍ଷ ସମୟାବଧି ନିମନ୍ତେ ସଡ଼କ ପୃଷ୍ଠଭାଗରେ ଝାଡୁମାରିବା, ଖୋଲାସ୍ଥାନରେ ଝାଡୁମାରିବା/ ଆବର୍ଜନା ଉଠାଇବା, ଡ୍ରେନ୍ ସଫେଇ, କଠିନ ବର୍ଜ୍ୟବସ୍ତୁ ସଂଗ୍ରହ ଏବଂ ନିଷ୍କାସନ, ଜଳ ନିଷ୍କାସନ ପ୍ରଣାଳୀ (Sewerage System)ର ରକ୍ଷଣାବେକ୍ଷଣ, ମେଲେରିଆ ନିରୋଧୀ (Anti-Malarial) କାର୍ଯ୍ୟ, ଦୈନିକ ପୁରୁଣା ମଞ୍ଚେଶ୍ୱର (ସେକ୍ଟର-A,B,C,D) ରେଳବାଇ କଲୋନୀ, ରେଳ କୁଞ୍ଜ, ରେଳ କୁଟୀର, ରେଳ ଆବାସ ଏବଂ ନ୍ୟୁ ମଞ୍ଚେଶ୍ୱର କଲୋନୀରୁ ପଶୁ ଶବଗୁଡ଼ିକର ଅପସାରଣ/ ନିଷ୍କାସନ ସହିତ ରେଳ କୁଞ୍ଜ ଏବଂ ରେଳ କୁଟୀର କଲୋନୀ ସମୂହ ତଥା ରେଳ ବିହାର କଲୋନୀରୁ ଘର-ଘର ବୁଲି (Door to Door) ଆବର୍ଜନା ସଂଗ୍ରହ।
ବିଜ୍ଞାପିତ ମୂଲ୍ୟ(ଟଙ୍କାରେ): 2,16,18,844.25, EMD (ଟଙ୍କାରେ) : 2,58,100/-, ଟେଣ୍ଡର କାଗଜପତ୍ର ମୂଲ୍ୟ (ଟଙ୍କାରେ) : 11,800/-, ଶେଷ ହେବା ଅବଧି : 12 ମାସ।
ବିଡ୍ ଆରମ୍ଭ ହେବା ତାରିଖ : ତା.27.05.2020 ରିଖ, ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.10.06.2020 ରିଖ 1545 ଘଟିକାରେ।
ଏହି ଟେଣ୍ଡର ନିମନ୍ତେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।
ଇ-ଟେଣ୍ଡର କାଗଜପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ଏବଂ ଶୁଦ୍ଧିପତ୍ର http://www.ireps.gov.in ରେ ଉପଲବ୍ଧ ଅଟେ।
ସିନିୟର ଡିଭିଜନାଲ ମେକାନିକାଲ ଇଂଜିନିୟର/ ଖୋର୍ଦ୍ଧା ରୋଡ୍
PR-62/L/20-21

Your classified advertisement published in Dharitri will be listed free in Dharitri online edition : **www.dharitri.com**

**ତହସିଲଦାରଙ୍କ କାର୍ଯ୍ୟାଳୟ, ଦେଓଗାଁ**
**ଲଘୁ ଖଣିଜ ଦ୍ରବ୍ୟ ଦୀର୍ଘମିଆଦୀ ଲିଜ ନିମନ୍ତେ ବିଜ୍ଞାପନ**

ତହସିଲ କାର୍ଯ୍ୟାଳୟ, ଦେଓଗାଁଙ୍କ ବିଜ୍ଞପ୍ତି ସଂଖ୍ୟା ୭୨୫, ତାରିଖ ୨୬।୦୫।୨୦୨୦ରେ ଦେଓଗାଁ ଅନ୍ତର୍ଗତ ୮ ଗୋଟି ଲଘୁ ଖଣିଜ ଦ୍ରବ୍ୟଗୁଡିକର ଆସନ୍ତା ୫ (ପାଞ୍ଚ) ବର୍ଷ ନିମନ୍ତେ ୨୦୨୦-୨୧ ଠାରୁ ୨୦୨୪-୨୫ ପର୍ଯ୍ୟନ୍ତ ଲିଜ ଇସ୍ତାହାର ପ୍ରକାଶିତ ହୋଇଅଛି । ଏହି ଇସ୍ତାହାର ସମ୍ବନ୍ଧୀୟ ସମସ୍ତ ତଥ୍ୟ ବଲାଙ୍ଗୀର ଜିଲ୍ଲା ୱେବସାଇଟ www.balangir.nic.inରେ ଉପଲବ୍ଧ ଅଛି। ନିଲାମରେ ଭାଗ ନେବା ପାଇଁ ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ ୱେବସାଇଟ୍‌ରୁ ସମସ୍ତ ତଥ୍ୟ ହାସଲ କରି ଆବେଦନ କରିପାରିବେ କିମ୍ବା ତହସିଲ କାର୍ଯ୍ୟାଳୟ, ଦେଓଗାଁଠାରେ ଯୋଗାଯୋଗ କରି ନିଲାମ ସମ୍ବନ୍ଧୀୟ ସମସ୍ତ ତଥ୍ୟ ହାସଲ କରିପାରିବେ ।
ବନ୍ଦ ଲଫାପାରେ ଦରଖାସ୍ତ ଗ୍ରହଣର ଶେଷ ତାରିଖ ୧୨।୦୬।୨୦୨୦ ପୂର୍ବାହ୍ନ ୧୧.୦୦ ଘଟିକା ପର୍ଯ୍ୟନ୍ତ ଏବଂ ପ୍ରଥମ ତାରିଖରେ ଯେଉଁ ଉତ୍ସଗୁଡିକର ଲିଜର ପ୍ରକ୍ରିୟା ଚୂଡାନ୍ତ ହୋଇ ନ ପାରିଲା ସେହି ଉତ୍ସଗୁଡିକ ଦ୍ୱିତୀୟ ଥର ପାଇଁ ତାରିଖ ୧୯।୦୬।୨୦୨୦ ପୂର୍ବାହ୍ନ ୧୧.୦୦ ଘ. ପର୍ଯ୍ୟନ୍ତ ଓ ତୃତୀୟ ଥର ପାଇଁ ତା।୨୬।୦୬।୨୦୨୦ ଅପରାହ୍ନ ୧୧.୦୦ ଘଟିକାକୁ ଧାର୍ଯ୍ୟ ହୋଇଅଛି । ଗୃହୀତ ଦରଖାସ୍ତଗୁଡିକ ସେହି ଦିନମାନଙ୍କରେ ବିଜ୍ଞାପନରେ ଦର୍ଶାଯାଇଥିବା ସମୟରେ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ଖୋଲା ହେବ ଏବଂ ଲିଜ୍ ପ୍ରକ୍ରିୟା ଚୂଡାନ୍ତ କରାଯିବ ।

ସ୍ୱା./- ତହସିଲଦାର, ଦେଓଗାଁ

**ତହସିଲଦାରଙ୍କ କାର୍ଯ୍ୟାଳୟ, କୁନ୍ଦୁରା**
ବିଜ୍ଞାପନ ସଂଖ୍ୟା: ୧୩୯୨/ସଇରାତ ତା।୨୫।୦୫।୨୦୨୦

**ଲଘୁ ଖଣିଜ ଉତ୍ସର ଦୀର୍ଘ ମିଆଦୀ ଲିଜ୍ ନିମନ୍ତେ ବିଜ୍ଞାପନ**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, କୋରାପୁଟ ଜିଲ୍ଲା ଅନ୍ତର୍ଗତ କୁନ୍ଦୁରା ତହସିଲରେ ଥିବା ନିମ୍ନବର୍ଣ୍ଣିତ ୧୫ଟି ସଇରାତ ଉତ୍ସଗୁଡ଼ିକ ଆଗାମ ୫ (ପାଞ୍ଚ) ବର୍ଷ ନିମନ୍ତେ ଅର୍ଥାତ୍ ୨୦୨୦-୨୧ ଠାରୁ ୫ ବର୍ଷ ପର୍ଯ୍ୟନ୍ତ ଦୀର୍ଘ ମିଆଦୀ ଲିଜ୍ ସୂତ୍ରେ ପ୍ରଦାନ ପାଇଁ ଦରଖାସ୍ତ ଆହ୍ୱାନ କରାଯାଉଛି।
ଏହି ସଇରାତ ଉତ୍ସ ଲିଜ୍ ସମ୍ବନ୍ଧୀୟ ସମସ୍ତ ତଥ୍ୟ ଯଥା ସଇରାତ ଉତ୍ସର ପ୍ରକାର, ମୌଜାର ନାମ, ପ୍ଲଟ ନଂ., ରକବା ଏବଂ ଦରଖାସ୍ତ ଗ୍ରହଣ ସମୟ ସୀମା ଇତ୍ୟାଦିର ସୂଚନା, କୋରାପୁଟ ଜିଲ୍ଲାର ୱେବସାଇଟ୍ **http://koraput.nic.in**ରେ ଉପଲବ୍ଧ ହେବ। ସବିଶେଷ ବିବରଣୀ ପାଇଁ ଇଚ୍ଛୁକ ବ୍ୟକ୍ତି ତହସିଲଦାରଙ୍କ କାର୍ଯ୍ୟାଳୟ ସହ ତା।୨୭।୦୫।୨୦୨୦ରିଖ ଠାରୁ ତା।୦୯।୦୬।୨୦୨୦ରିଖ ମଧ୍ୟରେ ସରକାରୀ କାର୍ଯ୍ୟ ଦିବସରେ ଯୋଗାଯୋଗ କରିପାରନ୍ତି (ଛୁଟିଦିନ ବ୍ୟତୀତ)।

**ସଇରାତ ଉତ୍ସର ବିବରଣୀ**

| କ୍ର. ନଂ. | ସୈରାତ ଉତ୍ସର ନାମ | ମୌଜାର ନାମ | ଖାତା ନଂ. | ପ୍ଲଟ ନଂ. | ଅନ୍ୟୂନ ଉତ୍ତୋଳନ ପରିମାଣ (ବର୍ଷକୁ) (MGQ) in CUM | ଅମାନତ ଅଗ୍ରିମ ଯାହାକି ବ୍ୟାଙ୍କ ଡ୍ରାଫ୍ଟ ମାଧ୍ୟମରେ | ବ୍ୟାଙ୍କ Guarantee ପରିମାଣ |
|---|---|---|---|---|---|---|---|
| ୧ | ବାଲି ଖାଦାନ | ଝଡ଼ଙ୍ଗା | 157 | 587, 1115 | 11060 | 406500 | 1935500 |
| ୨ | ବାଲି ଖାଦାନ | ବେଡ଼ାପାଉଁଶି | 313 | 820 | 5000 | 183800 | 875000 |
| ୩ | ବାଲି ଖାଦାନ | ଡଙ୍ଗରପାଉଁଶି | 210 | 666 | 2100 | 77200 | 367500 |
| ୪ | ବାଲି ଖାଦାନ | ନଇକେରା | 198 | 1207 | 5325 | 195700 | 931875 |
| ୫ | ବାଲି ଖାଦାନ | ମସିଗାଁ | 312 | 1310, 880 | 3000 | 110300 | 525000 |
| ୬ | ବାଲି ଖାଦାନ | ଗୋରାହାଣ୍ଡି | 372 | 448 | 4050 | 148900 | 708750 |
| ୭ | ବାଲି ଖାଦାନ | ବାଗଦେରୀ | 407 | 2773, 2772, 2763, 2764, 2757 | 5000 | 183800 | 875000 |
| ୮ | ବାଲି ଖାଦାନ | ନଡ଼ିଆଲପାଲୀ | 200 | 01, 13/535, 65 | 3000 | 110300 | 525000 |
| ୯ | ବାଲି ଖାଦାନ | ଫୁପୁଗାଁ | 486 | 2415, 2409 | 3200 | 117600 | 560000 |
| ୧୦ | ମୁରୁମ ଖାଦାନ | ଡଙ୍ଗରାପାଲ୍ଲୀ | 194 | 278 | 2030 | 74600 | 355250 |
| ୧୧ | ପଥର ଖାଦାନ | ଆଣ୍ଡିଗାଁ B | 165 | 399 | 2029 | 277000 | 1318850 |
| ୧୨ | ପଥର ଖାଦାନ | ଘୁମର | 497 | 2250 | 5059 | 690600 | 3288350 |
| ୧୩ | ପଥର ଖାଦାନ | ରାଣୀଗୁଡ଼ା | 169 | 1150 | 2025 | 276500 | 1316250 |
| ୧୪ | ପଥର ଖାଦାନ | ଗୁଣ୍ଡାଲ A | 455 | 1219 | 3019 | 412000 | 1962350 |
| ୧୫ | ପଥର ଖାଦାନ | ଗୁଣ୍ଡାଲ B | 455 | 385 | 3024 | 412800 | 1965600 |

ସ୍ୱା./- ତହସିଲଦାର, କୁନ୍ଦୁରା

**TATA**
**TATA POWER**
ଦି ଟାଟା ପାୱାର କମ୍ପାନୀ ଲିମିଟେଡ୍
(କର୍ପୋରେଟ କଣ୍ଟ୍ରାକ୍ଟସ ବିଭାଗ)
ଦି ଟାଟା ପାୱାର କମ୍ପାନୀ ଲିମିଟେଡ୍, ୨ୟ ମହଲା, ସହର ରିସିଭିଂ ଷ୍ଟେସନ
ସହର ଏୟାରପୋର୍ଟ ରୋଡ, ଅନ୍ଧେରୀ ଇଷ୍ଟ,
ମୁମ୍ବାଇ-୪୦୦୦୫୯, ସିଆଇଏନ: L28920MH1919PLC000567

**ଟେଣ୍ଡର ଆହ୍ୱାନକାରୀ ବିଜ୍ଞପ୍ତିର ଭ୍ରମ ସଂଶୋଧନ**

ଓଡ଼ିଶାରେ ଟାଟା ପାୱାର ଡିଷ୍ଟ୍ରିବ୍ୟୁସନ ପାଇଁ ୧୨ ମଇ ୨୦୨୦ ଓ ୧୫ ମଇ ୨୦୨୦ରେ ପ୍ରକାଶିତ ଟେଣ୍ଡର ଆହ୍ୱାନକାରୀ ବିଜ୍ଞପ୍ତି ପାଇଁ ଦି ଟାଟା ପାୱାର କମ୍ପାନୀ ଲିମିଟେଡ୍ ଏହି ଭ୍ରମ ସଂଶୋଧନ ଜାରୀ କରୁଛନ୍ତି।

| ଟେଣ୍ଡର ଅନୁସନ୍ଧାନ ସଂଖ୍ୟା | କାର୍ଯ୍ୟ ବିବରଣୀ | ଆକଳିତ ମୂଲ୍ୟ/ ଇଏମଡି (ଟ.) | ଟେଣ୍ଡର ଅଂଶଗ୍ରହଣ ଫି (ଟ.) | ଟେଣ୍ଡର ଅଂଶଗ୍ରହଣ ଫି ପ୍ରଦାନ କରିବାର ଶେଷ ତାରିଖ ଓ ସମୟ |
|---|---|---|---|---|
| ଟିପିସି/ଇଏନଜିଜି/ଇଏନକ୍ୟୁ/ ୦୧୩/୨୦-୨୧ | ଏମପିଏଲଏସ ଭିପିଏନ ଲିଙ୍କସର ଏସଆଇଟିସି ଓ ପରିଚାଳନା ପାଇଁ ଦର ବୃଦ୍ଧି | ୦.୪୯ କୋଟି / ୧.୨୫ ଲକ୍ଷ | ଟ.୫୦୦୦ | ୦୨.୦୬.୨୦୨୦ ୧୫୦୦ ଘଟିକା |
| ଟିପିସି/ଇଏନଜିଜି/ଇଏନକ୍ୟୁ/ ୦୧୭/୨୦-୨୧ | ଓଡ଼ିଶାରେ ନେଟ୍‌ୱର୍କ ଉପକରଣ ଯୋଗାଣ | ୬.୮୭ କୋଟି / ୧୩.୮୦ ଲକ୍ଷ | ଟ.୫୦୦୦ | ୦୨.୦୬.୨୦୨୦ ୧୫୦୦ ଘଟିକା |

ସବିସ୍ତୃତ ସଂଶୋଧନ ଏବଂ ସଂପୃକ୍ତ ଟେଣ୍ଡରର ଅପଡେଟ୍ ହୋଇଥିବା ଟେଣ୍ଡର କାଗଜପତ୍ର ପାଇଁ ଦୟାକରି ୱେବସାଇଟ https://www.tatapower.com/tender/tenderlist.aspx ର ଟେଣ୍ଡର ବିଭାଗକୁ ପରିଦର୍ଶନ କରନ୍ତୁ। ତା.୧୨ ମଇ ୨୦୨୦ ଓ ୧୫ ମଇ ୨୦୨୦ରେ ପ୍ରକାଶିତ ଟେଣ୍ଡର ଆହ୍ୱାନକାରୀ ନୋଟିସର ଅନ୍ୟାନ୍ୟ ବିବରଣୀ ବିଷୟ ଅପରିବର୍ତ୍ତିତ ରହିଛି।

**ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ, ମୟୂରଭଞ୍ଜ**
**ବିଜ୍ଞପ୍ତି**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି ନିମ୍ନଲିଖିତ ଶିଶୁ ଦୁଇଜଣଙ୍କୁ ଶିଶୁ କଲ୍ୟାଣ ସମିତି, ମୟୂରଭଞ୍ଜ ନିର୍ଦ୍ଦେଶନାମା ବଳରେ ବାରିପଦାସ୍ଥିତ ଶିଶୁ ଯତ୍ନ ଅନୁଷ୍ଠାନରେ ରଖାଯାଇଅଛି । ଶିଶୁ ଦୁଇଜଣଙ୍କୁ ସେମାନଙ୍କର ପିତା ଶ୍ରୀଯୁକ୍ତ ପଞ୍ଚାନନ ସିଂ, ଗ୍ରାମ-ମହୁଲବରେଇ, ଥାନା-ଝାରପୋଖରିଆ, ଜିଲ୍ଲା-ମୟୂରଭଞ୍ଜ ଦ୍ୱାରା ଶିଶୁ ମଙ୍ଗଳ ସମିତି, ମୟୂରଭଞ୍ଜ ନିକଟରେ ତା।୨୬।୦୬।୨୦୧୯ରିଖରେ ହସ୍ତାନ୍ତର କରିଛନ୍ତି । ଶିଶୁ ଦୁଇଜଣଙ୍କର ମା' ବହୁବର୍ଷ ହେଲା ନିଖୋଜ ଅଛନ୍ତି । ଉକ୍ତ ଶିଶୁ ଦୁଇଜଣଙ୍କର ଯଦି ଆଉ କେହି ଅଭିଭାବକ ବା ଆଇନସିଦ୍ଧ ଦାବିଦାର ଥାଆନ୍ତି ଏହି ବିଜ୍ଞାପନ ପ୍ରକାଶ ପାଇବାର ତିରିଶ (୩୦) ଦିନ ମଧ୍ୟରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରିଣୀ, ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ, ମୟୂରଭଞ୍ଜ, ଫୋନ ନଂ. 06792-255562 କିମ୍ବା ଶିଶୁ ମଙ୍ଗଳ ସମିତି, ମୟୂରଭଞ୍ଜ, ଫୋନ ନଂ.-06792-262246 କୁ ଯୋଗାଯୋଗ କରିପାରିବେ। ଉପରୋକ୍ତ ସମୟ ସୀମା ପରେ କୌଣସି ଦାବିପତ୍ର ଗ୍ରହଣ କରାଯିବ ନାହିଁ ଏବଂ ଶିଶୁ ଦୁଇଟିକୁ କିଶୋର ନ୍ୟାୟ ଆଇନ୍ ୨୦୧୫ ଅନ୍ତର୍ଗତ ଧାରା ୩୮(୧) ଓ ପୋଷ୍ୟସନ୍ତାନ ନିୟମାବଳୀ ୨୦୧୭ ଅନୁଯାୟୀ ପୋଷ୍ୟସନ୍ତାନ ନିମନ୍ତେ ଆଇନତଃ ଯୋଗ୍ୟ ଘୋଷଣା କରାଯିବ ।

ଫଟୋ

ଶିଶୁର ନାମ - ଶଷ୍ଟମୀ ସିଂ
ଲିଙ୍ଗ-ଝିଅ
ଜନ୍ମତାରିଖ-୧୨।୦୪।୨୦୧୨



ଶିଶୁର ନାମ- ସୁଲତା ସିଂ
ଲିଙ୍ଗ- ଝିଅ
ଜନ୍ମ ତାରିଖ- ୧୭।୦୯।୨୦୦୭



ସ୍ୱା./- ଜିଲ୍ଲାପାଳ, ମୟୂରଭଞ୍ଜ

ଅତିମାନବ କିଏ ? ଯେ ଏହି ଜଡମୁଖୀ ବିଭଗ୍ନ ମାନବୀୟ ବ୍ୟକ୍ତିଜୀବନର ଊର୍ଦ୍ଧ୍ୱକୁ ଉଠିଯାଇ ପାରେ– ଏବଂ ନିଜକୁ ବିଶ୍ୱମୟ କରିଦେଇ ଏକ ଦିବ୍ୟଶକ୍ତି, ଦିବ୍ୟପ୍ରେମ, ଦିବ୍ୟ ଆନନ୍ଦ ଓ ଦିବ୍ୟଜ୍ଞାନରେ ନିଜକୁ ଦିବ୍ୟମଣିଷ କରି ଦେଇପାରେ। –**ଶ୍ରୀଅରବିନ୍ଦ**

# କରୋନାଠୁ ପଙ୍ଗପାଳ

ଭାରତ ଏବେ ସବୁଆଡୁ ବିପଦରେ ପଡ଼ିଛି। ବାତ୍ୟା, ବନ୍ୟା, ଭୂମିକମ୍ପ, ଦୁର୍ଭିକ୍ଷ ଭଳି ପ୍ରାକୃତିକ ବିପର୍ଯ୍ୟୟ ଦେଖିଆସୁଥିବା ଏହି ଦେଶ ପାଇଁ କରୋନା ଭୂତାଣୁ ବିଷମ ପରିସ୍ଥିତି ସୃଷ୍ଟି କରିଛି। କୋଭିଡ୍‌-୧୯ ଯୋଗୁ କରାଯାଇଥିବା ଲକ୍‌ଡାଉନ୍ ଫଳରେ ଦୁଇ ମାସରୁ ଅଧିକ ସମୟ କିଛି ଲୋକ ଘରେ ବସି ଖାଇଲେ ଓ ଆହୁରି ଅନେକେ ଖାଇବାକୁ ପାଇଲେ ନାହିଁ। ଭବିଷ୍ୟତ ପାଇଁ ସାଇତା ହୋଇ ରହିଥିବା ଖାଦ୍ୟଶସ୍ୟ କମିଆସିଲାଣି। ନୂତନ ଭାବେ ଫସଲ ଉତ୍ପାଦନ ହୋଇପାରି ନ ଥିବାରୁ ଆଗକୁ ଖାଦ୍ୟ ସଙ୍କଟ ଦେଖାଦେବ ବୋଲି ସ୍ପଷ୍ଟ ଦିଶିଲାଣି। ଏଭଳିସ୍ଥଳେ ଶସ୍ୟ ଖେତ ଉପରେ ପଙ୍ଗପାଳଙ୍କ ଆକ୍ରମଣ ଚାଷୀଙ୍କ ପାଇଁ ଏକ ବଡ଼ ନୂଆ ବିପଦ ଆଣିଦେଇଛି। ଗୁଜରାଟ, ପଞ୍ଜାବ, ହରିୟାଣା, ରାଜସ୍ଥାନ, ମଧ୍ୟପ୍ରଦେଶ, ମହାରାଷ୍ଟ୍ର ଓ ଉତ୍ତର ପ୍ରଦେଶ ଆଦି ରାଜ୍ୟର ଚାଷଜମିରେ ପ୍ରବେଶ କରି ସର୍ବନାଶ କଲେଣି। ୧ ବର୍ଗ କିଲୋମିଟର ଅଞ୍ଚଳରେ ୮ କୋଟି ପଙ୍ଗପାଳଙ୍କ ଉପସ୍ଥିତି ଓ ଯେଉଁ ହାରରେ ସେଗୁଡ଼ିକ ଖାଦ୍ୟ ଖାଇ ଚାଲିଛନ୍ତି ତାହା ଚିନ୍ତାର ବିଷୟ ହୋଇଛି। କୁହାଗଲାଣି ୨୭ ବର୍ଷ ପରେ ଏହା ଭାରତ ପାଇଁ ବଡ଼ ଚ୍ୟାଲେଞ୍ଜର ସମୟ ଆଣିଛି। ୧୯୯୩ ପରେ ଏହା ଖାଦ୍ୟଶସ୍ୟ ଉପରେ ସବୁଠାର ବଡ଼ ଆକ୍ରମଣ ବୋଲି କୁହାଯାଉଛି। ଏହି ଭ୍ରମଣକାରୀ କୀଟଙ୍କୁ ହଟେଇବା ସହଜ ନ ଥିବାରୁ ସେମାନେ ଫସଲ ଖାଇବା ସହ ସେଗୁଡ଼ିକୁ ପର୍ଯ୍ୟାପ୍ତ ପରିମାଣରେ ନଷ୍ଟ କରିଚାଲିଛନ୍ତି। ଗୋଟିଏ ପଙ୍ଗପାଳ ମାତ୍ର ୯୦ ଦିନ ବଞ୍ଚୁଥିଲେ ହେଁ ଯେଉଁ ହାରରେ ସେଗୁଡ଼ିକ ବଂଶ ବିସ୍ତାର କରିଥାଆନ୍ତି, ସେଗୁଡ଼ିକୁ ରୋକିବା ସମ୍ଭବ ନୁହେଁ।

କୁହାଯାଇଥାଏ, ଦୁର୍ଭାଗ୍ୟ ଏକୁଟିଆ ଆସେ ନାହିଁ, ସେ ତା' ବନ୍ଧୁବାନ୍ଧବଙ୍କୁ ଧରି ଆସେ। ଭାରତ ଆଜି ସେଭଳି ଗୋଟିଏ ପରେ ଗୋଟିଏ ବିପଦର ସାମ୍ନା କରିଚାଲିଛି। ଉତ୍ତର ଆଫ୍ରିକା ଓ ପଶ୍ଚିମ ଏସିଆର ରାଷ୍ଟ୍ରରେ ପଙ୍ଗପାଳ ଆକ୍ରମଣ ବଡ଼ ଚିନ୍ତାର ବିଷୟ ପାଲଟିଛି। ଏହାର ପ୍ରଭାବରେ ଏହିସବୁ ଅଞ୍ଚଳର କୃଷି ଅର୍ଥନୀତି ପ୍ରବଳ ମାତ୍ରାରେ କ୍ଷତିଗ୍ରସ୍ତ ହୋଇଛି। ସେହି ତାଲିକାରେ ଏବେ ଭାରତ ସାମିଲ ହୋଇଯାଇଛି।

ଭାରତ ଉପମହାଦେଶ ପାଇଁ ପଙ୍ଗପାଳ ଏକମାତ୍ର ବିପଦ ନୁହେଁ, ସମଗ୍ର ପୃଥିବୀକୁ ଗ୍ରାସ କରିଥିବା ନୋଭେଲ କରୋନା ଭାଇରସ୍ କୋଭିଡ-୧୯ ଭାରତକୁ ବାଦ୍ ପକାଇ ନାହିଁ। ସରକାରୀ ସ୍ତରରେ ତଥ୍ୟ ଏବଂ ଦୂରଦୃଷ୍ଟିର ଅଭାବ ଯୋଗୁ ଅସମୟରେ ଲକ୍‌ଡାଉନ୍ କରାଗଲା। ସେହି ଭୁଲ୍ ନିଷ୍ପତ୍ତିରୁ ଉପୁଜିଲା ପ୍ରବାସୀ ଶ୍ରମିକଙ୍କ ସମସ୍ୟା। କର୍ମସ୍ଥଳୀରେ ମାଲିକମାନେ ଅମାନୁଷିକତା ପ୍ରଦର୍ଶନ କରି ସେହି ଶ୍ରମିକମାନଙ୍କୁ ମୌଳିକ ସୁବିଧା ଯୋଗାଇବା ପରିବର୍ତ୍ତେ ସେଠାରୁ ତଡ଼ିଦେଲେ। ଅନେକ ଶହ କିଲୋମିଟର ପାଦରେ ଚାଲି ଚାଲି ଘର ପାଖରେ ପହଞ୍ଚିଲା ବେଳକୁ ନିଜ ଗ୍ରାମବାସୀ ପାଲଟିଯାଇଛନ୍ତି ସେମାନଙ୍କ ଶତ୍ରୁ। ଅର୍ଥାତ୍ ଘରେ ମଧ୍ୟ ନ୍ୟାୟରୁ ବଞ୍ଚିତ ହେଲେ ଏହି ଅସହାୟ ଶ୍ରମିକ, କାରଣ ସେମାନଙ୍କୁ କରୋନା ଭୂତାଣୁର ସକ୍ରିୟ ପ୍ରତୀକ ଭାବେ ଦେଖାଗଲା। ଘରମୁହାଁ ହୋଇଥିବା ଏହି ଲୋକମାନେ କେବଳ ଶିଳ୍ପର ନୁହେଁ, ତନ୍ମଧ୍ୟରୁ ଅନେକେ କୃଷି ଖେତରେ କାମ କରୁଥିଲେ। ପଞ୍ଜାବ, ହରିୟାଣା, କେରଳ, ମହାରାଷ୍ଟ୍ର ଏବଂ ଆନ୍ଧ୍ରପ୍ରଦେଶର ଚାଷୀ ତାହାର ବିଲରେ କାମ କରୁଥିବା କୃଷିଜୀବୀଙ୍କୁ ଅଣଦେଖା କରି ଏବେ ନିଜେ ରବି ଫସଲ ଅମଳ ବେଳେ ଏକୁଟିଆ ହୋଇଯାଇଛି। ଏହାଦ୍ୱାରା କୃଷିକାର୍ଯ୍ୟ ମଧ୍ୟ ଅନେକ କ୍ଷତି ସହିବାକୁ ଯାଉଛି।

ବାତ୍ୟା ଅମ୍ଫନ୍ ଉତ୍ତର ଓଡ଼ିଶା, ପଶ୍ଚିମବଙ୍ଗ ସହିତ ବାଂଲାଦେଶରେ ଛିଡ଼ା ଫସଲକୁ ଉଜାଡ଼ିଦେବା ସହିତ ଅନେକ କ୍ଷୟକ୍ଷତି ଘଟାଇଛି। ମଣିଷ ସୃଷ୍ଟି କରିଥିବା ବିଭାଜନ ଯଥା ଜିଲା, ରାଜ୍ୟ ବା ଦେଶକୁ ପ୍ରକୃତିର ଶକ୍ତି ମାନେନାହିଁ। ଭୁଲିଯିବା ପୂର୍ବରୁ ଏଠାରେ ଉଲ୍ଲେଖ କରିବା ଦରକାର ଯେ ଗତ ସୋମବାର, ୨୫ ମେ' ୨୦୨୦ରେ ଉତ୍ତରପୂର୍ବାଞ୍ଚଳର କେତୋଟି ରାଜ୍ୟ ଯଥା– ମେଘାଳୟ, ନାଗାଲାଣ୍ଡ, ମିଜୋରାମ ଏବଂ ପଡ଼ୋଶୀ ଦେଶ ମ୍ୟାନ୍‌ମାର୍‌ରେ ରିକ୍ଟର ସ୍କେଲ୍‌ରେ ୫.୫ ତୀବ୍ରତା ବିଶିଷ୍ଟ ଭୂମିକମ୍ପ ହୋଇଯାଇଛି। ଏଥିରୁ କ୍ଷୟକ୍ଷତି ବିଶେଷ ଦୃଷ୍ଟି ଆକର୍ଷଣ କରି ନ ଥିଲେ ମଧ୍ୟ ଏହି ଘଟଣା ପ୍ରମାଣ କରିଦେଉଛି ଯେ କୌଣସି ପ୍ରକାରର ପ୍ରାକୃତିକ ବିପର୍ଯ୍ୟୟ ଭାରତ ଉପମହାଦେଶକୁ ଛାଡୁନାହିଁ। ଅବଶ୍ୟ ନୋଭେଲ୍ କରୋନା ଭାଇରସ୍ ପ୍ରକୃତିର ସୃଷ୍ଟି ନୁହେଁ। ଏହା ମନୁଷ୍ୟକୃତ ବୋଲି କୁହାଯାଉଛି। ସମ୍ଭବତଃ ସେଥିପାଇଁ ପୃଥିବୀର କୋଣ ଅନୁକୋଣରେ ଏହାର କୁପ୍ରଭାବ ଦେଖିବାକୁ ମିଳୁଛି। ଯାହା କୁହାଯାଉଛି ଏହାଦ୍ୱାରା ମୁଖ୍ୟତଃ ପୁରୁଷ, ଉଭୟ ବୟସ୍କ ଓ ଯୁବକ ଅଧିକ ଆକ୍ରାନ୍ତ ହେଉଛନ୍ତି। ଗୋଟେପଟେ ଏହି ରୋଗର ଚିନ୍ତା ଘାରୁଥିବା ବେଳେ ଅନ୍ୟପଟେ ତାହାର ନାଗରିକମାନଙ୍କୁ ଅତିଶୀଘ୍ର ଭାରତ ଛାଡ଼ିବାକୁ ନିର୍ଦ୍ଦେଶ ଦେଇଥିବାରୁ ଚାଇନାର ମନ୍ଦ ଉଦ୍ଦେଶ୍ୟ ପରିଲକ୍ଷିତ ହୋଇଛି। ଯେଉଁଭଳି ଭାବେ ଭାରତୀୟ କୂଟନୀତି ବିଫଳ ହୋଇଛି ସେଥିରୁ ବାଂଲାଦେଶ ଓ ନେପାଳ ଆମଠାରୁ ଦୂରେଇ ଗଲେଣି। ମନେହେଉଛି ଯେପରି ଚାଇନାର ଲାଲ୍‌ସେନା ଭିଆଉଥିବା ସୀମାନ୍ତ ସମସ୍ୟା ଆହୁରି ଉଗ୍ର ହୋଇପାରେ। ଏଠାରେ ମନେପଡ଼େ ଓଡ଼ିଆର ଢଗ ନଈ ନ ଦେଖୁଣୁ...। କରୋନା ପ୍ରଭାବରୁ ପୃଥିବୀର ଅର୍ଥନୀତି କେଉଁ ମୋଡ଼ ନେବ ସ୍ପଷ୍ଟ ହେବା ଆଗରୁ ଭାରତର ମନ୍ତ୍ରୀମାନେ ଯେଉଁଭଳି ଭାବେ ବୟାନ ଦେଇ କହୁଛନ୍ତି ଯେ, ଅନେକ ପାଶ୍ଚାତ୍ୟ କମ୍ପାନୀ ଚାଇନା ଛାଡ଼ି ଭାରତ ଆସିବେ ତାହା ସମ୍ପୂର୍ଣ୍ଣ ଭାବେ ଅପରିପକ୍ୱ ମନେହୁଏ। ଭାରତକୁ ଏକ ଶିକ୍ଷା ଦେବା ପାଇଁ ସୀମାନ୍ତରେ ଅଶାନ୍ତ ପରିସ୍ଥିତି ସୃଷ୍ଟି କରାଯାଇଥାଇପାରେ।

ପଙ୍ଗପାଳ, କୋଭିଡ୍‌-୧୯, ପ୍ରବାସୀ ଶ୍ରମିକଙ୍କ ସମସ୍ୟା, ଅର୍ଥନୈତିକ ମାନ୍ଦାବସ୍ଥା, କୂଟନୈତିକ ବିଫଳତା, ଅମ୍ଫନ, ଭୂକମ୍ପ ଏବଂ ଶେଷରେ ଚାଇନାର ଧମକ ଭାରତୀୟମାନଙ୍କୁ ଅତିଷ୍ଠ କରିବା କଥା। ଏହା ପରେ ତ୍ରାହି ତ୍ରାହି ଡାକିଲେ ହୁଏତ ଆମ କଥା ଶୁଣିବାକୁ କେହି ଇଚ୍ଛୁକ ହେବେ ନାହିଁ।

## ୨୫ ବର୍ଷ ତଳର ଧରିତ୍ରୀ

୨୭ ମେ ୧୯୯୫

- ଏଲ୍‌ଟିଟିଇ ଗେରିଲାମାନେ ପୂର୍ବାଞ୍ଚଳ ତ୍ରିଙ୍କୋମାଳି ଜିଲାରେ ୧୨ ଜଣ ମହିଳା ଓ ୬ ଜଣ ଶିଶୁଙ୍କ ସମେତ ୪୨ ଜଣ ନିରୀହ ଗ୍ରାମବାସୀଙ୍କୁ ହତ୍ୟା କରିଛନ୍ତି।
- କଶ୍ମୀରରେ ସନ୍ତ୍ରାସବାଦୀମାନେ ନ୍ୟାଶନାଲ କନ୍‌ଫରେନ୍ସର ୨ ଜଣ ପ୍ରମୁଖ ନେତାଙ୍କ ସମେତ ୧୦ ଜଣଙ୍କୁ ଗୁଳିକରି ହତ୍ୟା କରିଛନ୍ତି।
- ଆଇନରେ ବଡ଼ ଧରଣର ପରିବର୍ତ୍ତନ କରାଯାଇ ଶାରୀରିକ ବିକଳାଙ୍ଗ କ୍ରୀଡ଼ାବିତ୍‌ଙ୍କୁ ଅର୍ଜୁନ ପୁରସ୍କାର ପ୍ରଦାନ କରିବାକୁ ନିଷ୍ପତ୍ତି ନିଆଯାଇଛି।
- ଜାତୀୟ ଔଦ୍ୟୋଗିକ ସମ୍ମିଳନୀ ଅନୁଷ୍ଠାନ ତରଫରୁ ୧୯୯୪ ମସିହା ପାଇଁ ସମ୍ମାନଜନକ 'ବିକାଶଜ୍ୟୋତି ପୁରସ୍କାର' ଓଡ଼ିଶାର ଅମିତାଭ ଷଡ଼ଙ୍ଗୀଙ୍କୁ ପ୍ରଦାନ କରାଯାଇଛି।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | 3 | | | | | | | C | | D | | | 2 | E |
| 6 | | 7 | 3 | 9 | | 0 | | | | | | 4 | | |
| | | | | D | | 7 | | 5 | | | | | 0 | 1 |
| B | | | | 5 | 2 | | | | | | A | D | | |
| 1 | 5 | | | 7 | E | | 9 | 4 | | | | | A | |
| | 8 | | | | | | | 6 | | | 1 | | E | |
| | | 3 | | 4 | | 2 | | | | | | | | |
| | | | 1 | | | E | 4 | | | 8 | C | B | | A |
| 4 | | E | C | A | | | | 0 | | | | 8 | 3 | |
| A | | B | | | | 9 | 1 | | | 6 | | | D | |
| 0 | E | 8 | | 3 | | | | | | 4 | | 7 | | |
| | | 1 | E | C | | 6 | 7 | | | | | | | 2 |
| 5 | | 9 | | | 0 | | | | | | 7 | | | |
| | 4 | | | 2 | | | | 3 | E | | B | | | 0 |
| 7 | | | | B | | C | | | 9 | | 8 | | 1 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 2 | 4 | A | E | 1 | 3 | 7 | B | 0 | 8 | 5 | 9 | C | D | 6 |
| C | 6 | 8 | 7 | 5 | 2 | 9 | 4 | E | 1 | D | A | 0 | B | 3 |
| D | 1 | 9 | B | 6 | C | 3 | A | 5 | 4 | 2 | 0 | E | 7 | 8 |
| 0 | 7 | B | 8 | A | 4 | C | 2 | D | E | 6 | 3 | 9 | 5 | 1 |
| 3 | 5 | E | D | 0 | 9 | 6 | 8 | 1 | B | C | 7 | A | 2 | 4 |
| B | 0 | 1 | 5 | 8 | 7 | A | C | 6 | 2 | E | 4 | D | 3 | 9 |
| 4 | 8 | 5 | 3 | 9 | A | 1 | E | 2 | D | 0 | 6 | 7 | C | B |
| 9 | 3 | 2 | 0 | E | 1 | D | 7 | B | A | 8 | C | 6 | 4 | 5 |
| E | C | 7 | 2 | D | 6 | 4 | 0 | 9 | 3 | B | 5 | 8 | 1 | A |
| A | D | 6 | C | 4 | B | 8 | 5 | 3 | 9 | 7 | 1 | 2 | 0 | E |
| 6 | 2 | C | 9 | 3 | 8 | 5 | D | A | 0 | 1 | B | 4 | E | 7 |
| 5 | A | 4 | 1 | 7 | 0 | E | 9 | C | 6 | 3 | 2 | B | 8 | D |
| 7 | E | 0 | 6 | 2 | D | B | 1 | 4 | 5 | 9 | 8 | 3 | A | C |
| 1 | B | 3 | 4 | C | E | 0 | 6 | 8 | 7 | A | D | 5 | 9 | 2 |
| 8 | 9 | D | A | B | 5 | 2 | 3 | 7 | C | 4 | E | 1 | 6 | 0 |

ଗତକାଲିର ଉତ୍ତର

# ଗୁଜବ ପ୍ରତି ସାବଧାନ



ବୈକୁଣ୍ଠନାଥ ମିଶ୍ର

ଏହା ଏକ ସାଧାରଣ ଅନୁଭୂତି ଯେ ଅନେକ ଭିତ୍ତିହୀନ ଅପପ୍ରଚାର ହଠାତ୍ ଜନମାନସରେ ଜାଗ୍ରତ ହୋଇ ତଡ଼ିତ୍ ବେଗରେ ସମାଜରେ ଖେଳିଯାଇ ସମ୍ପୂର୍ଣ୍ଣ ସମାଜକୁ କବଳିତ କରେ। ଘଟଣାର ସତ୍ୟତା ପରୀକ୍ଷା ନ କରି ଅବିଳମ୍ବେ ଜନ ସମୁଦାୟ ଏହାକୁ ଗ୍ରହଣ କରି ନିଅନ୍ତି, ଯାହା ଗୁଜବ ନାମରେ ଅପଖ୍ୟାତି ଲାଭ କରିଛି। ଏହାର ଭୀଷଣ ପଞ୍ଝାରେ ମଣିଷ ନିମିଷକେ କବଳିତ ହୋଇଯାଏ। ବହୁଦିନ ତଳେ ଆମ ଅଞ୍ଚଳରେ ଏକ କୌତୂହଳପୂର୍ଣ୍ଣ ଘଟଣାର ଜନଶ୍ରୁତି ଏବେ ମଧ୍ୟ ପୁରପଲ୍ଲୀରେ ଲୋକକଥା ଭାବେ ପ୍ରଚଳିତ। ଏକ ଶୀତୁଆ ସନ୍ଧ୍ୟାରେ ତିନି ନିଶାସକ୍ତ ବନ୍ଧୁ ପ୍ରଚୁର ନିଶାରେ ଉବୁଟୁବୁ ହୋଇ ଏକତ୍ର ଖୁସିଗପରେ ମଜ୍ଜି ଯାଇଥାନ୍ତି ଓ ମଝିରେ ମଝିରେ କିଛି ବାଦାମ ଭଜା ଖାଉଥାନ୍ତି। ଗୋଟିଏ ବାଦାମ ଚୋପା ନିକଟରେ ଥିବା ଏକ ପାଣି କୁଣ୍ଡରେ ପଡ଼ି ହାଲ୍‌କା ପବନରେ କୁଣ୍ଡସାରା ଖେଳି ବୁଲୁଥାଏ। ସେମାନଙ୍କ ଭିତରୁ ଜଣେ କହିଲା, ଦେଖ କୁଜଙ୍ଗ ରାଜାଙ୍କ ବୋଇତ କିପରି ଦରିଆରେ ଭାସୁଛି। କିଛି ସମୟ ପରେ ଚୋପାଟି ଭିଜିଯାଇ କୁଣ୍ଡରେ ବୁଡ଼ିଗଲା। ହଠାତ୍ ତିନିବନ୍ଧୁ ଚିତ୍କାର କରି ଉଠିଲେ, ଆମ ରାଜାଙ୍କ ବୋଇତ ଦରିଆରେ ବୁଡ଼ିଗଲା। ତୁଣ୍ଡବାଇଦ ସହସ୍ର କୋଶ ନ୍ୟାୟରେ କଥାଟା ଚାରିଆଡ଼େ ବ୍ୟାପିଗଲା। ସତକୁ ସତ କୁଜଙ୍ଗ ରାଜାଙ୍କ ବୋଇତ କିଛିଦିନ ଆଗରୁ ବାଣିଜ୍ୟ ଉଦ୍ଦେଶ୍ୟରେ ନୀଳଦରିଆର ବୁକୁଚିରି ବିଦେଶ ଯାତ୍ରା କରିଥାଏ। ରାଜା ବିବ୍ରତ ହୋଇପଡ଼ିଲେ। ଠିକ୍ ସେତିକିବେଳେ ପୂର୍ବରୁ ଯାଇଥିବା କନିକା ରାଜାଙ୍କ ବୋଇତ ବାଣିଜ୍ୟରୁ ଫେରି କୂଳରେ ଲାଗିଲା। ତାଙ୍କଠାରୁ ଖବର ମିଳିଲା ଯେ, କୁଜଙ୍ଗ ବୋଇତ ସଫଳତା ସହିତ ଜାଭା ଦ୍ୱୀପରେ ପହଞ୍ଚିଛି ଓ କୁଜଙ୍ଗ ରାଜାଙ୍କ ପାଇଁ ସେମାନେ ଶୁଭ ସମାଚାର ମଧ୍ୟ ଆଣିଛନ୍ତି। ତା'ପରେ ଅନୁସନ୍ଧାନ ଚାଲିଲା– ଏପରି ଖବରର ସ୍ରଷ୍ଟା କିଏ ? ଜଣ ଜଣ କରି ଜିଜ୍ଞାସା କରି ଅନୁସନ୍ଧାନକାରୀ ଦଳ ଶେଷରେ ସେ ତିନି ନିଶାସକ୍ତ ବ୍ୟକ୍ତିଙ୍କ ନିକଟରେ ପହଞ୍ଚିଲେ। ବିଚରା ମାଦକ ପ୍ରଭାବରେ ଏକଥା କହିଥିବା ସ୍ୱୀକାର କଲା ପରେ ତାଙ୍କୁ ରାଜକ୍ଷମା ମିଳିଲା।

୮୦ ଦଶକରେ ଡିସ୍କୋ ନାମକ ଏକ ରୋଗ ବ୍ୟାପୁଥିବାର ଗୁଜବ ଓଡ଼ିଶାର ପୁରପଲ୍ଲୀରେ ଚାଞ୍ଚଲ୍ୟ ସୃଷ୍ଟି କରିଥିଲା। ପ୍ରବଳ ଜ୍ୱର ସହ ପୁରୁଷଙ୍କ ପୁରୁଷତ୍ୱ ଲୋପ ପାଉଥିବାର ଏକ ଅପପ୍ରଚାର ଶିକ୍ଷିତ ଅଶିକ୍ଷିତ ନିର୍ବିଶେଷରେ ସମସ୍ତଙ୍କ ଭାବାବେଗକୁ ଆଚ୍ଛନ୍ନ କରିଥିଲା। କଣ୍ଟାଲେଉଟିଆ ନାମକ ଏକ ଗୁଳ୍ମ ଚେରର ରସପାନ କଲେ ଏହି ରୋଗରୁ ଉପଶମ ମିଳିବା ସହ ଏହି ରସ ମଧ୍ୟ ସଫଳ ପ୍ରତିଷେଧକ ବୋଲି ପ୍ରଚାରିତ ହେଲା। ଫଳରେ ଅତି କମ୍ ଦିନ ମଧ୍ୟରେ ଉକ୍ତ ଗୁଳ୍ମ ସମ୍ପୂର୍ଣ୍ଣ ଲୋପପାଇଗଲା। ସମ୍ପ୍ରତି କରୋନାର ପ୍ରତିକାର ସ୍ୱରୂପ ତୁଳସୀ ପତ୍ରର ରସ ସେବନର ଏତେ ପ୍ରଚାର ହେଲା ଯେ ଦିନ କେତେଟାରେ ବାଡ଼ିବଗିଚା ତୁଳସୀ ଶୂନ୍ୟ ହୋଇଗଲା। ଅନେକ ସମୟରେ ଏପରି ଗୁଜବ ଶୁଣିବାକୁ ମିଳେ ଯେ ମା' ମଙ୍ଗଳାଙ୍କ ସ୍ୱପ୍ନାଦେଶ କ୍ରମେ ସଧବାନାରୀ ଯଦି ବାପଘରୁ ଶାଢ଼ିଚୁଡ଼ି ଓ ମୁଢ଼ି ଆଣି ମା'ଙ୍କୁ ସମର୍ପଣ ପରେ ନିଜେ ବ୍ୟବହାର କରନ୍ତି ତେବେ ସ୍ୱାମୀଙ୍କ ଉପରକୁ ଆସିବାକୁ ଥିବା ସମସ୍ତ ବିପଦ ଦୂରୀଭୂତ ହେବ। ପୁଣି କେତେବେଳେ ଶୁଣାଯାଏ ଯେ ଗୋଟିଏ ପୁଅ ଥିବା ମା' ଦୁଇ ବା ତତୋଧିକ ପୁଅ ଥିବା ମା'ଠାରୁ ଶାଢ଼ି ଆଣି ମଙ୍ଗଳାଙ୍କ ନାମରେ ପୂଜା କରି ପରିଧାନ କଲେ ଉଭୟ ମା'ଙ୍କ ପିଲାଙ୍କର ରିଷ୍ଟ ଖଣ୍ଡନ ହେବ।

ଗଣେଶ ମୂର୍ତ୍ତି କ୍ଷୀର ପାନ କରୁଥିବା ଭଳି ବିସ୍ମୟକର ଗୁଜବ ହେଉ, ସିମେଣ୍ଟ ନିର୍ମିତ ଗାଈ କ୍ଷୀର ପାନ କରୁଥିବାର ଚାଞ୍ଚଲ୍ୟକର ଅପପ୍ରଚାରର ଚକ୍ରାନ୍ତକାରୀ କତିପୟ ଆତ୍ମଘୋଷିତ ବାବାଙ୍କର ସାଧାରଣ ନରନାରୀଙ୍କର ଦୁର୍ବଳ ମାନସିକତାକୁ ଆକ୍ରାନ୍ତ କରିବାର ସୁକୌଶଳ ପ୍ରୟାସ ହେଉ– ଏ ସମସ୍ତ କାରସାଦି ସମାଜକୁ ରୁଗ୍‌ଣ କରିଥାଏ। ଏହି ଖଳ ପ୍ରକୃତି ସମ୍ପନ୍ନ ସମାଜ ବିରୋଧୀଙ୍କ ହୀନ ପ୍ରୟାସ। ସେହିପରି କିଛି ଜୀବଜନ୍ତୁଙ୍କୁ ତାଲିମ ଦିଆଯାଇ ଜନମାନସକୁ ପ୍ରଭାବିତ କରାଯିବାର ହୀନ ପ୍ରୟାସ ଏ ସମାଜରେ ବହୁ ପୁରାକାଳରୁ ପ୍ରଚଳିତ ହୋଇ ଆସୁଥିଲା। ମାଙ୍କଡ଼ ନାଚ ପ୍ରଦର୍ଶନ କରୁଥିବା ମାଙ୍କଡ଼ ନିକଟରେ ହଜିଲା ପଦାର୍ଥ ମିଳିବା ଆଶାରେ କିମ୍ବା ଦୀର୍ଘଦିନ ନିରୁଦ୍ଦିଷ୍ଟ ବ୍ୟକ୍ତିର ସନ୍ଧାନପ୍ରାପ୍ତି ଆଶାରେ ମାଙ୍କଡ଼କୁ ପ୍ରଶ୍ନ କରାଯାଏ। ତା' ମୁଖମଣ୍ଡଳର ବିଭିନ୍ନ ଠାଣିକୁ ଦେଖି ମାଙ୍କଡ଼ ମାଲିକ ପ୍ରଶ୍ନର ଉତ୍ତର ଦେଇଥାଏ। ସାଧାରଣତଃ ଏସବୁ ପ୍ରଶ୍ନର ଉତ୍ତର ସକାରାତ୍ମକ ହୋଇଥାଏ। ନଚେତ୍ ମାଲିକର ଆର୍ଥିକ କ୍ଷତିର ସମ୍ଭାବନା ଥାଏ। ଗ୍ରାମରେ ସଂକ୍ରାମକ ରୋଗ ବ୍ୟାପୁଥିଲେ ଲୋକେ ଗାଁ ମୁଣ୍ଡରେ ଠାକୁରାଣୀଙ୍କ ଉଦ୍ଦେଶ୍ୟରେ ପଣା ଦେଉଥିଲେ। ଏଥିରେ ମା' ସନ୍ତୁଷ୍ଟ ହୋଇ ରୋଗ କବଳରୁ ଗାଁକୁ ରକ୍ଷା କରିବାର ଅନ୍ଧବିଶ୍ୱାସ ଆଜି ବି ଏକବିଂଶ ଶତାବ୍ଦୀରେ ଦୃଶ୍ୟ ହୁଏ। ସାମାନ୍ୟ ଚିନ୍ତା କରିବା କଥା– ମନ୍ଦିରରେ ଦେବୀଙ୍କୁ ଉପାସନା ଓ ନୈବେଦ୍ୟ ପ୍ରଦାନ ନ କରି ଗାଁ ମୁଣ୍ଡରେ କୁକୁର ବିଲେଇଙ୍କୁ ଦେଲାପରି ପଣାହାଣ୍ଡି ରଖିଲେ ଦେବୀ ମା' ପ୍ରସନ୍ନ ହେବା ପରିବର୍ତ୍ତେ କ୍ରୋଧିତ ହେବେ ନାହିଁ ତ ? ସେହିପରି ଝଡ଼ାଫୁଙ୍କା ଓ ଶିଶୁମାନଙ୍କୁ ତପ୍ତଲୌହ ଚେଙ୍କ ପରି ଅମାନୁଷିକ କାର୍ଯ୍ୟାବଳୀ ଏବେ ମଧ୍ୟ ଗ୍ରାମାଞ୍ଚଳରେ ପ୍ରଚଳିତ। ଅନେକ ସମୟରେ ଗୁଣିଆ ପ୍ରଦତ୍ତ ଚେରମୂଳି ପ୍ରଭାବରେ ରୋଗ ଉପଶମ ହେଉଥିଲେ, ଗୁଣିଆ ପ୍ରତି ବିଶ୍ୱାସ ପ୍ରଗାଢ଼ତର ହୁଏ। ତା'ପରେ ଗୁଣିଆ ବ୍ରହ୍ମା ପାଲଟିଯାଆ'ନ୍ତି ଓ ତାଙ୍କ ବାଣୀ ହୋଇଯାଏ ବେଦର ଗାର। କିଛି ଶଠ ବ୍ୟକ୍ତି ସାଧୁ ସନ୍ନ୍ୟାସୀ ବେଶରେ ରୋଗର ପ୍ରତିକାର କିମ୍ବା ସନ୍ତାନ ନ ହେବାର ପ୍ରତିକାର ସ୍ୱରୂପ ପୂଜାପାଠ କରନ୍ତି। ପୂଜାପାଠ ଆଳରେ ଟଙ୍କା, ସୁନା ହାତେଇବା ଏବଂ ସ୍ଥଳ ବିଶେଷରେ ସନ୍ତାନକାମୀ ମହିଳାଙ୍କ ସହ ଅସଭ୍ୟ ଆଚରଣର ପରିଣତି ସ୍ୱରୂପ ଲୋକ ଲଜ୍ଜାରେ ମହିଳା ଜଣକ ଆତ୍ମହତ୍ୟାର ପଥ ବାଛି ନିଅନ୍ତି।

ଗୁଜବର ନ ଥାଏ କୌଣସି ନିର୍ଦ୍ଦିଷ୍ଟ ରୂପରେଖ କିମ୍ବା ଏହାର ପ୍ରସାରରେ ନ ଥାଏ କୌଣସି ଭୌଗୋଳିକ ସୀମାରେଖା। ଏହା କୌଣସି ସମୟରେ କୌଣସି ସ୍ଥାନରେ ଆତ୍ମପ୍ରକାଶ କରିପାରେ। ଅନେକ ସମୟରେ କାନଶୁଣା କଥା ଭୟଙ୍କର ଭାବେ ପ୍ରସାରିତ ହୋଇ ଜନମାନସକୁ ଆକ୍ରାନ୍ତ କରେ। କିଛିବର୍ଷ ତଳେ ଜଗତ୍‌ସିଂହପୁର ଓ କେନ୍ଦ୍ରାପଡ଼ା ଜିଲାର ସୀମା ସ୍ପର୍ଶ କରୁଥିବା ଏକ ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମା' ଗୋଜବାୟାଣୀଙ୍କ ପ୍ରତ୍ୟକ୍ଷ ସନ୍ଦର୍ଶନ ଓ ଅତି ଜଟିଳ ରୋଗକୁ ଆରୋଗ୍ୟ କରିଦେଉଥିବାର ପ୍ରଚାର ଜନମାନସକୁ ବେଶ୍ ଆଚ୍ଛନ୍ନ କରିଥିଲା। ଗୁରୁବାର ସଧବା ହିନ୍ଦୁ ନାରୀ ମା'ଙ୍କ ନିକଟରେ ଲାଗି ହୋଇଥିବା ଆମିଷ ଭକ୍ଷଣ କରି ପରେ ଅନୁତାପ ଅନଳରେ ଦଗ୍ଧ ହୋଇଛନ୍ତି। ଏପରି କି ମା'ଙ୍କ ମହିମା ପ୍ରଚାର ଉଦ୍ଦେଶ୍ୟରେ ଏକ ଓଡ଼ିଆ ଚଳଚ୍ଚିତ୍ର ମଧ୍ୟ ନିର୍ମିତ ହୋଇଥିଲା। କିଛିଦିନ ତଳେ କଟକ ଜିଲା ନିଆଳି ଅଞ୍ଚଳରେ ମେଣ୍ଢାମାନଙ୍କର ସନ୍ଦେହଜନକ ମୃତ୍ୟୁ କ୍ରମେ ଗୁଜବର ରୂପ ଧାରଣ କରି ଅନ୍ୟ ଅଞ୍ଚଳକୁ ମଧ୍ୟ ସଂପ୍ରସାରିତ ହୋଇଥିଲା। ଅଶୀ ଦଶକରେ କଟକ ଜିଲାର ବଡ଼ମ୍ବା ନରସିଂହପୁର ଅଞ୍ଚଳରେ ରାମଶିଆଳ ଆତଙ୍କ ବେଶ୍ କିଛିଦିନ ଭୟର ବାତାବରଣ ସୃଷ୍ଟି କରିଥିଲା। ଅନେକ ସମୟରେ ଭୂତ କର୍ତ୍ତୃକ ଆକସ୍ମିକ ଅଗ୍ନି ପ୍ରଜ୍ୱଳନ, ଶୂନ୍ୟରୁ ବାଲି, ଗୋଡ଼ି, ଅସ୍ଥି ଓ ଆବର୍ଜନା ବର୍ଷଣ ଜନମାନସରେ ଭୟର ବାତାବରଣ ସୃଷ୍ଟି କରିଥାଏ। କିଛିଦିନ ତଳେ ଲୁଣର ଅଭାବକୁ ନେଇ ଏପରି ଗୁଜବ ପ୍ରଚାରିତ ହେଲା, ଯଦ୍ଦ୍ୱାରା ଲୁଣ କିଲୋ ପିଛା ହଠାତ୍ ୧୦ ଟଙ୍କାରୁ ବୃଦ୍ଧି ପାଇ ୭୦/୮୦ ଟଙ୍କାରେ ବିକ୍ରି ହେଲା। କେବଳ ଓଡ଼ିଶା ନୁହେଁ, ଭାରତର ଉତ୍ତର ପୂର୍ବାଞ୍ଚଳ ରାଜ୍ୟଗୁଡ଼ିକରେ ଏପରି ସ୍ଥିତି ସୃଷ୍ଟି ହେଲା। ବେଳେବେଳେ ରେଳଷ୍ଟେଶନରେ, ବିମାନବନ୍ଦରରେ ଓ ବସ୍‌ଷ୍ଟାଣ୍ଡ ଭଳି ଜନବହୁଳ ସ୍ଥାନରେ ବୋମା ଖଞ୍ଜାଯାଇଥିବାର ଗୁଜବ ସୃଷ୍ଟି କରାଯାଏ। ୨୦୧୯ ନଭେମ୍ବରରେ ଆନ୍ଧ୍ରପ୍ରଦେଶର ଗୋଲଠମ ରେଳଷ୍ଟେଶନରେ ଏକ ଗୁଜବ ପ୍ରଚାରିତ ହେଲା ଯେ ଆଲେପି–ଧାନବାଦ ଟ୍ରେନ୍‌ରେ ନିଆଁ ଲାଗିଛି। ଫଳରେ ଆରମ୍ଭ ହୋଇଗଲା ପ୍ରବଳ ଧାଁଦଉଡ଼ ଓ ଧସ୍ତାଧସ୍ତି। ଅନ୍ୟ ଏକ ଟ୍ରାକ୍‌ରେ ଆସୁଥିବା ଟ୍ରେନ୍ ଧକ୍କାରେ ଅନେକ ମୃତାହତ ହେଲେ। ଧସ୍ତାଧସ୍ତିରେ ମଧ୍ୟ କିଛି ଲୋକ ଶ୍ୱାସରୁଦ୍ଧ ହୋଇ ମୃତ୍ୟୁବରଣ କଲେ। ୨୦୧୯ ଅକ୍ଟୋବରରେ ଦଶହରା ସମୟରେ ମଧ୍ୟପ୍ରଦେଶର ଦାତିଆ ଜିଲାରେ ରତ୍ନଗଡ଼ ମନ୍ଦିରକୁ ସଂଯୋଗ କରୁଥିବା ଏକ ନଦୀ ପୋଲ ଭୁଶୁଡ଼ି ପଡ଼ିବାର ଗୁଜବ ପ୍ରଚାରିତ ହେଲା। ତା' ପରେ ପରେ ଧସ୍ତାଧସ୍ତି, ଠେଲାପେଲା ଓ ଧାଁଦଉଡ଼ରେ ଚାହୁଁ ଚାହୁଁ ୧୧୫ ଜଣ ଶ୍ରଦ୍ଧାଳୁଙ୍କ ଜୀବନଦୀପ ଲିଭିଗଲା।

ଅନେକ ସମୟରେ କିଛି ସମାଜବିରୋଧୀ ଲୋକପୀଡ଼କଙ୍କ କ୍ରୁର ମାନସିକତାର ପ୍ରତିଫଳନ ହେଉଛି ଗୁଜବ। ଗୁଜବର ଧୂମ୍ର ଅପସୃତ ହୋଇ ସତ୍ୟର ଆଲୋକ ବିଚ୍ଛୁରିତ ହେଲା ବେଳକୁ ଅନେକ ବିଳମ୍ବ ଘଟି ସାରିଥାଏ। ଲୋକେ ସତ୍ୟତା ହୃଦୟଙ୍ଗମ କଲାବେଳକୁ ଆଉ କିଛି ଅବଶିଷ୍ଟ ନ ଥାଏ। ଯାହା ଥାଏ ତାହା କେବଳ ଅନୁଶୋଚନା ଓ ପୁଞ୍ଜିଭୂତ ବେଦନା। ସେଥିପାଇଁ ଶାସ୍ତ୍ର କହେ ବିପଦ ସମୟରେ ଧୈର୍ଯ୍ୟ ହିଁ ମହୌଷଧି। ଅନାଗତ ଭୟ ଓ ଭୟରୁ ସହଜରେ ମୁକ୍ତିଲାଭ କରିବାର ବ୍ୟାକୁଳତା ମଣିଷକୁ କଠୋର ପ୍ରତିଫଳ ଭୋଗ କରିବାକୁ ଛାଡ଼ିଦେଇଥାଏ। ଦେଶ ବର୍ତ୍ତମାନ କରୋନାର ସଙ୍କଟମୟ ପରିସ୍ଥିତି ଦେଇ ଗତି କରୁଥିବା ସମୟରେ ଏ ଗୁଜବ ସୃଷ୍ଟିକାରୀଙ୍କ ଅପପ୍ରଚାର ସମାଜକୁ ଭୀଷଣ ପ୍ରଭାବିତ କରୁଛି। ଗୁଜବ ସୃଷ୍ଟିକାରୀ ଅପପ୍ରଚାର ମାଧ୍ୟମରେ ବେଶ୍ ଆମୋଦିତ ହୁଅନ୍ତି। ଏମାନଙ୍କୁ ଚିହ୍ନଟ କରି କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଆବଶ୍ୟକ। ଗୁଜବ ଶୁଣିବା ମାତ୍ରକେ କୌଣସି ବ୍ୟଗ୍ରତା ବିନା ସତ୍ୟାସତ୍ୟର ପରୀକ୍ଷଣ ଏକାନ୍ତ ଆବଶ୍ୟକ। ଗୁଜବ ପ୍ରତି ସାବଧାନ।

ସିଦ୍ଧଳ, ଜଗତ୍‌ସିଂହପୁର
ମୋ: ୯୯୩୭୪୫୦୫୪୦

# ଅଭିନବ ପରିକଳ୍ପନା ପରିବର୍ତ୍ତନର ଆହ୍ୱାନ



ମଙ୍ଗୁଳି ଚରଣ ନିଶଙ୍କ

ବନ୍ୟ ପରିବେଶରେ ମଣିଷ ଆସ୍ଥାନ ବନାଇ ଗୋଷ୍ଠୀଗତ ଜୀବନ ଶୈଳୀ ଆରମ୍ଭ କରି କ୍ରମେ ନିଜର ପରିବେଷ୍ଟନିକୁ ସୁସଂଯତ ଓ ଆବଶ୍ୟକ ମୁତାବକ ପ୍ରସ୍ତୁତ କରାଇ ଅଧୁନା ଅତ୍ୟାଧୁନିକ, ଯନ୍ତ୍ରବତ ଓ ଆବଶ୍ୟକତାଠାରୁ ବହୁଗୁଣିତ ପରିବେଶ ସଜାଡି ପାରିଛି। ନିଜର ଛୋଟ ଛୋଟ ଭାବନାକୁ ପ୍ରୟୋଗାତ୍ମକ ଢଙ୍ଗରେ ପରୀକ୍ଷାମୂଳକ ଭାବେ ଶନୈଃଶନୈଃ ପ୍ରବେଶ କରି ସମସ୍ତ ଦିଗରେ ସ୍ୱୟଂସମ୍ପନ୍ନ ସାମାଜିକ ସୁସ୍ଥିତି ନିଶ୍ଚିତ କରାଇ ତା'ର ଅନ୍ତର୍ନିହିତ କୌଶଳ ଓ ଭାବନାକୁ ପୂର୍ଣ୍ଣ ମାତ୍ରାରେ ଅନ୍ତର୍ନିବେଶ କରାଇ ପାରିଛି। ସମସ୍ତ ପାର୍ଥିବ କ୍ଷେତ୍ର ଜଳ, ସ୍ଥଳ ଓ ଆକାଶ ଓ ସାମାଜିକ କ୍ଷେତ୍ର ଯଥା ସାହିତ୍ୟ, ସଂସ୍କୃତି, ଦର୍ଶନ, ଅର୍ଥଶାସ୍ତ୍ର, ବିଜ୍ଞାନ ଓ ଗଣିତଶାସ୍ତ୍ର ଓ ନିର୍ମାଣ କ୍ଷେତ୍ରକୁ ଚମତ୍କାର ଭାବେ ଆୟତ୍ତ କରି ସମଗ୍ର ବିଶ୍ୱକୁ ରଙ୍ଗମଞ୍ଚରେ ପରିଣତ କରାଇପାରିଛି। ସମସ୍ତ ସଫଳତା ପଛରେ ବିଶ୍ୱର ପ୍ରମୁଖ ବୁଦ୍ଧିଜୀବୀ, ବୈଜ୍ଞାନିକ, ଦାର୍ଶନିକ, ଗବେଷକ, କବି ଓ ଲେଖକ ମାନଙ୍କର ପ୍ରଚ୍ଛନ୍ନ ହାତ ରହିଛି।

ବନ୍ୟା, ବାତ୍ୟା, ଭୂକମ୍ପ, ମହାମାରୀ ଆଦି ମରଣାନ୍ତକ ଦୁର୍ଘଟଣାମାନଙ୍କରୁ ମଣିଷର ଅମୂଲ୍ୟ ଜୀବନ ଓ କାର୍ଯ୍ୟଧାରାକୁ ଅବ୍ୟାହତ ରଖିବାରେ ଚେଷ୍ଟିତ। ବେଳେ ବେଳେ ସେମାନଙ୍କର ଛୋଟିଆ ଛୋଟିଆ ପରିକଳ୍ପନା ସାମାଜିକ କ୍ଷେତ୍ରରେ ଅନେକ ପରିବର୍ତ୍ତନ ଆଣିପାରିଛି। ବହୁବର୍ଷ ଆଗରୁ ମଣିଷ ଗଣିତର ପ୍ରୟୋଗ କରିବା ଜାଣିଥିଲେ ମଧ୍ୟ ପଞ୍ଚମ ଶତାବ୍ଦୀର ମଧ୍ୟଭାଗରେ ଭାରତୀୟମାନଙ୍କ ଦ୍ୱାରା 'ଶୂନ'(ଜିରୋ) ର ବ୍ୟବହାର ଗଣିତଶାସ୍ତ୍ରରେ ଏକ ବିରାଟ ଓ ଚମତ୍କାରୀ ପରିବର୍ତ୍ତନ ଯାହା ସମସ୍ତ ଗଣିତଶାସ୍ତ୍ରକୁ ଶାଣିତ ଓ ମାର୍ଜିତକରି ଏକ ସୁନ୍ଦର ଓ ସହଜ ଅଭିନବ ସୃଷ୍ଟିର ନିଦର୍ଶନ ହୋଇପାରିଛି। ପୃଥିବୀର ଅନେକ ସୁପ୍ରତିଷ୍ଠିତ ଓ ବିଖ୍ୟାତ ବୈଜ୍ଞାନିକମାନଙ୍କର ଉଚ୍ଚକୋଟୀର ଉଦ୍ଭାବନ ବିଶ୍ୱ ପାଇଁ ଅନେକ ପରିବର୍ତ୍ତନ ଆଣିଲେ ମଧ୍ୟ ଛୋଟ ଛୋଟ ଉଦ୍ଭାବନ ମାନବ ସମାଜ ପ୍ରତି ଅତି ଦରକାରୀ ସାବ୍ୟସ୍ତ ହୋଇପାରିଛି। ପୃଥିବୀର ବଡ ବଡ ବୈଜ୍ଞାନିକମାନେ ଯଦିଓ ଯୁଗାନ୍ତକାରୀ ଯଥା ଜଟିଳ ତଥ୍ୟକୁ ଆଧାର କରି ଉଦ୍ଭାବନ ଓ ଆବିଷ୍କାର କରିଥିଲେ ମଧ୍ୟ ଥୋମାସ ଆଲ୍‌ଭା ଏଡିସନ୍‌ଙ୍କର ଇଲେକ୍‌ଟ୍ରିକ୍ ବଲ୍‌ବର ଉଦ୍ଭାବନ ସମଗ୍ର ଅନ୍ଧକାର ବିଶ୍ୱକୁ ଆଲୋକିତ କରି ଆଶ୍ଚର୍ଯ୍ୟାବିଭୂତ କରିପାରିଥିଲା ଓ ଯେଉଁଥିପାଇଁ ତାଙ୍କ ଉଦ୍ଦେଶ୍ୟରେ ଆମେରିକାରେ ଏକ ବିରାଟ ଉତ୍ସବ ପାଳନ କରାଯାଇଥିଲା। ୧୯୯୯ ମସିହା ଓଡ଼ିଶା ମହାବାତ୍ୟାରେ ଅଶେଷ କ୍ଷତିରୁ ଶିକ୍ଷା ଲାଭକରି ଓଡ଼ିଶା ସରକାର ଭବିଷ୍ୟତର ବନ୍ୟା ଓ ବାତ୍ୟା ଦୁର୍ଘଟଣାକୁ ପ୍ରତିହତ କରିବା ପାଇଁ ଓଡ଼ିଶା ବିପର୍ଯ୍ୟୟ ଦ୍ରୁତ କାର୍ଯ୍ୟ ବଳ (ଓଡ୍ରାଫ) ଗଠନ କରି ସମଗ୍ର ବର୍ଷ ପାଇଁ ଉଦାହରଣ ପାଲଟିଗଲେ। ବନ୍ୟା ଓ ବାତ୍ୟାପ୍ରବଣ ଓଡ଼ିଶା ରାଜ୍ୟ ପରବର୍ତ୍ତୀ ସମୟରେ ଅନେକ ବିପର୍ଯ୍ୟୟ ଯଥା ଫାଇଲିନ୍, ହୁଡ୍‌ହୁଡ୍ ,ତିତ୍‌ଲି ଓ ଫନୀ ଭଳି ଅତି ଭୟଙ୍କରି ବାତ୍ୟାର ମୁକାବିଲାର ସଫଳ ହୋଇ ଦେଶର ଅନ୍ୟାନ୍ୟ ଅଞ୍ଚଳ ପାଇଁ ଦୁର୍ଘଟଣା ସମୟରେ ଆବଶ୍ୟକ ପଡୁଛି। ବିଶ୍ୱବ୍ୟାପୀ ମହାମାରୀ କରୋନାର ପ୍ରକୋପ ବିଶ୍ୱକୁ ବର୍ତ୍ତମାନ ଗୋଟିଏ ପ୍ରକାର ଅନିଶ୍ଚିତ ସୁଧାର ଆଣିବା ଲାଗି ମନେହେଉଥିଲେ ମଧ୍ୟ ଭାରତ ସରକାରଙ୍କର ବଳିଷ୍ଠ ପଦକ୍ଷେପ ସ୍ୱରୂପ ଲୋକମାନଙ୍କ ପାଇଁ ସଂସ୍କାରିତ ଆଚରଣ ନିୟମାବଳୀ ଅତି ବହୁଜନ ସାନ୍ଦ୍ରତା ବିଶିଷ୍ଟ ଭାରତ ବର୍ଷରେ ସଂଗରୋଧ, ଲକ୍‌ଡାଉନ୍, ସଟ୍‌ଡାଉନ୍ ଓ ସାମାଜିକ ଦୂରତ୍ୱ ଇତ୍ୟାଦି ଦ୍ରୁତ ପରିକଳ୍ପନା କରି ଅନ୍ୟ ଉନ୍ନତଶୀଳ ରାଷ୍ଟ୍ରମାନଙ୍କ ଅପେକ୍ଷା କରୋନା ନିୟନ୍ତ୍ରଣରେ ତୁଳନାତ୍ମକ ଭାବେ ସଫଳ ହୋଇ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଦ୍ୱାରା ପ୍ରଶଂସିତ ହୋଇ ଅନ୍ୟ ରାଷ୍ଟ୍ରମାନଙ୍କ ପାଇଁ ଉଦାହରଣ ହୋଇପାରିଛି। ଶିଶୁ ଓ ମାତୃ ମୃତ୍ୟୁହାର କମାଇବା ଓ ସେମାନଙ୍କର ପୁଷ୍ଟତାକୁ ବଜାଇ ରଖିବା ସହିତ ସ୍ୱାସ୍ଥ୍ୟର ଯତ୍ନ ଉଦ୍ଦେଶ୍ୟରେ ଗରିବ ଓ ମଧ୍ୟବିତ୍ତ ପରିବାର ମାନଙ୍କ ପାଇଁ ଓଡ଼ିଶା ସରକାର 'ମମତା' ଯୋଜନା ପ୍ରଣୟନ କରି ଅଶେଷ ହିତ ସାଧନ କରିବା ସହିତ ଅନ୍ୟ ରାଜ୍ୟମାନଙ୍କ ପାଇଁ ପ୍ରେରଣାର ଉତ୍ସ ହୋଇପାରିଥିଲେ।

ସମସ୍ତ ଅତ୍ୟାଧୁନିକ ଓ ଉନ୍ନତ ଯୋଜନାମାନଙ୍କର ପରିକଳ୍ପନା ଓ ସଫଳତାର ଚରମ ଉନ୍ନତିରେ ଚାବିକାଠି ହେଉଛି ଶିକ୍ଷା। ବର୍ତ୍ତମାନ କରୋନା ମହାବିପତ୍ତିରୁ ନିସ୍ତାର ପାଇବା ପାଇଁ ପାଠକୁ ତନତନ କରି ତର୍ଜମା କରାଯାଉଛି। ଶିକ୍ଷିତ ଗୋଷ୍ଠୀ ଓ ଗବେଷକମାନେ ବର୍ତ୍ତମାନ ଗବେଷଣାରତ ଯାହା ଦିନେ ସଫଳ ହେବ ଓ କରୋନାର କାୟାକୁ ସଙ୍କୁଚିତ କରାଯିବ ଏହା ନିଃସନ୍ଦେହ। କରୋନାର ବିସ୍ତାରରେ 'ଶିକ୍ଷା' କିଛିମାତ୍ରାରେ ବିପଦରେ ପଡିଛି। ସେଥିପାଇଁ କିପରି ଶିକ୍ଷାର ସ୍ଥିର ଅଭିବୃଦ୍ଧି ଓ ଅବିରତ ଗୁଣାତ୍ମକ ଶିକ୍ଷାକୁ ବଞ୍ଚାଇବା ପାଇଁ ଯନ୍ତ୍ର ମାଧ୍ୟମରେ ଶିକ୍ଷାକୁ ଶିକ୍ଷାର୍ଥୀମାନଙ୍କ ପାଖରେ ପହଞ୍ଚାଇ ଦିଆଯାଇ ପାରୁଛି। ସଙ୍କଟମୟ ସମୟରେ ବିଶ୍ୱର ସମସ୍ତ ପାଠଶାଳା ଅଗଣା ଶୂନ୍‌ଶାନ୍ ଯଦିଓ ଅନ୍ୟାନ୍ୟ ସହଶୈକ୍ଷିକ କାର୍ଯ୍ୟକ୍ରମ ବର୍ତ୍ତମାନ ସମୟରେ ଅସମ୍ଭବ ତଥାପି ଅନେକ ରାଷ୍ଟ୍ର ଶିକ୍ଷାର ସର୍ବନିମ୍ନମାନ ବଜାୟ ରଖିବା ପାଇଁ ଚେଷ୍ଟିତ। ଏହି ପରିପ୍ରେକ୍ଷୀରେ ଓଡ଼ିଶା ଅନ୍ତର୍ଗତ ଖୋର୍ଦ୍ଧା ଜିଲାର ଜିଲା ଶିକ୍ଷା ଅଧିକାରିଣୀ ମହାଶୟାଙ୍କର 'ଶିକ୍ଷା ସଂଯୋଗ' ପରିକଳ୍ପନା ନିଶ୍ଚୟ ପ୍ରଶଂସାଯୋଗ୍ୟ। ଶିକ୍ଷାର୍ଥୀମାନଙ୍କର ନିରନ୍ତର ଶିକ୍ଷା ବ୍ୟାହତ ନ ହେବା ପାଇଁ ହ୍ୱାଟ୍‌ସଆପ ମାଧ୍ୟମରେ ସମସ୍ତ ବିଷୟର ନିର୍ଦ୍ଧାରିତ ସମୟର ପ୍ରସଙ୍ଗକୁ ପିଲାମାନଙ୍କ ପାଖରେ ପହଞ୍ଚାଇ ଶିକ୍ଷାର୍ଥୀମାନଙ୍କର ଆଗ୍ରହ ଓ ବ୍ୟଗ୍ରତାକୁ ରକ୍ଷା କରିପାରିଛନ୍ତି। ଏହି ଅଭିନବ ଶିକ୍ଷା ସ୍ରୋତରେ ସମସ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ, ସହଅଧିକାରୀ, ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ, ପ୍ରଧାନ ଶିକ୍ଷକ, ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀମାନଙ୍କୁ ପ୍ରତ୍ୟକ୍ଷ ସାମିଲ କରାଇ ଉପଯୁକ୍ତ ସମ୍ବଳ ଶିକ୍ଷକଙ୍କ ଜରିଆରେ ପାଠ ପ୍ରସ୍ତୁତ ଓ ବାରମ୍ବାର ବିଶ୍ଳେଷଣ କରାଯାଇ ପ୍ରତିଦିନ ନିର୍ଦ୍ଦିଷ୍ଟ ସମୟରେ ଶିକ୍ଷଣ କାର୍ଯ୍ୟଗୁଡିକୁ ପ୍ରେରଣ କରିବା ଏକ ସାହସିକ ଓ ସମୟୋପଯୋଗୀ ଦାୟିତ୍ୱ ହୋଇପାରିଛି। ହ୍ୱାଟ୍‌ସଆପ ମାଧ୍ୟମରେ ଯଦିଓ କିଛି ଶିକ୍ଷାର୍ଥୀ ମାନଙ୍କ ପାଖରେ 'ଶିକ୍ଷା ସଂଯୋଗ' ପହଞ୍ଚିପାରି ନାହିଁ ତଥାପି ଏହି ସଙ୍କଟମୟ ସମୟରେ ଏହା ଅତି ସ୍ୱାଗତଯୋଗ୍ୟ ଓ ଅବିକଳ୍ପ ପଦକ୍ଷେପ। ଏଭଳି ଅଭିନବ ଓ ଆନ୍ତରିକପୂର୍ଣ୍ଣ ଚିନ୍ତାଧାରା ଅନ୍ୟମାନଙ୍କ ପାଇଁ ଉଦାହରଣ ହୋଇ ରାଜ୍ୟର ସମସ୍ତ ଅଞ୍ଚଳକୁ ବ୍ୟାପିବାରେ ଲାଗିଛି। ବାସ୍ତବରେ କରୋନାକୁ ମୁକାବିଲା ଓ ଅନ୍ତଃହୀନ ଶିକ୍ଷାକୁ ଅକ୍ଷୁଣ୍ଣ ରଖିବା ପାଇଁ ଯେଉଁ ଚେତନାଧର୍ମୀ ବ୍ୟକ୍ତିତ୍ୱମାନେ ଅଧିକାରୀଙ୍କ ତତ୍ତ୍ୱାବଧାନରେ ଅହରହ ଚିନ୍ତାକରି ସତର୍କତାର ସହିତ ଠିକ ଢଙ୍ଗରେ ସମସ୍ତ କାର୍ଯ୍ୟ ସମ୍ପାଦନ କରିପାରୁଛନ୍ତି ସେହିମାନେ ହିଁ ସମୟଯୁଦ୍ଧର ପ୍ରକୃତ ଯୋଦ୍ଧା। ଉପରୋକ୍ତ ସମସ୍ତ ଅଭିନବ କାର୍ଯ୍ୟଶୈଳୀରୁ ଆମେ ନିଶ୍ଚିତ ଯେ ସମାଜର ଅତି ଗୁରୁତ୍ୱପୂର୍ଣ୍ଣ ସାମାଜିକ ଯେତ୍ରମାନଙ୍କରେ କାର୍ଯ୍ୟରତ ସମସ୍ତ ବୁଦ୍ଧିଜୀବୀ, ଅଧିକାରୀ ଓ ପ୍ରତ୍ୟେକ ବ୍ୟକ୍ତିବିଶେଷମାନଙ୍କର ଅନ୍ତର୍ନିହିତ ଉନ୍ନତ ଅଭିନବ ପରିକଳ୍ପନା ପରିବର୍ତ୍ତନର ଆହ୍ୱାନ ନିଶ୍ଚୟ।

ରାମଚଣ୍ଡୀ, ନରଣଗଡ଼, ଖୋରଧା
ମୋ-୬୩୭୧୫୪୭୬୯୭

## ଏଇ ଭାରତରେ

ଶିଶୁସ୍ୱାସ୍ଥ୍ୟ କ୍ଷେତ୍ରରେ ଉନ୍ନତି ଆଣିବାରେ ଜଗଦୀପ ଗମ୍ଭୀରଙ୍କ ପ୍ରୟାସ ବେଶ୍ ପ୍ରେରଣାଦାୟକ। ଇଣ୍ଡିଆନ୍ ସ୍କୁଲ୍ ଅଫ୍ ବିଜ୍‌ନେସରୁ ଶିକ୍ଷା ଶେଷ କରି ସେ ଚାକିରି କରିଥିଲେ। କିନ୍ତୁ ପରେ ଚାକିରି ଛାଡି 'କର୍ମା ହେଲ୍‌ଥକେୟାର' ସଂସ୍ଥା ଗଠନ କରି ତା'ମାଧ୍ୟମରେ ଦୁର୍ଗମ ଅଞ୍ଚଳରେ ସ୍ୱାସ୍ଥ୍ୟସେବା ଯୋଗାଇ ଦେଉଛନ୍ତି। ଏହି ସଂସ୍ଥା ସେ ୨୦୧୪ରେ ରାଜସ୍ଥାନ ଉଦୟପୁରରେ ପ୍ରତିଷ୍ଠା କରି ତା'ମାଧ୍ୟମରେ ଇ-ଡକ୍ଟର କ୍ଲିନିକ ଆରମ୍ଭ କରିଥିଲେ। ନର୍ସମାନେ ଏହି କ୍ଲିନିକ୍‌ରେ ଶିଶୁମାନଙ୍କର ପ୍ରାଥମିକ ସ୍ୱାସ୍ଥ୍ୟ ପରୀକ୍ଷା କରୁଛନ୍ତି। ଭିଡିଓ କନ୍‌ଫରେନ୍ସରେ ସଂସ୍ଥା ଦ୍ୱାରା ସ୍ୱୀକୃତିପ୍ରାପ୍ତ ଡାକ୍ତରଙ୍କ ସହ ଯୋଗାଯୋଗ କରାଯାଉଛି। କ୍ଲିନିକ୍‌ରେ ପରୀକ୍ଷା ଲାଗି ଡାଇଗ୍ନୋଷ୍ଟିକ ଲାବ୍ ବ୍ୟବସ୍ଥା ମଧ୍ୟ ରହିଛି। କେବଳ ଏତିକି ନୁହେଁ ଔଷଧ ଦେବା ଲାଗି ଫାର୍ମାସିଷ୍ଟ ମଧ୍ୟ ନିଯୁକ୍ତି ପାଇଛନ୍ତି। କ୍ଲିନିକ୍ ଚଳାଇବା ଲାଗି ଗମ୍ଭୀର ପ୍ରଥମେ ସବୁ ଖର୍ଚ୍ଚ ନିଜ ପକେଟରୁ କରୁଥିଲେ। ଏବେ ଅନ୍ୟ ସଂସ୍ଥାଗୁଡିକ ଆର୍ଥିକ ସହାୟତା ଯୋଗାଇ ଦେଉଛନ୍ତି। ଗତ ୬ ବର୍ଷ ମଧ୍ୟରେ କର୍ମା ହେଲ୍‌ଥ କେୟାର ୩୫ଟି ଇ-ଡକ୍ଟର କ୍ଲିନିକ୍ ପ୍ରତିଷ୍ଠା କରିପାରିଛି। ହରିୟାଣା, ରାଜସ୍ଥାନ ଏବଂ ମଧ୍ୟପ୍ରଦେଶର ଦୁର୍ଗମ ଅଞ୍ଚଳର ୩୫ଟି ଗାଁରେ ଏହା କରାଯାଇଛି। ଏଯାବତ ଏହି କ୍ଲିନିକ୍‌ରେ ଦେଢ଼ ଲକ୍ଷ ଶିଶୁ ଚିକିତ୍ସିତ ହୋଇସାରିଲେଣି। ଡାକ୍ତର, ନର୍ସ ଓ ଅନ୍ୟ କର୍ମଚାରୀଙ୍କୁ ନେଇ ମୋଟରେ ୯୨ ଜଣ କ୍ଲିନିକ୍‌ଗୁଡିକରେ କାର୍ଯ୍ୟ କରୁଛନ୍ତି। ଲକ୍‌ଡାଉନ୍‌ରେ ଶିଶୁମାନେ ଚିକିତ୍ସାରୁ କେମିତି ବଞ୍ଚିତ ନ ହେବେ ସେଥିପାଇଁ ଭିନ୍ନ ଉପାୟ କରିଛନ୍ତି। ଏହି ସମୟରେ ଡାକ୍ତରଙ୍କ ସହ ଭିଡିଓ କଲ୍ ମାଧ୍ୟମରେ ଯୋଗାଯୋଗ କରିବାର ବ୍ୟବସ୍ଥା କରାଯିବା ସହ ଇ-କ୍ଲିନିକ୍‌ରୁ ଘରେ ଔଷଧ ପହଞ୍ଚାଇ ଦିଆଯାଉଛି। ଏଥିପାଇଁ ସେ ୨୪ ଘଣ୍ଟିଆ ସେବା ଯୋଗାଇ ଦେଉଛନ୍ତି।

## ଚିରନ୍ତନୀ

ହଜିଗଲା କେତେ କାହିଁ ଆଜି ସବୁ ଅଜଣା
ଲୋଡ଼ି ନାହିଁ ଅତୀତର କରିବାକୁ ମାଜଣା
ନବ ନବ ତାଳେ କେତେ ନାଚିଥିଲା ପରାଣ
ବିରହର ଗୀତ କେତେ ମିଳନର ବାଜଣା !

(ପଥର ପ୍ରେମିକ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ବିଦ୍ୟୁତ୍ ବିଭାଗର ଚଞ୍ଚକତା

ମହାଶୟ,

କରୋନା ଭୂତାଣୁ ସାରା ଦେଶରେ ଅର୍ଥବ୍ୟବସ୍ଥାକୁ ସ୍ଥାଣୁ କରିଦେଇଥିବା ବେଳେ ସବୁ ବର୍ଗର ଲୋକଙ୍କ ରୋଜଗାର ପନ୍ଥାକୁ ରୋକ୍ ଲଗାଇ ରଖିଛି। ଏହି ସଙ୍କଟଜନକ ପରିସ୍ଥିତିକୁ ମୁକାବିଲା ପାଇଁ ଦେଶର ପ୍ରାୟ ସବୁ ରାଜ୍ୟ କିଛି ନା କିଛି ଆର୍ଥିକ ଅନୁଦାନର ବ୍ୟବସ୍ଥା ରାଜ୍ୟବାସୀଙ୍କ ପାଇଁ କରିଚାଲିଛନ୍ତି। କିନ୍ତୁ ଆମ ରାଜ୍ୟ ସରକାରଙ୍କର ଜନୈକ ବିଦ୍ୟୁତ୍ ବିତରଣ ବିଭାଗ ଦୁଇମାସ ପୂର୍ବରୁ ରାଜ୍ୟବାସୀଙ୍କ ଆର୍ଥିକ ଦୁରବସ୍ଥାକୁ ଦେଖି ଲକ୍‌ଡାଉନ୍ ସମୟସୀମା ଦୁଇ ମାସର ବିଦ୍ୟୁତ୍ ଶୁଳ୍କ ସଂପୂର୍ଣ୍ଣ ରୂପେ ଛାଡ଼ କରିବା ପାଇଁ ଉପଭୋକ୍ତାମାନଙ୍କୁ ଆଗରୁ ଅବଗତ କରାଇଥିଲେ ହେଁ ବାସ୍ତବରେ କିନ୍ତୁ ଲକ୍‌ଡାଉନ୍ ଅବଧି ଶେଷ ନ ହେଉଣୁ ଦୁଇ ଦୁଇ ମାସର ବିଦ୍ୟୁତ୍ ଶୁଳ୍କ ଏକସଙ୍ଗେ ପଇଠ କରିବା ପାଇଁ ସାଧାରଣ ଜନତା ତଥା ବ୍ୟବସାୟ ପ୍ରତିଷ୍ଠାନଙ୍କ ଉପରେ ଚାପ ପକାଉଛି। ଏହା କ'ଣ ବିପଦ ସମୟରେ ଜନସାଧାରଣଙ୍କ ପ୍ରତି ଉପଯୁକ୍ତ ପଦକ୍ଷେପ କି ? ମୋର ବିଭାଗୀୟ ମନ୍ତ୍ରୀଙ୍କୁ ଏହାର ନିରାକରଣ ପାଇଁ ଏକାନ୍ତ ଅନୁରୋଧ ସହିତ ଜନସାଧାରଣଙ୍କ ହିତ ଦୃଷ୍ଟିରୁ ସରକାରଙ୍କର ପୂର୍ବର ପ୍ରତିଶ୍ରୁତିକୁ ଉପଯୁକ୍ତ ଭାବରେ କାର୍ଯ୍ୟକାରୀ କରାଯାଉ।

–ଧର୍ମରାଜ ପଟ୍ଟନାୟକ, ଜୟଦୁର୍ଗାନଗର, ଭୁବନେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ମଦ ଗ୍ରାହକଙ୍କୁ ଠକିଲେ ଏତଲା

**ଭୁବନେଶ୍ୱର,୨୬।୫(ବ୍ୟୁରୋ):** ଅନ୍‌ଲାଇନ ଜରିଆରେ ମଦ ବିକ୍ରି ସମୟରେ ଗ୍ରାହକ ଠକାମିର ଶିକାର ହେଉଥିବା ଖବର ପ୍ରକାଶ ପାଇବାପରେ ରାଜ୍ୟ ଅବକାରୀ ବିଭାଗ ପକ୍ଷରୁ ଏକ ଚିଠି ମଙ୍ଗଳବାର ପ୍ରକାଶ କରାଯାଇଛି। ବିଭିନ୍ନ ସାମାଜିକ ଗଣମାଧ୍ୟମ ଏବଂ ପୋର୍ଟାଲ ଆଦିରେ ମଦ ବିକ୍ରି ନାଁରେ ଠକମାନେ ପ୍ରୟାସ ଚଳାଇଛନ୍ତି। ତେଣୁ ସେମାନେ ଯେପରି ଠକାମିର ଶିକାର ନ ହେବେ ସେଥିଲାଗି ସରକାରଙ୍କ ତରଫରୁ ନୂତନ ନିୟମକୁ ମାନି ମଦ କିଣିବା ଲାଗି ପରାମର୍ଶ ଦିଆଯାଇଛି। ଯେକୌଣସି ଠିପି ଖୋଲା ବା ଠିପି ବନ୍ଦ ରିଟେଲ ଦୋକାନ ବାହାରେ ସେମାନଙ୍କ ମୋବାଇଲ ନମ୍ବର ଲଗାଯାଇଥିବ। ଏହାଦ୍ୱାରା ସିଧାସଳଖ ଦୋକାନୀମାନେ ଲୋକଙ୍କ ଅର୍ଡର ରଖିପାରିବେ। ଏହାସହ ସେହି ନମ୍ବର ଓଏସ୍‌ବିସି ୱେବ୍‌ସାଇଟ୍‌ରେ ସାମିଲ ଅଛି। ଗ୍ରାହକ ଚାହିଁଲେ ସେହି ନମ୍ବର କିମ୍ବା ହ୍ୱାଟ୍ସଆପ୍ ଜରିଆରେ ମଗାଇପାରିବେ। ଠକାମି ରୋକିବା ଲାଗି କେବଳ ଯେଉଁ ଏଜେନ୍ସିଗୁଡିକ ଅବକାରୀ କମିଶନରଙ୍କଠାରୁ ଏନ୍‌ଓସି ନେଇଥିବେ ସେମାନଙ୍କ ଡେଲିଭରି ବୟ୍ ମଦ ପହଞ୍ଚାଇବାକୁ ଅନୁମତି ମିଳିବ। ଉକ୍ତ ଏଜେନ୍ସିଗୁଡିକର ତାଲିକା ମଧ ଓଏସ୍‌ବିସି ୱେବ୍‌ସାଇଟ୍‌ରେ ଉଲ୍ଲେଖ ରହିଛି। କେବଳ ଜମାଟୋ ଏବଂ ସ୍ୱିଗିକୁ ଏଥିଲାଗି ଅନୁମତି ମିଳିଛି। ଗ୍ରାହକମାନେ ଅନ୍‌ଲାଇନରେ ମଗାଇବା ପୂର୍ବରୁ ଏଜେନ୍ସିକୁ ଅନୁମତି ମିଳିଛି ନା ନାହିଁ ଦେଖି ତା'ପରେ ମଗାଇବେ। ସୋସିଆଲ୍ ମିଡିଆରେ ମଦ ଯୋଗାଇବାକୁ କହି କୌଣସି ଅଫର ମିଳିବ ବୋଲି କହୁଥିବା ମାଧ୍ୟମରୁ କିଣିବେ ନାହିଁ। ଅବକାରୀ ଅଧୀକ୍ଷକ ପରାମର୍ଶ ଦେଇଛନ୍ତି ଯେ, ଯଦି କୌଣସି ଅଣସ୍ୱୀକୃତିପ୍ରାପ୍ତ ବ୍ୟକ୍ତି, ଏଜେନ୍ସି ନିଜ ୱେବ୍‌ସାଇଟ୍ କିମ୍ବା ପୋର୍ଟାଲ ବା ଆପ୍ଲିକେଶନ ଜରିଆରେ ମଦ ଘରେ ଯୋଗାଇବାକୁ କହୁଥାଏ, ସେମାନଙ୍କ ବିରୋଧରେ ଏତଲା ଦାୟର କରିହେବ ବୋଲି ଉଲ୍ଲେଖ ରହିଛି।

## ଶିକ୍ଷାର ବ୍ୟବସାୟୀକରଣ

# ଅନ୍ଧାରରେ ପିଲାଙ୍କ ଭବିଷ୍ୟତ

**ଯାଜପୁର ଅଫିସ,୨୬।୫**

ଉଚ୍ଚଶିକ୍ଷା ବ୍ୟବସାୟୀକରଣ ଯୋଗୁ ରାଜ୍ୟରେ ବହୁ ଘରୋଇ ସାଇନ୍ସ ଓ ବାଣିଜ୍ୟ କଲେଜ ଖୋଲିଛି। ଉନ୍ନତ ଭିତ୍ତିଭୂମି ଓ ଗୁଣାତ୍ମକ ଶିକ୍ଷା ଯୋଗୁ କେତେକ ଘରୋଇ ସାଇନ୍ସ କଲେଜ ଛାତ୍ରୀଛାତ୍ର ଓ ଅଭିଭାବକଙ୍କୁ ଆକର୍ଷିତ କରିପାରିଛନ୍ତି। କିନ୍ତୁ ଆବଶ୍ୟକ ଭିତ୍ତିଭୂମି ନ ଥାଇ ବି କେତେକ କଲେଜ ମାନ୍ୟତା ହାସଲ କରିଛନ୍ତି। କ୍ରମାଗତ ଭାବେ ୩ ବର୍ଷ ଧରି ନିର୍ଦ୍ଧାରିତ ସଂଖ୍ୟାଠାରୁ ୨୫%ରୁ କମ୍ ପିଲା ନାମ ଲେଖାଉଥିବା କଲେଜରୁ ମାନ୍ୟତା ଫେରାଇନେବା ଏବଂ ବନ୍ଦ କରିବାକୁ ଉଚ୍ଚ ଶିକ୍ଷା ବିଭାଗ ନିଷ୍ପତ୍ତି ନେଇଛି। ଏଥିରେ ଯାଜପୁର ଜିଲା କମାଗଡ଼ ଆପେକ୍ସ ରେସିଡେନ୍ସିଆଲ ବିଜ୍ଞାନ ଓ ବାଣିଜ୍ୟ ଡିଗ୍ରୀ କଲେଜ ସମେତ ଭୁବନେଶ୍ୱର, ବାଲେଶ୍ୱର ଓ ସମ୍ବଲପୁର ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶାଳୟ(ଆରଡିଇ) ଅଧୀନ ୧୩ କଲେଜ ରହିଛି। ଏନେଇ ଆବଶ୍ୟକ ପଦକ୍ଷେପ ନେବାକୁ ରାଜ୍ୟ ଉଚ୍ଚ ଶିକ୍ଷା ବିଭାଗ ଅତିରିକ୍ତ ସଚିବ ରାଜଶ୍ରୀ ମହାନ୍ତି ଭୁବନେଶ୍ୱର ଆରଡିଇର ଆଞ୍ଚଳିକ ନିର୍ଦ୍ଦେଶକଙ୍କୁ ନୋଟିସ୍ କରିଛନ୍ତି। ଫଳରେ ଉକ୍ତ କଲେଜରେ ଅଧ୍ୟୟନ କରୁଥିବା ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ପ୍ରଭାବିତ ହେବା ଆଶଙ୍କା ରହିଛି ବୋଲି ଅଭିଭାବକ ମହଲରେ ମତପ୍ରକାଶ ପାଇଛି। ଭାରତ ସରକାରଙ୍କ ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟ(ଏମ୍‌ଏଚ୍‌ଆର୍‌ଡି) ପକ୍ଷରୁ ୨୦୧୦-୧୧ରୁ ଆରମ୍ଭ ହୋଇଥିବା ଏଆଇଏସ୍‌ଏଚ୍‌ଇ (ଅଲଇଣ୍ଡିଆ ସର୍ଭେ ଅନ ହାୟର ଏଜୁକେଶନ) ୨୦୧୯-୨୦ ବର୍ଷର ଡାଟା ଯାଜପୁର ଜିଲାର ୧୯ଟି କଲେଜ ନବୀକରଣ କରି ନ ଥିବାରୁ ଆସନ୍ତା ୭ ଦିନ ମଧ୍ୟରେ ଏହା ସମ୍ପାଦନ କରିବାକୁ ଭୁବନେଶ୍ୱର ଆରଡିଇ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି।

ଏଆଇଏସ୍‌ଏଚ୍‌ଇ ପୋର୍ଟାଲରେ କଲେଜର ଶିକ୍ଷକ ଓ ଛାତ୍ରୀଛାତ୍ର ସଂଖ୍ୟା, ପରୀକ୍ଷା ଫଳ, ଆର୍ଥିକ ଓ ଭିତ୍ତିଭୂମି ଆଦି ସୂଚନା ଦିଆଯିବା କଥା। ବାରମ୍ବାର ନିର୍ଦ୍ଦେଶ ସତ୍ତ୍ୱେ ଜିଲାର ବାଲିଆ ଏ.ଏସ୍. କଲେଜ, ସୁକିନ୍ଦା ଭାରତୀବିହାର ମହାବିଦ୍ୟାଳୟ, ମାର୍କଣ୍ଡପୁର ବି.ଏଚ୍.ଡି. ମହାବିଦ୍ୟାଳୟ, ଯାଜପୁର ବିଦ୍ୱାନ ରେସିଡେନ୍ସିଆଲ ଡିଗ୍ରୀ କଲେଜ, ବିରଜା ଆଇନ କଲେଜ, ବ୍ରହ୍ମବରଦା ଡିଗ୍ରୀ କଲେଜ, ଚିତାଳୋ କଲେଜ, ରାମଚନ୍ଦ୍ରପୁର ଜି.ସି. କଲେଜ, ଜେନାପୁର ଡିଗ୍ରୀ କଲେଜ, ଟୋଲକାନି ଝାଡେଶ୍ୱର ଡିଗ୍ରୀ କଲେଜ, ବିରନା ଜୁନାଭଦ୍ର କଲେଜ କର୍ତ୍ତୃପକ୍ଷ ଉକ୍ତ ପୋର୍ଟାଲରେ ତଥ୍ୟ ନବୀକରଣ କରିନାହାନ୍ତି। ସେହିପରି କାଇପଡା କାଶୀନାଥ ମହାବିଦ୍ୟାଳୟ, ସିଂହପୁର ଖରସ୍ରୋତା ମହାବିଦ୍ୟାଳୟ, ଅଙ୍ଗାଲୋ ଲଛମନ ବଳଦେବଜୀଉ ଡିଗ୍ରୀ କଲେଜ, ପାଣିକୋଇଲି ତାରିଣୀ ମହାବିଦ୍ୟାଳୟ, କଲଣ ମଧୁପୁର କଲେଜ, ଯାଜପୁର ରୋଡ୍ ବ୍ୟାସନଗର କଲେଜ ଏବଂ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ଅଧୀନରେ ଥିବା ଯାଜପୁରରୋଡ୍ ଇନ୍ଦିରା ଗାନ୍ଧୀ ମହିଳା ମହାବିଦ୍ୟାଳୟ ଓ ମଙ୍ଗଳପୁର ମହିଳା କଲେଜ କର୍ତ୍ତୃପକ୍ଷ ଏଆଇଏସ୍‌ଏସ୍‌ଇ ପୋର୍ଟାଲରେ ଡାଟା ନବୀକରଣ କରି ନ ଥିବା ଭୁବନେଶ୍ୱର ଆରଡିଇ ସୂଚିତ କରିଛନ୍ତି।

**ଯାଜପୁର ଜିଲା**

- କମାଗଡ଼ ଆପେକ୍ସ ରେସିଡେନ୍ସିଆଲ ଡିଗ୍ରୀ କଲେଜ ବନ୍ଦ ନିଷ୍ପତ୍ତି
- ଏଆଇଏସ୍‌ଏଚ୍‌ଇ ପୋର୍ଟାଲରେ ତଥ୍ୟ ନବୀକରଣ କଲେନି ୧୯ କଲେଜ
- ଉଚ୍ଚ ଶିକ୍ଷା ବିଭାଗର ଉଦ୍‌ବେଗ, ୭ ଦିନ ମଧ୍ୟରେ ନବୀକରଣ ନିର୍ଦ୍ଦେଶ



ପଞ୍ଜାବର ବଠିଣ୍ଡାସ୍ଥିତ ବୀର ତାଲାବ ମିନିଜୁ'ରେ ଏନ୍‌କ୍ଲୋଜରରେ ଡେଉଁଛି ଏକ ଚିତାବାଘ।

# ବଢ଼ିଲା ମଧ୍ୟାହ୍ନଭୋଜନ ମୁଣ୍ଡ ପିଛା ଖର୍ଚ୍ଚ

**ଭୁବନେଶ୍ୱର, ୨୬।୫(ବ୍ୟୁରୋ)**

ମଧ୍ୟାହ୍ନଭୋଜନ ପାଇଁ ରାଜ୍ୟ ସରକାର ମଙ୍ଗଳବାର ଦର ବୃଦ୍ଧି କରିଛନ୍ତି। ପ୍ରାଥମିକ ସ୍କୁଲ ଛାତ୍ରୀଛାତ୍ରଙ୍କ ମଧ୍ୟାହ୍ନଭୋଜନ ପାଇଁ ଜଣ ପିଛା ରାଶନ ବାବଦକୁ ୪ ଟଙ୍କା ୯୩ ପଇସା ରଖିଥିଲେ। ହେଲେ ଏହାକୁ ସରକାର ୫ ଟଙ୍କା ୪୨ପଇସା କରିଛନ୍ତି। ସେହିପରି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପିଲାଙ୍କ ମଧ୍ୟାହ୍ନଭୋଜନ ଲାଗି ବ୍ୟବହୃତ ରାଶନ ବାବଦକୁ ଜଣ ପିଛା ୭ ଟଙ୍କା ୩୬ପଇସା ରହିଥିଲା ବେଳେ ଏହା ମଧ ୮ଟଙ୍କା ୧୦ପଇସାକୁ ବୃଦ୍ଧି କରାଯାଇଛି। ବର୍ତ୍ତମାନ ସ୍ଥିତିରେ ବଜାର ଦର, ପନିପରିବା ମୂଲ୍ୟ ବୃଦ୍ଧି ପାଇବାରେ ଲାଗିଛି। ତେଣୁ ଏହି ଦୃଷ୍ଟିରୁ ଜଣେ ପିଲା ପାଇଁ ମଧ୍ୟାହ୍ନଭୋଜନ ଲାଗି ଯେତିକି ଖର୍ଚ୍ଚ ହେଉଛି ଦେଖିଲେ ଜଣେ ପ୍ରାଥମିକ ପିଲା ପାଇଁ ରାଶନ ବାବଦକୁ ୫ଟଙ୍କା ୪୨ପଇସା ଏବଂ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପାଇଁ ୮ଟଙ୍କା୧୦ପଇସା ଆନୁମାନିକ ପଡ଼ିଯାଉଛି। ତେଣୁ ଏହାକୁ ଦୃଷ୍ଟିରେ ରଖି କର୍ତ୍ତପକ୍ଷ ଗୁରୁତର ସହ ବିଚାର କରିବା ପରେ ମଧ୍ୟାହ୍ନଭୋଜନ ଦର ପାଇଁ ଅର୍ଥ ବଢ଼ାଯାଇଥିବା ନୋଡାଲ ଅଫିସର ଗଙ୍ଗାଧର ସାହୁ ସମସ୍ତ ଜିଲାପାଳଙ୍କୁ ଚିଠି ଲେଖି ଜଣାଇଛନ୍ତି। ୨୦୨୦-୨୧ ଆର୍ଥିକ ବର୍ଷ ପାଇଁ ସରକାର ଏହି ନିଷ୍ପତ୍ତି ନେଇଥିବା ବେଳେ ଏହା ପିଛିଲା ଭାବେ ଏପ୍ରିଲ ୧ ତାରିଖରୁ ହିସାବ କରାଯିବ ବୋଲି ଚିଠିରେ ଦର୍ଶାଯାଇଛି।

# ଭିଜିଲାନ୍ସ ଜାଲରେ ଛେଣ୍ଡିପଦା ରେଞ୍ଜର

**କଟକ ଅଫିସ,୨୬।୫**

- ଗାଡ଼ିରୁ ମିଳିଲା ୨ ଲକ୍ଷ ୭୯ ହଜାର ଟଙ୍କା
- ୪ ଜାଗାରେ ଏକକାଳୀନ ଚଢ଼ାଉ

ବେଆଇନ ସମ୍ପତ୍ତି ଠୁଳ କରିବା ଅଭିଯୋଗରେ ଅନୁଗୋଳ ଜିଲା ଛେଣ୍ଡିପଦା ଫରେଷ୍ଟ ରେଞ୍ଜର ମନମୋହନ ସ୍ୱାଇଁଙ୍କୁ ମଙ୍ଗଳବାର ସକାଳେ ଧରିଛି ଭିଜିଲାନ୍ସ। ସେ ଏକ ବୋଲେରୋ (ଓଡି୦୨ ଏପି ୪୨୮୮)ରେ ଛେଣ୍ଡିପଦାରୁ ଭୁବନେଶ୍ୱର ଆସୁଥିଲେ। ମହାନଦୀର ମୁଣ୍ଡଳୀ ବ୍ରିଜ୍ ପାଖରେ କଟକ ଭିଜିଲାନ୍ସ ସେଲ୍ ତାଙ୍କୁ ଅଟକାଇ ଗାଡ଼ି ତଲାସି କରିଥିଲା। ଏତିକିବେଳେ ଗାଡ଼ି ଭିତରୁ ୨ ଲକ୍ଷ ୭୯ ହଜାର ୩ ଶହ ଟଙ୍କା ମିଳିଥିଲା। ଏ ଟଙ୍କାର ଉତ୍ସ ସମ୍ପର୍କରେ ରେଞ୍ଜର ସ୍ୱାଇଁ ସନ୍ତୋଷଜନକ ଉତ୍ତର ଦେଇ ନ ପାରିବାରୁ ପୋଲିସ ଟଙ୍କାକୁ ଜବତ କରିଛି। ବିଭିନ୍ନ ସୂତ୍ରରୁ ରେଞ୍ଜର ସ୍ୱାଇଁ ପ୍ରଚୁର ଟଙ୍କା ସଂଗ୍ରହ କରୁଥିବା ଅଭିଯୋଗ ଭିଜିଲାନ୍ସ ପାଖରେ ପହଞ୍ଚିଥିଲା। ଦୀର୍ଘ ଦିନ ହେଲା ତାଙ୍କ ଗତିବିଧି ଉପରେ ତୀକ୍ଷଣ ନଜର ରଖିଥିବା ଭିଜିଲାନ୍ସ ମଙ୍ଗଳବାର ସକାଳେ ତାଙ୍କୁ ଧରିଛି। ଏହା ପରେ ରେଞ୍ଜରଙ୍କ ଛେଣ୍ଡିପଦାସ୍ଥିତ ସରକାରୀ କ୍ୱାର୍ଟର ଓ କାର୍ଯ୍ୟାଳୟରେ ଚଢ଼ାଉ କରି ୫୦ ହଜାର ଟଙ୍କା ଜବତ କରାଯାଇଛି। ସେହିଭଳି ଯାଜପୁର ଜିଲା ଧର୍ମଶାଳା ଥାନା ଅର୍ନ୍ତଗତ ଖଣ୍ଡିବନ୍ଧସ୍ଥିତ କୋଠା ଓ ବଲାଙ୍ଗିର ସହରସ୍ଥିତ ଭଡ଼ାଘରେ ମଧ ଭିଜିଲାନ୍ସ ଚଢ଼ାଉ କରିଥିଲା। ରିପୋର୍ଟ ଲେଖା ହେବା ବେଳକୁ ଚଢ଼ାଉ ଜାରି ରହିଥିବା ସୂଚନା ମିଳିଛି।



ମନମୋହନ ସ୍ୱାଇଁ

# ଦିନକୁ ୨୦ ଲକ୍ଷ ଶ୍ରମଦିବସ ସୃଷ୍ଟି ହେବ

**ଭୁବନେଶ୍ୱର,୨୬।୫(ବ୍ୟୁରୋ)**

ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ବର୍ତ୍ତମାନ ଦିନକୁ ୧୦ ଲକ୍ଷ ଶ୍ରମଦିବସ ସୃଷ୍ଟି ହୋଇଥିବା ବେଳେ ଏହାକୁ ୨୦ ଲକ୍ଷକୁ ବୃଦ୍ଧି କରିବାକୁ ଲକ୍ଷ୍ୟ ରଖାଯାଇଛି। ମୁଖ୍ୟ ଶାସନ ସଚିବ ଅସିତ କୁମାର ତ୍ରିପାଠୀ ସମୀକ୍ଷା ବୈଠକରେ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ, ବିଭିନ୍ନ ଜୋନ୍ ନିର୍ଣ୍ଣୟ କ୍ଷେତ୍ରରେ ପଞ୍ଚାୟତଗୁଡ଼ିକୁ ୟୁନିଟ୍ କରିବାରେ ଓଡ଼ିଶା ଦେଶର ଏକମାତ୍ର ରାଜ୍ୟ। ଏହା ଲକ୍‌ଡାଉନ, କ୍ୱାରାଣ୍ଟାଇନ ନିୟମ ପାଳନ କରିବାରେ ଯଥେଷ୍ଟ ସହାୟକ ହୋଇଛି। ଓଡ଼ିଶାରେ କ୍ୱାରାଣ୍ଟାଇନ ପାଇଁ ଯେତିକି ସୁବିଧା ଅଛି ତା'ର ମାତ୍ର ୩୦ ପ୍ରତିଶତ ବ୍ୟବହୃତ ହୋଇଛି। ତେଣୁ ଅଧିକ ପ୍ରବାସୀଙ୍କ ପାଇଁ କୌଣସି ସମସ୍ୟା ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି । ବର୍ତ୍ତମାନ ସୁଦ୍ଧା ୮୦ ହଜାର ପ୍ରବାସୀ ହୋମ କ୍ୱାରାଣ୍ଟାଇନକୁ ଯାଇସାରିଛନ୍ତି। ରାଜ୍ୟକୁ ଯେଉଁମାନେ ମାତ୍ର ୭୨ ଘଣ୍ଟା ପାଇଁ ଆସୁଛନ୍ତି ସେମାନଙ୍କୁ କୌଣସି କ୍ୱାରାଣ୍ଟାଇନ୍‌ରେ ରଖାଯିବ ନାହିଁ ବୋଲି ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି।

ବର୍ତ୍ତମାନ ୧୭ ଜିଲାରେ ୩.୮୫ ଲକ୍ଷ ମେଟ୍ରିକ ଟନ୍ ଧାନ ସଂଗ୍ରହ କରାଯାଇଛି। ଯାହା କି ଗତବର୍ଷ ଠାରୁ ୪୦ ପ୍ରତିଶତ ଅଧିକ। ଚାଷୀମାନଙ୍କ ଆକାଉଣ୍ଟକୁ ୫୨୧ କୋଟି ଟଙ୍କା ପ୍ରଦାନ କରାଯାଇଥିବା ମୁଖ୍ୟ ଶାସନ ସଚିବ ସୂଚନା ଦେଇଛନ୍ତି। କୋଭିଡ୍-୧୯ରେ ଓଡ଼ିଶାର ସୁସ୍ଥତା ହାର ୪୨.୭୮ ପ୍ରତିଶତ ରହିଛି। ଯାହା କି ଜାତୀୟ ହାରଠାରୁ ଭଲ ରହିଛି। ମୃତ୍ୟୁ ହାର ୦.୪୨ ପ୍ରତିଶତ। ରାଜ୍ୟର ବର୍ତ୍ତମାନ ୧୪ଟି ପରୀକ୍ଷାଗାରରେ ଟେଷ୍ଟିଂ କରାଯାଉଛି। ଟେଷ୍ଟିଂ କ୍ଷମତା ଦିନକୁ ୫୫୦୦କୁ ବୃଦ୍ଧି ପାଇଛି ବୋଲି ବୈଠକରେ ସୂଚନା ଦିଆଯାଇଛି। ସେହିପରି ୧୦୯ଟି ସ୍ୱତନ୍ତ୍ର ଟ୍ରେନ୍‌ରେ ୧,୫୩,୭୩୮ ପ୍ରବାସୀ ରାଜ୍ୟରେ ପହଞ୍ଚିଛନ୍ତି।

### ରାଜ୍ୟବାସୀଙ୍କ ତ୍ୟାଗ ଆମକୁ ଆଗକୁ ବଢ଼ିବାକୁ ପ୍ରେରଣା ଦେଇଛି: ମୁଖ୍ୟମନ୍ତ୍ରୀ

ଓଡ଼ିଶାବାସୀଙ୍କର ତ୍ୟାଗ ହିଁ ଆମକୁ ଆଗକୁ ବଢ଼ିବା ପାଇଁ ପ୍ରେରଣା ଦେବା ସହିତ କଠିନ ପରିଶ୍ରମ କରିବା ଲାଗି ଶକ୍ତି ଦେଇଛି। କରୋନା ସଂକ୍ରମଣ ସାଙ୍ଗକୁ ବାତ୍ୟା ବିପତ୍ତି ସମୟରେ ରାଜ୍ୟବାସୀ ଅନେକ ତ୍ୟାଗ ସ୍ୱୀକାର କରିଛନ୍ତି। ସରକାରଙ୍କୁ ସବୁବେଳେ ସମ୍ପୂର୍ଣ୍ଣ ସହଯୋଗ କରିଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି। ମଙ୍ଗଳବାର ମୁଖ୍ୟମନ୍ତ୍ରୀ ଭିଡିଓ କନଫରେନ୍ସରେ ବାତ୍ୟା ପରବର୍ତ୍ତୀ ପୁନରୁଦ୍ଧାର ଓ ପୁନର୍ଗଠନ କାର୍ଯ୍ୟର ସମୀକ୍ଷା କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, କରୋନା ସଂକ୍ରମଣ ଭୟକୁ ଖାତିର ନ କରି ବାତ୍ୟା ଅମ୍ଫନ୍ ସମୟରେ ସରକାରୀ କର୍ମଚାରୀ, ଜନପ୍ରତିନିଧିମାନେ ଲୋକଙ୍କ ଜୀବନ ବଞ୍ଚାଇବା ପାଇଁ ଯେପରି ସାହସିକତା ଓ ନିଷ୍ଠାର ସହ କାର୍ଯ୍ୟ କଲେ ତାହା ଜିରୋ କାଜୁଆଲ୍‌ଟି ହାସଲ କରିବାରେ ସହାୟତା କରିପାରିଛି। ସେଥିପାଇଁ ମୁଖ୍ୟମନ୍ତ୍ରୀ ସମସ୍ତଙ୍କୁ ଧନ୍ୟବାଦ ଦେଇଛନ୍ତି। ବାତ୍ୟାର ୨୪ ଘଣ୍ଟା ମଧ୍ୟରେ କ୍ଷତିଗ୍ରସ୍ତ ରାସ୍ତାର ପୁନରୁଦ୍ଧାର ଏବଂ ୪୮ ଘଣ୍ଟା ମଧ୍ୟରେ ବିଦ୍ୟୁତ୍ ଯୋଗାଣ ସ୍ୱାଭାବିକ କରି କର୍ମଚାରୀମାନେ ଯେଭଳି ଦକ୍ଷତା ପ୍ରଦର୍ଶନ କରିଛନ୍ତି ମୁଖ୍ୟମନ୍ତ୍ରୀ ତା'ର ଉଚ୍ଚ ପ୍ରଶଂସା କରିଛନ୍ତି।

# ଅଗଷ୍ଟ ୩୧ ଯାଏ ଆଦାୟ ହେବନି ସହରାଞ୍ଚଳ ଶୌଚାଳୟ ୟୁଜର୍ସ ଫି'

**ଭୁବନେଶ୍ୱର,୨୬।୫(ବ୍ୟୁରୋ)**

- କୋଭିଡ୍-୧୯ ସଂକ୍ରମଣ ଆଶଙ୍କା
- ୧୧୪ ପୌରସଂସ୍ଥାକୁ ଚିଠି ଲେଖିଲା ନଗର ଉନ୍ନୟନ ବିଭାଗ

ରାଜ୍ୟ ସରକାର ସହରାଞ୍ଚଳଗୁଡ଼ିକରେ ଥିବା ସର୍ବସାଧାରଣ ଶୌଚାଳୟଗୁଡିକରୁ ୟୁଜର୍ସ ଫି'କୁ ଅଗଷ୍ଟ ୩୧ ଯାଏ ଛାଡ଼ କରିଛନ୍ତି। କୋଭିଡ୍ ସଂକ୍ରମଣ ସମୟରେ ଲୋକମାନେ ଯେପରି ଅଧିକ ସଂଖ୍ୟାରେ ଶୌଚାଳୟ ବ୍ୟବହାର କରିବେ ଏବଂ ମୁଦ୍ରା ଓ ନୋଟ ଜରିଆରେ ଯେପରି ସଂକ୍ରମଣ ଭୟ ନ ରହିବ ତାହାକୁ ଦୃଷ୍ଟିରେ ରଖି ଏହି ନିଷ୍ପତ୍ତି ନିଆଯାଇଛି। ମଙ୍ଗଳବାର ଗୃହ ଓ ନଗର ଉନ୍ନୟନ ବିଭାଗ ସଚିବ ଜି. ମାଥିଭାଥନନ ରାଜ୍ୟର ସମସ୍ତ ୧୧୪ଟି ମହାନଗର ନିଗମ, ମ୍ୟୁନିସିପାଲିଟି ଏବଂ ବିଜ୍ଞପିତ ଅଞ୍ଚଳ ପରିଷଦ ଏବଂ ପାଇଖାନା ଦାୟିତ୍ୱରେ ଥିବା ଘରୋଇ ସଂସ୍ଥା ସୁଲଭ ଇଣ୍ଟରନ୍ୟାଶନାଲକୁ ଏ ନେଇ ଚିଠି ଲେଖି ୟୁଜର୍ସ ଫି' ଆଦାୟ ନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଚିଠିରେ କୁହାଯାଇଛି ଯେ, କୋଭିଡ୍ ସଂକ୍ରମଣ ଆଶଙ୍କାକୁ ରୋକିବା ପାଇଁ ଶୌଚାଳୟରେ ଫି' ଆଦାୟ ନ କରିବାକୁ ନିଷ୍ପତ୍ତି ନିଆଯାଇଛି। ସହରାଞ୍ଚଳ ଶୌଚାଳୟଗୁଡ଼ିକରେ ଘରୋଇ ସଂସ୍ଥା ଦ୍ୱାରା ଶୌଚ ହେବା ଏବଂ ଗାଧୋଇବା ପାଇଁ ୨ରୁ ୧୦ ଟଙ୍କା ଯାଏ ୟୁଜର୍ସ ଫି' ଆଦାୟ କରାଯାଉଛି। ଶୌଚାଳୟରେ ଟଙ୍କା ଆଦାନ ପ୍ରଦାନ ଅଧିକ ବିପଦପୂର୍ଣ୍ଣ। ଏଥିରେ ଅଧିକ ସଂକ୍ରମଣ ଆଶଙ୍କା ଥିବାରୁ ୟୁଜର୍ସ ଫି' ଆଦାୟ ନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଶୌଚାଳୟଗୁଡ଼ିକରେ ସଫାସୁତରା ବ୍ୟବସ୍ଥାରେ କୌଣସି ସାଲିସ କରାଯିବ ନାହିଁ। ଏଥିପାଇଁ ହେବାକୁ ଥିବା ଖର୍ଚ୍ଚ ସମ୍ପୃକ୍ତ ପୌର ସଂସ୍ଥା ବହନ କରିବେ। ଯଦି ଆଉଟ୍‌ସୋର୍ସିଂ ସଂସ୍ଥାଗୁଡ଼ିକ ଶୌଚାଳୟ ପରିଚାଳନା କରିବାକୁ ଅମଙ୍ଗ ହେବେ ସେଗୁଡିକ ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ଅନ୍ୟାନ୍ୟ ସଂସ୍ଥା ଦ୍ୱାରା ପରିଚାଳନା କରିବାକୁ ଚିଠିରେ କୁହାଯାଇଛି।

# ଗ୍ରୁପ୍ ସ୍କିମ୍ ନାଁରେ ୮୨ ଲକ୍ଷ ଠକେଇ: ଅଭିଯୁକ୍ତ ଦମ୍ପତି ଗିରଫ



ଆଇଆଇସି ଗିରଫ ଦମ୍ପତିଙ୍କ ବିଷୟରେ ସୂଚନା ଦେଉଛନ୍ତି।

**ରାୟଗଡ଼ା ଅଫିସ,୨୬।୫:** ରାୟଗଡ଼ା ଟାଉନ ଥାନା ରେଲ୍‌ୱେ କଲୋନୀର ଏକ ଦମ୍ପତି ଗ୍ରୁପ୍ ସ୍କିମ୍ ମାଧ୍ୟମରେ ୮୨ ଲକ୍ଷ ଠକେଇ କରିଥିବା ଅଭିଯୋଗ ହୋଇଛି। ସୂଚନା ଅନଯାୟୀ, ରାୟଗଡ଼ା ସହରର ଟି. ବେଣୁଗୋପାଳ(୫୯) ଏବଂ ତାଙ୍କ ସ୍ତ୍ରୀ ଟି. ସରସ୍ୱତୀ(୫୦)ରେଲ୍‌ୱେ କଲୋନୀରେ ମନି ସାର୍କୁଲେଶନ ସ୍କିମ୍ ନାମରେ ବିଭିନ୍ନ ଗ୍ରୁପ୍ କରିଥିଲେ। ଏଥିରେ ଅନେକ ମହିଳା ନିଜ କଷ୍ଟ ଅର୍ଜିତ ଅର୍ଥ ଜମାକରି ପରେ ତାହା ଫେରି ପାଇ ନ ଥିଲେ। ଦମ୍ପତି ବିଭିନ୍ନ ମହିଳାଙ୍କଠାରୁ ୮୨ ଲକ୍ଷ ଟଙ୍କା ଠକି ନେଇଥିବା ରେଲ୍‌ୱେ ଗାର୍ଡ କଲୋନୀର ଏସ୍. କଲ୍ୟାଣୀ ଦଳପତି ଟାଉନ ଥାନାରେ ଜଣାଇଥିଲେ। ପରେ ସ୍କିମ୍‌ରେ ଟଙ୍କା ଲଗାଇଥିବା ଅନ୍ୟ ମହିଳାମାନେ ମଧ ଥାନାରେ ଅଭିଯୋଗ କରିଥିଲେ। ଏହାକୁ ଭିତ୍ତିକରି କେସ୍ ନଂ. ୧୮୯/୨୦ରେ ଏକ ମାମଲା ରୁଜୁକରି ଆଇଆଇସି ନିହାର ରଞ୍ଜନ ପ୍ରଧାନ ଘଟଣାର ତଦନ୍ତ ଚଳାଇଥିଲେ। ଏହି ମାମଲାରେ ଅଭିଯୁକ୍ତ ଦମ୍ପତିଙ୍କୁ ମଙ୍ଗଳବାର ଗିରଫ କରାଯାଇଛି।

# କରୋନାକୁ ନେଇ ଆରମ୍ଭ ହେଲାଣି ବୟାନବାଜି

**ଭୁବନେଶ୍ୱର,୨୬।୫(ବ୍ୟୁରୋ)**

- ଭର୍ଚୁଆଲ ରାଲି ଜରିଆରେ ୧୦କୋଟି ଲୋକଙ୍କୁ ଛୁଇଁବ ଭାଜପା
- ୨୮ରେ କେନ୍ଦ୍ର, ରାଜ୍ୟ ସରକାରଙ୍କୁ ଅନ୍‌ଲାଇନ ଟାର୍ଗେଟ କରିବ କଂଗ୍ରେସ
- ବିଜେଡି କହିଲା ମିଳିମିଶି କାମ କରିବାର ସମୟ



ଦୀର୍ଘଦିନର ବ୍ୟବଧାନ ପରେ କିଛିଦିନ ହେବ ଓଡ଼ିଶାରେ ରାଜନୈତିକ ବୟାନବାଜି ଜୋର ଧରିବାକୁ ଯାଉଥିବା ଦେଖିବାକୁ ମିଳିଛି। କରୋନା ଏବେ ରାଜନୈତିକ ଲଢ଼େଇର ମୁଖ୍ୟ ଅସ୍ତ୍ର ପାଲଟିବାରେ ଲାଗିଛି। ଏହାର ମୁକାବିଲା ଲାଗି କେନ୍ଦ୍ର ଅର୍ଥ ଦେଉଥିବା ବେଳେ ରାଜ୍ୟ ସରକାର କେବଳ ପରିଚାଳନା କରୁଛନ୍ତି ବୋଲି ଭାଜପା କହିଛି। ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ସରକାର ଦ୍ୱିତୀୟ ପାଳି ପ୍ରଥମ ବର୍ଷ ପୂରଣ ହୋଇଥିବା ବେଳେ ଏହି ସମୟ ମଧ୍ୟରେ କେନ୍ଦ୍ର କ'ଣ କରିଛି ସେନେଇ ଭାଜପା ପକ୍ଷରୁ ଭର୍ଚୁଆଲ ରାଲି କରାଯିବ ବୋଲି ଭାଜପା ନେତା ପୃଥ୍ୱିରାଜ ହରିଚନ୍ଦନ କହିଛନ୍ତି। ଅନ୍ୟପଟେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଫଳତା ନେଇ ଆସନ୍ତା ୨୮ ତାରିଖରେ କଂଗ୍ରେସ ଅନ୍‌ଲାଇନ୍‌ରେ ପ୍ରଚାର କରିବ ବୋଲି ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକ କହିଛନ୍ତି।

ଭାଜପା ନେତା ପୃଥ୍ୱିରାଜ ମଙ୍ଗଳବାର ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି ଯେ, ଭାଜପା ସରକାରଙ୍କ ଦ୍ୱିତୀୟ ପାଳିର ପ୍ରଥମ ବର୍ଷପୂର୍ତ୍ତି ପାଳନ କରାଯିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଗତ ବର୍ଷକର କାର୍ଯ୍ୟକ୍ରମକୁ ଡିଜିଟାଲ ପ୍ଲାଟ୍‌ଫର୍ମରେ ଲୋକମାନଙ୍କ ପାଖରେ ପହଞ୍ଚାଯିବ। ଭର୍ଚୁଆଲ ରାଲି ମାଧ୍ୟମରେ ଦେଶର ୧୦କୋଟି ଲୋକଙ୍କୁ ଉକ୍ତ ପ୍ରଚାର କାର୍ଯ୍ୟରେ ଯୋଡ଼ାଯିବ। ଭର୍ଚୁଆଲ ରାଲି, ମିଟିଂ ମାଧ୍ୟମରେ କେନ୍ଦ୍ର ସରକାରଙ୍କ ଓଡ଼ିଶା ପ୍ରତି ଥିବା ଅବଦାନ ସମ୍ପର୍କରେ ରାଜ୍ୟବାସୀଙ୍କୁ ଜଣାଯିବ। ରାଜ୍ୟର ବିଭିନ୍ନ ବିପର୍ଯ୍ୟୟ ତଥା ଅସୁବିଧା ସମୟରେ ପ୍ରଧାନମନ୍ତ୍ରୀ ପାଖରେ ଠିଆ ହୋଇଛନ୍ତି। ବାତ୍ୟା ଏବଂ କରୋନା ସମୟରେ ପ୍ରଧାନମନ୍ତ୍ରୀ ତୁରନ୍ତ ସହଯୋଗର ହାତ ବଢ଼ାଇଛନ୍ତି ବୋଲି ପୃଥ୍ୱିରାଜ କହିଛନ୍ତି। ସାଧାରଣ ଲୋକଙ୍କ ନିକଟରେ ସହାୟତା ରାଶି ଏବଂ ସାମଗ୍ରୀ ପହଞ୍ଚାଇବା ସହ ରାଜ୍ୟ ସରକାରଙ୍କୁ ସମ୍ପୂର୍ଣ୍ଣ ସହଯୋଗ କେନ୍ଦ୍ର କରିଛି। ବାତ୍ୟା ସମୀକ୍ଷାର ୨୪ଘଣ୍ଟା ମଧ୍ୟରେ ୫୦୦କୋଟି ଘୋଷଣା କରିଛନ୍ତି। ୨୦ କୋଟି ଟଙ୍କାର ଯୋଜନା ମଧ ପ୍ରବାସୀ ଶ୍ରମିକଙ୍କ ନିକଟରେ ପହଞ୍ଚାଯିବ। ରାଜ୍ୟରେ କ୍ୱାରାଣ୍ଟାଇନ ସେଣ୍ଟରଗୁଡ଼ିକ କେନ୍ଦ୍ର ଅର୍ଥରେ ଚାଲୁଥିବା ବେଳେ ରାଜ୍ୟ ସରକାର କେବଳ ପରିଚାଳନା କରୁଛନ୍ତି। କେନ୍ଦ୍ର ପକ୍ଷରୁ ରାଜ୍ୟ ସରକାରଙ୍କୁ ଯେଉଁ ଗୁରୁତ୍ୱର ସହ ସହାୟତା କରାଯାଇଛି ତାହା ଡିଜିଟାଲ ପ୍ଲାଟ୍‌ଫର୍ମରେ ପହଞ୍ଚାଇବା ଲାଗି ଯୋଜନା ପ୍ରସ୍ତୁତି ଆରମ୍ଭ ହୋଇଛି। କରୋନା ସଂକ୍ରମଣ ରୋକିବା ଲାଗି ପ୍ରସ୍ତୁତ ହୋଇଥିବା ଗାଇଡ୍‌ଲାଇନ ଅନୁଯାୟୀ ସମସ୍ତ ପଦକ୍ଷେପ ଗ୍ରହଣ କରାଯିବ ବୋଲି ହରିଚନ୍ଦନ କହିଛନ୍ତି।

ପିସିସି ସଭାପତି ନିରଞ୍ଜନ କହିଛନ୍ତି, ରାଜ୍ୟ ସରକାର କରୋନା ମୁକାବିଲା କରିବାରେ ବିଫଳ ହୋଇଛନ୍ତି। ସରକାରଙ୍କ ତ୍ରୁଟିପୂର୍ଣ୍ଣ ନିଷ୍ପତ୍ତି ଯୋଗୁ ସାଧାରଣ ଲୋକ ଏବଂ ଶ୍ରମିକ କିପରି ହନ୍ତସନ୍ତ ହେଉଛନ୍ତି ତାହା ଲୋକଙ୍କୁ ଜଣାଯିବ। ସାମାଜିକ ଗଣମାଧ୍ୟମ ଜରିଆରେ ସବୁ ବିଷୟରେ କୁହାଯିବ। ଆସନ୍ତା ୨୮ ତାରିଖରେ ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ଅନ୍‌ଲାଇନ୍ କ୍ୟାମ୍ପେନ କରାଯିବ। ସବୁ ତାଲା ଖୋଲି ସାରିଥିବା ବେଳେ ଗଣତନ୍ତ୍ରର ତାଲାକୁ ଲକ୍‌ଡାଉନ୍ କରି ରଖାଯାଇଛି। ରାଜ୍ୟରେ ପ୍ରବାସୀଙ୍କ ପାଇଁ ୭ଲକ୍ଷ ବେଡ୍ ରହିଥିବା ସରକାର କହୁଥିବା ବେଳେ ୩ ଲକ୍ଷ ଲୋକ ଆସିବା ପରେ ସରକାର ହାତ ଟେକି ଦେଇଥିବା ନିରଞ୍ଜନ କହିଛନ୍ତି। ବିଜେଡି ନେତା ଦେବୀ ପ୍ରସାଦ ମିଶ୍ର କହିଛନ୍ତି, ଯିଏ ଯାହା ପ୍ରଚାର କରିବା କଥା କରନ୍ତୁ। ବର୍ତ୍ତମାନ ପ୍ରଚାର ସମୟ ନୁହେଁ ବରଂ ମିଳିମିଶି କାମ କରିବା କଥା। ସଂଘୀୟ ବ୍ୟବସ୍ଥାରେ ଆମର-ତାଙ୍କର କହିବା ଦୁର୍ଭାଗ୍ୟଜନକ। ଦୁର୍ବିପାକ ଏବଂ ରୋଗକୁ ସରକାର ସଫଳତାର ସହ ମୁକାବିଲା କରୁଛନ୍ତି ବୋଲି ଦେବୀ କହିଛନ୍ତି।


CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

DHANLAXMI FINANCE LIMITED
(Reg. No. KA08FS113 )
(ଖର୍ଚ୍ଚ ଲୋନ ପାସ୍ ହେଲା ପରେ)
୧୯୪୧ ରୁ ଆପଙ୍କର ସେବାରେ
ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭତ୍ତା, କୁକୁଡାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ଧୋକାବାଜ୍ ଙ୍କୁ ସାବଧାନ, ଧୋକା ଖାଇଥିବା ଅବଶ୍ୟ କଲ କରନ୍ତୁ
2th floor, Krishna Reddy, Mumbai, Maharastra
7653848538

ନିଜ ଜମିକୁ ରୋଜଗାରର ମାଧ୍ୟମ ବନାନ୍ତୁ
Shinghania Tower
ଭାରତ ସରକାରଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ
ନିଜ ଖାଲି ଜମି, ଛାତ, ଖେତ ପ୍ଲଟ୍, ଦୋକାନ, ଘର, ଭଡ଼ାରେ ଦେଇ ମଲ୍ଟିମିଡିଆ ଡିଜିଟାଲ ଟାୱାର ଲଗାନ୍ତୁ
ଆଡଭାନ୍ସ: 60 ଲକ୍ଷ | + ମାସିକ ୨୦ ହଜାରର ଅନ୍ୟାନ୍ୟ ସୁବିଧା
ଭଡ଼ା: 45 ହଜାର
କମ୍ପାନୀ ତରଫରୁ ମାଗଣା ମୋବାଇଲ + ବୋଲେରୋ
(କାମ ଆମର, ବିଶ୍ୱାସ ଆପଣଙ୍କର)
088871-84570

ବାସ୍ ଦୁଃଖ ଏବେ ଆଉ ନୁହେଁ
ଦୁଃଖକୁ ଖୁସିରେ ବଦଳାଉଥିବା ରୁହାନୀ ଓ କଳା ବିଦ୍ୟାରେ ନିପୁଣ
2 ଘଣ୍ଟାରେ 100% ଗ୍ୟାରେଣ୍ଟି ସହ ସମାଧାନ
ଆପଣ କୌଣସି ସମସ୍ୟାକୁ ନେଇ ବିବ୍ରତ ଥିଲେ ଏବେ ହିଁ ଫୋନ୍ କରି ଘରେ ବସି ସମାଧାନ କରାନ୍ତୁ
ପ୍ରେମ ବିବାହ, ଗୃହ କ୍ଳେଶ, ବିବାହରେ ବାଧା, ସଉତୁଣୀ ଶତ୍ରୁଙ୍କଠାରୁ ମୁକ୍ତି, ପୋତାଧନ, ବ୍ୟବସାୟରେ ବନ୍ଧନ, କୁଆ-ସଟ୍ଟା, ଭୂତ-ପ୍ରେତ, ପ୍ରେମ-ପ୍ରଣୟ, ଗୁଣିଗାରେଡ଼ି
ସ୍ପେ. ବଶୀକରଣ ଓ ମୁଠକରଣୀ
ଆପଣଙ୍କ ଝିଅକୁ ଆପଣଙ୍କ ସ୍ୱାମୀ, ବାହାରର କୌଣସି ବ୍ୟକ୍ତି କିମ୍ବା ଶାଶୁଘର ଲୋକ ହଇରାଣ କରୁଛନ୍ତି କି ।
ବାବା ଆମିଲ ସୁଫି ଗୋଲ୍ଡ ମେଡାଲିଷ୍ଟ
ଠିକଣା ସିଟି ବସ୍ ଷ୍ଟାଣ୍ଡ ଅଜମେର ୱାଲେ
9650446732
9971793786


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


ALL EDITION - B/W (Every Day)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

**ସଂକ୍ଷେପରେ**

## ମୂଲ୍ୟାୟନ କେନ୍ଦ୍ର ଖାଲି କରିବାକୁ ଜିଲାପାଳଙ୍କୁ ଚିଠି

### ୧ରୁ ଯୁକ୍ତ୨ ଖାତାଦେଖା

**ଭୁବନେଶ୍ୱର, ୨୬।୫(ବ୍ୟୁରୋ):** ଆସନ୍ତା ୧ ତାରିଖରୁ ଯୁକ୍ତ୨ ଖାତା ଦେଖା ଆରମ୍ଭ ହେବ। ତେବେ ରାଜ୍ୟରେ କରୋନା ପାଇଁ ଜିଲା ପ୍ରଶାସନ ଅଧିକାଂଶ ମୂଲ୍ୟାୟନ କେନ୍ଦ୍ରକୁ କ୍ୱାରାଣ୍ଟାଇନ୍ ସେଣ୍ଟର, ଟ୍ରାଞ୍ଜିଟ୍ ସେଣ୍ଟର, ଅସ୍ଥାୟୀ ଆଶ୍ରୟସ୍ଥଳ, କୋଭିଡ୍ କେୟାର ସେଣ୍ଟର ଓ ସ୍ଥାୟୀ ସ୍ୱାସ୍ଥ୍ୟ କେନ୍ଦ୍ର କରିଛନ୍ତି। ତେଣୁ ତାହାକୁ ନିକଟସ୍ଥ ସରକାରୀ ସ୍କୁଲ କିମ୍ବା ଘରୋଇ ସ୍କୁଲ ବା ଉପଯୁକ୍ତ ସ୍ଥାନକୁ ସ୍ଥାନାନ୍ତର କରି ମୂଲ୍ୟାୟନ କେନ୍ଦ୍ରଗୁଡ଼ିକୁ ଖାଲି କରିବାକୁ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଅଧ୍ୟକ୍ଷ ଅମରେନ୍ଦ୍ର ପଟ୍ଟନାୟକ ମଙ୍ଗଳବାର ସମସ୍ତ ଜିଲାପାଳଙ୍କୁ ଚିଠି ଲେଖିଛନ୍ତି। ଯଦି ମୂଲ୍ୟାୟନ କେନ୍ଦ୍ରଗୁଡ଼ିକୁ ଖାଲି କରିବା ସମ୍ଭବ ନୁହେଁ, ତେବେ ମୂଲ୍ୟାୟନକାରୀଙ୍କ ସୁରକ୍ଷା ଦୃଷ୍ଟିରୁ ସେହି କ୍ୱାରାଣ୍ଟାଇନ୍ ସେଣ୍ଟରକୁ ବ୍ୟାରିକେଡ୍ କରିବା ପାଇଁ କୁହାଯାଇଛି। ଏଥିସହିତ ମୂଲ୍ୟାୟନକାରୀ ଓ ମୂଲ୍ୟାୟନ କେନ୍ଦ୍ର ପରିଚାଳନାରେ ଥିବା ବ୍ୟକ୍ତିଙ୍କୁ ସ୍କାନିଂ କରିବା ପାଇଁ ଥର୍ମୋ ସ୍କାନର ଓ ସାନିଟାଇଜର ବ୍ୟବସ୍ଥା କରିବା ଏବଂ କୋଭିଡ୍ ୧୯ର ନିୟମାବଳୀ ଅନୁସାରେ ଅନ୍ୟାନ୍ୟ ପଦକ୍ଷେପ ନେବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏସବୁ କାର୍ଯ୍ୟ ୩୦ତାରିଖ ସୁଦ୍ଧା ଶେଷ କରିବା ପାଇଁ ଚିଠିରେ ଉଲ୍ଲେଖ ରହିଛି।

## ପୁରୀ: ୪ କରୋନା ଆକ୍ରାନ୍ତ ଚିହ୍ନଟ

**ପୁରୀ ଅଫିସ,୨୬।୫:** ପୁରୀ ଜିଲାରେ ମଙ୍ଗଳବାର ୪ ନୂଆ ଆକ୍ରାନ୍ତ ଚିହ୍ନଟ ହୋଇଥିବା ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସ୍ପଷ୍ଟ କରାଯାଇଛି। ଫଳରେ ଜିଲାର କରୋନା ପଜିଟିଭ ସଂଖ୍ୟା ୮୫ ଛୁଇଁଛି। ଏମାନଙ୍କ ମଧ୍ୟରୁ ମଙ୍ଗଳବାର ୪ଜଣ ସୁସ୍ଥ ହୋଇଛନ୍ତି। ଏପର୍ଯ୍ୟନ୍ତ ମୋଟ ୧୮ ଜଣ ସୁସ୍ଥ ହୋଇଥିବାବେଳେ ୬୭ ଜଣ ଆକ୍ରାନ୍ତ ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି। ନୂଆ ଆକ୍ରାନ୍ତଙ୍କ ସମ୍ପର୍କରେ ପ୍ରଶାସନ ପକ୍ଷରୁ କୌଣସି ସ୍ପଷ୍ଟ ସୂଚନା ଦିଆଯାଇ ନାହିଁ। ଗତ ୧୬ ଦିନରେ ୮୪ ଆକ୍ରାନ୍ତ ଚିହ୍ନଟ ହେଲେଣି।

## ଆଜି ଛତିଶା ନିଯୋଗ ବୈଠକ

### ୩୦ରେ ପରିଚାଳନା କମିଟି ବୈଠକ

**ପୁରୀ ଅଫିସ,୨୬।୫:** ଆସୁଛି ଦେବସ୍ନାନ ପୂର୍ଣ୍ଣିମା ଏବଂ ରଥଯାତ୍ରା। ଏହାକୁ ଦୃଷ୍ଟିରେ ରଖି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ରଥଖଳାରେ ରଥ ନିର୍ମାଣ କାର୍ଯ୍ୟ ଜୋର୍‌ଦାର ଚାଲିଥିବାବେଳେ ବୁଧବାର ବସୁଛି ଛତିଶା ନିଯୋଗ ବୈଠକ। ବଡ଼ଦାଣ୍ଡସ୍ଥିତ ନୀଳାଦ୍ରି ଭକ୍ତ ନିବାସ ସଭାକକ୍ଷରେ ଅପରାହ୍ନ ୫ଟାରେ ହେବାକୁ ଥିବା ଏହି ବୈଠକରେ ମୁଖ୍ୟ ପ୍ରଶାସକ ଡ. କ୍ରିଷନ କୁମାର ଅଧକ୍ଷତା କରିବେ। ଏଥିରେ ରାଜେନ୍ଦ୍ରାଭିଷେକଠାରୁ ଉଭାଯାତ୍ରା ପର୍ଯ୍ୟନ୍ତ ନୀତି ନିର୍ଘଣ୍ଟ ସମ୍ପର୍କରେ ଆଲୋଚନା କରାଯିବ। ବୈଠକରେ ଛତିଶା ନିଯୋଗ କର୍ମକର୍ତ୍ତା ଓ ସଦସ୍ୟଙ୍କ ସମେତ ପରିଚାଳନା କମିଟିର ସମସ୍ତ ସଭ୍ୟ ଯୋଗଦେବେ। ସେହିପରି ଆସନ୍ତା ୩୦ତାରିଖରେ ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକ ବସିବ। ପୂର୍ବାହ୍ନ ୧୧ଟାରେ ଭୁବନେଶ୍ୱର ଓକାକ୍ କାର୍ଯ୍ୟାଳୟ ଏବଂ ପୁରୀ ଜିଲାପାଳଙ୍କ କାର୍ଯ୍ୟାଳୟସ୍ଥ ଓସୱାନ ପରିସରରେ ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ଏହି ବୈଠକ ହେବ। ଏଥିରେ ରାଜେନ୍ଦ୍ରାଭିଷକଠାରୁ ଉଭା ଯାତ୍ରା ପର୍ଯ୍ୟନ୍ତ ନୀତି ନିର୍ଘଣ୍ଟ କରାଯିବ ବୋଲି ସୂଚନା ମିଳିଛି।

# ୧୫ ଦିନ ଧରି ସଚେତନତା ସହ ତଥ୍ୟ ନିଆଯିବ

**କରୋନା ମୁକାବିଲା**

- ବିନାନୁମତିରେ ଟ୍ରେନ୍ ଆସିବା ସମସ୍ୟା ସୃଷ୍ଟି କରୁଛି
- ଜୁନ୍ ପହିଲାରୁ ରାଜ୍ୟକୁ ଚାଲିବ ଆଉ ୧୨ ଟ୍ରେନ୍

ଭୁବନେଶ୍ୱର, ୨୬।୫(ବ୍ୟୁରୋ)

ରାଜ୍ୟରେ କରୋନା ଭାଇରସ୍ କୋଭିଡ୍-୧୯ ସମ୍ପର୍କରେ ୧୫ଦିନ ଧରି ବ୍ୟାପକ ସଚେତନତା କରାଯିବ। ଏଥିସହ ବୟସ୍କ ଓ ସଂକ୍ରମିତ ଆଶଙ୍କା ଥିବା ଲୋକଙ୍କ ତଥ୍ୟ ନିଆଯିବ ବୋଲି ମୁଖ୍ୟ ଶାସନ ସଚିବ ଅସିତ୍ ତ୍ରିପାଠୀ କହିଛନ୍ତି। ଏଣିକି ଏକାଧିକ କରୋନା ଆକ୍ରାନ୍ତ ଚିହ୍ନଟ ହେଲେ ପୂରା ଜିଲାକୁ ରେଡ୍ ଜୋନ୍ ଘୋଷଣା କରାଯିବ ନାହିଁ। ଯେହେତୁ ଏଥିଯୋଗୁ ଅର୍ଥନୀତି ପ୍ରଭାବିତ ହେଉଛି, ତେଣୁ ଲକ୍‌ଡାଉନ୍-୪ରେ ରାଜ୍ୟ ସରକାରଙ୍କ ନୂଆ ଗାଇଡଲାଇନ୍ ଅନୁସାରେ ପଞ୍ଚାୟତ ସ୍ତରରେ ଗ୍ରୀନ୍, ରେଡ୍ ଓ ଅରେଞ୍ଜ ଜୋନ୍ ଚିହ୍ନଟ ହେବ। ଏନେଇ ସମ୍ପୃକ୍ତ ଜିଲାର ଜିଲାପାଳ, ପୌରାଞ୍ଚଳର କମିଶନର ଏବଂ ସରପଞ୍ଚମାନେ ଏହାର ତଦାରଖ କରିବେ। କେବଳ ସଂକ୍ରମିତ ଅଞ୍ଚଳ ବା କଣ୍ଟେନମେଣ୍ଟ ଜୋନକୁ ହିଁ ରେଡ୍ ଜୋନ୍ ଭାବେ ଘୋଷଣା କରିପାରିବେ ବୋଲି ମୁଖ୍ୟ ଶାସନ ସଚିବ କହିଛନ୍ତି।

ସେ କହିଛନ୍ତି, ଭାରତ ତୁଳନାରେ ଓଡ଼ିଶାରେ ସଂକ୍ରମଣ ହାର କମ୍ ରହିଛି। ଓଡ଼ିଶାର କରୋନା ମୃତ୍ୟୁହାର ମଧ୍ୟ ସବୁଠୁ କମ୍ ଅଛି। ଓଡ଼ିଶା ସରକାରଙ୍କ ପୂର୍ବପ୍ରସ୍ତୁତି ଯୋଗୁ କରୋନା ସଂକ୍ରମଣ ବିଶେଷ କ୍ଷତି କରିପାରି ନାହିଁ। ପଞ୍ଚାୟତସ୍ତରରେ ସଙ୍ଗରୋଧ କେନ୍ଦ୍ର ପ୍ରସ୍ତୁତ ରଖିବା ଏକ ସଫଳ ନିଷ୍ପତି। ରାଜ୍ୟରେ ବିଭିନ୍ନ କ୍ୱାରାଣ୍ଟାଇନ୍ ସେଣ୍ଟରରେ ମୋଟ ୮ଲକ୍ଷ ଶଯ୍ୟା ସରକାର ପ୍ରସ୍ତୁତ ରଖିଥିବାବେଳେ ମାତ୍ର ୩ଲକ୍ଷ ଶଯ୍ୟା ବର୍ତ୍ତମାନ ପୂରଣ ହୋଇଛି। ସଙ୍ଗରୋଧ ଅବଧି ସରିବା ପରେ ପ୍ରାୟ ୧ଲକ୍ଷ ଲୋକ କ୍ୱାରାଣ୍ଟାଇନ୍ ସେଣ୍ଟରରୁ ଘରକୁ ଫେରିଲେଣି। ସେହିପରି ଅନ୍ୟ ରାଜ୍ୟରୁ ୧ ଲକ୍ଷ ୫୩ ହଜାର ଲୋକ ରାଜ୍ୟକୁ ଫେରିଛନ୍ତି। ସେଥିମଧ୍ୟରୁ ସର୍ବାଧିକ ୭୩ ହଜାର ଗଞ୍ଜାମ ଜିଲାକୁ ଆସିଛନ୍ତି। ନୂଆ ଗାଇଡଲାଇନ୍ ଅନୁସାରେ ରାଜ୍ୟର ଅନୁମତି ବିନା ଟ୍ରେନ୍ ଆସୁଛି। ଏହାକୁ ନେଇ ସମସ୍ୟା ଉପୁଜୁଛି ଏବଂ ଅଧିକ ପରିଶ୍ରମ କରିବାକୁ ପଡୁଛି ବୋଲି ମୁଖ୍ୟ ଶାସନ ସଚିବ କହିଛନ୍ତି। ଜୁନ୍ ପହିଲାରୁ ରାଜ୍ୟରେ ଆଉ ୧୨ଟି ଟ୍ରେନ ଚଳାଚଳ କରିବ ବୋଲି ସେ ସୂଚନା ଦେଇଛନ୍ତି।

# ମାଟ୍ରିକ ପରୀକ୍ଷା ଖାତାଦେଖା ଆରମ୍ଭ



କଟକ ଅଫିସ,୨୬।୫

ମାଟ୍ରିକ ପରୀକ୍ଷା ଖାତାର ମୂଲ୍ୟାୟନ ମଙ୍ଗଳବାରଠାରୁ ଆରମ୍ଭ ହୋଇଛି। ୬୦ଟି କେନ୍ଦ୍ରରେ ପ୍ରାୟ ୨୩ ହଜାର ମୂଲ୍ୟାୟନକାରୀ ଖାତାଦେଖାରେ ନିୟୋଜିତ ହୋଇଛନ୍ତି। ପ୍ରଥମ ଦିନର ଖାତାଦେଖା ଶୃଙ୍ଖଳିତ ଭାବେ ହୋଇଥିବା କହିଛନ୍ତି ମାଧ୍ୟମିକ ଶିକ୍ଷା ପରିଷଦ ସଭାପତି ରାମାଶିଷ ହାଜରା। ପ୍ରଥମ ଦିନର ଖାତାଦେଖାରେ ବିଭ୍ରାଟ ହୋଇଛି ବୋଲି ଉଠିଥିବା ଅଭିଯୋଗ ଭିତ୍ତିହୀନ। କିଛିସମୟ ବିଳମ୍ବରେ ଖାତାଦେଖା ଆରମ୍ଭ ହୋଇଥିଲା। ପ୍ରଥମ ଦିବସ ଥିବାରୁ ବିଳମ୍ବ ହେବା ସ୍ୱାଭାବିକ ବୋଲି ସେ କହିଛନ୍ତି। ଉଲ୍ଲେଖଯୋଗ୍ୟ, କରୋନା ଆତଙ୍କ ଓ ତଦ୍‌ଜନିତ ଲକ୍‌ଡାଉନ୍ କଟକଣା, ବାତ୍ୟା ଅମ୍ଫାନ ଯୋଗୁ ଚଳିତବର୍ଷର ଖାତାଦେଖା ପ୍ରକ୍ରିୟାରେ ବ୍ୟାଘାତ ଘଟିଥିଲା। ମାଟ୍ରିକ ପରୀକ୍ଷା ସମେତ ରାଜ୍ୟ ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ ପରୀକ୍ଷା ଓ ମଧ୍ୟମା ପରୀକ୍ଷାର ଖାତାଦେଖା ମଧ୍ୟ ଆରମ୍ଭ କରାଯାଇଛି। ଏହି ସମୟରେ ସାମାଜିକ ଦୂରତ୍ୱ ରକ୍ଷା, କେନ୍ଦ୍ରକୁ ସାନିଟାଇଜ୍ କରିବା ଉପରେ ଗୁରୁତ୍ୱ ଦିଆଯାଇଥିବା ବୋର୍ଡ ସୂଚନା ଦେଇଛି।

# କଣ୍ଟେନମେଣ୍ଟ ଜୋନ୍ ବିରୋଧରେ ଗ୍ରାମବାସୀଙ୍କ ଧାରଣା

ବାରଙ୍ଗ,୨୬।୫(ଡି.ଏନ.ଏ)



ରାଜଧାନୀ ଉପକଣ୍ଠ କଳାଝରୀ ଗ୍ରାମରେ ହୋଇଥିବା କଣ୍ଟେନମେଣ୍ଟ ଜୋନ୍‌କୁ ବିରୋଧ କରି ମଙ୍ଗଳବାର ସକାଳୁ ନିକଟସ୍ଥ ଦୟାକେନାଲ ରାସ୍ତାରେ ଗ୍ରାମବାସୀ ଧାରଣାରେ ବସିଥିଲେ। ସାମାଜିକ ଦୂରତ୍ୱ ରକ୍ଷା କରି ଗ୍ରାମବାସୀ ଧାରଣା ଦେଇଥିବାବେଳେ ଯାତାୟାତରେ ସାଧାରଣ ଲୋକଙ୍କୁ ବାଧାପ୍ରାପ୍ତ ହୋଇଥିଲା। ଖବରପାଇ ନନ୍ଦନକାନନ ଥାନା ପୋଲିସ ଆସି ଗ୍ରାମବାସୀଙ୍କୁ ବୁଝାଶୁଝା କରିଥିଲେ ମଧ୍ୟ ସେମାନେ ନିଜ ଜିଦ୍‌ରେ ଅଟଳ ରହିଥିଲେ। ପରେ ଏସିପି ପ୍ରକାଶଚନ୍ଦ୍ର ପାଲ ଆସି ବୁଝାଇବାର ସାଢ଼େ ୩ ଘଣ୍ଟା ପରେ ଗ୍ରାମବାସୀ ଧାରଣରୁ ଉଠିଥିଲେ। ଏହାପରେ କଣ୍ଟେନମେଣ୍ଟ ଜୋନ ଉଠାଇବା ପାଇଁ ଗ୍ରାମବାସୀଙ୍କ ସହମତିରେ ଏକ ଲିଖିତପତ୍ର ଜିଲାପାଳଙ୍କ ଉଦ୍ଦେଶ୍ୟରେ ଏସିପି ଗ୍ରହଣ କରିଥିଲେ।

ସୂଚନା ମୁତାବକ, ଏହି ଗ୍ରାମରେ ଥିବା ଏକ ଗ୍ୟାସ ବିତରକ କମ୍ପାନୀରେ କାର୍ଯ୍ୟରତ ଜଣେ କର୍ମଚାରୀ କରୋନାରେ ଆକ୍ରାନ୍ତ ହୋଇଥିଲେ। ଏ ନେଇ ପ୍ରଶାସନ ପକ୍ଷରୁ କମ୍ପାନୀର ଅନ୍ୟ ୬ଜଣଙ୍କୁ ଉକ୍ତ କମ୍ପାନୀ ଘରେ ହୋମ କ୍ୱାରାଣ୍ଟାଇନରେ ରହିବାକୁ କହିଥିଲେ। ଏହାସହ କଳାଝରୀ ଗ୍ରାମକୁ କଣ୍ଟେନମେଣ୍ଟ ଜୋନ୍ ଘୋଷଣା କରାଯାଇଥିଲା। ଫଳରେ ଗ୍ରାମବାସୀ ନାନା ଅସୁବିଧାର ସମ୍ମୁଖୀନ ହେବା ସହ ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀ ଆଣିବା ପାଇଁ ବାହାରକୁ ଗଲେ ପୋଲିସ ଛାଡ଼ି ନ ଥିଲା। ଯାହାକୁ ନେଇ ଗ୍ରାମରେ ଚାପା ଉତ୍ତେଜନା ଦେଖାଦେଇଥିଲା। ଅନ୍ୟପଟେ ସଂକ୍ରମିତ ଯୁବକ ଜଣକ ନୟାଗଡ଼ର ହୋଇଥିବାବେଳେ ଗ୍ୟାସ କମ୍ପାନୀରେ କାର୍ଯ୍ୟରତ ଅନ୍ୟ କର୍ମଚାରୀମାନେ ମଧ୍ୟ ବାହାର ଜିଲାର। ଏମାନଙ୍କୁ ପଞ୍ଚାୟତ ପକ୍ଷରୁ କରାଯାଇଥିବା କ୍ୱାରାଣ୍ଟାଇନ ସେଣ୍ଟରରେ ନ ରଖି କଳାଝରୀ ଗ୍ରାମରେ ରଖି ସାଧାରଣ ଲୋକଙ୍କୁ ହଇରାଣ କରାଯାଉଛି ବୋଲି ଗ୍ରାମବାସୀ ଅଭିଯୋଗ କରିଥିଲେ। ଏଥିସହିତ ପଞ୍ଚାୟତ ପକ୍ଷରୁ ଲୋକଙ୍କୁ କୌଣସି ସାହାଯ୍ୟ କରାଯାଇ ନ ଥିବାରୁ ଧାରଣା ଦେଲୁ ବୋଲି ଗ୍ରାମବାସୀ କହିଛନ୍ତି। ତେଣୁ ତୁରନ୍ତ ଗ୍ରାମରୁ କଣ୍ଟେନମେଣ୍ଟ ଜୋନ ଯୋନ ନ ଉଠିଲେ ଆତ୍ମହୁତି କରିବୁ ବୋଲି ଧମକ ଦେଇଥିଲେ। ପରେ ଏସିପି ପାଲ୍‌ଙ୍କ ସହ ନନ୍ଦନକାନନ ଥାନାଧିକାରୀ ବିଶ୍ୱଜିତ ମହାନ୍ତି, ଅତିରିକ୍ତ ତହସିଲଦାର ସୁଜାତା ମହାରଣା ଓ ମହିନ୍ଦ୍ର ବଡାଇ ପ୍ରମୁଖ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ପଞ୍ଚାୟତ ତରଫରୁ ଆବଶ୍ୟକ ସାମଗ୍ରୀ ପହଞ୍ଚାଇବାର ବ୍ୟବସ୍ଥା କରିବା ସହ ଗ୍ୟାସ ବିତରଣ କେନ୍ଦ୍ରକୁ ବନ୍ଦ ରଖିବାକୁ ପ୍ରତିଶ୍ରୁତି ଦେବା ପରେ ଗ୍ରାମବାସୀ ଉଠିଥିଲେ। ଏହାପରେ ରାସ୍ତାରେ ଚଳାଚଳ ସ୍ୱାଭାବିକ ହୋଇଥିଲା।

## ୭୨ ଘଣ୍ଟା ବଡ଼କୁଳ ପଞ୍ଚାୟତ ଶଟ୍‌ଡାଉନ୍

ବାଲୁଗାଁ,୨୬।୫(ଡି.ଏନ୍.ଏ.)

ଖୋର୍ଦ୍ଧା ଜିଲା ଚିଲିକା ବ୍ଲକ ଅନ୍ତର୍ଗତ ବଡ଼କୁଳ ପଞ୍ଚାୟତରେ ମଙ୍ଗଳବାର ୩ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ସେମାନଙ୍କୁ ଭୁବନେଶ୍ୱର କୋଭିଡ୍ ହସ୍ପିଟାଲକୁ ପଠାଇଦିଆଯାଇଛି। ଏହି ଘଟଣା ପରେ ସରପଞ୍ଚ ପ୍ରମିଳା ଦଳବେହେରା ବଡ଼କୁଳ ପଞ୍ଚାୟତକୁ ୭୨ଘଣ୍ଟା ପାଇଁ ଶଟ୍‌ଡାଉନ୍ ଘୋଷଣା କରିଛନ୍ତି। ଏହା ସହ ୩ ଗ୍ରାମକୁ କଣ୍ଟନ୍‌ମେଣ୍ଟ ଜୋନ ଘୋଷଣା କରାଯାଇ ପୋଲିସ ଫୋର୍ସ ମୁତୟନ କରାଯାଇଛି। ବାଲୁଗାଁ ଅଗ୍ନିଶମ ବିଭାଗ ପକ୍ଷରୁ ଉକ୍ତ ଗ୍ରାମଗୁଡ଼ିକୁ ସାନିଟାଇଜ୍ କରାଯାଇଛି। ସୂଚନା ଅନୁଯାୟୀ, ବଡ଼କୁଳ ପଞ୍ଚାୟତର ଏକ କ୍ୱାରାଣ୍ଟାଇନ ସେଣ୍ଟରରେ ୬୪ଜଣ ରହିଥିଲେ। ସୋମବାର ସନ୍ଧ୍ୟାରେ ଉକ୍ତ ସେଣ୍ଟରରୁ ୪୩ଜଣଙ୍କୁ ଘରକୁ ଛାଡ଼ି ଦିଆଯାଇଥିଲା। କିନ୍ତୁ ରାତିରେ ସେମାନଙ୍କ ମଧ୍ୟରୁ ୩ଜଣଙ୍କ ରିପୋର୍ଟ ପଜିଟିଭ୍ ଆସିଥିଲା। ଖବରପାଇ ପୋଲିସ ପ୍ରଶାସନ ସେମାନଙ୍କୁ ଆଣି ଉକ୍ତ ସେଣ୍ଟରରେ ପୁଣି ରଖିଥିଲେ। ପରେ ଛାଡ଼ି ଦିଆଯାଇଥିବା ଅନ୍ୟ ୪୦ଜଣ ଭୟଭୀତ ହୋଇ ଟେଷ୍ଟ ନିମନ୍ତେ ପୁନଃ ସେଣ୍ଟରକୁ ଆସିଥିଲେ। ଏ ସମ୍ପର୍କରେ ସରପଞ୍ଚ ଦଳବେହେରା କହିଛନ୍ତି, ସରକାରଙ୍କ ନୂତନ ନିୟମ ଅନୁଯାୟୀ ଓ ବିଡିଓଙ୍କ ନିର୍ଦ୍ଦେଶକ୍ରମେ ଅନ୍ତେବାସୀଙ୍କୁ ଘରକୁ ଛାଡ଼ିଥିଲେ।

# ଆରମ୍ଭ ହେବ 'ଆମ ଘର ଆମ ହାଣ୍ଡିଶାଳ'

- ଓଟିଡିସି ପକ୍ଷରୁ ରୋଷେଇ ପାଇଁ ନିଆରା ପ୍ଲାଟ୍‌ଫର୍ମ
- ପାରମ୍ପରିକ ଓଡ଼ିଆ ଖାଦ୍ୟର ପ୍ରଚାର ପ୍ରସାର ଉଦ୍ୟମ

ଭୁବନେଶ୍ୱର,୨୬।୫(ବ୍ୟୁରୋ)

ଓଡ଼ିଶାର ପାରମ୍ପରିକ ଖାଦ୍ୟର ପ୍ରଚାର ପ୍ରସାର ସହ ରୋଷେଇରେ ଆଗ୍ରହ ରଖୁଥିବା ଲୋକଙ୍କୁ ଉତ୍ସାହିତ କରିବା ଲାଗି ଆରମ୍ଭ ହେବ ଏକ ଭିନ୍ନସ୍ୱାଦର ରୋଷେଇ ପ୍ରତିଯୋଗିତା 'ଆମ ଘର ଆମ ହାଣ୍ଡିଶାଳ'। ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମ(ଓଟିଡିସି) ଏବଂ ରାଜ୍ୟ ପର୍ଯ୍ୟଟନ ବିଭାଗର ମିଳିତ ଆୟୋଜନରେ ହେବାକୁ ଥିବା ଏହି କାର୍ଯ୍ୟକ୍ରମ ପାରମ୍ପରିକ ଓଡ଼ିଆ ଖାଦ୍ୟ ସମ୍ଭାରକୁ ବିଶ୍ୱ ଦରବାରରେ ପହଞ୍ଚାଇବ। ଏହାସହ ମହିଳାମାନଙ୍କୁ ସେମାନଙ୍କର ରୋଷେଇ ଦକ୍ଷତାକୁ ପ୍ରତିପାଦନ ନିମନ୍ତେ ଏଭଳି ଏକ ନିଆରା ପ୍ଲାଟଫର୍ମ ଯୋଗାଇଦେବ। ଏହି ପ୍ରତିଯୋଗିତାକୁ ମଙ୍ଗଳବାର ରାଜ୍ୟ ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ଓଟିଡିସି ଅଧ୍ୟକ୍ଷା ଶ୍ରୀମୟୀ ମିଶ୍ର, ପର୍ଯ୍ୟଟନ ବିଭାଗ ନିର୍ଦ୍ଦେଶକ ସଚିନ୍ ଆର୍. ଯାଦବ ଏବଂ ମହାପ୍ରବନ୍ଧକ ପ୍ରଣବ ଚାନ୍ଦ ପ୍ରମୁଖ ଶୁଭାରମ୍ଭ କରିଛନ୍ତି। ନିଗମ ଅଧ୍ୟକ୍ଷା ଶ୍ରୀମୟୀ ମିଶ୍ର କହିଛନ୍ତି, ପ୍ରତିଯୋଗିତାରେ ଭାଗ ନେବା ପାଇଁ ପ୍ରତିଯୋଗୀଙ୍କୁ ନିଜର ନାମ, ଠିକଣା, ଇ-ମେଲ୍ ଆଇଡି, ଫୋନ୍ ନମ୍ବର ଓ ନିଜର ଏକ ଫଟୋ ସହ ପ୍ରସ୍ତୁତ କରୁଥିବା ଖାଦ୍ୟର ନାମ, ପ୍ରସ୍ତୁତି ପ୍ରଣାଳୀ ଓ ଖାଦ୍ୟ ପ୍ରସ୍ତୁତ କରୁଥିବାର ଭିଡିଓକୁ ହ୍ୱାଟସ୍‌ଆପ୍ ଯୋଗେ ୮୨୬୦୬୩୮୩୩୧, ୮୨୬୦୬୪୧୬୧୧ ନମ୍ବର କିମ୍ବା ଇମେଲ୍ ଆଇଡି otdcho@gmail.comରେ ପଠାଇବାକୁ ହେବ। ରେଜିଷ୍ଟ୍ରେଶନର ଶେଷ ତାରିଖ ଜୁନ୍ ୨୭ ରହିଛି। ଶ୍ରେଷ୍ଠ ୪୦ ପ୍ରତିଯୋଗୀଙ୍କୁ ବିଚାରକ ମଣ୍ଡଳୀ ଚୟନ କରିବେ। ଶ୍ରେଷ୍ଠ ୩ଜଣ ପ୍ରତିଯୋଗୀଙ୍କୁ ଆକର୍ଷଣୀୟ ପୁରସ୍କାର ପ୍ରଦାନ କରାଯିବ ବୋଲି ସୂଚନା ଦିଆଯାଇଛି।

## ପାଞ୍ଚଦଣ୍ଡାରେ ମୁହାଁଟ ଲାଗିଲା



**ରଥଖଳାରୁ...**

ପୁରୀ ଅଫିସ,୨୬।୫: ଶ୍ରୀନଅର ସମ୍ମୁଖ ରଥଖଳାରେ ମହାପ୍ରଭୁଙ୍କ ତିନିରଥ ନିର୍ମାଣ ଚାଲିଛି। ତିନିରଥର ଚଉପଟ ହୋଇ ରହିଥିବା ପାଞ୍ଚଦଣ୍ଡାରେ ମଙ୍ଗଳବାର ମୁହାଁଟ ଲାଗି ହୋଇଛି। ମୁହାଁଟ ଲାଗିସାରିବା ପରେ ଏହା ଉପରେ ସାଲଗୁଜ ଲଗାଯାଇ ନିରାଡ଼ି ଉଠିଛି। ଏହାପରେ ପାଞ୍ଚଦଣ୍ଡାରେ କୁତୁକା ଫିଟିଂ କରାଯାଇ ପାର୍ଶ୍ୱ ଦଣ୍ଡା ଲାଗିଛି। ରୂପକାର ସେବକମାନଙ୍କ ଦ୍ୱାରା ଗୁଜରେ ସିଂହବିରାଳ ରୂପ ଖୋଦେଇ, ପଲିସ କାମ, ନାଟଗୋଡ଼ରେ ରାହୁ ମୂର୍ତ୍ତି ଅଙ୍କନ ସହ ଖୋଦେଇ କାମ ଚାଲିଛି। ଦୋଳବେଦି ପରିସରରେ କରତି ସେବକ ନନ୍ଦିଘୋଷ ରଥର ପୋଲାଗୟଳ ଚିରଟ କରୁଛନ୍ତି। ଦୋଳବେଦି ଅସ୍ଥାୟୀ କମାର ଶାଳରେ ଓଝା ସେବକମାନେ ଦଣ୍ଡା କଣ୍ଟା, ଗୟଳ କଣ୍ଟା, ଯୋଖା ଏବଂ ଗୋଡ଼ିଛାଲ କଣ୍ଟା ତିଆରିରେ ଲାଗିଛନ୍ତି।

# ୪୦ ଡିଗ୍ରୀ ଉପରେ ୧୪ ସହର

ଭୁବନେଶ୍ୱର, ୨୬।୫(ବ୍ୟୁରୋ)



- ୨୯ ଯାଏ ନିସ୍ତାର ନାହିଁ
- ୧୦ ଜିଲାକୁ ଅରେଞ୍ଜ ୱାର୍ନିଂ

ପ୍ରଚଣ୍ଡ ଗ୍ରୀଷ୍ମ ସମଗ୍ର ରାଜ୍ୟକୁ ଗ୍ରାସ କରିଛି। ଉପକୂଳ ଠାରୁ ଆରମ୍ଭ କରି ପଶ୍ଚିମ ଓ ଆଭ୍ୟନ୍ତରୀଣ କେଉଁଠି ନିସ୍ତାର ନାହିଁ। ପାରଦ ୪୫ ଡିଗ୍ରୀ ସେଲ୍‌ସିୟସ ଉପରକୁ ଚାଲିଯାଉଛି। ଅଧିକାଂଶ ସ୍ଥାନରେ ସର୍ବୋଚ୍ଚ ତାପମାତ୍ରା ୪୦ ଡିଗ୍ରୀ ସେଲ୍‌ସିୟସ ଡେଇଁ ଯାଉଛି। ମଙ୍ଗଳବାର ରାଜ୍ୟର ୧୪ଟି ସହରରେ ସର୍ବୋଚ୍ଚ ତାପମାତ୍ରା ୪୦ ଡିଗ୍ରୀ ଉପରେ ରହିଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଟିଟିଲାଗଡ଼ରେ ସର୍ବୋଚ୍ଚ ତାପମାତ୍ରା ୪୪ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଥିବା ବେଳେ ବଲାଙ୍ଗୀରରେ ୪୩.୫, ଅନୁଗୋଳରେ ୪୩.୧, ସମ୍ବଲପୁରରେ ୪୩, ବୌଦ୍ଧରେ ୪୩, ସୋନପୁରରେ ୪୨.୮, ଝାରସୁଗୁଡ଼ାରେ ୪୨.୬, ହୀରାକୁଦରେ ୪୨.୬, ତାଳଚେରରେ ୪୨.୬, ଭବାନୀପାଟଣାରେ ୪୨.୫, ମାଲକାନଗିରିରେ ୪୨, ଫୁଲବାଣୀରେ ୪୧.୪, ପାରଳାଖେମୁଣ୍ଡିରେ ୪୧.୨ ଏବଂ ସୁନ୍ଦରଗଡ଼ରେ ସର୍ବୋଚ୍ଚ ତାପମାତ୍ରା ୪୧ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି। ରାଜ୍ୟରେ ଆହୁରି ପ୍ରବଳ ଗ୍ରୀଷ୍ମପ୍ରବାହ ହେବ ବୋଲି ପାଣିପାଗ ବିଭାଗ ପକ୍ଷରୁ ସତର୍କ କରାଯାଇଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ସୋନପୁର, ବୌଦ୍ଧ, ସମ୍ବଲପୁର, ଝାରସୁଗୁଡ଼ା, ବଲାଙ୍ଗୀର, ବରଗଡ଼, ନୂଆପଡ଼ା, ମାଲକାନଗିରି, କଳାହାଣ୍ଡି ଏବଂ ଅନୁଗୋଳ ଜିଲାରେ ପ୍ରବଳ ଗ୍ରୀଷ୍ମପ୍ରବାହ ହେବ ବୋଲି ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ଉକ୍ତ ଜିଲାଗୁଡ଼ିକରେ ଅରେଞ୍ଜ ୱାର୍ନିଂ ଜାରି କରାଯାଇଛି। ଆସନ୍ତା ୨୯ତାରିଖ ଯାଏ ଆଭ୍ୟନ୍ତରୀଣ ଏବଂ ପଶ୍ଚିମ ଓଡ଼ିଶା ଜିଲାଗୁଡ଼ିକରେ ଗ୍ରୀଷ୍ମପ୍ରବାହ ଜାରି ରହିବ ବୋଲି ପାଣିପାଗ ବିଭାଗ ସତର୍କ କରିଛି। ଘରୁ ପଦାକୁ ବାହାରିବା ବେଳେ ସତର୍କ ରହିବାକୁ ପରାମର୍ଶ ଦିଆଯାଇଛି। ଏହି ସମୟରେ ବୃଦ୍ଧ, ଅସୁସ୍ଥ ବ୍ୟକ୍ତି ଏବଂ ଶିଶୁମାନେ ପଦାକୁ ନ ବାହାରିବାକୁ ସତର୍କ କରାଯାଇଛି। ତେବେ ଏହି ସମୟରେ କୋରାପୁଟ, ରାୟଗଡ଼ା, ଗଞ୍ଜାମ, ଗଜପତି, କେନ୍ଦୁଝର ଏବଂ ମୟୂରଭଞ୍ଜ ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ଝଡ଼ତୋଫାନ ହେବା ନେଇ ପାଣିପାଗ ବିଭାଗ ପକ୍ଷରୁ ୟେଲୋ ୱାର୍ନିଂ ଜାରି କରାଯାଇଛି।

# ଶ୍ରୀଲିଙ୍ଗରାଜଙ୍କ ଶୀତଳଷଷ୍ଠୀ: ମଙ୍ଗନ ସମ୍ପନ୍ନ

ପୁରୁଣା ଭୁବନେଶ୍ୱର,୨୬।୫(ଡି.ଏନ୍.ଏ.)



ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ବିବାହ ଓ ଶୀତଳଷଷ୍ଠୀର ପ୍ରଥମ ପର୍ବ ଅବସରରେ ମଙ୍ଗଳବାର ମଙ୍ଗନ ସମ୍ପନ୍ନ ହୋଇଛି। ପ୍ରାତଃରୁ ଦୈନିକ ନୀତି ଆଳତି, ଅବକାଶ, ରୋଷହୋମ, ମହାସ୍ନାନ, ସୂର୍ଯ୍ୟପୂଜା, ଦ୍ୱାରପାଳ ପୂଜା, ଖଇଦହି ବଲ୍ଲଭ, ଠାକୁରାଣୀଙ୍କ ଖଇଦହି ବଲ୍ଲଭ, ସକାଳ ଧୂପ, ଠାକୁରାଣୀଙ୍କ ସକାଳଧୂପ, ଭୋଗ ମଣ୍ଡପ ବେଶ, ବୀର କେଶରୀ ବଲ୍ଲଭ, ଦ୍ୱିପ୍ରହର ଧୂପ ଓ ପହଡ଼ ହୋଇଥିଲା। ପହଡ଼ ଖୋଲିବା ପରେ ଟେରାଫିଟା, ବେଶ, ସନ୍ଧ୍ୟାଧୂପ ହୋଇଥିଲା। ଏହି ଧୂପରେ ଶ୍ରୀଜୀଉଙ୍କ କୋଠ ରୋଷରେ ଯେଉଁ ଖେଚୁଡି ଭୋଗ ହୋଇଥିଲା, ତାହା ଛାମୁରେ ରଖାଯାଇ ଭୋଗ କରାଯାଇଥିଲା। ଠାକୁରାଣୀଙ୍କ ସନ୍ଧ୍ୟାଧୂପ ସରିବା ପରେ ଏହି ଖେଚୁଡି ଭୋଗକୁ ଉକ୍ତ ଦିନର ପୂଜାପଣ୍ଡା, ପାଳିଆ ବଡୁ, ପତ୍ରୀ, ପର୍ବ ଯାତ୍ରା ବିଶୋଇ, ଘଣ୍ଟ, କାହାଳି, ଛତା ଓ ମଶାଲ ସହାୟତାରେ ଶୋଭାଯାତ୍ରାରେ ବାହାରିଥିଲେ। ପ୍ରଥମେ ଅଷ୍ଟଚଣ୍ଡୀ ମା' ମହନୀ, ମା ରାମାୟଣୀ, ମା' କପାଳି, ମା' ଉତ୍ତରାୟଣୀ, ମା' ଗୌରୀ, ମା' ଅମ୍ବିକା ଦେବୀ, ମା' ଦ୍ୱାରବାସିନୀ, ମା' ବିନ୍ଧ୍ୟା ବାସିନୀଙ୍କ ନିକଟରେ ଉକ୍ତ ଦିନର ପାଳିଆ ବଡୁ ସେବାୟତ ଫୁଲ, ଚନ୍ଦନ ଦେଇ ସାରିବା ପରେ ପାଳିଆ ପୂଜାପଣ୍ଡା ସେହି ମହାପ୍ରସାଦକୁ ପୃଥକ ପୃଥକ ଭାବେ ସମର୍ପଣ କରି ମନ୍ତ୍ର ଆବାହନରେ ଶ୍ରୀ ଲିଙ୍ଗରାଜଙ୍କ ବିବାହ କାର୍ଯ୍ୟରେ ଯୋଗଦେବା ପାଇଁ ନିମନ୍ତ୍ରଣ କରିଥିଲେ। ଏହା ପରେ ବେଶ ବଡ଼ସିଂହାର ହୋଇ ପଞ୍ଚବକ୍ର ଆଳତି ହୋଇ ମନ୍ଦିର ପହଡ଼ ପଡ଼ିଥିଲା। ବୁଧବାର ଶ୍ରୀଲିଙ୍ଗରାଜ ଅନ୍ୟ ଦେବଦେବୀଙ୍କ ସହ ମା' ପାର୍ବତୀଙ୍କୁ ବିବାହ ପାଇଁ କେଦାରଗୌରୀ ମନ୍ଦିର ଯାତ୍ରା କରିବେ। ସୂଚନାଥାଉ କି, କରୋନା ଲାଗି ଚଳିତବର୍ଷ ଶ୍ରୀଲିଙ୍ଗରାଜଙ୍କ ରୁକୁଣା ରଥଯାତ୍ରା ଓ ଚନ୍ଦନ ଯାତ୍ରା ବନ୍ଦ ରହିଥିଲା। ଠାକୁରଙ୍କ ଶୀତଳଷଷ୍ଠୀ ଯାତ୍ରା ହେବା ନେଇ ଆଶଙ୍କା ରହିଥିବା ବେଳେ ସୋମବାର ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ମନ୍ଦିର ପ୍ରଶାସନକୁ ଏ ନେଇ ସର୍ତ୍ତମୂଳକ ଅନୁମତି ପ୍ରଦାନ କରାଯାଇଥିଲା।

# ପାର୍ବତୀଙ୍କୁ ଚୋରି କଲେ ହର, ଆଜି ବିବାହ

ପୁରୀ ଅଫିସ,୨୬।୫



ଶ୍ରୀକ୍ଷେତ୍ରର ପଞ୍ଚ ମହାଦେବ ପୀଠରେ ମଙ୍ଗଳବାର କନ୍ୟାଚୋରି ନୀତି ସମ୍ପନ୍ନ ହୋଇଛି। ପଞ୍ଚ ମହାଦେବ ପାର୍ବତୀଙ୍କୁ ଚୋରି କରିଛନ୍ତି। ବୁଧବାର ପାର୍ବତୀଙ୍କୁ ବିବାହ କରିବେ ହର। ଅନ୍ୟପକ୍ଷରେ ଗୁରୁବାର ପାଳିତ ହେବ ପବିତ୍ର ଶୀତଳ ଷଷ୍ଠୀ। କନ୍ୟା ଚୋରି ଏବଂ ଶିବ ବିବାହ ଲାଗି ପଞ୍ଚ ମହାଦେବ ପୀଠ ଚଳଚଞ୍ଚଳ ହୋଇପଡ଼ିଛି।

ଶ୍ରୀଯମେଶ୍ୱର, ଶ୍ରୀଲୋକନାଥ, ଶ୍ରୀକପାଳମୋଚନ, ଶ୍ରୀମାର୍କଣ୍ଡେଶ୍ୱର ଏବଂ ଶ୍ରୀନୀଳକଣ୍ଠେଶ୍ୱରଙ୍କୁ ପଞ୍ଚ ମହାଦେବ କୁହାଯାଏ। ପଞ୍ଚ ମହାଦେବ ଶ୍ୱଶୁର ଘରକୁ ଯାଇ ପାର୍ବତୀକୁ ଚୋରି କରିଥାନ୍ତି। ଯମେଶ୍ୱର ମହାଦେବ ମହାସୁଆର ସାହିର ଗଣେଶ ପଣ୍ଡାଙ୍କ ଘରୁ, ପ୍ରଭୁ ଲୋକନାଥ ବାସେଳି ସାହି ଥାନା ପାଖ ଈଶ୍ୱର ବଲ୍ଲଭଠାରୁ, ମାର୍କଣ୍ଡେଶ୍ୱର ମହାଦେବ ମାର୍କଣ୍ଡେଶ୍ୱର ସାହିସ୍ଥିତି ଶେଷଦେବ ପଣ୍ଡାଙ୍କ ଘରୁ, କପାଳମୋଚନ ମାର୍କଣ୍ଡେଶ୍ୱର ସାହିସ୍ଥିତ ତଲ୍ଲଛ ବାସୁଦେବ ମହାପାତ୍ରଙ୍କ ଘରୁ ଏବଂ ନୀଳକଣ୍ଠେଶ୍ୱର ମହାପ୍ରଭୁ ସୁଆରସାହି ନାରାୟଣ ମହାପାତ୍ରଙ୍କ ଘରୁ ପାର୍ବତୀଙ୍କୁ ଚୋରି କରିଥିଲେ। ଏହି କନ୍ୟା ଚୋରି ନୀତି ସମ୍ପନ୍ନ ହେବା ପରେ ପ୍ରତ୍ୟେକ ଠାକୁର ସ୍ୱ ମନ୍ଦିରକୁ ବିଜେ କରିଥିଲେ। ସେଠାରେ ଠାକୁରଙ୍କ ମାଘ ସ୍ନାନ ନୀତି ସମ୍ପନ୍ନ ହୋଇଥିଲା। ଏହାପରେ ସନ୍ଧ୍ୟାଧୂପ ଓ ବଡସିଂହାର ନୀତି ସମ୍ପନ୍ନ ହୋଇ ପହୁଡ଼ ହୋଇଥିଲା।

**ଶ୍ରୀକ୍ଷେତ୍ରରେ କନ୍ୟାଚୋରି ନୀତି**

କନ୍ୟାଚୋରି ନୀତି ସମ୍ପର୍କରେ ଲୋକନାଥ ମନ୍ଦିରର ପୂଜକ ସନ୍ତୋଷ ପଣ୍ଡା କହିଛନ୍ତି, କନ୍ୟା ଚୋରି ଏକମାତ୍ର ପର୍ବ, ଯାହାକି କେବେଳ ଶ୍ରୀକ୍ଷେତ୍ରରେ ପାଳନ ହୁଏ। ଏଥିରେ ଭଗବାନ ଶଙ୍କର ମା' ପାର୍ବତୀଙ୍କୁ ଚୋରି କରି ବିବାହ କରିଥାନ୍ତି। କନ୍ୟାଚୋରି ଦିନ ନିଆରା ପରମ୍ପରା ହେଉଛି ଶ୍ରୀଲୋକନାଥଙ୍କ ମଙ୍ଗନ ହାଣ୍ଡି ଶ୍ରୀମନ୍ଦିର କୋଠଭୋଗ ସୁଆରମାନେ ରାନ୍ଧିଥାନ୍ତି। ଶ୍ରୀଲୋକନାଥ ମହାପ୍ରଭୁଙ୍କ ସାତ ମଙ୍ଗଳା ନୀତି ଓ ଜଳାଶାୟୀ ଉତ୍ସବ ଆସନ୍ତା ୨ତାରିଖରେ ଅନୁଷ୍ଠିତ ହେବ।



ଭାରତ ମହାସାଗର ତଳେ ଥିବା ଟେକ୍ଟୋନିକ୍ ପ୍ଲେଟ୍ ଧୀରେ ଧୀରେ ଭାଙ୍ଗିବାରେ ଲାଗିଛି। ଏହାଯୋଗୁ ଆଗାମୀ ଦିନରେ ତୀବ୍ରତାଯୁକ୍ତ ଭୂକମ୍ପ ହେବାର ଆଶଙ୍କା ରହିଥିବା ପ୍ୟାରିସ୍‌ର ଆର୍ଥ ଫିଜିକ୍ସ ଇନଷ୍ଟିଚ୍ୟୁଟ୍‌ର ମେରାଇନ୍ ଜିଓସାଇନ୍ସ ବିଭାଗ ପକ୍ଷରୁ ହୋଇଥିବା ଏକ ଗବେଷଣା ରିପୋର୍ଟରେ ପ୍ରକାଶ ପାଇଛି। ଏହି ପ୍ଲେଟ୍‌କୁ ଇଣ୍ଡିଆ-ଅଷ୍ଟ୍ରେଲିଆ କ୍ୟାପ୍ରିକନ୍ ଟେକ୍ଟୋନିକ୍ ପ୍ଲେଟ୍ କୁହାଯାଇଥାଏ। ପ୍ରତିବର୍ଷ ଟେକ୍ଟୋନିକ୍ ପ୍ଲେଟ୍‌ର ୧.୭ ମିଲିମିଟର ଅଂଶ ଭାଙ୍ଗିବାରେ ଲାଗିଛି। ଏକ ନିୟୁତ ବର୍ଷରେ ଏହି ପ୍ଲେଟ୍‌ର ୧.୭ କିଲୋମିଟର ଭାଙ୍ଗିଯିବାର ଆଶଙ୍କା ଥିବା ରିପୋର୍ଟରେ ଉଲ୍ଲେଖ କରାଯାଇଛି।

# ଆସିଲା ଶସ୍ତା ଭେଣ୍ଟିଲେଟର



ୱାଶିଂଟନ: ପୃଥିବୀରେ କରୋନା ସଂକ୍ରମଣ ଥମିବାର ନାଁ ଧରୁନି। କରୋନା ସଂକ୍ରମିତଙ୍କ ଚିକିତ୍ସା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିବା ଭେଣ୍ଟିଲେଟର ମୁଖ୍ୟ ସମସ୍ୟା ଭାବେ ଉଭା ହୋଇଛି। କମ୍ ସଂଖ୍ୟକ ଭେଣ୍ଟିଲେଟର ଥିବାରୁ ବହୁ ବିକଶିତ ଦେଶରେ ମଧ ମୃତ୍ୟୁ ସଂଖ୍ୟା ବଢ଼ିବାରେ ଲାଗିଛି। ଭେଣ୍ଟିଲେଟର ଦାମ୍ ଅଧିକ ରହୁଥିବାରୁ ଏହାକୁ ଅଧିକ ସଂଖ୍ୟକ କିଣିବା ସମ୍ଭବ ହୋଇ ପାରୁନାହିଁ। ଏପରିସ୍ଥଳେ ମୂଳ ଭାରତୀୟ ଦମ୍ପତି ଦେବେଶ୍ ରଞ୍ଜନ ଏବଂ କୁମୁଦା ରଞ୍ଜନ ଏକ ଶସ୍ତା ଭେଣ୍ଟିଲେଟର ତିଆରି କରିଛନ୍ତି। ଏହାର ଦାମ ସାଢ଼େ ୭ ହଜାର ଟଙ୍କା ରହିଛି। ଅପରପକ୍ଷରେ ଆମେରିକାରେ ଭେଣ୍ଟିଲେଟର ଦାମ ସାଢ଼େ ୭ ଲକ୍ଷରୁ ଅଧିକ ରହିଛି। ଦେବେଶ୍ ଜର୍ଜିଆର ଜର୍ଜ ଡବ୍ଲ୍ୟୁ ୱୁଡରଫ୍ ମେକାନିକାଲ ଇଞ୍ଜିନିୟରିଂ ସ୍କୁଲରେ ପ୍ରଫେସର ଭାବେ କାର୍ଯ୍ୟ କରୁଥିବାବେଳେ କୁମୁଦା ଆଟଲାଣ୍ଟାରେ ଡାକ୍ତର ଅଛନ୍ତି। ସେମାନେ ୩ ସପ୍ତାହ ମଧ୍ୟରେ ଏହି ଭେଣ୍ଟିଲେଟର ତିଆରି କରିଛନ୍ତି। ଦେବେଶ୍ ବିହାରର ପାଟନା ବାସିନ୍ଦା ହୋଇଥିବାବେଳେ କୁମୁଦା ତାମିଲନାଡୁର ତ୍ରିଚିର ବାସିନ୍ଦା। ଏହି ଭେଣ୍ଟିଲେଟର ରୋଗୀକୁ ସଂକ୍ରମଣରୁ ରକ୍ଷା କରିବାରେ ବେଶ୍ ସହାୟକ ହୋଇପାରିବ ବୋଲି ସେମାନେ କହିଛନ୍ତି। କୋଭିଡ୍-୧୯ ରୋଗୀଙ୍କ ପାଇଁ ଏହି ଭେଣ୍ଟିଲେଟର ଉପଯୁକ୍ତ ବୋଲି କହିଛନ୍ତି ଦେବେଶ୍। ଭେଣ୍ଟିଲେଟରଟି ଏବେ ସିଙ୍ଗାପୁରର ଏକ କମ୍ପାନୀରେ ଅଧିକଭାବେ ତିଆରି କରିବା ପାଇଁ ବ୍ୟବସ୍ଥା କରାଯାଉଛି।





କଙ୍ଗନା ରାନାୱତ

## ଗଣମାଧ୍ୟମ ଉପରେ କରୋନା ପ୍ରଭାବ

# ଏକ ଡଲାରରେ ବିକ୍ରି ହେବ 'ଷ୍ଟଫ୍'




ୱେଲିଙ୍ଗଟନ: ପ୍ରାଣଘାତୀ କରୋନା ମହାମାରୀ ବିଶ୍ୱ ମେରୁଦଣ୍ଡକୁ ଦୋହଲାଇ ଦେଇଛି। ଗାଡ଼ି ଚଳାଚଳଠାରୁ ଆରମ୍ଭ କରି ବାଣିଜ୍ୟ ବ୍ୟବସାୟ ସବୁ ଠପ୍ କରିଦେଇଛି। ବଡ଼ ବଡ଼ ବ୍ୟବସାୟୀମାନେ ମୁଣ୍ଡରେ ହାତଦେଇ ବସିଥିବା ବେଳେ ଗରିବ ଗୁରୁବାଙ୍କ କଥା ନ କହିବା ଭଲ। ଏଭଳି ସ୍ଥିତିରେ ବିଶ୍ୱ ସଙ୍ଗଠନଗୁଡ଼ିକ ମଧ ନୀରବ ରହିବା ଶ୍ରେୟ ମଣୁଛନ୍ତି। କରୋନା ଭାଇରସ୍ ସଂକ୍ରମଣର ପ୍ରଭାବ ସବୁଠି ପଡିଥିବା ଲକ୍ଷ୍ୟ କରାଯାଇଛି। ଗଣମାଧ୍ୟମ ସଂସ୍ଥା ମଧ ଏଥିରୁ ବାଦ୍ ପଡିନାହିଁ।

ଏବେ ନ୍ୟୁଜିଲାଣ୍ଡର ଏକ ଗଣମାଧ୍ୟମ ସଂସ୍ଥା ମାତ୍ର ୧ ଡଲାରରେ ବିକ୍ରି ହେବ ବୋଲି ଜଣାପଡିଛି। ନ୍ୟୁଜିଲାଣ୍ଡର ବଡ ଗଣମାଧ୍ୟମ ସଂସ୍ଥା ହେଉଛି 'ଷ୍ଟଫ'। ଏହା କେତେଗୁଡିଏ ଖବର କାଗଜ ଛାପିବା ସହ ଏକ ଲୋକପ୍ରିୟ ସମାଚାର ୱେବ୍‌ସାଇଟ୍ ମଧ ଚଲାଉଥିଲା। ଏଥିରେ ୪ଶହ ଖବରଦାତାଙ୍କ ସମେତ ପାଖାପାଖି ୯୦୦ କର୍ମଚାରୀ କାମ କରୁଥିଲେ। ହେଲେ ଏବେ ଏହି ଗଣମାଧ୍ୟମ ସଂସ୍ଥା ଉପରେ କରୋନା ମହାମାରୀର ପ୍ରଭାବ ପଡିଛି। କମ୍ପାନୀର ସିଇଓ ସିନେଡ ବାଉଚର ନିକଟରେ ଏକ ସାକ୍ଷାତ୍‌କାରରେ କହିଛନ୍ତି, କରୋନା ମହାମାରୀ ଯୋଗୁଁ ସଂସ୍ଥା ଉପରେ ଖୁବ୍ ପ୍ରଭାବ ପଡିଛି। ବିଜ୍ଞାପନ ନ ଆସିବା ଫଳରେ ରାଜସ୍ୱ ମଧ କମ୍ ହୋଇଛି। ତେଣୁ ଏବେ ସେ 'ଷ୍ଟଫ'କୁ ବିକ୍ରି କରିବାକୁ ସ୍ଥିର କରିଛନ୍ତି।

# ପ୍ରଡକ୍ସନ ହାଉସ୍‌ର ଅଫିସ କିଣିଲେ କଙ୍ଗନା

ମୁମ୍ବାଇ: ବଲିଉଡ୍ କୁଇନ୍ କଙ୍ଗନା ରାନାୱତ ନିକଟରେ ନିଜର ପ୍ରଡକ୍ସନ୍ ହାଉସ୍ ଆରମ୍ଭ କରିଛନ୍ତି। ନିଜ ପରିବାର ସହ ମିଶି ସେ ଏହା ଆରମ୍ଭ କରିଛନ୍ତି। ଆଉ ଏହାର ନାଁ ରଖିଛନ୍ତି 'ମଣିକର୍ଣ୍ଣିକା ଫିଲ୍ମସ୍'। ଏହାର ଏକ ଅଫିସ କଙ୍ଗନା ମୁମ୍ବାଇର ପାଲି ହିଲ୍‌ରେ ଥିବା ଏକ ୩ ମହଲା ଘରେ ଆରମ୍ଭ କରିଛନ୍ତି। ଏହି ୩ ମହଲା ଘରେ ଥିବା ଅଫିସକୁ ସେ ୪୮ କୋଟି ଟଙ୍କାରେ କ୍ରୟ କରିଥିବା ଶୁଣିବାକୁ ମିଳିଛି। ଏବେ ଏହି ଅଫିସ ଭିତରର କିଛି ଫଟୋ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଏହି ଫଟୋଗୁଡିକରେ କଙ୍ଗନାଙ୍କ ଅଫିସ କୌଣସି 'ଡ୍ରିମ୍ ୱାର୍କ ପ୍ଲେସ'ଠାରୁ କମ୍ ଲାଗୁନାହିଁ। ପାଲି ହିଲ୍ ବଙ୍ଗଳା ନମ୍ବର ୫ରେ ଆରମ୍ଭ ହୋଇଥିବା ଏହି ଅଫିସ୍‌ର ଡିଜାଇନ ଶବନମ ଗୁପ୍ତା କରିଥିଲେ। କଙ୍ଗନାଙ୍କ ଏହି ଅଫିସ ପ୍ଲାଷ୍ଟିକ ଫ୍ରି ଓ ଇକୋ ଫ୍ରେଣ୍ଡ୍‌ଲି ହୋଇଛି। ଅଫିସର ଫଟୋ ସବୁକୁ କଙ୍ଗନାଙ୍କ ଟିମ୍ ମେମ୍ବରମାନେ ହିଁ ଶେୟାର କରିଛନ୍ତି। କଙ୍ଗନାଙ୍କ ଏହି ଅଫିସ ୟୁରୋପିୟନ ଥିମ୍‌ରେ ପ୍ରସ୍ତୁତ କରାଯାଇଛି।

# ଭାରତୀୟ ବଂଶୋଦ୍ଭବଙ୍କୁ 'ଇନ୍‌ଭେଣ୍ଟର ଅଫ୍ ଦି ଇୟର' ପୁରସ୍କାର

ୱାଶିଂଟନ: 'ଇନ୍‌ଭେଣ୍ଟର ଅଫ୍ ଦି ଇୟର' ପୁରସ୍କାର ହାତେଇଛନ୍ତି ଭାରତୀୟ ବଂଶୋଦ୍ଭବ ବୈଜ୍ଞାନିକ ରାଜୀବ ଯୋଷୀ। ଇଲେକ୍ଟ୍ରୋନିକ୍ସ ଉଦ୍ୟୋଗକୁ ଆଗକୁ ନେବା, ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସକୁ ସମୃଦ୍ଧ କରାଇବା ଦିଗରେ ଯୋଗଦାନ ଲାଗି ତାଙ୍କୁ ଏହି ପୁରସ୍କାର ମିଳିଛି। ଚଳିତ ମାସରେ ଅନୁଷ୍ଠିତ ଏକ ଭର୍ଚୁଆଲ ପୁରସ୍କାର ବିତରଣ ସମାରୋହରେ ନ୍ୟୁୟର୍କର ଇଣ୍ଟେଲେକ୍ଚୁଆଲ୍ ପ୍ରପର୍ଟି ଆସୋସିଏଶନ ପକ୍ଷରୁ ଏହି ପ୍ରତିଷ୍ଠିତ ବାର୍ଷିକ ପୁରସ୍କାରରେ ତାଙ୍କୁ ସମ୍ମାନିତ କରାଯାଇଥିଲା। ବୈଜ୍ଞାନିକ ଯୋଷୀ ଆଇବିଏମ୍ ଥମ୍‌ସନ ୱାଟସନ୍ ରିସର୍ଚ୍ଚ ସେଣ୍ଟରରେ କାମ କରୁଛନ୍ତି। ନୂତନ ସାମଗ୍ରୀ ଆବିଷ୍କାର ଲାଗି ସୁନାମ ଅର୍ଜନ କରିଥିବା ରାଜୀବଙ୍କ ନାମରେ ୨୫୦ରୁ ଊର୍ଦ୍ଧ୍ୱ ପେଟେଣ୍ଟ ରହିଛି।

ମୁମ୍ବାଇ ଆଇଆଇଟିରୁ ସଫଳତାର ସହ ପାଠପଢ଼ା ସାରିଥିବା ରାଜୀବ ମାସାଚ୍ୟୁସେଟ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି (ଏମ୍‌ଆଇଟି)ରୁ ଏମ୍‌ଏସ୍ ଡିଗ୍ରୀ ଏବଂ କଲମ୍ବିଆ ୟୁନିଭର୍ସିଟିରୁ ମେକାନିକାଲ ଓ ଇଲେକ୍ଟ୍ରିକାଲ ଇଞ୍ଜିନିୟରରେ ପିଏଚ୍‌ଡି କରିଛନ୍ତି। ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଏବଂ ମେଶିନ ଲର୍ନିଂରେ ସେ ଅନେକ ଆବିଷ୍କାର କରିଛନ୍ତି।



ରାଜୀବ ଯୋଷୀ

ଜିଜ୍ଞାସାକୁ ପ୍ରେରଣା ବୋଲି ବିଚାର କରୁଥିବା ରାଜୀବଙ୍କ କହିବା କଥା, ଗୋଟିଏ ସମସ୍ୟାକୁ ବୁଝିବା ଏବଂ ଏହାର ସମାଧାନ ଲାଗି ଉଦ୍ୟମ କରିବା ଭିତରେ ନୂଆ ଭାବନା ଆସିଥାଏ। ଏହା ଗୋଟିଏ ନୂତନ ଆବିଷ୍କାର ଲାଗି ପ୍ରେରିତ କରେ। ପିଲାବେଳେ ମା'ବାପାଙ୍କଠାରୁ ମେରୀ କ୍ୟୁରୀ, ମାର୍କୋନୀ, ରାଇଟ୍ ବ୍ରଦର୍ସ, ଜେମ୍ସ ୱାଟ୍, ଥୋମାସ୍ ଏଡିଶନ, ଆଲେକ୍‌ଜାଣ୍ଡର ବେଲ୍‌ଙ୍କ ସଫଳତାର କାହାଣୀ ଶୁଣିବା ତାଙ୍କୁ ବୈଜ୍ଞାନିକ ହେବାରେ ବଳ ଯୋଗାଇଥିଲା। ପ୍ରତିଷ୍ଠିତ ବୈଜ୍ଞାନିକଙ୍କ ବିଚାରଧାରା ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା ପ୍ରତି ରୁଚି ବଢ଼ାଇଥିଲା। ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ନିଜ ବକ୍ତବ୍ୟରେ ଯୋଶୀ କହିଥିଲେ, କ୍ଲାଉଡ୍, ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ, କ୍ୱାଣ୍ଟମ୍ କମ୍ପ୍ୟୁଟିଂ ଭଳି ଶବ୍ଦ ଆଉ ଚର୍ଚ୍ଚାରେ ସୀମିତ ହୋଇ ରହିନାହିଁ। ଏହାକୁ ଭରପୂର ଉପଯୋଗ କରାଯାଉଛି। ଏହି କ୍ଷେତ୍ରରେ ରୋମାଞ୍ଚ ରହିଛି। ଏ ଦିଗରେ ଆହୁରି ଗବେଷଣାର ଆବଶ୍ୟକତା ଥିବା ସେ କହିଛନ୍ତି।

# କରୋନା ସଚେତନତା ଲାଗି ଷ୍ଟ୍ରିଟ୍ ଆର୍ଟ



**ନୂଆଦିଲ୍ଲୀ**

କରୋନା ଭାଇରସ୍ ସମ୍ପର୍କରେ ଲୋକଙ୍କୁ ସଚେତନ କରିବା ପାଇଁ ଏବେ ବହୁ କଳାକାର ସେମାନଙ୍କ ଚିତ୍ରକଳାକୁ ମାଧ୍ୟମ କରିଛନ୍ତି। ଏମିତି ଏକ ଭିନ୍ନ ଧରଣର କଳାକୃତି କରି ଚର୍ଚ୍ଚାକୁ ଆସିଛନ୍ତି ଆମେରିକାର ମୋଜାଇକ୍ କଳାକାର ଜିମ୍ ବଚୋର। ପଥୋଲ୍ ଆର୍ଟ କରି ସେ କରୋନା ଭାଇରସ୍‌ର ଭୟାବହତା ସମ୍ପର୍କରେ ଲୋକଙ୍କୁ ସଚେତନ କରିଛନ୍ତି। ଗ୍ରୀନ୍ ମିଲ୍ ଜାଜ୍ କ୍ଲବ ନିକଟରେ ଥିବା ରାସ୍ତାରେ ମାର୍ବଲ ମୋଜାଇକ୍ ଓ ଗ୍ଲାସ ବ୍ୟବହାର କରି ଏକ ସ୍ୱତନ୍ତ୍ର କଳାକୃତି ତିଆରି କରିଛନ୍ତି ଜିମ୍। ଏକ ପୁରୁଣା ଷ୍ଟାଇଲ୍‌ର ବିୟର କ୍ୟାନ୍, ଟଏଲେଟ୍ ପେପର ରୋଲ୍ ଓ ଏକ ସାନିଟାଇଜର୍ ବୋତଲକୁ ପ୍ରତୀକାତ୍ମକଭାବେ ଦର୍ଶାଇଛନ୍ତି। ଏହା ସହିତ ସିକାଗୋର ପତାକା ମଧ ପ୍ରଦର୍ଶନ କରିଛନ୍ତି। ତେବେ ଏହି କଳାରେ ସେ ରଙ୍ଗିନ ମୋଜାଇକ୍ ପଥର ବ୍ୟବହାର କରିଥିବାରୁ ସୂର୍ଯ୍ୟକିରଣ ପଡ଼ିବା ମାତ୍ରେ ତାହା ଅତ୍ୟନ୍ତ ସୁନ୍ଦର ଦେଖାଯାଉଛି। ସେଥିପାଇଁ ଏହି ଷ୍ଟ୍ରିଟ୍ ଆର୍ଟକୁ ନେଇ ଏବେ ଲୋକଙ୍କ ଆକର୍ଷଣ ବଢ଼ିବାରେ ଲାଗିଛି। ତେବେ କରୋନା ସମୟରେ ତାଙ୍କର ଏଭଳି ଅନେକ କଳା ଏବେ ବିଶ୍ୱବ୍ୟାପୀ ଚର୍ଚ୍ଚିତ ହୋଇପାରିଛି। ଏହା ବ୍ୟତୀତ ସେ ଆହୁରି ବିଭିନ୍ନ ପ୍ରକାର ଷ୍ଟ୍ରିଟ୍ ଆର୍ଟ ମଧ ପ୍ରଦର୍ଶନ କରିଛନ୍ତି। ପୂର୍ବରୁ ସେ ଅନେକ ପ୍ରକାରର ନିତ୍ୟବ୍ୟବହାର୍ଯ୍ୟ ଜିନିଷ ଓ ଲୋକଙ୍କର ଦୈନନ୍ଦିନ ଚଳଣିକୁ ନେଇ କଳାତ୍ମକ ରୂପ ଦେଇଛନ୍ତି।

# ମାସ୍କ ପିନ୍ଧି ଶୁଟିଂ କଲେ ଅକ୍ଷୟ

**ମୁମ୍ବାଇ**

କରୋନା ଭାଇରସ୍ ସଂକ୍ରମଣକୁ ନେଇ ଏବେ ସାରା ଦେଶରେ ଲକ୍‌ଡାଉନ୍ ୪.୦ ଜାରି ରହିଛି। ହେଲେ ପୂର୍ବପେକ୍ଷା ନିୟମରେ କିଛିଟା କୋହଳ କରାଯାଇଥିବାରୁ ଅଧିକାଂଶ ଲୋକେ ବାହାରକୁ ଆସି ପାରିଛନ୍ତି। ତେବେ ଲକ୍‌ଡାଉନ ସମୟରେ ବଲିଉଡ୍ ଖିଲାଡି ବୟ ଅକ୍ଷୟ କୁମାର ଶୁଟିଂ ଆରମ୍ଭ କରିଥିବା ଦେଖାଯାଇଛି। ମୁହଁରେ ମାସ୍କ ବାନ୍ଧି ଅକ୍ଷୟ ଶୁଟିଂ ସେଟ୍‌ରେ ଉପସ୍ଥିତି ଥିବାବେଳେ ପାଖରେ ନିର୍ଦ୍ଦେଶକ ଓ ଅନ୍ୟ କେତେଜଣ ନଜର ଆସିଛନ୍ତି। ଏମିତି କିଛି ଫଟୋ ଏବେ ସୋସିଆଲ ମିଡିଆରେ ଭାଇରାଲ ହେଉଛି। ତେବେ ଶୁଟିଂ ସେଟ୍‌ରେ ପରସ୍ପର ମଧ୍ୟରେ ସାମାଜିକ ଦୂରତ୍ୱ ବଜାୟ ରଖିବା ସହ ପ୍ରାୟ ସମସ୍ତେ ମାସ୍କ ପିନ୍ଧିଥିବା ଦେଖାଯାଇଛି। ଖୁବ୍ କମ୍‌ଲୋକଙ୍କୁ ନେଇ ଶୁଟିଂ କରାଯାଉଥିବା ବେଳେ ଶୁଟିଂ ସେଟ୍‌ରେ ବି ସାନିଟାଇଜେଶନକୁ ଗୁରୁତ୍ୱ ଦିଆଯାଇଛି। ଏକ ସରକାରୀ କ୍ୟାମ୍ପେନ ପାଇଁ ଏହି ଶୁଟିଂ କରାଯାଉଥିବା ଜଣାପଡିଛି।



ଶୁଟିଂ ସେଟ୍‌ରେ ଅକ୍ଷୟ କୁମାର।

# କରୋନା ବିଜୟୀ ଶତାୟୁ ମହିଳା

**ଭୋପାଳ**

କରୋନା ଅନେକ ଦୁଃଖ ଦେଇ ଅନେକ ଲୋକଙ୍କ ଜୀବନ ମଧ ନେଲାଣି। ହେଲେ କରୋନା ହଟ୍‌ସ୍ପଟ୍‌ଭାବେ ପରିଚିତ ମଧ୍ୟପ୍ରଦେଶର ଇନ୍ଦୋରଠାରେ ଏଭଳି ଏକ ଘଟଣା ସାମ୍ନାକୁ ଆସିଛି, ଯାହା ସମସ୍ତଙ୍କୁ ଚକିତ କରିଛି। କରୋନା ଦ୍ୱାରା ସଂକ୍ରମିତ ହୋଇ ପୁଅର ଜୀବନ ଚାଲିଯାଇଥିବାବେଳେ ଜଣେ ଶତାୟୁ ମହିଳା(ମା')କିନ୍ତୁ ଏହି ଭାଇରସ୍‌କୁ ପରାଜିତ କରିବାରେ ସଫଳ ହୋଇଛନ୍ତି। ସୁସ୍ଥ ହୋଇଥିବା ଏହି ଶତାୟୁ ମହିଳା ହେଲେ ଇନ୍ଦୋରସ୍ଥିତ ନେହେରୁନଗର ଅଞ୍ଚଳର ଗ୍ରାନି। ବୟସ୍କଙ୍କଠାରେ ରୋଗ ପ୍ରତିରୋଧକ ଶକ୍ତି କମ୍ ବୋଲି କୁହାଯାଉଥିଲେ ମଧ ଏହାକୁ ଏହି ମହିଳା ଭୁଲ୍ ପ୍ରମାଣିତ କରିଛନ୍ତି। ସମ୍ଭବତଃ ସେ ଦେଶରେ ସବୁଠାରୁ ବୟସ୍କ କରୋନା ସଂକ୍ରମିତ, ଯିଏକି ନିକଟରେ ସୁସ୍ଥହୋଇ ଫେରିଛନ୍ତି।

ଗ୍ରାନିଙ୍କ ୩ ପୁଅ ମଧ୍ୟରୁ କରୋନା ସଂକ୍ରମଣ ଯୋଗୁ ମେ ୪ରେ ସେ ଦ୍ୱିତୀୟ ପୁଅକୁ ହରାଇଥିଲେ। ଏହାର ଦୁଇଦିନ ପରେ ପରିବାରର ଅନ୍ୟ ୧୬ ସଦସ୍ୟଙ୍କ ସ୍ୱାବ୍ ନମୁନା ପରୀକ୍ଷା କରାଯାଇଥିଲା। ସେମାନଙ୍କ ମଧ୍ୟରୁ ପରିବାରର ମୁଖ୍ୟ ଗ୍ରାନିଙ୍କ ସମେତ ସାନ ପୁଅ, ନାତି, ନାତୁଣୀ, ବୋହୂ ଏବଂ ୨ ଅଣନାତିଙ୍କ ରିପୋର୍ଟ ପଜିଟିଭ୍ ଆସିଥିଲା। ଏହାପରେ ସେମାନେ ସ୍ଥାନୀୟ ଏକ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ୨୨ ତାରିଖରେ ଶତାୟୁ ଗ୍ରାନି ଏବଂ ପରିବାରର ଅନ୍ୟ ୪ଜଣ ସଦସ୍ୟଙ୍କ ରିପୋର୍ଟ ନେଗେଟିଭ୍ ଆସିବା ପରେ ଡିସ୍‌ଚାର୍ଜ ହୋଇଥିଲେ। ୧୧ଦିନ ଭାଇରସ୍ ସହ ଲଢ଼େଇ କରି ଶତାୟୁ ମହିଳା ସୁସ୍ଥ ହୋଇ ଫେରିଥିବା ଜଣାପଡ଼ିଛି। ଡାକ୍ତରମାନଙ୍କ କହିବା ହେଲା, ଗ୍ରାନି ଚିକିତ୍ସା ପାଇଁ ଆସିବା ସମୟରେ ତାଙ୍କର କେବଳ ସାମାନ୍ୟ ଜ୍ୱର ଲକ୍ଷଣ ରହିଥିଲା। ଅନ୍ୟ ସଂକ୍ରମିତମାନେ ଦୀର୍ଘଦିନ ଧରି ଅକ୍ସିଜେନ ସାହାଯ୍ୟରେ ରହୁଥିବାବେଳେ ଗ୍ରାନିଙ୍କୁ କେବଳ କିଛିଦିନ ପାଇଁ ଅକ୍ସିଜେନର ଆବଶ୍ୟକ ହୋଇଥିଲା। ଏ ବୟସରେ ତାଙ୍କର ପରିବାର ସହ ବଞ୍ଚିବାର ଇଚ୍ଛାଶକ୍ତି ହିଁ ତାଙ୍କୁ ଏହି ମହାମାରୀ ସହ ଲଢ଼େଇରେ ବିଜୟୀ କରାଇଛି। ଏଭଳି ପରିସ୍ଥିତିରେ ଖୋଦ୍ ଡାକ୍ତର ଏବଂ ଅନ୍ୟ ରୋଗୀଙ୍କ ମନୋବଳ କମିବାରେ ଲାଗିଥିବାବେଳେ ଏହି ଶତାୟୁ ମହିଳା ସେମାନଙ୍କ ପାଇଁ ପ୍ରେରଣାଦାୟୀ ପାଲଟିଥିଲେ ବୋଲି ଚିକିତ୍ସା କରୁଥିବା ଡାକ୍ତର କହିଛନ୍ତି। ଗ୍ରାନିଙ୍କ ଜଣେ ନାତି କୁହନ୍ତି, କେବଳ ବାର୍ଦ୍ଧକ୍ୟଜନିତ ଆଣ୍ଠୁଗଣ୍ଠି ବ୍ୟଥାକୁ ବାଦ୍ ଦେଲେ ଦୀର୍ଘଦିନ ମଧ୍ୟରେ ଜେଜେ ମା'ସେଭଳି କୌଣସି ବଡ଼ ରୋଗରେ ପଡ଼ିବା ଆମେ କମ୍ ଦେଖିଛୁ।





## ଅଦା କେମିତି ଚାଷ କରିବେ..

ସୁପ୍ରଭା, ସୁରୁଚି, ସୁରଭି ଅଦା ଆମ ରାଜ୍ୟର ଜଳବାୟୁ ଲାଗି ଉପଯୁକ୍ତ। ୧ ଏକର ଜମିପାଇଁ ୬–୮କୁଇଣ୍ଟାଲ ଅଦାଖଣ୍ଡ ଦରକାର ହୁଏ । ଏହି ଅଦାଖଣ୍ଡଗୁଡ଼ିକୁ ୨–୩ଟି ଆଖି ଥାଇ ୧୫ରୁ ୧୯ ଗ୍ରାମ ଓଜନ ରଖି କାଟନ୍ତୁ। ଲଗାଇବା ପୂର୍ବରୁ ଅଦା ଖଣ୍ଡଗୁଡିକୁ ପ୍ରତି ୧୦ଲିଟର ପାଣିରେ ୪୦ ଗ୍ରାମ ମାଙ୍କୋଜେବ ଗୁଣ୍ଡ, ୧୦ ଗ୍ରାମ କାର୍ବେଣ୍ଡାଜିମ ଗୁଣ୍ଡ ଓ ୫ ମିଲି ମାଲାଥିଅନ ଔଷଧ ଗୋଳେଇ ସେଥିରେ ପ୍ରାୟ ୫୦ କିଗ୍ରା ଅଦାଖଣ୍ଡ ବିଶୋଧନ କରନ୍ତୁ। ଏହାପରେ ଅଦାଖଣ୍ଡଗୁଡିକୁ ଛାଇରେ ଶୁଖାନ୍ତୁ। ତେବେ ଶେଷ ଓଡ ଚାଷ ବେଳେ ଏକର ପ୍ରତି ୧୨ ଗାଡି (୬ ଟନ୍) ଓ ଅଦାଖଣ୍ଡ ଲଗା ହେବା ପରେ ସିଆର ଏବଂ ପଟାଳିରେ ୧୨ ଗାଡି ଗୋବର ଖତ ଦିଅନ୍ତୁ। ଏକର ପ୍ରତି ୫୦ କିଗ୍ରା ଯବକ୍ଷାରଜାନ, ୪୦ କିଗ୍ରା ଫସଫରସ ଓ ୪୦ କିଗ୍ରା ପଟାସ୍ ତିନି ଥରରେ ଦିଅନ୍ତୁ। ପ୍ରଥମ ଥର ସମୁଦାୟ ୪୦ କିଗ୍ରା ସୁପର ଫସଫେଟ୍ ଓ ଅଧା ମ୍ୟୁରିଏଟ୍ ଅଫ ପଟାସ୍ ଦିଆଯାଇ ଅଦା ଲଗାନ୍ତୁ। ପଟାଳିରେ ମୂଳସାର ଭଲ ଭାବରେ ମାଟିରେ ମିଶେଇବା ପରେ ଅଦାଖଣ୍ଡଗୁଡିକୁ ଧାଡି ଧାଡି କରି ଲଗାନ୍ତୁ। ଏହି ସମୟରେ ଗୋଟିଏ ଅଦା ଖଣ୍ଡର ଦୂରତା ଅନ୍ୟ ଅଦା ଖଣ୍ଡଠାରୁ ୨୫ ସେମି ରହିବା ଦରକାର ଏବଂ ଗୋଟିଏ ଅଦା ଖଣ୍ଡ ୫ ସେମି ଗଭୀରରେ ଲଗାନ୍ତୁ। ଅଦା ଲଗାଇବା ପରେ ପଟାଳିକୁ ଶୁଖିଲା ନଡା, ତାଳପତ୍ର ବା ଘାସ (ମଚଲିଙ୍ଗ) ଦ୍ୱାରା ଦୁଇ ଇଞ୍ଚ ବହଳରେ ଘୋଡେଇ ଦିଅନ୍ତୁ।

## ସବୁଜ ସାର

ଛଣପଟ ଓ ବରଗୁଡ଼ି ପାଇଁ ଜମିକୁ ଚାଷ କରି ଏକର ପ୍ରତି ୧୬ କିଗ୍ରା ଫସଫରସ ଯୋଗାଇବା ଲାଗି ଆବଶ୍ୟକ ପରିମାଣର ସୁପର ଫସଫେଟ୍ ବା ରକ୍ ଫସଫେଟ୍ ପ୍ରୟୋଗ କରନ୍ତୁ। ଫସଫେଟ୍ ସାର ପ୍ରୟୋଗ ଦ୍ୱାରା ଶୀଘ୍ର ଚେର ବୃଦ୍ଧି ହୁଏ ଏବଂ ଶାକାଣୁ ଭାତୁଡି ସୃଷ୍ଟି ହୋଇ ଅଧିକ ଯବକ୍ଷାରଜାନ ବିବନ୍ଧିତ ହୋଇଥାଏ। ଏହାପରେ ଗହଳିଆ କରି ଏକର ପ୍ରତି ୧୦ କିଗ୍ରା ହିସାବରେ ସବୁଜ ଖତ ଫସଲ ମଞ୍ଜି ବୁଣନ୍ତୁ। ବହଳିଆ ହୋଇ ଅଧିକ ସଂଖ୍ୟକ ଗଛ ଉଠେ। ଧାନ ସହିତ ମିଶ୍ରିତ ଫସଲ ଭାବରେ ସବୁଜ ସାର ଫସଲ ବୁଣାଯାଉଥିଲେ ଏକର ପ୍ରତି ୬ କିଗ୍ରା ମଞ୍ଜି ଆବଶ୍ୟକ ହୋଇଥାଏ। ସବୁଜ ଖତ ଫସଲ ଦେଢ଼ ମାସର ହୋଇଗଲେ ଗଛ ପାକଳ ଓ ଟାଣୁଆ ହେବା ପୂର୍ବରୁ ଚଷି ଦିଅନ୍ତୁ। ସବୁଜ ସାର ଫସଲ ଚଷିବା ସମୟରେ ଜମି ଯଥେଷ୍ଟ ଓଦା ବା ଅଳ୍ପ ପାଣି ଥିବା ଆବଶ୍ୟକ। ଜମି ଚଷି ଦେଇ ମଇ ଦିଅନ୍ତୁ। ସବୁଜ ସାର ଶଢ଼ିବା ପାଇଁ ପ୍ରାୟ ତିନି ସପ୍ତାହ ଲାଗିଥାଏ। ଏହାପରେ ମୁଖ୍ୟ ଫସଲ ଲଗାନ୍ତୁ। ମୁଖ୍ୟ ଫସଲରେ ଆଉ ଫସଫେଟ ସାର ଦେବା ଆବଶ୍ୟକ ହୁଏନାହିଁ ଏବଂ ଆବଶ୍ୟକ ଯବକ୍ଷାରଜାନ ସାର ପ୍ରୟୋଗ ପରିମାଣ ହ୍ରାସ କରନ୍ତୁ।

## ଚାଷୀଙ୍କ ପାଇଁ...

**ମକା:** ଏବେ ଯଦି ଜଳସେଚନ ସୁବିଧା ଅଛି ତେବେ ମକା ବିହନ ବୁଣନ୍ତୁ। ଉନ୍ନତ କିସମ ମକା ବିହନ ମଧ୍ୟରେ ରହିଛି–ନଭଜୋତ୍, ଶକ୍ତି, ଡେକାନ୍–୧୦୭ ଏବଂ ଡେକାନ୍–୧୧୯। ଏହି ବିହନ ସ୍ଥାନୀୟ ସରକାରୀ ବ୍ଲକସ୍ତରୀୟ ବିକ୍ରୟ କେନ୍ଦ୍ରରୁ ହିଁ ସଂଗ୍ରହ କରନ୍ତୁ। ଏକ ଏକର ଜମି ପାଇଁ ୬ କିଗ୍ରା ବିହନ ଆବଶ୍ୟକ ହୋଇଥାଏ। ଏଥିପାଇଁ ଶେଷ ଓଡ଼ ଚାଷ ବେଳେ ଏକର



ପ୍ରତ ଅନୁମୋଦିତ ସାର (୩୨ କିଗ୍ରା ଯବକ୍ଷାରଜାନ, ୧୬ କିଗ୍ରା ଫସଫରସ ଓ ୧୬ କିଗ୍ରା ପଟାସ ସାର) ମଧ୍ୟରୁ ତିନି ଭାଗରୁ ଭାଗେ ଯବକ୍ଷାରଜାନ, ସବୁତକ ଫସଫରସ ଓ ପଟାସ ସାର ପ୍ରୟୋଗ କରନ୍ତୁ। ଧାଡ଼ିକୁ ଧାଡ଼ି ୬୦ ସେମି, ଗଛକୁ ଗଛ ୩୦ ସେମି ଓ ୫ ସେମି ଗଭୀରରେ ମଞ୍ଜି ଲଗାନ୍ତୁ।

**ନଳିତା:** ସଅଳ ବୁଣାଯାଉଥିବା ନଳିତା ତିନି ସପ୍ତାହର ହୋଇଥିଲେ କୋଡ଼ା ଖୁସା ସାରି ଘାସ ବାଛି ଦିଅନ୍ତୁ ଏବଂ ତା' ସହିତ ପତଳା କରି ଦିଅନ୍ତୁ।

**ଆଖୁଚାଷ:** ନଭେମ୍ବରରେ ଲଗାଯାଇ ଥିବା ଆଖୁଗଛର ଶୁଖିଲା ପତ୍ରକୁ ଛଡାଇ ଦେଇ ଭେଳା ବାନ୍ଧନ୍ତୁ। ଦୁଇ ଧାଡିର ଆଖୁ ଗଛକୁ ଏକାଠି ଟାଣି ଭେଳା ବାନ୍ଧିଲେ ଆଖୁ ପବନରେ ପଡିଯାଏ ନାହିଁ।

**ପନିପରିବା:** ଅଦିନିଆ ଟମାଟୋର ଉନ୍ନତ କିସମ ହେଲା ବିଟି–୨, ବିଟି–୧୦ ଓ ବିଟି–୧୨। ଏଥିପାଇଁ ତଳିଘରା ପ୍ରସ୍ତୁତ କରିବାବେଳେ ଜଳ ନିଷ୍କାସନ ଲାଗି ନାଳ ରଖନ୍ତୁ। ପକ୍ଷୀ ଓ ବର୍ଷା ଦାଉରୁ ରକ୍ଷା ପାଇବା ସକାଶେ ବିହନ ବୁଣି ତଳିଘରାକୁ ନଡାରେ ଘୋଡାଇ ଦିଅନ୍ତୁ।

# ଲାଭଜନକ ବାଇଗଣ ଚାଷ



ଡ. ପରେଶ କୁମାର ପଣ୍ଡା



ବାଇଗଣର ଚାହିଦା ବର୍ଷସାରା ଥାଏ। ଏହାର ରଙ୍ଗ ଓ ଆକାର ଭିନ୍ନ ହୋଇଥାଏ। ରାଜ୍ୟର ସବୁ ଅଞ୍ଚଳରେ ଏହାର ଚାଷ ହୋଇଥାଏ। ନିଗିଡ଼ା, ଉର୍ବର ଓ ବାଲିଆ ଦୋରସା ମାଟିରେ ଏହାର ଚାଷ ଭଲ ହୋଇଥାଏ। ଉନ୍ନତ ଅଧିକ ଅମଳକ୍ଷମ କିସମ ମଧ୍ୟରେ ଉତ୍କଳ ମାଧୁରୀ, ଉତ୍କଳ ତାରିଣୀ, ଉତ୍କଳ ଜ୍ୟୋତି, ଉତ୍କଳ କେଶରୀ, ଉତ୍କଳ ଅନୁଶ୍ରୀ, ପନ୍ତ ଋତୁରାଜ, ପନ୍ତ ସମ୍ରାଟ୍, ପୁଷା ପର୍‌ପଲ୍ ଲଙ୍ଗ୍, ପୁଷା ପରପଲ୍ ରାଉଣ୍ଡକୁ ଛାଡ଼ି ଅନେକ କିସମ ରହିଛି। ସଙ୍କର ବାଇଗଣ ଚାଷରୁ ଅଧିକ ଅମଳ ମିଳିଥାଏ।

ଏକର ପ୍ରତି ୨୦୦ ଗ୍ରାମ୍ (କିସମ) ଓ ୭୦ ଗ୍ରାମ୍ (ସଙ୍କର) ବିହନ ଦରକାର। ବର୍ଷାଦିନେ ଚାଷ ପାଇଁ ମେ–ଜୁନ୍ ମାସ ତଳି ପକାଇବାର ଉପଯୁକ୍ତ ସମୟ। ବିଶୋଧିତ ବିହନକୁ ତଳିରେ ବୁଣି ୪–୫ ସପ୍ତାହରେ ପ୍ରାୟ ୧୨ ସେ.ମି. ଲମ୍ବର ଚାରାଗୁଡ଼ିକୁ ୬୦–୭୫ସେ.ମି. ଦୂରତା ରଖି ଲଗାନ୍ତୁ। ଏକର ପ୍ରତି ୮୦ କୁଇଣ୍ଟାଲ ଶଢ଼ା ଖତ ସହ ଏନ୍.ପି.କେ. ୫୦:୩୦:୨୦ କି.ଗ୍ରା (ଅର୍ଥାତ୍ ପି.ଏ.ପି ୬୫କି.ଗ୍ରା+ ୟୁରିଆ ୮୩ କି.ଗ୍ରା+ ପଟାସ୍ ସାର ୩୩କି.ଗ୍ରା)କୁ ମୂଳସାରଭାବେ ସବୁ ଖତ ସହିତ ସମୁଦାୟ ଡି.ଏ.ପି. ସାର ଓ ଅଧା ପଟାସ୍ ସାର ଦିଅନ୍ତୁ। ରୁଆ ହେବାର ୨ ସପ୍ତାହ ଓ ୫ ସପ୍ତାହ ବେଳକୁ ୟୁରିଆର ଅଧା ଓ ପଟାସ୍‌ର ଏକ ଚତୁର୍ଥାଂଶକୁ ମୂଳଠାରୁ ଟିକେ ଛାଡ଼ି ପ୍ରୟୋଗ କରି ମାଟି ଟେକନ୍ତୁ।

ଘାସ ବାଛିଦେବା ଦରକାର। ନଚେତ୍ ରୁଆର ଠିକ୍ ପରେ ଏକର ପ୍ରତି ଷ୍ଟମ୍ପ ଏକ ଲିଟର ଓଦା ମାଟି ଉପରେ ୨୦୦ ଲିଟର ପାଣିରେ ମିଶାଇ ଅପରାହ୍ନରେ ସିଞ୍ଚନ କରନ୍ତୁ। ରୋଇବା ପରେ ହାଲୁକା ଜଳ ସିଞ୍ଚନ କରନ୍ତୁ ଏବଂ ପରେ ମାଟିର ବତର ଦେଖି ଜଳସେଚନ କରନ୍ତୁ। ଏହାର ମୁଖ୍ୟ ଶତ୍ରୁ ହେଉଛି କାଣ୍ଡ ଓ ଫଳ ବିନ୍ଧା ପୋକ। ରୋଇବାର ଠିକ୍ ପୂର୍ବରୁ ଏକର ପ୍ରତି ଫିପ୍ରୋନିଲ୍ (ରିଜେଣ୍ଟ) ୦.୩ଜି.ର ୫କି.ଗ୍ରା ଏକର ପ୍ରତି ମାଟିରେ ମିଶାଇ ଦେଲେ ଏହି ପୋକର ଆକ୍ରମଣ ଯଥେଷ୍ଟ କମିଯାଏ। ଆକ୍ରାନ୍ତ ଡାଳ ଦେଖିଲେ ତୁରନ୍ତ କାଟି ମାଟିରେ ପୋତି ଦେବା ଭଲ। ନଚେତ୍ ନୁଭାଲୋଚନ ୧୦ ପ୍ରତିଶତ, ଇ.ସି ୧୦ ମି.ଲି/ ଫ୍ଲୁକେଣ୍ଡିଆମାଇଡ୍ ୩୫ ପ୍ରତିଶତ, ଏମ୍.ଏମ୍.ର ୪ ମିଲି/କ୍ଲୋରାଣ୍ଟ୍ରା ନିଲି ପ୍ରୋଲ୍ ୧୮.୫ ପ୍ରତିଶତ, ଏସ.ସି.ର୪ ମି.ଲି / ସ୍ପିନୋସାଡ୍ ୪୫ ପ୍ରତିଶତ, ଏସ୍.ସି.ର ୩.୫–୪ ମି.ଲି. ୧୦ ଲିଟର ପାଣି ପ୍ରତି ସିଞ୍ଚନ କରାଯାଏ। ବୁଢିଆଣୀ, ଅଷ୍ଟପଦୀ ପୋକ ନିୟନ୍ତ୍ରଣ ଲାଗି ଫ୍ଲୁମାଇଟ୍ ୨୦ ପ୍ରତିଶତ ଏସ୍.ସି ୮–୧୦ ମି.ଲି/ ପ୍ରୋପାର୍‌ଜାଇଟ୍ ୫୭ ପ୍ରତିଶତ, ଇ.ସିର ୨୦ ମି.ଲି ପ୍ରୟୋଗ କରନ୍ତୁ।

ନାଲି ବୁଢିଆଣୀ ଅଷ୍ଟପଦୀ ନିୟନ୍ତ୍ରଣ ଲାଗି ଫେନାଜାକୁଇନ୍ ୧୦ ପ୍ରତିଶତ ଇ.ସି ୨୫ ମି.ଲି। ହଳଦିଆ ଅଷ୍ଟପଦୀ ପାଇଁ ଡାଇକୋଫଲ୍ ୧୮.୫ ପ୍ରତିଶତ ଇ.ସିର ୮୦ ମି.ଲି ଏବଂ ଧଳା ମାଛି ନିୟନ୍ତ୍ରଣ ଲାଗି ଡାଇଫେନ୍‌କୁଇନ୍ ୫୦ ପ୍ରତିଶତ ଡବ୍ଲ୍ୟୁପି ୧୨ ମି.ଲି.କୁ ୧୦ ଲିଟର ପାଣିରେ ମିଶାଇ ଫସଲକୁ ଅପରାହ୍ନ କିମ୍ବା ସକାଳ ୮–୧୦ଟା ମଧ୍ୟରେ ସିଞ୍ଚନ କରନ୍ତୁ। ସେହିପରି ଝାଉଁଳା ସଂକ୍ରମଣକୁ ନିୟନ୍ତ୍ରଣ କରିବା ସକାଶେ ଷ୍ଟ୍ରେପ୍ରୋସାଇକ୍ଲିନ୍ ୧ ଗ୍ରାମ୍+ ସି.ଓ.ସି ୨୦ ଗ୍ରାମ୍। ଫଳ ପଚା କିମ୍ବା ପତ୍ର ଚିତା ପାଇଁ କାର୍ବେଣ୍ଡାଜିମ୍ ୫୦ % ଡବ୍ଲ୍ୟୁ.ପି. ୧୫ ଗ୍ରାମ୍। ପତ୍ର ପୋଡା ରୋଗ ପାଇଁ ଜିନେବ୍ ୭୫% ଡବ୍ଲ୍ୟୁ.ପି.ର ୨୫ ଗ୍ରାମ୍‌କୁ ୧୦ ଲିଟର ପାଣିରେ ମିଶାଇ ଭଲ ରୂପେ ଫସଲରେ ସିଞ୍ଚନ କରନ୍ତୁ। ଛୋଟ ପତ୍ର ଦେଖାଗଲେ ଆକ୍ରାନ୍ତ ଗଛକୁ ଉପାଡ଼ି ନଷ୍ଟ କରିଦିଅନନ୍ତୁ। ବାଇଗଣ ଫସଲ ନିକଟରେ କନ୍ଦମୂଳ ଓ ବିଲାତି ଲଗାନ୍ତୁ ନାହିଁ। ପ୍ରଥମ ଅମଳ ୪୫–୬୦ ଦିନ ମଧ୍ୟରେ ଆରମ୍ଭ ହୋଇ ୪ ମାସ ମଧ୍ୟରେ ଏକର ପ୍ରତି ୩୦୦ କୁଇଣ୍ଟାଲ ହାରାହାରି ବାଇଗଣ ଅମଳ ହୋଇଥାଏ।

*–ସହକାରୀ ବିହନ ପ୍ରମାଣନ ଅଧିକାରୀ, ଭୁବନେଶ୍ୱର, ମୋ:୭୨୦୫୦୯୬୦୮୦*

## ସବୁଜ ଗୋଖାଦ୍ୟ ଡଙ୍ଗରରାଣୀ

ଡଙ୍ଗରରାଣୀ ଏକ ଡାଲିଜାତୀୟ ଫସଲ। ପାହାଡ଼ିଆ ଉଚ୍ଚା ବା ଡଙ୍ଗର ଜମିରେ ଏହାର ବହୁଳ ଚାଷ ହେଉଥିବାରୁ ଏହାକୁ ଡଙ୍ଗରରାଣୀ କୁହାଯାଏ। ଏହାକୁ ମଧ୍ୟ କଟିଙ୍ଗ୍ ବା ରାଇସବିନ୍ କୁହାଯାଇଥାଏ। ଏକ ବିବିଧ ଉପକାରୀ ଫସଲ ଭାବେ ଏହାକୁ ବିବେଚନା କରାଯାଇପାରେ। ଛୁଇଁ ଜାତୀୟ ଫସଲ ହୋଇଥିବାରୁ ଏହା ଏକର ପ୍ରତି ୮ କିଲୋ ଯବକ୍ଷାରଜାନ ବିବନ୍ଧନ କରିପାରେ । ସବୁଜ ଗୋଖାଦ୍ୟ ବ୍ୟତୀତ ଏହା ମଧ୍ୟ ସବୁଜସାର ତଥା ଆଚ୍ଛାଦିତ ଫସଲ ଭାବେ ବ୍ୟବହାର କରାଯାଇଥାଏ। ବିଳମ୍ବରେ ଫୁଲ ଧରୁଥିବା କିସମଗୁଡ଼ିକ ୨ ମାସର ହୋଇଗଲେ ମୂଳରୁ ୮ ଇଞ୍ଚ ଛାଡ଼ି କାଟି ଅମଳ କଲେ ଏକର ପ୍ରତି ୫୦ରୁ ୬୦ କୁଇଣ୍ଟାଲ ପର୍ଯ୍ୟନ୍ତ ସବୁଜ ଗୋଖାଦ୍ୟ ମିଳିଥାଏ।

ନିଗିଡ଼ା ଡିପଜମି ତଥା ଅଧିକ ବର୍ଷାରେ ମଧ୍ୟ ଏହାର ଭଲ ବୃଦ୍ଧି ହୁଏ। ଏହା ଏକ ମରୁଡ଼ି ସହଣୀ କିସମ ଓ ଅନୁର୍ବର ମାଟିରେ ମଧ୍ୟ ଭଲ ଅମଳ ଦେଇଥାଏ । ଏହାକୁ ବର୍ଷାଦିନିଆ ଫସଲ ଭାବରେ ଜୁନମାସ ପ୍ରଥମ ସପ୍ତାହ, ପ୍ରାକ୍ ରବି ଫସଲ ଭାବେ ସେପ୍ଟେମ୍ବର ଓ ଖରାଦିନିଆ ଫସଲ ଭାବେ ଜାନୁୟାରୀ ଶେଷ ସପ୍ତାହ ପର୍ଯ୍ୟନ୍ତ ବୁଣାଯାଇପାରେ । ଗୋଖାଦ୍ୟ ଓ ମଞ୍ଜି ପାଇଁ ଏକର ପ୍ରତି ୧୨ କି.ଗ୍ରା. କିନ୍ତୁ ଛଟାବୁଣା କଲେ ଏକର ପ୍ରତି ୨୪ କି.ଗ୍ରା. ବିହନ ଆବଶ୍ୟକ ହୋଇଥାଏ । ଆମ ରାଜ୍ୟରେ ବିଧାନ–୧, କୋଙ୍କନ ରାଇସବିନ–୧, ଫୁଲବାଣୀ ଲୋକାଲ ଓ ଶିମିଳିଗୁଡ଼ା ଲୋକାଲ ନାମକ କିସମ ଅଧିକ ପ୍ରଚଳିତ। ୧ ଏକର ପ୍ରତି ୪୦ କୁଇଣ୍ଟାଲ ଶଢ଼ା ଗୋବର ଖତ ସହିତ ବୁଣିବା ସମୟରେ ୮ କି.ଗ୍ରା. ଯବକ୍ଷାରଜାନ ଓ ୧୬ କି.ଗ୍ରା. ଫସଫରସ୍ ସାର ପ୍ରୟୋଗ କରାଯାଇଥାଏ। ୧କି.ଗ୍ରା. ବିହନ ପ୍ରତି ୨ଗ୍ରାମ ବାଭିଷ୍ଟିନ କିମ୍ବା ୨ଗ୍ରାମ ଭିଟାଭାକ୍ସ ପାଓ୍ୱାର କବକନାଶକରେ ବିଶୋଧନ କରାଯାଏ। ଏକ ସପ୍ତାହ ପରେ ୧ କିଲୋ ବିହନ ପ୍ରତି ୨୦ଗ୍ରାମ ହିସାବରେ ଉପଚାର କରି ଛାଇରେ ଶୁଖାଇ ବୁଣାଯାଇଥାଏ।





ଗଛ ଉଠିବାର ୨୦ ଦିନରେ ଥରେ ଓ ୪୦ ଦିନରେ ଆଉଥରେ କୋଡ଼ାଖୋସା କରି ଘାସ ବାଛିଦିଅନ୍ତୁ। ଫୁଲ ଆସିବା ଅବସ୍ଥାରେ ଜମିରେ ବତର ନ ଥିଲେ ଜଳସେଚନ କରନ୍ତୁ। ଖରାଦିନିଆ ଫସଲରେ ପ୍ରତି ୧୦ ଦିନରେ ଜମିର ବତର ଦେଖି ଜଳସେଚନ କରିବା ଆବଶ୍ୟକ।

ବର୍ଷାଦିନେ ଡଙ୍ଗରରାଣୀକୁ ମକା, ଜୁଆର ବା ବାଜରା ସହିତ ୨:୨ ଅନୁପାତରେ ମିଶ୍ରିତ ଫସଲ ଭାବେ ଚାଷ କରାଯାଇପାରେ । ସବୁଦିନିଆ ଫସଲ ସଙ୍କର ନାପିଅର ବାଜରା ବା ଗିନିଘାସ ସହିତ ମଧ୍ୟ ୨:୨ ଅନୁପାତରେ ବୁଣାଯାଇଥାଏ। ଉଭୟ ସବୁଜ ଗୋଖାଦ୍ୟ ଓ ମଞ୍ଜି ପାଇଁ ବୁଣିବାର ୬୦ଦିନରେ ଗୋଖାଦ୍ୟ କାଟିନେବା ପରେ ଏକର ପ୍ରତି ୪କି.ଗ୍ରା. ଯବକ୍ଷାରଜାନ ସାର ପ୍ରୟୋଗ କରି ୩ରୁ ୪ ମାସରେ ବିହନ ଅମଳ କରନ୍ତୁ। ୧ ଏକରରୁ ହାରାହାରି ୧୦୦ କୁଇଣ୍ଟାଲ ସବୁଜ ଗୋଖାଦ୍ୟ ମିଳୁଥିବାବେଳେ କେବଳ ମଞ୍ଜି ପାଇଁ ଚାଷ କଲେ ୧ ଏକରରୁ ୮ କୁଇଣ୍ଟାଲ ବିହନ ମିଳିଥାଏ।

**–ଡା. ଅରବିନ୍ଦ ଧଳ**
ଗବେଷଣା ନିର୍ଦ୍ଦେଶାଳୟ
ଓୟୁଏଟି, ଭୁବନେଶ୍ୱର

## ଜାଣି ରଖନ୍ତୁ



ଆଗାମୀ ଦିନରେ ଯଦି ମରୁଡ଼ି ଆଶଙ୍କା ଦେଖାଯାଏ ତେବେ ଚାଷୀଙ୍କୁ କେତୋଟି ଦିଗ ପ୍ରତି ନଜର ଦେବାକୁ ପଡ଼ିବ। ଡିପ ଜମିରେ ଧାନ ବଦଳରେ ଅଣଧାନ ଫସଲ– ମକା, ବରଗୁଡ଼ି, ହରଡ଼,ବିରି, ମାଣ୍ଡିଆ, ଚିନାବାଦାମ,ଜଡ଼ା ଓ କନ୍ଦମୂଳ ଇତ୍ୟାଦି ଚାଷ କରନ୍ତୁ। ମରୁଡ଼ି ସହଣି ଥିବା ଗଭୀର ଚେର, ଶୀଘ୍ର ବୃଦ୍ଧି ଓ ସ୍ୱଳ୍ପ ଅବଧି କିସମ ଚୟନ କରନ୍ତୁ। ଫସଲର ସଙ୍କଟ ଅବସ୍ଥାରେ ଜଳସେଚନ ପାଇଁ ବର୍ଷା ପାଣିକୁ ସଞ୍ଚୟ କରି ରଖନ୍ତୁ। ଗଡ଼ାଣିଆ ଜମିରେ ଗଡ଼ାଣିର ବିପରୀତ ଦିଗରେ ହୁଡ଼ା ଓ ନାଳ ଅଦଳବଦଳରେ କରନ୍ତୁ, ଯାହାଦ୍ୱାରା ମାଟିରେ ଅଧିକ ବର୍ଷାପାଣି ସଞ୍ଚିତ ହୋଇ ରହିବ। ଖରାଟିଆ ଚାଷ ନିଶ୍ଚିତଭାବେ କରନ୍ତୁ। ଏହାଦ୍ୱାରା ରୋଗ, ପୋକ ଓ ଘାସ ଦମନ କରାଯାଇପାରିବ ଏବଂ ଫସଲ ଶୀଘ୍ର ବୁଣାଯାଇପାରିବ। ବୁଣିବା ବେଳେ ନାଳୀରେ ଖତ ପ୍ରୟୋଗ କରନ୍ତୁ। ମରୁଡି ସହି ପାରୁଥିବା ଧାନ କିସମ ଯଥା– ଅନ୍ନଦା, ପଥରା, ଖଣ୍ଡଗିରି, କଳିଙ୍ଗ–୩, ହୀରା, ବନ୍ଦନା ଇତ୍ୟାଦି ବ୍ୟବହାର କରନ୍ତୁ।

# ଗ୍ରୀଷ୍ମପ୍ରବାହ ଓ ଦୁଗ୍ଧ ଉତ୍ପାଦନ

ଆମ ରାଜ୍ୟର ହାରାହାରି ବାୟୁମଣ୍ଡଳୀୟ ତାପମାତ୍ରା ୨୮–୩୦ ଡିଗ୍ରୀ ସେଲସିଅସ ଓ ହାରାହାରି ଆର୍ଦ୍ରତା ୭୦% ରହିଥାଏ । ଗ୍ରୀଷ୍ମଋତୁରେ ଏହି ବାୟୁମଣ୍ଡଳୀୟ ତାପମାତ୍ରା ବଢି ୪୦ରୁ ୪୨ ଡିଗ୍ରୀ ସେଲସିଅସ ହୋଇଥାଏ ଏବଂ ଆର୍ଦ୍ରତା କମିଯାଇଥାଏ । ଫଳରେ ବାୟୁମଣ୍ଡଳ ଉତ୍ତପ୍ତ ରହିବା ସଙ୍ଗେ ସଙ୍ଗେ ଗରମ ପବନ ବହିଥାଏ,ଏହାକୁ ଗ୍ରୀଷ୍ମ ପ୍ରବାହ (ହିଟ ୱେଭ) କୁହାଯାଏ ।

ଗ୍ରୀଷ୍ମପ୍ରବାହ ଗୃହପାଳିତ ପ୍ରାଣୀଙ୍କ ସ୍ୱାସ୍ଥ୍ୟ ଉପରେ ପ୍ରତିକୂଳ ପ୍ରଭାବ ପକାଇବା ସଙ୍ଗେ ସଙ୍ଗେ ସେମାନଙ୍କର ଉତ୍ପାଦିକା କ୍ଷମତା ମଧ୍ୟ କମିଯାଇଥାଏ ।

ମୁଖ୍ୟତଃ ଦୁଗ୍ଧ ଉତ୍ପାଦନ କରୁଥିବା ଦୁଧିଆଳୀ ଗାଈ ଉପରେ ପ୍ରତିକୂଳ ପ୍ରଭାବ ପଡିଥାଏ । ଗବେଷଣାରୁ ଜଣାପଡିଛି ଯେ ଏହି ଗ୍ରୀଷ୍ମ ପ୍ରଭାବ ଯୋଗୁଁ ପ୍ରାଣୀଙ୍କ ଉତ୍ପାଦିକା କ୍ଷମତା ୮୦% ପ୍ରଭାବିତ ହେଉଥିବା ସ୍ଥଳେ ସ୍ୱାସ୍ଥ୍ୟ ଓ ଶରୀରକୁ ୨୦% ପ୍ରବାହିତ କରିଥାଏ ।



**ଦୁଗ୍ଧ ଉତ୍ପାଦନ ପ୍ରଭାବିତ ନ ହେବାର ଉପାୟ**

ନିମ୍ନରେ ବର୍ଣ୍ଣିତ ଉପାୟମାନ ଅବଲମ୍ବନ କଲେ ଗାଈଟି ଗ୍ରୀଷ୍ମଦାଉରୁ ରକ୍ଷା ପାଇବା ସଙ୍ଗେ ସଙ୍ଗେ କ୍ଷୀର ଉତ୍ପାଦନ ଓ ତାର ମାନ ଅପରିବର୍ତ୍ତିତ ରହିପାରିବ। ଯଥା :

–ଦୁଗ୍ଧ ଦେଉଥିବା ଗାଈଙ୍କ ଗୁହାଳ ଓ ପରିବେଶରେ ଆବଶ୍ୟକ ପରିବର୍ତ୍ତନ।

– ଗୁହାଳର ଉଚ୍ଚତା ଅଧିକ ହେବା ସହିତ ପଙ୍ଖା,ଭେଣ୍ଟିଲେଟର,ସ୍ପ୍ରିଙ୍କଲର ଆଦି ଲଗାଇବା ଆବଶ୍ୟକ ।

– ଗୁହାଳ ଚାରିପାଖରେ ଛାଇ ପ୍ରଦାନକାରୀ ଗଛ ଲଗାନ୍ତୁ ।

– ଖାଦ୍ୟ ଓ ପାନୀୟର ସୁପରିଚାଳନା ।

– ଗ୍ରୀଷ୍ମଋତୁରେ ଗାଈଙ୍କୁ ପ୍ରଚୁର ପରିମାଣରେ ସ୍ୱଚ୍ଛ ଓ ଥଣ୍ଡା ପାଣି ପିଇବାକୁ ଦିଅନ୍ତୁ, ଯଦ୍ୱାରା ସେମାନଙ୍କର ଶରୀରରେ ଜଳୀୟ ଅଂଶ ଠିକ ରହିବ। ଫଳରେ ସେମାନଙ୍କ ଶାରିରୀକ ତାପମାତ୍ରା ନିୟନ୍ତ୍ରଣ ରହିବା ସଙ୍ଗେ ସଙ୍ଗେ କ୍ଷୀର ଉତ୍ପାଦନରେ କୌଣସି ପ୍ରଭାବ ପଡି ନ ଥାଏ ।

– ଖାଦ୍ୟରେ ଅଧିକ ପରିମାଣରେ ସନ୍ତୁଳିତ ଦାନା (ବାଲାନ୍ସ ଫିଡ) ଏବଂ କମ ତନ୍ତୁ ଜାତୀୟ ରହିବା ଆବଶ୍ୟକ।

–ଖାଦ୍ୟରେ ସେହିପରି କମ ପରିମାଣରେ ପାଚକ ପୁଷ୍ଟିସାର (ଡାଇଜେଷ୍ଟେବଲ ପ୍ରୋଟିନ)ଓ ବେଶୀ ପରିମାଣରେ ସ୍ନେହସାର (ଫ୍ୟାଟ) ରହିବା ଦରକାର ।

– ଖାଦ୍ୟରେ ପ୍ରଚୁର ପରିମାଣରେ ସୋଡିୟମ ଓ ପଟାସିୟମ ଖଣିଜ ଲବଣ ଆକାରରେ ଖାଇବାକୁ ଦିଅନ୍ତୁ,ଯାହାକି ଶରୀରରେ ଜଳୀୟ ଅଂଶ ସମତୁଲ କରିବାରେ ସାହାଯ୍ୟ କରେ ।

– ଖାଦ୍ୟରେ ବୋଫର,ନିଆସିନ, ଆଂଟିଅକ୍ସିଡାଣ୍ଟଫଙ୍ଗାଲ କଲଚର ଆଦି ମିଶାଇ ଖାଇବାକୁ ଦେଲେ ପାକସ୍ଥଳୀର ପିଏଚ୍‌କୁ ସନ୍ତୁଳିତ ରଖିବା ସଙ୍ଗେ ସଙ୍ଗେ ଖାଦ୍ୟ ହଜମ ଓ ଶରୀରରେ ଉପଯୁକ୍ତ ବିନିଯୋଗ ହୋଇପାରିବ ।

– ଏହା ବ୍ୟତୀତ ଖରାଦିନେ ଦେଖା ଦେଉଥିବା ସାହାଣା,ଫାଟୁଆ ଆଦି ସଂକ୍ରାମକ ରୋଗ ପାଇଁ ଟୀକା କରଣ କରନ୍ତୁ ।

– ନିୟମିତ ଗୋବର ପରୀକ୍ଷା କରି କୃମିନାଶକ ଔଷଧ ଦିଅନ୍ତୁ।

**–ଡା. ନିରାକାର ଜେନା,**
ପ୍ରାଣୀ ଚିକିତ୍ସକ, ଧୂଷୁରୀ, ଭଦ୍ରକ,
ମୋ:୯୪୩୯୮୯୦୦୨୬

# ସ୍ୱାଧୀନତା ପରଠାରୁ ବଡ଼ ମାନ୍ଦାବସ୍ଥା

ନୂଆଦିଲ୍ଲୀ,୨୬।୫

ଭାରତ ବର୍ତ୍ତମାନ ୪ର୍ଥ ମାନ୍ଦାବସ୍ଥା ସାମ୍ନା କରୁଛି। ଦେଶରେ ଉଦାରୀକରଣ ନୀତି ଲାଗୁ ହେବା ପରେ ଏବଂ ସ୍ୱାଧୀନତା ପରଠାରୁ ଘରୋଇ ବଜାର ସବୁଠାରୁ ବଡ଼ ମାନ୍ଦାବସ୍ଥାର ସମ୍ମୁଖୀନ ହୋଇଥିବା ଜଣାପଡିଛି। ବିଶ୍ୱ ମାନ୍ଦାବସ୍ଥା ସହ ଲଢୁଥିବା ବଜାର କରୋନା ଜନିତ ଲକ୍‌ଡାଉନ ପାଇଁ ଆହୁରି ସଙ୍କଟ ସ୍ଥିତି ଦେଇ ଗତି କରୁଛି। ଚଳିତ ଆର୍ଥିକ ବର୍ଷରେ ଦେଶର ଅର୍ଥ ବ୍ୟବସ୍ଥାର ଅଭିବୃଦ୍ଧି ୫% ଖସିଯିବ ବୋଲି ରେଟିଂ ଏଜେନ୍ସି କ୍ରିସିଲ ପୂର୍ବାନୁମାନ କରିଛି। ପ୍ରଥମ ତ୍ରୈମାସରେ ବିକାଶ ହାର ୨୫% ହ୍ରାସ ହେବ ବୋଲି ଆକଳନ କରାଯାଇଛି। ମୋଟ୍ ଘରୋଇ ଉତ୍ପାଦ(ଜିଡିପି)ର ପ୍ରାୟ ୧୦% କ୍ଷତିଗ୍ରସ୍ତ ହେବ। ମହାମାରୀ ଯୋଗୁ ଆଗାମୀ ୩ ତ୍ରୈମାସର ବିକାଶ ହାର ମଧ୍ୟ ଖସିବ। କରୋନା ପୂର୍ବବର୍ତ୍ତୀ ବଜାର ଅଭିବୃଦ୍ଧି ହାସଲ କରିବା ଲାଗି ଭାରତକୁ ସମୟ ଲାଗିବ। ୩ ଆର୍ଥିକ ବର୍ଷରେ ଭାରତ ପୂର୍ବ ସ୍ଥିତିକୁ ଫେରି ନ ପାରେ ବୋଲି ରିପୋର୍ଟରେ କୁହାଯାଇଛି।

ଗତ ୬୯ ବର୍ଷ ମଧ୍ୟରେ ଭାରତ ପ୍ରାୟ ୩ ଥର ମାନ୍ଦାବସ୍ଥା ସାମ୍ନା କରିଛି। ଏହା ୧୯୫୮, ୧୯୬୬ ଏବଂ ୧୯୮୦ରେ ଦେଖାଯାଇଛି। ମୌସୁମୀ ଠିକ୍ ନ ହେବାରୁ କୃଷି କ୍ଷତିଗ୍ରସ୍ତ ହେବା ଯୋଗୁ ସେହି ସମୟରେ ମାନ୍ଦାବସ୍ଥା ଦେଖାଯାଇଥିଲା। ମାତ୍ର ଚଳିତ ଆର୍ଥିକ ବର୍ଷର ମାନ୍ଦାବସ୍ଥା ଭିନ୍ନ ରହିଛି। ଚଳିତ ବର୍ଷ ମୌସୁମୀ ସ୍ୱାଭାବିକ ରହିବ। କରୋନା ପାଇଁ ବାରମ୍ବାର ଲକ୍‌ଡାଉନ ବଢ଼ାଇବା ଫଳରେ ଏହା ଆର୍ଥିକ କାର୍ଯ୍ୟକଳାପକୁ କ୍ଷତି ପହଞ୍ଚାଇଛି। କେବଳ ପ୍ରଥମ ତ୍ରୈମାସ ନୁହେଁ ଦେଶର ସେବା କ୍ଷେତ୍ର, ଶିକ୍ଷା,ଟ୍ରାଭେଲ ଆଣ୍ଡ ଟୁରିଜମ୍ ଭଳି ଅନ୍ୟ କ୍ଷେତ୍ରଗୁଡିକ ଅଧିକ ପ୍ରଭାବିତ ହୋଇଛନ୍ତି। ଅନେକ ଲୋକଙ୍କ ଆୟ କମିବା ସହ ଛଟେଇ ହେଉଥିବା ଜଣାପଡିଛି। ମାର୍ଚ୍ଚରେ ଶିଳ୍ପ କ୍ଷେତ୍ର ଉତ୍ପାଦନ ୧୬% ଖସିଛି। ଏପ୍ରିଲରେ ରପ୍ତାନି ୬୦.୩% କମିଛି। ଟେଲିକମ୍ ଉପଭୋକ୍ତା ୩୦% କମିଥିବା ବେଳେ ରେଳ ମାଲ ପରିବହନ ୩୫% କମିଯାଇଛି। ଏପ୍ରିଲରେ ଏହି ଏଜେନ୍ସି ଜିଡିପି ଅଭିବୃଦ୍ଧିକୁ ନେଇ ପୂର୍ବାନୁମାନ କରିଥିଲା। ଏହା ଅଭିବୃଦ୍ଧିକୁ ୩.୫%ରୁ ୧.୮% ଖସାଇଥିଲା। ଏଥିରେ ପୁଣି ହ୍ରାସ କରି ଅଣ କୃଷି ଅଭିବୃଦ୍ଧି ପ୍ରାୟ ୬% ଖସିବ ବୋଲି ଏହା ପୂର୍ବାନୁମାନ କରିଛି। ଏହି ସମୟରେ କୃଷି କ୍ଷେତ୍ର ଅଭିବୃଦ୍ଧି ୨.୫% ରହିବ।

ସରକାର ନିକଟରେ ଅର୍ଥ ବ୍ୟବସ୍ଥା ଲାଗି ୨୦ ଲକ୍ଷ କୋଟି ଟଙ୍କାର ପ୍ୟାକେଜ ଘୋଷଣା କରିଛନ୍ତି। ତ୍ୱରିତ ସହାୟକ ହେବା ଭଳି ଏଥିରେ ବହୁ କମ୍ ପଦକ୍ଷେପ ରହିଛି। ସରକାର ଗ୍ରହଣ କରିଥିବା ସଂସ୍କାର ପ୍ରକ୍ରିୟା ମଧ୍ୟମ ମିଆଦୀ ଭିତ୍ତିରେ ସୁବିଧା ପ୍ରଦାନ କରିବ ବୋଲି ରିପୋର୍ଟରେ ଉଲ୍ଲେଖ ରହିଛି। ସରକାରଙ୍କ ପ୍ୟାକେଜରେ ବିତ୍ତୀୟ ଖର୍ଚ୍ଚ ମୋଟ ଜିଡିପିର ୧.୨% ରହିବ। ପୂର୍ବରୁ କରାଯାଇଥିବା ଆକଳନ ଅନୁସାରେ ଏହା ବହୁତ କମ୍ ବୋଲି କୁହାଯାଇଛି।



## ନକାରାତ୍ମକ ଅଭିବୃଦ୍ଧି ନେଇ ଏଜେନ୍ସିଙ୍କ ପୂର୍ବାନୁମାନ

କରୋନା ପାଇଁ ଗତ ୮ ସପ୍ତାହରୁ ଅଧିକ ସମୟ ଧରି ହୋଇଥିବା ଲକ୍‌ଡାଉନ ଯୋଗୁ ଅର୍ଥ ବ୍ୟବସ୍ଥାକୁ ବୃହତ୍ ପରିମାଣର କ୍ଷତି ହୋଇଛି। ୨୦୨୦-୨୧ରେ ଅଭିବୃଦ୍ଧି ନକାରାତ୍ମକ ରହିବ ବୋଲି ପ୍ରମୁଖ ଏଜେନ୍ସିଗୁଡିକ ଅନୁମାନ ଲଗାଇଛନ୍ତି। ୨୦୧୯-୨୦ ଆର୍ଥିକ ବର୍ଷ ଚତୁର୍ଥ ତ୍ରୈମାସ ରିପୋର୍ଟ କିଛି ଦିନ ପରେ ଆସିବ। ଏହି ସମୟରେ ଅଭିବୃଦ୍ଧି ୮ ବର୍ଷର ସର୍ବନିମ୍ନ ସ୍ତରକୁ ଖସିବ ବୋଲି ପୂର୍ବାନୁମାନ କରାଯାଇଛି। ରଏଟର୍ସ ପୋଲ ମୁତାବକ ଚଳିତ ବର୍ଷ ପ୍ରଥମ ତିନି ମାସରେ ବିକାଶ ହାତ ୮ ବର୍ଷର ସର୍ବନିମ୍ନ ସ୍ତରକୁ ଖସିବା ନେଇ ଆକଳନ କରାଯାଇଛି। ଏଚ୍‌ଏସ୍‌ବିସି ଇକୋନୋମିଷ୍ଟ ଆୟୁଷ ଚୌଧୁରୀ କହିଛନ୍ତି ଯେ, ଫେବୃୟାରୀରେ ଆର୍ଥିକ ଗତିବିଧି ସାମାନ୍ୟ ରହିଥିଲା। କିନ୍ତୁ ମାର୍ଚ୍ଚରେ ପ୍ରଭାବ ଦେଖାଗଲା। ସମ୍ପୂର୍ଣ୍ଣ ଲକ୍‌ଡାଉନ ହେବା ପରେ ସ୍ଥିତି ବେହାଲ ହୋଇଛି। ଚଳିତ ଆର୍ଥିକ ବର୍ଷରେ ବିକାଶ ହାର -୬.୮% ରହିବ ବୋଲି ପୂର୍ବାନୁମାନ କରାଯାଇଛି।

## ୬ଶହ କର୍ମଚାରୀଙ୍କୁ ଛଟେଇ କଲା ଉବର ଇଣ୍ଡିଆ

**ନୂଆଦିଲ୍ଲୀ, ୨୬।୫:** ମଙ୍ଗଳବାର ଘରୋଇ ଯାତ୍ରୀ ସେବା ପ୍ରଦାନକାରୀ କମ୍ପାନୀ ଉବର ଇଣ୍ଡିଆ ୨ୟ ଥର ପାଇଁ ପ୍ରାୟ ୬ଶହ ପୂର୍ଣ୍ଣକାଳୀନ କର୍ମଚାରୀଙ୍କୁ ଛଟେଇ କରିଛି। କରୋନା ମହାମାରୀର ପ୍ରଭାବ ଯୋଗୁ କମ୍ପାନୀ ନାନା ସମସ୍ୟା ସହ ବାଣିଜ୍ୟ କାରବାରରେ କ୍ଷତି ସହୁଛି। କମ୍ପାନୀ ଗତ କିଛି ମାସ ହେଲା ଆଶାନୁରୂପ ବାଣିଜ୍ୟିକ କାରବାର କରିପାରୁନାହିଁ। ଲକଡାଉନ ପାଇଁ ଯାତ୍ରୀ ସେବା ବନ୍ଦ ଥିବାରୁ କମ୍ପାନୀ ବ୍ୟାପକ ଆର୍ଥୀକ ମାନ୍ଦାବସ୍ଥାରେ ସମ୍ମୁଖୀନ ହୋଇଛି। ଅନ୍ୟପକ୍ଷରେ କୋଭିଡ୍-୧୯ ସଂକ୍ରମଣର ଭୟାବହତା ପାଇଁ ଗ୍ରାହକମାନେ ମଧ୍ୟ ପୂର୍ବପରି ଆଉ ଗାଡି ବୁକିଂ କରୁନାହାନ୍ତି। କମ୍ପାନୀର ରାଜସ୍ୱ କ୍ଷତି ସହ ଅନେକ ସମସ୍ୟା ସୃଷ୍ଟି ହୋଇଥିବା କମ୍ପାନୀ ସିଇଓ ପ୍ରଦୀପ ପରମେଶ୍ୱରନ ସୂଚନା ଦେଇଛନ୍ତି। ବିଭିନ୍ନ ରାଜ୍ୟରେ କମ୍ପାନୀର କର୍ମଚାରୀ କାର୍ଯ୍ୟ କରୁଛନ୍ତି। କମ୍ପାନୀ ବ୍ୟାପକ କ୍ଷତିରେ ଚାଲୁଥିବାରୁ ଉକ୍ତ କର୍ମଚାରୀଙ୍କୁ ଆବଶ୍ୟକ ବେତନ ଠାରୁ ଆରମ୍ଭ କରି ଅନ୍ୟାନ୍ୟ ସୁବିଧା ଯୋଗାଇବା ସମ୍ଭବ ହେଉନାହିଁ।

## ସଂକ୍ଷେପରେ

### ଓମ୍‌ଫେଡ୍ ପ୍ଲାଣ୍ଟରୁ ପ୍ରତ୍ୟକ୍ଷ କ୍ରୟ ସୁବିଧା




**ଭୁବନେଶ୍ୱର,୨୬।୫:** ଓଡ଼ିଶା ରାଜ୍ୟ ସମବାୟ ଦୁଗ୍ଧ ଉତ୍ପାଦକ ମହାସଂଘ(ଓମ୍‌ଫେଡ୍) ପକ୍ଷରୁ ଏହାର ପ୍ରଡକ୍ଟ ବିକ୍ରିକୁ ଉତ୍ସାହିତ କରିବା ଲାଗି ନୂଆ ଯୋଜନା ହାତକୁ ନିଆଯାଇଛି। ହୋଲ୍‌ସେଲର, ରିଟେଲରଙ୍କ ସମେତ ସବୁ ବର୍ଗର ଗ୍ରାହକ ଓମ୍‌ଫେଡ୍ ସାମଗ୍ରୀ ସହ କ୍ଷୀର ଆଦି ସିଧା କିଣିପାରିବେ ବୋଲି ଓମ୍‌ଫେଡ୍ ପକ୍ଷରୁ ରବିବାର ଘୋଷଣା କରାଯାଇଛି। ଓମ୍‌ଫେଡ୍‌ର ବଜାର ଚାହିଦା ଓ ବାଣିଜ୍ୟିକ କାରବାର ବୃଦ୍ଧି ପାଇଁ ଏଭଳି ଏକ ଅଭିନବ ଯୋଜନା କରାଯାଇଛି। ଏହା ଫଳରେ ଓମ୍‌ଫେଡ୍‌ର ସହଭାଗୀ ହୋଲ୍‌ସେଲର ଏବଂ ବିକ୍ରେତାଙ୍କ ସହ ସାଧାରଣ ଜନତା,ଫାର୍ମ, ଏଜେନ୍ସି, ଚାଷୀ ଏହିଭଳି ସବୁ ବର୍ଗର ସଂସ୍ଥା ଓମ୍‌ଫେଡ୍ ସହ ଜଡ଼ିତ ହୋଇପାରିବେ। ରାଜ୍ୟର ବିଭିନ୍ନ ସ୍ଥାନରେ ଥିବା ଓମ୍‌ଫେଡ୍ ପ୍ଲାଣ୍ଟ ଓ ସେଲ୍ ପଏଣ୍ଟରୁ ଲୋକମାନେ ବିଭିନ୍ନ ପ୍ରକାର ଓମ୍‌ଫେଡ୍ ସାମଗ୍ରୀ ଓ କ୍ଷୀର ଆଦି ପ୍ରତ୍ୟକ୍ଷ ଭାବରେ ନେଇପାରିବେ। ଆଗରୁ ରହିଥିବା ବିଭିନ୍ନ କଟକଣାକୁ ହଟାଇ ଦିଆଯାଇଛି । ଫଳରେ ଓମ୍‌ଫେଡ୍ ସହ ସମସ୍ତଙ୍କର ସିଧା ସଂଯୋଗ ହୋଇପାରିବ । ବିନା ସମସ୍ୟାରେ ଆବଶ୍ୟକ ସାମଗ୍ରୀ ଲୋକମାନେ କ୍ରୟ କରିପାରିବେ। ଏଥିଲାଗି ଏକ ନିର୍ଦ୍ଦିଷ୍ଟ ମୂଲ୍ୟ ଧାର୍ଯ୍ୟ କରାଯାଇଛି। ଭୁବନେଶ୍ୱର ପ୍ଲାଣ୍ଟ ଓ ଡେରୀ ପଏଣ୍ଟ ପାଇଁ ଅତି କମ୍‌ରେ ୭,୫୦୦ଟଙ୍କାର ବିଲ୍ ସେହିପରି ଅନ୍ୟ ସହରରେ ରହିଥିବା ପ୍ଲାଣ୍ଟ ଓ ଡେରୀ ପଏଣ୍ଟ ପାଇଁ ଅତି କମ୍‌ରେ ୫୦୦୦ଟଙ୍କାର ବିଲିଂ ଆବଶ୍ୟକ ବୋଲି ଓମ୍‌ଫେଡ୍ ପକ୍ଷରୁ ଏକ ସ୍ୱତନ୍ତ୍ର ନିର୍ଦ୍ଦେଶାବଳୀ ଜାରି କରାଯାଇଛି।

## ରାଜ୍ୟଗୁଡ଼ିକର ବିତ୍ତୀୟ ନିଅଣ୍ଟ ୪.୫% ଛୁଇଁବ

**ନୂଆଦିଲ୍ଲୀ,୨୬।୫:** କରୋନା ମହାମାରୀ ଦେଶର ଅର୍ଥ ବ୍ୟବସ୍ଥା ଉପରେ ଗଭୀର ପ୍ରଭାବ ପକାଇଛି। ଏଥିଯୋଗୁ ୨୦୨୦-୨୧ରେ ରାଜ୍ୟଗୁଡିକର ବିତ୍ତୀୟ ନିଅଣ୍ଟ ଆକଳନଠାରୁ ବଢ଼ିଯିବ ବୋଲି ଆଶଙ୍କା କରାଯାଇଛି। ଇଣ୍ଡିଆ ରେଟିଂସ ପକ୍ଷରୁ ପ୍ରକାଶିତ ଏକ ରିପୋର୍ଟରେ କୁହାଯାଇଛି ଯେ, ରାଜ୍ୟଗୁଡିକର ରାଜସ୍ୱ କ୍ଷତି ମୋଟ ଜିଡିପିର ପ୍ରାୟ ୨.୮% ଛୁଇଁବ। ରାଜ୍ୟଗୁଡିକର ମିଳିତ ବିତ୍ତୀୟ ନିଅଣ୍ଟ ମୋଟ ଜିଡିପିର ୪.୫% ବା ୮.୫ ଲକ୍ଷ କୋଟି ଟଙ୍କା ରହିବ। ଗତ ୯ ସପ୍ତାହ ଧରି ଜାରି ରହିଥିବା ଲକ୍‌ଡାଉନ ଲାଗି ଅର୍ଥ ବ୍ୟବସ୍ଥାର ଗତି ଠପ୍ ହୋଇଯାଇଛି। ଏହି ସମୟରେ ରାଜ୍ୟଗୁଡିକ ଅଧିକ ଋଣ ଉଠାଇ ପାରିବେ ବୋଲି କେନ୍ଦ୍ର ସରକାର ଅନୁମତି ପ୍ରଦାନ କରିଛନ୍ତି। ଏହି ସୀମାକୁ ୩ରୁ ୫%କୁ ବଢ଼ାଯାଇଛି। କେନ୍ଦ୍ର ସରକାର ମଧ୍ୟ ୪.୨ ଲକ୍ଷ କୋଟି ଟଙ୍କାର ଅଧିକ ଋଣ କରିବେ। ରାଜ୍ୟ ଜିଡିପିର ୫% ଋଣ କରିବା ଲାଗି ପ୍ରାୟ ସବୁ ରାଜ୍ୟ ସକ୍ଷମ ହେବେ ନାହିଁ। ଆର୍ଥିକ ସୁଧାର କ୍ଷେତ୍ରରେ କିଛି ସର୍ତ୍ତ ରାଜ୍ୟଗୁଡିକୁ ପୂରଣ କରିବାକୁ ପଡୁଥିବାରୁ ଏହା ରାଜ୍ୟଗୁଡିକୁ ଋଣ କରିବା କ୍ଷେତ୍ରରେ ବାଧକ ହେବ। ଗତ ୨ ବର୍ଷ ହେବ ଅର୍ଥ ବ୍ୟବସ୍ଥା ମାନ୍ଦାବସ୍ଥା ସ୍ଥିତି ଦେଇ ଗତି କରୁଛି। ଅର୍ଥ ବ୍ୟବସ୍ଥାର ୮୦%ରୁ ଅଧିକ ଅଂଶ ସମ୍ପୂର୍ଣ୍ଣ ଭାବେ ଠପ୍ ହୋଇ ଯାଇଛି।




## ୨.୭୫% ଅଂଶଧନ ଖସାଇବ ଏୟାରଟେଲ

**ନୂଆଦିଲ୍ଲୀ,୨୬।୫:** ମୋବାଇଲ ସେବା ପ୍ରଦାନକାରୀ କମ୍ପାନୀ ଭାରତୀ ଟେଲିକମ୍ ତା'ର ସହଯୋଗୀ ସଂସ୍ଥା ଭାରତୀ ଏୟାରଟେଲ ୨.୭୫% ଅଂଶଧନ ଖସାଇବାକୁ ନିଷ୍ପତ୍ତି ନେଇଛି। ମଙ୍ଗଳବାର ଏ ବିଷୟରେ କମ୍ପାନୀ ପକ୍ଷରୁ ଗଣମାଧ୍ୟମକୁ ସୂଚନା ଦିଆଯାଇଛି। ଏହି ଅଂଶଧନ ବିକ୍ରି ଫଳରେ ଭାରତୀ ଏୟାରଟେଲ ଆନୁମାନିକ ୮୪୩୩ କୋଟି ଟଙ୍କା ପାଇବ। କମ୍ପାନୀର ଋଣ ପରିଶୋଧରେ ଏହା ସହାୟକ ହେବ ବୋଲି ଜଣାପଡିଛି। କମ୍ପାନୀ ଏହି ଅଂଶଧନ ବିକ୍ରି ସେକେଣ୍ଡାରୀ ଟ୍ରେଡରଙ୍କୁ ବିକ୍ରି କରିଛି। ଡିମାଣ୍ଡ ରହିବାରୁ ଶେୟାର ଭଲ ବିକ୍ରି ହୋଇଥିବା କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି।

## ଏଲ୍‌ଆଇସି ଆଣିଲା ପ୍ରଧାନମନ୍ତ୍ରୀ ବୟ ବନ୍ଧନ ଯୋଜନା

**ନୂଆଦିଲ୍ଲୀ, ୨୬।୫:** ଭାରତୀୟ ଜୀବନ ବୀମା ନିଗମ(ଏଲ୍‌ଆଇସି) ପକ୍ଷରୁ ସଂଶୋଧିତ ପ୍ରଧାନମନ୍ତ୍ରୀ ବୟ ବନ୍ଧନ ଯୋଜନା(ପିଏମ୍‌ଭିଭିଓ୍ୱାଇ)କୁ ଶୁଭାରମ୍ଭ କରାଯାଇଛି। ଏହି ଯୋଜନା ୨୬ ମେ ୨୦୨୦ ଠାରୁ ୩ ଆର୍ଥିକ ବର୍ଷ ଅର୍ଥାତ୍ ୩୧ ମାର୍ଚ୍ଚ ୨୦୨୩ ଯାଏ ବିକ୍ରି ପାଇଁ ଉପଲବ୍ଧ ହେବ ବୋଲି ଏଲ୍‌ଆଇସି ପକ୍ଷରୁ ଏକ ବିବୃତିରେ କୁହାଯାଇଛି। ଏହି ସ୍କିମ୍‌କୁ ଏଲ୍‌ଆଇସି ଇଣ୍ଡିଆର ଅନ୍‌ଲାଇନ ବା ଅଫ୍‌ଲାଇନ ମାଧ୍ୟମ ଦ୍ୱାରା କ୍ରୟ କରାଯାଇ ପାରିବ। କେନ୍ଦ୍ର କ୍ୟାବିନେଟ ପକ୍ଷରୁ ଚଳିତ ମାସ ପ୍ରଥମାର୍ଦ୍ଧରେ ଉକ୍ତ ଯୋଜନାର ବିସ୍ତାର କରାଯାଇଛି। ଆଗାମୀ ୩ ବର୍ଷ ପର୍ଯ୍ୟନ୍ତ ଏହାକୁ ଆଗକୁ ବଢାଇବା ଲାଗି ଘୋଷଣା କରାଯାଇଛି। ଏହା ବରିଷ୍ଠ ନାଗରିକଙ୍କ ଲାଗି ଏକ ସାମାଜିକ ସୁରକ୍ଷା ଯୋଜନା। ସରକାରଙ୍କ ଯୋଜନାକୁ ପରିଚାଳନା କରିବା ଲାଗି ଏଲ୍‌ଆଇସିକୁ ଦାୟିତ୍ୱଭାର ପ୍ରଦାନ କରାଯାଇଛି। ଏହା ଏକ ନନ୍ ଲିଙ୍କ୍‌ଡ ଏବଂ ନନ୍ ପାର୍ଟିସିଂପେଟିଂ ପେନ୍‌ସନ ସ୍କିମ୍। ଯୋଜନା ଅଧୀନରେ କେନ୍ଦ୍ର ସରକାର ସବ୍‌ସିଡି ପ୍ରଦାନ କରିଥାନ୍ତି। ଏଥିରେ ପଲିସି ଅବଧି ୧୦ ବର୍ଷ ରହିବ। ବାର୍ଷିକ ୭.୪୦ ହାରରେ ଲୋକଙ୍କୁ ସୁନିଶ୍ଚିତ ରିଟର୍ନ ମିଳିବ।




# ଖେଳ ଖବର

## ମାଦୁଶାନକାଙ୍କୁ ସସ୍‌ପେଣ୍ଡ କଲା ଶ୍ରୀଲଙ୍କା

**କଲମ୍ବୋ,୨୬।୫(ଏଏଫ୍‌ପି):** ଶ୍ରୀଲଙ୍କା କ୍ରିକେଟ ବୋର୍ଡ ମଙ୍ଗଳବାର ଦ୍ରୁତ ବୋଲର ଶେହାନ ମାଦୁଶାନକାଙ୍କୁ ସସ୍‌ପେଣ୍ଡ କରିଛି। ନିଶାଦ୍ରବ୍ୟ ହେରୋଇନ୍ ପାଖରେ ରଖିବା ଅଭିଯୋଗରେ ତାଙ୍କୁ ସବୁ ପ୍ରକାର କ୍ରିକେଟରୁ ବାସନ୍ଦ କରାଯାଇଛି। ଦୁଇଦିନ ତଳେ ତାଙ୍କୁ ଏହି ଅଭିଯୋଗରେ ଗିରଫ କରାଯାଇଥିଲା। ଏହି ଡାହାଣହାତୀ ଦ୍ରୁତ ବୋଲର ରବିବାର ଅନ୍ୟଜଣଙ୍କ ସହ କାରରେ ଯାଉଥିଲେ। ତାଙ୍କୁ ଅଟକାଇ ସର୍ଚ୍ଚ କରାଯିବା ଦେଖାଯାଇଥିଲା ଓ ତାଙ୍କ ପାଖରୁ ୨ ଗ୍ରାମ୍ ଡ୍ରଗ୍ ଜବତ କରାଯାଇଥିଲା ବୋଲି ପୋଲିସ କହିଛି। ୨୦୧୮ ଜାନୁୟାରୀରେ ବାଂଲାଦେଶ ବିପକ୍ଷରେ ସେ ଅନ୍ତର୍ଜାତୀୟ ପଦାର୍ପଣ କରିଥିଲେ। ପଦାର୍ପଣରେ ହିଁ ସେ ହ୍ୟାଟ୍ରିକ ଅର୍ଜନ କରିଥିଲେ। ସେ ବାଂଲାଦେଶ ବିପକ୍ଷରେ ୨ଟି ଟି୨୦ ମ୍ୟାଚ୍ ଖେଳିଛନ୍ତି। ତେବେ ଇଞ୍ଜୁରି କାରଣରୁ ସେ ଏହା ପରଠାରୁ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିନାହାନ୍ତି। ତାଙ୍କ ବିରୋଧରେ ଶୃଙ୍ଖଳାଗତ ଯାଞ୍ଚ ପରେ ଆମେ ଏହି ନିଷ୍ପତ୍ତି ନେଇଛୁ ବୋଲି ଶ୍ରୀଲଙ୍କା କ୍ରିକେଟ ସମ୍ପାଦକ ମୋହନ ଡି' ସିଲ୍‌ଭା କହିଛନ୍ତି।

## ପୋଲିସ ୟୁନିଫର୍ମରେ ଇନ୍ଦୁମତୀ

ନୂଆଦିଲ୍ଲୀ, ୨୬।୫ (ପି.ଟି.)

ଲକ୍‌ଡାଉନ୍ ଯୋଗୁ ଭାରତର ଜାତୀୟ ସିନିୟର ମହିଳା ଫୁଟ୍‌ବଲ ଦଳର ଖେଳାଳିମାନେ ଏବେ ଘରେ ସେମାନଙ୍କ ପରିବାର ସହିତ ଦିନ ବିତାଉଛନ୍ତି। ହେଲେ ସେମାନଙ୍କର ଜଣେ ସାଥୀ ଖେଳାଳି ମିଡ୍‌ଫିଲ୍ଡର ଇନ୍ଦୁମତୀ କାଥିରେସାନ୍ ଏବେ ପୋଲିସ ୟୁନିଫର୍ମରେ ଡ୍ୟୁଟି କରୁଛନ୍ତି। କରୋନା ମହାମାରୀ ବିରୋଧରେ ଲଢେଇ ପାଇଁ ସରକାର ଯେଉଁ ଗାଇଡ୍‌ଲାଇନ୍ ପ୍ରସ୍ତୁତ କରିଛନ୍ତି ତାହାକୁ ମାନି ଚଳିବା ଲାଗି ଲୋକମାନଙ୍କ ମନରେ ସଚେତନତା ସୃଷ୍ଟି କରୁଛନ୍ତି। ସେ ତାମିଲନାଡୁ ପୋଲିସ୍‌ର ପାରମ୍ପରିକ 'ଖାକି' ୟୁନିଫର୍ମ ପରିଧାନ କରିଛନ୍ତି। ସୁରକ୍ଷା ପାଇଁ ମୁହଁରେ ସର୍ଜିକାଲ ମାସ୍କ ଓ ଦୁଇ ହାତରେ ଲଗାଇଛନ୍ତି ଗ୍ଲୋଭ୍ସ। ୨୫ ବର୍ଷୀୟା ଇନ୍ଦୁମତୀ ଜଣେ ତାମିଲନାଡୁ ପୋଲିସ ସବ୍ ଇନ୍ସପେକ୍ଟର। ଚେନ୍ନାଇର ଆନ୍ନା ନଗର ଅଞ୍ଚଳରେ ସେ ଡ୍ୟୁଟି କରୁଛନ୍ତି। ବେଳେବେଳେ ତାଙ୍କୁ ନାଇଟ୍ ଡ୍ୟୁଟି କରିବାକୁ ହେଉଛି। ତାଙ୍କୁ ଯାନବାହନ ଯାଞ୍ଚ କାର୍ଯ୍ୟ ମଧ୍ୟ ତୁଲାଇବାକୁ ପଡୁଛି। ସମଗ୍ର ଦେଶ ଏକ କଠିନ ପରିସ୍ଥିତି ଦେଇ ଗତି କରୁଛି। ପ୍ରତ୍ୟେକ ନିଜକୁ ସୁରକ୍ଷିତ ରଖିବା ଲାଗି ଆବଶ୍ୟକ ପ୍ରତିଷେଧକମୂଳକ ନିୟମ ମାନି ଚଳିବାକୁ ହେବ। କଠିନ ପରିସ୍ଥିତିରେ ସାଧାରଣତଃ ଜଣେ ନିଜ ପରିବାର ସହିତ କଟାଇବାକୁ ଚାହିଁଥାଏ। ମୋ ପାଇଁ ଅବଶ୍ୟ ଏହି ସୁଯୋଗ ନାହିଁ। କରୋନା ଭାଇରସ ବିରୋଧରେ ମୁକାବିଲା ସମଗ୍ର ଦେଶ ପାଇଁ ଏକ ଆହ୍ୱାନ। କୋଭିଡ୍-୧୯ ମହାମାରୀ ବେଳେ ମୋତେ ଦେଶ ପାଇଁ ସବୁଦିନ ଖେଳିବାକୁ ପଡ଼ିବ। ଏହି କ୍ରିଏଟିଭ୍ ମିଡ୍‌ଫିଲ୍ଡର କହିଛନ୍ତି ବିଶେଷ କରି ଲକ୍‌ଡାଉନ୍ ସମୟରେ ଜଣେ ପୋଲିସ ଅଫିସର ଭାବେ ଦାୟିତ୍ୱ ତୁଲାଇବା କଷ୍ଟକର। କାରଣ ଦିନକୁ ଦିନ ଡ୍ୟୁଟିରେ ପରିବର୍ତ୍ତନ ଘଟିଥାଏ। ହେଲେ ବର୍ତ୍ତମାନ ପରିସ୍ଥିତିରେ ଦେଶ ସେବାରେ ନିଜକୁ ନିୟୋଜିତ କରିଥିବାରୁ ମୋ ପାଇଁ ଏକ ସୌଭାଗ୍ୟ। ଜାତୀୟ ଫୁଟ୍‌ବଲ ଦଳରେ ଥାଇ ଅଲିମ୍ପିକ୍ କ୍ୱାଲିଫାୟର୍ସ ରାଉଣ୍ଡ-୨କୁ ଯୋଗ୍ୟତା ଅର୍ଜନ କରିବା ଗତବର୍ଷ ସାଫ୍ ଚାମ୍ପିୟନଶିପ୍ ଜିତିବାର ଖୁସି ମୁହୂର୍ତ୍ତକୁ ମୁଁ ଆଦୌ ଭୁଲିପାରିବି ନାହିଁ ବୋଲି ଇନ୍ଦୁମତୀ କହିଛନ୍ତି।



## ଚୟନକର୍ତ୍ତା ନିଯୁକ୍ତି ପ୍ରକ୍ରିୟା ଆରମ୍ଭ

କଟକ ଅଫିସ,୨୬।୫

ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ) ପକ୍ଷରୁ ଚୟନକର୍ତ୍ତା ନିଯୁକ୍ତି ପ୍ରକ୍ରିୟା ପୁନର୍ବାର ଆରମ୍ଭ ହୋଇଛି। କରୋନା କଟକଣା ନିମନ୍ତେ ଏହି ପ୍ରକ୍ରିୟାକୁ ସାମୟିକ ସ୍ଥଗିତ ରଖାଯାଇଥିଲା। ଇଚ୍ଛୁକ ବ୍ୟକ୍ତିବିଶେଷ ସେମାନଙ୍କ ବାୟୋଡାଟା ସହିତ ଆବଶ୍ୟକ ତଥ୍ୟ ପ୍ରଦାନ କରିବାକୁ ଓସିଏ ପକ୍ଷରୁ ନିବେଦନ କରାଯାଇଛି। ତେବେ ଓସିଏ ପକ୍ଷରୁ ବିଭିନ୍ନ ବର୍ଗର ଚୟନକର୍ତ୍ତାଙ୍କ ନିମନ୍ତେ ଏକ ମାପଦଣ୍ଡ ଧାର୍ଯ୍ୟ କରାଯାଇଛି। ସିନିୟର ପୁରୁଷ ଚୟନକମିଟିରେ ସଦସ୍ୟ ହେବା ପାଇଁ ଗୋଟିଏ ଅନ୍ତର୍ଜାତୀୟ ଟେଷ୍ଟ କିମ୍ବା ୨୫ଟି ରଣଜୀ ମ୍ୟାଚ୍ ଅଥବା ଅନ୍ତର୍ଜାତୀୟ ଏକଦିବସୀୟ ମ୍ୟାଚ୍ ଖେଳିଥିବା ଆବଶ୍ୟକ ବୋଲି ଦର୍ଶାଯାଇଛି। ଜୁନିୟର ବାଳକ ଚୟନ କମିଟିର ସଦସ୍ୟ ହେବା ନିମନ୍ତେ ୨୫ଟି ରଣଜୀ ମ୍ୟାଚ ଖେଳିଥିବା ଆବଶ୍ୟକ। ମହିଳା ଚୟନ କମିଟିର ସଦସ୍ୟ ହେବା ନିମନ୍ତେ ରାଜ୍ୟ ପକ୍ଷରୁ ସିନିୟର ଦଳରେ ପ୍ରତିନିଧିତ୍ୱ କରିଥିବା ଆବଶ୍ୟକ ବୋଲି କୁହାଯାଇଛି । ଉପରୋକ୍ତ ୩ଟି ଯାକ କମିଟିର ସଦସ୍ୟ ହେବା ପାଇଁ ନିର୍ଦ୍ଦିଷ୍ଟ ସର୍ତ୍ତ ରହିଛି। ଇଚ୍ଛୁକ ବ୍ୟକ୍ତି ୫ବର୍ଷ ପୂର୍ବରୁ ଖେଳରୁ ଅବସର ନେଇଥିବା ଆବଶ୍ୟକ ବୋଲି ଓସିଏ ପକ୍ଷରୁ ଦିଆଯାଇଥିବା ବିବୃତିରେ ସୂଚନା ଦିଆଯାଇଛି। ଅଧିକ ବିବରଣୀ ଜାଣିବା ପାଇଁ ପ୍ରାର୍ଥୀମାନେ ସିଇଓ ସୁବ୍ରତ କୁମାର ବେହେରାଙ୍କ ସହ ଯୋଗାଯୋଗ କରି ପାରିବେ। ଆବେଦନର ଶେଷ ତାରିଖ ଜୁନ ୫କୁ ଧାର୍ଯ୍ୟ କରାଯାଇଛି। ସୂଚନା ଥାଉ କି, ଗତ ସମ୍ବିଧାନ ଓ ଅନୁବନ୍ଧନ କମିଟି ବୈଠକରେ ଚୟନକର୍ତ୍ତା ନିଯୁକ୍ତି ନେଇ ଆଲୋଚନା ହୋଇଥିଲା।

## ବୋପାନ୍ନାଙ୍କ ଟେନିସ ସ୍କଲାରଶିପ୍ ପ୍ରୋଗ୍ରାମ୍

ନୂଆଦିଲ୍ଲୀ, ୨୬।୫ (ପି.ଟି.)



ଭାରତର ଡବଲ୍ସ ବିଶାରଦ ରୋହନ ବୋପାନ୍ନା ମଙ୍ଗଳବାର ଉଚ୍ଚାଭିଳାଷୀ ଟେନିସ୍ ସ୍କଲାରଶିପ୍ ପ୍ରୋଜେକ୍ଟ ଆରମ୍ଭ କରିଛନ୍ତି। ଏଥିରେ ଉଭୟ ଟେନିସ ଓ ଏକାଡେମିକ୍ ଶିକ୍ଷା ପ୍ରଦାନର ବ୍ୟବସ୍ଥା ରହିଛି। ଏଥିରେ ଏକକାଳୀନ ୬୦ଜଣ ପିଲାଙ୍କୁ ପ୍ରାୟୋଜିତ କରାଯିବ। ଜଣକ ପିଛା ବାର୍ଷିକ ୧୦ ଲକ୍ଷ ଟଙ୍କା ଖର୍ଚ୍ଚ କରାଯିବ। ରୋହନ ବୋପାନ୍ନା ଟେନିସ ଏକାଡେମୀ (ଆରବିଟିଏ) ଏବଂ ଦି ସ୍କୋର୍ଟ୍ସ ସ୍କୁଲର ମିଳିତ ସହଯୋଗରେ ସ୍କଲାରଶିପ୍ ପ୍ରୋଗ୍ରାମ୍ ଚାଲିବ। ବେଙ୍ଗାଲୁରୁସ୍ଥିତ ଟ୍ରେନିଂ ସେଣ୍ଟର ଏହାର ମୁଖ୍ୟ ସ୍ଥଳ ରହିବ। ପ୍ରଥମାବସ୍ଥାରେ ୧୨ ବର୍ଷରୁ କମ୍, ୧୪ ବର୍ଷରୁ କମ୍ ଓ ୧୬ ବର୍ଷରୁ କମ୍ ୩ କାଟେଗୋରୀ ପିଲା ସ୍କୁଲ ଓ୍ୱେବ୍‌ସାଇଟ ଜରିଆରେ ସ୍କଲାରଶିପ୍ ପାଇଁ ଆବେଦନ କରପାରିବେ। ସେମାନଙ୍କର ମୂଲ୍ୟାଙ୍କନ ହେବ। ଲକ୍‌ଡାଉନ୍ ଉଠିବା ପରେ ମନୋନୀତ ଖେଳାଳିମାନେ ରେସିଡେନ୍‌ସିଆଲ ପ୍ରୋଗ୍ରାମ୍‌ରେ ଯୋଗ ଦେବେ। ଅନ୍‌ଲାଇନ୍‌ରେ ଏକ ଖବରଦାତା ସମ୍ମିଳନୀରେ ବୋପାନ୍ନା କହିଛନ୍ତି, ମୁଁ ଯେତେବେଳେ ଜଣେ ଜୁନିୟର ଖେଳାଳି ଥିଲି ସେତେବେଳେ ଯେଉଁସବୁ ସୁବିଧା ଉପଲବ୍ଧ ନ ଥିଲା ତାହା ପିଲାମାନେ ପାଆନ୍ତୁ ବୋଲି ମୁଁ ଚାହେଁ। ଏହି ପ୍ରୋଜେକ୍ଟ ଭାରତୀୟ ଟେନିସକୁ ଆହୁରି ଆଗେଇ ନେବ ବୋଲା ଆଶା। ମାତାପିତାମାନେ ସବୁବେଳେ ପିଲାମାନଙ୍କ ପାଠପଢା କଥା ଚିନ୍ତା କରିଥାନ୍ତି। ପାଠପଢା ଓ ଖେଳ ଏକ ସଙ୍ଗରେ ହୋଇପାରିବ ବୋଲି ଆମେ ଏହି ପ୍ରୋଗ୍ରାମ ମାଧ୍ୟମରେ ପ୍ରମାଣ କରି ଦେଖାଇଦେବାକୁ ଚାହୁଁ। ବୋପାନ୍ନା କହିଛନ୍ତି, ସମ୍ଭବତଃ ଏହା ବିଶ୍ୱର ସବୁଠାରୁ ବଡ଼ ସ୍କଲାରଶିପ୍ ପ୍ରୋଗ୍ରାମ୍। କେହି ଏକକାଳୀନ ୬୦ ପିଲାଙ୍କୁ ଶତ ପ୍ରତିଶତ ସ୍କଲାରଶିପ୍ ଦେଉନାହାନ୍ତି। ଏପରିକି ୟୁଏସ୍ କଲେଜ୍ ଟେନିସ ପ୍ରୋଗ୍ରାମ୍‌ରେ ୭୦ ଅବା ୮୦ ପ୍ରତିଶତ ସ୍ପନସରଶିପ୍ ବ୍ୟବସ୍ଥା ରହିଛି ବୋଲି ଭାରତର ୪ର୍ଥ ଖେଳାଳି ହିସାବରେ ଏକ ଗ୍ରାଣ୍ଡସ୍ଲାମ ଟାଇଟଲ ଜିତିଥିବା ବୋପାନ୍ନା ପ୍ରକାଶ କରିଛନ୍ତି। ଭାରତର ଟପ୍ ସିଙ୍ଗଲ୍ସ ଖେଳାଳି ପ୍ରଜନେଶ ଗୁଣେଶ୍ୱରନଙ୍କ କୋଚ୍ ବାଲଚନ୍ଦ୍ରନ ମଣିକାଥ୍ ସେଣ୍ଟରେ ମୁଖ୍ୟ କୋଚ୍ ରହିବେ। ତାଙ୍କୁ ଅନ୍ୟ ୬ଜଣ କୋଚ୍ ସହାୟତା କରିବେ।

## ଭାରତ ସହ ପିଙ୍କ୍ ବଲ ଟେଷ୍ଟ ଖେଳିବାକୁ ଷ୍ଟାର୍କ ଆଗ୍ରହୀ

**ମେଲବୋର୍ନ, ୨୬।୫ (ପି.ଟି.):** ଆଗାମୀ ଗ୍ରୀଷ୍ମରେ ଘରୋଇ ସିରିଜରେ ଭାରତ ବିପକ୍ଷରେ ପିଙ୍କ୍ ବଲ୍ ତଥା ଦିବାରାତ୍ର ଟେଷ୍ଟ ଖେଳିବାକୁ ଅଷ୍ଟ୍ରେଲିଆ ଦ୍ରୁତ ବୋଲର ମିଚେଲ ଷ୍ଟାର୍କ ଆଗ୍ରହ ପ୍ରକାଶ କରିଛନ୍ତି। ପିଙ୍କ ବଲ୍ ଟେଷ୍ଟରେ ଷ୍ଟାର୍କ ରେକର୍ଡ ବେଶ୍ ଭଲ ରହିଛି। ଦିବାରାତ୍ର ଟେଷ୍ଟରେ ଭାରତ ବିପକ୍ଷରେ ବୋଲିଂ କରିବାକୁ ଚାହୁଁଛି ବୋଲି ଷ୍ଟାର୍କ କହିଛନ୍ତି। ପୂର୍ବରୁ ୨୦୧୮-୧୯ରେ ଅଷ୍ଟ୍ରେଲିଆ ଗସ୍ତରେ ପିଙ୍କ୍ ବଲ୍ ଟେଷ୍ଟ ଖେଳିବାକୁ ପ୍ରସ୍ତାବ ଦିଆଯାଇଥିଲା। ତେବେ ଭାରତ ଏହାକୁ ପ୍ରତ୍ୟାଖ୍ୟାନ କରିଥିଲା। ତେବେ ଗତ ଫେବୃୟାରୀରେ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ସଭାପତି ସୌରଭ ଗାଙ୍ଗୁଲି ଭାରତ ଅଷ୍ଟ୍ରେଲିଆ ଗସ୍ତରେ ଏକ ପିଙ୍କ ବଲ୍ ଟେଷ୍ଟ ଖେଳିବ ବୋଲି ଘୋଷଣା କରିଥିଲେ। ଏହି ସିରିଜରେ ଭାରତ ଓ ଅଷ୍ଟ୍ରେଲିଆ ଦିବାରାତ୍ର ଟେଷ୍ଟ ଖେଳିବା ନିଶ୍ଚିତ ଭାବେ ଏକ ବଡ଼ କଥା ବୋଲି ଷ୍ଟାର୍କ କହିଛନ୍ତି।

## ହାଇତି ଫୁଟବଲ ମୁଖ୍ୟ ସସ୍‌ପେଣ୍ଡ

ପୋର୍ଟ-ଅଉ-ପ୍ରିନ୍ସ (ହାଇତି), ୨୬।୫ (ଏଏଫ୍‌ପି)



ନାବାଳିକଙ୍କୁ ବଳାତ୍କାର ଅଭିଯୋଗରେ ହାଇତି ଫୁଟବଲ ଫେଡେରେଶନ ମୁଖ୍ୟ ୟଭେସ ଜିନ-ବାର୍ଟଙ୍କୁ ସସ୍‌ପେଣ୍ଡ କରାଯାଇଛି। ବିଶ୍ୱ ଫୁଟ୍‌ବଲର ସର୍ବୋଚ୍ଚ ପ୍ରଶାସନିକ ସଂସ୍ଥା ଫିଫା ୭୩ ବର୍ଷୀୟ ବାର୍ଟଙ୍କ ବିପକ୍ଷରେ ଏହି କଡ଼ା ନିଷ୍ପତ୍ତି ନେଇଛି ବୋଲି ଘୋଷଣା କରିଛି। ଜାତୀୟ ଟ୍ରେନିଂ ସେଣ୍ଟରରେ ସେ ଏକାଧିକ ନାବାଳିକା ଖେଳାଳିଙ୍କୁ ଯୌନ ଶୋଷଣ କରିବାର ଅଭିଯୋଗ ହୋଇଛି। ତେବେ ସେ ଏହି ଅଭିଯୋଗକୁ ଖଣ୍ଡନ କରିଛନ୍ତି। ତାଙ୍କୁ ୯୦ ଦିନ ପାଇଁ ସସ୍‌ପେଣ୍ଡ କରାଯାଇଛି। ତାଙ୍କ ବିରୋଧରେ ତଦନ୍ତ ପ୍ରକ୍ରିୟା ଆରମ୍ଭ ହୋଇଛି। ଫିଫା ଆଚରଣ ବିଧି ଧାରା ୮୪ ଓ ୮୫ ଅନୁଯାୟୀ ହାଇତିଆନ ଫୁଟବଲ ଫେଡେରେଶନ (ଏଫ୍‌ଏଚ୍‌ଏଫ୍)ର ଅଧ୍ୟକ୍ଷ ବାର୍ଟଙ୍କୁ ଉଭୟ ଜାତୀୟ ଓ ଅନ୍ତର୍ଜାତୀୟ ଫୁଟବଲ କାର୍ଯ୍ୟକଳାପରୁ ୯୦ ଦିନ ପାଇଁ ବାସନ୍ଦ କରାଯାଇଛି ବୋଲି ସୋମବାର ଫିଫା ତରଫରୁ କୁହାଯାଇଛି। ତଦନ୍ତ ପ୍ରକ୍ରିୟାକୁ ଦୃଷ୍ଟିରେ ରଖି ତାଙ୍କ ବିରୋଧରେ ଏହି ପଦକ୍ଷେପ ଗ୍ରହଣ କରାଯାଇଛି। ଏହି ସାମୟିକ ବାସନ୍ଦାଦେଶ ତୁରନ୍ତ ଆରମ୍ଭ ହୋଇଛି। ହାଇତି ପୋଲିସ୍ ମଧ୍ୟ ଏ ନେଇ ତଦନ୍ତ ଆରମ୍ଭ କରିଛି। ଏହି ଘଟଣାରେ କେତୋଟି ପ୍ରଶ୍ନର ଉତ୍ତର ପାଇଁ ଜଣେ ଜଜ୍ ଫେଡେରେଶନର କେତେଜଣ କର୍ମଚାରୀଙ୍କୁ ହାଜର ହେବାକୁ ନିର୍ଦ୍ଦେଶ ଦେଇଛନ୍ତି।

ଦି ଗାର୍ଡିଆନ୍‌ରେ ପ୍ରକାଶିତ ଏକ

### ବଳାତ୍କାର ଅଭିଯୋଗ

ଖବର ଅନୁଯାୟୀ ଜଣେ ମହିଳା ବାର୍ଟଙ୍କ ବିରୋଧରେ ସାଂଘାତିକ ଅଭିଯୋଗ ଆଣିଛନ୍ତି। ବାର୍ଟ ଗତ କେତେବର୍ଷ ଧରି କେତେଜଣ ସ୍ୱଳ୍ପ ବୟସ୍କା ମହିଳା ଖେଳାଳିଙ୍କୁ ଦୁଷ୍କର୍ମ କରି ଆସୁଥିଲେ। ପନଶ୍ଚ ଚୁପ୍ ରହିବାକୁ ସେ ଚାପ ମଧ୍ୟ ପକାଉଥିଲେ। ତେଣୁ ତାଙ୍କୁ ସସ୍‌ପେଣ୍ଡ କରି ଫିଫା ଏକ ଦୃଷ୍ଟାନ୍ତମୂଳକ ନିଷ୍ପତ୍ତି ନେଇଛି ବୋଲି ନ୍ୟାଶନାଲ ନେଟ୍‌ଓ୍ୱର୍କ ଫର୍ ଦି ଡିଫେନ୍ସ ଅଫ୍ ହ୍ୟୁମାନ ରାଇଟ୍ ତରଫରୁ କୁହାଯାଇଛି।

**ବନ୍ଦ ହେବ ୩ ଡିଗ୍ରୀ କଲେଜ**

ଭୁବନେଶ୍ୱର,(ବ୍ୟୁରୋ): ବନ୍ଦ ହେବ ରାଜ୍ୟର ୩ ଡିଗ୍ରୀ କଲେଜ। ସେହିପରି ୧୦ଟି ଡିଗ୍ରୀ କଲେଜର ଅନୁମୋଦନ ପ୍ରତ୍ୟାହାର ହେବ। ଉଚ୍ଚ ଶିକ୍ଷା ବିଭାଗର ଭୁବନେଶ୍ୱର, ସମ୍ବଲପୁର ଓ ବାଲେଶ୍ୱର ଜୋନ୍‌ରେ ଥିବା ଏହି ୧୩ କଲେଜରେ ଲଗାତାର ୩ବର୍ଷ ଧରି ୨୫ ପ୍ରତିଶତରୁ କମ୍ ଛାତ୍ରୀଛାତ୍ର ଆଡ୍‌ମିଶନ କରିଛନ୍ତି। ଏହାକୁ ଦୃଷ୍ଟିରେ ରଖି ଉଚ୍ଚଶିକ୍ଷା ବିଭାଗ ଏହି ନିଷ୍ପତ୍ତି ନେବା ସହ ସମ୍ପୃକ୍ତ ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକମାନଙ୍କୁ ଚିଠି ଲେଖି ଅବଗତ କରିଥିବା ସୂଚନା ମିଳିଛି।

**ସଂକ୍ଷେପରେ**

## ବିନା ସ୍ୱାବ୍ ଟେଷ୍ଟରେ ଘରକୁ ଫେରିଲେ ୧୦୪୪ ପ୍ରବାସୀ

ମାହାଙ୍ଗା,୨୬।୫(ସ୍ୱ.ପ୍ର.): କଟକ ଜିଲା ମାହାଙ୍ଗା ବ୍ଲକର ୬୮ ସଙ୍ଗରୋଧ କେନ୍ଦ୍ରରେ ଥିବା ୧୦୪୪ ଜଣ ପ୍ରବାସୀଙ୍କ ସ୍ୱାବ୍ ଟେଷ୍ଟ କରା ନ ଯାଇ କେବଳ ଅଣ୍ଡର ଟେକିଂ ରଖି ନିଜ ଘରକୁ ପଠାଇ ଦିଆଯାଇଛି। ଏଠାକାର ବିଭିନ୍ନ ସଙ୍ଗରୋଧ କେନ୍ଦ୍ରରେ ୨୦୬୮ ଜଣ ପ୍ରବାସୀ ଓଡିଆଙ୍କୁ ରଖାଯାଇଥିବା ବେଳେ ମାତ୍ର ୧୬୪ ଜଣଙ୍କ ସ୍ୱାବ୍ ନମୁନା ସଂଗ୍ରହ କରାଯାଇଛି । ସେମାନଙ୍କ ମଧ୍ୟରୁ ୧୭ ଜଣ ସଂକ୍ରମିତ ଥିବା ଜଣାଯାଇଛି। ଏଭଳି ସ୍ଥିତିରେ ବିନା ସ୍ୱାବ୍ ଟେଷ୍ଟରେ ପ୍ରବାସୀ ଓଡିଆଙ୍କୁ ଛଡ଼ାଯାଇଥିବାରୁ ସଂକ୍ରମଣ ବ୍ୟାପିବା ଆଶଙ୍କା ରହିଛି। ଏନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଅପରପକ୍ଷେ କ୍ୱାରାଣ୍ଟାଇନ୍‌ରେ ରହୁଥିବା ପ୍ରବାସୀଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଇ ନ ଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ବିଡିଓ ନିହାର ରଞ୍ଜନ ମଲିକ କହିଛନ୍ତି, ସରକାରଙ୍କ ନିର୍ଦ୍ଦେଶ ଅନୁସାରେ ଯେଉଁମାନେ ୭ ଦିନରୁ ଊର୍ଦ୍ଧ୍ୱ ଟିଏମ୍‌ସିରେ ରହିଛନ୍ତି ଅବା କରୋନା ଲକ୍ଷଣ ପରିଲକ୍ଷିତ ହେଉନାହିଁ। ସେମାନଙ୍କୁ ଘରକୁ ପଠାଇ ଦିଆଯାଇଛି। ଏପରିକି ସେମାନଙ୍କ ପାଇଁ ଆର୍ଥିକ ସହାୟତା ରାଶି ଅଦ୍ୟାବଧି ଆସି ନ ଥିବାରୁ ଏହା ପ୍ରଦାନ କରାଯାଇନାହିଁ।

## ଆର୍ମି ଅଫିସର ପରିଚୟ ଦେଇ ଏକ ଲକ୍ଷ ଠକେଇ

ଭୁବନେଶ୍ୱର,୨୬।୫ (ବ୍ୟୁରୋ): ନିଜକୁ ଆର୍ମି ଅଫିସର ପରିଚୟ ଦେଇ ଜଣେ ବ୍ୟକ୍ତିଙ୍କଠାରୁ ଏକ ଲକ୍ଷ ଟଙ୍କା ଠକେଇ କରିଥିବା ନେଇ ଏୟାରପୋର୍ଟ ଥାନାରେ ମଙ୍ଗଳବାର ଅଭିଯୋଗ ହୋଇଛି। ଏ ନେଇ ପୋଲିସ ନଂ.୯୬/୨୦ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଠକେଇର ଶିକାର ହୋଇଛନ୍ତି ଏହି ଥାନ ଅଞ୍ଚଳର ଶୁଭ ନାରାୟଣ ଜେନା। ଶୁଭ ନିଜ ଘର ସାମଗ୍ରୀ କିଣିବା ପାଇଁ ଓଏଲ୍‌ଏକ୍ସରେ ବିଜ୍ଞାପନ ଖୋଜିଥିଲେ। ଏକ ବିଜ୍ଞାପନ ଦେଖି ସେ ଦିଆଯାଇଥିବା ଫୋନ୍ ନମ୍ବରରେ କଲ୍ କରିଥିଲେ। ଜଣେ ବ୍ୟକ୍ତି ଫୋନ୍ ଉଠାଇ ଫ୍ରିଜ୍,ଏସି,ଏଲିଡି ଟିଭି ଏବଂ ଅନ୍ୟ ଘର ସାମଗ୍ରୀ ଶସ୍ତାରେ ଦେବେ ବୋଲି କହିଥିଲେ। ଏପରିକି ଆଗୁଆ ଟଙ୍କା ଦେବାକୁ ଠକ ଜଣଙ୍କ କହିଥିଲେ। ଶୁଭ ରାଜି ନ ହେବାରୁ ସେ ନିଜକୁ ଆର୍ମି ଅଫିସର ବୋଲି ପରିଚୟ ଦେବା ସହ ଆର୍ମି ପୋଷାକ ପିନ୍ଧା ଫଟୋ ଆଇକାର୍ଡ ପଠାଇଥିଲେ। ଏହାଦେଖି ଶୁଭ ବିଶ୍ୱାସ କରି ତାଙ୍କ ଆକାଉଣ୍ଟକୁ ଏକ ଲକ୍ଷ ଟଙ୍କା ପଠାଇ ଦେଇଥିଲେ। ଟଙ୍କା ନେବା ପରେ ଠକ ଜଣଙ୍କ ଫୋନ୍ ବନ୍ଦ କରି ଦେଇଥିଲେ। ପରେ ଶୁଭ କଲ କରିବାରେ ମୋବାଇଲ୍ ବନ୍ଦ ଥିବା ଜାଣିବା ପରେ ଥାନାର ଦ୍ୱାରସ୍ଥ ହୋଇଥିଲେ। ଏହାପୂର୍ବରୁ ମଧ୍ୟ ଏଭଳି ଜଣେ ନିଜକୁ ଆର୍ମି ଅଫିସର ପରିଚୟ ଦେଇ ଏକ ବୋଲେରୋ ଦେବାକୁ କହି ମଞ୍ଚେଶ୍ୱର ଅଞ୍ଚଳରେ ରହୁଥିବା ଜଣେ ବ୍ୟକ୍ତିଙ୍କୁ ଦେଢ ଲକ୍ଷ ଟଙ୍କା ଠକେଇ କରିଥିଲେ।

## ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ସାଧାରଣ ସମ୍ପାଦକଙ୍କ ବିୟୋଗରେ ସ୍ମୃତିସଭା

ଭୁବନେଶ୍ୱର, ୨୬।୫(ବ୍ୟୁରୋ): ରାଷ୍ଟ୍ରୀୟ ମଜଦୁର କଂଗ୍ରେସର ଜାତୀୟ ସାଧାରଣ ସମ୍ପାଦକ ରାଜେନ୍ଦ୍ର ପ୍ରସାଦ ସିଂଙ୍କ ବିୟୋଗରେ ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ଓଡ଼ିଶା ଶାଖା ପକ୍ଷରୁ ମଙ୍ଗଳବାର ସ୍ମୃତିସଭାର ଆୟୋଜନ କରାଯାଇଥିଲା। ପୂର୍ବତନ ରାଜ୍ୟ ସଭା ସଦସ୍ୟ, ଜାତୀୟ ଉପସଭାପତି ତଥା ଓଡ଼ିଶା ଶାଖାର ସଭାପତି ରାମଚନ୍ଦ୍ର ଖୁଣ୍ଟିଆଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସ୍ମୃତିସଭାରେ ସ୍ୱର୍ଗତ ସିଂଙ୍କର ମଜଦୁରମାନଙ୍କ ଉନ୍ନତି ପାଇଁ ଥିବା ଅବଦାନ ସମ୍ପର୍କରେ ଆଲୋକପାତ କରାଯାଇଥିଲା। ତାଙ୍କର ଅକାଳ ବିୟୋଗ ସମଗ୍ର ଭାରତବର୍ଷର ଶ୍ରମିକ ଆନ୍ଦୋଳନର ଏକ ଅପୂରଣୀୟ କ୍ଷତି ବୋଲି ଖୁଣ୍ଟିଆ କହିଛନ୍ତି। ଏହି ଶୋକସଭାରେ ଓଡ଼ିଶା ଶାଖାର ସାଧାରଣ ସମ୍ପାଦକ କିଶୋର ଜେନା, ଉପସଭାପତି ମଦନ ମୋହନ ଧଳ, ଶ୍ୟାମ ସୁନ୍ଦର ମହାପାତ୍ର, ସନ୍ଧ୍ୟା ମହାପାତ୍ର, ପ୍ରଶାନ୍ତ ମହାପାତ୍ର ଯୁଗ୍ମ ସାଧାରଣ ସମ୍ପାଦକ ଅକ୍ଷୟ କୁମାର ତ୍ରିପାଠୀ ପ୍ରମୁଖ ଯୋଗ ଦେଇଥିଲେ।

# ହଜିଯିବ ଓଡ଼ିଶାର ଉତ୍କୃଷ୍ଟ କଳା

ଭୁବନେଶ୍ୱର,୨୬।୫(ବ୍ୟୁରୋ)



ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ଦେବାକୁ ଆସିଥିବା ଯାତ୍ରାକଳାକାର।

■ ମଞ୍ଚକଳାରେ ଲକ୍‌ଡାଉନ୍
■ ଭିନ୍ନ ପେସା ଆପଣାଉଛନ୍ତି କଳାକାର

ଲକ୍‌ଡାଉନ୍ ପାଇଁ ଦୁର୍ଦ୍ଦଶାରେ ଜୀବନ ବିତାଉଛନ୍ତି ରାଜ୍ୟର ଲକ୍ଷାଧିକ କଳାକାର। ସିନେମାରୁ ଆରମ୍ଭକରି ମଞ୍ଚ କଳାକାରଙ୍କ ପର୍ଯ୍ୟନ୍ତ ସମସ୍ତେ କରୋନା ପାଇଁ ହାତବାନ୍ଧି ବସିଛନ୍ତି। ମଞ୍ଚ ନିରବୀ ଯାଇଥିବାବେଳେ ଦର୍ଶକଙ୍କ ପାଇଁ ପ୍ରେକ୍ଷାଳୟର ଦ୍ୱାର ବନ୍ଦ ହୋଇଯାଇଛି। ଦୁଃଖ ଚିନ୍ତାରେ ଦିନ କାଟୁଛନ୍ତି ମଞ୍ଚ କଳାକାର। ସଞ୍ଚିତ ଅର୍ଥ ସରିଯାଇଥିବାବେଳେ ପରିବାର ଚଳାଇବା ଅସମ୍ଭବ ହୋଇପଡ଼ିଲାଣି। ଏପଟେ ମଞ୍ଚଠାରୁ ଏତେଦିନ ଦୂରରେ ରହି କଳା ବି ପାସୋରି ଗଲେଣି। ଏପଟେ ରାଜ୍ୟ ସରକାର ଅନିର୍ଦ୍ଦିଷ୍ଟ କାଳ ପାଇଁ ସଭା ସମିତି ଓ କଳା ପରିବେଷଣ ବନ୍ଦ କରିଛନ୍ତି। ୨ମାସରୁ ଊର୍ଦ୍ଧ୍ୱ ସମୟ ହେବ ସବୁଥିରେ ରୋକ୍ ଲାଗିଛି। ଏଭଳିସ୍ଥଳେ କଳାକାର ହାତରେ ନା କାମ ଅଛି ନା ପେଟ ପୋଷିବାକୁ ପାଖରେ ବେଉସା ଅଛି। ତେଣୁ ପେଟ ପୋଷିବାକୁ ଏବେ ଅଧାରୁ ଅଧିକ ସିନେମା, ଟେଲିଭିଜନ, ମଞ୍ଚ ଓ ଲୋକକଳା କଳାକାର ଅନ୍ୟ ପେଶାକୁ ଆପଣାଉଛନ୍ତି। କିଏ ରାସ୍ତାକଡ଼ରେ ପରିବା ବିକ୍ରି କରୁଛି ତ କିଏ କଦଳୀ ବିକ୍ରିକରି ପେଟ ପୋଷିବାକୁ ଚେଷ୍ଟାକରୁଛି। କେତେଜଣ କଳାକାର ମାନସିକଭାବେ ଦୁର୍ବଳ ହୋଇପଡ଼ିବା ସହ ଆତ୍ମହତ୍ୟା ଭଳି ବାଟ ବାଛିବାକୁ ମଧ୍ୟ ପଛାଉ ନାହାନ୍ତି। ଏଭଳି ଅଧିକ ଦିନ ଜାରି ରହିଲେ କେବଳ କଳାକାର କଳା ଭୁଲିବେନି, ବରଂ ଓଡ଼ିଶାର ଉତ୍କୃଷ୍ଟ କଳା ଓ ସାଂସ୍କୃତିକ ପରିଚୟ ହଜିଯିବ ବୋଲି କଳା ବିଶେଷଜ୍ଞମାନେ ଆଶଙ୍କା ପ୍ରକାଶ କରିଛନ୍ତି। ତେଣୁ ପରିସ୍ଥିତିକୁ ଦୃଷ୍ଟି ରଖି କଳା ଓ କଳାକାରଙ୍କୁ ବଞ୍ଚାଇବାକୁ ଆର୍ଥିକ ପ୍ରୋତ୍ସାହନ ପ୍ରଦାନ କରିବାକୁ ଓଡ଼ିଶା ନାଟ୍ୟ ସଂଘ ଦାବିକରିଛି। ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଦିଆଯାଇଥିବା ଏକ ଦାବିପତ୍ରରେ ଉଲ୍ଲେଖ କରାଯାଇଛି ଯେ, ଓଡ଼ିଶାରେ ଏବେ ୧୫୦ରୁ ଊର୍ଦ୍ଧ୍ୱ ନାଟ୍ୟ ସଂଗଠନ ରହିଥିବାବେଳେ ୫ ହଜାରରୁ ଊର୍ଦ୍ଧ୍ୱ କଳାକାର ଅଛନ୍ତି। ମଞ୍ଚକଳା ପ୍ରତି ଥିବା ଏମାନଙ୍କ ଅବଦାନ ଓ ଭଲପାଇବା ଯୋଗୁ ଜାତୀୟ ଓ ଅନ୍ତର୍ଜାତୀୟସ୍ତରରେ ଓଡ଼ିଶା ଅନେକ ସୁନାମ ଅର୍ଜନ କରିପାରିଛି। ମାତ୍ର ଏଭଳି ଅସମୟରେ ସରକାର ମଞ୍ଚ କଳାକାରମାନଙ୍କୁ ଭୁଲିଯାଇଥିବା ସଂଘ ଅଭିଯୋଗ କରିଛି। ରାଜ୍ୟ ସରକାର ଯଥାସମ୍ଭବ ସହଯୋଗ କରିବା ସହ ସାମାଜିକ ଦୂରତା ନିୟମର ପାଳନ କରି ଅଭିନବ ପନ୍ଥାରେ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରିବାକୁ ସଂଘ ଦାବିକରିଛି। ଏହାସହ ଓଡ଼ିଶାର କଳା, ସଂସ୍କୃତିର ବିକାଶ ଲାଗି ଏକ ପୋଷ୍ଟ ଲକ୍‌ଡାଉନ୍‌ ମ୍ୟାପ୍ ପ୍ରସ୍ତୁତ କରିବାକୁ ସଂସ୍କୃତି ସଚିବଙ୍କ ନିକଟରେ ଦାବି କରାଯାଇଛି।

### ହାତବାନ୍ଧି ବସିଛନ୍ତି ୧୦ହଜାର ଯାତ୍ରା କଳାକାର

ଏପଟେ ଯାତ୍ରା କଳାକାରମାନଙ୍କର ମଧ୍ୟ ସମାନ ଅବସ୍ଥା। ଯାତ୍ରା ଜଗତର ପ୍ରାୟ ୧୦ ହଜାର କଳାକାର ଜୀବିକା ହରାଇଛନ୍ତି। ରାଜ୍ୟରେ ଏବେ ଛୋଟ ବଡ ପ୍ରାୟ ୬୫ଟି ଯାତ୍ରା ପାର୍ଟି ରହିଛି। ହେଲେ କରୋନା ଯୋଗୁ ଏବେ ସବୁ ବନ୍ଦ ପଡ଼ିଛି। ଶ୍ରମିକ କିମ୍ବା କଳାକାରଭାବେ ପଞ୍ଜୀକୃତ ହୋଇ ନ ଥିବାରୁ ସେମାନଙ୍କୁ ସରକାରୀ ସୁବିଧା ମଧ୍ୟ ମିଳିପାରୁନାହିଁ। ତେଣୁ ରାଜ୍ୟରେ ଯାତ୍ରା ପରିବେଷଣକୁ ଅନୁମତି ଦେବାକୁ ଯାତ୍ରା କଳାକାର ଓ କର୍ମଚାରୀ ସଂଘ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଦାବି କରିଛି। ଏହାସହ ଆର୍ଥିକ ସହାୟତା ଓ ଯାତ୍ରା କଳାକାରଙ୍କୁ ମାନ୍ୟତା ପ୍ରଦାନ କରିବାକୁ ସଂଘ ଦାବି କରିଛି।

# ପରୀକ୍ଷାକୁ ନେଇ ଆଶଙ୍କାରେ ଡାକ୍ତରୀ ଛାତ୍ର

କଟକ ଅଫିସ,୨୬।୫

■ ରାଜ୍ୟପାଳଙ୍କ ହସ୍ତକ୍ଷେପ ଲୋଡ଼ିଲେ
■ ଅନ୍‌ଲାଇନ୍‌ରେ ପାଠପଢ଼ା ପାଇଁ ଦାବି

ଲକ୍‌ଡାଉନ୍ ଓ ତଦ୍‌ଜନିତ ଶିକ୍ଷାନୁଷ୍ଠାନ ବନ୍ଦର ପ୍ରଭାବ ଶିକ୍ଷା ବ୍ୟବସ୍ଥା ଉପରେ ପଡ଼ିଛି। ଏଥିରୁ ବାଦ୍ ପଡ଼ିନାହାନ୍ତି ଡାକ୍ତରୀ ଛାତ୍ରୀଛାତ୍ର। ଦୁଇ ମାସରୁ ଅଧିକ ଦିନ ଧରି ଶିକ୍ଷାନୁଷ୍ଠାନ ବନ୍ଦ ପଡ଼ିଛି। ଫଳରେ ରାଜ୍ୟର ୧୧ଟି ସରକାରୀ ମେଡିକାଲ୍‌ର ଅଣ୍ଡର ଗ୍ରାଜୁଏଟ୍ ଛାତ୍ରୀଛାତ୍ର ଏବେ ନିଜ ଭବିଷ୍ୟତକୁ ନେଇ ଆଶଙ୍କାରେ ଦିନ କାଟୁଛନ୍ତି। ପରୀକ୍ଷା ନେଇ କୌଣସି ସ୍ପଷ୍ଟ ସୂଚନା ଦିଆଯାଉନାହିଁ କି ଅନ୍‌ଲାଇନ୍‌ରେ ପାଠପଢ଼ା ଦିଗରେ ମଧ୍ୟ ପଦକ୍ଷେପ ହେଉନାହିଁ। ତେଣୁ ସେମାନେ ରାଜ୍ୟପାଳ ତଥା କୁଳାଧିପତି ପ୍ରଫେସର ଗଣେଶୀ ଲାଲଙ୍କୁ ସ୍ମାରକପତ୍ର ଦେଇ ଏଥିରେ ହସ୍ତକ୍ଷେପ ଲୋଡ଼ିଛନ୍ତି।

ଆଇଏମ୍‌ଏ-ଏମ୍‌ଏସ୍‌ଏନ୍ ପକ୍ଷରୁ ଦିଆଯାଇଥିବା ଏହି ଦାବିପତ୍ରରେ ଉଲ୍ଲେଖ ରହିଛି ଯେ, ଜାତୀୟସ୍ତର ମେଡିକାଲ୍ ଶିକ୍ଷା ତୁଳନାରେ ଓଡ଼ିଶାରେ ୬ମାସ ବିଳମ୍ବରେ ଆରମ୍ଭ ହୁଏ ପ୍ରକ୍ରିୟା। ସିଲାବସ୍‌ର ଅଢ଼େଇ ମାସ ବିଳମ୍ବରେ ପାଠପଢ଼ା ହୁଏ। ପଞ୍ଚମ ଓ ସପ୍ତମ ସେମିଷ୍ଟର ଛାତ୍ରୀଛାତ୍ର ପ୍ରଥମଥର ପାଇଁ ଦେଶରେ ଲାଗୁ ହେବାକୁ ଥିବା ନ୍ୟାସନାଲ୍ ଏକଜିଟ୍ ଟେଷ୍ଟ (ନେକ୍ସଟ)ରେ ଭାଗନେବେ। ଏବେଠାରୁ ସେମାନଙ୍କୁ ପ୍ରସ୍ତୁତ ହେବାକୁ ପଡ଼ିବ। ପ୍ରାୟ ଶିକ୍ଷାନୁଷ୍ଠାନରେ ଅନ୍‌ଲାଇନ୍‌ରେ ପାଠପଢ଼ା ହେଉଥିବା ବେଳେ ଡାକ୍ତରୀ ଭଳି ଏକ ଗୁରୁତ୍ୱପୂର୍ଣ୍ଣ ଶିକ୍ଷା କ୍ଷେତ୍ରରେ ଏଯାବତ୍ ତାହା ଗ୍ରହଣ କରାଯାଇ ନାହିଁ। ପ୍ରଥମ ପର୍ଯ୍ୟାୟ ଲକ୍‌ଡାଉନ୍ ଘୋଷଣା ପରେ ସମସ୍ତ ହଷ୍ଟେଲ୍‌କୁ ଖାଲି କରି ଦିଆଯାଇଛି। ସେମାନେ ଘରକୁ କମ୍ ବହି ନେଇଥିବାରୁ ପରୀକ୍ଷା ପ୍ରସ୍ତୁତି ଠିକ୍ ଭାବେ ହୋଇପାରୁନି। ସର୍ବଭାରତୀୟ ସଂରକ୍ଷଣ ବ୍ୟବସ୍ଥା ଯୋଗୁ ନାମ ଲେଖାଇଥିବା ୧୫ ପ୍ରତିଶତ ଛାତ୍ରୀଛାତ୍ର ବାହାର ରାଜ୍ୟର। ବର୍ତ୍ତମାନ ପରିବହନ ବ୍ୟବସ୍ଥା ବନ୍ଦ। ରାଜ୍ୟ ସରକାର ୨୮ଦିନିଆ ସଙ୍ଗରୋଧ ବ୍ୟବସ୍ଥା ବାଧ୍ୟତାମୂଳକ କରିଛନ୍ତି। ଯେଉଁମାନେ ବାହାର ରାଜ୍ୟରୁ ଆସିବେ, ସେମାନେ ସଙ୍ଗରୋଧରେ ରହିଲେ ପାଠପଢ଼ା ହୋଇପାରିବ ନାହିଁ। ଜୁଲାଇ କିମ୍ବା ଅଗଷ୍ଟ ପୂର୍ବରୁ ପାଠପଢ଼ା ପୁନଃ ଆରମ୍ଭ ହେବା ନେଇ ସନ୍ଦେହ ଦେଖାଦେଇଛି। ସପ୍ଲିମେଣ୍ଟାରୀ ପରୀକ୍ଷା ହେଲେ ସ୍ଥିତି ଅଧିକ ଜଟିଳ ହେବ। ୨୦୧୫ ଓ ୨୦୧୬ ବ୍ୟାଚ୍‌ର ଛାତ୍ରୀଛାତ୍ରମାନଙ୍କ ଗୋଟିଏ ବର୍ଷ ନଷ୍ଟ ହୋଇଯିବ। ଏଣୁ ସେମାନେ ୨୦୨୧ ଓ ୨୦୨୨ରେ ପୋଷ୍ଟ ଗ୍ରାଜୁଏଟ୍ ନାମଲେଖା ବେଳେ ଅସୁବିଧା ଭୋଗିବେ। ବର୍ତ୍ତମାନ ବିଭିନ୍ନ ହସ୍ପିଟାଲ୍‌ରେ ପ୍ରାୟ ୭୫୦ ଜଣ ଛାତ୍ରୀଛାତ୍ର ଇଣ୍ଟର୍ନଶିପ୍ କରୁଛନ୍ତି, ଯାହା ସେପ୍ଟେମ୍ବରରେ ସରିବ। ତାହା ପରେ ନୂଆ ବ୍ୟାଚ୍‌ର ଛାତ୍ରୀଛାତ୍ର ଯୋଗଦେବା କଥା। କିନ୍ତୁ ବର୍ତ୍ତମାନ ପାଠପଢ଼ା ବନ୍ଦ ଥିବାରୁ ଇଣ୍ଟର୍ନରେ ମଧ୍ୟ ବିଳମ୍ବ ହେବ ଓ ରୋଗୀସେବା ବ୍ୟାହତ ହେବ। ରାଜ୍ୟର ଅନେକ ମେଡିକାଲ୍ କଲେଜରେ ବିଭିନ୍ନ ସେମିଷ୍ଟର ପରୀକ୍ଷା ପାଇଁ ଫର୍ମ ଫିଲ୍-ଅପ୍‌ରେ ଦେଖାଦେଇଥିବା ସମସ୍ୟା ନେଇ ରାଜ୍ୟପାଳଙ୍କ ଦୃଷ୍ଟିଆକର୍ଷଣ କରାଯାଇଛି। ଚଳିତ ଶିକ୍ଷାବର୍ଷରେ ୟୁଜିର ସମସ୍ତ ପରୀକ୍ଷା ବାତିଲ୍ ସହ ଆବଶ୍ୟକ ପଦକ୍ଷେପ ନେବାକୁ ସଂଗଠନର ରାଜ୍ୟ ସାଧାରଣ ସମ୍ପାଦକ ଲୋହିତ ଅନ୍ୱେଷା ସାହୁ ଓ ରାଜ୍ୟ ସଂଯୋଜକ ନିତିଶ କୁମାର ଧଳଙ୍କ ସମେତ ବହୁ ଛାତ୍ରୀଛାତ୍ର ଦାବି କରିଛନ୍ତି।

## ପୋଲିସ କର୍ମଚାରୀଙ୍କୁ ଆକ୍ରମଣ ଘଟଣା: ୧୦ ଗିରଫ

ବେଗୁନିଆ,୨୬।୫(ଡି.ଏନ୍.ଏ.): ଅପହୃତା ନାବାଳିକାଙ୍କୁ ଉଦ୍ଧାର କରିବାକୁ ଯାଇ ବେଗୁନିଆ ଥାନାର ୩ ପୋଲିସ କର୍ମଚାରୀଙ୍କୁ ରବିବାର ରାତିରେ ସଂଘବଦ୍ଧ ଆକ୍ରମଣ କରାଯାଇଥିଲା। ଏହି ଘଟଣାରେ ପୋଲିସ ମଙ୍ଗଳବାର ୧୦ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଏହି ଥାନା ଅଞ୍ଚଳର ପ୍ରକାଶ ଦେଉରୀ, ପ୍ରଶାନ୍ତ ନାୟକ, ପ୍ରମୋଦ ନାୟକ, ସୁଶାନ୍ତ ନାୟକ, ଶପନା ଦେଉରୀ, ପହଲି ନାୟକ, ଅକ୍ଷୟ ନାୟକ, ପ୍ରତାପ ନାୟକ, ପବନା ଦେଉରୀ ଓ ଗଣେଶ ନାୟକ। ଏହି ଥାନା ଅଞ୍ଚଳର ଜଣେ ଛାତ୍ରୀଙ୍କୁ ଉକ୍ତ ଗ୍ରାମର ଜଣେ ଛାତ୍ର ଅପହରଣ କରି ନେଇଯାଇଥିଲେ। ଏ ନେଇ ଛାତ୍ରୀଙ୍କ ବାପାଙ୍କ ଅଭିଯୋଗକ୍ରମେ ପୋଲିସ ମାମଲା(ନଂ.୨୯/୨୦) ରୁଜୁକରି ରବିବାର ପୋଲିସ ଅପହରଣ କରିଥିବା ଛାତ୍ରଙ୍କ ଘରେ ଚଢ଼ାଉ କରିଥିଲେ। ଉଭୟଙ୍କୁ ଉଦ୍ଧାର କରୁଥିବା ବେଳେ ଉକ୍ତ ବସ୍ତିର ୨୦ରୁ ଊର୍ଦ୍ଧ୍ୱ ମହିଳା ପୋଲିସଙ୍କୁ ସଂଘବଦ୍ଧଭାବେ ଆକ୍ରମଣ କରିଥିଲେ। ଏସ୍‌ଆଇ ଶ୍ରୀକାନ୍ତ ପଣ୍ଡା, ଏଏସ୍‌ଆଇ ଜେ.କେ.ଜେନା, କନଷ୍ଟେବଳ ତାପସ ବେହେରା ଆହତ ହୋଇଥିଲେ। ଏସ୍‌ଆଇ ପଣ୍ଡାଙ୍କ ଅଭିଯୋଗକ୍ରମେ ପୋଲିସ ମାମଲା (ନଂ.୧୦୪/୨୦) ରୁଜୁ କରିଥିଲା।

## ଏଟିଏମ୍ ଭାଙ୍ଗି ଲୁଟ୍ ଉଦ୍ୟମ

ପୁରୁଣା ଭୁବନେଶ୍ୱର, ୨୬।୫(ଡି.ଏନ୍.ଏ.): ରବି ଟକିଜ ନିକଟରେ ଥିବା ଏକ ଏଟିଏମ୍ ଭାଙ୍ଗି ଟଙ୍କା ଲୁଟ୍ ଉଦ୍ୟମ ବେଳେ ଜଣେ ନାବାଳକଙ୍କୁ ସୋମବାର ରାତିରେ ଲିଙ୍ଗରାଜ ଥାନା ପୋଲିସ ଧରିଛି। ଏ ସମ୍ପର୍କରେ ପୋଲିସ ଏକ ମାମଲା (ନଂ.୭୦/୨୦)ରୁଜୁକରି ତାଙ୍କୁ କୋର୍ଟରେ ହାଜର କରିଥିଲା। ପରେ ତାଙ୍କୁ ବ୍ରହ୍ମପୁର ବାଳସୁଧାର ଗୃହକୁ ପଠାଇଦିଆଯାଇଛି।

# ଗୋଟିଏ ଦିନରେ ଜିଲାରୁ ୧୬ ଆକ୍ରାନ୍ତ

କଟକ ଅଫିସ,୨୬।୫

**ବଢୁଛି ସଂକ୍ରମଣ**

କଟକ ଜିଲାରେ କରୋନା ନିଜର କାୟା ବିସ୍ତାର କରିଚାଲିଛି। ଦିନକୁ ଦିନ ପଜିଟିଭଙ୍କ ସଂଖ୍ୟା ବଢୁଛି। ଜିଲାରେ ମଙ୍ଗଳବାର ୧୬ ଜଣ ପଜିଟିଭ ବାହାରିଥିବାବେଳେ ଏହା ମଧ୍ୟରୁ କଟକ ମହାନଗର ନିଗମ ଅଞ୍ଚଳରେ ୪ ଜଣ ପଜିଟିଭ ରହିଛନ୍ତି। ଉକ୍ତ ଚାରିଜଣ କ୍ୱାରାଣ୍ଟାଇନରେ ଥିବା ଜଣାପଡ଼ିଛି। ସିଏମ୍‌ସି ଅଞ୍ଚଳରେ ବାହାରିଥିବା ୪ ଜଣକ ମଧ୍ୟରୁ ୩ ଜଣ ଦୁବାଇ ଫେରନ୍ତା। ଚତୁର୍ଥ ଜଣକ ସିଡିଏ ସେକ୍ଟର-୬ ଅଞ୍ଚଳର ଜଣେ ୩୯ ବର୍ଷୀୟ ଯୁବକ। ସେ ଗତ ୧୧ ତାରିଖରେ କେନ୍ଦ୍ରାପଡ଼ାରୁ କଟକ ଫେରିଥିଲେ। ଫେରିବା ପରେ ସେ ହୋମ କ୍ୱାରାଣ୍ଟାଇନରେ ଥିଲେ। ସେହିପରି ସତିଚଉରା ଅଞ୍ଚଳର ଜଣେ ୪୦ ବର୍ଷୀୟ ଯୁବକ, ଗୋପାଳପୁର-ବାଲିକୁଦା ଅଞ୍ଚଳର ଜଣେ ଯୁବକ ଏବଂ ଜଗତସିଂହପୁର ଜିଲାର ଜଣେ ୩୭ ବର୍ଷୀୟ ଯୁବକ ଜଣକ ଗତ ୨୦ ତାରିଖ ଦୁବାଇରୁ ଫେରିଥିଲେ। ସେମାନେ ସମସ୍ତେ ଏକ ଘରୋଇ ହୋଟେଲରେ କ୍ୱାରାଣ୍ଟାଇନରେ ରହିଥିଲେ। ଚିହ୍ନଟ ହେବା ପରେ ସେମାନଙ୍କୁ ଅଶ୍ୱିନୀ କୋଭିଡ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ବର୍ତ୍ତମାନ ସୁଦ୍ଧା ଜିଲାରେ ୭୫ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ସେଥିରୁ ୧୦ ଜଣ ସୁସ୍ଥ ହୋଇଥିବା ବେଳେ ୬୪ ଜଣ ଚିକିତ୍ସିତ ହେଉଛନ୍ତି। ଜଣଙ୍କର ମୃତ୍ୟୁ ହୋଇଛି।

## ୨ ଟ୍ରେନ୍‌ରେ ଫେରିଲେ ୧୦୧୮ ପ୍ରବାସୀ

ଖୋର୍ଦ୍ଧା ଅଫିସ,୨୬।୫: ଲକ୍‌ଡାଉନରେ ବାହାର ରାଜ୍ୟରେ ଫସିଥିବା ପ୍ରବାସୀ ସ୍ୱତନ୍ତ୍ର ଟ୍ରେନ ଯୋଗେ ଓଡ଼ିଶାକୁ ଫେରୁଛନ୍ତି। ୨ଦିନରେ ୨ଟି ଟ୍ରେନରେ ୧୦୧୮ ଜଣ ପ୍ରବାସୀ ଓଡ଼ିଶା ଫେରିଛନ୍ତି। ଷ୍ଟେସନ ପରିସରରେ ସେମାନଙ୍କ ଥର୍ମାଲ ସ୍କ୍ରିନିଂ, ପଞ୍ଜୀକରଣ, ଡାହଣ ହାତରେ ଷ୍ଟାମ୍ପ ମରାଯାଇ ସ୍ୱତନ୍ତ୍ର ବସ ଯୋଗେ ସେମାନଙ୍କ ଜିଲାକୁ ପଠାଇ ଦିଆଯାଇଥିବା ଜିଲା ପ୍ରଶାସନ ପକ୍ଷରୁ କୁହାଯାଇଛି। ସୁରଟରୁ ଆସିଥିବା ସ୍ୱତନ୍ତ୍ର ଶ୍ରମିକ ଟ୍ରେନ ମଙ୍ଗଳବାର ଅପରାହ୍ନ ସାଢେ ୩ଟା ରେ ଖୋର୍ଦ୍ଧାରୋଡ ଷ୍ଟେଶନରେ ପହଞ୍ଚିଥିଲା। ଏହି ଟ୍ରେନରେ ୧୭ଜିଲାର ୭୫୯ଜଣ ପ୍ରବାସୀ ଓଡ଼ିଆ ଫେରିଛନ୍ତି। ସେମାନଙ୍କ ମଧ୍ୟରେ ଅନୁଗୋଳ ଜିଲାର ୨, ବାଲେଶ୍ୱରର ୬୪, ବରଗଡର ୧, ଭଦ୍ରକର ୫୫, କଟକର ୩, ଢେଙ୍କାନାଳର ୬, ଗଜପତିର ୧, ଗଞ୍ଜାମର ୩୯୬, ଜଗତ୍‌ସିଂହପୁରର ୮, କେନ୍ଦ୍ରପଡ଼ାର ୧୯, କେନ୍ଦୁଝରର ୫୨, ମୟୂରଭଞ୍ଜର ୯, ନୟାଗଡର ୫୦, ପୁରୀର ୧୨୪, ରାୟଗଡାର ୨, ସମ୍ବଲପୁରର ୨, ସୁବର୍ଣ୍ଣପୁରର ୨ ଏବଂ ସୁନ୍ଦରଗଡ ଜିଲାର ଜଣେ ପ୍ରବାସୀ ରହିଛନ୍ତି। ସେହିପରି ନୂଆଦିଲ୍ଲୀରୁ ଆସିଥିବା ସ୍ୱତନ୍ତ୍ର ଶ୍ରମିକ ଟ୍ରେନ ସୋମବାର ରାତିରେ ଖୋର୍ଦ୍ଧାରୋଡ ଷ୍ଟେଶନରେ ପହଞ୍ଚିଥିଲା। ଏହି ଟ୍ରେନରେ ୧୬ଟି ଜିଲାର୨୫୯ ଜଣ ପ୍ରବାସୀ ଓଡ଼ିଆ ଫେରିଛନ୍ତି। ସେମାନଙ୍କ ମଧ୍ୟରେ ବରଗଡ ଜିଲାର ୧୧, ବଲାଙ୍ଗୀର ୩, ଦେବଗଡ଼ ୧, ଗଞ୍ଜାମର ୭୫, ଯାଜପୁର ୧, ଝାରସୁଗୁଡା ୪, କଳାହାଣ୍ଡି ୧, କନ୍ଧମାଳ ୧୪, କେନ୍ଦୁଝର ୯, ଖୋର୍ଦ୍ଧା ୧୮, କୋରାପୁଟର ୪, ନୟାଗଡ଼ର ୮, ପୁରୀ ୩୪, ସମ୍ବଲପୁର ୮, ସୁବର୍ଣ୍ଣପୁର ୧ ଏବଂ ସୁନ୍ଦରଗଡ ଜିଲାର ୬୬ ଜଣ ରହିଛନ୍ତି।

## ଦଇତାପତି ସେବକଙ୍କ ହେବ କରୋନା ଟେଷ୍ଟ

■ ୨୭ ଓ ୨୮ରେ ସଂଗ୍ରହ କରାଯିବ ସ୍ୱାବ୍ ନମୁନା

ପୁରୀ ଅଫିସ,୨୬।୫: ଜୁନ୍ ୫ରେ ଦେବସ୍ନାନ ପୂର୍ଣ୍ଣିମା। ଏହା ପରେ ପରେ ଅଣସର, ନେତ୍ରୋତ୍ସବ, ରଥଯାତ୍ରା, ବାହୁଡ଼ା, ସୁନାବେଶ, ନୀଳାଦ୍ରିବିଜେ ଆଦି ମହାପ୍ରଭୁଙ୍କ ସ୍ୱତନ୍ତ୍ର ପର୍ବପର୍ବାଣି ରହିଛି। ଚଳିତବର୍ଷ କରୋନା ବିଭୀଷିକା ମଧ୍ୟରେ ଠାକୁରଙ୍କର ଏହିସବୁ ପର୍ବପର୍ବାଣିକୁ ସୁଚାରୁ ରୂପେ ସମ୍ପାଦନ କରିବା ଶ୍ରୀମନ୍ଦିର ପ୍ରଶାସନ ଏବଂ ସେବାୟତଙ୍କ ପାଇଁ ଏକପ୍ରକାର ଚ୍ୟାଲେଞ୍ଜ ହୋଇଛି। ଏସବୁକୁ ଶୃଙ୍ଖଳିତ ଓ ସୁରକ୍ଷିତ ଭାବେ ସମ୍ପନ୍ନ କରିବାକୁ ହେଲେ ସମ୍ପୃକ୍ତ ସେବକମାନଙ୍କୁ କରୋନା ଭୂତାଣୁ ସଂକ୍ରମଣଠାରୁ ଦୂରେଇ ରହିବାକୁ ହେବ। ଏହାକୁ ଦୃଷ୍ଟିରେ ରଖି ଆଗୁଆ ସତର୍କତା ଅବଲମ୍ବନ କରିଛି ଶ୍ରୀମନ୍ଦିର ପ୍ରଶାସନ। ସମ୍ପୃକ୍ତ ସେବକମାନଙ୍କୁ କୋଭିଡ଼ ଗାଇଡ୍‌ଲାଇନ ସମ୍ପର୍କରେ ସଚେତନ କରାଯାଉଥିବାବେଳେ ସେମାନଙ୍କୁ କ୍ୱାରାଣ୍ଟାଇନରେ ରଖାଯିବାକୁ ନିଷ୍ପତ୍ତି ହୋଇଛି। ସେହିପରି କେତେକ ନିଯୋଗଙ୍କ କୋଭିଡ୍ ଟେଷ୍ଟ କରାଯିବ। ଦଇତାପତି ସେବକଙ୍କର କରୋନା ପରୀକ୍ଷା ହେବ ବୋଲି ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ ଅଜୟ କୁମାର ଜେନା କହିଛନ୍ତି। ସେ କହିଛନ୍ତି, ପ୍ରାୟ ୧୫୦ ଦଇତାପତି ସେବକଙ୍କ କରୋନା ଟେଷ୍ଟ କରାଯିବ। ଚଳିତ ମାସ ୨୭ ଓ ୨୮ ତାରିଖ ଦୁଇଦିନ ଧରି ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ ସମ୍ପୃକ୍ତ ସେବକମାନଙ୍କର ସ୍ୱାବ ନମୁନା ସଂଗ୍ରହ କରାଯିବ। ମାସ ଶେଷ ସୁଦ୍ଧା ରିପୋର୍ଟଆସିଯିବ ବୋଲି ଆଶା। ଫଳରେ ଜୁନ୍ ୫ରେ ସ୍ନାନଯାତ୍ରାରେ ସେବକମାନେ ସାମିଲ ହୋଇପାରିବେ ବୋଲି ଉନ୍ନୟନ ପ୍ରଶାସକ କହିଛନ୍ତି। ତେବେ ସ୍ୱାବ୍ ସଂଗ୍ରହ ଦିନଠାରୁ ସେବାୟତମାନେ ରଥଯାତ୍ରା ଶେଷ ପର୍ଯ୍ୟନ୍ତ କ୍ୱାରାଣ୍ଟାଇନରେ ରହିବେ ବୋଲି ଉନ୍ନୟନ ପ୍ରଶାସକ କହିଛନ୍ତି। ଏହା ପୂର୍ବରୁ ଦଇତାପତି ସେବକଙ୍କୁ ମହାମାରୀ କରୋନା କେତେ ଭୟଙ୍କର, ଏହାଠାରୁ କିପରି ଦୂରେଇ ରହିହେବ, କ'ଣ ସବୁ ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରାଯିବା ଦରକାର, ସଙ୍ଗରୋଧର ନିୟମ କ'ଣ ଇତ୍ୟାଦି ବିଷୟରେ ସଚେତନ କରାଯାଇଛି। ପୂର୍ବରୁ ରଥ ନିର୍ମାଣରେ ସମ୍ପୃକ୍ତ ମହାରଣା, ଭୋଇ, ରୂପକାର ଓ କମାର ସେବକ ସଙ୍ଗରୋଧରେ ରହୁଥିବାବେଳେ ସମସ୍ତ ୧୮୯ ସେବକଙ୍କ କରୋନା ଟେଷ୍ଟ କରାଯାଇଥିଲା। ସମସ୍ତଙ୍କ ରିପୋର୍ଟ ନେଗେଟିଭ ଆସିଛି।

## ସୂର୍ଯ୍ୟମନ୍ଦିର ସୁରକ୍ଷା ଲାଗି ଲେଜର ସ୍କାନିଂ



କୋଣାର୍କ,୨୬।୫(ଡି.ଏନ.ଏ): ଅବକ୍ଷୟମୁଖୀ ସୂର୍ଯ୍ୟମନ୍ଦିରର ସୁରକ୍ଷା ଓ ସଂରକ୍ଷଣ ପାଇଁ ମଙ୍ଗଳବାର ମୁମ୍ବାଇର ସେନ୍ସ ଟେକ୍ନୋଲୋଜି ୩ଡି ଲେଜର ସ୍କାନିଂ ଓ ଫଟୋ ଗ୍ରାମାଟିକ ସର୍ଭେ କାର୍ଯ୍ୟ କରୁଛି। ଗତ ମାର୍ଚ୍ଚ ମାସରୁ ଆରମ୍ଭ ହୋଇଥିବା ୩ଡି ଲେଜର ସ୍କାନିଂ କାର୍ଯ୍ୟ ଲକଡାଉନ ଯୋଗୁ ୧୬ତାରିଖରୁ ବନ୍ଦ ରହିଥିଲା। ଏବେ ପୁଣିଥରେ ସୂର୍ଯ୍ୟମନ୍ଦିର ଫଟୋ ଗ୍ରାମାଟିକ ସର୍ଭେ ଓ ୩ଡି ଲେଜର ସ୍କାନିଂ ଆରମ୍ଭ ହୋଇଛି। ଏକ ପ୍ରତିନିଧି ଦଳ ଆସି ଏହି କାର୍ଯ୍ୟ ଚାଲୁ ରଖିଛନ୍ତି। ଡ୍ରୋନ ସାହାଯ୍ୟରେ ମନ୍ଦିର ଚତୁଃପାର୍ଶ୍ୱର ଫଟୋ ଉତ୍ତୋଳନ ହୋଇଛି। ସୂର୍ଯ୍ୟମନ୍ଦିର ଚତୁଃପାର୍ଶ୍ୱ ୩୦୦ମିଟର ପର୍ଯ୍ୟନ୍ତ ଫଟୋ ଗ୍ରାମାଟିକ ଓ ୩ଡି ଲେଜର ସ୍କାନିଂ କରାଯାଉଛି । ଫଳରେ ସୂର୍ଯ୍ୟମନ୍ଦିରର ଭିତ୍ତିଭୂମିର ଅବସ୍ଥିତି, ଜଗମୋହନର ଆଭ୍ୟନ୍ତରୀଣ ଅବସ୍ଥା, ମନ୍ଦିରର ମୂଳଦୁଆ କିପରି ରହିଛି ତାହା ଜଣାପଡିବ। ଲେଜର ସ୍କାନିଂ ହେଲେ ମନ୍ଦିରର ଏକ ମ୍ୟାପ ପ୍ରସ୍ତୁତ ହେବ। ମନ୍ଦିରରେ ଥିବା ବିଭିନ୍ନ କାରୁକାର୍ଯ୍ୟପୂର୍ଣ୍ଣ ମୂର୍ତ୍ତିଗୁଡିକର ସ୍ଥିତି ଜଣାପଡିବ। ୩ଡି ଲେଜର ସ୍କାନିଂ, ଫଟୋଗ୍ରାଫି ସର୍ଭେ କରି ଏଏସଆଇକୁ ରିପୋର୍ଟ ଦେବା ପାଇଁ ସେନ୍ସ ଟେକ୍ନୋଲୋଜିକୁ କୁହାଯାଇଛି। ରିପୋର୍ଟ ଆସିଲେ ଅଧିକ ତଥ୍ୟ ଜଣାପଡିବ। ଆସନ୍ତା ଜୁନ ପ୍ରଥମ ସପ୍ତାହ ପର୍ଯ୍ୟନ୍ତ ଏହି କାର୍ଯ୍ୟ ଚାଲୁ ରହିବ ବୋଲି ଏଏସଆଇ ସ୍ଥାନୀୟ ଅଧିକାରୀ ନିରୋଜ ସିଂ ପ୍ରକାଶ କରିଛନ୍ତି।

## ସ୍କୁଲ ଫି' ଛାଡ଼, ପାଠ୍ୟପୁସ୍ତକ ଦିଅ




ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

କଟକ/ ଖୋର୍ଦ୍ଧା ଅଫିସ, ୨୬।୫

ଲକ୍‌ଡାଉନ ଯୋଗୁ ଅଭିଭାବକ ପିଲାଙ୍କ ସ୍କୁଲ ଫି' ଦେବାକୁ ଅକ୍ଷମ ଥିବାରୁ ଏହା ଛାଡ଼ କରିବା ପାଇଁ ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ଫାଟକ ଆଗରେ ବିକ୍ଷୋଭ ପ୍ରଦର୍ଶନ କରିଛି ଏଆଇଡିଏସ୍‌ଓ। ମାଗଣା ପାଠ୍ୟପୁସ୍ତକ, ଗବେଷଣାରତ ଛାତ୍ରୀଛାତ୍ରଙ୍କୁ ଅଧିକ ଛ' ମାସ ଫେଲୋସିପ, ଅନ୍‌ଲାଇନ୍ ପାଠପଢ଼ା ବନ୍ଦ କରିବାକୁ ଦାବି ହୋଇଛି। କଟକ ଜିଲା କମିଟି ସଭାପତି ଭାଗ୍ୟରବି ଦାସ, ଉପସଭାପତି ତରୁଣସେନ ନାୟକ, ସମ୍ପାଦକ ବିନୋଦ ସେଠୀ, ଶିବାନୀ ସାହୁ, ଜ୍ୟୋତ୍ସ୍ନାରାଣୀ ଦାସ, ଅମରେନ୍ଦ୍ର ନାୟକ, ସରୋଜ ମାନସିଂହ ସାମିଲ ଥିଲେ। ଖୋର୍ଦ୍ଧାରେ ଏଆଇଡିଏସ୍‌ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଦାବିପତ୍ର ଦେଇଛି। ଡିଏସ୍‌ଓ ରାଜ୍ୟ ଉପସଭାପତି ଜୟନ୍ତ ମହାନ୍ତି, ଛାତ୍ରନେତା ଅବିନାଶ ପ୍ରଧାନ, ଶ୍ରୀକାନ୍ତ ନାୟକ, ଏସ୍.କେ. ଅର୍ସଦ, ସତ୍ୟବ୍ରତ ଦାସ ଉପସ୍ଥିତ ଥିଲେ।

# ଗାଁକୁ ଫେରିବାକୁ ଚାହିଁବାରୁ ମିଳୁଛି ଧମକ

ପୁରୀ ଅଫିସ/ବ୍ରହ୍ମଗିରି, (ଡି.ଏନ.ଏ.)୨୬।୫

■ ଚିନ୍ତାରେ ୩୦ ବାସନ୍ଦ ପରିବାର
■ ଜିଲାପାଳଙ୍କୁ ଗୁହାରି ଜଣାଇଲେ

ଗାଁରୁ ସେମାନଙ୍କୁ ସାମାଜିକ ବାସନ୍ଦ କରାଗଲା। ଦେଢବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଗାଁ ବାହାରେ ରହିଲେ ୩୦ ପରିବାର। ଏହାପରେ ସେମାନେ ଗାଁ ଭିତରକୁ ଫେରିବା ପାଇଁ ସବୁ ସ୍ତରରେ ଉଦ୍ୟମ କଲେ। ନ୍ୟାୟ ଲାଗି ଏ ଅଫିସରୁ ସେ ଅଫିସକୁ ଦୌଡ଼ିଲେ। ହେଲେ କେହି ସେମାନଙ୍କ କଥା ଶୁଣିଲେ ନାହିଁ। ଏବେ ସେମାନଙ୍କର ଧୈର୍ଯ୍ୟ ଭାଙ୍ଗିଗଲାଣି। ଦେଢ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଭିଟାମାଟିରୁ ଅଲଗା ରହିବା ପରେ ସେମାନେ ଏବେ ଗାଁକୁ ଫେରିବା ପାଇଁ ପ୍ରସ୍ତୁତ ହେଉଛନ୍ତି। ଆସନ୍ତା ୫ତାରିଖରେ ୩୦ ପରିବାର ପିଲାଛୁଆଙ୍କୁ ଧରି ଗାଁ ଭିତରକୁ ପ୍ରବେଶ କରିବେ। ଆଉ ଏଥିପାଇଁ ଯେଉଁ ପରିସ୍ଥିତି ସୃଷ୍ଟି ହେବ ସେଥିଲାଗି ପ୍ରଶାସନ ଦାୟୀ ରହିବ। ଏ ନେଇ ବ୍ରହ୍ମଗିରି ବ୍ଲକ ସିପକୁଦା ଓ ବନମାଳିପୁର ଗାଁର ସମ୍ପୃକ୍ତ ବାସନ୍ଦ ପରିବାର ମଙ୍ଗଳବାର ଜିଲାପାଳଙ୍କୁ ସ୍ମାରକପତ୍ର ଦେଇ ଏହା ସ୍ପଷ୍ଟ କରିଛନ୍ତି।

ସମ୍ପୃକ୍ତ ବାସନ୍ଦ ପରିବାରଙ୍କ ପକ୍ଷରୁ କୁହାଯାଇଛି ଯେ, ୨୦୧୮ ନଭେମ୍ବର ୨୨ ତାରିଖରେ ଗାଁର କେତେଜଣ ମୁଷ୍ଟିମେୟ ବ୍ୟକ୍ତିଙ୍କ ନେତୃତ୍ୱରେ ଅନ୍ୟାୟ ଭାବେ ୩୦ ମତ୍ସ୍ୟଜୀବୀ ପରିବାରକୁ ସାମାଜିକ ବାସନ୍ଦ କରାଗଲା। ସେମାନଙ୍କ ଘରଦ୍ୱାର ଭାଙ୍ଗି ଦିଆଯିବା ସହ ଆକ୍ରମଣ କରାଗଲା। ଭୟରେ ସେମାନେ ଘର ଛାଡ଼ି ଗାଁ ବାହାରେ ଅତି ଦୟନୀୟ ଭାବେ କାଳାତିପାତ କରୁଛନ୍ତି। ଦେଢ ବର୍ଷରୁ ଊର୍ଦ୍ଧ୍ୱ ହେଲାଣି ସେମାନଙ୍କୁ ଗାଁରେ ପୂରାଇ ଦିଆଯାଉ ନାହିଁ। ଏପରି କି ସେମାନଙ୍କୁ ଚିଲିକାରୁ ମାଛ ମାରିବାକୁ ଦିଆଯାଉ ନାହିଁ। ନ୍ୟାୟ ପାଇଁ ସେମାନେ ଜିଲା ପ୍ରଶାସନଠାରୁ ଆରମ୍ଭକରି ଡିଜିପିଙ୍କ ପର୍ଯ୍ୟନ୍ତ ସମସ୍ତଙ୍କୁ ଗୁହାରି ଜଣାଇଥିଲେ ବି ନିରାଶ ହୋଇଛନ୍ତି। ଜଣେ ସାମାଜିକ କର୍ମୀ ଏ ସଂକ୍ରାନ୍ତରେ ମାନବାଧିକାର କମିଶନଙ୍କଠାରେ ଫେରାଦ ହୋଇଛନ୍ତି। ବର୍ତ୍ତମାନ କରୋନା ବ୍ୟାପୁଥିବାବେଳେ ସେମାନଙ୍କୁ ନିଜ ଘରେ ରହିବାକୁ ସୁଯୋଗ ଦିଆଯାଉ ନାହିଁ। ମାତ୍ର ଜୀବନ ଜୀବିକା ପାଇଁ ସମ୍ପୃକ୍ତ ୩୦ ପରିବାର ଆସନ୍ତା ୫ତାରିଖରେ ଘରକୁ ଯିବେ ବୋଲି ନିଷ୍ପତ୍ତି ନେଇଛନ୍ତି। ଗାଁକୁ ପ୍ରବେଶ ନ କରିବା ଲାଗି ସେମାନଙ୍କୁ ଧମକ ମିଳୁଛି। ତଥାପି ଯେତେ ଯାହା ବାଧାବିଘ୍ନ ଆସୁ କିମ୍ବା ଆକ୍ରମଣ ହେଉ ପଛେ ସେମାନେ ଗାଁକୁ ଯିବେ ଏବଂ ଚିଲିକାରୁ ମାଛ ମାରି ଜୀବିକା ନିର୍ବାହ କରିବେ। ଏ ନେଇ କୌଣସି ପରିସ୍ଥିତି ଉପୁଜିଲେ ସେଥିପାଇଁ ପ୍ରଶାସନ ଦାୟୀ ରହିବ ବୋଲି ସ୍ମାରକପତ୍ରରେ ଉଲ୍ଲେଖ ରହିଛି। ଏ ସଂକ୍ରାନ୍ତରେ ସେମାନେ ମୁଖ୍ୟମନ୍ତ୍ରୀଙ୍କଠାରୁ ଆରମ୍ଭକରି ମାନବାଧିକାର କମିଶନଙ୍କୁ ପତ୍ର ଲେଖି ଅବଗତ କରାଇଥିବା ହିରଣ୍ୟ ଜେନା କହିଛନ୍ତି। ଏ ସମ୍ପର୍କରେ ବ୍ରହ୍ମଗିରି ଥାନା ଆଇଆଇସି ମନୋଜ କୁମାର ଶତପଥୀଙ୍କୁ ପଚାରିବାରେ କହିଛନ୍ତି, ୫ ତାରିଖରେ ସମ୍ପୃକ୍ତ ବାସନ୍ଦ ପରିବାର ଗାଁ ଭିତରକୁ ପ୍ରବେଶ କରିବା ନେଇ ତାଙ୍କ ନିକଟରେ କୌଣସି ଖବର ନାହିଁ। ଯଦି ସେମାନେ ଜିଲାପାଳ ଏବଂ ଏସ୍‌ପିଙ୍କୁ ଜଣାଇଛନ୍ତି ତେବେ ଏ ନେଇ ଯାହା ନିର୍ଦ୍ଦେଶ ଆସିବ ସେହି ଅନୁସାରେ ପଦକ୍ଷେପ ନିଆଯିବ।

## ସଂକ୍ଷେପରେ

### ୨ କରୋନା ଆକ୍ରାନ୍ତ ଚିହ୍ନଟ: ସୁସ୍ଥ ହେଲେ ୧୮

■ ହାବେଳି ବଜାର କଣ୍ଟେନମେଣ୍ଟ ଜୋନ୍ ହଟିଲା

**ଯାଜପୁର ଅଫିସ, ୨୬।୫:** ଯାଜପୁର ଜିଲାରେ ମଙ୍ଗଳବାର ୨ ଜଣ ନୂତନ କରୋନା ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ଆକ୍ରାନ୍ତ ସଂଖ୍ୟା ୨୪୨ରେ ପହଞ୍ଚିଛି। ବରୀ ବ୍ଲକ ସେରପୁର ଗ୍ରାମର ୩୯ ବର୍ଷୀୟ ପୁରୁଷ ଓ ୭ ବର୍ଷୀୟା ନାବାଳିକା ଆକ୍ରାନ୍ତ ହୋଇଛନ୍ତି। ଅନ୍ୟପଟେ ଡୁବୁରୀସ୍ଥିତ କୋଭିଡ୍-୧୯ ହସ୍‌ପିଟାଲରୁ ମଙ୍ଗଳବାର ୧୮ଜଣ (ବିଞ୍ଝାରପୁର ବ୍ଲକର ୧୩ ଓ ବରୀ ବ୍ଲକର ୫ ଜଣ) କରୋନା ରୋଗୀ ସୁସ୍ଥ ହୋଇଥିବା ଜିଲା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ମୋଟ ସୁସ୍ଥ ସଂଖ୍ୟା ୧୨୧ରେ ପହଞ୍ଚିଛି। ମଙ୍ଗଳବାର ସୁଦ୍ଧା ଜିଲାକୁ ୧୨,୬୭୫ ଜଣ ପ୍ରବାସୀ ଫେରିଥିବା ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ମିଳିଛି। ସୂଚନାଯୋଗ୍ୟ, ଯାଜପୁର ମ୍ୟୁନିସିପାଲିଟି ୮ ନମ୍ବର ୱାର୍ଡ ହାବେଳି ବଜାର କଣ୍ଟେନମେଣ୍ଟ ଜୋନ୍‌କୁ ମଙ୍ଗଳବାର ପ୍ରତ୍ୟାହୃତ କରିବାକୁ ନିର୍ଦ୍ଦେଶ ଦିଆଯାଇଥିବା ଯାଜପୁର ଜିଲାପାଳ ରଞ୍ଜନ କୁମାର ଦାସ କହିଛନ୍ତି। ବୁଧବାର ସକାଳ ୭ଟାରୁ ଏହି ନିର୍ଦ୍ଦେଶ ପାଳନ କରାଯିବ।

### ଶ୍ରମିକ କାର୍ଡ କରାଇଦେବାକୁ ବୁଲୁଛନ୍ତି ଦଲାଲ

**ବାଲିଆ, ୨୬।୫:** ବିରିଡ଼ି ବ୍ଲକ ଅଞ୍ଚଳର ଶ୍ରମିକମାନଙ୍କୁ ଏବେ ଦଲାଲମାନେ ଠକେଇ କରିବା ଆରମ୍ଭ କଲେଣି। କାର୍ଡ ପାଇବା ଆଶାରେ କେତେଜଣ ଶ୍ରମିକ ଦଲାଲଙ୍କ ହାତରେ ମୋଟା ଅଙ୍କର ଅର୍ଥ ଧରାଇ ଦେଉଛନ୍ତି। ଅନ୍ୟପକ୍ଷରେ ବର୍ତ୍ତମାନ କାର୍ଡ କରାଯିବାର କୌଣସି ବ୍ୟବସ୍ଥା ନ ଥିବା ଜିଲା ଶ୍ରମ ବିଭାଗ ପକ୍ଷରୁ କୁହାଯାଇଛି। ଏହାସତ୍ତ୍ୱେ କେତେଜଣ ଦଲାଲ ଗାଁଗାଁ ବୁଲି ଶ୍ରମିକ କାର୍ଡ କରାଇ ଦେବାକୁ କହି ଅର୍ଥ ଆଦାୟ କରୁଛନ୍ତି। ଜଗତ୍‌ସିଂହପୁର ଜିଲାରେ ମୋଟ ୫୬ ହଜାର ବିଭିନ୍ନ ବର୍ଗର ଶ୍ରମିକ ପଞ୍ଜୀକୃତ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ବିରିଡି ବ୍ଲକରେ ପ୍ରାୟ ୩୦୦୦ରୁ ଊର୍ଦ୍ଧ୍ୱ ଶ୍ରମିକ ଅଛନ୍ତି। କରୋନା ଯୋଗୁ ସରକାର ଏମାନଙ୍କୁ ୧୫୦୦ ଟଙ୍କା ଲେଖାଏ ସହାୟତା କରୁଛନ୍ତି। ଏଥିପ୍ରତି ବିଭାଗୀୟ କର୍ତ୍ତୃପକ୍ଷ ଦୃଷ୍ଟିଦେବାକୁ ଦାବି ହୋଇଛି।

### ମଦ ଜବତ, ଦୁଇ ଗିରଫ

**ବିରିଡ଼ି, ୨୬।୫(ଡି.ଏନ.ଏ):** ସୋମବାର ବିରିଡି କୁଲକଇଜଙ୍ଗା ଗ୍ରାମରୁ ୨ଜଣ ଯୁବକ ଏକ ବାଇକ ଯୋଗେ ଦେଶୀ ରନ୍ଧା ମଦ ନେଇ ବିରିଡି ହାଟ-କିଶନନଗର ରାସ୍ତାରେ ଯାଉଥିବା ବେଳେ ବିରିଡି ପୋଲିସ ହାତରେ ଧରା ପଡିଥିଲେ। ପୋଲିସ ସେମାନଙ୍କୁ ମଙ୍ଗଳବାର ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ଗୁଣିପଡ଼ା ଗ୍ରାମର ରତ୍ନରଞ୍ଜନ ପଶାୟତ ଓ ଚାନ୍ଦପୁର ଗ୍ରାମର ନିରଞ୍ଜନ ନାଥ। ସେମାନଙ୍କଠାରୁ ୧୨ ଲିଟର ମଦ ସହ ଏକ ବାଇକ୍ ଜବତ କରାଯାଇଛି। ଏନେଇ ଥାନାରେ ମାମଲା ରୁଜୁ ହୋଇଛି।

### ଲୁନା ପଛକୁ ଧକ୍କା ଦେଲା ଟ୍ରକ: ଚାଳକ ମୃତ

**ଯାଜପୁର ଅଫିସ୍, ୨୬।୫:** କୋରାଇ ଥାନା ଅଧୀନ ପାଣିକୋଇଲି-ଯାଜପୁର ରୋଡ୍ ରାସ୍ତାର ଆଲିଆ ଛକ ନିକଟରେ ମଙ୍ଗଳବାର ଅପରାହ୍ନରେ ସଡ଼କ ଦୁର୍ଘଟଣା ଘଟି ଜଣଙ୍କର ମୃତ୍ୟୁ ଘଟିଥିବା ଅନ୍ୟଜଣେ ଗୁରୁତର ହୋଇଛନ୍ତି। ମୃତକ ହେଲେ ପଥରପଦା ପଞ୍ଚାୟତର ନୂଆପଦା ଗ୍ରାମର ଦୁର୍ଯ୍ୟୋଧନ ଭୂୟାଁ(୫୨)। ଗୁରୁତର ପାଣିକୋଇଲି ଥାନା ଅଲତିରି ଗ୍ରାମର ଦୁଃଖୀରାମ ବେହେରା(୪୨)ଙ୍କୁ କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। କ୍ଷତିପୂରଣ ଦାବିରେ ସ୍ଥାନୀୟ ଲୋକେ ୨୦ ନଂ. ଜାତୀୟ ରାଜପଥ ଅବରୋଧ କରିଥିଲେ। କୋରେଇ ପୋଲିସ ଓ ବ୍ୟାସନଗର ତହସିଲଦାର ଡ. ଶରତ ଚନ୍ଦ୍ର ମହାପାତ୍ର ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲେ। ମୃତକ ପରିବାରକୁ ରେଡକ୍ରସ୍ ପକ୍ଷରୁ ୧୦ହଜାର ଟଙ୍କା ସହାୟତା ପ୍ରଦାନ କରାଯିବା ପରେ ରାସ୍ତାରୋକୋ ହଟିଥିଲା। ପ୍ରକାଶ ଯେ, ଦୁର୍ଯ୍ୟୋଧନ ଓ ଦୁଃଖୀରାମ ଏକ ଲୁନାରେ ଯାଜପୁରରୋଡରୁ ନିଜ ଘରକୁ ଫେରୁଥିଲେ। ଆଲିଆ ଛକ ନିକଟରେ ପଛରୁ ଆସୁଥିବା ଏକ ଟ୍ରକ ତାଙ୍କ ଗାଡ଼ିକୁ ଧକ୍କା ଦେଇଥିଲା। ଉଭୟଙ୍କୁ ଯାଜପୁର ରୋଡ୍ ଡାକ୍ତଖାନାକୁ ନିଆଯାଇଥିବା ବେଳେ ସେଠାରେ ଦୁର୍ଯ୍ୟୋଧନଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଦୁଃଖୀରାମଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।

# କଟକଣା ମାନୁନାହାନ୍ତି ପରିବା ବ୍ୟବସାୟୀ

**ରସୁଲପୁର, ୨୬।୫(ଡି.ଏନ୍.ଏ)**

■ ରାତି ଅଧରେ ଚାଲିଛି ଖଲାସି କାର୍ଯ୍ୟ

■ ପ୍ରଶାସନ ପକ୍ଷରୁ ଦିଆଯାଇଛି ଚେତାବନୀ

ଯାଜପୁର ଜିଲାର ରସୁଲପୁର ବ୍ଲକରେ କେତେଜଣ ପରିବା ବ୍ୟବସାୟୀ କରୋନା ସଂକ୍ରମଣ ରୋକିବା ଲାଗି ପ୍ରଶାସନ ପକ୍ଷରୁ ଜାରି କରାଯାଇଥିବା କଟକଣାକୁ ମାନୁ ନାହାନ୍ତି। ଫଳରେ ସ୍ଥାନୀୟ ଅଞ୍ଚଳରେ କରୋନା ବ୍ୟାପିବାର ଆଶଙ୍କା ରହିଛି। ବ୍ଲକର ୧୬ନଂ ଜାତୀୟ ରାଜପଥ ପାର୍ଶ୍ୱରେ ଦୈନିକ ପରିବା ବଜାର ବସୁଛି। ଏଠାରେ ବାହାର ରାଜ୍ୟରୁ ପରିବା ପରିବହନ କରି ବିକ୍ରି କରିବା ଉପରେ ପ୍ରଶାସନ ପକ୍ଷରୁ ରୋକ ଲଗାଯାଇଛି। ସ୍ଥାନୀୟ ଚାଷୀଙ୍କଠାରୁ ପରିବା କିଣି ବିକ୍ରି କରିବା ପାଇଁ ବ୍ୟବସାୟୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ବିଶେଷ କରି ପଶ୍ଚିମବଙ୍ଗରେ କରୋନା ସଂକ୍ରମିତଙ୍କ ସଂଖ୍ୟା ଅଧିକ ଥିବାରୁ ସେଠାରୁ ପରିବା ଆଣି ବିକ୍ରି କରିବା ଉପରେ ରୋକ ଲଗାଯାଇଛି। ଏହାସତ୍ତ୍ୱେ କେତେଜଣ ବ୍ୟବସାୟୀ ଲାଭଖୋର ମନୋଭାବ ରଖି ନିୟମ ଉଲ୍ଲଂଘନ କରୁଛନ୍ତି।

ସେହିପରି ଜିଲା ପ୍ରଶାସନ ପକ୍ଷରୁ ସଂଧ୍ୟା ୭ଟାରୁ ସକାଳ ୭ଟା ପର୍ଯ୍ୟନ୍ତ କର୍ଫ୍ୟୁ ଜାରି କରାଯାଇଛି। ମାତ୍ର କଟକଣାକୁ ଅଣଦେଖା କରି କେତେଜଣ ବ୍ୟବସାୟୀ ରାତିରେ ପରିବା ବୋଝେଇ ଗାଡିଗୁଡିକୁ ହାଟ ଓ ତାର ଆଖପାଖ ଅଞ୍ଚଳରେ ଖଲାସ କରୁଛନ୍ତି। ବିଶେଷ କରି ଗୋକର୍ଣ୍ଣେଶ୍ୱର ମନ୍ଦିର, ଭାଲୁଖାଇ ଜଗନ୍ନାଥ ମନ୍ଦିର, କୁମାରୀ କଲୋନୀ ଆଦି ଅଞ୍ଚଳରେ ଏସବୁ କାରବାର ଚାଲିଛି। ଏସବୁ ସ୍ଥାନରେ ୧୦ରୁ ଊର୍ଦ୍ଧ୍ୱ ନିୟୋଜିତ ହୋଇ ଖଲାସି କାର୍ଯ୍ୟ କରୁଛନ୍ତି। ଏକାଧିକ କ୍ଷୁଦ୍ର ବ୍ୟବସାୟୀ ସାମାଜିକ ଦ୍ୱରତ୍ୱ ନ ମାନି ପରିବା କିଣିବା ପାଇଁ ରୁଣ୍ଡ ହେଉଛନ୍ତି। ବାରମ୍ବାର ନିୟମ ଉଲ୍ଲଂଘନ ହେବାରୁ ଚଳିତ ମାସ ୭ତାରିଖରେ ଏକ ବୈଠକ ବସିଥିଲା। ବୈଠକରେ ରସୁଲପୁର ତହସିଲଦାର ଜ୍ୟୋତିକାନ୍ତ ଭୁଜବଳ, ବିଡିଓ ଉମାକାନ୍ତ ପରିଡା, ଧର୍ମଶାଳା ଥାନା ଅଧିକାରୀ ସରୋଜ କୁମାର ସାହୁ ଓ ପରିବାର ବ୍ୟବସାୟୀଙ୍କ ପ୍ରତିନିଧିମାନେ ଉପସ୍ଥିତ ଥିଲେ। ଏହି ଅବସରରେ କଟକଣା ମାନିବାକୁ ପ୍ରଶାସନ ପକ୍ଷରୁ ତାଗିଦ୍ କରାଯାଇଥିଲା। ଏହାସତ୍ତ୍ୱେ ପରିବା ବ୍ୟବସାୟୀ ନିୟମ ମାନୁ ନ ଥିବା ଦେଖିବାକୁ ମିଳିଛି। ଏନେଇ ସମ୍ପୃକ୍ତ ପରିବା ବ୍ୟବସାୟୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ସାଧାରଣରେ ଦାବି ହୋଇଛି।

ଧର୍ମଶାଳା ଥାନାଧିକାରୀ ସରୋଜ କୁମାର ସାହୁ କହିଛନ୍ତି, ପରିବା ବ୍ୟବସାୟୀଙ୍କୁ ନିୟମ ମାନିବାକୁ ବାରମ୍ବାର ଚେତାବନୀ ଦିଆଯାଇଛି। କଟକଣା ମାନୁ ନ ଥିବାରୁ ପୂର୍ବରୁ ହାଟ ମଧ୍ୟ ବନ୍ଦ କରି ଦିଆଯାଇଛି। କଟକଣା ମାନୁ ନଥିବା ବ୍ୟବସାୟୀ ନଜରକୁ ଆସିଲେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସାହୁ କହିଛନ୍ତି।

# ସ୍କୁଲକୁ ପିଲାଙ୍କୁ ଡାକି ବହି ବାଣ୍ଟୁଛନ୍ତି ଶିକ୍ଷକ



ପିଲାମାନେ ସ୍କୁଲକୁ ବହି ନେବାକୁ ଆସିଛନ୍ତି।

**କାଳିଆପାଣି, ୨୬।୫ (ଡି.ଏନ୍.ଏ.)**

**ଶିକ୍ଷା ବିଭାଗ ନିର୍ଦ୍ଦେଶକୁ ବେଖାତିର**

ଲକ୍‌ଡାଉନ୍ ଯୋଗୁ ସମସ୍ତ ଶିକ୍ଷାନୁଷ୍ଠାନ ବନ୍ଦ ରହିଥିବା ସରକାରୀ ସ୍କୁଲ ପିଲାମାନଙ୍କୁ ଘରେ ବହି ଯୋଗାଇଦେବାକୁ ଶିକ୍ଷକମାନଙ୍କୁ ଶିକ୍ଷା ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଫଳରେ ସାରା ରାଜ୍ୟରେ ଶିକ୍ଷକମାନେ ପିଲାମାନଙ୍କ ଘରକୁ ଯାଇ ବହି ପ୍ରଦାନ କରୁଥିବା ବେଳେ କେତେକ ସ୍କୁଲ ପକ୍ଷରୁ ପିଲାମାନଙ୍କୁ ଅନ୍‌ଲାଇନରେ ପାଠ ପଢ଼ାଯାଉଛି। ହେଲେ ଯାଜପୁର ଜିଲା ସୁକିନ୍ଦା ବ୍ଲକଠାରେ ଥିବା ଓଡ଼ିଶା ଖଣି ନିଗମ ଦ୍ୱାରା ପରିଚାଳିତ କାଳିଆପାଣି ହାଇସ୍କୁଲରେ ଏହାର ବ୍ୟତିକ୍ରମ ଦେଖାଯାଇଛି। ଉକ୍ତ ବିଦ୍ୟାଳୟର ଛାତ୍ରୀଛାତ୍ର ଓ ଅଭିଭାବକମାନଙ୍କୁ ସ୍କୁଲକୁ ଡକାଇ ପାଠ୍ୟ ଉପକରଣ ପ୍ରଦାନ କରୁଛନ୍ତି। ଫଳରେ ସ୍କୁଲରେ ଭିଡ଼ ଜମୁଥିବା ବେଳେ ଦୂରରୁ ଯାଉଥିବା ପିଲା ଓ ଅଭିଭାବକମାନେ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରୁଛନ୍ତି। ଅନ୍ୟପଟେ ବହି ବଣ୍ଟନ ବେଳେ ସାମାଜିକ ଦୂରତା ରକ୍ଷା କରାଯାଉ ନ ଥିବା ଦେଖାଯାଉଛି। ଏ ସମ୍ପର୍କରେ ପ୍ରଧାନ ଶିକ୍ଷକଙ୍କୁ ଯୋଗାଯୋଗ କରିବାକୁ ଚେଷ୍ଟା କରାଯାଇଥିଲେ ବି ତାହା ସମ୍ଭବ ହୋଇପାରି ନ ଥିଲା। ଏ ନେଇ ଏଡିଇଓ ଗୋବର୍ଦ୍ଧନ ପ୍ରଧାନ କୁହନ୍ତି, ପୂର୍ବରୁ ପିଲାମାନଙ୍କୁ ଘରେ ବହି ଯୋଗାଇଦେବାକୁ ଶିକ୍ଷୟିତ୍ରୀଶିକ୍ଷକମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଏଥିରେ ଅସୁବିଧା ହେବାରୁ ଶିକ୍ଷକମାନେ ଅଭିଭାବକମାନଙ୍କୁ ସ୍କୁଲକୁ ଡକାଇ ପାଠ୍ୟପୁସ୍ତକ ପ୍ରଦାନ କରିବାକୁ କୁହାଯାଇଛି। ଏଥିରେ ବ୍ୟତିକ୍ରମ ହୋଇଥିଲେ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ଜୀବନଜୀବିକା ଚିନ୍ତାରେ ଜିଲା ପ୍ରଶାସନ

**ଯାଜପୁର ଅଫିସ/ଯାଜପୁର ଟାଉନ୍(ଡି.ଏନ୍.ଏ), ୨୬।୫**

ଲକ୍‌ଡାଉନ୍ ଯୋଗୁ ରୋଜଗାର ହରାଇଥିବା ହଜାର ହଜାର ପ୍ରବାସୀ ଓଡ଼ିଆ ଏବେ ଗାଁ ମୁହାଁ। ଏହି କ୍ରମରେ

**ଫେରୁଛନ୍ତି ପ୍ରବସୀ ଓଡ଼ିଆ**



ବୈଠକରେ ଜିଲାପାଳ ରଞ୍ଜନ କୁମାର ଦାସ ଓ ଅନ୍ୟ ପ୍ରଶାସନିକ ଅଧିକାରୀମାନେ।

ମଙ୍ଗଳବାର ସୁଦ୍ଧା ଯାଜପୁର ଜିଲାକୁ ୧୨,୬୭୫ ଜଣ ପ୍ରବାସୀ ଫେରିଥିବା ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ମିଳିଛି। କରୋନା ପାଇଁ ବିଶ୍ୱ ଅର୍ଥନୀତି ସଙ୍କଟରେ ରହିଥିବାରୁ ଜୀବନ ରକ୍ଷା ସହ ଜୀବିକାର ପୁନରୁଦ୍ଧାର ନିହାତି ଆବଶ୍ୟକ ବୋଲି ଜିଲାପାଳ ରଞ୍ଜନ କୁମାର ଦାସ ଆହ୍ୱାନ ଦେଇଛନ୍ତି। ମଙ୍ଗଳବାର ଯାଜପୁର ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ସମସ୍ତ ବିଡିଓ ଓ କେତେଜଣ ସାମାଜିକ କର୍ମୀଙ୍କୁ ନେଇ ଏହି ମର୍ମରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଲକ୍ଷାଧିକ ବ୍ୟକ୍ତି କର୍ମ ସଂସ୍ଥାନରୁ ବଞ୍ଚିତ ହୋଇ ଜିଲାକୁ ଫେରିଥିବା ବେଳେ ସେମାନଙ୍କୁ ଦକ୍ଷତା ଅନୁସାରେ କାର୍ଯ୍ୟରେ ନିୟୋଜିତ କରିବାକୁ ଜିଲାପାଳ ଦାସ ପରାମର୍ଶ ଦେଇଥିଲେ। ରୋଜଗାର ହରାଇଥିବା ବ୍ୟକ୍ତିମାନଙ୍କୁ ବିବିଧ ରୋଜଗାରକ୍ଷମ କାର୍ଯ୍ୟରେ ନିୟୋଜିତ କରିବା ସହ ବ୍ୟାପକ ବୃକ୍ଷ ରୋପଣ ଆଦି ସଂକ୍ରାନ୍ତରେ ଗୁରୁତ୍ୱାରୋପ କରାଯାଇଥିଲା। ତେବେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାକୁ ତ୍ୱରାନ୍ୱିତ କରି ପ୍ରବସୀଙ୍କୁ କାମ ଯୋଗାଇ ଦେବାକୁ ଜିଲାପାଳ ଦାସ ସମସ୍ତ ବିଡିଓମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ।

ଏହାବାଦ ପ୍ରବାସୀ ଓଡ଼ିଆ ସରକାରୀ ନିୟମ ଅନୁସାରେ ଗ୍ରାମାଞ୍ଚଳରେ ୭ଦିନ ଅସ୍ଥାୟୀ ମେଡିକାଲ କେନ୍ଦ୍ର (ଟିଏମସି)ରେ ସଙ୍ଗରୋଧରେ ରହି ପାରିବେ ବୋଲି ବୈଠକରେ ଆଲୋଚନା ହୋଇଥିଲା। ଯଦି ନିଜ ଘରେ ଆଦୌ ସୁବିଧା ନାହିଁ ତେବେ ସେମାନେ ଟିଏମ୍‌ସିରେ ୧୪ ଦିନ ରହିପାରିବେ। ତେବେ ସହରାଞ୍ଚଳରେ ସୁବିଧା ଥିଲେ ପ୍ରବାସୀ ନିଜ ଗୃହରେ ସମ୍ପୂର୍ଣ୍ଣ ସଙ୍ଗରୋଧରେ ରହିପାରିବେ। ଏଥିପାଇଁ ସମ୍ପୃକ୍ତ ବ୍ୟକ୍ତିଙ୍କୁ ସ୍ୱୀକାର ପତ୍ର ଦେବାକୁ ପଡିବ। ତେବେ ସମ୍ପୃକ୍ତ ବ୍ୟକ୍ତି ରହୁଥିବା ସ୍ଥାନ ଦାୟିତ୍ୱରେ ଥିବା ଅଧିକାରୀ, କର୍ମଚାରୀ ଓ ସରପଞ୍ଚ ତାହାର ବାସ୍ତବତା ଅନୁଧ୍ୟାନ କରିବା ପରେ ତାଙ୍କୁ ଗୃହ ସଙ୍ଗରୋଧ ପାଇଁ ଛଡାଯିବ ବୋଲି ସ୍ୱେଚ୍ଛାସେବୀ ଅନୁଷ୍ଠାନ କର୍ମକର୍ତ୍ତା ପ୍ରସ୍ତାବ ଦେଇଥିଲେ।

## ନୟାଗଡ଼ରେ ୩ ନୂଆ ଆକ୍ରାନ୍ତ

**ନୟାଗଡ଼ ଅଫିସ, ୨୬।୫:** ନୟାଗଡ଼ ଜିଲାରେ ୩ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବା ନେଇ ମଙ୍ଗଳବାର ଘୋଷଣା କରାଯାଇଛି। ଓଡଗାଁ ବ୍ଲକର କୁରାଳ କ୍ୱାରାଣ୍ଟାଇନ୍ ସେଣ୍ଟରରୁ ଚିହ୍ନଟ ହୋଇଥିବା ୪୭, ୨୨ ଓ ୩୫ ବର୍ଷର ୩ ଜଣ ସୁରଟ ଫେରନ୍ତା। ଫଳରେ ଜିଲାରେ ଆକ୍ରାନ୍ତଙ୍କ ସଂଖ୍ୟା ୪୮ରେ ପହଞ୍ଚିଛି। ପୂର୍ବରୁ ଜିଲାରେ ଜଣେ ସୁସ୍ଥ ହୋଇଥିବାବେଳେ ସୋମବାର ୩ଜଣ ସୁସ୍ଥ ହୋଇଛନ୍ତି। ବର୍ତ୍ତମାନ ୪୪ ଜଣ ଭୁବନେଶ୍ୱରରେ ଚିକିତ୍ସିତ ହେଉଥିବା ସିଡିଏମ୍‌ଓ ଶ୍ୱେତ ମହାପାତ୍ର ସୂଚନା ଦେଇଛନ୍ତି।

## ରାସ୍ତା ମଝିରେ ପିଣ୍ଡି ନିର୍ମାଣ ଅଭିଯୋଗ

**ତିର୍ତ୍ତୋଲ, ୨୬।୫(ଡି.ଏନ.ଏ.)**

ତିର୍ତ୍ତୋଲ ତହସିଲ ଅଧୀନ ଗୋବିନ୍ଦପୁର ପଞ୍ଚାୟତ ଅରଡ଼ଙ୍ଗ(ଡିହସାହିପଡ଼ା)ର ସର୍ବସାଧାରଣ ଯାତାୟାତ ରାସ୍ତା ମଝିରେ କେତେଜଣ ଯୁବକ ଏକ ପିଣ୍ଡି ନିର୍ମାଣ କରିଛନ୍ତି। ଏହାକୁ ବିରୋଧ କରି ଗ୍ରାମର ବହୁ ଅଧିବାସୀ ତହସିଲଦାରଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ଏହି ନିର୍ମାଣକୁ ଉଚ୍ଛେଦ କରି ରାସ୍ତାରେ ସର୍ବସାଧାରଣ ଯାତାୟାତ ପାଇଁ ବ୍ୟବସ୍ଥା କରିବାକୁ ଅଧିବାସୀ ଅଭିଯୋଗରେ ଦର୍ଶାଇଛନ୍ତି। ଏହାକୁ ନେଇ ଗ୍ରାମରେ ଉତ୍ତେଜନା ଦେଖାଦେଇଛି। ଏ ସମ୍ପର୍କରେ ତହସିଲଦାର ସୁଜାତା ପାତ୍ରଙ୍କୁ ପଚାରିବାରୁ ସେ କହିଛନ୍ତି, ଅଭିଯୋଗ ପାଇବା ପରେ ରାଜସ୍ୱ ସୁପରଭାଇଜରଙ୍କୁ ତଦନ୍ତ କରିବାକୁ କୁହାଯାଇଛି। ତଦନ୍ତ ରିପୋର୍ଟ ଆସିବା ପରେ ପଦକ୍ଷେପ ଗ୍ରହଣ କରାଯିବ।

# ୟୁରିଆ କଳାବଜାର ରୋକିବାକୁ ଗୁରୁତ୍ୱ

**ରସୁଲପୁର, ୨୬।୫ (ଡି.ଏନ.ଏ.)**

**ଖରିଫ ଚାଷ ପାଇଁ ପ୍ରସ୍ତୁତି**

ଖରିଫ ଚାଷ ପାଇଁ ଚାଷୀଙ୍କୁ ବିହନ, ରାସାୟନିକ ସାର ବଣ୍ଟନ ନିମନ୍ତେ ରସୁଲପୁର ବ୍ଲକ ସମ୍ମିଳନୀ କକ୍ଷରେ ଏକ ବୈଠକ ଇତିମଧ୍ୟରେ ଅନୁଷ୍ଠିତ ହୋଇଥିଲା। ବ୍ଲକରେ ଏଆର୍ ସିଏସ୍ ସ୍ୱାତୀବାଳା ମହାପାତ୍ର, ଏସ୍‌ଆର୍‌ସିଏସ୍ ଶରତ ଚନ୍ଦ୍ର ମଲ୍ଲିକ, ସିଇଓ କୃଷ୍ଣଚନ୍ଦ୍ର ନାୟକ ପ୍ରମୁଖ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ। ଚଳିତବର୍ଷ ବ୍ଲକରେ ୮୪୨୦ ହେକ୍ଟର ଜମିରେ ଧାନ ଚାଷ ହେବାକୁ ଥିବା ବେଳେ ୧୭୫୫ ହେକ୍ଟର ଜମିରେ ପନିପରିବା, ୪୨୦ ହେକ୍ଟର ଜମିରେ ଆଖୁ, ୧୦ ହେକ୍ଟର ଜମିରେ ଝୋଟ ଓ ୧୭୦ ହେକ୍ଟର ଜମିରେ ଅନ୍ୟାନ୍ୟ ମସଲା ଜାତୀୟ ଚାଷ କରାଯିବ। ସେହି ମୁତାବକ ଧାନ ବିହନ ଓ ସାର ମହଜୁଦ୍ ରଖିବାକୁ ସମସ୍ତ ପାକ୍ସ(ପ୍ରାଥମିକ କୃଷି ସମବାୟ ସମିତି)ଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି। ଏହାଛଡ଼ା ଚଳତିବର୍ଷ ୟୁରିଆ ସାରର କଳାବଜାର ରୋକିବା ଉପରେ ନଜର ରଖାଯାଇଛି। ସେହିପରି ପାକ୍ସଗୁଡିକ ପକ୍ଷରୁ ପ୍ରାଥମିକ ପର୍ଯ୍ୟାୟରେ ସ୍ୱଳ୍ପମିଆଦୀ ଧାନ ବିହନ ଭାବେ ଖଣ୍ଡଗିରି ୩୭ କୁଇଣ୍ଟାଲ, ଉଦୟଗିରି ୮୯ କୁଇଣ୍ଟାଲ, ଦୀର୍ଘମିଆଦୀ ଧାନ ବିହନ ସହଭାଗୀ ୪୨ କୁଇଣ୍ଟାଲ, ସ୍ୱର୍ଣ୍ଣ ଧାନ ବିହନ ୫ କୁଇଣ୍ଟାଲ ବିହନ ମଗାଯାଇଛି। ଆସନ୍ତା ସପ୍ତାହରେ ଧାନ ବିହନ ଆସି ପହଞ୍ଚିବ ବୋଲି ସୂଚନା ମିଳିଛି। ସାର ଓ ବିହନ ପୂରା ଦାମ ଦେଇ ଚାଷୀମାନେ ପାକ୍ସରୁ କ୍ରୟ କରିବେ। ରିହାତି ଟଙ୍କା ସେମାନଙ୍କ ଜମାଖାତାକୁ ଯିବ। ଏହି ହିସାବରେ ବ୍ଲକ ଅଞ୍ଚଳର ପ୍ରାୟତଃ ୨୦ହଜାରରୁ ଊର୍ଦ୍ଧ୍ୱ କୃଷି ପରିବାର ଉପକୃତ ହେବେ। ପରବର୍ତ୍ତୀ ସରକାରୀ ନିର୍ଦ୍ଦେଶନାମା ଅନୁଯାୟୀ ପଦକ୍ଷେପ ନିଆଯିବ ବୋଲି ସମବାୟ ସମ୍ପ୍ରସାରଣ ଅଧିକାରୀ କୃଷ୍ଣଚନ୍ଦ୍ର ନାୟକ କହିଛନ୍ତି। ବୈଠକରେ ୮ଟି ସମବାୟ ସମିତିର ସମ୍ପାଦକ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ।

# ୧୦ ଘଣ୍ଟା ଖୋଲିବ ଦୋକାନବଜାର

**ନୟାଗଡ଼ ଅଫିସ, ୨୬।୫:** ଚତୁର୍ଥ ପର୍ଯ୍ୟାୟ ଲକ୍‌ଡାଉନ ସମୟରେ କଟକଣା କୋହଳ କାରଣରୁ ନୟାଗଡ ଜିଲାରେ ସକାଳ ୭ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ଦୋକାନ ବଜାର ଖୋଲା ରହିବ। ତେବେ ସାମାଜିକ ଦୂରତ୍ୱ, ମାସ୍କ ପିନ୍ଧିବାକୁ ଗୁରୁତ୍ୱ ଦିଆଯାଇଛି। ଜିଲାର ସମସ୍ତ ଔଷଧ ଦୋକାନ ସମେତ ସ୍ୱାସ୍ଥ୍ୟସେବା ଅନୁଷ୍ଠାନ ଓ ସ୍ୱାସ୍ଥ୍ୟଜନିତ ଜରୁରିକାଳୀନ ସେବା ପୂର୍ବଭଳି ୨୪ ଘଣ୍ଟା ଖୋଲା ରହିବ ବୋଲି ଜିଲାପାଳ ପୋମା ଟୁଡୁ ବିଜ୍ଞପ୍ତି ଜାରି କରିଛନ୍ତି। ଅନ୍ୟପକ୍ଷେ ଶପିଂ ମଲ୍, ବଡ ବଡ ମାର୍କେଟ କମ୍ପ୍ଲେକ୍ସ, ସିନେମା ହଲ, ଜିମ୍, ସ୍ପୋର୍ଟ୍ସ କମ୍ପ୍ଲେକ୍ସ, ସୁଇମିଂ ପୁଲ୍, ପାର୍କ, ବାର୍ ବନ୍ଦ ରହିବ। ସାଂସ୍କୃତିକ କାର୍ଯ୍ୟକ୍ରମ, ବିବାହ, ବ୍ରତ, ଖେଳକୁଦ, ମନୋରଞ୍ଜନରେ ପୂର୍ବବତ୍ ରୋକ୍ ଲାଗିଛି। ସ୍କୁଲ, କଲେଜ, ଶିକ୍ଷାନୁଷ୍ଠାନ, କୋଚିଂ ସେଣ୍ଟର ବନ୍ଦ ରହିବ। ତେବେ ଛାତ୍ରୀଛାତ୍ରଙ୍କ ଅନଲାଇନ୍ ପାଠପଢ଼ା ଜାରି ରହିବ। ସ୍ୱାସ୍ଥ୍ୟଗତ ଓ ଜରୁରିକାଳୀନ କ୍ଷେତ୍ରରେ ଅନ୍ୟ ରାଜ୍ୟକୁ ଯିବାକୁ ହେଲେ ଅନୁମତି ନେବାକୁ ପଡିବ। ୬୫ରୁ ଊର୍ଦ୍ଧ୍ୱ ବୟସର ବରିଷ୍ଠ ନାଗରିକ, ଗର୍ଭବତୀ ମହିଳା, ଦଶ ବର୍ଷରୁ କମ୍ ଶିଶୁ ଘର ଭିତରେ ରହିବାକୁ ଜିଲାପାଳ ପରାମର୍ଶ ଦେଇଛନ୍ତି। ତେବେ ସନ୍ଧ୍ୟା ୭ରୁ ସକାଳ ୭ଟା ପର୍ଯ୍ୟନ୍ତ ଯାତାୟାତ ଉପରେ କଟକଣା ବଳବତ୍ତର ରହିଛି। ପ୍ରକାଶଥାଉ କି ଜିଲାରେ ସକାଳ ୭ଟାରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ପୂର୍ବରୁ ଦୋକାନ ଖୋଲୁଥିଲା। ପରିବା ବ୍ୟବସାୟୀ ଅସୁବିଧାର ସମ୍ମୁଖୀନ ହେଉଥିବାରୁ ମଙ୍ଗଳବାର ଜିଲାପାଳଙ୍କୁ ଭେଟି ଦୁଃଖ ଜଣାଇଥିଲେ। ତେବେ ଦୁର୍ଗା ମଣ୍ଡପ, ଅଡିଟୋରିୟମ ପରିସର, ଜେଲ ପଛ ପାଖ ପରି କିଛି ସ୍ଥାନରେ ଅସ୍ଥାୟୀ ଦୋକାନୀଙ୍କୁ ଥଇଥାନ କରାଯିବ ବୋଲି ନୟାଗଡ଼ ପୌର ନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ଜେନା ସୂଚନା ଦେଇଛନ୍ତି।

## ନୟାଗଡ଼ରେ ପାନୀୟଜଳ ସଙ୍କଟ

**ନୟାଗଡ଼ ଅଫିସ, ୨୬।୫**

ନୟାଗଡ ସହରରେ ପାନୀୟ ଜଳ ସଙ୍କଟ ଦେଖାଦେଇଛି। ଗ୍ରୀଷ୍ମର ପ୍ରକୋପ ବଢ଼ି ଚାଲିଥିବାବେଳେ ୩ଦିନ ହେଲା ପାନୀୟ ଜଳ ନ ପାଇ ଲୋକେ ହନ୍ତସନ୍ତ ହେଉଛନ୍ତି। ମହାନଦୀରୁ ନୟାଗଡ ସହରକୁ ପାନୀୟ ଜଳ ଯୋଗାଣ ହେଉଥିଲେ ବି ତାହା ସହରବାସୀଙ୍କ ଆବଶ୍ୟକତା ମେଣ୍ଟାଇ ପାରୁନି। କେବଳ ସକାଳ ବେଳା ପାଣି ଆସୁଥିବାବେଳେ ମଝିରେ ମଝିରେ ଯୋଗାଣ ବନ୍ଦ କରାଯାଉଥିବାରୁ ଲୋକେ ଅସୁବିଧା ଭୋଗୁଛନ୍ତି। ଏ ନେଇ ସହକାରୀ ନିର୍ବାହୀ ଯନ୍ତ୍ରୀ ଦୁର୍ଯ୍ୟୋଧନ ସାହୁ କୁହନ୍ତି, ନୟାଗଡ ସହରକୁ ପାଣି ଯୋଗାଣ କରିବାକୁ ହେଲେ ଖଣ୍ଡପଡା ବ୍ଲକର ବଣବାଣପୁର, କଇଥପଲ୍ଲୀ ଓ ନୟାଗଡର ବଲାଙ୍ଗୀ ବନ୍ଧଠାରେ ବିଦ୍ୟୁତ୍ ରହିବା ଆବଶ୍ୟକ। ତେବେ ଅଧିକାଂଶ ସମୟ ବିଦ୍ୟୁତ୍ ରହୁ ନ ଥିବାରୁ ପାଣି ଯୋଗାଣରେ ସମସ୍ୟା ଦେଖାଦେଉଛି। ଦିନରେ ୨୨ ଘଣ୍ଟା ବିଦ୍ୟୁତ୍ ରହିଲେ ଠିକ୍ ଭାବେ ପାନୀୟ ଜଳ ଯୋଗାଇବା ସମ୍ଭବ ହେବ। ମଝିରେ ୨ଦିନ ଲାଇନ୍ କଟିବା ଓ ଯାନ୍ତ୍ରିକ ସମସ୍ୟା ଯୋଗୁ ପାଣି ଯୋଗାଯାଇ ନ ଥିଲା। ଏବେ ଠିକ୍‌ଠାକ ଚାଲିଛି।

# ଖଣ୍ଡପଡ଼ାରେ ରଥ ନିର୍ମାଣ ଖୁବ୍‌ଶୀଘ୍ର

**ଖଣ୍ଡପଡ଼ା, ୨୬।୫(ସ୍ୱ.ପ୍ର.)**



ଦେବୋତ୍ତର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଦାବିପତ୍ର ଦିଆଯାଉଛି।

ଖଣ୍ଡପଡାର ଶ୍ରୀ ଶ୍ରୀ ମହିମା ମେରୁଙ୍କ ଘୋଷଯାତ୍ରା ରାଜାରାଜୁଡା ଅମଳରୁ ଅନୁଷ୍ଠିତ ହୋଇଆସୁଛି। ଚଳିତବର୍ଷ କରୋନା ଯୋଗୁ ଏହି ପାରମ୍ପରିକ ରଥଯାତ୍ରା ପାଳନରେ ଅନିଶ୍ଚିତତା ଦେଖାଦେଇଛି। ଏହି ପରିପ୍ରେକ୍ଷୀରେ ଘୋଷଯାତ୍ରା ନିମନ୍ତେ ରଥ ନିର୍ମାଣ କାର୍ଯ୍ୟ ଆରମ୍ଭ କରିବାକୁ ଆଇନଜୀବୀ ବିକ୍ରମ କେଶରୀ ଦେଓ, ସଂଗଠକ ଦୀପକ କୁମାର ମିଶ୍ରଙ୍କ ସମେତ ଉତ୍ସାହୀ ଯୁବକମାନେ ଦାବି କରିଛନ୍ତି। ସେମାନେ ଏହି ମର୍ମରେ ମଙ୍ଗଳବାର ଖଣ୍ଡପଡା ତହସିଲଦାର ତଥା ଦେବୋତ୍ତର କାର୍ଯ୍ୟନିର୍ବାହୀ ଅଧିକାରୀ ପାର୍ଥସାରଥି ହାଁସଦାଙ୍କୁ କାର୍ଯ୍ୟାଳୟରେ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ତେବେ ପ୍ରଶାସନ ପକ୍ଷରୁ ରଥ ନିର୍ମାଣରେ କୌଣସି ଅସୁବିଧା ନାହିଁ ବୋଲି ତହସିଲଦାର ହାଁସଦା ସୂଚନା ଦେଇଛନ୍ତି। ତହସିଲଦାରଙ୍କ ସୂଚନା ପରେ ଖୁବ୍‌ଶୀଘ୍ର ଖଣ୍ଡପଡା ସହରର ସାମନ୍ତ ଛକରେ ରଥ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ ବୋଲି ରଥଯାତ୍ରା କମିଟି କର୍ମକର୍ତ୍ତାଙ୍କଠାରୁ ପ୍ରକାଶ।

# ସାର ପରିବହନକୁ ନେଇ ବିବାଦ

**ପାରାଦୀପ, ୨୬।୫(ସ୍ୱ.ପ୍ର.)**

ପାରାଦୀପରେ ଥିବା ଅନ୍ୟତମ ବୃହତ ସାର କାରଖାନା ଇଫ୍‌କୋର ସାର ପରିବହନକୁ ନେଇ ମଙ୍ଗଳବାର ସନ୍ଧ୍ୟାରେ ବିବାଦ ଦେଖାଦେଇଛି। ୫ନଂ(କ) ଜାତୀୟ ରାଜପଥର ଇଫ୍‌କୋ ଛକରେ ସମ୍ଭାବ୍ୟ ବିବାଦକୁ ଏଡାଇବା ପାଇଁ ପାରାଦୀପ ଆଦର୍ଶ ଥାନା ପୋଲିସ ଉପସ୍ଥିତ ରହିଛି। ଏଭଳି ସ୍ଥିତିରେ ୪ଟି ସାର ବୋଝେଇ ହାଇୱା ଦୋଛକି ପର୍ଯ୍ୟନ୍ତ ଯିବାପାଇଁ ଅଟକି ରହିଛି। ଏପରି ବିବାଦ ପଛରେ ପରିବହନ ମୁଖ୍ୟ ପ୍ରସଙ୍ଗ ବୋଲି କୁହାଯାଉଛି।

ଇଫ୍‌କୋ ସାରକୁ ହାଇୱା ଯୋଗେ ପ୍ରାୟ ୬ କିମି ଦୂର ଦୋଛକି ନିକଟରେ ଥିବା ଏକ ୱେୟାର ହାଉସକୁ ପରିବହନ ପାଇଁ ବ୍ୟବସ୍ଥା ହୋଇଛି। ସେଠାରେ ସାରକୁ ବ୍ୟାଗିଂ କରାଯାଇ ବିଭିନ୍ନ ସ୍ଥାନକୁ ସଡ଼କ ପଥରେ ପଠାଯିବ। ଉକ୍ତ ସମସ୍ତ କାର୍ଯ୍ୟର ଦାୟିତ୍ୱ ଇଫ୍‌କୋ କର୍ତ୍ତୃପକ୍ଷ ଏକ ନିର୍ଦ୍ଦିଷ୍ଟ ସଂସ୍ଥାକୁ ଦେଇଛନ୍ତି। ସମ୍ପୃକ୍ତ ସଂସ୍ଥା କାରଖାନାରୁ ଦୋଛକି ପର୍ଯ୍ୟନ୍ତ ସାର ପରିବହନ ପାଇଁ ଅନ୍ୟ ଏକ ଫାର୍ମକୁ ଅଗ୍ରାଧିକାର ଦେଇଛି। ସେହି ପରିବହନକୁ ବିରୋଧ କରିଛି ପାରାଦୀପ ବନ୍ଦର କ୍ଷତିଗ୍ରସ୍ତ ଜମିହରା କୃଷକ ସଂଘ। ସଂଘ ସମ୍ପାଦକ ରତ୍ନାକର ଜେନା ଲିଖିତଭାବେ ଜଣାଇଛନ୍ତି ଯେ, ୧୯୯୯ ମସିହା ସେପ୍ଟେମ୍ବର ୩୧ରୁ ଉକ୍ତ ସଂଘର ସଦସ୍ୟ ନିଜ ଗାଡ଼ି ଲଗାଇ ପରିବହନ କାର୍ଯ୍ୟ କରୁଥିଲେ। ଏବେ କରୋନା ମହାମାରୀ ସମୟରେ ଆମ ପରିବହନ କାମକୁ ଛଡ଼ାଇ ଅନ୍ୟ ସଂସ୍ଥାକୁ ଦେବା କେତେ ଯୁକ୍ତିଯୁକ୍ତ। ଏନେଇ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କଠାରୁ ଆରମ୍ଭ କରି ଜିଲାପାଳ, ଏସ୍‌ପି ଓ ଅନ୍ୟ ଅଧିକାରୀ ଏବଂ ଜନପ୍ରତିନିଧିଙ୍କୁ ଲିଖିତଭାବେ ଜଣାଇଛୁ। ତେଣୁ ଆମର ମୌଳିକ ଦାବି ପାଇଁ ଆମେ ବିରୋଧ କରିବୁ ବୋଲି ଦର୍ଶାଇଛନ୍ତି। ଏ ସମ୍ପର୍କରେ ଇଫ୍‌କୋ କର୍ତ୍ତୃପକ୍ଷ କହିଛନ୍ତି, ଓଡ଼ିଶାରେ ସାର ଆବଶ୍ୟକତା ମେଣ୍ଟାଇବା ପାଇଁ ସରକାର ନିର୍ଦ୍ଦେଶ ଦେବା ପରେ ଆମ୍ଭେ ପରିବହନ ଆରମ୍ଭ କରିଛୁ। ସାର କାରଖାନାରୁ ନେଇ ବ୍ୟାଗିଂ କରି ପଠେଇବା କାମ ଟେଣ୍ଡର ମାଧ୍ୟମରେ କରାଯାଇଛି। ଏଥିରେ କେବଳ ଗୋଟିଏ ସଂସ୍ଥା କାମ ପାଇଛି। ସମ୍ପୃକ୍ତ ସଂସ୍ଥା କିପରି ପରିବହନ କରିବ ସେ କଥା କମ୍ପାନୀ ବୁଝିବ ନାହିଁ। ପାରାଦୀପ ଆଦର୍ଶ ଥାନା ଅଧିକାରୀ ରଜନୀକାନ୍ତ ସାମଲ କହିଛନ୍ତି, ଯିଏ ଟେଣ୍ଡର ପାଇଛନ୍ତି ସେ କାମ କରିବେ। ଯାହା ଅଲଗା ପ୍ରସଙ୍ଗ ରହିଛି ତାହାକୁ ଜିଲାପାଳଙ୍କ ଦ୍ୱାରା ସମାଧାନ କରନ୍ତୁ ବୋଲି ସେ ମତ ରଖିଛନ୍ତି।

# କୁସୁମୀ ସେତୁ ଆପ୍ରୋଚ୍ ରାସ୍ତା ବିପଦସଙ୍କୁଳ

**ଖଣ୍ଡପଡ଼ା, ୨୬।୫(ସ୍ୱ.ପ୍ର.)**



ଆପ୍ରୋଚ୍ ରାସ୍ତାରେ ମାଟି ଅତଡା ଖସୁଥିବାରୁ ବାଉଁଶବାଡ ଦିଆଯାଇଛି।

ଖଣ୍ଡପଡା ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ କୁସୁମୀ ସେତୁର ନିର୍ମାଣ କାର୍ଯ୍ୟ ୨ବର୍ଷ ତଳୁ ଶେଷ ହୋଇଛି। ହେଲେ ଏହାର ଆପ୍ରୋଚ୍ ରାସ୍ତା ନିର୍ମାଣରେ ବିଳମ୍ବକୁ ନେଇ ସାଧାରଣରେ ଅସନ୍ତୋଷ ବୃଦ୍ଧି ପାଇଛି। ଖଣ୍ଡପଡା ବ୍ଲକ ବୋଦସା ଗ୍ରାମରୁ ରାଣୀଛେଲି ପଞ୍ଚାୟତର କଳପଙ୍ଗୀ ଗ୍ରାମକୁ ସଂଯୋଗ କରୁଥିବା ରାସ୍ତାର କୁସୁମୀ ନଦୀ ଉପରେ ବିଜୁ ସେତୁ ଯୋଜନାରେ ପୋଲ ନିର୍ମାଣ ନିମନ୍ତେ ଅନୁଦାନ ଅର୍ଥ ମଞ୍ଜୁର ହୋଇଥିଲା। ମାତ୍ର ସେତୁର ଉଭୟ ପାର୍ଶ୍ୱ ଆପ୍ରୋଚ୍ ରାସ୍ତା ନିର୍ମାଣ କାର୍ଯ୍ୟ ଅଧାପନ୍ତରିଆ ଅବସ୍ଥାରେ ପଡିରହିଛି। ଫଳରେ ସେତୁକୁ ସଂଯୋଗ କରୁଥିବା ରାସ୍ତା ପାର୍ଶ୍ୱରୁ ମାଟି ଅତଡା ଖସିବାରେ ଲାଗିଛି। ଏହି ରାସ୍ତା ଦେଇ ଦୈନିକ ଶହ ଶହ ସଂଖ୍ୟାରେ ଜନସାଧାରଣ ଓ ଯାନବାହନ ଯାତାୟାତ କରୁଥିବାରୁ କୌଣସି ସମୟରେ ଅଘଟଣ ଘଟିବା ଆଶଙ୍କା ରହିଛି। ବାରମ୍ବାର ଦାବି ସତ୍ତ୍ୱେ ବିଭାଗୀୟ କର୍ତ୍ତୃପକ୍ଷ ଦୃଷ୍ଟି ଦେଉ ନ ଥିବାରୁ ସ୍ଥାନୀୟ ଲୋକେ ଅସନ୍ତୋଷ ପ୍ରକାଶ କରିଛନ୍ତି। ସେତୁ ପାର୍ଶ୍ୱରୁ ମାଟି ଅତଡା ଖସୁଥିବାରୁ ଅଞ୍ଚଳବାସୀ ଦୁଇ ପାଖରେ ବାଉଁଶବାଡ ଦେଇ ସୁରକ୍ଷା ବ୍ୟବସ୍ଥା କରିଛନ୍ତି। ବର୍ଷାଋତୁ ପୂର୍ବରୁ ଆପ୍ରୋଚ୍ ରାସ୍ତା ନିର୍ମାଣ କାର୍ଯ୍ୟ ଶେଷ କରିବାକୁ ବୋଦସା, ରାଣୀଛେଲି ପଞ୍ଚାୟତ ସମେତ ଆଖପାଖ ଅଞ୍ଚଳର ଜନସାଧାରଣ ଦାବି କରିଛନ୍ତି। ଖଣ୍ଡପଡା ଗ୍ରାମ୍ୟ ଉନ୍ନୟନ ବିଭାଗ କନିଷ୍ଠଯନ୍ତ୍ରୀ ନାରାୟଣ ସେଠୀଙ୍କୁ ଏ ସମ୍ପର୍କରେ ପଚାରିବାରୁ ସେ ଏଥିପ୍ରତି ଦୃଷ୍ଟି ଦେବେ ବୋଲି କହିଛନ୍ତି।

## ବେପାର ବୁଡ଼ାଇଲା ବେମାର

ବଅଁରପାଳ,୨୬।୫(ଡି.ଏନ.ଏ.)

ଲକ୍‌ଡାଉନ କୋହଳ ହେଲାଣି। ଘରୁ ବାହାରି ଲୋକେ ବଜାର ଧରିଲେଣି। ହେଲେ ମୁହଁରୁ ଖସୁନି ମାସ୍କ କି ସାଥିରୁ ହଟୁନି ସାନିଟାଇଜର। ପୁଣି ସନ୍ଧ୍ୟାରୁ ସକାଳ ଯାଏ ଲାଗିଛି କର୍ଫ୍ୟୁ। କଟକଣା ନ ମାନିଲେ ଦେବାକୁ ପଡୁଛି ଜରିମାନା। ସାମାଜିକ ଦୂରତ୍ୱ ନ ରଖିଲେ ଭୟ ଦେଖାଉଛି କରୋନା। ଏପରି ଅବସ୍ଥାରେ ଗୁପ୍‌ଚୁପ୍ ଖାଇବ କିଏ। ସନ୍ଧ୍ୟାର ଖଟାମିଠା ସ୍ୱାଦ ଖରାବେଳେ ସେମାନଙ୍କୁ ଖୁସି ଦେବ କିପରି। ତେଣୁ ବ୍ୟାପୁଥିବା ଏ ଭାଇରସ୍ ବେମାର ଗୁପ୍‌ଚୁପ୍ ବେପାରକୁ ବୁଡ଼ାଇ ଦେଇଛି। ଶହ ଶହ ବ୍ୟବସାୟୀଙ୍କୁ ଦୁର୍ଦ୍ଦିନ ମଧ୍ୟକୁ ଠେଲି ଦେଇଛି। ଏବେ କେମିତି ପରିବାର ଚଳାଇବୁ ସେହି ଚିନ୍ତାରେ ପଡ଼ିଛୁ ବୋଲି କହିଛନ୍ତି ଅନୁଗୋଳ ଜିଲା ବଅଁରପାଳ ଅଞ୍ଚଳର କେତେଜଣ ଗୁପ୍‌ଚୁପ୍ ବିକାଳି।

ବଅଁରପାଳ ଅଞ୍ଚଳରେ ଶତାଧିକ ଗୁପ୍‌ଚୁପ୍ ବ୍ୟବସାୟୀ ବର୍ଷ ବର୍ଷ ଧରି ବେପାର କରି ଆସୁଛନ୍ତି। ସେମାନେ ମୁଖ୍ୟତଃ ବଅଁରପାଳ ବଜାର, ନାଲ୍‌କୋ ଟାଉନଶିପ୍, ଗିରାଙ୍ଗ, ସିପିପି ରାସ୍ତା, ନାଲ୍‌କୋ କଲୋନୀ ଆଦି ସ୍ଥାନଗୁଡ଼ିକରେ ଗୁପ୍‌ଚୁପ୍ ବିକ୍ରି କରିଥାନ୍ତି। ଦିନବେଳା କାଁ ଭାଁ ବାହାରକୁ ଆସୁଥିବା ଏହି ବ୍ୟବସାୟୀ ସନ୍ଧ୍ୟାରେ ବଜାର, କଲୋନୀ ରାସ୍ତା ପାର୍ଶ୍ୱରେ ଆସ୍ଥାନ ଜମାଇ ଦେଇଥାନ୍ତି। ଦୈନିକ ଜଣେ ବ୍ୟବସାୟୀ ପ୍ରାୟ ୫ ହଜାର ଟଙ୍କା ରୋଜଗାର କରିଥାନ୍ତି। ଖର୍ଚ୍ଚ ଯାଇ ଯାହା କିଛି ଲାଭ ବାହାରେ ସେଥିରେ ସେମାନେ ପରିବାର ଚଳାନ୍ତି। ହେଲେ କରୋନା ଯୋଗୁ ଗୁପ୍‌ଚୁପ୍ ଠେଲା ଆଉ ଗଡୁନି। ୨ ମାସ ହେଲା ଘରେ ବସିଥିବାରୁ ଯାହା କିଛି ସଞ୍ଚିତ ଅର୍ଥ ଥିଲା ତାହା ମଧ୍ୟ ସରିଗଲାଣି। ଏଣିକି ବେପାର ନ କଲେ ପରିବାର ଉପବାସରେ ରହିବା ଏକପ୍ରକାର ନିଶ୍ଚିତ। କିନ୍ତୁ ବଢୁଥିବା ଏ ବେମାର ବେଳାରେ କିଏ ସେମାନଙ୍କୁ ବିଶ୍ୱାସକୁ ନେବ ତାହା ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଗୁପ୍‌ଚୁପ୍ ବ୍ୟବସାୟୀ ଗିରାଙ୍ଗ ଗ୍ରାମର ଟୁନା ସାହୁ ଓ ଶରତ ସାହୁ କହିଛନ୍ତି, ଏହି ବେପାର ହିଁ ଆମମାନଙ୍କ ଏକମାତ୍ର ରୋଜଗାରର ପନ୍ଥା। ବର୍ଷତମାମ ଏଥିରୁ ପରିବାର ଭରଣ ପୋଷଣ କରିବାକୁ ପଡ଼େ। ନାଲ୍‌କୋ ସିପିପି ରାସ୍ତା କଡରେ ଦୈନିକ ସନ୍ଧ୍ୟା ୬ଟାରୁ ରାତି ୯ଟା ପର୍ଯ୍ୟନ୍ତ ଆମ ଠେଲା ନିକଟରେ ଲୋକଙ୍କ ଭିଡ଼ ଜମିଥାଏ। ମାତ୍ର କରୋନା କାରଣରୁ ବେପାର ବନ୍ଦ ହୋଇଯାଇଛି। ଆଗକୁ ପିଲାଛୁଆଙ୍କ ମୁହଁରେ କେମିତି ଦାନା ଦେବୁ ସେ କଥା ସରକାର ବୁଝନ୍ତୁ ବୋଲି କହିଛନ୍ତି ଏହି ଗୁପ୍‌ଚୁପ୍ ବେପାରୀମାନେ।

**ଗଡୁନି ଗୁପ୍‌ଚୁପ୍ ଠେଲା**





ଗୁପ୍‌ଚୁପ୍ ବିକାଳି ଟୁନା ସାହୁ ଓ ଶରତ ସାହୁ।

## ସଙ୍ଗରୋଧ କେନ୍ଦ୍ରରୁ ଚାଲିଚାଲି ଗଲେ ପ୍ରବାସୀ

ଆଠମଲ୍ଲିକ,୨୬।୫(ଡି.ଏନ.ଏ.)

ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ହାଇସ୍କୁଲ ସଙ୍ଗରୋଧ କେନ୍ଦ୍ରରେ ଗତ ୧୪ ତାରିଖରୁ ଥିବା ନଅଗାଁ ପଞ୍ଚାୟତ କମଳପୁର ଗ୍ରାମର ୨୦ ଜଣ ପ୍ରବାସୀ ସୋମବାର ରାତିରେ ଚାଲି ଚାଲି ଘରକୁ ଯାଇଛନ୍ତି। ଆନ୍ଧ୍ରପ୍ରଦେଶରୁ ଆସିଥିବା ଏହି ପ୍ରବାସୀମାନଙ୍କୁ ସରପଞ୍ଚଙ୍କ ଦ୍ୱାରା ପ୍ରଦତ୍ତ ପ୍ରମାଣପତ୍ର ଧରାଇ ପ୍ରଶାସନ ବିନା କିଛି ବ୍ୟବସ୍ଥାରେ ଘରକୁ ପଠାଇଦେବା ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ସୃଷ୍ଟି କରିଛି। ସମ୍ପୃକ୍ତ ଶ୍ରମିକମାନେ ଝରଝରୀ ଘାଟି ଓ ଜଙ୍ଗଲ ରାସ୍ତା ଦେଇ କମଳପୁର ଫେରୁଥିବା ବେଳେ ରାତି ୯ଟାରେ ଆଠମଲ୍ଲିକ ଗାନ୍ଧୀଛକରେ ପହଞ୍ଚିଥିଲେ। ଘଟଣା ସମ୍ପର୍କରେ ଆଠମଲ୍ଲିକ ବିଡିଓ ସଞ୍ଜୟ ଆଚାର୍ଯ୍ୟ ଓ ଉପଜିଲାପାଳ ରଜନୀକାନ୍ତ ବିଶ୍ୱାଳଙ୍କୁ ଯୋଗାଯୋଗ କରାଯାଇଥିଲେ ହେଁ ସେମାନଙ୍କ ଠାରୁ କୌଣସି ଉତ୍ତର ମିଳି ନ ଥିଲା। ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏ କହିଛନ୍ତି, ଏ ନେଇ ସେ ଜିଲାପାଳ ମନୋଜ କୁମାର ମହାନ୍ତିଙ୍କ ସହ ଯୋଗାଯୋଗ କରିଥିଲେ। ଶ୍ରମିକମାନେ କିପରି ଘରେ ପହଞ୍ଚିବେ ସେ ବ୍ୟବସ୍ଥା ବିଡିଓ କରିବା କଥା। କିନ୍ତୁ ଶ୍ରମିକମାନେ ଚାଲି ଚାଲି ଯିବା ନେଇ ତଦନ୍ତ କରାଇବେ ବୋଲି ଜିଲାପାଳ ତାଙ୍କୁ କହିଥିବା ବିଧାୟକ ସାଏ ସୂଚନା ଦେଇଛନ୍ତି।



କ୍ୱାରାଣ୍ଟାଇନ୍ ସେଣ୍ଟରରୁ ଚାଲି ଚାଲି ଗାଁକୁ ଫେରୁଥିବା ପ୍ରବାସୀମାନେ।

## ସଂକ୍ଷେପରେ

### ସ୍ୱାବ୍ ଦେବାକୁ ଅମଙ୍ଗ

**ଅନୁଗୋଳ ଅଫିସ, ୨୬।୫:** ଦୁର୍ଘଟଣାରେ ଗୁରୁତର ହୋଇ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିବା ମହାରାଷ୍ଟ୍ରର ଜଣେ ବସ୍ ଚାଳକ କରୋନା ପଜିଟିଭ୍ ଚିହ୍ନଟ ହେବା ପରେ ତାଙ୍କୁ ଚିକିତ୍ସା କରିଥିବା ଡାକ୍ତର ଓ କରୋନା ୱାର୍ଡରେ କାର୍ଯ୍ୟରତ କର୍ମଚାରୀଙ୍କୁ ମିଶାଇ ମୋଟ୍ ୩୩ ଜଣଙ୍କ ସ୍ୱାବ୍ ପରୀକ୍ଷା ପାଇଁ ସୋମବାର ନିର୍ଦ୍ଦେଶ ଦିଆଯାଇଥିଲା। ଏଥିସହ ଉକ୍ତ ୱାର୍ଡକୁ ବିଶୋଧନ କରାଯାଇଥିଲା। କିନ୍ତୁ ମଙ୍ଗଳବାର ସ୍ୱାବ୍ ସଂଗ୍ରହ ବେଳେ ସମ୍ପୃକ୍ତ ବସ୍ ଚାଳକଙ୍କୁ ଚିକିତ୍ସା କରିଥିବା ଜଣେ ଡାକ୍ତର ସ୍ୱାବ୍ ଦେବାକୁ ରାଜି ହୋଇ ନ ଥିଲେ। ତାଙ୍କୁ ବାରମ୍ବାର ବୁଝାଶୁଝା କରାଯାଇଥିଲେ ମଧ ସେ ଆଦୌ ବୁଝି ନ ଥିଲେ। ଅବୁଝା ହେବାର କାରଣ ମଧ ସେ କହି ନ ଥିଲେ। ଘଟଣା ସମ୍ପର୍କରେ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ପ୍ରତାପ ବେହେରାଙ୍କୁ ବାରମ୍ବାର ଫୋନ୍ କରାଯାଇଥିଲେ ମଧ ତାଙ୍କ ସହ ସମ୍ପର୍କ ହୋଇପାରି ନ ଥିବାରୁ ମତାମତ ମିଳିପାରି ନାହିଁ।

### ପୋଖରୀରେ ବୁଡ଼ି ଜଣେ ମୃତ

**କାମାକ୍ଷାନଗର, ୨୬।୫(ଡି.ଏନ.ଏ.):** ଢେଙ୍କାନାଳ ଜିଲା କାମାକ୍ଷାନଗର ଥାନା ବାଉଁଶପାଳ ପଞ୍ଚାୟତର ବାଙ୍ଗୁରା ଗ୍ରାମ ପୋଖରୀରେ ବୁଡ଼ିଯାଇ ମଙ୍ଗଳବାର ଜଣଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଗଦା ପ୍ରଧାନ (୪୦)। ସେ ମଧ୍ୟାହ୍ନରେ ପୋଖରୀରେ ଗାଧୋଉଥିବାବେଳେ ଅସାବଧାନତାରୁ ବୁଡ଼ିଯାଇଥିଲେ। ସୂଚନା ପାଇ ପରିବାର ଲୋକେ ଗ୍ରାମବାସୀଙ୍କ ସହାୟତାରେ ତାଙ୍କୁ ଉଦ୍ଧାର କରି କାମାକ୍ଷାନଗର ଉପଖଣ୍ଡ ଚିକିତ୍ସାଳୟକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ମୃତଦେହ ଜବତ କରି ତଦନ୍ତ ଆରମ୍ଭ କରିଛି।

### ବୋହିନେଲେ ୧୮ ଲକ୍ଷର ମଦ

**ଢେଙ୍କାନାଳ ଅଫିସ, ୨୬।୫:** ଅନ୍‌ଲାଇନ୍‌ରେ ମଦବିକ୍ରିକୁ ସବୁଜ ସଙ୍କେତ ମିଳିବା ପରେ ଢେଙ୍କାନାଳ ଜିଲାରେ ମଦ କିଣିବାକୁ ପ୍ରତିଯୋଗିତା ଆରମ୍ଭ ହୋଇଛି। ଦୁଇଦିନରେ ମଦବିକ୍ରି ଲାଗି ନିର୍ଦ୍ଧାରିତ ୧୧ ଅଫ୍‌ସପ୍ ଏବଂ ୫ ଅନ୍‌ସପ୍‌ରୁ ୧୮ ଲକ୍ଷ ଟଙ୍କାର ମଦ ବିକ୍ରି ହୋଇଛି। ପ୍ରଥମ ଦିନରେ ୬ ଲକ୍ଷ ଏବଂ ଦ୍ୱିତୀୟ ଦିନରେ ୧୨ ଲକ୍ଷ ୫୪ ହଜାର ଟଙ୍କାର ମଦ ବିକ୍ରି ହୋଇଛି। ସେଥିରୁ ୧,୪୦୭ ଲିଟର ବିଦେଶୀ ମଦ ଏବଂ ୧,୩୬୮ ଲିଟର ବିୟର ବୋଲି ଜଣାପଡ଼ିଛି। ଜିଲାରେ ମୋଟ ୩୯ ଅଫ୍‌ସପ୍ ଏବଂ ୮ ଅନ୍‌ସପ୍ ମଧ୍ୟରୁ ୧୬ଟିକୁ ବ୍ୟବସାୟ କରିବାକୁ ଅନୁମତି ମିଳିଛି। ଏ ନେଇ ଜିଲା ଅବକାରୀ ଅଧୀକ୍ଷକ, ମନୋଜ ସେଠୀ କୁହନ୍ତି, ମଦ ବିକ୍ରି ଆରମ୍ଭ ହେବା ସମୟରେ କେତେକ ଦୋକାନରେ ସାମାନ୍ୟ ସମସ୍ୟା ହୋଇଥିଲା। ପୋଲିସ ଏବଂ ଅବକାରୀ କର୍ମଚାରୀ ଉପସ୍ଥିତ ରହି ପରିସ୍ଥିତି ନିୟନ୍ତ୍ରଣ କରିଥିଲେ।

### ଶ୍ରମିକଙ୍କ ମୃତଦେହ ଉଦ୍ଧାର

**ବଇଣ୍ଡା,୨୬।୫(ଡି.ଏନ.ଏ.):** ଅନୁଗୋଳ ଜିଲା କିଶୋରନଗର ବ୍ଲକ ଉରୁକୁଳା ଗ୍ରାମର ଏକ ବିଲ ମଧ୍ୟରୁ ମଙ୍ଗଳବାର ସକାଳେ ଦିନ ମଜୁରିଆ ବିକ୍ରମ ବେହେରା (୫୦)ଙ୍କ ମୃତଦେହ ହଣ୍ଡପା ପୋଲିସ ଉଦ୍ଧାର କରିଛି। ଏ ସଂକ୍ରାନ୍ତରେ ନଂ. ୯/୨୦ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ହଣ୍ଡପା ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇ ଦେଇଛି। ବିଷାକ୍ତ ମଦ୍ୟପାନ କାରଣରୁ ବିକ୍ରମଙ୍କ ମୃତ୍ୟୁ ହୋଇଥିବା ଜିଲା ପରିଷଦ ସଭ୍ୟ ବଂଶୀଧର ସେଠୀ ଓ ଉରୁକୁଳା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ସୋମବାର ସନ୍ଧ୍ୟାରୁ ବିକ୍ରମ ଘରୁ ବାହାରି ଯାଇଥିଲେ ହେଁ ଫେରି ନ ଥିଲେ। ସକାଳେ ତାଙ୍କ ମୃତଦେହ ବିଲରେ ପଡ଼ିଥିବା ଦେଖି ଲୋକେ ପୋଲିସକୁ ଖବର ଦେଇଥିଲେ। ହଣ୍ଡପା ଥାନା ଆଇଆଇସି ଲବ ବୋଡା କହିଛନ୍ତି, ବିକ୍ରମଙ୍କ ମୃତ୍ୟୁର କାରଣ ସ୍ପଷ୍ଟ ହୋଇନାହିଁ। ଏ ନେଇ ବ୍ୟବଚ୍ଛେଦ ରିପୋର୍ଟକୁ ଅପେକ୍ଷା କରାଯାଇଛି।

### ସୁରଟରୁ ଫେରୁଥିବା ଯୁବକଙ୍କ ମୃତ୍ୟୁ

**ଭଞ୍ଜନଗର,୨୬।୫(ଡି.ଏନ୍.ଏ.):** ବେଲଗୁଣ୍ଠା ବ୍ଲକ ମଙ୍ଗଳପୁରର ଗ୍ରାମର ଜଣେ ବ୍ୟକ୍ତି ସୁରଟରୁ ଟ୍ରେନ ଯୋଗେ ଫେରୁଥିଲେ। ବାଟରେ ମହାରାଷ୍ଟ୍ରର କର୍ଣ୍ଣୋର ଷ୍ଟେଶନ ଠାରେ ସେ ସଂଜ୍ଞାହୀନ ହୋଇ ପଡ଼ିଥିଲେ। ତାଙ୍କୁ ସାଙ୍ଗମାନେ ଉଦ୍ଧାର କରି ସ୍ଥାନୀୟ ମେଡ଼ିକାଲରେ ଭର୍ତ୍ତି କରିଥିଲେ। ବିଳମ୍ବିତ ରାତିରେ ସେଠାରେ ତାଙ୍କର ମୃତ୍ୟୁ ଘଟିଛି। ବୁଧବାର ବ୍ୟବଚ୍ଛେଦ ପରେ ସାଙ୍ଗମାନେ ମୃତଦେହ ଆମ୍ବୁଲାନ୍ସରେ ଧରି ଗ୍ରାମକୁ ଫେରୁଥିବା ଜଣାପଡିଛି। ଗୁରୁବାର ମୃତଦେହ ଗାଁରେ ପହଞ୍ଚିବ।



ଅନୁଗୋଳ ଉଚ୍ଚ ବିଦ୍ୟାଳୟଠାରେ ମାଟ୍ରିକ୍ ପରୀକ୍ଷା ଖାତା ମୂଲ୍ୟାୟନ ଚାଲିଛି।

## ୪ ବିଷୟ ଖାତା ଦେଖିଲେ ୮୦ ଶିକ୍ଷକ

ଅନୁଗୋଳ ଅଫିସ, ୨୬।୫

ମାଟ୍ରିକ ଖାତା ମୂଲ୍ୟାୟନର ପ୍ରଥମ ଦିନରେ ଅନୁଗୋଳରେ ୮୦ ଜଣ ଶିକ୍ଷୟିତ୍ରୀ ଓ ଶିକ୍ଷକ ନିୟୋଜିତ ହୋଇଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ ଏହି ସଂଖ୍ୟାକୁ ବୃଦ୍ଧି କରାଯିବ ବୋଲି ଜିଲା ଶିକ୍ଷା ଅଧିକାରୀ କଳ୍ପନା ବେହେରା ସୂଚନା ଦେଇଛନ୍ତି। ତେବେ ମୂଲ୍ୟାୟନ କେନ୍ଦ୍ରକୁ ପ୍ରବେଶ ପୂର୍ବରୁ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ସାନିଟାଇଜର ଦିଆଯିବା ସହ ଥର୍ମାଲ ସ୍କ୍ରିନିଂ କରାଯାଇଥିଲା। ଜିଲାପାଳ ମନୋଜ କୁମାର ମହାନ୍ତି ମଧ ଖାତା ମୂଲ୍ୟାୟନର ଅନୁଧ୍ୟାନ କରିଥିଲେ।

ଅନୁଗୋଳ ଉଚ୍ଚ ବିଦ୍ୟାଳୟ ଠାରେ ମୂଲ୍ୟାୟନ କେନ୍ଦ୍ର କରାଯାଇଛି। ଏଠାରେ ସାମାଜିକ ଦୂରତା ରକ୍ଷା ସହ କୋଭିଡ୍-୧୯ର ସମସ୍ତ ନିୟମ ଅନୁପାଳନ କରାଯାଇ ମୂଲ୍ୟାୟନ କରାଯାଉଥିବା ଜିଲା ଶିକ୍ଷା ବିଭାଗ ପକ୍ଷରୁ କୁହାଯାଇଛି। ପ୍ରଥମ ଦିନରେ ଗଣିତ, ଇଂଲିଶ, ଇତିହାସ, ଭୂଗୋଳ ପାଠ୍ୟକ୍ରମର ଖାତା ମୂଲ୍ୟାୟନ କରାଯାଇଛି। ଏହି କାର୍ଯ୍ୟ ୨୦ ଦିନ ମଧ୍ୟରେ ଶେଷ କରିବାକୁ ବୋର୍ଡ ପକ୍ଷରୁ ନିର୍ଦ୍ଦେଶ ରହିଛି। ଉକ୍ତ ୪ଟି ବିଷୟ ପରେ ପଦାର୍ଥ ବିଜ୍ଞାନ, ଜୀବ ବିଜ୍ଞାନ, ଓଡ଼ିଆ ଓ ହିନ୍ଦୀ/ସଂସ୍କୃତ ପାଠ୍ୟକ୍ରମର ଖାତା ମୂଲ୍ୟାୟନ କରାଯିବ। ଜିଲା ଶିକ୍ଷା ଅଧିକାରୀ ବେହେରାଙ୍କ ତତ୍ତ୍ୱାବଧାନରେ ସେଣ୍ଟର ସୁପରିଣ୍ଟେଣ୍ଡେଣ୍ଟ ମଧୁସ୍ମିତା ନନ୍ଦ, ଜିଲା ବିଜ୍ଞାନ ପର୍ଯ୍ୟବେକ୍ଷକ କେଦାର ବେହେରା ପ୍ରମୂଖ ଖାତା ମୂଲ୍ୟାୟନର ତଦାରଖ କରିଥିଲେ।

## କନ୍ଧମାଳରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୧୩

ଫୁଲବାଣୀ ଅଫିସ, ୨୬।୫

କନ୍ଧମାଳରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିଚାଲିଛି। ଗୋଟିଏ ଦିନରେ ୭ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏମାନଙ୍କୁ ମିଶାଇ ଜିଲାରେ ଏବେ ଆକ୍ରାନ୍ତଙ୍କ ସଂଖ୍ୟା ୧୩ରେ ପହଞ୍ଚିଛି। ଚିହ୍ନଟ ୭ଜଣଙ୍କ ମଧ୍ୟରୁ ୬ ଜଣ ତାମିଲନାଡୁ ଫେରନ୍ତା। ସେମାନେ ଫିରିଙ୍ଗିଆ ବ୍ଲକ ରତଙ୍ଗସ୍ଥିତ ଅସ୍ଥାୟୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଥିଲେ। ଅନ୍ୟ ଜଣକ ଉକ୍ତ ଅସ୍ଥାୟୀ କେନ୍ଦ୍ରର ସ୍ୱେଚ୍ଛାସେବୀ । ସେ ବାହାରେ ବୁଲାବୁଲି କରିଥିବା ଜଣାପଡ଼ିବା ପରେ ପ୍ରଶାସନର ଚିନ୍ତା ବଢ଼ିଛି। ବିଡିଓଙ୍କ ନେତୃତ୍ୱରେ ମେଡିକାଲ ଟିମ୍ ଗଠନ କରାଯାଇ ଆଖପାଖ ଗ୍ରାମରେ ଲୋକଙ୍କୁ ସେହି ଆକ୍ରାନ୍ତଙ୍କ ଯାତାୟାତ ବିଷୟରେ ପଚରାଉଚରା କରାଯାଉଛି।

ଜିଲା ପ୍ରଶାସନ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ ସଂକ୍ରମିତ ୬ ଜଣ ପୂର୍ବ ସଂକ୍ରମିତ ୨ଜଣଙ୍କ ସଂସ୍ପର୍ଶରେ ଆସିଛନ୍ତି। ସମସ୍ତ ସଂକ୍ରମିତ ପୁରୁଷ। ସେମାନଙ୍କ ମଧ୍ୟରୁ ୨ ଜଣ ୨୬ ବର୍ଷର, ଅନ୍ୟମାନେ ୩୮, ୩୪, ୨୮, ୨୩ ଓ ଜଣେ ୧୬ ବର୍ଷର। ସମସ୍ତଙ୍କୁ ଚିକିତ୍ସା ପାଇଁ ଭୁବନେଶ୍ୱର ପଠାଯାଇଛି । ସମ୍ପୃକ୍ତ ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ସିଲ୍ କରାଯିବା ସହ ତାହାକୁ କଣ୍ଟେନ୍‌ମେଣ୍ଟ ଜୋନ୍ ଘୋଷଣା କରାଯାଇଛି। ସୂଚନାଯୋଗ୍ୟ, ମଙ୍ଗଳବାର ସୁଦ୍ଧା ଦେଶର ୧୭ ରାଜ୍ୟରୁ ମୋଟ ୨୮୭୬ ଜଣ ପ୍ରବାସୀ ଜିଲାକୁ ଫେରିଛନ୍ତି। ସେମାନଙ୍କ ମଧ୍ୟରୁ ୫୨୯ ଜଣଙ୍କ ରିପୋର୍ଟ ନେଗେଟିଭ୍ ଆସିବାରୁ ହୋମ୍ କ୍ୱାରାଣ୍ଟାଇନ୍ ପାଇଁ ଘରକୁ ପଠାଇ ଦିଆଯାଇଛି। ଅନ୍ୟ ୨୩୪୭ ଜଣ ଜିଲାର ୪୮ଟି ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଅଛନ୍ତି। ପରୀକ୍ଷା ପାଇଁ ଅଦ୍ୟାବଧି ପଠାଯାଇଥିବା ୧୪୫୯ ନମୂନା ମଧ୍ୟରୁ ମଙ୍ଗଳବାର ସୁଦ୍ଧା ୧୩୨୯ଟି ନମୁନାର ରିପୋର୍ଟ ଆସିଛି। ସେଥିମଧ୍ୟରୁ ୧୩ଟି ପଜିଟିଭ୍ ଥିବାବେଳେ ୧୩୧୬ ନେଗେଟିଭ୍ ବୋଲି ସ୍ୱାସ୍ଥ୍ୟ ବିଭାଗ ସୂତ୍ରରୁ ସୂଚନା ମିଳିଛି।

**ଦିନକରେ ୭ ଚିହ୍ନଟ, ଜଣଙ୍କୁ ନେଇ ଚିନ୍ତା**

### ଗଞ୍ଜାମରେ ୩୫୮ ଆକ୍ରାନ୍ତ ଚିହ୍ନଟ, ସୁସ୍ଥ ହେଲେଣି ୨୪୮

ବ୍ରହ୍ମପୁର ଅଫିସ,୨୬।୫-କରୋନା ମହାମାରୀକୁ ଆୟତ୍ତ କରିହେଉ ନାହିଁ ଏହିଧାରାରେ ଗଞ୍ଜାମ ଜିଲାକୁ ପ୍ରବାସୀ ଓଡ଼ିଆଙ୍କ ଘରବାହୁଡା ପରେ ସ୍ଥିତି ଦିନକୁ ଦିନ ବିଗିଡିବାରେ ଲାଗିଛି। ପୂର୍ବରୁ କେବଳ ସଙ୍ଗରୋଧ କେନ୍ଦ୍ରରେ ରହୁଥିବା ଅନ୍ତେବାସୀ ପଜିଟିଭ ଚିହ୍ନଟ ହେଉଥିବା ବେଳେ ଏବେ ବାହାରୁ ପଜିଟିଭ ଚିହ୍ନଟ ହେବା ଚିନ୍ତାର ବିଷୟ ପାଲଟିଛି। ବର୍ତ୍ତମାନ ସୁଦ୍ଧା ଜିଲାରେ ୩୫୮ ପଜିଟିଭ ଚିହ୍ନଟ ହୋଇଛନ୍ତି। ଜିଲାରେ ୨୪୮ ଜଣ ସୁସ୍ଥ ହୋଇଥିବା ବେଳେ ୩ ଜଣଙ୍କର ମୃତ୍ୟୁ ଘଟିଛି। ବର୍ତ୍ତମାନ ଜିଲାରେ ୧୦୭ କେସ୍ ସକ୍ରିୟ ଥିବା ଜଣାପଡିଛି। ଅନ୍ୟପଟେ ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଟ୍ୱିଟ କରି ଜଣାଇଛନ୍ତି, ସମସ୍ତ ଲୋକାଲ ପଜିଟିଭ କେସ୍ କୋଭିଡ୍ କେୟାର ସେଣ୍ଟରରେ ରହିଛନ୍ତି। ସେମାନଙ୍କ ସଂସ୍ପର୍ଶରେ ଆସିଥିବା ଲୋକମାନଙ୍କର ନମୁନା ସଂଗ୍ରହ କରି ପରୀକ୍ଷା କରାଯାଇଛି। ସେହି ରିପୋର୍ଟ ନେଗେଟିଭ ଆସିଛି। ତେଣୁ ଭୟଭୀତ ହେବାର କିଛି କାରଣ ନାହିଁ। ଏପରିକି ଗଞ୍ଜାମରେ ଗୋଷ୍ଠୀ ସଂକ୍ରମଣ ହୋଇନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି।

**କରୋନା କାୟାରେ ଜିଲା**

## ପ୍ରତି କେନ୍ଦ୍ରରେ ଖୋଲିଛି ଆଇସୋଲେଶନ ରୁମ୍



ଶିକ୍ଷୟିତ୍ରୀଙ୍କୁ ସ୍କ୍ରିନିଂ କରାଯାଉଛି ।

ବ୍ରହ୍ମପୁର ଅଫିସ,୨୬।୫

ଗଞ୍ଜାମ ଜିଲାରେ ମଙ୍ଗଳବାରରୁ ମାଟ୍ରିକ ପରୀକ୍ଷା ଖାତା ମୂଲ୍ୟାୟନ ଆରମ୍ଭ ହୋଇଛି । ଜିଲାର ଦୁଇ କେନ୍ଦ୍ର ବ୍ରହ୍ମପୁର ଭିଭି ଗିରି ବାଳିକା ଉଚ୍ଚ ବିଦ୍ୟାଳୟ ଓ ଭଞ୍ଜନଗରରେ ୟୁବି ହାଇସ୍କୁଲରେ ମୂଲ୍ୟାୟନ ଆରମ୍ଭ ହୋଇଛି । ପ୍ରତି ସେଣ୍ଟରରେ ୮ ୟୁନିଟ କରାଯାଇଛି । ପ୍ରତି ୟୁନିଟରେ ୨୫ ଜଣ ନିୟୋଜିତ ହୋଇଛନ୍ତି । ସେମାନଙ୍କ ମଧ୍ୟରେ ଜଣେ ଚିଫ୍ ଏକଜାମିନର, ୩ ଜଣ ଡେପୁଟି ଏକ୍ସାମିନର, ଜଣେ ସ୍କୃଟିନାଇଜର, ୨୦ ଜଣ ଏକଜାମିନର ରହିଥିବା ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି । ତେବେ କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ମାଧ୍ୟମିକ ଶିକ୍ଷା ପରିଷଦ ନିର୍ଦ୍ଦେଶକ୍ରମେ ଦୁଇ ପର୍ଯ୍ୟାୟରେ ହେବାକୁ ଥିବା ମୂଲ୍ୟାୟନ ପ୍ରଥମ ପର୍ଯ୍ୟାୟରେ ଗଣିତ, ଇଂଲିଶ, ଇତିହାସ ଓ ଭୂଗୋଳ ଖାତା ଦେଖା ଆରମ୍ଭ ହୋଇଛି। ଦ୍ୱିତୀୟ ପର୍ଯ୍ୟାୟରେ ଭୌତିକ ବିଜ୍ଞାନ, ଜୀବ ବିଜ୍ଞାନ, ଓଡିଆ, ହିନ୍ଦୀ ଓ ସଂସ୍କୃତ ବିଷୟର ଖାତା ଦେଖା ହେବାକୁ ଥିବା ସୂଚନା ମିଳିଛି । ଏହାବ୍ୟତୀତ ପ୍ରତି ସେଣ୍ଟରରେ ଆଇସୋଲେଶନ ରୁମ୍ ଖୋଲାଯାଇଥିବା ବେଳେ ପ୍ରତ୍ୟେକ ଦିନ ମୂଲ୍ୟାୟନ କରିବାକୁ ଆସୁଥିବା ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସ୍କ୍ରିନିଂ ସହ ସାନିଟାଇଜ୍ କରାଯିବାର ବ୍ୟବସ୍ଥା ହୋଇଥିବା ଡିଇଓ ଅମୂଲ୍ୟ କୁମାର ପ୍ରଧାନ ସୂଚାଇଛନ୍ତି। ଆସନ୍ତା ୨୦ ରୁ ୨୫ ଦିନ ଭିତରେ ମୁଲ୍ୟାୟନ ସାରିବାକୁ ଲକ୍ଷ୍ୟ ରଖାଯାଇଛି ଥିବା ସେ କହିଛନ୍ତି ।

**ମାଟ୍ରିକ ଖାତା ମୂଲ୍ୟାୟନ ଆରମ୍ଭ**

## ବ୍ରହ୍ମପୁର ଆଇଟିଆଇର ଫେସ୍ ସିଲ୍ ପ୍ରଶିକ୍ଷଣ

ବ୍ରହ୍ମପୁର ଅଫିସ,୨୬।୫

ବ୍ରହ୍ମପୁର ଆଇଟିଆଇ ପକ୍ଷରୁ ଭାରତର ଅନ୍ୟ ଆଇଟିଆଇକୁ ଅନ୍‌ଲାଇନ୍ ତାଲିମ ପ୍ରଦାନ କାର୍ଯ୍ୟକ୍ରମ ମଙ୍ଗଳବାର ଆରମ୍ଭ ହୋଇଛି । ପ୍ରଥମ ପର୍ଯ୍ୟାୟରେ ଭାରତର ୩୦୦ ଆଇଟିଆଇକୁ ଅନୁଷ୍ଠାନ ପକ୍ଷରୁ ଫେସ୍ ସିଲ୍ ପ୍ରସ୍ତୁତି ନେଇ ତାଲିମ ଦିଆଯାଇଥିଲା । ଆଗାମୀ ଦିନରେ ଆଇଟିଆଇ ପକ୍ଷରୁ ୟୁଭିସି ସାନିଟାଇଜର ନିର୍ମାଣ କୌଶଳ ଉପରେ ତାଲିମ ଦିଆଯିବ ବୋଲି ଆଇଟିଆଇ ପକ୍ଷରୁ ସୂଚନା ଦିଆଯାଇଛି। ସୂଚନାଯୋଗ୍ୟ, ବ୍ରହ୍ମପୁର ଆଇଟିଆଇ ଦ୍ୱାରା ନିର୍ମିତ କୋଭିଡ୍-୧୯ ସୁରକ୍ଷା ଉପକରଣ ସମ୍ପର୍କରେ ଭାରତର ସମସ୍ତ ଆଇଟିଆଇକୁ ତାଲିମ ପ୍ରଦାନ ନେଇ ପୂର୍ବରୁ କେନ୍ଦ୍ର ସରକାରଙ୍କ ଦକ୍ଷତା ବିକାଶ ମନ୍ତ୍ରୀ ମହେନ୍ଦ୍ରନାଥ ପାଣ୍ଡେ ନିର୍ଦ୍ଦେଶ ଦେଇଥିଲେ।

## ଜିଆର୍‌ଏସଙ୍କ ବିରୋଧରେ ସରପଞ୍ଚଙ୍କ ଅଭିଯୋଗ

**ପାତ୍ରପୁର,୨୬।୫(ଡି.ଏନ୍.ଏ.):** ପାତ୍ରପୁର ବ୍ଲକ ସାମନ୍ତରାପୁର ପଞ୍ଚାୟତର ଗ୍ରାମ୍ୟ ରୋଜଗାର ସେବକ (ଜିଆର୍‌ଏସ) ଦୁର୍ନୀତି କରିଥିବା ସରପଞ୍ଚ ଅଭିଯୋଗ କରିଛନ୍ତି। ଏ ନେଇ ସେ ବିଭିନ୍ନ ବିଭାଗକୁ ଚିଠି ମାଧ୍ୟମରେ ଜଣାଇଛନ୍ତି। ସରପଞ୍ଚ ପ୍ରଶନ୍ନ କୁମାର ପ୍ରଧାନ ଅଭିଯୋଗରେ ଦର୍ଶାଇଛନ୍ତି ଯେ,ଏମ୍‌ଜିଏନଆର୍‌ଇଜିଏସରେ ପଞ୍ଚାୟତର ରାଓଗାଁ ପୋଖରୀ କାମ ୧୭ ଶ୍ରମିକ କରିଥିବା ବେଳେ ଜିଆର୍‌ଏସ ୬୦ ଶ୍ରମିକଙ୍କ ହାଜିରା ପକାଇ ୪ଲକ୍ଷ ୮୮ ହଜାର ଟଙ୍କା ହଡ଼ପ କରିଛନ୍ତି। ଏନେଇ ବିଡ଼ିଓ, ତହସିଲଦାର, ଉପଜିଲାପାଳ, ଜିଲାପାଳ, ଏସ୍‌ପି, ଜିଲା ପ୍ରକଳ୍ପ ଅଧିକାରୀ, ଦୁର୍ନୀତି ନିବାରଣ ଅଧିକାରୀ ଓ ୫-ଟି ସଚିବଙ୍କୁ ସରପଞ୍ଚ ଅଭିଯୋଗପତ୍ର ପ୍ରେରଣ କରିଛନ୍ତି।

## କାମାକ୍ଷାନଗରକୁ ମାଡ଼ିଲା କରୋନା

ଢେଙ୍କାନାଳ ଅଫିସ, ୨୬।୫

ଢେଙ୍କାନାଳ ଜିଲାରେ କରୋନା ପଜିଟିଭ୍ ସଂଖ୍ୟା ୭କୁ ବୃଦ୍ଧି ପାଇଛି। ମଙ୍ଗଳବାର କାମାକ୍ଷାନଗର ବ୍ଲକରୁ ୩ଜଣଙ୍କଠାରୁ କୋଭିଡ୍-୧୯ ଚିହ୍ନଟ କରାଯାଇଛି। ଚିହ୍ନଟ ହୋଇଥିବା ସମସ୍ତ ଆକ୍ରାନ୍ତ ପ୍ରବାସୀ ଏବଂ ସେମାନେ କ୍ୱାରାଣ୍ଟାଇନ୍‌ରେ ଥିବା ଜଣାପଡ଼ିଛି। ସମସ୍ତଙ୍କୁ ତାଳଚେରସ୍ଥିତ କୋଭିଡ୍ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। କାମାକ୍ଷାନଗର ଏନ୍‌ଏସି ଅଞ୍ଚଳରୁ ଚିହ୍ନଟ ହୋଇଥିବା ବ୍ୟକ୍ତି ଜଣକ ଗତ ୧୦ ତାରିଖରେ ହାଇଦ୍ରାବାଦରୁ ଆସି କାମାକ୍ଷାନଗର ବିଜ୍ଞାନ ମହାବିଦ୍ୟାଳୟ ସଙ୍ଗରୋଧ କେନ୍ଦ୍ରରେ ରହୁଥିଲେ। ସେହିପରି ଅଁଳାବେରେଣୀ ଅଞ୍ଚଳର ଦୁଇଜଣଙ୍କ ମଧ୍ୟରୁ ଜଣେ ୧୨ ତାରିଖରେ ହାଇଦ୍ରାବାଦରୁ ଏବଂ ଅନ୍ୟଜଣେ ୨୫ ତାରିଖରେ ମହାରାଷ୍ଟ୍ରରୁ ଆସି ବଡସୁଆଁଳସ୍ଥିତ କ୍ୱାରାଣ୍ଟାଇନ୍‌ସେଣ୍ଟରରେ ଥିଲେ। ୨୩ତାରିଖରେ ସମସ୍ତଙ୍କ ସ୍ୱାବ ସଂଗ୍ରହ କରି ପରୀକ୍ଷା ଲାଗି ପଠାଯାଇଥିଲା। ୨୫ ତାରିଖରେ ସମ୍ପୃକ୍ତ ୩ଜଣଙ୍କ ରିପୋର୍ଟ ପଜିଟିଭ୍ ଆସିଥିଲା। ଉକ୍ତ ଦୁଇ ସଙ୍ଗରୋଧ କେନ୍ଦ୍ରକୁ ସାନିଟାଇଜ୍ କରାଯାଇଛି। ୩ଜଣ ପ୍ରବାସୀ ବାହାରୁ ଆସି ସିଧାସଳଖ ସଙ୍ଗରୋଧ କେନ୍ଦ୍ରରେ ରହିଥିବାରୁ ଗୋଷ୍ଠୀ ସଂକ୍ରମଣ ଆଶଙ୍କା ନାହିଁ। ଏଥିରେ ଜିଲାବାସୀ ଆତଙ୍କିତ ନହେବା ପାଇଁ ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା ନିବେଦନ କରିଛନ୍ତି।

**ପଜିଟିଭ୍ ସଂଖ୍ୟା ୭**

## ଜିଲାପାଳଙ୍କ ଅଫିସ ଆଗରେ ଚାଷୀଙ୍କ ଆନ୍ଦୋଳନ

ଛତ୍ରପୁର, ୨୬।୫(ଡିଏନଏ)

ଗଞ୍ଜାମ ଜିଲାର ସମସ୍ତ ପଞ୍ଜୀକୃତ ଚାଷୀଙ୍କଠାରୁ ଧାନ କିଣାଯାଇନି। ୪ ମାସ ହେଲା ଧାନ ରଖି ହତାଶ ହୋଇ ପଡ଼ିଲେଣି। ତୁରନ୍ତ ସେମାନଙ୍କ ଧାନ କିଣିବା ଦାବି ନେଇ ଋଷିକୂଲ୍ୟା ରୟତ ମହାସଭା ନେତୃତ୍ୱରେ ଚାଷୀମାନେ ମଙ୍ଗଳବାର ଜିଲାପାଳଙ୍କ ଅଫିସ ଆଗରେ ଧାନବସ୍ତା ରଖି ଆନ୍ଦୋଳନ କରିଥିଲେ। ପରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି।

ଜିଲାର ୧ଲକ୍ଷ ୩୪ ହଜାର ୪୦୦ ଚାଷୀ ଖରିଫ ଧାନବିକ୍ରି ପାଇଁ ପଞ୍ଜୀକରଣ କରିଥିଲେ। ଏଥିରୁ ୮୦ ହଜାର ୧୭ ଜଣଙ୍କର ଧାନ କିଣାଯାଇଛି। ଆହୁରି ପାଖାପାଖି ୫୪ ହଜାର ଚାଷୀଙ୍କଠାରୁ ଧାନ କିଣାଯାଇନି। ଫଳରେ ଏହି ଚାଷୀମାନେ ହତାଶ ହୋଇ ବସିଛନ୍ତି। କେତେଜଣ ଚାଷୀ ବାଧ ହୋଇ ଆନ୍ଧ୍ର ବେପାରୀଙ୍କୁ ୭୬ କିଗ୍ରା ପ୍ରତି ୧୦୫୦ ଟଙ୍କାରେ ଧାନ ବିକିଥିବା ଅଭିଯୋଗ ହୋଇଛି। ଏ ନେଇ ଜିଲାପାଳଙ୍କ ଠାରୁ ଆରମ୍ଭ କରି ଯୋଗାଣ ବିଭାଗର କମିଶନରଙ୍କୁ ବାରମ୍ବାର ଜଣାଇଥିଲେ ମଧ୍ୟ ବଳକା ଚାଷୀଙ୍କ ଧାନ କିଣିବା ପାଇଁ କୌଣସି ପଦକ୍ଷେପ ନିଆଯାଇନି । ତେଣୁ ବଳକା ଚାଷୀଙ୍କ ଧାନ କିଣିବା ସହ ଚାଷୀଙ୍କଠାରୁ ଋଣ ଆଦାୟ ନ କରିବାକୁ ଦାବି ହୋଇଛି । ଏଥିସହ ରବି ଫସଲ ମୁଗ, ଚିନାବାଦାମ, ଲଙ୍କାମରିଚ କିଣିବା ବ୍ୟବସ୍ଥା କରିବାକୁ ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ କରାଯାଇଛି।



ଆନ୍ଦୋଳନରତ ଚାଷୀ।

**ପଞ୍ଜୀକୃତ ଚାଷୀ ବିକି ପାରିନାହାନ୍ତି ଧାନ**

### 'ଧାନ ନ କିଣିଲେ ଆତ୍ମହତ୍ୟା କରିବି'

ଆନ୍ଦୋଳନରତ ଚାଷୀଙ୍କ ମଧ୍ୟରୁ ଛତ୍ରପୁର ଛତ୍ରପୁର ବ୍ଲକ ବିପୁଳିଙ୍ଗି ଗାଁର ପ୍ରଭାତ କୁମାର ପାଣିଗ୍ରାହୀ ଏକ ଫିନାଇଲ୍ ବୋତଲ ଓ ଏକ ଦାବିପତ୍ର ଧରି ଠିଆ ହୋଇଥିବା ଦେଖାଯାଇଥିଲା। ପ୍ରଶାସନ ଯଦି ତାଙ୍କ ଧାନ ନ କିଣେ ତେବେ ସେ ଫିନାଇଲ୍ ପିଇ ଆତ୍ମହତ୍ୟା କରିବେ ବୋଲି ଗଣମାଧ୍ୟମକୁ କହିଥିଲେ। ସେ କହିଛନ୍ତି, ଧାନ ବିକିବା ପାଇଁ ସେ ପଞ୍ଜୀକରଣ କରିଥିଲେ। ଫେବୃୟାରୀ ଓ ମାର୍ଚ୍ଚ ମାସରେ ଏଥିପାଇଁ ୨ ଥର ଟୋକନ୍ ଆସିଥିଲା। ହେଲେ ବିପୁଳିଙ୍ଗି ସମବାୟ ସମିତି ଧାନ କିଣି ନଥିବା ସେ ଅଭିଯୋଗ କରିଛନ୍ତି। ଗତ ୪ ମାସ ହେଲା ସୋସାଇଟି ସେକ୍ରେଟାରୀଙ୍କ ଠାରୁ ଆରମ୍ଭ କରି ମୁଖ୍ୟମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ଯୋଗାଣ ମନ୍ତ୍ରୀଙ୍କୁ ମଧ ଏନେଇ ଅବଗତ କରିଥିଲେ ମଧ ଧାନ କିଣାଯାଇନି। ୩ ଲକ୍ଷ ଟଙ୍କା ଋଣ ଆଣି ଚାଷ କରିଥିଲି। ଯଦି ଧାନ କିଣା ନ ଯାଏ ତେବେ ଆତ୍ମହତ୍ୟା କରିବି ଏବଂ ଏଥିପାଇଁ ସରକାର ଦାୟୀ ରହିବେ ବୋଲି ପ୍ରଭାତ ଚେତାବନୀ ଦେଇଛନ୍ତି।

ଧରିତ୍ରୀ
DHARITRI
ବୁଧବାର, ୨୭ ମେ, ୨୦୨୦



## ସଂକ୍ଷେପରେ



### କଫ୍ ସିରଫ ଚାଲାଣ, ୨ ଅଭିଯୁକ୍ତଙ୍କୁ ଗିରଫ

ବରଗଡ଼ ଅଫିସ୍,୨୬।୫: କଫ୍ ସିରଫ ଚାଲାଣ କରୁଥିବାବେଳେ ବରଗଡ଼ ସଦର ଥାନା ପୋଲିସ ୨ ଅଭିଯୁକ୍ତଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ ବରଗଡ଼ ଘରୋଇ ବସ୍‌ଷ୍ଟାଣ୍ଡ ପାଖ ନୂଆପଡ଼ାର ସୋନୁ ସିଂ ଏବଂ ଚୈତନ୍ୟ ବରିହା । ସେମାନଙ୍କୁ ମଙ୍ଗଳବାର ସନ୍ଧ୍ୟାରେ କୋର୍ଟଚାଲାଣ କରାଯାଇଛି । ସେମାନଙ୍କ ପାଖରୁ ୨ଟି କାର୍ ସମେତ ସେଥିରେ ବୋଝେଇ ହୋଇଥିବା ୫୦୦ ବୋତଲ କଫ୍ ସିରଫକୁ ପୋଲିସ ଜବତ କରିଛି । ଏ ନେଇ ଅଭିଯୁକ୍ତଙ୍କ ବିରୋଧରେ ଏକ ମାମଲା (ନଂ.୧୫୧/୨୦) ରୁଜୁ କରି ସଦର ଥାନା ଅଧିକାରୀ ଦିଲୀପ ବେହେରା ଅଧିକ ତଦନ୍ତ ଚଳାଇଛନ୍ତି । ଅଭିଯୁକ୍ତମାନେ ଛତିଶଗଡ଼ରୁ ଏହି କଫ୍ ସିରଫ ଆଣିଥିବା ଅନୁମାନ କରାଯାଉଛି ବୋଲି ଥାନାଧିକାରୀ ବେହେରା କହିଛନ୍ତି ।

# ଅନ୍ ଲାଇନ ବଦଳରେ ଅଫ୍ ଲାଇନ୍ ବିକ୍ରି

**ରହୁନି ସାମାଜିକ ଦୂରତା, ମଦ ବ୍ୟବସାୟୀଙ୍କୁ ମାଫ୍**

ବରଗଡ଼ ଅଫିସ୍,୨୬।୫

ଘାତକ କରୋନା (କୋଭିଡ୍-୧୯) ଭୂତାଣୁ ସଂକ୍ରମଣକୁ ପ୍ରତିହତ କରିବା ପାଇଁ ଦୁଇମାସରୁ ଅଧିକ ସମୟ ହେଲା ଦେଶବ୍ୟାପୀ ଲକ୍ ଡାଉନ୍ କଟକଣା ଲାଗୁ ହୋଇଛି । ଏହି ସଂକ୍ରମଣକୁ ରୋକିବା ପାଇଁ ସତର୍କତା, ସଚେତନତା ସାଙ୍ଗକୁ ପରସ୍ପର ମଧ୍ୟରେ ସାମାଜିକ ଦୂରତ୍ୱ ବଜାୟ ରଖିବାକୁ ଗୁରୁତ୍ୱ ଦିଆଯାଉଛି। ଯେଉଁଠାରେ ସାମାଜିକ ଦୂରତ୍ୱକୁ ଉଲ୍ଲଂଘନ କରାଯାଉଛି, ସେଠାରେ ସମ୍ପୃକ୍ତ ଦୋକାନୀଙ୍କଠାରୁ ଜରିମାନା ଅସୁଲି ସହିତ ଦୋକାନକୁ ସିଲ୍ କରି ଦିଆଯାଉଛି। ମାତ୍ର ବରଗଡ଼ ଜିଲାରେ ମଦ ଦୋକାନୀଙ୍କ ଉପରେ ସେଭଳି କାର୍ଯ୍ୟାନୁଷ୍ଠାନ ନିଆ ନ ଯିବା ଘଟଣା ଏଠାରେ ଚର୍ଚ୍ଚାର ବିଷୟ ହୋଇଛି ।




ବରଗଡ଼ର ଏକ ମଦ ଦୋକାନ ଆଗରେ ଗ୍ରାହକଙ୍କ ଭିଡ଼ ।

ତୃତୀୟ ପର୍ଯ୍ୟାୟ ଲକ୍ ଡାଉନ୍ ପର୍ଯ୍ୟନ୍ତ ମଦ ଦୋକାନ ଗୁଡ଼ିକୁ ବନ୍ଦ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ବର୍ତ୍ତମାନ ଚତୁର୍ଥ ପର୍ଯ୍ୟାୟ ଲକ୍ ଡାଉନ୍ ଚାଲିଥିବାବେଳେ ମଦ ଦୋକାନ ପାଇଁ କଟକଣାକୁ କୋହଳ କରାଯାଇଛି । ଅଫ୍ ଲାଇନ୍ ବଦଳରେ ଅନ୍‌ଲାଇନରେ ମଦ ବିକ୍ରି ପାଇଁ ସରକାର ନିର୍ଦ୍ଦେଶ ଦେଇଛନ୍ତି । ଅର୍ଥାତ୍ ଅନ୍‌ଲାଇନ ଯୋଗେ ଗ୍ରାହକମାନେ ମଦ କିଣିବାକୁ ଚାହିଁଲେ ନିର୍ଦ୍ଧାରିତ ଦେୟ ରଖିବା ସହିତ ହୋମ ଡେଲିଭରି ମାଧ୍ୟମରେ ତାହା ଯୋଗାଇ ଦିଆଯିବ। ମାତ୍ର ମଙ୍ଗଳବାର ଜିଲାର ଅନେକ ମଦ ଦୋକାନରେ ସରକାରଙ୍କ ସେହି ନିର୍ଦ୍ଦେଶକୁ ବେଖାତିର୍ କରାଯାଇଥିବା ଦେଖିବାକୁ ମିଳିଥିଲା। ଏପରିକି ଜିଲା ସଦର ମହକୁମା ବରଗଡ଼ ସହର ମଧ୍ୟ ସେଥିରୁ ବାଦ୍ ପଡ଼ି ନ ଥିଲା। କେତେକ ମଦ ଦୋକାନ ସମ୍ମୁଖରେ ଗ୍ରାହକଙ୍କ ଭିଡ଼ ଜମିଥିଲା ।

ସେଠାରେ ସାମାଜିକ ଦୂରତାକୁ ଖୋଲାଖୋଲି ଉଲ୍ଲଂଘନ କରାଯାଇ ଥିବାବେଳେ ଟଙ୍କା ରଖି କେତେକ ଦୋକାନୀ ଗ୍ରାହକଙ୍କୁ ମଦ ଯୋଗାଇ ଦେଉଥିବା ଦେଖିବାକୁ ମିଳିଥିଲା । ଏପରିକି କିଛି ଦୋକାନରେ କବାଟକୁ ଅଧାକାଢ଼ି ବହୁ ପରିମାଣର ମଦ ଗ୍ରାହକଙ୍କୁ ଦିଆଯାଉଥିଲା । ଅନ୍ୟପଟେ ଅଫ୍ ଲାଇନ୍‌ରେ ବିକ୍ରି ହୋଇଥିବା ମଦକୁ ଅନ୍‌ଲାଇନରେ ଦେଖାଇବାକୁ କେତେକ ଦୋକାନୀ ମସୁଧା କରୁଥିବା ମଧ୍ୟ ଚର୍ଚ୍ଚା ଚାଲିଛି । ତେବେ ଜିଲା ସଦର ମହକୁମାରେ ଲକ୍ ଡାଉନ୍ କଟକଣାକୁ ଏଭଳି ଖୋଲାଖୋଲି ଉଲ୍ଲଂଘନ କରାଯାଉ ଥିବାବେଳେ ସେଥିପ୍ରତି ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ନ ପଡ଼ିବା ଘଟଣା ସାଧାରଣରେ ଆଲୋଚନାର ବିଷୟ ହୋଇଛି । ଏ ନେଇ ଅବକାରୀ ଅଧୀକ୍ଷକ ମକରଧ୍ୱଜ ବର୍ଗେଙ୍କୁ ପଚାରିବାରୁ ସେ କହିଥିଲେ, ଅନ୍ ଲାଇନରେ ମଦ ବିକ୍ରି ପାଇଁ ନିର୍ଦ୍ଦେଶ ରହିଛି। ତେବେ ଅନ୍‌ଲାଇନରେ ମଦ ବୁକିଂ କରିଥିବା ଲୋକଙ୍କ ପାଇଁ ଦୋକାନ ଖୋଲି ମଦ ବାହାର କରାଯିବା ବେଳେ ସେହି ସମୟରେ ଲୋକେ ସେଠାକୁ ଚାଲି ଆସୁଥିବେ। ସେଭଳି କୌଣସି ଦୋକାନରେ ସାମାଜିକ ଦୂରତ୍ୱକୁ ଉଲ୍ଲଂଘନ କରାଗଲେ ସମ୍ପୃକ୍ତ ଦୋକାନକୁ ବନ୍ଦ କରି ଦିଆଯିବ ବୋଲି ସେ କହିଥିଲେ।

# ଜିଲାପାଳ, ଏସ୍‌ପିଙ୍କ ନାମରେ ଜାଲ୍ ଫେସ୍‌ବୁକ୍ ଆକାଉଣ୍ଟ

ବରଗଡ଼ ଅଫିସ୍,୨୬।୫

ବରଗଡ଼ ଜିଲାରେ ସାଇବର କ୍ରାଇମ ଏବେ ଚିନ୍ତାର ବିଷୟ ହୋଇଛି। ଅପରାଧୀମାନେ ବରଗଡ଼ ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନ ଏବଂ ଏସ୍‌ପି ପଦ୍ମିନୀ ସାହୁଙ୍କ ନାମରେ ଜାଲ୍ ଫେସ୍‌ବୁକ୍ ଆକାଉଣ୍ଟ ଖୋଲିବା ଏବେ ପୋଲିସ ପ୍ରଶାସନ ପାଇଁ ଚ୍ୟାଲେଞ୍ଜ ହୋଇ ପଡ଼ିଛି। ଏ ନେଇ ବରଗଡ଼ ଟାଉନ ଥାନା ପୋଲିସ ଏକ ମାମଲା (ନଂ.୧୮୭/୨୦) ରୁଜୁ କରି ତନାଘନା ଚଳାଇଛି। ମାତ୍ର ଏଯାଏ ସମ୍ପୃକ୍ତ ଅପରାଧୀମାନେ ପଡ଼ି ପାରିନାହାନ୍ତି।

ସୂଚନା ଅନୁଯାୟୀ, ଗତ ଦୁଇ ତିନି ଦିନ ମଧ୍ୟରେ ଫେସବୁକ୍‌ରେ ଜିଲାପାଳ ପ୍ରଧାନ ଏବଂ ଏସ୍‌ପି ସାହୁଙ୍କ ନାମରେ ଖୋଲାଯାଇଥିବା ଜାଲ୍ ଆକାଉଣ୍ଟ ଘୂରି ବୁଲିଥିଲା। ଏପରିକି ସେହି ଜାଲ୍ ଆକାଉଣ୍ଟରୁ ବହୁଲୋକଙ୍କ ପାଖକୁ ଫ୍ରେଣ୍ଡସ ରିକ୍ୟୁଏଷ୍ଟ ମଧ୍ୟ ଆସିଥିଲା। ସେହି ଫେସବୁକ୍ ଆକାଉଣ୍ଟ ଦୁଇଟିରେ ପୃଥକ ଭାବେ ଜିଲାପାଳ ଏବଂ ଏସ୍‌ପିଙ୍କ ଫଟୋ ରହିଥିଲା। ଜିଲାପାଳଙ୍କ ନାମରେ ଖୋଲାଯାଇଥିବା ଜାଲ୍ ଆକାଉଣ୍ଟରେ ଜିଲାପାଳ ଅଫିସ୍ ପରିସର ଏବଂ ଏସ୍‌ପିଙ୍କ ନାମରେ ଖୋଲାଯାଇଥିବା ଆକାଉଣ୍ଟରେ ଏସ୍‌ପି ଅଫିସ ପରିସରର ଏକ ମ୍ୟାପ୍ ମଧ୍ୟ ରହିଥିଲା। ଫଳରେ କିଛି ଲୋକ ସେହି ଆକାଉଣ୍ଟରୁ ଆସିଥିବା ଫ୍ରେଣ୍ଡସ ରିକ୍ୟୁଏଷ୍ଟକୁ ଗ୍ରହଣ ମଧ୍ୟ କରିଥିଲେ ।

ମାତ୍ର ସେହି ଫେସବୁକ୍ ଆକାଉଣ୍ଟ ଦୁଇଟି ଜାଲ୍ ବୋଲି ଜଣାପଡ଼ିବା ପରେ ଜଣେ ପରେ ଜଣେ ସମ୍ପୃକ୍ତ ଆକାଉଣ୍ଟରୁ ଅନଫ୍ରେଣ୍ଡ୍ ହୋଇ ବ୍ଲକ କରିବାରେ ଲାଗି ପଡ଼ିଥିଲେ। ତେବେ ଜିଲାର ଜିଲାପାଳ ଏବଂ ଏସ୍‌ପିଙ୍କ ନାମରେ ଜାଲ୍ ଫେସବୁକ୍ ଆକାଉଣ୍ଟ ଖୋଲିବା ପାଇଁ କିଏ ସାହାସ କଲେ ଏବଂ ସେହି ଆକାଉଣ୍ଟ ଖୋଲିବାର ଉଦ୍ଦେଶ୍ୟ କଣ ତାହା ଏପର୍ଯ୍ୟନ୍ତ ଜଣାପଡ଼ିନାହିଁ। ଏ ନେଇ ବରଗଡ଼ ଟାଉନ ଥାନା ଆଇଆଇସି ସଦାନନ୍ଦ ପୂଜାହାରୀଙ୍କୁ ପଚାରିବାରୁ ଅଭିଯୁକ୍ତଙ୍କୁ ଧରିବାକୁ ଉଦ୍ୟମ ଚାଲିଥିବା କହିଥିଲେ। ସୂଚନାଯୋଗ୍ୟ, ପୂର୍ବରୁ ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସଙ୍କ ନାମରେ ଏଭଳି ଜାଲ୍ ଫେସବୁକ୍ ଆକାଉଣ୍ଟ ଖୋଲାଯାଇଥିବା ନଜରକୁ ଆସିଥିଲା ଏବଂ ଅଭିଯୁକ୍ତମାନେ ଧରାପଡ଼ିଥିଲେ।

# ଦେବଗଡ଼ର ୩ ଅଞ୍ଚଳକୁ କଣ୍ଟେନ୍‌ମେଣ୍ଟ ଜୋନ୍ ଘୋଷଣା

ଦେବଗଡ଼,୨୬।୫(ଡି.ଏନ.ଏ.)

ଦେବଗଡ଼ର ୩ ଅଞ୍ଚଳକୁ ଜିଲା ପ୍ରଶାସନ କଣ୍ଟେନମେଣ୍ଟ ଜୋନ୍ ଘୋଷଣା କରିଛି। ଉପରୋକ୍ତ ଅଞ୍ଚଳ ହେଲା ସଡୋ ପଞ୍ଚାୟତ ଅଧୀନ ସଡୋ ଗ୍ରାମ, ଡଙ୍ଗାପଥର ଗ୍ରାମର ପଟେଲପଡା ଏବଂ କଂସର ପଞ୍ଚାୟତ ଅଧୀନ କଂସର ମହାବିଦ୍ୟାଳୟ ଅଞ୍ଚଳ। ସୋମବାର ଚିହ୍ନଟ ହୋଇଥିବା ରୋଗୀଙ୍କ ସମ୍ପର୍କ ଉପରୋକ୍ତ ଅଞ୍ଚଳରେ ଥିବାରୁ ପ୍ରଶାସନ ପକ୍ଷରୁ ଏପରି ପଦକ୍ଷେପ ଗ୍ରହଣ କରାଯାଇଛି। ବିଶେଷ କରି ସଂକ୍ରମଣ ରୋକିବା, ସାମାଜିକ ଦୂରତା ବଜାୟ ରଖିବା ପାଇଁ ସରକାରଙ୍କ କରୋନା ଗାଇଡଲାଇନ ଅନୁସାରେ ଏପରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଏହି ଆଦେଶନାମା ମେ' ୨୫ ରୁ ଅନ୍ୟାଦେଶ ପର୍ଯ୍ୟନ୍ତ ବଳବତ୍ତର ରହିବ । କଣ୍ଟେନମେଣ୍ଟ ଅଞ୍ଚଳକୁ ଏହି ସମୟରେ ଲୋକଙ୍କ ପ୍ରବେଶ ଓ ପ୍ରସ୍ଥାନ ଉପରେ କଟକଣା ଜାରି କରାଯାଇଛି । ଉପରୋକ୍ତ ଅଞ୍ଚଳର ସମସ୍ତ ଜନସାଧାରଣଙ୍କୁ ଘରେ ରହିବା ପାଇଁ ଡାକବାଜିଯନ୍ତ୍ର ଦ୍ୱାରା ସତର୍କ କରାଯାଇଛି । ଅଞ୍ଚଳର ଥିବା ସମସ୍ତ ଦୋକାନ ବଜାର ସହିତ ସରକାରୀ ଓ ବେସରକାରୀ ଅନୁଷ୍ଠାନଗୁଡିକୁ ବନ୍ଦ ରଖିବାପାଇଁ ନିର୍ଦ୍ଦେଶ ଦିଆଯାଇଛି । ଉପରୋକ୍ତ ଅଞ୍ଚଳର ଲୋକମାନଙ୍କୁ ଅତ୍ୟାବଶ୍ୟକୀୟ ସାମଗ୍ରୀ ଯୋଗାଇଦେବା ଏବଂ ସାନିଟାଇଜେସନ ନିମନ୍ତେ ତିଲେଇବଣି ବିଡିଓ କୃଷ୍ଣଚନ୍ଦ୍ର ଦଳପତିଙ୍କୁ ନୋଡାଲ ଅଧିକାରୀ ଭାବେ ଦାୟିତ୍ୱ ଦିଆଯାଇଛି। ସ୍ୱାସ୍ଥ୍ୟସେବା ଯୋଗାଇଦେବାପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟର ଡ. ପ୍ରଭାତ କୁମାର ଓଝା ଏବଂ ଆଇନ ଶୃଙ୍ଖଳା ପରିସ୍ଥିତି ନିମନ୍ତେ ଦେବଗଡ଼ ତହସିଲଦାର ପଲ୍ଲବୀ ନାୟକଙ୍କୁ ନୋଡାଲ ଅଧିକାରୀ ଭାବେ ଦାୟିତ୍ୱ ଦିଆଯାଇଛି।

# ବୌଦ୍ଧରେ ସକାଳ ୭ରୁ ସନ୍ଧ୍ୟା ୭ଟା ଯାଏ ଖୋଲିବ ଦୋକାନ

**-ଚା, ପାନ ଓ କଫି ଦୋକାନକୁ ମିଳିଲା ଅନୁମତି**
**-ଜିଲାରେ ଅନ୍ ଲାଇନରେ ହେବ ମଦ ବିକ୍ରି**

ବୌଦ୍ଧ,୨୬।୫(ସ୍ୱ.ପ୍ର)

କରୋନା ଭୂତାଣୁ ଦିନକୁ ଦିନ ତା'ର କାୟା ବିସ୍ତାର କରୁଥିବା ବେଳେ ମାସ ମାସ ଧରି ଲୋକମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରାଜ୍ୟ ସରକାର ରାଜ୍ୟରେ ବସ୍ ସହ ସମସ୍ତ ଯାନବାହନ ଚଳାଚଳ କରିବା ପାଇଁ କିଛି ନିୟମ କରିଛନ୍ତି । ବୌଦ୍ଧ ଜିଲାରେ ତୃତୀୟ ପର୍ଯ୍ୟାୟ ଲକ୍‌ଡାଉନ ପରେ ଦୋକାନ ବଜାର ଖୋଲିବା ନେଇ କଟକଣା କୋହଳ କରାଯାଇଥିଲା। ବର୍ତ୍ତମାନ ଦେଶରେ ଚତୁର୍ଥ ପର୍ଯ୍ୟାୟ ଲକ୍‌ଡାଉନ ଚାଲିଥିବା ବେଳେ ମଙ୍ଗଳବାର ଜିଲାପାଳ ଲଲାଟେନ୍ଦୁ ମିଶ୍ର ଏକ ନିର୍ଦ୍ଦେଶ ଜାରି କରିଛନ୍ତି। ଜିଲାରେ ସମସ୍ତ ଦୋକାନ ସକାଳ ୭ରୁ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ଖୋଲା ରହିବାକୁ ନିର୍ଦ୍ଦେଶ ରହିଛି। ଏହାସହ ଚା, ପାନ ଓ କଫି ଦୋକାନକୁ ମଧ୍ୟ ଖୋଲିବାକୁ ନିର୍ଦ୍ଦେଶ ଦିଆଯାଇଛି । ଜିଲାରେ ମଦ ଦୋକାନଗୁଡିକ କେବଳ ଅନ୍‌ଲାଇନରେ ବିକ୍ରି କରିବାକୁ ନିର୍ଦ୍ଦେଶ ଜାରି କରାଯାଇଛି। ହୋଟେଲ, ରେଷ୍ଟୁରାଣ୍ଟଗୁଡିକ କେବଳ ଖାଦ୍ୟ ପାର୍ସଲ କରିପାରିବେ । ମୋଟରସାଇକେଲରେ ଜଣେ ଯିବାକୁ ଅନୁମତି ଥିବା ବେଳେ କାର୍ ଓ ଅଟୋରେ ଚାଳକ ସହ ଦୁଇଜଣ ବସିଯିବାର ଅନୁମତି ଦିଆଯାଇଛି । ଏହା ସହ ସମସ୍ତେ ମାସ୍କ ପିନ୍ଧିବାକୁ ବାଧ୍ୟତାମୂଳକ କରାଯାଇଛି । ସମସ୍ତ ଦୋକାନୀ ସାମାଜିକ ଦୂରତ୍ୱ ମାନିବା ସହ, ହ୍ୟାଣ୍ଡ ସାନିଟାଇଜରକୁ ଦୋକାନରେ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି । ସର୍ବସାଧାରଣ ସ୍ଥାନରେ ଛେପ ପକାଇବାକୁ ସମ୍ପୂର୍ଣ୍ଣ ବନ୍ଦ କରାଯିବା ସହ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଚେତାବନୀ ଦିଆଯାଇଛି । ଜିଲାରେ ସନ୍ଧ୍ୟା ୭ଟାରୁ ସକାଳ ୭ଟା ପର୍ଯ୍ୟନ୍ତ ଶଟ୍‌ଡାଉନ ଘୋଷଣା କରାଯାଇଛି। ଏସବୁ ନିର୍ଦ୍ଦେଶକୁ ଅବମାନନା କରୁଥିବା ଲୋକମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ନିର୍ଦ୍ଦେଶ ଦିଆଯାଇଛି । ବରିଷ୍ଠ ନାଗରିକ ଓ ଶିଶୁମାନଙ୍କୁ ଜରୁରୀ କାର୍ଯ୍ୟ ନ ଥିଲେ ବାହାରକୁ ନ ବାହାରିବାକୁ ପ୍ରଶାସନ ପକ୍ଷରୁ କୁହାଯାଇଛି ।

# ଜେଲ ଗଲେ ଅଭିଯୁକ୍ତ ସ୍ୱାମୀ, ଶ୍ୱଶୁର

ଦେବଗଡ଼,୨୬।୫(ଡି.ଏନ.ଏ.)



ଗିରଫ ଅଭିଯୁକ୍ତ ସ୍ୱାମୀ ଓ ଶଶୁର ।

ବାରକୋଟ ଥାନା ଅନ୍ତର୍ଗତ ପଡିଆନାଳି ଗ୍ରାମରେ ଗତ ୨୪ ତାରିଖ ରାତିରେ ଯୌତୁକ ପାଇଁ ଅଶ୍ୱିନୀ ସାହୁ(୩୦) ନାମ୍ନୀ ଜଣେ ମହିଳାଙ୍କୁ କିରୋସିନ ଢାଳି ନିଆଁ ଲଗାଇ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଥିଲା। ଏହି ଘଟଣାରେ ମୃତ ଅଶ୍ୱିନୀଙ୍କ ସ୍ୱାମୀ ନେତ୍ରାନନ୍ଦ ସାହୁ ଓ ଶ୍ୱଶୁର ରବି ସାହୁଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ସେମାନଙ୍କ ଜାମିନ ନାମଞ୍ଜୁର ହେବାରୁ ଉଭୟଙ୍କୁ ଜେଲ୍ ହାଜତକୁ ପଠାଇ ଦିଆଯାଇଛି । ୮ ବର୍ଷ ତଳେ ନେତ୍ରାନନ୍ଦ ସୁନ୍ଦରଗଡ ଜିଲା ମହୁଲଡିହା ଥାନା ଅଞ୍ଚଳର ଅଶ୍ୱିନୀଙ୍କୁ ବୈଦିକ ରୀତିରେ ବିବାହ କରିଥିଲେ । ଏବେ ତାଙ୍କର ଏକ ୬ ବର୍ଷର ପୁଅ ଅଛି । ଯୌତୁକ ପାଇଁ ତାଙ୍କ ଭଉଣୀଙ୍କୁ ହତ୍ୟା କରାଯାଇଥିବା ଅଶ୍ୱିନୀଙ୍କ ଭାଇ ଥାନାରେ ଅଭିଯୋଗ କରିଥିଲେ ।

# ଟ୍ରକ୍ ଧକ୍କାରେ ବାଇକ୍ ଆରୋହୀଙ୍କ ଜୀବନ ଗଲା

ଲାଞ୍ଜିଗଡ,୨୬।୫(ଡି.ଏନ୍.ଏ)

କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ୍ ଗୋବର୍ଦ୍ଧନପୁର ପଞ୍ଚାୟତ ଗୋପାଳପୁର ଗାଁର ପୁରୁଷୋତ୍ତମ ବାଗ(୪୮) ନାମକ ଜଣେ ବ୍ୟକ୍ତିଙ୍କ ମଙ୍ଗଳବାର ସକାଳ ସାଢେ ୭ଟାରେ ଦୁର୍ଘଟଣା ଯୋଗୁ ମୃତ୍ୟୁ ଘଟିଛି। ସେ ନିଜ ବାଇକ୍‌ରେ ଭବାନୀପାଟଣା ଯାଉଥିଲେ। ହେଲେ ୬ନମ୍ବର ରାଜ୍ୟ ରାଜପଥର ବଡ ଛତିକୁଡା ନିକଟରେ ଭବାନୀପାଟଣା ପଟୁ ଦ୍ରୁତଗତିରେ ଆସୁଥିବା ଏକ ଟ୍ରକ୍ (ସିଜି-୧୨ଏସ୍-୯୨୨୨)ତାଙ୍କୁ ଧକ୍କା ଦେଇଥିଲା। ଟ୍ରକ୍‌ଟି ବାଇକ୍ ସହ ତାଙ୍କୁ କିଛି ଦୂର ଘୋଷାଡି ନେଇଥିଲା। ଘଟଣା ସ୍ଥଳରେ ସେ ଗୁରୁତର ହୋଇ ପଡିଥିଲେ। ସଦର ଥାନା ପୋଲିସ ପୁରୁଷୋତ୍ତମଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିବା ବେଳେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ପୋଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ଲାଗି ପଠାଇଥିଲା। ଏହାପରେ ତାଙ୍କ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯାଇଛି। ଏ ନେଇ ସଦର ଥାନାରେ ଏକ ମାମଲା (ନଂ-୧୯୩/୨୦) ରୁଜୁ ହୋଇଛି। ଅପରାହ୍ନରେ ଗାଁରେ ମୃତଦେହ ପହଞ୍ଚିବା ପରେ ଶୋକାକୁଳ ପରିବେଶ ମଧ୍ୟରେ ଗାଁ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ପୁରୁଷୋତ୍ତମ ପରିବାରର ଜଣେ ମାତ୍ର ରୋଜଗାରକ୍ଷମ ବ୍ୟକ୍ତି ଥିଲେ। ଘରେ ସ୍ତ୍ରୀ, ୩ ପୁଅ ଓ ଗୋଟିଏ ଝିଅ ଅଛନ୍ତି। ତାଙ୍କ ମୃତ୍ୟୁ ଖବର ପାଇ ଗୋବର୍ଦ୍ଧନପୁର ସରପଞ୍ଚ ସୁରେନ୍ଦ୍ର ମାଝି ହରିଶ୍ଚନ୍ଦ୍ର ଯୋଜନାରୁ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି।

# କଣ୍ଟେନମେଣ୍ଟ ଅଞ୍ଚଳକୁ ବିଶୋଧନ କରାଗଲା

ଦେବଗଡ଼,୨୬।୫(ଡି.ଏନ.ଏ.)

ଦେବଗଡ଼ ଜିଲା ତିଲେଇବଣି ବ୍ଲକ ଅର୍ନ୍ତଗତ ସଡୋ ପଞ୍ଚାୟତ ଓ ରିଆମାଳ ବ୍ଲକ ଉଟୁଣିଆ ସରକାରୀ କ୍ୱାରାଣ୍ଟାଇନ ସେଣ୍ଟରରେ ଥିବା ପ୍ରବାସୀଙ୍କ ମଧ୍ୟରୁ ସୋମବାର ୨୨ ଜଣ କରୋନା ରୋଗୀ ଚିହ୍ନଟ ହୋଇଥିଲେ । ଏହାପରେ ଉପରୋକ୍ତ ପଞ୍ଚାୟତରେ ଅଗ୍ନିଶମ ବିଭାଗ ପକ୍ଷରୁ ସାନିଟାଇଜେସନ କରାଯାଇଛି । ଦେବଗଡ଼ ଅଗ୍ନିଶମ ବିଭାଗ କେନ୍ଦ୍ର ଅଧିକାରୀ ପ୍ରଫୁଲ୍ଲ ଚନ୍ଦ୍ର ବିଶ୍ୱାଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅଗ୍ନିଶମ ବିଭାଗର କର୍ମଚାରୀମାନେ ସଡୋ ପଞ୍ଚାୟତ କାର୍ଯ୍ୟାଳୟ ,ସଡୋ ସ୍ୱାସ୍ଥ୍ୟ ଉପକେନ୍ଦ୍ର ଓ ବିଦ୍ୟାଳୟ ପରିସର ସମେତ ସମଗ୍ର କଣ୍ଟେନମେଣ୍ଟ ଅଞ୍ଚଳକୁ ସୋଡିୟମ ହାଇପୋକ୍ଲୋରାଇଡ ମିଶ୍ରିତ ପାଣି ଦ୍ୱାରା ବିଶୋଧନ କରିଛନ୍ତି ।




ଅଗ୍ନିଶମ କର୍ମଚାରୀମାନେ ବିଶୋଧନ କରୁଛନ୍ତି ।

# ପୁଅ ହତ୍ୟାକାରୀ ଗିରଫ

କୁନାଗଡ,୨୬।୫(ଡି.ଏନ୍.ଏ.)

କଳାହାଣ୍ଡି ଜିଲା ଜୁନାଗଡ ଥାନା ଅନ୍ତର୍ଗତ ତଳଜାରିଙ୍ଗ ଛକରେ ନିଜର ୨ବର୍ଷର ଶିଶୁକୁ ହତ୍ୟା କରିଥିବା ବାପା ଯୁଦେଷ୍ଟି ଶବର ଶେଷରେ ପୋଲିସ ହାତରେ ଧରାପଡିଛନ୍ତି। ଜୁନାଗଡ ପୋଲିସ ମଙ୍ଗଳବାର ତାଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି।

ପ୍ରକାଶ ଯେ, ମେ ୨୨ତାରିଖ ଜୁନାଗଡ ଥାନା ତଳଜାରିଙ୍ଗ ଛକ ନିକଟସ୍ଥ ଏକ ପୋଲତଳୁ ଏକ ଶିଶୁର ମୃତଦେହ ମିଳିଥିଲା। ଶିଶୁର ମା ଯମୁନା ଶବର ତାଙ୍କ ସ୍ୱାମୀ ଯୁଦେଷ୍ଟି ଶିଶୁପୁତ୍ରକୁ ମାରି ଫେରାର ହୋଇଯାଇଥିବା ନେଇ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ଜୁନାଗଡ ଥାନା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା। ଭବାନୀପାଟଣା ଓ ଜୁନାଗଡ ବ୍ଲକ ସୀମାନ୍ତ ତିଲଜୁଡି ଗ୍ରାମର ଯୁଦେଷ୍ଟି ଶବର ବଡପୁଅ ଦୀନବନ୍ଧୁ(୭) ଓ ସାନପୁଅ ବୈଷ୍ଣବ(୨)କୁ ଧରି ସାଇକେଲରେ ଗତ ଗୁରୁବାର ସନ୍ଧ୍ୟାରେ ଜାରିଙ୍ଗ ବୁଲିବାକୁ ଆସିଥିଲେ। ଉକ୍ତ ଦିନ ରାତିରେ ସେମାନେ ଘରକୁ ଯାଇ ନ ପାରି ସ୍ଥାନୀୟ ଯାତ୍ରୀ ବିଶ୍ରାମଗୃହରେ ରାତ୍ରି ଯାପନ କରିଥିଲେ। ରାତିରେ ୨ବର୍ଷର ସାନପୁଅ ବୈଷ୍ଣବ ଉଠି କାନ୍ଦିବାରୁ ଉତ୍‌କ୍ଷିପ୍ତ ହୋଇ ଯୁଦେଷ୍ଟି ତାକୁ ଚାପୁଡା ମାରିଥିଲେ। ଘଟଣାସ୍ଥଳରେ ବୈଷ୍ଣବଙ୍କ ମୃତ୍ୟୁ ହୋଇଥିଲା। ପରେ ଯୁଦେଷ୍ଟି ଏକ ବ୍ୟାଗରେ ଭର୍ତ୍ତି କରି ମୃତଦେହ ପୋଲତଳକୁ ଫିଙ୍ଗି ଦେଇଥିଲେ।



ଅଭିଯୁକ୍ତ ଯୁଦେଷ୍ଟି ଶବର।

# ତିନିଚକିଆ ସାଇକେଲରେ ରାଉରକେଲାରୁ ଗଜପତି ବାହାରିଛନ୍ତି ଦିବ୍ୟାଙ୍ଗ ଯୁବକ

ମନମୁଣ୍ଡା,୨୬।୫(ଡି.ଏନ.ଏ.)

ଗାବ୍ରିଏଲ ଦଳବେହେରା । ବୟସ ୨୬ । ଘର ଗଜପତି ଜିଲା ମୋହନା ବ୍ଲକ ଅଡବା ଥାନା ଅଧୀନ କଲେମା ଗ୍ରାମରେ । ଲକ୍‌ଡାଉନ ଯୋଗୁ ଏହି ଦିବ୍ୟାଙ୍ଗ ଯୁବକ ଜଣକ ଫସି ରହିଥିଲେ ରାଉରକେଲାରେ । ସେ କାମ କରୁଥିବା କାରଖାନା ବନ୍ଦ ହୋଇଯିବା ପରେ ଯାହା କିଛି ଅର୍ଥ ଥିଲା ତାହା ସରିବାରେ ଲାଗିଥିଲା । ଏଣେ ଖାଇବାରେ ଅସୁବିଧା । ଶେଷକୁ ଉପାୟଶୂନ୍ୟ ହୋଇ ନିଜ ସମ୍ପର୍କୀୟ ପୁତୁରା ଅମୋଶ ଗମାଙ୍ଗୋ(୨୧)ଙ୍କ ସହାୟତାରେ ସେ ରାଉରକେଲାରୁ ଏକ ତିନିଚକିଆ ସାଇକେଲରେ ନିଜ ଘରମୁହାଁ ହୋଇଛନ୍ତି । ବର୍ତ୍ତମାନ ଉଭୟ ବୌଦ୍ଧ ଜିଲା ମନମୁଣ୍ଡାର ଏକ ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରହି ଘରକୁ ଫେରିବାକୁ ଦିନ ଗଣୁଛନ୍ତି ।

ଗାବ୍ରିଏଲ ଓ ଅମୋଶ ଦୁହେଁ ରାଉରକେଲା ଠାରୁ ପ୍ରାୟ ୧୫ କିମି ଦୂର କୁଆଁରମୁଣ୍ଡା ସାର କାରଖାନାରେ ସେଲ୍ସ ମ୍ୟାନ ଭାବେ କାମ କରୁଥିଲେ । କରୋନା କାୟା ବିସ୍ତାର କରିବା ଯୋଗୁ କାରଖାନା ବନ୍ଦ ହୋଇଗଲା। ଯାହା ସଞ୍ଚିତ ଅର୍ଥ ଥିଲା ସରିଯିବା ପରେ କାହାଠାରୁ ସାହାଯ୍ୟ ମିଳିଲା ନାହିଁ । ଏପଟେ ଘରକୁ ଫେରିବା ପାଇଁ ଯାନବାହାନର ସୁବିଧା ନ ଥିଲା । ରାଉରକେଲାରୁ ଗଜପତି ପ୍ରାୟ ୬୬୦ କିମି ଦୂର । ତଥାପି ଦିବ୍ୟାଙ୍ଗ ଗାବ୍ରିଏଲ ମନରେ ସାହାସ ବାନ୍ଧି ପୁତୁରା ଅମୋଶଙ୍କୁ ସମସ୍ୟା ଜଣାଇ ସହାୟତା ଲୋଡିଥିଲେ । ଗତ ୧୬ ତାରିଖରେ ସେମାନେ ରାଉରକେଲାରୁ ଯାତ୍ରା ଆରମ୍ଭ କରିଥିଲେ । ଗାବ୍ରିଏଲ ତିନି ଚକିଆ ସାଇକେଲ ହାତରେ ବାହିଥିବା ବେଳେ ତାଙ୍କ ପୁତୁରା ସାଙ୍ଗରେ ଚାଲିଥିଲା । ସେ ହାଲିଆ ହୋଇଗଲେ କିମ୍ବା ଉଠାଣି ଜାଗା ପଡିଲେ ପୁତୁରା ସାଇକେଲକୁ ଠେଲି ଚାଲିଥିଲେ। ଏପରି ଭାବେ ଘରକୁ ଫେରିବା ବାଟରେ ସମ୍ବଲପୁରଠାରେ ସେମାନଙ୍କୁ ଏକ ଗାଡି ଚାଳକ ଦେଖି ସାଙ୍ଗରେ ନେଇ ଆସିଥିଲେ। କିଛି ଦୂର ନେବା ପରେ ବାଟରେ ଉକ୍ତ ଗାଡି ଚାଳକ ସେମାନଙ୍କୁ ଓହ୍ଲାଇ ଦେଇଥିଲେ । ସେମାନେ ପୁଣି ପୂର୍ବପରି ଯାଉଥିବା ବେଳେ ୫ ଦିନ ତଳେ ମନମୁଣ୍ଡା ଚେକ୍‌ପୋଷ୍ଟରେ ଅତିରିକ୍ତ ତହସିଲଦାର ସୁଶିଲ କୁମାର କୁଅଁର ସେମାନଙ୍କୁ ଅଟକାଇଥିଲେ । ଏହାପରେ ସେମାନଙ୍କୁ ମନମୁଣ୍ଡା ସରକାରୀ ଏମଇ ସ୍କୁଲରେ ହୋଇଥିବା ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରଖାଯାଇଥିଲା । ଅତିରିକ୍ତ ତହସିଲଦାର କୁଅଁର, ଜିଲାପାଳ ଲଲାଟେନ୍ଦୁ ମିଶ୍ରଙ୍କ ସହ ଆଲୋଚନା କରି ଉଭୟଙ୍କୁ ଗାଡି ଯୋଗେ ସେମାନଙ୍କ ଘରକୁ ପଠାଇବା ବ୍ୟବସ୍ଥା କରିବେ ବୋଲି କହିଛନ୍ତି । ମନମୁଣ୍ଡା ସରପଞ୍ଚ ମିନାକ୍ଷୀ ସାହୁ, ଅତିରିକ୍ତ ତହସିଲଦାର କୁଅଁର ଏବଂ ବୌଦ୍ଧ ଜିଲା ପ୍ରଶାସନର ଆତିଥ୍ୟରେ ଉଭୟ ଖୁସି ପ୍ରକଟ କରିବା ସହ ଧନ୍ୟବାଦ ଜଣାଇଛନ୍ତି ।

# ପ୍ରବାସୀ ଶ୍ରମିକଙ୍କ ସଂଖ୍ୟା ୨୨୫୬ରେ ପହଞ୍ଚିଲା

**ବୌଦ୍ଧ ଜିଲା**

ବୌଦ୍ଧ, ୨୬।୫(ସ୍ୱ.ପ୍ର.)

ବୌଦ୍ଧ ଜିଲାରେ ମଙ୍ଗଳବାର ସୁଦ୍ଧା ପ୍ରବାସୀ ଶ୍ରମିକଙ୍କ ସଂଖ୍ୟା ୨୨୫୬ରେ ପହଞ୍ଚିଛି । ସେହିପରି ବିଭିନ୍ନ ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ୨୨୦ ଜଣଙ୍କୁ ଘରକୁ ପଠାଇ ଦିଆଯାଇଛି। ଜିଲା ପ୍ରଶାସନ ପକ୍ଷରୁ ଦିଆଯାଇଥିବା ସୂଚନା ମୁତାବକ, ବୌଦ୍ଧ ବ୍ଲକକୁ ୫୦୮ ଜଣ ପ୍ରବାସୀ ଶ୍ରମିକ ଫେରିଥିବାବେଳେ ହରଭଙ୍ଗା ୪୬୨, କଣ୍ଟମାଳ ବ୍ଲକକୁ ୧୦୦୯ ଫେରିଛନ୍ତି। ବୌଦ୍ଧ ଏନ୍‌ଏସିରେ ୨୨ଜଣଙ୍କୁ ବିଭିନ୍ନ ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରଖାଯାଇଛି। ଏହି ଶ୍ରମିକମାନଙ୍କୁ ରଖିବା ପାଇଁ ୫୪ଟି ଅସ୍ଥାୟୀ ସ୍ୱାସ୍ଥ୍ୟ କେନ୍ଦ୍ର ଖୋଲାଯାଇଥିବା ବେଳେ ବୌଦ୍ଧ ବ୍ଲକରେ ୧୪, ହରଭଙ୍ଗା ୧୧ ଏବଂ କଣ୍ଟାମାଳ ବ୍ଲକରେ ୨୮ ଓ ଏନଏସିରେ ୧ଟି ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ର ପ୍ରସ୍ତୁତ କରାଯାଇଛି । ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରହିଥିବା ପ୍ରବାସୀ ଶ୍ରମିକଙ୍କ ମଧ୍ୟରୁ ୨୨୦ ଜଣଙ୍କ କ୍ୱାରାଣ୍ଟାଇନ ଅବଧି ପୂରିଥିବାରୁ ସେମାନଙ୍କୁ ଘରକୁ ପଠାଇ ଦିଆଯାଇଛି। ସେହିପରି ଜିଲାରେ ୮୪୬ ଜଣଙ୍କ ସ୍ୱାବ୍ ସଂଗ୍ରହ କରି ପରୀକ୍ଷା ପାଇଁ ପଠାଯାଇଥିବାବେଳେ ୮୧୩ ଜଣଙ୍କ ପରୀକ୍ଷା ରିପୋର୍ଟ ମିଳିଛି। ସେମାନଙ୍କ ମଧ୍ୟରୁ ଏପର୍ଯ୍ୟନ୍ତ ଜିଲାରେ ପଜିଟିଭ ସଂଖ୍ୟା ୩୩ ଥିବା ବେଳେ ୪ ଜଣ ସୁସ୍ଥ ହୋଇଛନ୍ତି । ବୌଦ୍ଧ କୋଭିଡ ହେଲ୍‌ଥ କେୟାର ସେଣ୍ଟରରେ ରହିଥିବା ୨୧ ଜଣ ସଂକ୍ରମିତ ପ୍ରବାସୀ ଶ୍ରମିକଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଘଟୁଥିବା ଓ ଅଳ୍ପ ଦିନ ମଧ୍ୟରେ ସେମାନେ ସୁସ୍ଥ ହୋଇ ଘରକୁ ଫେରିବେ ବୋଲି ଜିଲାପାଳ ପ୍ରକାଶ କରିଛନ୍ତି । ଜିଲାକୁ ପ୍ରତିଦିନ ଫେରୁଥିବା ପ୍ରବାସୀ ଶ୍ରମିକଙ୍କ ସ୍ୱାବ୍ ସଂଗ୍ରହ କରା ନ ଯାଇ ଯେଉଁମାନଙ୍କ ଠାରେ ଲକ୍ଷଣ ଦେଖାଯିବ କେବଳ ସେମାନଙ୍କ ସ୍ୱାବ୍ ପରୀକ୍ଷା ପାଇଁ ପଠାଯିବ ଓ ସେମାନଙ୍କୁ ବୌଦ୍ଧ କୋଭିଡ କେୟାର ସେଣ୍ଟରରେ ଚିକିତ୍ସା କରାଯିବ ବୋଲି ଜିଲାପାଳ ପ୍ରକାଶ କରିଛନ୍ତି।


ମଙ୍ଗଳବାର ସମ୍ବଲପୁର ଲୋକନାଥ ବାବାଙ୍କ ଦେବନିମନ୍ତ୍ରଣ ଲାଗି ବୀରହନୁମାନଙ୍କୁ ପୂଜାର୍ଚ୍ଚନା କରାଯାଉଛି ।


ସମ୍ବଲପୁର ମୁଦିପଡା ଜାଗେଶ୍ୱର ବାବାଙ୍କ ଦେବନିମନ୍ତ୍ରଣରେ ବୀରହନୁମାନଙ୍କୁ ନିଆଯାଉଛି ।


ସମ୍ବଲପୁର ବମବରାଡ ବାଲୁଙ୍କେଶ୍ୱର ବାବାଙ୍କ ବିବାହରେ ସାକ୍ଷୀ ହେବାକୁ ସାକ୍ଷୀଗୋପୀନାଥ ଠାକୁର ନନ୍ଦପଡା ମନ୍ଦିରକୁ ଆସୁଛନ୍ତି ।

## ସଂକ୍ଷେପରେ

### ଗଞ୍ଜେଇ ଚାଷ କରୁଥିଲେ, ଧରାପଡ଼ିଲେ

**ବଲାଙ୍ଗୀର ଅଫିସ/ଗୁଡ଼ଭେଲା, ୨୬।୫ (ଡି.ଏନ୍.ଏ.):** ବଲାଙ୍ଗୀର ଜିଲା ଗୁଡ଼ଭେଲା ବ୍ଲକ ମାଢ଼େକେଲା ପଞ୍ଚାୟତ ଲୁକାପଡା ଗାଁରେ ଅବକାରୀ ବିଭାଗର ମୋବାଇଲ ୟୁନିଟ୍ ମଙ୍ଗଳବାର ଚଢ଼ାଉ କରି ଏକ ଗଞ୍ଜେଇ କିଆରି ଠାବ କରିଥିଲା । ଏଠାରୁ ୧୦ଫୁଟ୍ ୩ ଇଞ୍ଚ ଉଚ୍ଚତା ଓ ୫ ଇଞ୍ଚ ମୋଟାର ୫୭ଟି ଗଞ୍ଜେଇ ଗଛ ଜବତ କରାଯାଇଥିଲା। ଏଥିସହିତ ଗଞ୍ଜେଇ ଚାଷ କରିଥିବା ଚାଷୀ ଉପେନ୍ଦ୍ର ବଗର୍ତ୍ତାଙ୍କୁ ଗିରଫ କରାଯାଇଛି। ଜିଲା ଅବକାରୀ ଅଧୀକ୍ଷକ ସିଦ୍ଧେଶ୍ୱର ବେଶ୍ରା, ସଦର ଅବକାରୀ ଆଇଆଇସି ପି.କେ. ପଣ୍ଡା, ତୁଷୁରା ଅବକାରୀ ଇନ୍ସପେକ୍ଟର ଅରୁଣ ଯୋଶୀ ମଙ୍ଗଳବାର ସକଳେ ଲୁକାପଡା ଯାଇ ଉକ୍ତ ଗଞ୍ଜେଇ କିଆରିରେ ପହଞ୍ଚିଥିଲେ। ତୁଷୁରା ତହସିଲଦାର ଚନ୍ଦ୍ରମଣି ନାଗଙ୍କ ଉପସ୍ଥିତିରେ ସମସ୍ତ ଗଞ୍ଜେଇ ଗଛ ନଷ୍ଟ କରିଦିଆଯାଇଥିଲା। ଏ ସଂକ୍ରାନ୍ତରେ ଅବକାରୀ ବିଭାଗ ପକ୍ଷରୁ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତ ବଗର୍ତ୍ତାଙ୍କୁ କୋର୍ଟଚାଲାଣ କରାଯାଇଛି ।

**ପ୍ରସିଦ୍ଧ ସମ୍ବଲପୁର ଶୀତଳଷଷ୍ଠୀ ଯାତ୍ରା**

# ଦେବ ନିମନ୍ତ୍ରଣ ସମ୍ପନ୍ନ

**ସମ୍ବଲପୁର, ୨୬।୫ (ବ୍ୟୁରୋ)**

ପ୍ରସିଦ୍ଧ ସମ୍ବଲପୁର ଶୀତଳଷଷ୍ଠୀ ଯାତ୍ରା କରୋନା କଟକଣା ଯୋଗୁ ପ୍ରଭାବିତ ହୋଇଛି। ଯାତ୍ରା କମିଟି ଗୁଡିକ ପରମ୍ପରାକୁ ରକ୍ଷା କରି ଲୋକାଚାରରେ ଦେବଦମ୍ପତିଙ୍କ ବିବାହ କରିବାକୁ ପ୍ରସ୍ତୁତି କରିଛନ୍ତି। ନିରାଡମ୍ବର ଭାବେ ପରତପେଡ଼ିଁ, ନୃସିଂହନିଉତା ଶେଷ ହୋଇଛି । ମଙ୍ଗଳବାର ମହାଦେବଙ୍କ ହନୁମାନ ନିଉତା ମଧ୍ୟ ନିରାଡମ୍ବର ଭାବେ ସମ୍ପନ୍ନ କରାଯାଇଛି । ଝାଡୁଆପଡାର ଶ୍ରୀ ଶ୍ରୀ ଲୋକନାଥ ବାବା, ମୁଦିପଡାର ଶ୍ରୀ ଶ୍ରୀ ଜାଗେଶ୍ୱର ବାବା, ବାଲିବନ୍ଧାର ଶ୍ରୀ ଶ୍ରୀ ସୋମନାଥ ବାବା, ବଡବଜାରର ଶ୍ରୀ ଶ୍ରୀ ଶୀତଳେଶ୍ୱର ବାବା, ଠାକୁରପଡାର ଶ୍ରୀ ଶ୍ରୀ ଗୁପ୍ତେଶ୍ୱର ବାବା, ବୁଢ଼ାରଜା ମହାଦେବ, ଦୁର୍ଗାପାଲିର ଗୁଡେଶ୍ୱର ବାବା, ସାଲିହାବଗିଚା ମହାଦେବଙ୍କ ହନୁମାନ ନିଉତା ତଥା ଦେବନିମନ୍ତ୍ରଣ ନୀତି ହୋଇଛି। ମହାଆଳତୀ ପରେ ଝାଡୁଆପଡା ଯାତ୍ରା କମିଟି ସଭ୍ୟ ସରୋଜ କୁମାର ସାହୁ, ବରପିତା ଅମରନାଥ ସୁପକାର ଦେବାଳୟ ଗୁଡିକୁ ଯାଇ ଦେବନିମନ୍ତ୍ରଣ କରିଥିଲେ । ସେହିପରି ମୁଦିପଡା ବରପିତା ଓ ମନ୍ଦିର ପୂଜକ ଗୁଆଗୁଣ୍ଡା ନେଇ ଅଞ୍ଚଳର ଦେବୀଦେବାଙ୍କୁ ଗୁଆଗୁଣ୍ଡା ଅର୍ପଣ କରିଥିଲେ।


ସିନ୍ଦୂରପଙ୍କ ତାରକେଶ୍ୱର ବାବାଙ୍କ ବିବାହ ପାଇଁ ଦେବ ନିମନ୍ତ୍ରଣ କରାଯାଉଛି।

ଏଥିସହ ସହରର ବିଭିନ୍ନ ମହାଦେବଙ୍କ ଗୁଆଗୁଣ୍ଡା ନୀତି ସନ୍ଧ୍ୟାରେ ଶେଷ ହୋଇଥିଲା । କୌଣସି ଯାତ୍ରା କମିଟି ହନୁମାନଙ୍କୁ ବୀମାନରେ ଧରି ଶୋଭାଯାତ୍ରା ବାହାର କରି ନ ଥିଲେ । କିନ୍ତୁ ଶିବାଳୟଗୁଡିକକୁ ବିବାହ ଲାଗି ଆଲୋକମାଳାରେ ସଜା ଯାଇଛି । ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇ ନ ଥିଲେ ମଧ୍ୟ ରଙ୍ଗିନ ଆଲୋକମାଳାରେ ଶିବାଳୟ ଝଲସୁଛି। ଅନ୍ୟପକ୍ଷେ ନନ୍ଦପଡାର ବମ୍ବରାଡ ବାଲୁଙ୍କେଶ୍ୱର ବାବା ଓ ଜଗତଜନନୀ ପାର୍ବତୀଙ୍କ ବିବାହ ଉତ୍ସବରେ ସାକ୍ଷୀ ହେବା ପାଇଁ ଗୋଧୂଳୀ ଲଗ୍ନରେ ସାକ୍ଷୀଗୋପୀନାଥ ଠାକୁର ଆଗମନ କରିଛନ୍ତି। ବାଲୁଙ୍କେଶ୍ୱରଙ୍କ ମନ୍ଦିରର ମୁଖଶାଳାରେ ସାକ୍ଷୀଗୋପିନାଥଙ୍କୁ ବନ୍ଦାଣ କରି ଭିତରକୁ ନିଆଯାଇଥିଲା। ଏହାପରେ ସ୍ୱତନ୍ତ୍ର ଆସନରେ ଠାକୁରଙ୍କୁ ବସାଇ ପୂଜାର୍ଚ୍ଚନା ହୋଇଥିଲା।

ଅନ୍ୟପକ୍ଷେ ସମ୍ବଲପୁର ସହର ଉପକଣ୍ଠ ସିନ୍ଦୂରପଙ୍କସ୍ଥିତ ତାରେକେଶ୍ୱର ବାବାଙ୍କ ବିବାହ ପାଇଁ ମଧ୍ୟ ମଙ୍ଗଳବାର ଦେବନିମନ୍ତ୍ରଣ ସମ୍ପନ୍ନ ହୋଇଛି। କନ୍ୟା ପିତା ବିନୟ କର, ବର ପିତା ଶିବବ୍ରତ ପାଢୀ ବିବାହ ପାଇଁ ଦେବ ନିମନ୍ତ୍ରଣ କରିଛନ୍ତି। ହନୁମାନ ମନ୍ଦିର, ମାଁ ପୀତାବଳି ମନ୍ଦିର, ଜଗନ୍ନାଥ ମନ୍ଦିର, ବୈଦ୍ୟନାଥ ଠାକୁର ମନ୍ଦିର, ଦୁର୍ଗା ମନ୍ଦିରକୁ ଯାଇ ଦେବାଦେବୀଙ୍କୁ ବିବାହ ପାଇଁ ନିମନ୍ତ୍ରଣ କରିଥିଲେ। ସୁଶାନ୍ତ ସାହୁ ପୂଜାକାର୍ଯ୍ୟ କରିଥିଲେ। ତନ୍ମୟ ଧର, ବିଦ୍ୟାଧର ପଣ୍ଡା, ପ୍ୟାରେଲାଲ ପଣ୍ଡା, ସନ୍ତୋଷ କେଡିଆ, ମହେନ୍ଦ୍ର ପଣ୍ଡା, ସୁବ୍ରତ ନାଥ, ଆଶିଷ ନାଥ ପ୍ରମୁଖ ଉପସ୍ଥିତ ଥିଲେ।

# ଝାରସୁଗୁଡ଼ାରେ ପୁଣି ଜଣେ କରୋନା ରୋଗୀ ଚିହ୍ନଟ

**ଝାରସୁଗୁଡ଼ା ଅଫିସ, ୨୬।୫**

**ଜିଲାରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୬ରେ ପହଞ୍ଚିଲା**

ଝାରସୁଗୁଡ଼ା ଜିଲାରେ ମଙ୍ଗଳବାର ଜଣେ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେ ଗତ ୨୧ ତାରିଖରେ ମୁମ୍ବାଇରୁ ବେଲପାହାଡକୁ ଫେରିଥିଲେ। ସେ ଥଣ୍ଡା ଓ କାଶରେ ଆକ୍ରାନ୍ତ ଥିବାରୁ ତାଙ୍କୁ କ୍ୱାରାଣ୍ଟାଇନ ସେଣ୍ଟରରେ ରଖାଯାଇଥିଲା। ୨୨ ତାରିଖରେ ତାଙ୍କ ସ୍ୱାବ୍ ନମୁନା ସଂଗ୍ରହ କରାଯାଇ ପରୀକ୍ଷା ପାଇଁ ପଠାଯାଇଥିଲା। ରିପୋର୍ଟ ପଜିଟିଭ ଆସିବା ପରେ ତାଙ୍କୁ ରାଉରକେଲା କୋଭିଡ୍ ହସ୍ପିଟାଲକୁ ପଠାଯାଇଛି ବୋଲି ଜିଲାପାଳ ସରୋଜ କୁମାର ସାମଲ ସୂଚନା ଦେଇଛନ୍ତି ।

ଆକ୍ରାନ୍ତଙ୍କ ଟ୍ରାଭେଲ ହିଷ୍ଟ୍ରି ସଂଗ୍ରହ କରାଯିବା ସହ ସେ କାହା ସଂସ୍ପର୍ଶରେ ଆସିଥିଲେ ସେମାନଙ୍କୁ ଚିହ୍ନଟ କରାଯାଇଛି । ଚିହ୍ନଟ ବ୍ୟକ୍ତିଙ୍କ ସ୍ୱାବ୍ ନମୁନା ପରୀକ୍ଷା କରାଯିବା ପାଇଁ ବ୍ୟବସ୍ଥା କରାଯାଉଛି। ଏହାକୁ ମିଶାଇ ଜିଲାରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୬ରେ ପହଞ୍ଚିଛି। ଗତମାସ ୩୦ତାରିଖରେ ବ୍ରଜରାଜନଗର ବୁଢ଼ୀଜାମଠାରେ ଜଣେ ଯୁବତୀ ଓ ଗତ ୩ ତାରିଖରେ ଲଖନପୁର ବ୍ଲକ୍ କୋଡାଲୋଇ ପଞ୍ଚାୟତର ଡହଲଡେରାର ଜଣେ ମହିଳା ଆକ୍ରାନ୍ତ ହୋଇଥିବା ଜଣାପଡିଥିଲା। ଉଭୟେ ଗତ ୧୧ ତାରିଖରେ ସୁସ୍ଥ ହୋଇ କ୍ୱାରାଣ୍ଟାଇନରେ ଅଛନ୍ତି। ସେହିପରି ଝାରସୁଗୁଡ଼ା ସହର ମଙ୍ଗଳବଜାର ଅଞ୍ଚଳର ଜଣେ ୫ ବର୍ଷର ଶିଶୁ ଆକ୍ରାନ୍ତ ଥିବା ଗତ ୨୨ ତାରିଖ ସନ୍ଧ୍ୟାରେ ଜଣାପଡିଥିଲା। ତାଙ୍କ ସଂସ୍ପର୍ଶରେ ଆସି ପରିବାରର ଜଣେ ବର୍ଷକର ଶିଶୁକନ୍ୟା ଆକ୍ରାନ୍ତ ହୋଇଥିଲେ । ସେହିପରି ବ୍ରଜରାଜନଗର ଟିଏମ୍‌ସିରେ କ୍ୱାରାଣ୍ଟାଇନରେ ଥିବା ଜଣେ ମହାରାଷ୍ଟ୍ର ଫେରନ୍ତା ୪୦ ବର୍ଷର ବ୍ୟକ୍ତି କରୋନାରେ ଆକ୍ରାନ୍ତ ହୋଇଥିବା ଗତ ୨୩ ତାରିଖରେ ଜଣାପଡିଥିଲା ।

# ୪ ଲୁଟେରା ଗିରଫ, ୫ ବାଇକ ଉଦ୍ଧାର

**ବଲାଙ୍ଗୀର ଅଫିସ/କଣ୍ଟାବାଞ୍ଜି, ୨୬।୫ (ଡି.ଏନ୍.ଏ.)**

ବଲାଙ୍ଗୀର ଜିଲାର ମୁରିବାହାଲ, ବଙ୍ଗୋମୁଣ୍ଡା, ବେଲପଡ଼ା ଓ କଣ୍ଟାବାଞ୍ଜି ଅଞ୍ଚଳରେ ସକ୍ରିୟ ଥିବା ୪ ବାଇକ୍ ଲୁଟେରାଙ୍କୁ ପୋଲିସ ଗିରଫ କରିଛି। ସେମାନେ ହେଲେ କଣ୍ଟାବାଞ୍ଜି ଥାନା ବୁରୋମାଲ ଗ୍ରାମର ଗୋପୀନାଥ କୁମ୍ଭାର(୨୧), ରାମନଗରପଡାର ସୁନୀଲ ତାଣ୍ଡି (୨୪) ଓ ଲାଲୁ ଓରଫ୍ ବଂଶୀଧର ତାଣ୍ଡି (୨୫) ଓ ବଙ୍ଗୋମୁଣ୍ଡା ଥାନା ବଙ୍ଗୋମୁଣ୍ଡା ଗ୍ରାମର ପିଙ୍କୁ ଓରଫ୍ ଚିଣ୍ଟୁ ପୁଟେଲ (୨୨) । ସେମାନଙ୍କଠାରୁ ୫ଟି ଚୋରି ବାଇକ ଉଦ୍ଧାର କରାଯାଇଛି। ଏହି ମାମଲାରେ ପୋଲିସ ଲୁଟ୍ ବାଇକ୍ ରଖିଥିବା ୨ଜଣଙ୍କୁ କବ୍‌ଜାକୁ ନେଇଛି। ସେମାନେ ହେଲେ କଣ୍ଟାବାଞ୍ଜି ଥାନା ବୁରୋମାଲ ଗ୍ରାମର ତୁଲାରାମ ଛତ୍ରିଆ (୨୫) ଓ ମୁରିବାହାଲ ଥାନା ଧାଲୁକଜୁରୀ ଗ୍ରାମର ତୁଲା ଓରଫ ତୁଲାରାମ ତାଣ୍ଡି (୨୭) । ଗତ ଫେବୃୟାରୀ ୧୪ ତାରିଖ ବଙ୍ଗୋମୁଣ୍ଡା ଥାନାରେ ଏକ ବାଇକ୍ ଓ ଏପ୍ରିଲ ୨୪ ତାରିଖରେ ଏକ ବାଇକ୍ ଚୋରି ହୋଇଥିବ ରିପୋର୍ଟ ହୋଇଥିଲା। ସେହିପରି ବେଲପଡ଼ାଠାରେ ଏପ୍ରିଲ ୨୯ ତାରିଖ ଦିନ ଏକ ବାଇକ୍ ଚୋରି ହୋଇଥିବା ଅଭିଯୋଗ ଆସିଥିଲା । ଗତ ୧୫ ତାରିଖ ଦିନ ମୁରିବାହାଲ ଥାନାରେ ମଧ୍ୟ ଏକ ବାଇକ ଚୋରି ହୋଇଯାଇଥିବା ଅଭିଯୋଗ ହୋଇଥିଲା । ବିଭିନ୍ନ ଥାନାରେ ବାଇକ ଚୋରି ଅଭିଯୋଗ ହେବା ପରେ ଲକ୍‌ଡାଉନ୍ ସମୟରେ ଏକ ବାଇକ୍ ଲୁଟେରା ଦଳ ସକ୍ରିୟ ଥିବା ଜଣାପଡିଥିଲା। ଏସ୍‌ପି ସନ୍ଦୀପ ମାଡକର କଣ୍ଟାବାଞ୍ଜି ଏସ୍‌ଡିପିଓ ସରୋଜ କୁମାର ମହାପାତ୍ରଙ୍କ ନେତୃତ୍ୱରେ ବଙ୍ଗୋମୁଣ୍ଡା ଥାନାଧିକାରୀ ପଞ୍ଚାନନ ନାଏକ, କଣ୍ଟାବାଞ୍ଜି ଆଇଆଇସି ସତ୍ୟଜିତ୍ କାଣ୍ଡେଲକର, ମୁରିବାହାଲ ଥାନା ଆଇଆଇସି ତାରାଜସ୍ମିନ୍ ଗୁରିଆ, କଣ୍ଟାବାଞ୍ଜି ଥାନା ସବ୍‌ଇନ୍ସପେକ୍ଟର ପ୍ରଣୟ ମୁର୍ମୁଙ୍କୁ ନେଇ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇ ଅନୁସନ୍ଧାନ ଆରମ୍ଭ କରାଯାଇଥିଲା । ବିଭିନ୍ନ ସ୍ଥାନରେ ଚଢ଼ାଉ ପରେ ଏହି ବାଇକ୍ ଲୁଟେରା ଦଳ ପୋଲିସ ହାବୁଡରେ ପଡିଥିଲେ । ମଙ୍ଗଳବାର କଣ୍ଟାବାଞ୍ଜି ଏସ୍‌ଡିପିଓ ମହାପାତ୍ର ଏକ ଖବରଦାତା ସମ୍ମିଳନୀରେ ଏ ସମ୍ପର୍କରେ ସୂଚନା ଦେଇଛନ୍ତି।


ଲୁଟ୍ ବାଇକ୍ ସହ ଗିରଫ ଲୁଟେରାମାନେ ।

# ଟ୍ରେଜେରିରୁ ବାହାରିଲେ ନାଗ ପ୍ରତିମା, ବିମାନ, ଅଳଙ୍କାର

**ସୋନପୁର, ୨୬।୫(ନି.ପ୍ର.)**

**ସୁବର୍ଣ୍ଣପୁର ଶୀତଳଷଷ୍ଠୀ ଯାତ୍ରା**

ଶୀତଳଷଷ୍ଠୀ ଯାତ୍ରା ପାଇଁ ସୁବର୍ଣ୍ଣପୁର ସହର ଚଳଚଞ୍ଚଳ ହୋଇଉଠିଛି। ମଙ୍ଗଳବାର ପୂର୍ବାହ୍ନରେ ପୂଜାର୍ଚ୍ଚନା ପରେ ସୁନାର ନାଗ ପ୍ରତିମା, ରୁପା ବିମାନ ଓ ଅଳଙ୍କାର ସୁବର୍ଣ୍ଣପୁର ଟ୍ରେଜେରି(ଜିଲା କୋଷାଗାର)ରୁ ବାହାର କରାଯାଇଛି। ଏସ୍‌ପି ଦେବୀପ୍ରସାଦ ଦାଶ, ସୋନପୁର ଉପଜିଲାପାଳ ତଥା ଜିଲା ଦେବୋତ୍ତର ଅଧିକାରୀ ବଳରାମ ମଲିକ, ସାମାଜିକ କର୍ମୀ ଶ୍ରୀବତ୍ସ ମଲିକ, ଟ୍ରେଜେରି ଅଫିସର ଧରଣୀଧର ଦାସ, ଶୀତଳଷଷ୍ଠୀ ଯାତ୍ରା କମିଟି ସଭାପତି କିଷାନଲାଲ ଅଗ୍ରୱାଲ, ସମ୍ପାଦକ ଗିରିଗୋବର୍ଦ୍ଧନ ଥନାପତି, କୋଷାଧ୍ୟକ୍ଷ ଜୟନାରାୟଣ ସାହୁ, ରାମଶଙ୍କର ସାହୁ, ବି.ସତ୍ୟନାରାୟଣ ରାଓ ଉପସ୍ଥିତ ଥିଲେ। କନ୍ୟାପିତା ଢେରାପଡାର ଏସ୍.ନାଗେଶ୍ୱର ରାଓ ଓ ବରପିତା ଗୋକର୍ଣ୍ଣେଶ୍ୱରପଡାର ପ୍ରକାଶ ରଥ ଏବଂ ମନ୍ଦିରର ସେବାୟତବୃନ୍ଦ ମଧ୍ୟ ଟ୍ରେଜେରୀରେ ଉପସ୍ଥିତ ଥିଲେ। ପୂଜାର୍ଚ୍ଚନା ପରେ ପ୍ରତିମା ଓ ଅଳଙ୍କାରକୁ ଚନ୍ଦ୍ରଶେଖର


ପୂଜାର୍ଚ୍ଚନା ପରେ ସୁନାର ନାଗ ପ୍ରତିମା, ବିମାନ ଓ ଅଳଙ୍କାରକୁ ଚନ୍ଦ୍ରଶେଖରଙ୍କ ମନ୍ଦିରକୁ ନିଆଯାଉଛି।

ମନ୍ଦିରକୁ ନିଆଯାଇ କଡା ସୁରକ୍ଷା ମଧ୍ୟରେ ରଖାଯାଇଛି। ସଶସ୍ତ୍ର ପୋଲିସ ଟିମ୍ ନାଗ ପ୍ରତିମା ଓ ଅଳଙ୍କାରକୁ ଜଗି ରହିଛନ୍ତି। ଏଥିରେ ସହରର ବହୁ ଶ୍ରଦ୍ଧାଳୁ ସାମିଲ ହୋଇଥିଲେ। ବୁଧବାର ଅଷ୍ଟବିଷ୍ଣୁ ଓ ଅଷ୍ଟଶମ୍ଭୁ ଚନ୍ଦ୍ରଶେଖର ମନ୍ଦିରରେ ପହଞ୍ଚିବେ। ଅଳଙ୍କାର ଧାରଣ ପରେ ସନ୍ଧ୍ୟାରେ ବର ନିମନ୍ତ୍ରଣ କାର୍ଯ୍ୟକ୍ରମ ରହିଛି।

ରାତିରେ ଚନ୍ଦ୍ରଶେଖର ମନ୍ଦିରରୁ ଶିବ ବରାତିରେ ବାହାରିବେ। ଯାତ୍ରା ଅବସରରେ ୧୦୮ ଭରି ବିଶିଷ୍ଟ ସୁନାର ନାଗ ପ୍ରତିମା ବର ବେଶରେ ରୁପା ବିମାନରେ ବିଜେ ହେବେ। ଅଷ୍ଟବିଷ୍ଣୁ ଓ ଅଷ୍ଟଶମ୍ଭୁ ବରାତି ଶୋଭାଯାତ୍ରାରେ ଯିବେ। ସ୍ଥାନୀୟ ଶୀତଳଷଷ୍ଠୀ ଯାତ୍ରାର ଏହା ହିଁ ବିଶେଷ ଆକର୍ଷଣ। ରାଜାରାଜୁଡା ଅମଳରୁ ଶତାଧିକ ବର୍ଷ ଧରି ଏହି ପରମ୍ପରା ଚାଲି ଆସିଛି। ବିଳମ୍ବିତ ରାତିରେ ସୁବର୍ଣ୍ଣମେରୁ ମହାପ୍ରଭୁଙ୍କ ଚଳନ୍ତି ପ୍ରତିମା ଚନ୍ଦ୍ରଶେଖର ବାବାଙ୍କ ବିବାହ ଜଗଜ୍ଜନନୀ ମାତା ପାର୍ବତୀଙ୍କ ସହିତ ପ୍ରତିନିଧି ସ୍ୱରୂପେଣ କନ୍ୟାପିତାଙ୍କ ବାସଗୃହ ହିମାଦ୍ରୀନଗରରେ ଅନୁଷ୍ଠିତ ହେବ। ଢେରାପଡାର ବି ଡିଲେଶ୍ୱରୀ ଓ ସ୍ୱାମୀ ଏସ୍.ନାଗେଶ୍ୱର ରାଓ ପାର୍ବତୀଙ୍କ ମାତାପିତା ଏବଂ ପୂର୍ତ୍ତ ବିଭାଗ କଲୋନୀର ପୂର୍ଣ୍ଣିମା ରଥ ଓ ସ୍ୱାମୀ ପ୍ରକାଶ ରଥ ଚନ୍ଦ୍ରଶେଖରଙ୍କ ମାତାପିତା ଭାବେ ଦାୟିତ୍ୱ ନିର୍ବାହ କରୁଛନ୍ତି। ଚଳିତବର୍ଷ କରୋନା କଟକଣା ଯୋଗୁ ଶୀତଳଷଷ୍ଠୀ ଯାତ୍ରା ପାରମ୍ପରିକ ରୀତିନୀତି ଅନୁଯାୟୀ ନିରାଡମ୍ବର ଭାବେ ପାଳନ କରାଯାଉଛି।

# ୫ବର୍ଷ ହେଲା ଅଧାରେ ରହିଛି

**କଲମପୁର, ୨୬।୫ (ଡି.ଏନ.ଏ.)**

କଳାହାଣ୍ଡି ଜିଲା କଲମପୁର ବ୍ଲକ ପାତ୍ରବସା-ବଡକୁଟ୍ରୁ ହାତୀନଦୀ ଉପରେ ବିଜୁ ସେତୁ ଯୋଜନାରେ ରାଜ୍ୟ ସରକାର ଏକ ପୋଲ ନିର୍ମାଣ ପାଇଁ ୨୦୧୪ ସେପ୍ଟେମ୍ବର ୧୪ରେ ଟେଣ୍ଡର ଆହ୍ୱାନ କରିଥିଲେ। ୯ କୋଟି ୬୩ ଲକ୍ଷ ବ୍ୟୟ ଅଟକଳରେ ନିର୍ମାଣ ହେବାକୁ ଥିବା ଏହି ପୋଲ ପାଇଁ ଏକ ଠିକା ସଂସ୍ଥା ସହ ଚୁକ୍ତିନାମା କରାଯାଇଥିଲା । ୨୦୧୭ ସେପ୍ଟେମ୍ବର ୨୩ ସୁଦ୍ଧା ଏହି ପୋଲ ନିର୍ମାଣ ଶେଷ କରିବାକୁ ଲକ୍ଷ୍ୟଧାର୍ଯ୍ୟ ଥିଲା । ଇତିମଧ୍ୟରେ ୫ ବର୍ଷ ବିତିଛି । ହେଲେ ପୋଲ ନିର୍ମାଣ କାମ ମାତ୍ର ୬୦ ଭାଗ ସରିଛି। ବିଭିନ୍ନ ଆଳ ଦେଖାଇ ଠିକା ସଂସ୍ଥା ଗତ ୬ ମାସ ହେବ କାମ ବନ୍ଦ ରଖିଛି। ଏପରି କି ସେଠାରୁ କ୍ୟାମ୍ପ ଉଠାଇ ନେଇଛି। ପୋଲର ଶେଷ ପିଲର କାମ ସମ୍ପୂର୍ଣ୍ଣ ହୋଇ ନ ପାରିବା ବିଷୟ ବିଭାଗୀୟ ନିର୍ବାହୀ ଯନ୍ତ୍ରୀ ଅବଗତ ହେବା ପରେ ଚିଫ୍ ଇଞ୍ଜିନିୟରଙ୍କ ଅଫିସରୁ ଏଥିପାଇଁ ପଦକ୍ଷେପ ଗ୍ରହଣ କରାଯାଇଛି। ପିଲରର ଭୂତଳ କଂକ୍ରିଟ୍‌କରଣ ନିମନ୍ତେ ସ୍ୱୀକୃତି ମିଳିଛି । ଠିକାଦାରଙ୍କୁ ଶୀଘ୍ର କାମ ଶେଷ କରିବା ପାଇଁ ପତ୍ର ଲେଖାଯାଇଥିବା ନିର୍ବାହୀ ଯନ୍ତ୍ରୀ ପ୍ରକାଶ କରିଛନ୍ତି । ଅନ୍ୟପକ୍ଷେ ପିଲର ତଳେ କଠିନ ପଥର ନ ପଡିବା ହେତୁ ଶେଷ ପର୍ଯ୍ୟାୟରେ କଂକ୍ରିଟ କାମ ବନ୍ଦ ରହିଥିବା ଖବର ମିଳିଛି।


କଲମପୁର ବ୍ଲକ ପାତ୍ରବସା-ବଡକୁଟ୍ରୁ ହାତୀନଦୀ ଉପରେ ନିର୍ମାଣାଧୀନ ବ୍ରିଜ୍।

# ମଣ୍ଡି ହ୍ୟାଣ୍ଡଲିଂ ଅର୍ଥ ହରିଲୁଟ୍

**ସୋନପୁର, ୨୬।୫(ନି.ପ୍ର.)**

**ଚାଷୀ ଉପରେ ବୋଝ, ମିଲର୍ସଙ୍କ ମର୍ଜିରେ ଧାନକିଣା**

ସୁବର୍ଣ୍ଣପୁର ଏକ କୃଷି ପ୍ରଧାନ ଜିଲା। ଏହି ଜିଲାରେ ଅଧିକ ଧାନ ଉତ୍ପାଦନ ହେଉଥିବାରୁ ରାଜ୍ୟ ଓ ରାଜ୍ୟ ବାହାରକୁ ଏଠାରୁ ଚାଉଳ ରପ୍ତାନି ହୋଇଥାଏ। ସରକାର ଚାଷୀଙ୍କ ନିକଟରୁ ଖରିଫରେ ପ୍ରାୟ ୩୦ଲକ୍ଷ କୁଇଣ୍ଟାଲ ଓ ରବିରେ ୨୫ଲକ୍ଷ କୁଇଣ୍ଟାଲରୁ ଊର୍ଦ୍ଧ୍ୱ ଧାନ ସଂଗ୍ରହ କରିଥାନ୍ତି। ତେବେ କଷ୍ଟମ ମିଲିଂ ଓ ଅନ୍‌ଲାଇନ୍ ସିଷ୍ଟମରେ ଧାନ ସଂଗ୍ରହ ପରେ ମଧ୍ୟ ଅବ୍ୟବସ୍ଥା ସୁଧୁରି ପାରିନାହିଁ। ଧାନ ବିକ୍ରି ପାଇଁ ୨୦୦୩ ପୂର୍ବରୁ ଚାଷୀ ଯେଭଳି ଅସୁବିଧା ଭୋଗୁଥିଲେ ଆଜି ବି ସେମିତି ଅବସ୍ଥାରେ ଅଛନ୍ତି। ଚାଷୀଙ୍କ ଧାନବିକ୍ରି ସମସ୍ୟା ସମାଧାନ ପାଇଁ ଲେଭିରେ ଧାନ ବିକ୍ରି ବ୍ୟବସ୍ଥା ଉଚ୍ଛେଦ ପରେ ଓଡିଶା ସରକାର ପଞ୍ଜାବ ଢାଞ୍ଚାରେ ବିକେନ୍ଦ୍ରୀକରଣ ବ୍ୟବସ୍ଥାରେ କଷ୍ଟମ ମିଲିଂରେ ଧାନ ସଂଗ୍ରହ କରୁଛନ୍ତି। ଏଥିରେ ମିଲର୍ସଙ୍କ ଭୂମିକା ଗୌଣ କରାଯାଇଛି। ଚାଷୀ ନିଜର ଉତ୍ପାଦିତ ଧାନକୁ ଆଣି ମଣ୍ଡିରେ ଗଦା କରି ଦେବା ପରେ ଏହା ପରର ସମସ୍ତ ଦାୟିତ୍ୱ ଆରଏମସି ଓ କ୍ରୟକାରୀ ସଂସ୍ଥାକୁ ମିଳିଛି। ଏହି ବିକ୍ରି ବ୍ୟବସ୍ଥା ସୁଦୃଢ କରିବା ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ରାଜ୍ୟ ସରକାରଙ୍କୁ ମଣ୍ଡି ପରିଚାଳନା(ହ୍ୟାଣ୍ଡଲିଂ) ବାବଦ ଅର୍ଥ ମିଳୁଛି। ମଣ୍ଡିରେ ବସ୍ତାରେ ଧାନ ଭର୍ତ୍ତି କରିବା, ଟ୍ରକ୍‌ରେ ଧାନ ଲୋଡିଂ, ଅନଲୋଡିଂ ବାବଦ ଶ୍ରମିକ ମଜୁରି, ଅଖା ବସ୍ତା ମୂଲ୍ୟ ଓ ମଣ୍ଡିରୁ ମିଲ୍‌କୁ ଧାନ ପରିବହନ ବାବଦ କିଲୋମିଟର ପ୍ରତି ଖର୍ଚ୍ଚ କେନ୍ଦ୍ର ସରକାର ଦେଉଛନ୍ତି। କିନ୍ତୁ ଆଜି ବି ଧାନ ସଂଗ୍ରହର ବାସ୍ତବ ଚିତ୍ର ସୁବର୍ଣ୍ଣପୁର ଜିଲାରେ ସମ୍ପୂର୍ଣ୍ଣ ଭିନ୍ନ ଥିବା ଦେଖିବାକୁ ମିଳୁଛି। ଏବେ ୬୦% ଚାଷୀ ନିଜ ଗାଡିରେ ଧାନ ଲଦି ସିଧାସଳଖ ମିଲ୍‌କୁ ନେଉଛନ୍ତି। ମାତ୍ର ଯୋଗାଣ ବିଭାଗ କିମ୍ବା ମାଜିଷ୍ଟ୍ରେଟ୍‌ଙ୍କ ପକ୍ଷରୁ ମିଲ୍‌ର ଗୋଦାମଗୁଡିକ ଯାଞ୍ଚ କରାଯାଉନି। ପ୍ୟାକ୍ସରେ କେବଳ କାଗଜପତ୍ର ପ୍ରସ୍ତୁତ ହେଉଛି। ଚାଷୀଙ୍କ ଅଖାବସ୍ତାରେ ମିଲର୍ସ ମିଲ୍‌କୁ ଧାନ ନେଉଛି। ମଣ୍ଡି ପରିଚାଳନା ପାଇଁ ଆସୁଥିବା ଅର୍ଥ ହଡ଼ପ କରାଯାଉଛି। ପ୍ରଶାସନ ଓ ଲୋକପ୍ରତିନିଧିଙ୍କ ଜାଣତରେ ଏସବୁ ହେଉଥିବା ଅଭିଯୋଗ ହେଉଛି।

ଧାନ ସଂଗ୍ରହ ବ୍ୟବସ୍ଥା ଅନୁଯାୟୀ ଜମିରୁ ଧାନ ଅମଳ ପରେ ଚାଷୀ ଏହାକୁ ସିଧାସଳଖ ମଣ୍ଡିକୁ ଆଣିବେ। ଏଥିପାଇଁ ଅଖାବସ୍ତା ମଧ୍ୟ ଦରକାର ନାହିଁ। ଧାନରେ ଆଦ୍ରତା ଥିଲେ ଆରଏମସି ପକ୍ଷରୁ ଚାଷୀଙ୍କୁ ଶୁଖାଇବାରେ ସହଯୋଗ କରାଯିବ। ନିୟମ ଅନୁସାରେ କ୍ରୟକାରୀ ସଂସ୍ଥା ଧାନ କିଣିବା ପରେ ଏହି ଧାନକୁ ଶ୍ରମିକଙ୍କ ସହାୟତାରେ ନୂଆ ବସ୍ତାରେ ରଖିବେ। କାରଣ ଧାନ କ୍ରୟକାରୀ ସଂସ୍ଥା ଓ ଆରଏମ୍‌ସିକୁ ଏଥିପାଇଁ କମିଶନ ଟଙ୍କା ମିଳୁଛି। ମାତ୍ର ମଣ୍ଡି ପରିଚାଳନାର ଯେଉଁ ଚିତ୍ର ଜିଲା ପ୍ରଶାସନ ସରକାରଙ୍କୁ ଦେଖାଉଛି, ତାହା ବାସ୍ତବରେ ସମ୍ପୂର୍ଣ୍ଣ ଅଲଗା। ପ୍ରକୃତ କଥା ହେଲା ଚାଷୀ ଏବେ ବି ନିଜ ବସ୍ତାରେ ଧାନ ଆଣି ଓଜନ କରି ବିକୁଛି। ୱେର୍‌ହାଉସ ଅଭାବରୁ ଧାନ ସିଧାସଳଖ ମିଲ୍‌କୁ ଯାଉଛି। ଯେଉଁ ଚାଷୀ ଚାପ ପକାଉଛନ୍ତି ତାଙ୍କୁ ହିଁ ମିଲର୍ସଙ୍କ ପକ୍ଷରୁ ଅଖାବସ୍ତା ଫେରସ୍ତ ମିଳୁଛି। ସେହିଭଳି ଧାନର ମାନ ନିର୍ଣ୍ଣୟ ବେଳେ ଏଥିରେ ସମସ୍ୟା ଥିଲେ, ଏହାକୁ ଶୁଖାଇବା ବ୍ୟବସ୍ଥା ମଧ୍ୟ ମଣ୍ଡିରେ କରା ନ ଯାଇ ବ୍ୟାପକ କଟ୍‌ନିଛଟ୍‌ନି କରାଯାଉଛି। ପରିବହନ ଖର୍ଚ୍ଚ ବାବଦ ଅର୍ଥ ହେରଫେର ପାଇଁ ମିଲ୍ ମାଲିକଙ୍କ ଦଲାଲମାନେ ସିଧାସଳଖ ମଣ୍ଡିକୁ ଆସି ଧାନ ଉଠାଉଥିବା ଅଭିଯୋଗ ହେଉଛି। ମଣ୍ଡି ହ୍ୟାଣ୍ଡଲିଂ ଅର୍ଥ ଦୁର୍ନୀତି ସବୁଠାରୁ ବଡ ଦୁର୍ନୀତି ବୋଲି ସୁବର୍ଣ୍ଣପୁର ଜିଲା କୃଷକ ବିକାଶ ସମନ୍ୱୟ ସମିତିର ସଭାପତି ରଜେନ୍ଦ୍ର ନାୟକ ଅଭିଯୋଗ କରିଛନ୍ତି। ଏକଥା ଜିଲା ପ୍ରଶାସନ ଓ ରାଜ୍ୟ ସରକାରଙ୍କଠାରୁ ଆରମ୍ଭ କରି ସମସ୍ତେ ଜାଣିଥିଲେ ବି କିଛି କାର୍ଯ୍ୟାନୁଷ୍ଠାନ ହେଉନାହିଁ। ବରଂ ଚାଷୀଙ୍କ ଉପରେ ବୋଝ ଲଦା ଚାଲିଛି ଓ ବିଭିନ୍ନ ବାଟରେ ସେମାନଙ୍କୁ ଶୋଷଣ କରାଯାଉଛି ବୋଲି ନାୟକ କହିଛନ୍ତି। ଏ ସମ୍ପର୍କରେ ଜିଲା ଯୋଗାଣ ଅଧିକାରୀ ବିବେକାନନ୍ଦ କୋରକୋରା କୁହନ୍ତି, ଜିଲା ଧାନ ସଂଗ୍ରହ କ୍ରୟ କମିଟି ବୈଠକର ନିଷ୍ପତ୍ତି ଅନୁଯାୟୀ ମିଲର୍ସଙ୍କୁ ମଣ୍ଡି ହ୍ୟାଣ୍ଡଲିଂ ଦାୟିତ୍ୱ ଦିଆଯାଇଛି। ମଣ୍ଡିରେ ଶ୍ରମିକ ମଜୁରି ଓ ପରିବହନ ଖର୍ଚ୍ଚ ସେମାନେ ବୁଝୁଛନ୍ତି। ଅଖା ବସ୍ତା ବାବଦ ଟଙ୍କା ମିଲର୍ସଙ୍କୁ ସରକାର ଦେଉଛନ୍ତି। ତେଣୁ ଅଭିଯୋଗ ଆସିବା ପରେ ଚାଷୀଙ୍କୁ ଅଖା ବସ୍ତା ଫେରସ୍ତ କରିବା ପାଇଁ କ୍ରୟକାରୀ ସଂସ୍ଥାଙ୍କୁ ଚିଠି କରାଯାଇଥିବା କହିଛନ୍ତି।

## ସଂକ୍ଷେପରେ

### ଯୁବକଙ୍କ ଟାଙ୍ଗିଆ ଚୋଟରେ ବୃଦ୍ଧା ମୃତ

**ଚନ୍ଦାହାଣ୍ଡି,୨୬।୫(ଡି.ଏନ୍.ଏ. ):** ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ଅନ୍ତର୍ଗତ ହଲଦୀ ଗ୍ରାମ ନିକଟରେ ସୋମବାର ସନ୍ଧ୍ୟାରେ ଜଣେ ଯୁବକଙ୍କ ଟାଙ୍ଗିଆ ଚୋଟରେ ଜଣେ ବୃଦ୍ଧାଙ୍କ ମୃତ୍ୟୁ ଘଟିଛି। ମୃତ ବୃଦ୍ଧା ଜଣକ ହେଲେ ଜମାଦାରପଡ଼ାର ନିମିଚନ୍ଦ ଚୌହାନ (୬୦)। ଏହି ଘଟଣାରେ ଯୁବକ ହିରଣ୍ୟ ବାଘଙ୍କୁ ଚନ୍ଦାହାଣ୍ଡି ପୋଲିସ ଅଟକ ରଖିଛି। ହଲଦୀ ଗ୍ରାମର କିଛି ଦୂରରେ ଥିବା ଏକ ଇଟାଭାଟି ପାଖରେ କୁଡ଼ିଆ କରି ପରିବାର ସହ ହିରଣ୍ୟ ରହି ଆସୁଥିଲେ। ଦୁଇମାସ ତଳେ ପାଟିତୁଣ୍ଡ ହେବାରୁ ହିରଣ୍ୟଙ୍କ ସ୍ତ୍ରୀ ନିଜ ବାପଘର ଜମାଦାରପଡ଼ା ଚାଲିଯାଇଥିଲେ। ଜମାଦାରପଡ଼ାର ନିମିଚନ୍ଦ ସୋମବାର ସନ୍ଧ୍ୟାରେ ହିରଣ୍ୟଙ୍କ ଘରକୁ ଆସି ସ୍ତ୍ରୀକୁ ଘରକୁ ଆଣିବାକୁ କହିଥିଲେ। ଏଥିରେ ହିରଣ୍ୟ ଉତ୍ତ୍ୟକ୍ତ ହୋଇ ନିମିଚନ୍ଦଙ୍କ ମୁଣ୍ଡ ଓ ମୁହଁକୁ ଟାଙ୍ଗିଆରେ ଚୋଟ ପକାଇଥିଲେ। ଘଟଣା ସ୍ଥଳରେ ନିମିଚନ୍ଦଙ୍କ ମୃତ୍ୟୁ ହୋଇଥିଲା। ଖବର ପାଇ ମଙ୍ଗଳବାର ଚନ୍ଦାହାଣ୍ଡି ଥାନା ଅଧିକାରୀ ଅଭୟ ବେହେରା ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତକରି ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ହିରଣ୍ୟଙ୍କୁ ଥାନାକୁ ଆଣି ପୋଲିସ ଘଟଣାର ତଦନ୍ତ କରୁଛି। କୋରାପୁଟରୁ ଏକ ଅନୁସନ୍ଧାନକାରୀ ଦଳ ମଧ ଘଟଣାସ୍ଥଳକୁ ଆସି ତଦନ୍ତ କରିଛି। ଉମରକୋଟ ଏସ୍‌ଡିପିଓ ହେମନ୍ତ କୁମାର ପାତ୍ରୀ ଏହି ମାମଲାର ନିଜେ ଦାୟିତ୍ୱ ନେଇଥିବା ବେଳେ ଚନ୍ଦାହାଣ୍ଡି ଥାନା ଅଧିକାରୀ ଅଭୟ ବେହେରା ଘଟଣାର ତଦନ୍ତ କରୁଛନ୍ତି।

### କ୍ୱାରାଣ୍ଟାଇନରୁ ଫେରାର ଯୁବକଙ୍କୁ କାବୁକଲା ପ୍ରଶାସନ

**ଦଶମନ୍ତପୁର,୨୬।୫(ଡି.ଏନ୍.ଏ.):** କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ସଦର ମହକୁମାସ୍ଥିତ ରାଧାକୃଷ୍ଣ ଆଦିବାସୀ ମହାବିଦ୍ୟାଳୟ କ୍ୱାରାଣ୍ଟାଇନ କେନ୍ଦ୍ରରୁ ସୋମବାର ରାତିରେ ଫେରାର ହୋଇଥିବା ଜଣେ ପ୍ରବାସୀ ଯୁବକଙ୍କୁ ପ୍ରଶାସନ ମଙ୍ଗଳବାର କାବୁ କରିଛି। ସୋମବାର ଏହି କେନ୍ଦ୍ରରୁ ଜଣେ କରୋନା ପଜିଟିଭ ଚିହ୍ନଟ ହୋଇଥିବା ଜାଣିବା ପରେ ସଙ୍ଗରୋଧ କେନ୍ଦ୍ରରୁ ରାତି ପ୍ରାୟ ଗୋଟାଏ ସମୟରେ ଜଣେ ଯୁବକ ଖସି ଚାଲିଯାଇଥିଲେ। ସକାଳୁ ଖବର ପାଇବା ମାତ୍ରେ ପ୍ରଶାସନ ପକ୍ଷରୁ ତନାଘନା ଆରମ୍ଭ ହୋଇଥିଲା। ତହସିଲଦାର ଅଜୟ ପ୍ରକାଶ ତିର୍କି, ଥାନା ଅଧିକାରୀ କ୍ଷୀରେଶ୍ୱର ସାହୁ, ବିଡିଓ ଡମ୍ବରୁଧର ମଲ୍ଲିକ ଯୁବକଙ୍କ ସମ୍ପର୍କରେ ତଥ୍ୟ ସଂଗ୍ରହ କରିଥିଲେ। ଯୁବକ ଜଣକ ଡୁରକାଗୁଡ଼ା ସ୍ଥିତ ଏକ ଜଙ୍ଗଲରେ ଲୁଚିରହିଥିବା ଖବର ପାଇଥିଲେ। ସମ୍ପୃକ୍ତ ଅଧିକାରୀମାନେ ଉକ୍ତ ଯୁବକଙ୍କୁ ଆଣି କ୍ୱାରାଣ୍ଟାଇନ କେନ୍ଦ୍ରରେ ଭର୍ତ୍ତି କରିଥିଲେ।

### ଛାତ୍ରୀଛାତ୍ରଙ୍କ ସବୁ ଫି' ଛାଡ଼ ଦାବିକଲା ଏଆଇଡିଏସ୍‌ଓ

**ବୈପାରିଗୁଡ଼ା,୨୬।୫(ଡି.ଏନ୍.ଏ.):** କରୋନା ମହାମାରୀ ପରିସ୍ଥିତିରେ ସମସ୍ତ ଗରିବ ଛାତ୍ରୀଛାତ୍ରଙ୍କ ସମସ୍ତ ପ୍ରକାର ଫି' ଛାଡ଼ କରିବା ସହ ପାଠ୍ୟପୁସ୍ତକ ମାଗଣାରେ ଯୋଗାଇଦେବାକୁ ଏଆଇଡିଏସ୍‌ଓ ବୈପାରିଗୁଡ଼ା ଶାଖା ପକ୍ଷରୁ ଦାବି କରାଯାଇଛି। ଏନେଇ ଏକ ଦାବିପତ୍ର ମଙ୍ଗଳବାର ସଙ୍ଗଠନ ପକ୍ଷରୁ ବିଡିଓ ଅଭିମନ୍ୟୁ କବିଶତପଥୀଙ୍କୁ ପ୍ରଦାନ କରାଯାଇଛି। ଅନ୍‌ଲାଇନରେ ପାଠପଢ଼ା, ପରୀକ୍ଷା ପରିଚାଳନା ଏବଂ ଖାତା ଦେଖା ନିଷ୍ପତ୍ତି ପ୍ରତ୍ୟାହାର କରିବାକୁ ମଧ ଦାବି ହୋଇଛି। ଏହି ସମୟରେ ଡିଏସ୍‌ଓ ପକ୍ଷରୁ ବାସନ୍ତୀ ଖରା,ରୁକ୍ମିଣୀ ବାରିକ, ନବୀନା ବାରିକ, ଜଗନ୍ନାଥ ହରିଜନ ଓ ଦଶରଥ ଖିଲ ଉପସ୍ଥିତ ଥିଲେ।

### କୋଭିଡ୍‌-୧୯ ଚିକିତ୍ସାଳୟରେ ୫ ଆକ୍ରାନ୍ତଙ୍କ ଚିକିତ୍ସା ଆରମ୍ଭ

**ଜୟପୁର, ୨୬।୫(ଡି.ଏନ୍.ଏ. ):** କୋରାପୁଟ ଜିଲାରେ ୬ଜଣ କାରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ସୋମବାର ୫ଜଣଙ୍କୁ ଜୟପୁରସ୍ଥିତ କୋଭିଡ୍‌-୧୯ ଚିକିତ୍ସାଳୟକୁ ଅଣାଯାଇଥିଲା। ମଙ୍ଗଳବାରଠାରୁ ସେମାନଙ୍କ ଚିକିତ୍ସା ଆରମ୍ଭ ହୋଇଛି। ପ୍ରଶାସନ ପକ୍ଷରୁ ଏହି ଚିକିତ୍ସାଳୟର ୧୦୦ ମିଟର ଭିତରେ ଥିବା ଅଞ୍ଚଳକୁ ନିଷେଧାଞ୍ଚଳ ଘୋଷଣା କରାଯାଇଛି। ଏହି ରାସ୍ତାରେ ସମସ୍ତଙ୍କ ଯାତାୟାତ ଉପରେ କଟକଣା ଜାରି ହୋଇଛି। ବିକ୍ରମଦେବ ଛାତ୍ରାବାସ ଏବଂ ଗୌଡ଼ସାହି ଛକଠାରେ ବ୍ୟାରିକେଡ୍‌ ନିର୍ମାଣ କରାଯାଇ ପୋଲିସ ମୁତୟନ କରାଯାଇଛି। ଏହି ୫ଜଣଙ୍କ ମଧ୍ୟରୁ ନନ୍ଦପୁର ବ୍ଲକର ୨ ମହିଳା ରୋଗୀ ଗର୍ଭବତୀ ଥିବାରୁ ସେମାନଙ୍କୁ ସ୍ୱତନ୍ତ୍ର ଭାବେ ଚିକିତ୍ସିତ କରାଯାଉଥିବା ସିଡିଏମ୍‌ଓ ଡା. ମକରନ୍ଦ ବେଉରା କହିଛନ୍ତି।

# ଲୋକଙ୍କ ସ୍ୱାସ୍ଥ୍ୟ ସହ ଖେଳ

**ବୈପାରିଗୁଡ଼ା,୨୬।୫(ଡି.ଏନ୍.ଏ.)**







**ଚଢ଼ା ଦରରେ ବିକ୍ରି ହେଉଛି ନକଲି ଆୟୋଡିନ୍‌ଯୁକ୍ତ ଲୁଣ**

- ଛତିଶଗଡ଼, ରାୟପୁରରୁ ଆସୁଛି ଏହି ଲୁଣ
- ଦୋକାନୀ ଉଠାଉଛନ୍ତି ଫାଇଦା
- ଏମ୍‌ଆର୍‌ପି, ବିକ୍ରି ମୂଲ୍ୟରେ ରହିଛି ଫରକ

କୋରାପୁଟ ଜିଲାର ବୈପାରିଗୁଡ଼ା ବଜାରରେ ବିକ୍ରି ହେଉଥିବା ବିଭିନ୍ନ କମ୍ପାନୀର ଲୁଣ ଆୟୋଡିନଯୁକ୍ତ କି ନାହିଁ ସେ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବ୍ରାଣ୍ଡେଡ୍‌ କମ୍ପାନୀର ଆୟୋଡିନ୍‌ଯୁକ୍ତ ଲୁଣକୁ ଖାଉଟି ଅଧିକ ପସନ୍ଦ କରିଥାନ୍ତି। ବଜାରରେ ମିଳୁଥିବା କେଜିକିଆ ପ୍ୟାକେଟ୍‌ ଲୁଣର ଏମ୍‌ଆର୍‌ପି ପ୍ରାୟ ୨୦ ଟଙ୍କା ରହୁଛି। ତେବେ ପ୍ରତିଷ୍ଠିତ କମ୍ପାନୀକୁ ଅନୁକରଣ କରି ବଜାରରେ ଏବେ ବିଭିନ୍ନ ନାମରେ ଲୁଣ ପ୍ୟାକେଟ୍‌ ମିଳୁଛି। ବ୍ରାଣ୍ଡେଡ୍‌ କମ୍ପାନୀର ଲୁଣ ପ୍ୟାକେଟ୍‌ ସହ ଅନ୍ୟଗୁଡ଼ିକର ବହୁ ସାମଞ୍ଜସ୍ୟ ରହିଛି। ଏମ୍‌ଆର୍‌ପି ମଧ ପାଖାପାଖି ରଖାଯାଇଛି। ତେବେ ସାଧାରଣ ଖାଉଟି ଟାଟା ଲୁଣ ମାଗିଲେ ଦୋକାନୀମାନେ ଟାଟେ, ଟାଭା, ତାରି ଓ ତାଜା ନାମରେ ଆସୁଥିବା ଲୁଣ ପ୍ୟାକେଟ୍‌ ଧରାଇ ଦେଉଛନ୍ତି। ଫଳରେ ଖାଉଟି ଠକାମିର ଶିକାର ହେଉଛନ୍ତି। ତେବେ ସାଧାରଣ ଦିନରେ ଏହି ଲୁଣ କିଲୋ ପିଛା ୧୦ଟଙ୍କାରେ ବିକ୍ରି କରାଯାଉଥିବା ବେଳେ ଏବେ ଲକ୍‌ଡାଉନ୍‌ ପରିସ୍ଥିତିର ସୁଯୋଗ ନେଇ ଅନେକ ଦୋକାନୀ ଖାଉଟିଙ୍କୁ ୧୫ରୁ ୧୮ ଟଙ୍କା ପର୍ଯ୍ୟନ୍ତ ଦରରେ ଏହି ଲୁଣ ବିକ୍ରି କରୁଛନ୍ତି। ଅପରପକ୍ଷେ ପ୍ରତିଷ୍ଠିତ କମ୍ପାନୀର ଲୁଣ ବଜାରରୁ ପ୍ରାୟ ଉଭେଇଯାଉଛି ଏବଂ ଯାହା ମିଳୁଛି ତାହା ଚଢ଼ା ଦରରେ ବିକ୍ରି କରାଯାଉଛି। ଅପରପକ୍ଷେ ପ୍ରତିଷ୍ଠିତ କମ୍ପାନୀର ନାଁକୁ ନକଲ କରି ପ୍ରସ୍ତୁତ ଲୁଣ ପ୍ୟାକେଟ୍‌ ଛତିଶଗଡ଼, ରାୟପୁର ମାର୍କେଟରୁ ଏଠାକୁ ଆସୁଥିବା ଜଣାପଡିଛି। ସେଥିରେ ଆୟୋଡିନ ଭାଗ ରହୁନାହିଁ। ଅଙ୍ଗନୱାଡି ପ୍ରି-ସ୍କୁଲ ଭୋଜନରେ ଏବଂ ସ୍କୁଲ ମଧ୍ୟାହ୍ନଭୋଜନରେ ଏହି କମ୍‌ ଦାମ୍‌ର ଲୁଣ ବ୍ୟବହାର କରାଯାଉଛି। ଫଳରେ ପିଲାଙ୍କ ସ୍ୱାସ୍ଥ୍ୟ ଉପରେ ଏହା ପ୍ରଭାବ ପକାଉଥିବ ସହଜରେ ଅନୁମେୟ। ଏ ସମ୍ପର୍କରେ ବିଡିଓ ଅଭିମନ୍ୟୁ କବିଶତପଥୀ ଏବଂ ଯୋଗାଣ ନିରୀକ୍ଷକ ହରିଶ ମଲ୍ଲିକଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ସେମାନେ କହିଲେ ଯେ, ଯେଉଁ ବ୍ୟବସାୟୀ ଏମ୍‌ଆର୍‌ପିଠାରୁ ଅଧିକ ମୂଲ୍ୟ ନେଉଛନ୍ତି ସେମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯିବ। ତେବେ ନକଲି ଅଥବା ନିମ୍ନମାନର ଲୁଣ ଉପରେ କେବଳ ଫୁଡ୍‌ ଇନ୍ସପେକ୍ଟର କାର୍ଯ୍ୟାନୁଷ୍ଠାନ ନେଇପାରିବେ। ଫୁଡ୍‌ ଇନ୍ସପେକ୍ଟରଙ୍କ ସହ ଯୋଗାଯୋଗ କରାଯାଇଥିଲେ ସୁଦ୍ଧା ସମ୍ଭବ ହୋଇପାରିନାହିଁ।

## କରୋନା ସ୍ଥିତି ସମୀକ୍ଷା କଲେ ମନ୍ତ୍ରୀ, ବିଧାୟକ



ସ୍ଥିତି ସମୀକ୍ଷା କରୁଛନ୍ତି ମନ୍ତ୍ରୀ, ବିଧାୟକ।

**ପଟ୍ଟାଙ୍ଗି, ୨୬।୫ (ଡି.ଏନ୍.ଏ.):** କୋରାପୁଟ ଜିଲା ପଟ୍ଟାଙ୍ଗୀ ବ୍ଲକ କାର୍ଯ୍ୟାଳୟର ଏଫ୍‌ଆଇସି ସଭାଗୃହରେ ମଙ୍ଗଳବାର ବିଧାୟକ ପ୍ରୀତମ ପାଢ଼ୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ମନ୍ତ୍ରୀ ପଦ୍ମିନୀ ଦିଆନ, କୋରାପୁଟ ବିଧାୟକ ରଘୁରାମ ପଡାଲ କରୋନା ସ୍ଥିତି ସମୀକ୍ଷା କରିଛନ୍ତି। ରାଜ୍ୟ ସରକାର ସରପଞ୍ଚଙ୍କୁ ଦେଇଥିବା ଜିଲାପାଳ କ୍ଷମତାର ଉପଯୋଗ କରନ୍ତୁ, ଯେପରି ବାହାର ରାଜ୍ୟରୁ ଫେରୁଥିବା ଶ୍ରମିକମାନେ ଗ୍ରାମ ସ୍ତରରେ ସମସ୍ୟାର ସମ୍ମୁଖୀନ ନ ହୁଅନ୍ତି ସେଥିପ୍ରତି ଦୃଷ୍ଟିଦେବାକୁ କହିଥିଲେ। ଏହି ସମୟରେ ନୂଆଗାଁ ସମିତି ସଭ୍ୟ ଜି. ଉମା ମହେଶ୍ୱର ରାଓ ବାହାର ରାଜ୍ୟରୁ ଆସି କ୍ୱାରାଣ୍ଟାଇନରେ ଥିବା ଶ୍ରମିକମାନେ ଘରକୁ ଫେରିବା ବେଳେ ସରକାର ଘୋଷଣା କରିଥିବା ୨ ହଜାର ଲେଖାଏ ଟଙ୍କା ସେମାନଙ୍କୁ ମିଳୁନାହିଁ ବୋଲି ଅଭିଯୋଗ କରିଥିଲେ। ଏହାର ଉତ୍ତର ଦେଇ ବିଡିଓ ମୋନାଲିସା ଦେବତା କହିଥିଲେ ଯେ, ଏହି ଅର୍ଥ କେଉଁ ଅନୁଦାନରୁ ପ୍ରବାସୀ ଶ୍ରମିକଙ୍କୁ ପ୍ରଦାନ କରାଯିବ ସେନେଇ ସରକାରୀ ସ୍ତରରେ କୌଣସି ନିର୍ଦ୍ଦେଶନାମା ଆସିନାହିଁ। ନିର୍ଦ୍ଦେଶ ଆସିଲେ ଶ୍ରମିକମାନଙ୍କୁ ଅର୍ଥ ପ୍ରଦାନ କରାଯିବ। ବୈଠକରେ ଜିଲା ବିଜେଡି ସଭାପତି ଈଶ୍ୱର ପାଣିଗ୍ରାହୀ, ପଞ୍ଚାୟତ ସମିତି ଅଧ୍ୟକ୍ଷ ଜଗତଜ୍ୟୋତି ପାଙ୍ଗୀ, ଜିଲା ପରିଷଦ ସଭ୍ୟ ଲଇଚନ ଖରା, ଡାକ୍ତର ଭାଗବତ ମୁର୍ମୁ, ପିଏଚ୍‌ଇଓ ବିଜୟ ଖିଲ, ସରପଞ୍ଚ, ସମିତିସଭ୍ୟଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

## ଜେକେ କାଗଜକଳ ମହିଳା ମଣ୍ଡଳ ପକ୍ଷରୁ ମାସ୍କ ପ୍ରଦାନ




**ଜେକେପୁର,୨୬।୫:** କରୋନାକୁ ପ୍ରତିହତ କରିବାରେ ମାସ୍କ ହେଉଛି ଏକ ପ୍ରମୁଖ ଅସ୍ତ୍ର। କିନ୍ତୁ ଏବେ ମଧ ଅନେକ ଲୋକ ମାସ୍କ ନ ପିନ୍ଧି ବାହାରକୁ ବାହାରୁଥିବା ଦେଖାଯାଉଛି। ତେଣୁ ରାୟଗଡ଼ା ଜିଲା ଜେକେପୁରସ୍ଥିତ ଜେକେ କାଗଜକଳର ମହିଳା ମଣ୍ଡଳ ପକ୍ଷରୁ ୮୫୩ ମାସ୍କ ତିଆରି କରି ଜିଲା ପ୍ରଶାସନକୁ ପ୍ରଦାନ କରାଯାଇଛି। ମଣ୍ଡଳର ସଦସ୍ୟାମାନଙ୍କ ଦ୍ୱାରା ପ୍ରସ୍ତୁତ ମାସ୍କଗୁଡ଼ିକୁ ଉପସଭାପତି ନୀତ୍‌ ଦ୍ୱିବେଦୀ ଓ ସମ୍ପାଦିକା ସୁଜାତା ସାମଲ ଜନସାଧାରଣଙ୍କ ବ୍ୟବହାର ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ପ୍ରଦାନ କରିଛନ୍ତି। ସେହିପରି ୨୯ ଜିଲାକୁ କରୋନା ବ୍ୟାପିଥିବାବେଳେ ଏକମାତ୍ର ଜିଲା ରାୟଗଡ଼ାକୁ କରୋନା ମୁକ୍ତ ରଖିବାରେ ସଫଳ ହୋଇଥିବାରୁ ପ୍ରଶାସନକୁ ଧନ୍ୟବାଦ ମଧ ଜଣାଇଛନ୍ତି।

## ୨ କେନ୍ଦ୍ରରେ ଆରମ୍ଭ ହେଲା ମାଟ୍ରିକ ଖାତା ମୂଲ୍ୟାୟନ

**ଜୟପୁର, ୨୬।୫ (ନି.ପ୍ର./ଡି.ଏନ୍.ଏ.):** ମାଟ୍ରିକ ପରୀକ୍ଷା ଖାତା ମୂଲ୍ୟାୟନ ମଙ୍ଗଳବାରଠାରୁ ରାଜ୍ୟବ୍ୟାପୀ ଆରମ୍ଭ ହୋଇଛି। ଏଥିପାଇଁ କୋରାପୁଟ ଜିଲାରେ ୨ଟି କେନ୍ଦ୍ରରେ ଖାତା ମୂଲ୍ୟାୟନ ବ୍ୟବସ୍ଥା କରାଯାଇଛି। ଗୋଟିଏ ଜୟପୁର ସରକାରୀ ବାଳିକା ଉଚ୍ଚବିଦ୍ୟାଳୟ ଓ ଅନ୍ୟଟି କୋରାପୁଟ ଉଚ୍ଚ ବିଦ୍ୟାଳୟରେ ହୋଇଛି। ଜିଲାପାଳ ମଧୁସୂଦନ ମିଶ୍ରଙ୍କ ନିର୍ଦ୍ଦେଶରେ କୋଭିଡ୍‌-୧୯କୁ ଦୃଷ୍ଟିରେ ରଖି ମୂଲ୍ୟାୟନ କେନ୍ଦ୍ରରେ ସମସ୍ତ ସତର୍କତା ବ୍ୟବସ୍ଥା ହୋଇଛି। ଉଭୟ କେନ୍ଦ୍ରରେ ସାମାଜିକ ଦୂରତାକୁ ବଜାୟ ରଖିବା ସହ ଶିକ୍ଷୟିତ୍ରୀ ଶିକ୍ଷକମାନେ ମାସ୍କ ପିନ୍ଧି ସକାଳ ୯ଟାରୁ ଅପରାହ୍ଣ ୩ଟାଯାଏ ଖାତା ମୂଲ୍ୟାୟନ କରୁଛନ୍ତି। ୧୦ କି.ମି. ମଧ୍ୟରେ ଥିବା ଶିକ୍ଷୟିତ୍ରୀ ଶିକ୍ଷକମାନେ ମୂଲ୍ୟାୟନରେ ଭାଗ ନେଇଥିଲେ। ପ୍ରଥମ ପର୍ଯ୍ୟାୟରେ ଇଂଲିଶ, ଗଣିତ, ଇତିହାସ ଓ ଭୂଗୋଳ ଖାତା ମୂଲ୍ୟାୟନ ହୋଇଛି। ଜିଲା ସ୍ୱାସ୍ଥ୍ୟ ବିଭାଗର ଏକ ସ୍ୱତନ୍ତ୍ର ଟିମ୍‌ ଉପସ୍ଥିତିରେ ମୂଲ୍ୟାୟନ କେନ୍ଦ୍ରରେ ନିୟୋଜିତ ଥିଲେ।

## ସଫେଇ କର୍ମଚାରୀଙ୍କ ବିକ୍ଷୋଭ

**ମାଲକାନଗିରି,୨୬।୫(ଡି.ଏନ୍.ଏ.)**



ବିକ୍ଷୋଭ ପ୍ରଦର୍ଶନ କରୁଥିବା ସଫେଇ କର୍ମଚାରୀ।

ମାଲକାନଗିରି ଜିଲା ସଦର ମହକୁମାସ୍ଥିତ କୋଭିଡ୍‌-୧୯ ଚିକିତ୍ସାଳୟରେ କାର୍ଯ୍ୟ କରୁଥିବା ସଫେଇ କର୍ମଚାରୀ ଓ ସୁରକ୍ଷା କର୍ମୀ ବିଭିନ୍ନ ଦାବି ନେଇ ମଙ୍ଗଳବାର ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏଠାରେ ୩୦ ଜଣ ସଫେଇ କର୍ମଚାରୀ ନିଜ ଜୀବନକୁ ବାଜି ଲଗାଇ କାମ କରୁଥିବା ବେଳେ ପ୍ରଶାସନ ପକ୍ଷରୁ ସେମାନଙ୍କୁ ଉପଯୁକ୍ତ ସୁବିଧା ମିଳୁନାହିଁ। ବିଶେଷକରି କାର୍ଯ୍ୟ ସାରି ଘରକୁ ଯିବା ସମୟରେ ସାହିରେ ସେମାନଙ୍କୁ ପ୍ରବେଶ କରିବାକୁ ଲୋକେ ଦେଉ ନ ଥିବା ଅଭିଯୋଗ କରିଛନ୍ତି। ତେବେ ବର୍ତ୍ତମାନ ସୁଦ୍ଧା ୩ଜଣ ସଫେଇ କର୍ମଚାରୀ କାମ ଛାଡି ଚାଲିଯାଇଛନ୍ତି। ପ୍ରଶାସନ ପକ୍ଷରୁ ସେମାନଙ୍କୁ ସ୍ୱତନ୍ତ୍ର ସୁବିଧା ଓ ସୁରକ୍ଷା ନ ମିଳିଲେ ଆଗାମୀ ଦିନରେ ସଫେଇ କର୍ମଚାରୀମାନେ ଚାକିରି ଛାଡ଼ିଦେବେ ବୋଲି ଚେତାବନୀ ଦେଇଛନ୍ତି। ସେହିପରି ଭୁବନେଶ୍ୱରର ଭାରତ ସିକ୍ୟୁରିଟି ସର୍ଭିସ ସଂସ୍ଥା ଜରିଆରେ ଏଠାରେ ନିୟୋଜିତ ସୁରକ୍ଷା କର୍ମୀଙ୍କୁ ମଧ ଅଣଦେଖା କରାଯାଉଥିବା ସେମାନେ ଅଭିଯୋଗ କରିଛନ୍ତି।

## ଇ-ସୁବିଦ୍ୟା କାର୍ଯ୍ୟକ୍ରମ ସମୀକ୍ଷା କଲେ ମନ୍ତ୍ରୀ

**ରାୟଗଡ଼ା ଅଫିସ,୨୬।୫**



ପିଲାମାନେ ଗଛ ତଳେ ପାଠ ପଢୁଛନ୍ତି।

ରାୟଗଡ଼ା ଜିଲାରେ ଚାଲିଥିବା ଇ-ସୁବିଦ୍ୟା କାର୍ଯ୍ୟକ୍ରମର ସମୀକ୍ଷା କରିଛନ୍ତି ଅନୁସୂଚିତ ଜାତି ଓ ଜନଜାତି ବିକାଶ, ପଛୁଆବର୍ଗ ଓ ସଂଖ୍ୟାଲଘୁ କଲ୍ୟାଣ ମନ୍ତ୍ରୀ ଜଗନ୍ନାଥ ସାରକା। ମଙ୍ଗଳବାର ମନ୍ତ୍ରୀ ଜିଲାର ବିଭିନ୍ନ ଗ୍ରାମକୁ ଯାଇ କାର୍ଯ୍ୟକ୍ରମର ତଦାରଖ କରିଥିଲେ। ମଙ୍ଗଳ ବିଭାଗ ପକ୍ଷରୁ ଗ୍ରାମାଞ୍ଚଳର ପିଲାଙ୍କୁ ଉଭୟ ଅନ୍‌ଲାଇନ ଓ ଅଫ୍‌ଲାଇନ ମାଧ୍ୟମରେ ଶିକ୍ଷାଦାନ କରାଯାଉଛି। ମେଣ୍ଟରଶିପ୍‌ କାର୍ଯ୍ୟକ୍ରମ ଜରିଆରେ ଶିକ୍ଷକମାନେ ପ୍ରତି ସପ୍ତାହରେ ୫ ଗ୍ରାମକୁ ଯାଇ ପାଠ ପଢ଼ାଇବା ବ୍ୟବସ୍ଥା କରାଯାଇଛି। ମନ୍ତ୍ରୀ ସାରକାଙ୍କ ସହ ରାୟଗଡ଼ା ବିଧାୟକ ମକରନ୍ଦ ମୁଦୁଲି ଜିଲାର କୋଲନରା ବ୍ଲକ୍‌ ଅଧୀନ ଅନକାବାଡ଼ି, ରାୟଗଡ଼ା ବ୍ଲକ୍‌ର ଉକ୍ରାପାଡୁ ଏବଂ ବୀର ନାରାୟଣପୁର ଗ୍ରାମକୁ ଯାଇ କାର୍ଯ୍ୟକ୍ରମ କିପରି ଚାଲିଛି ତାହା ପଚାରି ବୁଝିଥିଲେ। ଅନକବାଡ଼ିରେ ପିଲାଙ୍କୁ ଗଛ ତଳେ ପାଠ ପଢ଼ାଯାଉଥିବାବେଳେ ମନ୍ତ୍ରୀ ସେଠାରେ ପିଲାଙ୍କ ସହ ଆଲୋଚନା କରିଥିଲେ। ଅଭିଭାବକଙ୍କ ମୋବାଇଲକୁ ପ୍ରତ୍ୟେକ ଦିନ ପଠାଯାଉଥିବା ଇ-ପାଠ୍ୟକ୍ରମକୁ ଦେଖିବା ସହ ବିଦ୍ୟାର୍ଥୀମାନେ ଏସବୁକୁ କିପରି ଗ୍ରହଣ କରୁଛନ୍ତି ତାହା ପ୍ରତ୍ୟକ୍ଷଭାବେ ଦେଖିଥିଲେ। ୬ଷ୍ଠ ଶ୍ରେଣୀ ଛାତ୍ରୀ ପି. ଗୀତା ମୋବାଇଲ ଚାଳନା କରି ମନ୍ତ୍ରୀଙ୍କୁ ଇ-ଶିକ୍ଷାଦାନ ବିଷୟରେ ଜଣାଇଥିଲେ। ବୀରନାରାୟଣପୁର ଗ୍ରାମରେ ମନ୍ତ୍ରୀ ପିଲାଙ୍କୁ ଇ-ସୁବିଦ୍ୟା କାର୍ଯ୍ୟକ୍ରମର ଲାଭ ଉଠାଇବାକୁ ପରାମର୍ଶ ଦେଇଥିଲେ। ଜିଲାରେ ଏହି କାର୍ଯ୍ୟକ୍ରମର ସଫଳ ପରିଚାଳନା ନେଇ ମନ୍ତ୍ରୀ ସନ୍ତୋଷ ପ୍ରକାଶ କରିଥିଲେ। ମନ୍ତ୍ରୀଙ୍କ ଗସ୍ତ ସମୟରେ ଜିଲା ପରିଷଦ ଅଧ୍ୟକ୍ଷ ଗଙ୍ଗାଧର ପୁଆଲା, ବ୍ଲକ୍‌ ଅଧ୍ୟକ୍ଷ ରାମଲୁ ପେଦେଣ୍ଟି, ଜିଲା ମଙ୍ଗଳ ଅଧିକାରୀ ଅଶୋକ ଶତପଥୀ, ବ୍ଲକ୍‌ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ପଞ୍ଚାନନ ଖଣ୍ଡୁଆଳ ଉପସ୍ଥିତ ଥିଲେ।

## ନବଜାତକ ପାଟିବାଟେ ବାହାରୁଛି ମଳ,ମୂତ୍ର

### ଚିକିତ୍ସାରେ ଅର୍ଥ ବାଧକ

**ଡାବୁଗାଁ, ୨୬।୫ (ଡି.ଏନ୍.ଏ.):** ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ ନିକଟସ୍ଥ କେରଣ୍ଡି ଗ୍ରାମର ଗୋବର୍ଦ୍ଧନ ମିର୍ଗାନଙ୍କ ସ୍ତ୍ରୀ ବାଳମତି ଶନିବାର ଡାବୁଗାଁ ସ୍ୱାସ୍ଥ୍ୟକେନ୍ଦ୍ରରେ ଏକ ଶିଶୁକନ୍ୟା ଜନ୍ମ ଦେଇଥିଲେ। କିନ୍ତୁ ନବଜାତକଙ୍କ ପରିସ୍ରା ଓ ମଳଦ୍ୱାର ନ ଥିବାରୁ ପାଟି ବାଟେ ବାହାରୁଛି ମଳ, ମୂତ୍ର। ଶିଶୁର ଏପରି ସ୍ଥିତି ଦେଖି ଡାବୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଚିକିତ୍ସାଧିକାରୀ ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିଲେ। ସେଠାରେ ଡାକ୍ତର ଦେଖିବା ପରେ ନବଜାତକକୁ କୋରାପୁଟ ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତରିତ କରିଥିଲେ। ସେଠାରେ ଡାକ୍ତର ବ୍ରହ୍ମପୁର ସ୍ୱାସ୍ଥ୍ୟକେନ୍ଦ୍ରକୁ ନେବାପାଇଁ ପରାମର୍ଶ ଦେଇଥିଲେ। ହେଲେ ବ୍ରହ୍ମପୁର ନେବାପାଇଁ ସାହସ ଜୁଟାଇ ପାରୁନାହାନ୍ତି ଗୋବର୍ଦ୍ଧନ। ତାଙ୍କ ପାଇଁ ଅର୍ଥ ସାଜିଛି ବାଧକ। କାରଣ ସେ ଜଣେ ଦିନ ମଜୁରିଆ ହୋଇଥିବାରୁ ତାଙ୍କ ରୋଜଗାରରେ ପରିବାର ଭରଣପୋଷଣ କରିବା କଷ୍ଟକର। ଏଭଳି ସ୍ଥିତିରେ ବ୍ରହ୍ମପୁର ନେଇ ଶିଶୁକନ୍ୟାକୁ ଚିକିତ୍ସା କରିବା ତାଙ୍କ ପାଇଁ ସମ୍ଭବ ନୁହେଁ। ଶେଷରେ ନବରଙ୍ଗପୁର ଜିଲାପାଳଙ୍କ ପାଖକୁ ସହାୟତା ପାଇଁ ଯିବାକୁ ମାତାପିତା ସ୍ଥିର କରିଥିବା କହିଛନ୍ତି।

## ଆରମ୍ଭ ହେଲା ଡଙ୍ଗରପାଉଁଶୀ ଧାନମଣ୍ଡି

**କୁନ୍ଦୁରା, ୨୬।୫ (ଡି.ଏନ.ଏ.):** କୋରାପୁଟ ଜିଲା କୁନ୍ଦୁରା ବ୍ଲକର ଡଙ୍ଗରପାଉଁଶୀଠାରେ ଧାନମଣ୍ଡି ଆରମ୍ଭ ହୋଇପାରିନାହିଁ। ମଙ୍ଗଳବାର ଏହା ଆରମ୍ଭ ହେବାକୁ ଥିଲା। ମିଲରମାନଙ୍କ ମାତ୍ରାଧିକ ହସ୍ତକ୍ଷେପ ଯୋଗୁ ଏପରି ପରିସ୍ଥିତି ସୃଷ୍ଟି ହୋଇଛି। ଚାଷୀମାନେ ମଧ ଏହାକୁ ବିରୋଧ କରିଛନ୍ତି। ଜିଲାରେ ରବିଠାରୁ ପ୍ରଥମ ଧାନମଣ୍ଡି ଜିଲାର କୋଟପାଡ ବ୍ଲକରେ ଶୁଭାରମ୍ଭ ହୋଇଥିଲା। ଡଙ୍ଗରପାଉଁଶୀଠାରେ ମଙ୍ଗଳବାର ଧାନମଣ୍ଡି ଆରମ୍ଭ ହେଉଥିବାରୁ ଚାଷୀମାନେ ଧାନ ଧରି ପହଞ୍ଚିଥିଲେ। ଧାନ କିଣିବାକୁ ଅନୁମତି ପାଇଥିବା କଳାହାଣ୍ଡି ଜିଲାର ୫ଜଣ ମିଲର ପହଞ୍ଚି ଚାଷୀଙ୍କ ଧାନ ଦେଖି ପ୍ରଥମେ ନାପସନ୍ଦ କରିଥିଲେ। ଏହାକୁ ଚାଷୀମାନେ ବିରୋଧ କରିଥିଲେ। ତେବେ ବିନା କାଟ୍‌ରେ ଚାଷୀ ଧାନ ବିକିବାକୁ ଚାହୁଁଛନ୍ତି। ସରକାର ଚାଷୀ ଯେପରି କ୍ଷତିଗ୍ରସ୍ତ ନ ହୁଅନ୍ତି ସେଥିପ୍ରତି ଦଅଟେ ଦେବାକୁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିବା ବେଳେ ମଣ୍ଡିରେ କୌଣସି ଅଧିକାରୀଙ୍କ ଦେଖାନାହିଁ। ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେଇ ଚାଷୀ ଯେପରି ସେମାନଙ୍କ ଧାନର ଉପଯୁକ୍ତ ମୂଲ୍ୟ ପାଇବେ ପଦକ୍ଷେପ ନେବାକୁ ଦାବି ହେଉଛି। ଚଳିତବର୍ଷ ଧାନ କ୍ୱିଣ୍ଟାଲ ପିଛା ୧୮୧୫ ଟଙ୍କା ଧାର୍ଯ୍ୟ ହୋଇଛି।

## ଅନ୍‌ଲାଇନ ଇ-ପୋଷ୍ଟର ପ୍ରତିଯୋଗିତା

**ଗୁଣପୁର,୨୬।୫(ଡି.ଏନ୍.ଏ.):** ଛତିଶଗଡ଼ର ରାୟପୁରଠାରେ 'ସନ୍ତୁଳିତ ପରିବେଶ ପାଇଁ ବିଭିନ୍ନ ପ୍ରକାର ଉଦ୍ଭିଦ ଓ ପ୍ରାଣୀଙ୍କ ସହବସ୍ଥାନ' ବିଷୟବସ୍ତୁକୁ ନେଇ ଏକ ଜାତୀୟସ୍ତରୀୟ ଅନ୍‌ଲାଇନ ଇ-ପୋଷ୍ଟର ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମଗ୍ର ଦେଶରୁ ୪୧୧ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ପ୍ରଥମ, ଦ୍ୱିତୀୟ, ତୃତୀୟ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବା ସହ ୧୧ଜଣଙ୍କୁ ସାନ୍ତ୍ୱନାମୂଳକ ପୁରସ୍କାର ମିଳିଛି। ଏଥିରେ ରାୟଗଡ଼ା ଜିଲା ଗୁଣପୁର ଆଦର୍ଶ ବିଦ୍ୟାଳୟର ସପ୍ତମ ଶ୍ରେଣୀ ଛାତ୍ର ସ୍ୱାରତ ରଞ୍ଜନ ପଣ୍ଡା ସାନ୍ତ୍ୱନାମୂଳକ ଇ-ସାର୍ଟିଫିକେଟ ପାଇବାରେ ଯୋଗ୍ୟ ବିବେଚିତ ହୋଇଛନ୍ତି। ସ୍ୱାରତ ଗୁଣପୁରସ୍ଥିତ ଜିଆଇଇଟି ବିଶ୍ୱବିଦ୍ୟାଳୟର କ୍ରୀଡ଼ା ଅଧ୍ୟାପକ ରବୀନ୍ଦ୍ର ପଣ୍ଡାଙ୍କ ପୁତ୍ର।



ପୁରସ୍କୃତ ପାଇଁ ମନୋନୀତ ସ୍ୱାରତ ରଞ୍ଜନ।

## ଖରିଫ ନୀତି ନିର୍ଦ୍ଧାରଣ ବୈଠକ

**ରାୟଗଡ଼ା ଅଫିସ,୨୬।୫:** ରାୟଗଡ଼ା ଜିଲା କୃଷି ବିଭାଗ ପକ୍ଷରୁ ଜିଲାରେ ଖରିଫ ନୀତି ନିର୍ଦ୍ଧାରଣ ନେଇ ମଙ୍ଗଳବାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଜଳ ବିଭାଜିକା ମିଶନ ପ୍ରକଳ୍ପ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକରେ ଜିଲାପାଳ ପ୍ରମୋଦ କୁମାର ବେହେରା ଅଧ୍ୟକ୍ଷତା କରିଥିଲେ। ବୈଠକରେ ୨୦୧୯-୨୦ ରବି ନୀତି ନିର୍ଦ୍ଧାରଣର ବିବରଣୀ ପାଠ ପରେ ଖରିଫ ଫସଲ ପାଇଁ କାର୍ଯ୍ୟକ୍ରମ ନିର୍ଦ୍ଧାରଣ କରାଯାଇଥିଲା। ଜଳସେଚନ, ବିହନ, ସାର, ରୋଗପୋକ ନିୟନ୍ତ୍ରଣ କୌଶଳ ଏବଂ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ପ୍ରକଳ୍ପ ବିଷୟରେ ଆଲୋଚନା କରାଯାଇଥିଲା। ଏଥିସହ ରାୟଗଡ଼ା 'ଆତ୍ମା'ର ଏକ ବୈଠକ ମଧ ଅନୁଷ୍ଠିତ ହୋଇଥିଲା। ଜିଲାକୁ ଫେରୁଥିବା ପ୍ରବାସୀ ଶ୍ରମିକଙ୍କ କର୍ମସଂସ୍ଥାନ ପାଇଁ ଜିଲାପାଳ ମୁଖ୍ୟତଃ କୃଷି ଉପରେ ଗୁରୁତ୍ୱାରୋପ କରିଥିଲେ। ମୃତ୍ତିକା ପରୀକ୍ଷା ଲକ୍ଷ୍ୟ ଧାର୍ଯ୍ୟ ଅନୁଯାୟୀ ଶେଷ କରିବାକୁ ଗୁରୁତ୍ୱାରୋପ କରିଥିଲେ। ସେହିପରି ଏସ୍‌ଏଚ୍‌ଜିଙ୍କୁ ବିହନ ଉତ୍ପାଦନରେ ସାମିଲ କରିବାକୁ ଜିଲାପାଳ ପରାମର୍ଶ ଦେଇଥିଲେ। ବୈଠକରେ ଜିଲା ମୁଖ୍ୟ କୃଷି ଅଧିକାରୀ, ମୁନିଗୁଡ଼ା ଓ ଗୁଣପୁର କୃଷି ଅଧିକାରୀ, ଜଳ ବିଭାଜିକା ମିଶନ ପ୍ରକଳ୍ପ ନିର୍ଦ୍ଦେଶକ ସୁଶାନ୍ତ କୁମାର ମଲିକ, ଜିଲା ମୁଖ୍ୟ ପ୍ରାଣୀଧନ ଚିକିତ୍ସା ଅଧିକାରୀ, ଉଦ୍ୟାନ କୃଷି ଉପନିର୍ଦ୍ଦେଶକ, ମଧ୍ୟମ ଜଳସେଚନ ବିଭାଜନର ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ପ୍ରମୁଖ ଯୋଗ ଦେଇଥିଲେ।

## ମଦ ବିକ୍ରି ବନ୍ଦ ପାଇଁ ଅଣ୍ଟା ଭିଡ଼ିଲେ ମହିଳା

**ନବରଙ୍ଗପୁର,୨୬।୫(ବି.ପ୍ର.)**




ନବରଙ୍ଗପୁର ଥାନାକୁ ଅଭିଯୋଗ କରିବାକୁ ଆସିଥିବା ମହିଳାମାନେ।

ନବରଙ୍ଗପୁର ବ୍ଲକ ଅଗ୍ନିପୁର ପଞ୍ଚାୟତର ଚକାଛପର ଗ୍ରାମରେ ବେଆଇନ ମଦ ବିକ୍ରି ବିରୋଧରେ ମହିଳାମାନେ ଅଣ୍ଟା ଭିଡ଼ିଛନ୍ତି। ମହିଳାମାନେ କହିଛନ୍ତି ଯେ, ଗାଁରେ ପୂର୍ବରୁ ମଦ ବିକ୍ରି ବନ୍ଦ ଥିବା ବେଳେ ଏବେ ପ୍ରାୟ ୬ମାସ ହେବ ଗାଁର ୩ଟି ପରିବାର ବେଆଇନ ଭାବେ ମଦ ବିକ୍ରି କରୁଛନ୍ତି। ମହିଳାମାନେ ଦିନ ସାରା ମୂଲ ଲାଗି ଯାହା କିଛି ରୋଜଗାର କରି ଆଣୁଛନ୍ତି ପୁରୁଷମାନେ ମଦ ପିଇବା ପାଇଁ ତାହା ଚୋରି କରି ନେଉଛନ୍ତି। ମଦ ପିଇ ଆସିବା ପରେ ଘରେ ଗଣ୍ଡଗୋଳ କରୁଛନ୍ତି। ଲକ୍‌ଡାଉନ ବେଳେ ମଦ ବିକ୍ରି ଉପରେ ସରକାର ନିଷେଧାଦେଶ ଜାରି କରିଥିବା ସତ୍ତ୍ୱେ ଗାଁରେ ଅବାଧରେ ମଦ ବିକ୍ରି ହେଉଛି। ଏହି ବେଆଇନ ମଦ ବିକ୍ରିକୁ ତୁରନ୍ତ ବନ୍ଦ କରିବା ସହ ମଦ ବିକ୍ରି କରୁଥିବା ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଏମାନେ ଦାବି କରିଛନ୍ତି। ମଦ ବିକ୍ରି କରୁଥିବା ୩ ଜଣଙ୍କ ବିରୋଧରେ ନବରଙ୍ଗପୁର ଥାନାରେ ମହିଳାମାନେ ଏତଲା ଦେଇଛନ୍ତି। ଅସ୍ତି ବାଣୁଆ, ତୁଳସୀ କମାର, ଗୋମତି କମାର, ଟୁକୁନି ଭତ୍ରା, ଧନମତି ଭତ୍ରା, ଶଶୀ କମାର, ଗୋରା ବାଣୁଆ, ସାବିତ୍ରୀ ନାୟକ, ସୁକ୍ରୀ ନାୟକ, ଭଗବତୀ ନାୟକ, ବାସନ୍ତୀ ଭତ୍ରା, କମଳୀ ଭତ୍ରା ପ୍ରମୁଖ ଥାନା ଅଧିକାରୀ ତାରିକ ଅହମ୍ମଦଙ୍କୁ ଭେଟି ଗ୍ରାମରେ ମଦ ବିକ୍ରି ବନ୍ଦ କରିବା ପାଇଁ ପଦକ୍ଷେପ ନେବାକୁ ଜଣାଇଥିଲେ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୮ Press Regd. No. R.N. 21326/74 Postal Regd. No. BN/42/18-20. ବୁଧବାର, ମେ ୨୭/୨୦୨୦ Wednesday, May 27/2020

# ଭବିଷ୍ୟତ ଚିନ୍ତାରେ ୫,୨୨୭ ଛାତ୍ରୀଛାତ୍ର

**ଢେଙ୍କାନାଳ ଅଫିସ, ୨୬।୫**



■ ସମସ୍ୟା ବଢ଼ାଇପାରେ ମଙ୍ଗଳ ବିଭାଗର ବିଳମ୍ବିତ ନିଷ୍ପତ୍ତି
■ ଛାତ୍ରାବାସ, ବିଦ୍ୟାଳୟରେ ରହୁଛନ୍ତି କରୋନା ଯୋଦ୍ଧା
■ ଏସ୍‌ସିଏସ୍‌ଟି ପିଲାଙ୍କ ପାଠପଢ଼ା ପ୍ରଭାବିତ ହେବା ଆଶଙ୍କା

ଅନୁସୂଚିତ ଜାତି ଏବଂ ଜନଜାତି ବର୍ଗର ପିଲାମାନଙ୍କୁ ଶିକ୍ଷାରେ ସକ୍ଷମ କରାଇବାକୁ କାର୍ଯ୍ୟକାରୀ ହେଉଛି ଅନେକ ଯୋଜନା। ସେମାନଙ୍କ ହାତରେ ଖଡ଼ି ଧରାଇବାକୁ ଖର୍ଚ୍ଚ କରାଯାଉଛି କୋଟି କୋଟି ଟଙ୍କା। ହେଲେ ଠିକ୍ ସମୟରେ ଅବ୍ୟବସ୍ଥିତ ଯୋଜନା କୋମଳମତି ପିଲାଙ୍କ ଭବିଷ୍ୟତକୁ ଅନ୍ଧକାର ମଧ୍ୟକୁ ଠେଲି ଦେଉଛି। କରୋନା ସଙ୍କଟରେ ଏହାର ଉଦାହରଣ ଦେଖିବାକୁ ମିଳିଛି ଢେଙ୍କାନାଳ ଜିଲାରେ। ଲକ୍‌ଡାଉନ୍ ସମୟରେ ମଙ୍ଗଳ ବିଭାଗ ପକ୍ଷରୁ ୫,୨୨୭ ଏସ୍‌ସିଏସ୍‌ଟି ଛାତ୍ରୀଛାତ୍ରଙ୍କୁ ପାଠପଢ଼ାଇବାକୁ ନିଷ୍ପତ୍ତି ନିଆଯାଇଛି। ହେଲେ ବହୁ ବିଳମ୍ବରେ ଏବଂ ଯୋଜନାହୀନ ଭାବେ ନିଆଯାଇଥିବା ଏପରି ପଦକ୍ଷେପ ଆରମ୍ଭରୁ ହିଁ ବାଟ ହୁଡ଼ିବ ବୋଲି ଆଶଙ୍କା ବ୍ୟକ୍ତ କରିଛନ୍ତି ବୁଦ୍ଧିଜୀବୀ ଏବଂ ଅଭିଭାବକ।

ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଜିଲା ମଙ୍ଗଳ ବିଭାଗ ଅଧୀନରେ ୩୮ଟି ଅନୁସୂଚିତ ଜାତି ଏବଂ ଜନଜାତି ବିଦ୍ୟାଳୟ ରହିଛି। ଏଠାରେ ୩୨୭ ଗ୍ରାମର ୫,୨୨୭ଜଣ ପିଲା ପାଠ ପଢୁଛନ୍ତି। ଅଧିକାଂଶ ସ୍କୁଲରେ ଛାତ୍ରାବାସ ସୁବିଧା ରହିଛି। କରୋନା ସଂକ୍ରମଣ ବଢ଼ିବା ପରେ ଦୁଇମାସ ହେଲା ସ୍କୁଲ ବନ୍ଦ ରହିଛି। ପିଲାମାନଙ୍କୁ ସେମାନଙ୍କ ଘରକୁ ପଠାଇ ଦିଆଯାଇଛି। ହଷ୍ଟେଲ ଏବଂ ସ୍କୁଲରେ କରୋନା ମୁକାବିଲାରେ ନିୟୋଜିତ ସ୍ୱାସ୍ଥ୍ୟକର୍ମୀଙ୍କୁ ରଖାଯାଇଛି। ଜିଲାରେ କରୋନା ମାମଲା ବଢୁଥିବାବେଳେ କେତେଦିନ ଯାଏ ସ୍କୁଲ ବନ୍ଦ ରହିବ ତାହା ମଧ୍ୟ କହିହେଉନାହିଁ। ଅପରପକ୍ଷେ ଇଂଲିଶ ମିଡିୟମ ଏବଂ ଅନ୍ୟ ସରକାରୀ ବିଦ୍ୟାଳୟରେ ଶିକ୍ଷାଭିତ୍ତିକ ଆପ୍ ମାଧ୍ୟମରେ ପାଠପଢ଼ା ଚାଲିଛି। ହେଲେ ଅନୁସୂଚିତ ଜାତି ଓ ଜନଜାତି ସ୍କୁଲରେ ପଢୁଥିବା ଆର୍ଥିକ ଅନଗ୍ରସର ବର୍ଗର ପିଲାଙ୍କ ପାଖରେ ଆଣ୍ଡ୍ରଏଡ୍ ମୋବାଇଲ ନ ଥିବାରୁ ସେମାନେ ଏଥିରୁ ବଞ୍ଚିତ ହେଉଛନ୍ତି। ସରକାରୀ ସ୍କୁଲରେ ପ୍ରଥମରୁ ୯ମ ଶ୍ରେଣୀ ଯାଏ ସମସ୍ତ ଛାତ୍ରୀଛାତ୍ରଙ୍କୁ ପାସ୍ ବୋଲି ଘୋଷଣା କରାଯାଇଛି। ହେଲେ ତଦନୁଯାୟୀ ମଙ୍ଗଳ ବିଭାଗ ସ୍କୁଲରେ ଆଗୁଆ ଯୋଜନା ପ୍ରସ୍ତୁତ ହୋଇ ନ ଥିବାରୁ ପିଲାଙ୍କ ଭବିଷ୍ୟତକୁ ଚିନ୍ତା ପ୍ରକଟ କରିଛନ୍ତି ଅଭିଭାବକ। ସମ୍ପୃକ୍ତ ଛାତ୍ରୀଛାତ୍ରଙ୍କ ଲାଗି ରାଜ୍ୟ ସରକାରଙ୍କ ପକ୍ଷରୁ ନିର୍ଦ୍ଦିଷ୍ଟ ଯୋଜନା ପ୍ରସ୍ତୁତ କରି ଶିକ୍ଷାଦାନ କରିବାକୁ ସେମାନେ ଦାବି କରିଛନ୍ତି।

ଏ ସଂକ୍ରାନ୍ତରେ ଜିଲା ମଙ୍ଗଳ ଅଧିକାରୀ ମାନସ ରଞ୍ଜନ ମିଶ୍ର କୁହନ୍ତି, ସ୍କୁଲ ଖୋଲିବା ନେଇ ଏବେ ସୁଦ୍ଧା କୌଣସି ନିଷ୍ପତ୍ତି ହୋଇନାହିଁ। ପିଲାମାନଙ୍କୁ ଶିକ୍ଷାଦାନରେ ସହାୟତା କରିବାକୁ ବିଭାଗର ୧୫୪ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ନିୟୋଜିତ କରାଯିବାକୁ ଯୋଜନା କରାଯାଇଛି। ସେମାନେ ବିଭିନ୍ନ ଗ୍ରାମକୁ ଯାଇ କମ୍ୟୁନିଟି ସେଣ୍ଟର କିମ୍ବା ନିର୍ବିବାଦୀୟ ସ୍ଥାନରେ ପିଲାଙ୍କୁ ଏକାଠି କରି ମେଣ୍ଟର ଭାବେ ଶିକ୍ଷାଦାନ କରିବେ। ଆପ୍ ମାଧ୍ୟମରେ କିପରି ପାଠ ପଢ଼ିବାକୁ ହେବ ସେ ନେଇ ବୁଝାଇବେ। ପିଲାଙ୍କୁ ବିଧିବଦ୍ଧ ଭାବେ ନୋଟ୍ ଦିଆଯିବ। ବାତ୍ୟା 'ଅମ୍ଫନ୍' ପୂର୍ବରୁ ଏହା ହେବାର ଥିଲା। ହେଲେ ବାତ୍ୟା ଯୋଗୁ ଏହାକୁ ସ୍ଥଗିତ ରଖାଯାଇଥିଲା। ଏବେ ହଷ୍ଟେଲ, ବିଦ୍ୟାଳୟରେ କରୋନା ଯୋଦ୍ଧା ରହୁଥିବାରୁ ସ୍କୁଲ ଖୋଲିବା ପରେ ସେଗୁଡ଼ିକୁ ଭଲ ଭାବେ ସାନିଟାଇଜ୍ କରାଯିବ। ଏହାପରେ ପିଲାଙ୍କୁ ଆଣି ବ୍ୟବସ୍ଥିତ ଭାବେ ପାଠପଢ଼ା ଆରମ୍ଭ ହେବ ବୋଲି ସେ ସୂଚନା ଦେଇଛନ୍ତି।

## ସଂକ୍ଷେପରେ

### ଡକାୟତି ଯୋଜନା ପଣ୍ଡ: ୫ ଗିରଫ

ଆସିକା,୨୬।୫ (ଡି.ଏନ୍.ଏ.): ଗାଙ୍ଗପୁର ଥାନା ଅନ୍ତର୍ଗତ ବୁଢ଼ାକେନ୍ଦୁ ମନ୍ଦିର ନିକଟରେ ସୋମବାର ବିଳମ୍ବିତ ରାତିରେ ଡକାୟତି ଲାଗି ଯୋଜନା ଚାଲିଥିବା ବେଳେ ପୋଲିସ ଚଢ଼ାଉ କରି ୫ ଜଣଙ୍କୁ ଗିରଫ କରିଛି । ସେମାନେ ହେଲେ ଭଞ୍ଜନଗର ସହରର ମହମ୍ମଦ ଇମ୍ରାନ, କାହ୍ନୁଚରଣ ଗୌଡ, କେଶବ ସାହାଣୀ, ଚାକୁଣ୍ଡାପଲ୍ଲୀର ରାକେଶ କୁମାର ବେହେରା ଓ ନାଟଙ୍ଗା ଗ୍ରାମର ମନୋଜ କୁମାର ପରିଡ଼ା । ଅଭିଯୁକ୍ତଙ୍କ ନିକଟରୁ ଦୁଇଟି ବୋମା, ଗୋଟିଏ ପିସ୍ତଲ, ଗୁଳି, ଗୋଟିଏ ଖଣ୍ଡା, ଲଙ୍କାଗୁଣ୍ଡ, ମଦ ବୋତଲ, ୨ ବାଇକ୍ ଓ ୩ ମୋବାଇଲ ଫୋନ ଜବତ କରାଯାଇଛି । ଅଭିଯୁକ୍ତମାନେ ଏକ ବଡଧରଣର ଡକାୟତି ଲାଗି ଯୋଜନା କରୁଥିବା ବେଳେ ପାଟ୍ରୋଲିଂ କରୁଥିବା ପୋଲିସ ହାବୁଡରେ ପଡିଥିଲେ। ଏ ନେଇ ଗାଙ୍ଗପୁର ଥାନାରେ ନଂ.୧୨୯/୨୦ରେ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତଙ୍କୁ ମଙ୍ଗଳବାର କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ଧୀରେଶ କୁମାର ଦାସ କହିଛନ୍ତି ।

### ଅନୁଗୋଳରେ ଆଉ ଜଣେ ପଜିଟିଭ୍

ଅନୁଗୋଳ ଅଫିସ, ୨୬।୫: ଅନୁଗୋଳରେ ଆଉ ଜଣେ କରୋନା ରୋଗୀ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ମୋଟ ରୋଗୀ ସଂଖ୍ୟା ୨୬ରେ ପହଞ୍ଚିଛି। ପଜିଟିଭ୍ ଚିହ୍ନଟ ହୋଇଥିବା ବ୍ୟକ୍ତି ଜଣଙ୍କ ଆଠମଲ୍ଲିକ ଅଞ୍ଚଳର ଏକ ଅସ୍ଥାୟୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଥିବା ଜିଲାପାଳ ମନୋଜ କୁମାର ମହାନ୍ତି ସୂଚନା ଦେଇଛନ୍ତି। ସେ ତାମିଲନାଡୁରୁ ଆସି ଗତ ୧୭ ତାରିଖରୁ କ୍ୱାରାଣ୍ଟାଇନ୍‌ରେ ରହିଛନ୍ତି। ତାଙ୍କଠାରେ କୌଣସି ଲକ୍ଷଣ ନ ଥିଲା। ହେଲେ ନମୁନା ପରୀକ୍ଷଣ ପରେ ରିପୋର୍ଟ ପଜିଟିଭ୍ ଆସିଛି। ତାଙ୍କୁ ଚିକିତ୍ସା ପାଇଁ ତାଳଚେର କୋଭିଡ୍ ହସ୍ପିଟାଲ ସ୍ଥାନାନ୍ତର କରାଯିବ ବୋଲି ଜିଲାପାଳ ମହାନ୍ତି ପ୍ରକାଶ କରିଛନ୍ତି।

# ବାପିଙ୍କ ସହ ବନ୍ଧୁକ ବେପାରୀ ଗିରଫ



ବାପିଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉଛି।

■ ଖସିଯିବା ଉଦ୍ୟମ ବେଳେ ମାଡ଼ି ବସିଲା ପୋଲିସ
■ ରାୟପୁରରେ କରିଥିଲେ ଆତ୍ମଗୋପନ

**ଅନୁଗୋଳ ଅଫିସ, ୨୬।୫**

ବେଆଇନ ଭାବେ ୩ ବନ୍ଧୁକ ଓ ୯ ରାଉଣ୍ଡ ଗୁଳି ରଖିବା ଅଭିଯୋଗରେ ଲିଙ୍ଗିରାପୋଡ଼ି ଅଞ୍ଚଳର ବାପି ଓରଫ ସତ୍ୟଜିତ ପ୍ରଧାନ ଏବଂ ତାଙ୍କୁ ବନ୍ଧୁକ ବିକିଥିବା ସମ୍ବଲପୁରର ମହେଶ ମହାପାତ୍ରଙ୍କୁ ଅନୁଗୋଳ ପୋଲିସ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି। ପୂର୍ବରୁ ଜାନୁୟାରୀ ୨୬ରେ ଗିରଫ ହୋଇଥିବା ବାପି ବେଲ୍‌ରେ ବାହାରିଥିଲେ ହେଁ ପରେ କୋର୍ଟ ବେଲ୍ ଖାରଜ କରି ଆତ୍ମସମର୍ପଣ ପାଇଁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ସେ ରାୟପୁର ଫେରାର ହୋଇଯାଇଥିଲେ। ୪ ଦିନ ତଳେ ସେ ଅନୁଗୋଳ ଆସିଥିବା ଖବରପାଇ ପୋଲିସ ଚଢ଼ାଉ କରିଥିଲା। ହେଲେ ଚମ୍ପଟ ମାରିବାକୁ ବସିଥିବାବେଳେ ଥାନା ଅଧିକାରୀ ରମେଶ ଚନ୍ଦ୍ର ବିଶୋଇ, ଏସ୍‌ଆଇ ପ୍ରକାଶ ମାଝି, ସତ୍ୟ ରଞ୍ଜନ ଲେଙ୍କା, ଅରକ୍ଷିତ ସେଠୀ ବାପିଙ୍କୁ ମାଡ଼ି ବସିଥିଲେ। ଖୋଳତାଡ଼ ପରେ ବାପି ସମ୍ବଲପୁରରୁ ବନ୍ଧୁକ ଓ ଗୁଳି ଆଣିଥିବା ସ୍ୱୀକାର କରିଥିଲେ। ଏପରି କି ସମ୍ବଲପୁରର ବନ୍ଧୁକ ବେପାରୀ ମହେଶ ତାଙ୍କୁ ରାୟପୁର ପଠାଇଥିବା ପୋଲିସକୁ କହିଥିଲେ। ପରେ ପୋଲିସ ମହେଶଙ୍କୁ ଆଣି ପଚରା ଉଚରା କରିବା ସହ ଗିରଫ କରିଥିଲା। ମହେଶ ୮ ବର୍ଷ ତଳେ ଅନୁଗୋଳରେ ଷ୍ଟିଲ ବେପାର କରୁଥିଲେ। ଏହି ସମୟରେ ମହେଶ ଜଣେ ବିହାରୀ ଯୁବକଙ୍କ ନିକଟରୁ ବନ୍ଧୁକ କିଣିଥିଲେ ବୋଲି ଅନୁଗୋଳ ପୋଲିସ ସୂଚନା ଦେଇଛି।

# ଅଙ୍ଗନୱାଡି କେନ୍ଦ୍ରକୁ ଏସ୍‌ଏଚ୍‌ଜିର ଅଣ୍ଡା ବଣ୍ଟନକୁ ବିରୋଧ

**ବ୍ରହ୍ମପୁର ଅଫିସ,୨୬।୫**

**ଆରଡିସିଙ୍କ ଦ୍ୱାରସ୍ଥ ହେଲା ଆସୋସିଏଶନ**

ଗଞ୍ଜାମ ଜିଲାର ବିଭିନ୍ନ ଅଙ୍ଗନୱାଡି କେନ୍ଦ୍ରକୁ ସ୍ୱୟଂସହାୟକ ଗୋଷ୍ଠୀ(ଏସ୍‌ଏଚଜି)ଦ୍ୱାରା ହେଉଥିବା ଅଣ୍ଡାବଣ୍ଟନକୁ ବିରୋଧ କରି ମଙ୍ଗଳବାର ଆରଡିସିଙ୍କ ଦ୍ୱାରସ୍ଥ ହୋଇଛି ଅଲ ଓଡିଶା ଅଙ୍ଗନୱାଡି ଲେଡିଜ୍ ୱାର୍କର୍ସ ଆସୋସିଏଶନ। ଏସ୍‌ଏଚ୍‌ଜି ପକ୍ଷରୁ ଜିଲାରେ ଆରମ୍ଭ ହୋଇଥିବା ଅଣ୍ଡାବଣ୍ଟନ ବନ୍ଦ କରିବାକୁ ସଂଘ ଦାବି କରି ଆରଡିସିଙ୍କୁ ଦାବିପତ୍ର ପ୍ରଦାନ କରିଛି । ଏପ୍ରିଲ ୧୫ରୁ ଜିଲା ସମାଜ ମଙ୍ଗଳ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ବ୍ରହ୍ମପୁର ମହାନଗର ସମେତ ଜିଲାର ୨୨ ବ୍ଲକରେ ଥିବା ସମସ୍ତ ଅଙ୍ଗନୱାଡି କେନ୍ଦ୍ର ଅଣ୍ଡା ବଣ୍ଟନ କରିବାକୁ ୩ ଏସ୍‌ଏଚ୍‌ଜିକୁ ଦାୟିତ୍ୱ ଦିଆଯାଇଛି। ଅନ୍ୟପକ୍ଷରେ ଅଙ୍ଗନୱାଡି କେନ୍ଦ୍ରରେ ଗତ ଦୁଇମାସ ଧରି ହାତରୁ କିଣି ଗର୍ଭବତୀ ଓ ଶିଶୁଙ୍କୁ ଦିଆଯାଇଥିବା ରନ୍ଧନ ଓ ବଣ୍ଟନ ଅଣ୍ଡା ବିଲକୁ ଡିଏସ୍‌ଡବ୍ଲ୍ୟୁଓ ଗ୍ରହଣ କରୁ ନ ଥିବା ନେଇ ସଂଘ ଦାବିପତ୍ରରେ ଉଲ୍ଲେଖ କରିଛି। ତୁରନ୍ତ ଉକ୍ତ ବିଲକୁ ମଞ୍ଜୁର କରି ମୂଲ୍ୟ ପୈଠ କରିବା ସହ ଏସ୍‌ଏଚ୍‌ଜି ଓ ଅଙ୍ଗନୱାଡି ମଧ୍ୟରୁ ଜଣକୁ ରନ୍ଧନ ଓ ବଣ୍ଟନ ଦାୟିତ୍ୱ ଦେବାକୁ ସଂଘ ଦାବି କରିଛି। ଏ ଦିଗରେ ପଦକ୍ଷେପ ଗ୍ରହଣ କରା ନ ଗଲେ ଜୁନ ୧ରୁ କାର୍ଯ୍ୟବନ୍ଦ ଆନ୍ଦୋଳନକୁ ଓହ୍ଲାଇବା ନେଇ ସଂଘ ଚେତାବନୀ ଶୁଣାଇଛି। ଦାବିପତ୍ର ପ୍ରଦାନ ବେଳେ ରଞ୍ଜିତା କୁମାରୀ ରଥ, ମଞ୍ଜୁବାଳା ପାଣିଗ୍ରାହୀ, ଅମିତା ସାହୁ, ସାରିଫୁନ୍ ନିଶା ଓ ଲିଙ୍ଗରାଜ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

# ଟ୍ରକ୍ ସହ ଧକ୍କା ହେଲା ପ୍ରବାସୀ ଓଡ଼ିଆଙ୍କ ବସ୍



ଦୁର୍ଘଟଣାଗ୍ରସ୍ତ ଟ୍ରକ୍ ଓ ବସ୍ ।

**ବାଳିଗୁଡା/ତୁମୁଡିବନ୍ଧ,୨୬।୫(ଡି.ଏନ୍.ଏ.)**

**୧୦ ଆହତ, ୩ ଗୁରୁତର**

କନ୍ଧମାଳ ଜିଲା ବାଳିଗୁଡା ତୁମୁଡିବନ୍ଧ ବ୍ଲକ ମୁଣ୍ଡିଗଡ଼ ପଞ୍ଚାୟତ କିନରପଡା ଗ୍ରାମ ନିକଟରେ ସୋମବାର ରାତି ପ୍ରାୟ ୧୧ଟାରେ ପ୍ରବାସୀ ଓଡ଼ିଆଙ୍କୁ ନେଇ ଆସୁଥିବା ଏକ ଘରୋଇ ବସ୍ ସହ ଟ୍ରକ୍‌ର ଧକ୍କା ହୋଇଛି। ଏଥିରେ ୧୦ଜଣ ଆହତ ହୋଇଥିବା ବେଳେ ୩ଜଣଙ୍କ ଅବସ୍ଥା ଗୁରୁତର ରହିଛି। ଗୁରୁତରଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲକୁ ପଠାଯାଇଛି। ଗୋଆରେ କାମ କରୁଥିବା ପ୍ରବାସୀ ଶ୍ରମିକ ଟ୍ରେନ୍ ଯୋଗେ ଆସି ସୋମବାର ଭୋରୁ ଭବାନୀପାଟଣା ରେଳ ଷ୍ଟେଶନରେ ଓହ୍ଲାଇଥିଲେ। ସେଠାରୁ ଗଞ୍ଜାମ ଅଭିମୁଖେ ୪୭ ଶ୍ରମିକ ବସ୍ (ନଂ.ଓଡି୦୭ଡି-୨୦୭୭)ରେ ଫେରୁଥିଲେ। ଏନ୍‌ଏଚ୍ ନଂ.୫୯ କିନରପଡା ନିକଟରେ ଟ୍ରକ୍ (ଏପି୩୯ଟିଜି-୭୧୮୯) ଓ ବସ୍ ମଧ୍ୟରେ ଧକ୍କା ହୋଇଥିଲା। ତୁମୁଡିବନ୍ଧ ପୋଲିସ ଆହତମାନଙ୍କୁ ଉଦ୍ଧାର କରି ତୁମୁଡିବନ୍ଧ ସ୍ୱାସ୍ଥ୍ୟ କେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ପରେ ଫୁଲବାଣୀ ଓ ପରେ ବ୍ରହ୍ମପୁର ବଡ ମେଡିକାଲକୁ ପଠାଇଛି। ଅନ୍ୟଯାତ୍ରୀମାନଙ୍କୁ ତୁମୁଡିବନ୍ଧ ପୋଲିସ ଏକ ବସ୍ ଯୋଗେ ଗଞ୍ଜାମ ଅଞ୍ଚଳକୁ ପଠାଯାଇଛି।

# ଚେନ୍ ପୁଲିଂ କରି ଓହ୍ଲାଇଲେ ୧୮ ପ୍ରବାସୀ

**ବଇଣ୍ଡା,୨୬।୫(ଡି.ଏନ.ଏ.)**

ଗୁଜରାଟରୁ ପ୍ରବାସୀଙ୍କୁ ନେଇ କଟକ ଆସୁଥିବା ସ୍ୱତନ୍ତ୍ର ଶ୍ରମିକ ଏକ୍ସପ୍ରେସ୍‌ର ଚେନ୍ ପୁଲିଂ କରି ମଙ୍ଗଳବାର ସନ୍ଧ୍ୟାରେ ୧୮ଜଣ ଶ୍ରମିକ ଅନୁଗୋଳ ଜିଲା କିଶୋରନଗର ବ୍ଲକ ଜାମୁନାଳୀଠାରେ ଓହ୍ଲାଇ ପଡ଼ିଛନ୍ତି। ଏ ସମ୍ପର୍କରେ ସ୍ଥାନୀୟ ଲୋକଙ୍କଠାରୁ ଖବରପାଇ ହଣ୍ଡପା, ବଇଣ୍ଡା ଥାନା ଓ ବଇଣ୍ଡା ରେଳବାଇ ପୋଲିସ ପହଞ୍ଚି ଶ୍ରମିକମାନଙ୍କୁ କାବୁ କରିଥିଲେ। ସେମାନଙ୍କ ମଧ୍ୟରୁ ଗାଁ ବଇଣ୍ଡା ସଙ୍ଗରୋଧ କେନ୍ଦ୍ରରେ ୧୦ ଜଣଙ୍କୁ ଏବଂ ଲୁହାମୁଣ୍ଡା ସଙ୍ଗରୋଧ କେନ୍ଦ୍ରରେ ୮ ଜଣଙ୍କୁ ରଖାଯାଇଛି। ସମସ୍ତ ପ୍ରବାସୀ ଆଠମଲ୍ଲିକ ଓ କିଶୋରନଗର ବ୍ଲକ ଅଞ୍ଚଳର ହୋଇଥିବା ବେଳେ ସେମାନେ ମହାରାଷ୍ଟ୍ରରୁ ଆସିଥିବା କହିଛନ୍ତି। ଜାମୁନାଳୀ ନିକଟରେ ଟ୍ରେନ୍‌ଟି ଏକ ଗାଈକୁ ଧକ୍କା ଦେବା ପରେ ଶ୍ରମିକମାନେ ଚେନ୍ ଟାଣି ଟ୍ରେନ୍‌ରୁ ଓହ୍ଲାଇ ପଡ଼ିଥିଲେ।

**ପଞ୍ଚମ ଜନ୍ମଦିନ ଶୁଭେଚ୍ଛା**



(ସାଇ)
ସାଇନାଥ ମହାନ୍ତି
ପାଟସୁନ୍ଦରପୁର, କାକଟପୁର, ପୁରୀ
ବାପା: ସୁଶାନ୍ତ ମହାନ୍ତି
ମାଆ: ନିଲାଞ୍ଜନା ମହାନ୍ତି
ଜନ୍ମଦିନ ଅବସରରେ ପ୍ରଭୁ ଶ୍ରୀ ଶିରିଡ଼ି ସାଇ ବାବାଙ୍କ ଅପାର କରୁଣାରୁ ତୋର ଚଲାପଥ କୁସୁମିତ ହେଉ, ତୋର ସୁଦୀର୍ଘ ଭବିଷ୍ୟତ ପ୍ରଭୁ ସାଇ ବାବା ଉଜ୍ଜ୍ୱଳମୟ କରନ୍ତୁ, ଏହାହିଁ ଜନ୍ମଦିନର ଶୁଭକାମନା।
ଶୁଭେଚ୍ଛା ସହ:
ଜେଜେ ବାପା, ଜେଜେ ମାଆ, ପିଉସା, ପିଉସୀ, ଭାଇ, ଭଉଣୀ, ବନ୍ଧୁ ଓ ପରିବାରବର୍ଗ ।
ଧ-୧୭୩୫୭

**ଶୁଭ ବ୍ରତୋପନୟନ**



ଆରିୟୁଶ୍ ପତି (ଗୁଗୁ)
କାକରୁଦ୍ରପୁର, ଖୋର୍ଦ୍ଧା
ଆଜି ତୋର ଶୁଭ ବ୍ରତୋପନୟନରେ ବାବାମଣି ଓ ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ପାଖରେ ପ୍ରାର୍ଥନା କରୁଛୁ ତୋର ଚଲାପଥ କୁସୁମିତ ହେଉ ।
-:ଶୁଭେଚ୍ଛା ସହ:-
ପତି ପରିବାର ଓ ବନ୍ଧୁବାନ୍ଧବବର୍ଗ ।
ଧ-୧୭୩୫୮

# ସୁରଟରୁ ଆସିଲେ ୧,୭୩୪ ପ୍ରବାସୀ ଓଡ଼ିଆ

**ଛତ୍ରପୁର,୨୬।୫(ଡି.ଏନ୍.ଏ.)**

**ଜଗନ୍ନାଥପୁର ଷ୍ଟେଶନରେ ପୁଣି ଲାଗିଲା ଟ୍ରେନ**

୮ଦିନ ପରେ ଗଞ୍ଜାମ ଜିଲାର ଜଗନ୍ନାଥପୁର ଷ୍ଟେଶନରେ ପ୍ରବାସୀ ଓଡ଼ିଆଙ୍କୁ ଧରି ପୁଣି ଟ୍ରେନ ଆସି ପହଞ୍ଚିଛି। ସୁରଟରୁ ଆସଥିବା ଏହି ଟ୍ରେନ ମଙ୍ଗଳବାର ପୂର୍ବାହ୍ନ ୯ଟା ୨୦ମିନିଟରେ ପହଞ୍ଚିଛି। ଏଥିରେ ଓଡ଼ିଶାର ୯ ଜିଲାର ୧,୭୩୪ ଜଣ ଆସିଥିଲେ। ସେଥିମଧ୍ୟରୁ କେବଳ ଗଞ୍ଜାମ ଜିଲାର ୧,୭୧୨ ଜଣ ହୋଇଥିବା ବେଳେ ବାଲେଶ୍ୱରର ୬, ଯାଜପୁର, ନବରଙ୍ଗପୁର ଓ ପୁରୀ ଜିଲାର ଜଣେ ଲେଖାଏ, ଖୋର୍ଦ୍ଧାର ୩, ନୟାଗଡର ୨, କଳାହାଣ୍ଡିର ୫, ୩ ଜଣ ଜଗତସିଂହପୁରର ରହିଛନ୍ତି। ସୂଚନାଯୋଗ୍ୟ, ଗତ ୩ ତାରିଖରୁ ୧୭ ତାରିଖ ମଧ୍ୟରେ ଜଗନ୍ନାଥପୁର ଷ୍ଟେଶନକୁ ବିଭିନ୍ନ ରାଜ୍ୟରୁ ୪୧ ଟ୍ରେନ ଆସିଥିଲା। ଏଥିରେ ୪୯,୦୨୬ ପ୍ରବାସୀ ଫେରିଥିବା ବେଳେ ସେମାନଙ୍କ ମଧ୍ୟରୁ ୪୪,୧୬୨ ଗଞ୍ଜାମ ଜିଲାକୁ ଆସିଛନ୍ତି। ଏହାପରେ ଗତ ୩ ଦିନ ହେଲା ବ୍ରହ୍ମପୁର ଷ୍ଟେଶନକୁ ଶ୍ରମିକ ଟ୍ରେନଗୁଡିକ ଆସି ପହଞ୍ଚୁଛି।

# ଝାଡ଼ଖଣ୍ଡ ଗଲେ ୬ ଶ୍ରମିକ

**ବଇଣ୍ଡା,୨୬।୫(ଡି.ଏନ.ଏ.)**

କିଶୋରନଗର ବ୍ଲକ ହଣ୍ଡପା ପଞ୍ଚାୟତ କ୍ୱାରାଣ୍ଟାଇନ ସେଣ୍ଟରରେ ଥିବା ଝାଡ଼ଖଣ୍ଡର ୬ ଶ୍ରମିକଙ୍କୁ ସୋମବାର ରାତିରେ ଏକ ଗାଡ଼ିରେ ସେମାନଙ୍କ ରାଜ୍ୟକୁ ପଠାଇ ଦିଆଯାଇଛି। ସମ୍ପୃକ୍ତ ଶ୍ରମିକମାନେ ତାମିଲନାଡୁରୁ ଚାଲି ଚାଲି ଝାଡ଼ଖଣ୍ଡ ଅଭିମୁଖେ ଯାଉଥିବା ବେଳେ ରବିବାର ସନ୍ଧ୍ୟାରେ ଡେବେରାପାଲି ନିକଟରେ ବିଶ୍ୱ ଯୁବକେନ୍ଦ୍ରର ସଦସ୍ୟମାନେ ସେମାନଙ୍କୁ ଅଟକାଇଥିଲେ। ତହସିଲ ପ୍ରଶାସନ ନିର୍ଦ୍ଦେଶ କ୍ରମେ ହଣ୍ଡପା ପ୍ରାଥମିକ ବିଦ୍ୟାଳୟ କ୍ୱାରାଣ୍ଟାଇନ ସେଣ୍ଟରରେ ସେମାନଙ୍କୁ ରଖାଯାଇଥିଲା। ପରେ ତହସିଲଦାର ଏକ ସ୍ୱତନ୍ତ୍ର ପାସ୍ କରାଇ ଏଫ୍‌ଇଏସ୍ ସହାୟତାରେ ଶ୍ରମିକମାନଙ୍କୁ ଝାଡ଼ଖଣ୍ଡ ପଠାଇଥିଲେ।

**ମନେ ପଡ଼ନ୍ତି**

**ସପ୍ତମ ଶ୍ରାଦ୍ଧବାର୍ଷିକୀ**



ଦିବଂଗତା ନିବେଦିତା ରଥ
ପ୍ରାକ୍ତନ ଗୁରୁ, ଶ୍ରୀ ସତ୍ୟସାଇ ବାଳବିକାଶକେନ୍ଦ୍ର, ବରମୁଣ୍ଡା, ଭୁବନେଶ୍ୱର
ତିରୋଧାନ:ଜ୍ୟେଷ୍ଠ ଶୁକ୍ଳ ପଞ୍ଚମୀ, ଶିବବିବାହୋତ୍ସବ
ଆଜିର ପୁଣ୍ୟତିଥିରେ ତୁମର ସମସ୍ତ ଭଲଗୁଣଗୁଡ଼ିକୁ ଶ୍ରଦ୍ଧା ଓ କୃତଜ୍ଞତାର ସହିତ ସ୍ମରଣ କରୁଅଛୁ, ସେଗୁଡ଼ିକ ଆମ ଦୈନନ୍ଦିନ ଜୀବନଚର୍ଯ୍ୟାକୁ ପ୍ରଭାବିତ କରୁ, ଏହା ହିଁ ଈଶ୍ୱରଙ୍କ ନିକଟରେ ଆମର ପ୍ରାର୍ଥନା।
ଆତ୍ମୀୟସ୍ୱଜନ, ଶ୍ରୀ ସତ୍ୟସାଇ ସେବା ଗ୍ରୁପ୍, ବରମୁଣ୍ଡାର ସଭ୍ୟ ଓ ସଭ୍ୟାବୃନ୍ଦ।
ଧ-୧୭୩୨୩

**ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି**



ସ୍ୱର୍ଗତା ନିର୍ମଳା ରାୟ ଚୌଧୁରୀ
(ପୂର୍ବତନ ପ୍ରଧାନ ଶିକ୍ଷୟିତ୍ରୀ, ନୟାହାଟ ଉଚ୍ଚ ବିଦ୍ୟାଳୟ, କାକଟପୁର)
ସ୍ୱାମୀ: ଶ୍ରୀ ପରେଶ କୁମାର ଦାସ
ବି.ଡି.ଏ କଲୋନୀ L.B-220 ଲକ୍ଷ୍ମୀସାଗର, ଭୁବନେଶ୍ୱର
ଆବିର୍ଭାବ: ତା.୦୧।୦୮।୧୯୪୮
ତିରୋଧାନ: ତା.୧୭।୦୫।୨୦୨୦ରିଖ
ଚାହୁଁ ଚାହୁଁ ଦଶଦିନ ବିତିଗଲା। ତୁମ ଅନୁପସ୍ଥିତି ଆମ୍ଭମାନଙ୍କ ପାଇଁ ଏକ ଅପୂରଣୀୟ ଶୂନ୍ୟସ୍ଥାନ ହୋଇଯାଇଛି। ତୁମର ତ୍ୟାଗ, କର୍ତ୍ତବ୍ୟନିଷ୍ଠା, ଅନାବିଳ ସ୍ନେହ ମମତା ଓ ପରୋପକାରିତା ଆମ୍ଭମାନଙ୍କ ପାଇଁ ଦିଗ୍‌ଦର୍ଶନ ହୋଇ ରହିବ। ତୁମର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଅଛୁ।
-:ଶୋକସନ୍ତପ୍ତ:-
ସ୍ୱାମୀ, ପୁତ୍ର: ରବି ପ୍ରସନ୍ନ ଓ ଦେବୀ ପ୍ରସନ୍ନ, ଝିଅ: ମିରା ଓ ରୁନି, ବ୍ୱାଇଁ: ସନାତନ ଓ ଦୁର୍ଗାଶିଷ, ନାତି/ନାତୁଣୀ: ଫନି, ଦୀପ୍, ଆତ୍ମିକ୍, ଚିକୁ, ଦିୟା ଓ ବନ୍ଧୁବାନ୍ଧବ ଏବଂ ପରିବାରବର୍ଗ ।
ଧ-୧୭୩୫୫

# ୨ ଅନ୍ତେବାସୀଙ୍କ ବିରୋଧରେ ଏତଲା ଦେଲେ ସରପଞ୍ଚ

**ଭଞ୍ଜନଗର,୨୬।୫(ଡି.ଏନ.ଏ)**

**ଗାଲେରି ସଙ୍ଗରୋଧ କେନ୍ଦ୍ରରେ ଅସନ୍ତୋଷ**

ତାରସିଂ ଥାନା ଗାଲେରୀ ସଙ୍ଗରୋଧ କେନ୍ଦ୍ରରେ ଅବ୍ୟବସ୍ଥା ନେଇ ଅନ୍ତେବାସୀମାନେ ବୁଧବାର ହୋହଲ୍ଲା କରିବା ସହ ଖାଦ୍ୟ ଗ୍ରହଣ କରି ନ ଥିଲେ। ଏହାପରେ ପ୍ରଶାସନର ହସ୍ତକ୍ଷେପ ପରେ ସମସ୍ୟାର ସମାଧାନ ହୋଇଥିଲା। ମଙ୍ଗଳବାର ଗାଲେରି ସରପଞ୍ଚ ତାରସିଂ ଥାନାରେ ୨ ଅନ୍ତେବାସୀଙ୍କ ବିରୋଧରେ ଅଭିଯୋଗ କରିଛନ୍ତି। କେନ୍ଦ୍ରରେ ରହୁଥିବା ତୁରୁମୁର ୨ ବ୍ୟକ୍ତି ବିଶୃଙ୍ଖଳା କରୁଥିବାରୁ ପରିଚାଳନାରେ ବାଧା ଉପୁଜୁଥିବା ଏତଲାରେ ସେ ଦର୍ଶାଇଛନ୍ତି। ଅପରପକ୍ଷେ କେତେଜଣ ଅନ୍ତେବାସୀଙ୍କ ପକ୍ଷରୁ ଏକ ଭିଡ଼ିଓ ଭାଇରାଲ ହୋଇଛି। ସେଥିରେ ସେମାନଙ୍କୁ ରାତିରେ ଶୋଇବା ପାଇଁ ବିଛଣା ଦିଆଯାଇନାହିଁ, ପାଣି ଠିକ୍ ଭାବେ ଆସୁନାହିଁ, ଖାଦ୍ୟ ମଧ୍ୟ ଠିକ୍‌ରେ ଦିଆଯାଉ ନାହିଁ। ସମସ୍ୟାର ସମାଧାନ କରା ନ ଗଲେ ଏଠାରେ ଆତ୍ମହତ୍ୟା କରିବୁ ବୋଲି ଅନ୍ତେବାସୀ ଭିଡ଼ିଓରେ କହୁଛନ୍ତି। ଏନେଇ ବିଡ଼ିଓ ଅନିଲ କୁମାର ସେଠୀଙ୍କ ସହ ଯୋଗାଯୋଗ କରିବାରୁ ସେମିତି କିଛି ସମସ୍ୟା ନାହିଁ ବୋଲି କହିଛନ୍ତି।






3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ